
# ପାରେଙ୍ଗା ଜୀବନ ଧାରା



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର

# ପାରେଙ୍ଗା ଜୀବନଧାରା


ନିର୍ଦ୍ଦେଶକ :

ପ୍ରଫେସର (ଡଃ) ଅଖିଳ ବିହାରୀ ଓତା, ଆଇ.ଏ.ଏସ୍.

ସଂକଳକ :

ଡଃ ଅନନ୍ତ ଚରଣ ସାହୁ

ଶ୍ରୀ ବିଭୂତିଭୂଷଣ ପ୍ରଧାନ

ସମ୍ପାଦକ :

ପ୍ରଫେସର (ଡକ୍ଟର) କୃଷ୍ଣ କୁମାର ମହାନ୍ତି



**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ପାରେଙ୍ଗା ଜୀବନଧାରା


ନିର୍ଦ୍ଦେଶକ : ପ୍ରଫେସର (ଡଃ) ଅଖିଳ ବିହାରୀ ଓଟା, ଆଇ.ଏ.ଏସ୍.
ସଂକଳକ : ଡ଼ଃ ଅନନ୍ତ ଚରଣ ସାହୁ
ଶ୍ରୀ ବିଭୂତିଭୂଷଣ ପ୍ରଧାନ

©ପ୍ରକାଶକ : ସଦସ୍ୟ ସଚିବ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପଡିଆ
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯
ପ୍ରଥମ ପ୍ରକାଶ : ସାଧାରଣତନ୍ତ୍ର ଦିବସ, ୨୦୧୦
ମୁଦ୍ରଣ : ଲକ୍ଷ୍ମୀ ଆର୍ଟ ପ୍ରିଣ୍ଟର୍ସ
ଏ/୩୭, ରିଫ୍ୟୁଜି କଲୋନୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର-୬
ଫୋନ୍ : ୯୭୭୭୩୭୫୪୭୩
ମୂଲ୍ୟ :


## PARENGA JIVANADHARA


Director : Prof.(Dr.) A. B.Ota, IAS

Compilors : Dr. Ananta Charan Sahoo
Shri Bibhutibhusan Pradhan

© Publisher : Member Secretary
Academy of Tribal Languages & Culture
Adivasi Exhibition Ground
Unit - I, Bhubaneswar - 751 009

First Edition : 26th January, 2010

Printed at : LAXMI ART PRINTERS
A/37, Refugee Colony,
Laxmisagar, Bhubaneswar-751006
Tel. : 9777375473

Price :

# ମୁଖବନ୍ଧ

ଭାଷା, ସାହିତ୍ୟ, କଳା, ସଂସ୍କୃତି ସର୍ବୋପରି ପରମ୍ପରା ଓ ଚଳଣିକୁ ନେଇ ଓଡ଼ିଶାରେ ବାଷଠି ପ୍ରକାର ଅନୁସୂଚିତ ଜନଜାତି ବସବାସ କରୁଛନ୍ତି । ଏକାଧିକ ଆଦିବାସୀ ଗୋଟିଏ ପରିବେଶ ଓ ଭୌଗୋଳିକ ପରସୀମା ମଧ୍ୟରେ ବସବାସ କରୁଥିଲେ ମଧ୍ୟ ସେମାନେ ପରସ୍ପରଠାରୁ ଭିନ୍ନ । ପ୍ରତ୍ୟେକ ଜନଜାତି ନିଜସ୍ୱ ସାଂସ୍କୃତିକ ବିଭବକୁ ନେଇ ଗର୍ବିତ । ଅନ୍ୟ ପରମ୍ପରା ଏବଂ ସଂସ୍କୃତି ଗ୍ରହଣୀୟ ହେଲେ ତାହାକୁ ଆପଣେଇବାରେ ଏମାନେ କୁଣ୍ଠିତ ନୁହନ୍ତି । ତେବେ ସଂଖ୍ୟାଗରିଷ୍ଠ ଜନଜାତି ଉପରେ ସମସ୍ତଙ୍କ ସ୍ୱତଃ ଦୃଷ୍ଟି ଆକର୍ଷିତ ହେଉଥିବା ବେଳେ ସଂଖ୍ୟାଲଘୁ ଜନଜାତି ଗୋଷ୍ଠୀଗୁଡ଼ିକ ସାଧାରଣତଃ ଲୋକଲୋଚନକୁ ଆସିପାରେ ନାହିଁ । ସଂଖ୍ୟାଲଘୁ ଜନଜାତି ଗୋଷ୍ଠୀର ସାମାଜିକ ସାଂସ୍କୃତିକ ଜୀବନଧାରା ଅଣଚର୍ଚ୍ଚିତ ହେବା ଯୋଗୁଁ ସେମାନଙ୍କ ଆଶାନୁରୂପ ବିକାଶ ପରିକଳ୍ପନା କରିବା ମଧ୍ୟ ସମ୍ଭବ ହୋଇପାରେନାହିଁ ।

ଓଡ଼ିଶାରେ ବସବାସ କରୁଥିବା ଅଥଚ ଲୋକଲୋଚନର ଆଗୋଚରରେ ରହିଯାଉଥିବା ସ୍ୱଳ୍ପଜ୍ଞାତ ଜନଜାତିମାନଙ୍କ ପରମ୍ପରାକୁ ସାଂସ୍କୃତିକ ପୃଷ୍ଠଭୂମିରେ ଏକାଡ଼େମୀ ତରଫରୁ ଅଧ୍ୟୟନ କରାଯାଉଛି । ତନ୍ମଧ୍ୟରୁ ପାରେଙ୍ଗା ଜନଜାତି ଅନ୍ୟତମ । ସେମାନଙ୍କ ଜୀବନଜୀବିକା ଅନ୍ୟ ଜନଜାତି ତୁଳନାରେ ସ୍ୱତନ୍ତ୍ର । ପାରେଙ୍ଗାମାନଙ୍କ ପରିବେଶ, ବସତି, ଚଳଣି, ସଂସ୍କୃତି ଓ ପରମ୍ପରା ବିବିଧ ସମସ୍ୟା ତଥା ଉନ୍ନୟନ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି 'ପାରେଙ୍ଗା ଜୀବନଧାରା" ପୁସ୍ତକଟିର ପ୍ରକାଶନ ପରିକଳ୍ପନା କରାଯାଇଛି । ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଜୀବନ ଜୀବିକାରେ ମଧ୍ୟ ପରିବର୍ତ୍ତନ ସଂଘଟିତ ହେବାରେ ଲାଗିଛି । ତଥାପି ନିଜସ୍ୱ ମୌଳିକତା ଓ ଅତୀତର ପରମ୍ପରାକୁ ନେଇ ସେମାନେ ଅଦ୍ୟାବଧି ଗର୍ବିତ । ପାରେଙ୍ଗା ଗୋଷ୍ଠୀକୁ ଲୋକଲୋଚନକୁ ଆଣିବା ତଥା ଏମାନଙ୍କ ସଂସ୍କୃତି, ପରମ୍ପରା, କଳା ଓ ହସ୍ତଶିଳ୍ପ ଇତ୍ୟାଦିର ସଂରକ୍ଷଣ, ପ୍ରଚାର ଓ ପ୍ରସାର ନିମନ୍ତେ ଉପଯୁକ୍ତ ପଦକ୍ଷେପମାନ ଗ୍ରହଣ କରି ସର୍ବାଙ୍ଗୀନ ଉନ୍ନତି ଦିଗରେ ମାର୍ଗ ଦର୍ଶନ କରିବା ଏହି ପ୍ରକାଶନର ମୂଳ ଉଦ୍ଦେଶ୍ୟ ।

ସାମାଜିକ ଚଳଣି ଓ ପରମ୍ପରାକୁ ଆଧାର କରି ଉନ୍ନୟନର ମାର୍ଗ ନିଶ୍ଚିତ କରାଗଲେ ବିକାଶ ତ୍ୱରାନ୍ୱିତ ହୁଏ । ବିକାଶ ସହିତ ଗୋଷ୍ଠୀର କୌଳିକ ବୃତ୍ତି, ସେମାନଙ୍କ କୌଶଳ ଓ ସାମାଜିକ ପୃଷ୍ଠଭୂମି ଓତଃପ୍ରୋତ ଭାବରେ ଜଡିତ । ପାରେଙ୍ଗା ଜନଜାତିର ତଥ୍ୟ ସଂଗ୍ରହ ଓ ସଂକଳନରେ ଡଃ ଅନନ୍ତ ଚରଣ ସାହୁ ଓ ଶ୍ରୀ ବିଭୂତିଭୂଷଣ ପ୍ରଧାନଙ୍କ ଉଦ୍ୟମ ପ୍ରଶଂସନୀୟ । ଶ୍ରମ ସ୍ୱୀକାର ପୂର୍ବକ କୋରାପୁଟ ଜିଲ୍ଲାସ୍ଥ ସିମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ ନନ୍ଦପୁର ଅଞ୍ଚଳର ପାରେଙ୍ଗା ଅଧ୍ୟୁଷିତ ଗ୍ରାମ ସମୂହରୁ ପାରେଙ୍ଗାମାନଙ୍କ ସଂପର୍କରେ ତଥ୍ୟ ସଂଗୃହୀତ ହୋଇ ପାଣ୍ଡୁଲିପି ପ୍ରସ୍ତୁତ କରାଯାଇଛି । ପରବର୍ତ୍ତୀ ସମୟରେ ଉପରୋକ୍ତ ଅଞ୍ଚଳର ବିଭିନ୍ନ ପାରେଙ୍ଗା ବନ୍ଧୁମାନେ ପାଣ୍ଡୁଲିପିକୁ ପାଠ କରି ଆବଶ୍ୟକ ପରିମାର୍ଜନ କରିଛନ୍ତି । ପୁସ୍ତକ ପ୍ରକାଶନ ଅବସରରେ ଏକାଡ଼େମୀ ଏମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ।

ସ୍ୱଳ୍ପଜ୍ଞାତ ଜନଜାତିଙ୍କ ଉପରେ ଅଧ୍ୟୟନ କରିବା ନିମନ୍ତେ ଏକାଡ଼େମୀ ପରିଚାଳନା ସଂସଦ ଅନୁମତି ପ୍ରଦାନ କରିଥିବା ଯୋଗୁ ଏକାଡ଼େମୀ ପରିଚାଳନା ସଂସଦର ସଭାପତି, ଉପ-ସଭାପତି, ତଥା ସଦସ୍ୟବୃନ୍ଦଙ୍କୁ ପୁସ୍ତକ ପ୍ରକାଶନ ଅବସରରେ ଏକାଡ଼େମୀ ତରଫରୁ କୃତଜ୍ଞତା ଜଣାଉଛି ।

ପାରେଙ୍ଗାର ବିକାଶମୂଳକ ତଥା ସାଂସ୍କୃତିକ ପରିଚୟ ଖୋଜିଲା ବେଳେ "ପାରେଙ୍ଗା ଜୀବନଧାରା" ପୁସ୍ତକ ଉପଯୁକ୍ତ ସୂଚନା ପ୍ରଦାନ କରିବ ବୋଲି ଆଶା ଓ ବିଶ୍ୱାସ ।

**ଅଖିଳ ବିହାରୀ ଓତା**

# ସୂଚୀପତ୍ର


| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| I. | ମୁଖବନ୍ଧ | |
| ୧. | ଉପକ୍ରମଣିକା | ୧ |
| ୨. | କର୍ମକର୍ମାଣି | ୨୮ |
| ୩. | ଅର୍ଥନୀତି | ୪୫ |
| ୪. | ସାମାଜିକ ବ୍ୟବସ୍ଥା | ୮୮ |
| ୫. | ରାଜନୈତିକ ସଂରଚନା | ୧୦୭ |
| ୭. | ଗୁଣିଗାରେଡ଼ି ଓ ଧର୍ମୀୟ କାର୍ଯ୍ୟାବଳୀ | ୧୧୭ |
| ୮. | ମହିଳା ପ୍ରସ୍ଥିତି | ୧୪୬ |
| ୯. | ଲୋକ ପରମ୍ପରା | ୧୫୫ |
| ୧୦. | ଲୋକ ଭେଷଜ ଓ ଚିକିତ୍ସକ | ୧୬୦ |
| ୧୧. | ଜୀବନଧାରାର ସମସ୍ୟାବଳୀ ଓ ନିରାକରଣ | ୧୬୨ |
| ୧୨. | ପରିବର୍ତ୍ତନ | ୧୭୪ |

# ନିଜପୃଷ୍ଠା

୨୦୦୧ ଜନଗଣନା ଅନୁଯାୟୀ ଆମ ରାଜ୍ୟରେ ପାରେଙ୍ଗାମାନଙ୍କ ମୋଟ ଜନସଂଖ୍ୟା ୧୨, ୬୪୬ । ସେମାନଙ୍କ ମଧ୍ୟରୁ ପୁରୁଷ ଓ ମହିଳାଙ୍କ ଯଥାକ୍ରମେ ୬,୧୨୯ ଓ ୬,୫୧୭ ଏବଂ ଲିଙ୍ଗାନୁପାତ ୧:୦୬୩ । ୦-୬ ବର୍ଷ ବୟସ୍କ ପିଲାମାନଙ୍କୁ ବାଦ ଦେଇ ସେମାନଙ୍କ ସାକ୍ଷରତା ହାର ୨୧.୦୧ ଏବଂ ପୁରୁଷ ଓ ମହିଳାଙ୍କ ସାକ୍ଷରତା ହାର ଯଥାକ୍ରମେ ୩୪.୯୮ ଓ ୭.୮୪ ଅଟେ ।

ଆମ ରାଜ୍ୟର ଅନୁସୂଚିତ ଜନଜାତି ତାଲିକାରେ ପାରେଙ୍ଗା ମାନଙ୍କ କ୍ରମିକ ସଂଖ୍ୟା ୫୪ ଅଟେ ।

ଏହି ସ୍ବଚ୍ଛଜାତ ଜନାଜାତିର ଉପସ୍ଥିତି ଓଡ଼ିଶାର ବୈଚିତ୍ର୍ୟମୟ ପରିଚିତିକୁ ଅଧିକ ରଦ୍ଧିମନ୍ତ କରିଛି । ସମୟର ପ୍ରଭାବରେ, ଔଦ୍ୟୋଗିକ ବିକାଶର ସ୍ରୋତରେ ଏହି ସ୍ୱାଭାବିକ ସୌନ୍ଦର୍ଯ୍ୟ, ନିଷ୍କପଟ ଆଚାର, ପ୍ରକୃତି ନିର୍ଭରଶୀଳତା, ପ୍ରାଣୋଚ୍ଛଳ ଜୀବନଚର୍ଯ୍ୟା ହଜିଯିବା ପୂର୍ବରୁ ସେ ସବୁକୁ ସାଉଁଟି ରଖିବାର ପ୍ରୟାସରୁ ଏହି ପୁସ୍ତକର ପ୍ରସ୍ତୁତି ।

ଅନୁସଂଧିତ୍ସୁ, ଗବେଷକ, ଉତ୍ସୁକ ଜୀବନାନୁଧ୍ୟାନକାରୀ ଏବଂ ଜୀବନଲୋଭୀ ପାଠକମାନଙ୍କର ତୃଷା ପ୍ରଶମନରେ ଏହି ପ୍ରୟାସ ସମର୍ଥ ହେଲେ, ପୁସ୍ତକ ପ୍ରକାଶନର ଉଦ୍ଦେଶ୍ୟ ସାର୍ଥକ ହେବ ।

# ଉପକ୍ରମଣିକା

କୋରାପୁଟ ଜିଲ୍ଲା ଅନ୍ତର୍ଗତ ନନ୍ଦପୁର, ଲମତାପୁଟ ଓ ପଟାଙ୍ଗୀ ବ୍ଲକ୍ ଅଞ୍ଚଳରେ ବାସ କରୁଛନ୍ତି ପାରେଙ୍ଗା ଗୋଷ୍ଠୀର ଆଦିବାସୀ। ଏମାନଙ୍କ ଜନସଂଖ୍ୟା ଅନ୍ୟ କେତେକ ଆଦିବାସୀ ଗୋଷ୍ଠୀ ତୁଳନାରେ ଅପେକ୍ଷାକୃତ କମ୍। ପାହାଡ଼, ପର୍ବତ ଏବଂ ଜଂଗଲ ନିକଟବର୍ତ୍ତୀ ଅଞ୍ଚଳରେ ଏମାନେ ସାଧାରଣତଃ ବସବାସ କରନ୍ତି। ପୁରାକାଳରେ ପାରେଙ୍ଗାମାନେ ଜଂଗଲରେ ବାସ କରୁଥିଲେ ଏବଂ ଜଂଗଲ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିଲେ। ଧୀରେ ଧୀରେ ପରିବର୍ତ୍ତିତ ହୋଇ ପାରେଙ୍ଗାମାନେ ସ୍ଥାୟୀ କୃଷି କାର୍ଯ୍ୟ ଆରମ୍ଭ କଲେଣି। ବର୍ତ୍ତମାନ କୃଷି କାର୍ଯ୍ୟ ପାରେଙ୍ଗାମାନଙ୍କ ପ୍ରଧାନ ବୃତ୍ତି। ପାରେଙ୍ଗାମାନଙ୍କ ଆର୍ଥିକ ସ୍ଥିତି ଯଦିଓ ସ୍ୱଚ୍ଛଳ ନୁହେଁ, କିନ୍ତୁ ଅତୀତ ଅପେକ୍ଷା ବର୍ତ୍ତମାନ ସ୍ଥିତିରେ ଅନେକ ପରିବର୍ତ୍ତନ ଘଟିଛି।

ପାରେଙ୍ଗାମାନଙ୍କ ଉତ୍ପତ୍ତି ସମ୍ବନ୍ଧରେ ଆଲୋଚନା କଲେ ଜଣାଯାଏ ଯେ, ସେମାନେ ନନ୍ଦପୁର ଅଞ୍ଚଳର ମୂଳ ଅଧିବାସୀ। ଗାଦବା ଏବଂ ଝଡ଼ିଆ ପରଜା ସେମାନଙ୍କ ଭାଇ ବୋଲି ସେମାନେ ମତବ୍ୟକ୍ତ କରନ୍ତି। ପାରେଙ୍ଗାମାନଙ୍କ ବଂଶରେ କୌଣସି ଲୋକ ମରିଗଲେ, ଦଶବର୍ଷ କିମ୍ବା ପନ୍ଦର ବର୍ଷ ପର୍ଯ୍ୟନ୍ତ ଦଶାହ କାର୍ଯ୍ୟ କରନ୍ତି ନାହିଁ। ସେହି ଦଶ, ପନ୍ଦର ବର୍ଷ ମଧ୍ୟରେ ଯେତିକି ଲୋକ ମୃତ୍ୟୁବରଣ କରିଥାନ୍ତି ସେମାନଙ୍କ ନାମ ଅନୁସାରେ ପାରେଙ୍ଗାମାନେ ପୋଢ଼(ବଙ୍ଗଚେଲ) କିଣିଥାଆନ୍ତି। ଦିଶାରୀ ସହ ଯୋଗାଯୋଗ କରି ପାଞ୍ଜି ଦେଖି ଭଲ ତିଥି, ବାର, ନକ୍ଷତ୍ର ଅନୁସାରେ ଭଲ ଦିନ ଧାର୍ଯ୍ୟ କରନ୍ତି। ଏହି ଦିନ ପାରେଙ୍ଗାମାନେ ଠାକୁରଙ୍କ ନିକଟରେ ପୋଢ଼ ବଳି ଦିଅନ୍ତି ଏବଂ ସମସ୍ତ ପୋଢ଼କୁ (ବଙ୍ଗଢ଼େଲ) ଗାଦବାମାନଙ୍କୁ ଦେଇଥାଆନ୍ତି। ଏହି ପର୍ବ ପାଳନ କରିବା ଦ୍ୱାରା ପୂର୍ବପୁରୁଷଙ୍କ ଆତ୍ମାଶାନ୍ତି ପାଏ ବୋଲି ପାରେଙ୍ଗାମାନେ ବିଶ୍ୱାସ କରିଥାଆନ୍ତି, ଏହି ପର୍ବକୁ "ଗତର" ମେଲାଣି ବୋଲି କହିଥାଆନ୍ତି। ଗାଦବାମାନଙ୍କ ମଧ୍ୟରେ ଏହି ପରମ୍ପରା ପ୍ରଚଳିତ ରହିଛି, ସେଥିପାଇଁ ଗାଦବାମାନଙ୍କୁ ସେମାନେ ଭାଇ ବୋଲି ମନେ କରନ୍ତି। ପାରେଙ୍ଗା ଗ୍ରାମଗୁଡ଼ିକରେ ବାସ କରୁଥିବା ଅନ୍ୟ ଆଦିବାସୀ/ ଅଣ ଆଦିବାସୀ ଗୋଷ୍ଠୀର ଲୋକମାନେ ପାରେଙ୍ଗାମାନଙ୍କୁ ପାରେଙ୍ଗା ପରଜା ବୋଲି ମଧ୍ୟ ଡାକିଥାଆନ୍ତି।

ଗାଦବାମାନଙ୍କ ଭାଷା ଏବଂ ପାରେଙ୍ଗା ଭାଷା ମଧ୍ୟରେ ସାମଞ୍ଜସ୍ୟ ଦେଖାଯାଏ। କେତେଗୁଡ଼ିଏ ଶବ୍ଦ ଦୁଇ ଗୋଷ୍ଠୀର ଭାଷା ମଧ୍ୟରେ ସମାନତା ରହିଛି,ତଥା ଅନେକାଂଶରେ ସାମାଜିକ ଓ ସାଂସ୍କୃତିକ ସାମଞ୍ଜସ୍ୟ ରହିଥିବା ସତ୍ତ୍ୱେ ଏମାନେ ଭିନ୍ନ ଜନଜାତି ହିସାବରେ ପରିଚିତ । ଗାଦବାମାନେ ପାରେଙ୍ଗାମାନଙ୍କ ଘରୁ କନ୍ୟା ନେଇପାରିବେ, କିନ୍ତୁ ପାରେଙ୍ଗାମାନେ ନିଜ ଗୋଷ୍ଠୀ ବ୍ୟତୀତ ଅନ୍ୟ କୌଣସି ଗୋଷ୍ଠୀ ସହ ବୈବାହିକ ସଂପର୍କ ସ୍ଥାପନ କରନ୍ତି ନାହିଁ, କାରଣ ପାରେଙ୍ଗାମାନଙ୍କ ଗୃହ ପଛ ପାର୍ଶ୍ୱରେ ଫିଦର ଦେବତା ଅଛନ୍ତି। ଅନ୍ୟ କୌଣସି ଜନଜାତି ଗୋଷ୍ଠୀରେ ଏହି ଦେବତାଙ୍କର ପ୍ରଭାବ ଦେଖିବାକୁ ମିଳେ ନାହିଁ। ପାରେଙ୍ଗାମାନଙ୍କ ମଧ୍ୟରୁ ଯଦି କୌଣସି ଲୋକ ଅନ୍ୟ ଜନଜାତି ଘରେ ବିବାହ କରେ, ତେବେ ତାକୁ ଜାତିଆଣ ଭେଟି ଦେବାକୁ ହୁଏ।

କୋରାପୁଟ ଜିଲ୍ଲାର ନନ୍ଦପୁର ବ୍ଲକ୍‌ଟି ପାରେଙ୍ଗା ଅଧ୍ୟୁଷିତ ଅଞ୍ଚଳ ଭାବରେ ପରିଚିତ। ଏହି ଅଞ୍ଚଳ କୋରାପୁଟ ସଦର ମହକୁମାଠାରୁ ପ୍ରାୟ ୫୦ କି.ମି. ଦୂରରେ ଅବସ୍ଥିତ। ପୁରାକାଳରେ ନନ୍ଦବଂଶର ରାଜା ଏହି ସ୍ଥାନରେ ଶାସନ କରୁଥିବାରୁ ଏହି ସ୍ଥାନର ନାମ ନନ୍ଦପୁର ରଖାଯାଇଛି। ନନ୍ଦପୁର ଗୋଟିଏ ଛୋଟିଆ ବ୍ଲକ୍ ହେଲେ ମଧ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଐତିହାସିକ କିର୍ତ୍ତୀରାଜିରେ ଭରପୁର। ଐତିହାସିକ ରାଜାଙ୍କ ଅମଳର ବତ୍ରିଶ ସିଂହାସନ ନନ୍ଦପୁରଠାରେ ଦେଖିବାକୁ ମିଳେ। ବିଭିନ୍ନ ରାଜାଙ୍କ ସମୟରେ ବିକ୍ରମାଦିତ୍ୟଙ୍କ ବତ୍ରିଶ ସିଂହାସନ ଅନୁରୂପ ସେମାନେ ନିଜ ବିଚାରାଳୟକୁ ସଜାଉଥିବାରୁ ଏବଂ ବିକ୍ରମାଦିତ୍ୟଙ୍କ ବଂଶଧର ହିସାବରେ ନିଜର ପରିଚିତି ରଖିଥିବାରୁ ଏହି ସିଂହାସନର ମହତ୍ତ୍ୱ ଉପଲବ୍ଧି କରିହୁଏ। ନନ୍ଦପୁରଠାରୁ ୩୫ କି.ମି. ଏବଂ କୋରାପୁଟ ସଦର ମହକୁମାଠାରୁ ୮୫ କି.ମି. ଦୂରରେ ଏକ ଦର୍ଶନୀୟ ସ୍ଥାନ ଜଲାପୁଟ। ଏହି ସ୍ଥାନରେ ଓଡ଼ିଶା ଏବଂ ଛତିଶଗଡ଼ ସରକାରଙ୍କ ମିଳିତ ଉଦ୍ୟମରେ ଜଳର ବିଦ୍ୟୁତ ଉତ୍ପାଦନ ପାଇଁ ଜଳଭଣ୍ଡାର ପ୍ରସ୍ତୁତ କରାଯାଇଛି। ନନ୍ଦପୁରଠାରୁ ୧୪ କି.ମି. ଦୂରରେ ଅବସ୍ଥିତ ବାଡ଼େଲ ପଞ୍ଚାୟତ ନାଗେଶ୍ୱରୀ ମାଳି ପର୍ବତରେ ଗୁମ୍ଫାରେ କାଳୀ ଠାକୁରାଣୀଙ୍କ ଆବିର୍ଭାବ। ଚଇତି ପରବରେ କୋରାପୁଟ ଜିଲ୍ଲାରୁ ଆଦିବାସୀମାନେ ଆସି ଏହି ସ୍ଥାନରେ ଯାତ୍ରା କରନ୍ତି।

**ପରିବେଶ :**

ପାରେଙ୍ଗା ଅଧ୍ୟୁଷିତ ଅଞ୍ଚଳ ଭାବରେ ପରିଚିତ ନନ୍ଦପୁର ଅଞ୍ଚଳରେ ଶୀତ ଦିନେ ଅଧିକ ଥଣ୍ଡା(କାକର) ଏବଂ ଗ୍ରୀଷ୍ମ ଋତୁରେ ଗରମ(ବାଲବାଲ) ଅନୁଭୂତ ହୁଏ। ପାରେଙ୍ଗା ଗ୍ରାମଗୁଡ଼ିକ ସାଧାରଣତଃ ପାହାଡ଼, ପର୍ବତ ଏବଂ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ସେଥିପାଇଁ ଶୀତଦିନେ ପାରେଙ୍ଗାମାନେ ଅତ୍ୟଧିକ ଶୀତର ଶିକାର ହୋଇଥାଆନ୍ତି। ଜଂଗଲ ପରିବେଷ୍ଟନୀ ମଧ୍ୟରେ ବିଭିନ୍ନ ପ୍ରକାର ଉଦ୍ଭିଦ, ଔଷଧ ବୃକ୍ଷ, ଲତାଜାତୀୟ ଉଦ୍ଭିଦ ଇତ୍ୟାଦି ଦେଖିବାକୁ ମିଳେ।

**ଔଷଧୀୟ ବୃକ୍ଷ :**

କୋଶ୍‌ଲା ଆରା, ମଞ୍ଜୁର, ଗଡ଼ିଆରା,ଚିତର ମରୁ ଆରା, ଭୁଇଁ ଦାମନ ଆରା, ବାୟା କଙ୍କଡ଼ିଆରା, ବଡ଼ କଙ୍କଡ଼ି ଆରା, ମାଣ ଘାସ ଇତ୍ୟାଦି । ବିଭିନ୍ନ ବୃକ୍ଷ : ବରଗଛ (ବଡ଼ ଆରା), ଅଶ୍ୱତ୍‌ଥଗଛ (ପିମ୍ପଲଆରା), ତେନ୍ତୁଳିଗଛ (ତନ୍ତିକ୍ ଆରା), ସଲପଗଛ (ସଲପ୍‌ଆରା), ତୁଳସୀ ଗଛ, (ତୁଳସୀ ଆରା), ନିମଗଛ (ଲିମ୍‌ଆରା), ସଜନା ଗଛ (ମୁଙ୍ଗନା ଆରା), ଆମ୍ବଗଛ (ଭଡ଼ା ଆରା), ପଣସ ଗଛ (ପାନ୍‌ସା ଆରା), କମଳା ଗଛ (କମ୍‌ଲା ଆରା) ଇତ୍ୟାଦି ।

**ବିଭିନ୍ନ ପ୍ରକାର ପନିପରିବା ଜାତୀୟ ଉଦ୍ଭିଦ :**

ଶିମ୍ବ (ଭାକଡ଼ିଙ୍ଗ), ସାରୁ (ସାରୁ ଉମ୍‌ଲଃ), ମଟର ଚଢ଼ା (ସେ ନାଦେ) ନାକଚଣା (ନାକ ସେନୋନେ) ଝୁଡ଼ଙ୍ଗ (ଝୁଡୁଙ୍ଗ) କାଲରା (କାଇଲାଜଃ) ପିକ କଳା (ପିକ୍ ଆନଲମ୍) କାକୁଡ଼ି (ସାର୍‌ଲାଇ) ଇତ୍ୟାଦି ।

ପାରେଙ୍ଗାମାନଙ୍କ ସାମାଜିକ ତଥା ଅର୍ଥନୈତିକ ଜୀବନ ସହିତ ବୃକ୍ଷରାଜୀ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ପାରେଙ୍ଗାମାନେ ସାଧାରଣତଃ ଜଙ୍ଗଲରୁ ବିଭିନ୍ନ ପ୍ରକାର ଫୁଲ (ତାର୍‌ବାଃ), ଫଳ (ଜଃ), ଛତୁ (ବତୀ), ଚେର ଇତ୍ୟାଦି ସଂଗ୍ରହ କରିଥାନ୍ତି । ସେଥିରୁ କେତେକ ନିଜେ ଖାଦ୍ୟ ରୂପେ ବ୍ୟବହାର କରିବା ସହିତ ବଜାରରେ ମଧ୍ୟ ବିକ୍ରୟ କରି କିଛି ଅର୍ଥ ଉପାର୍ଜନ କରନ୍ତି । ଗୃହ ନିର୍ମାଣ ପାଇଁ ପାରେଙ୍ଗାମାନେ ଜଂଗଲରୁ ବିଭିନ୍ନ ପ୍ରକାର ଗଛର କାଠ କାଟି ବ୍ୟବହାର କରନ୍ତି । ଜାଳେଣି କାଠ ମଧ୍ୟ ପାରେଙ୍ଗାମାନେ ଜଂଗଲରୁ ସଂଗ୍ରହ କରିଥାଆନ୍ତି । ଗ୍ରାମରେ କୌଣସି ସାମାଜିକ କାର୍ଯ୍ୟକ୍ରମ କିମ୍ବା କାହାର ଭୋଜିଭାତ ପାଇଁ ପାରେଙ୍ଗାମାନେ ଜଂଗଲରୁ ଗଛ କାଟି କାଠ ଆଣିଥାଆନ୍ତି । ବର୍ତ୍ତମାନ ପାରେଙ୍ଗାମାନେ ବୃକ୍ଷରାଜୀର ରକ୍ଷଣା ବେକ୍ଷଣ ପାଇଁ ସଚେ୍ତନ ହେଲେଣି । ଓଡ଼ିଶା ସରକାରଙ୍କ ବନ ବିଭାଗ ତରଫରୁ ଏବଂ ବିଭିନ୍ନ ବେସରକାରୀ ସଂସ୍ଥା ତରଫରୁ ବୃକ୍ଷରାଜୀ ରକ୍ଷଣାବେକ୍ଷଣ ଏବଂ ପରିବେଶ ସଚେ୍ତନତା ସମ୍ବନ୍ଧରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯାଇଛି । ଜଂଗଲରୁ ଗଛ କାଟି ନଷ୍ଟ କରିବା ଦ୍ୱାରା ପରିବେଶ ଉପରେ ତାହାର କ’ଣ କୁପ୍ରଭାବ ପଡୁଛି ଲୋକମାନେ ସେ ସମ୍ବନ୍ଧରେ ସଚେ୍ତନ ହେଲେଣି । ବର୍ତ୍ତମାନ ବନ ବିଭାଗ ତରଫରୁ କେତେକ ପାରେଙ୍ଗା ଅଞ୍ଚଳରେ ପାରେଙ୍ଗା ଗ୍ରାମଗୁଡ଼ିକୁ ଜଙ୍ଗଲ ସୁରକ୍ଷା ପାଇଁ ଦାୟିତ୍ୱ ଦେଇଛନ୍ତି । ଜନସଚେତନତା ଯୋଗୁଁ ପାରେଙ୍ଗାମାନେ ଜଂଗଲ, ସୁରକ୍ଷା କରିବା ସହିତ ବୃକ୍ଷରୋପଣ ମଧ୍ୟ କରୁଛନ୍ତି । କେତେକ ବେସରକାରୀ ସଂସ୍ଥା, ପାରେଙ୍ଗା ଅଞ୍ଚଳରେ ବୃକ୍ଷରୋପଣ ପାଇଁ ବିଭିନ୍ନ ପ୍ରକାର ଘରା ଆମ୍ବଗଛ, କାଜୁଘରା, ପଣସ ଘରା, ନିଳଗିରି (ଇଉକାଲପଟାସ) ଚାରା ବ୍ଲକ୍ ଇତ୍ୟାଦି ମାଗଣାରେ

ଯୋଗାଇ ଦେଉଛନ୍ତି। ବୃକ୍ଷରୋପଣ ପାଇଁ ସରକାରଙ୍କ ତରଫରୁ ଋଣ ଦିଆଯାଉଛି। ପାରେଙ୍ଗାମାନେ ବ୍ୟାଙ୍କ ଋଣ କରି ବୃକ୍ଷରୋପଣ କରୁଛନ୍ତି।

ପାରେଙ୍ଗା ଅଞ୍ଚଳରେ ବିଭିନ୍ନ ପ୍ରକାର ପଶୁପକ୍ଷୀ ଦେଖାଯାଆନ୍ତି। ସେମାନଙ୍କ ମଧ୍ୟରୁ ଧାରେଙ୍ଗାମାନେ କେତେକ ପଶୁପକ୍ଷୀକୁ ପାଳନ କରିଥାଆନ୍ତି। ପାରୋଙ୍ଗାମାନେ ପାଳୁଥିବା ପଶୁପକ୍ଷୀ ଗୁଡ଼ିକ ହେଲେ ଗାଈ (କୁଇତାଙ୍ଗ), ଛେଳି (କିନ୍‌ମେନ୍), ମେଣ୍ଢା (ମେଣ୍ଢା), ବଳଦ (ଦୁନ୍‌ମ୍/ ତାଙ୍ଗଲି), ମଇଁଷି (କିବଙ୍ଗ), ପୋଢ଼ (ବଙ୍ଗ ତେଲ), କୁକୁର (କୁଶ୍), କୁକୁଡ଼ା (ଆଂଗଇ), ବତକ (ହଂସନମ୍), ଘୁଷୁରି (କାନ୍‌ମୁନ୍), ବିଲେଇ (ରୁମାଙ୍ଗ), କେତେକ ପଶୁପକ୍ଷୀ ଜଂଗଲରେ ଦେଖାଯାଆନ୍ତି। ଜଂଗଲରେ ଦେଖାଯାଉଥିବା ପଶୁପକ୍ଷୀ ଗୁଡ଼ିକ ହେଲେ, ବାଘ, (ଡୁରୁକା) ଭାଲୁ, (କିବୁ), ବାରହା (କାନ୍‌ମୁନ୍ କୁଣ୍ଡା), ହରିଣ (ଆଲୁପ୍), ଠେକୁଆ (ଉକୁଲୁ), ଶିଆଳ (ପାକ୍ଷୀକକ୍) ଏଣ୍ଡୁଅ (କେଣ୍ଡୁକା) ଗୁଣ୍ଡୁଚି ମୂଷା (କୁନୁର) ମୂଷା (କାରକାଃ), ନେଉଳ (ସିନ୍ଧିସୁଙ୍ଗ୍), ମାଙ୍କଡ଼ (ଅନ୍ନୁ), ସିଂହ (ଡୁରକା), ହେଟାବାଘ (ଆସୁଃ ଡୁରକା), ଡ଼ୋଗ୍ର (କରକଡ଼୍) ଚିଲ (ସୋମନ୍), ପାରା, ପରୁଆ), ମୟୂର (ମୁଞ୍ଜୁର) ଇତ୍ୟାଦି। ବିଶେଷ କରି ପାରେଙ୍ଗାମାନେ ପଶୁପକ୍ଷୀକୁ ପାଳନ କରିବାକୁ ଭଲ ପାଆନ୍ତି। କୁକୁର, ବିଲେଇ, ଶୁଆ (ରୁକୁ ପଡ଼ିକ୍)କୁ ଘରେ ପାଳିଥାଆନ୍ତି। କେତେକ ଗୃହପାଳିତ ପଶୁକୁ ପାରେଙ୍ଗାମାନେ କୃଷି କାର୍ଯ୍ୟରେ ବ୍ୟବହାର କରୁଥିବା ବେଳେ କେତେକ ପଶୁପକ୍ଷୀକୁ ବିକ୍ରୟ କରି ବା କିଛି ଅର୍ଥ ଉପାର୍ଜନ ପାଇଁ ପାଳିଥାଆନ୍ତି। ଗାଈକୁ ପାରେଙ୍ଗାମାନେ ସାଧାରଣତଃ କ୍ଷୀର ପାଇଁ ଏବଂ ବାଛୁରୀ (ଆସୁଟା ବାଝୀ) ହେଲେ ବଜାରରେ ବିକ୍ରୟ କରି କିଛି ଅର୍ଥ ଉପାର୍ଜନ କରନ୍ତି।

ପାରେଙ୍ଗା ଅଞ୍ଚଳରେ ପଶୁପକ୍ଷୀ ବ୍ୟତୀତ କେତେକ କୀଟପତଙ୍ଗ ଓ ଅନ୍ୟାନ୍ୟ ଜୀବ ଦେଖାଯାଆନ୍ତି। ଏହି ଅଞ୍ଚଳରେ ଦେଖାଯାଉଥିବା କୀଟପତଙ୍ଗ ଓ ଜୀବଗୁଡ଼ିକ ହେଲେ; ମାଛି (ଆରଇ), ଅସରପା (କୁରୁଡ଼ା), ଜିଆ (କେଞ୍ଚୁଆ), ବିଛା (ବିଶ୍ ଆରୁତ୍) ଗୋଦରା ପୋକ (ଇତାଂ କିଡ଼ା), ମହୁମାଛି (ଭଣ୍ଡରନ ଆରଇ), ମଶା, (ଗୁରୁସୁଃ, ପିମ୍ପୁଡ଼ି, (ମୁମୁଇ) ଓଡ଼ଶ (ଡ଼ିମାନ), ବୁଢ଼ିଆଣି (ପାକ ମାଙ୍କଡ଼ି) ଭଅଁର (ଭଙ୍ଗରା ଆରକୁ)। ତେଲୁଣିପୋକ, (ବସୁତ୍ କିଡ଼ା), ପ୍ରଜାପତି (ପିଗିଲ) ଇତ୍ୟାଦି। ପାରେଙ୍ଗାମାନେ ଜଂଗଲରୁ କେତେକ ପଶୁପକ୍ଷୀକୁ ଶିକାର କରନ୍ତି ଏବଂ କେତେକ ପଶୁପକ୍ଷୀକୁ ପୋଷା ମନାଇବା ପାଇଁ ଘରେ ପାଳନ୍ତି।

**ପଥର :**

ପାରେଙ୍ଗାମାନେ ବସବାସ କରୁଥିବା ଅଞ୍ଚଳରେ ଦେଖାଯାଉଥିବା ପଥରକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରିଥାନ୍ତି। ସେଗୁଡ଼ିକ ହେଲା :- ୧- ଲୁହା ଆରେଙ୍ଗ (ମୁଗୁନି ପଥର), ୨- କଣ୍ଡା ଆରେଙ୍ଗ (ଅଳ୍ପ କଠିନ ପଥର), ୩- ଲବହ୍ ଆରେଙ୍ଗ (ମାଟି ପଥର ବା ଦାନ୍ତଡ଼ା

ଆରେଙ୍ଗ) ଯାହା କି ମାଙ୍କଡ଼ା ପଥର ଭଳି ଆବୁଡ଼ା ଖାବୁଡ଼ା ହୋଇଥାଏ। ସେମାନେ ଘରର ଚାରିପଟେ ବାହ୍ୟ ଜନ୍ତୁ, ଚୋର ଓ ଅବାଧ ଗାଈଗୋରୁଙ୍କ ପ୍ରବେଶକୁ ରୋକିବା ପାଇଁ ଏକ ପଥରର ପାଚେରୀ ତିଆରି କରନ୍ତି। ପଥରକୁ ପଥର ଉପରେ ରଖି କାନ୍ଥ ଭଳି ତିଆରି କରି ପାରେଙ୍ଗା ଲୋକ ପାଚେରୀ ଉପରେ ମାଟି ଲିପି ଏକ Boundary wall (ପାସରି) ତିଆରି କରିଥାନ୍ତି। ଗାଈଗୋରୁଙ୍କ ପାଳ, ନଡ଼ା ଇତ୍ୟାଦି ସାଇତି ରଖିବା ପାଇଁ ପଥରରେ ସେହିପରି ପାଚେରୀ ତିଆରି କରି କୂଅ ଚାରି ପଟେ ଚାନ୍ଦିନୀ ଭଳି ଏକ ଗୋଲାକାର ଆକୃତି କରି ତା'ରି ଭିତରେ ମନ୍ଦିର ଆକାରରେ ପାଳ, ନଡ଼ା ଇତ୍ୟାଦି ଗଦାଇ ସାଇତି ରଖନ୍ତି। ନିଜ ଘର ଆଗରେ ବର୍ଷାଦିନେ କାଦୁଅରୁ ରକ୍ଷା ପାଇବା ପାଇଁ ଚଟକା ଆକୃତିର ପଥର ସବୁ ଦ୍ୱାର ଆଗରେ ସୁନ୍ଦର ଭାବରେ ସମତଳ ଆକାରରେ ପକାଇଥାନ୍ତି, ଯାହା ଫଳରେ ବର୍ଷା ଦିନେ ଘର ଆଗରେ କାଦୁଅ ହୁଏ ନାହିଁ। ଗାଁ ପାଖ 'ପଦର ଜମି' ଗୁଡ଼ିକରେ ଅବାଧ ଗାଈ-ଘୁଷୁରୀ, ଛେଳି, ମେଣ୍ଢାଙ୍କ ଠାରୁ ଫସଲ ରକ୍ଷା କରିବା ପାଇଁ ମଧ୍ୟ ପଥରର ପାସରୀ ତିଆରି କରିଥାନ୍ତି।

ପାରେଙ୍ଗା ସ୍ତ୍ରୀ ଲୋକମାନେ ବିଭିନ୍ନ ପ୍ରକାର ରଙ୍ଗ ମାଟି, ଯଥା - ନାଳିମାଟି (ରଂଗ ଲବହ) କଳାମାଟି-ଆଶାୟ ଲବହ୍ ଘର ଲିପିବା ନିମନ୍ତେ ବ୍ୟବହାର କରିଥାନ୍ତି।

ପାରେଙ୍ଗା ମାନେ ମାଟିକୁ ଲବହ୍ କହନ୍ତି। ସେହି ଅନୁସାରେ କଳାମାଟି ଆଶାୟ୍ ଲବହ୍, ନାଲି ମାଟି ରଙ୍ଗ ଲବହ୍ କଠିନ ମାଟି-ଜାଙ୍ଗତେର ଲବହ୍ ପଥୁରିଆ ମାଟି - ଆର୍‌ରଙ୍ଗ ଲବହ ବୋଲି ନାମିତ କରନ୍ତି।

ପାରେଙ୍ଗାମାନେ ନିମ୍ନ ଏବଂ ପାଣି ରହୁଥିବା ଜମିକୁ ବେଡ଼ା, କେବଳ ବର୍ଷା ଦିନେ ଚାଷ ହେଉଥିବା ଉଚ୍ଚ ଜମିକୁ ପଦା (ବିଏଲ୍) ଓ ପାହାଡ଼ ଉପରେ ପୋଡୁଚାଷ କରାହେଉଥିବା ଜମିକୁ (କୁଣ୍ଡାଃ ବିଏଲ) ଡଙ୍ଗର, ପଦା ଓ ବେଡ଼ା ଠାରୁ ମଧ୍ୟମ ବା ପାଣି ଅଳ୍ପ ପରିମାଣରେ ରହୁଥିବା ଜମିକୁ ସରିଆ କହନ୍ତି। ଏହାଛଡ଼ା ସମତଳ ଜମିକୁ (ସଦ୍ରମ ଜମି), ଉପତ୍ୟକାସ୍ଥ ଅସମତଳ ଜମିକୁ ଅସଦ୍ରମ୍, ପୋଡୁଚାଷକୁ - ମାଲାଡଂଗର, ତଳିଆ ଜମିକୁ କୁଣ୍ଡାଃଆଢି, ବୃକ୍ଷରୋପଣ ପାଇଁ ଜମିକୁ (ଆରାଗୁହଃ) ବିଏଲ୍) କହିଥାନ୍ତି।

ମୁଖ୍ୟତଃ ଜମିକୁ ପାରେଙ୍ଗାମାନେ ଦୁଇ ଭାଗରେ ବିଭକ୍ତ କରିଥାନ୍ତି, ଯଥା ବେଡ଼ା ଓ ପଦା (ବିଏଲ)। ବର୍ଷର କିଛି ମାସ ବା ବର୍ଷସାରା ପାଣି ରହୁଥିବା ଜମିକୁ ବେଡ଼ା କହନ୍ତି। ବେଡ଼ାଠାରୁ ସାମାନ୍ୟ ଉଚ୍ଚ ବା ଅଳ୍ପ ପାଣି ବା ବର୍ଷର ବର୍ଷାଦିନ ଛଡ଼ା ଅନ୍ୟ ଦିନରେ ଶୁଖି ଯାଉଥିବା ଜମିକୁ ସରିଆ କହନ୍ତି। ବେଡ଼ା ଜମି ଛଡ଼ା ଅନ୍ୟ ଏକ ବିଭାଗକୁ ପଦା ବ ବିଏଲ ଏହା ଅନେକ ପ୍ରକାର ହୋଇପାରେ ଗାଁ ପାଖ ଜମି (ପଦର ବିଏଲ), ଡଙ୍ଗର ଜମି- ଡଙ୍ଗର ବିଏଲ ବା କୁଣ୍ଡାବିଏଲ୍, ମକା, କଖାରୁ, ଶିମ୍ବ ଆଦି ଲଗାଇବା ପାଇଁ ବାଡ଼ି (ଅଡ଼ାହଃ) ଇତ୍ୟାଦି।

**ଝରଣା :**

ଝରଣାକୁ ପାରେଙ୍ଗା ଲୋକ ଝୋଲା କହିଥାନ୍ତି। ନଦୀକୁ କିଣ୍ଡାଃ ଓ କ୍ଷୁଦ୍ର ନଦୀକୁ ଆଣୁଃଟା କିଣ୍ଡାହ୍ କହନ୍ତି। ଚିରସ୍ରୋତା ଜଳ ଉତ୍ସକୁ ନିତ୍ରେ ଓ୍ୱାୟନିଡ଼ାଃ କହନ୍ତି। ପାରେଙ୍ଗାମାନେ ଜଳ ପ୍ରପାତକୁ ଦୁତ୍ରୁମା କହନ୍ତି। ଝୋଲା ଝରଣା ଜଳକୁ ତଳିଆ ଜମିରେ ନାଳ ଦ୍ୱାରା ନେଇ ଚାଷ କରାଯାଏ ଓ କେତେକ ସ୍ଥାନରେ ପାରେଙ୍ଗାମାନେ ଝରଣା ତଳେ ତଳେ ଧାନ ଜମିର ଛୋଟ ଛୋଟ ପଟାଳି ତିଆରି କରି ଚାଷ କରିଥାନ୍ତି।

**ପାଣିପାଗ:**

ବର୍ଷା ଋତୁ : ଜୁନ୍ ମାସ ଶେଷଠାରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ପାରେଙ୍ଗାମାନେ ବର୍ଷା ଦିନ ଭାବରେ ଗଣନା କରନ୍ତି, ଯଦିଓ ଆଷାଢ଼ ଓ ଶ୍ରାବଣକୁ ବର୍ଷା ଋତୁର ଅନ୍ତର୍ଗତ। ବର୍ଷାର ହେବା ଅନୁସାରେ ପାରେଙ୍ଗା ଲୋକମାନେ ବର୍ଷା କାଳ ଉକ୍ତ ଦୁଇମାସ ହିସାବକୁ ନେଇଥାନ୍ତି। ବର୍ତ୍ତମାନ ଅଧିକାଂଶ ପାରେଙ୍ଗା କୃଷିଜୀବୀ ହୋଇଥିବାରୁ ବର୍ଷା ଆଗମନରେ ଜୁନ୍ ମାସର ଶେଷ ବା ଜୁଲାଇ ମାସ ଆରମ୍ଭରୁ ବିଭିନ୍ନ ଫସଲ ପାଇଁ ବିହନ ସବୁ ଜମିରେ ବୁଣିଥାନ୍ତି। କେତେକ ପରିବା ଫସଲ, ଯଥା - ଟମାଟ, ବାଇଗଣ, ଲଙ୍କା ମରିଚ ଓ କୋବି ଇତ୍ୟାଦି ପାଇଁ ତଳି ପକାଇ ଚାରା ଉତ୍ପନ୍ନ କରିଥାନ୍ତି। ଧାନ ତଳି ପୂର୍ବରୁ ସେ ତଳି ପଡ଼େ। ବର୍ଷା ଦିନ ସେମାନଙ୍କ ପାଇଁ ଉପକାର ହିଁ କରିଥାଏ।

ପାରେଙ୍ଗା ସଂପ୍ରଦାୟର ଲୋକ ମୁଖ୍ୟତଃ ଚାଷ ଉପରେ ନିର୍ଭର କରୁଥିବାରୁ ବର୍ଷାର ବହୁଳତା ସେମାନଙ୍କ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି କରିଥାଏ। ପ୍ରବଳ ବର୍ଷା ଫଳରେ ବେଡ଼ା ବା ଧାନ ଜମିରେ ପାଣି ଜମି ରହିଲେ ଧାନ ତଳି ପଚିଯାଇ ଫସଲ ନଷ୍ଟ ହୋଇଯାଏ। ପ୍ରବଳ ବର୍ଷା ଯୋଗୁଁ ଜଳସ୍ରୋତ ବୋହି ଆସି ଧାନ ଜମିରେ ଫସଲ ସବୁ ଧୋଇ ନେଇଯାଇ ଫସଲ ନଷ୍ଟ କରିଦିଏ। ଜଳସ୍ରୋତରେ ମାଟି ବାଲି ଆଦି ବୋହି ଆସି ବେଡ଼ା ଜମି ଉପରେ ବାଲି ଚରିଯାଇ ଫସଲ ନଷ୍ଟ କରିଦେଇଥାଏ। ଉଭୟ ବର୍ଷା ବହୁଳତା ଓ ସ୍ୱଳ୍ପ ବୃଷ୍ଟିପାତ ମଧ୍ୟ ପାରେଙ୍ଗା ଗୋଷ୍ଠୀ ଉପରେ କୁପ୍ରଭାବ ପକାଇଥାଏ। ପାରେଙ୍ଗାମାନେ ଚାଷ ଉପରେ ନିର୍ଭର କରୁଥିବାରୁ ବର୍ଷାର ଅଭାବ ସେମାନଙ୍କୁ ବହୁ ଅସୁବିଧାରେ ପକାଇ ଥାଏ। ବର୍ଷା ନ ହେବା ଦ୍ୱାରା ପାରେଙ୍ଗାମାନେ କରୁଥିବା ଫସଲ ଯଥା: - ଧାନ, ମାଣ୍ଡିଆ, ସୁଆଁ, ଅଳସି, ଡଙ୍ଗର ଜମି ଧାନ, ବିଭିନ୍ନ ପନିପରିବା, ଯଥା - କଖାରୁ, ଶିମ୍ବ, ବାଇଗଣ, ଟମାଟ ଇତ୍ୟାଦି କେବଳ ବର୍ଷା ଦିନିଆ ଚାଷ ଉପରେ ନିର୍ଭର କରୁଥିବାରୁ, ଭଲ ଭାବରେ ହୋଇ ପାରିନଥାଏ। ଫଳରେ ନିଜ କୁଟୁମ୍ବ ପାଇଁ ବା ଅର୍ଥ ଉପାର୍ଜନ ଦୃଷ୍ଟିରୁ ଅସୁବିଧା ସୃଷ୍ଟି ହୋଇଥାଏ।

କୁଆ ପଥର ବର୍ଷା ଓ ଲଗାତର ସପ୍ତାହ, ମାସ ସାରା ବର୍ଷା ପାରେଙ୍ଗାମାନଙ୍କ ଜୀବନ ଜୀବିକା ଉପରେ ବହୁ କୁପ୍ରଭାବ ପକାଇଥାଏ। ବର୍ଷା ଲାଗି ରହିଲେ ପାରେଙ୍ଗା ଲୋକମାନଙ୍କ ଗମନାଗମନ, ଚାଷ ବାସ, ହାଟ ବଜାର, ଜାଳେଣି ସଂଗ୍ରହ ଓ ଘର ଖର୍ଚ୍ଚ ଆୟ ବ୍ୟୟ ଉପରେ ବହୁତ ଅସୁବିଧା ସୃଷ୍ଟି ହୋଇଥାଏ। ବର୍ଷା ଲାଗି ରହିବା ଫଳରେ ପାହାଡ଼ ତଳ ଗାଁ ଗଣ୍ଡା ଚାଷ ଜମି ଉପରେ ପାହାଡ଼ର ମାଟି, ଗୋଡ଼ି ପଥର ଖସି ଆସି ବହୁତ କ୍ଷତି ଘଟାଇଥାଏ।

ଗ୍ରୀଷ୍ମଋତୁ : କୋରାପୁଟ ଜିଲ୍ଲାର ନନ୍ଦପୁର ବ୍ଲକ୍ ଅଞ୍ଚଳରେ ପାରେଙ୍ଗାମାନେ ବସବାସ କରୁଥିବା ଅଞ୍ଚଳରେ ଅପ୍ରେଲ ମାସ (ଚଇତି ମାସ)ରୁ ଖରା ଆରମ୍ଭ ହୋଇ ମେ' ମାସ (ବୈଶାଖ ମାସ) ଓ ଜୁନ୍ (ଲାଣ୍ଡି ମାସ୍) ମାସ ଅଧା ପର୍ଯ୍ୟନ୍ତ ପ୍ରଚଣ୍ଡ ଖରା ହୁଏ। ପ୍ରବଳ ଖରାରେ ଖାଲି ପାଦରେ ଚାଲିବା କଷ୍ଟ ଅନୁଭୂତ ହୋଇଥାଏ। ପ୍ରବଳ ମୁଣ୍ଡ ଫଟା ଖରାରେ ପାରେଙ୍ଗମାନେ ମୁଣ୍ଡରେ ଲୁଗା ଘୋଡ଼ାଇ, ପଗଡ଼ି ବାନ୍ଧି ଖରାରେ କାମ କରିଥାନ୍ତି, ଖରାବେଳେ ଖରାରେ କାମ କରିବାକୁ ଯିବାବେଳେ ପ୍ଲାଷ୍ଟିକ୍ ବୋତଲରେ ବା ଲାଉ ତୁମ୍ବାରେ ମାଣ୍ଡିଆ ଜାଉ ବା (ମାଣ୍ଡିଆ ପେଜ୍) ପାଣି ଇତ୍ୟାଦି ନେଇ କାମ କରିଥାନ୍ତି ଓ ଶୋଷ ହେଲେ ସେଗୁଡ଼ିକୁ ପିଇ ଶୋଷ ମେଣ୍ଟାଇଥାନ୍ତି। ଖରା ସମୟରେ ଜଂଗଲରେ କାଠ, ପତର, (ଶିଆଡ଼ି ପତର) ଇତ୍ୟାଦି ସଂଗ୍ରହ କରିବାକୁ ଗଲେ ଜଂଗଲରେ ଥିବା ଝରଣାରୁ (ଝୋଲାରୁ) ପାଣି ପିଇଥାନ୍ତି ଓ ଆବଶ୍ୟକ ସ୍ଥଳେ ତୁମ୍ବାରେ ଓ ବୋତଲରେ ପାଣି ନେଇଯାଇଥାନ୍ତି, ମେ' ଓ ଜୁନ୍ ମାସରେ ପ୍ରବଳ ଖରା ହେବା ଫଳରେ ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ପାରେଙ୍ଗାମାନେ ବାସ କରୁଥିବା ଗାଁଗୁଡ଼ିକ ମୁଖ୍ୟତଃ ନାଳ, ଝରଣା, କୁଣ୍ଡି ଆଦିର ଜଳକୁ ପାନୀୟ ଜଳ, ଗାଧୋଇବା ଓ ପୋଷା ଜୀବଜନ୍ତୁଙ୍କ ପାଇଁ ବ୍ୟବହୃତ ହେଉଥିବାରୁ ସେଗୁଡ଼ିକ ଖରାଦିନେ ଶୁଖିଗଲେ, ପାରେଙ୍ଗା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ଅନେକ ପାରେଙ୍ଗା ଗାଁରେ ଏ ପର୍ଯ୍ୟନ୍ତ ନଳକୂପ ତଥା ପାନୀୟ ଜଳ ପାଇଁ କୂଅ ଇତ୍ୟାଦିର ସୁବିଧା ସୁଯୋଗ ପହଞ୍ଚିପାରି ନାହିଁ। ଯଦିଓ ନଳକୂଅ ସ୍ଥାପିତ ହୋଇଛି, ମରାମତି ଓ ଯନ୍ତ୍ରର ଅଭାବରୁ ଅଚଳ ହୋଇ ପଡ଼ିଛି। ଖରାଦିନ, ପାରେଙ୍ଗା ଜୀବନ ଜୀବିକା ଉପରେ ବହୁ କୁପ୍ରଭାବ ପକାଇ ଥାଏ। ଜଳ ଉତ୍ସ ସବୁ ଶୁଖିଯିବା ଫଳରେ ଚାଷ କାର୍ଯ୍ୟ ବ୍ୟାହତ ହୋଇଥାଏ। ଖରାଦିନ ବିଶେଷ କରି ଅଳ୍ପ କେତେକ ପାଣି ରହୁଥିବା ବେଡ଼ା ଜମିରେ ହିଁ ଧାନ ଚାଷ କରିଥାନ୍ତି। ଏହାକୁ ଚିପ୍‌ଟି ଧାନ ବା ଜେଟ୍ ଧାନ କହିଥାନ୍ତି। ସେହିପରି ପାଣି ମାଡ଼ି ପାରୁଥିବା ଜମିରେ ଖରାଦିନେ ପାରେଙ୍ଗାମାନେ ଟମାଟୋ, ଲଙ୍କା ମରିଚ, ମକା ଆଦି ଚାଷ କହିଥାନ୍ତି ଏବଂ କନ୍ଦମୂଳ ଚାଷ ପାଇଁ କନ୍ଦମୂଳ ଲତା (କାନ୍ଦାମାଲ) ଚାଷ କରି ଲତାକୁ ସାଇତି କରି ଜମିରେ ରଖିଥାନ୍ତି। ପ୍ରଚଣ୍ଡ ଖରା ଉତ୍ତାପରେ ପାରେଙ୍ଗାମାନଙ୍କୁ ହାଟ ବଜାର, କୁଣିଆ ମୈତ୍ର (ଗତିଆ ଯିବା) ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବା, ଚାଷବାଷ ଓ ଅନ୍ୟାନ୍ୟ କାମ କରିବା ପାଇଁ ବହୁ ଅସୁବିଧା

ଭୋଗ କରିବାକୁ ପଡ଼ିଥାଏ।

**ଶୀତ ଋତୁ :** ନନ୍ଦପୁର ବ୍ଲକ୍‌ର ପାରେଙ୍ଗା ବସତି ଅଞ୍ଚଳରେ ଅକ୍ଟୋବର ମାସ (ଦଶରା) ଶେଷରୁ ଶୀତ ଆରମ୍ଭ ହୋଇ ଡିସେମ୍ବର (ପଣ୍ଡ ମାସ) ଓ ଜାନୁୟାରୀ (ପୁଷ୍) ମାସ ବେଳକୁ ପ୍ରବଳ ଶୀତ ଅନୁଭୂତ ହୋଇଥାଏ। ଏତେ ଥଣ୍ଡା ଅନୁଭୂତ ହୋଇଥାଏ ଯେ ଚାଲୁ ଚାଲୁ ସକାଳ ବେଳେ ହାତ ଗୋଡ଼ କାଲମାରି ଯାଏ। ସକାଳୁ ଶୀତଦିନେ ଏହି ଅଞ୍ଚଳରେ ନିଆଁ ପାଖରୁ ବା କମ୍ବଳ ଭିତରୁ ବାହାରିବାକୁ ଇଚ୍ଛା ହୁଏ ନାହିଁ। ଗଛ ପତ୍ର ଉପରେ ସବୁ ଟୋପା ଟୋପା କାକର ବିନ୍ଦୁ ପଡ଼ିଥାଏ। ତଥାପି ପାରେଙ୍ଗା ଲୋକମାନେ ଶୀତ କାକର ନମାନି ଏହି ସମୟରେ ଧାନ କାଟିବା ଓ ଅମଳ କରିବା କାମରେ ଲାଗି ପଡ଼ିଥାନ୍ତି। ପ୍ରବଳ ଶୀତ ସମ୍ଭାଳି ନ ପାରି ପାରେଙ୍ଗା ବୁଢ଼ାବୁଢ଼ୀମାନେ ଶୁଖିଲା ଡାଳପତ୍ର, କୁଣ୍ଡା, ବିଭିନ୍ନ ଫସଲର ଅଗାଡ଼ି, ଚେପା, ତୋଷୁ ଯଥା - ଧାନ, ମାଣ୍ଡିଆ, ଅଳସିର ଅଗାଡ଼ି ବା କାଠକୁ ଘର ଆଗରେ ଜାଳି ରଖି ନିଆଁ ପୋଇଁଥାନ୍ତି। ଶୀତ ଦିନରେ ନିଆଁ ଜଳାଇବା ପାଇଁ ଘର ଆଗରେ ଏକ କୁଣ୍ଡ ଆକୃତିର ବସିବା ସୁବିଧା ଦୃଷ୍ଟିରୁ ତିଆରି କରାଯାଇଥାଏ। ବସିବା ସୁବିଧା ଦୃଷ୍ଟିରୁ ଚାରିଆଡ଼େ ଚେପଟା ପଥର ରଖି ମଝିରେ ନିଆଁ ଜାଳିବା ପାଇଁ ଖାଲୁଆ ଜାଗା ପୋଡ଼ି ତିଆରି ହୋଇଥାଏ। ସେଠାରେ ସଂଧ୍ୟା ସମୟରେ ନିଆଁ ଜଳାଇବା ଉପକରଣ ସଜାଡ଼ି ଦିଆଯାଇଥାଏ। ଅଧିକାଂଶ ପାରେଙ୍ଗା ବୁଢ଼ାବୁଢ଼ୀମାନେ ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ରାତି ସାରା ସେହି ନିଆଁ କୁଣ୍ଡ ପାଖରେ ବସି ଘୁମାନ୍ତି କିମ୍ବା ନିଆଁ ପାଖ ପଥର ଉପରେ ଶୋଇ ପଡ଼ନ୍ତି। ଶୀତ ଦିନେ ନିଆଁ ପାଖରେ ସବୁ ବେଳେ ବସୁଥିବା ବୁଢ଼ାବୁଢ଼ୀଙ୍କ ଚର୍ମ ସେଥିପାଇଁ କଳା ଗାର ବ ଦାଗ ଚିହ୍ନ ହୋଇଯାଇଥାଏ। ପ୍ରବଳ ଶୀତ ଦାଉ ସହି ନ ପାରି ପାରୋଙ୍ଗା ଲୋକମାନେ କେତେକ ବୁଢ଼ା ଲୋକମାନେ ପାଳ ଗଦା ଭିତରେ ଶୋଇଥାନ୍ତି, ବିଶେଷତଃ ସ୍ଥଳେ ଶୋଇବା ଘରେ ପାଳ (ଧାନ ନଡ଼ା), ମାଣ୍ଡିଆ ପାଳ (ମାଣ୍ଡିଆ ପିରି) ପୁରାଇ ପାଳରେ ଶୀତଦିନେ ଶୋଇଥାନ୍ତି। ଶୀତଦିନେ ପାରେଙ୍ଗା ବୁଢ଼ାବୁଢ଼ୀ ତଥା ଅନ୍ୟ ଯୁବକଯୁବତୀ ପିଲାଛୁଆମାନଙ୍କ ଗୋଡ଼, ହାତ, ପାଟି ଓଠ ଆଦି ଫାଟିଲେ ବହୁ କଷ୍ଟ ଅନୁଭବ କରିଥାନ୍ତି। କେତେକ ପାରେଙ୍ଗା ଲୋକ ଘିଅ ତେଲ ଆଦି ଓଠରେ ଲଗାଇ ଉପଶମ ପାଇଥାନ୍ତି। ଅଧିକାଂଶ ବୁଢ଼ା ବୁଢ଼ୀ ତଥା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଲୋକ ଶୀତଦିନେ ଗୋଡ, ହାତ, ମୁହଁ, ଓଠ ଫାଟିବା ଯନ୍ତ୍ରଣା ଭୋଗ କରିଥାନ୍ତି। ସେମାନେ ଉପଯୁକ୍ତ ଔଷଧ ପତ୍ର, ଉପଶମ ସାମଗ୍ରୀ କିଣିପାରନ୍ତି ନାହିଁ। ଅତ୍ୟଧିକ ଥଣ୍ଡା ହୋଇ କାକର ପଡ଼ିଲେ ପାରେଙ୍ଗାମାନେ କରୁଥିବା ଋଷ ତଥା ଫସଲ ଉପରେ ମଧ୍ୟ କୁପ୍ରଭାବ ପଡ଼ିଥାଏ। ଅତ୍ୟଧିକ କାକର ପଡ଼ିବା ଦ୍ୱାରା ଶୀତଦିନିଆ, କୋବି, ଟମାଟୋ, ଆଳୁ ଆଦି ଫସଲ ଉପରେ କାକର ପଡ଼ି ବିଷ ଚରିଯାଇ ଗଛ ମରିଯାଏ ଓ ଫସଲ ନଷ୍ଟ ହୁଏ। ୨୦୦୨ ମସିହା ଡିସେମ୍ବର ମାସରେ ଗୋଟିଏ ଦିନ ମାତ୍ର କାକର ପଡ଼ିବା ଦ୍ୱାରା

ପାରେଙ୍ଗା ବସତି ଅଞ୍ଚଳରେ ବହୁତ ଫସଲ ନଷ୍ଟ ହୋଇ କ୍ଷତି ଘଟାଇଥିଲା । ବହୁ ପାରେଙ୍ଗା ଲୋକମାନଙ୍କ ପନିପରିବା ଯଥା- ଆଳୁ, ବାଇଗଣ, କୋବି, ଲଙ୍କାମରିଚ ଓ ଚିନାବାଦାମ ଗଛ ବି ବିଷ ଚରି ଯାଇ ମରିଯାଇଥିଲା । ଏପରିକି ବେଡ଼ା ଜମି ବା ବିଲରେ ଥିବା ମାଛ ମରିଯିବାରୁ ଏହି  ଲୋକମାନେ ଭାଗ୍ୟକୁ ଆଦରି ନେଇଥିଲେ । ଏହା ଦୈବୀକୋପ ବୋଲି ସେମାନେ ବିଶ୍ୱାସ କରନ୍ତି ଏବଂ ନିଜର ରୀତିମତ କାର୍ଯ୍ୟକ୍ରମ କଷ୍ଟ ଭୁଲି ଯାଇ ଶୀତ ଋତୁରେ ଧାନ ଆଣିବା, କୋଠାର ବିଭୁ ପୋଡ଼ମରା ବା ଦିଆଲି ପରବ, ପୌଷ ମାସରେ ପୁଷ ପରବ ଆଦି ଶ୍ରଦ୍ଧାର ସହିତ ପାଳନ କରିଥାନ୍ତି ।

**ପବନ / ବାୟୁ :**

ଝଡ଼ ତୋଫାନ ସହ ପବନ ଜୋରରେ ବୋହିଲେ ଏହା ପାରେଙ୍ଗାମାନଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପକାଉଥିବାରୁ ଏହାକୁ ବାୟା ପବନ କହିଥାନ୍ତି । ଅକ୍ଟୋବର ମାସ ଶେଷ ଭାଗରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ପାରେଙ୍ଗା ବସତି ଅଞ୍ଚଳ ଅର୍ଥାତ୍ ନନ୍ଦପୁର ବ୍ଲକ୍‌ପର ଟାଇଁନ୍ତର, କାଣ୍ଡି, ଖମରା, ଭେଜା, ରାଇସିଂ, ହଂଜରପେଣ୍ଟ ଇତ୍ୟାଦି ଗ୍ରାମଗୁଡ଼ିକ ଅଞ୍ଚଳରେ ପ୍ରବଳ ଶୀତ ଅନୁଭୂତ ହେଉଥିବାରୁ ଏହି ସମୟରେ ପ୍ରବାହିତ ବାୟୁ ଅତ୍ୟନ୍ତ ଶୀତଳ ବାୟୁ ଅଟେ । ଏହି ଶୀତ ଋତୁରେ ଶୀତଳ ବାୟୁ ପ୍ରବାହିତ ହେଉଥିବାରୁ ଏହି ସମୟରେ ଆକାଶ ମେଘାଛନ୍ନ ଦେଖାଗଲେ ଶୀତରେ ଦେହରେ କମ୍ପନ ହୁଏ । ତଥାପି ନଭେମ୍ବର ଓ ଡିସେମ୍ବର (ଦିଆଲି, ଆର, ପଣ୍ଡମାସ) ଧାନ ଅମଳ ସମୟ ହୋଇଥିବାରୁ କୌଣସି ଦୁଃଖକଷ୍ଟ ନ ମାନି ପାରେଙ୍ଗାମାନେ ନିଜ ନିଜର ଧାନ କ୍ଷେତରୁ ଧାନକଟା ଓ ଧାନ ଅମଳ କାର୍ଯ୍ୟରେ ଲାଗି ପଡ଼ନ୍ତି । ଏହି ସମୟରେ ପ୍ରବାହିତ ଶୀତଳ ବାୟୁ ଦ୍ୱାରା ପାରେଙ୍ଗା ବୁଢ଼ାବୁଢ଼ୀ ବହୁ କଷ୍ଟ ଯନ୍ତ୍ରଣା ଭୋଗିଥାନ୍ତି । କେତେକ ଥଣ୍ଡା ଜ୍ୱର ବା ମ୍ୟାଲେରିଆ ଇତ୍ୟାଦି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡ଼ିଥାନ୍ତି ।

**ଉତ୍ତାପ:** ପାରେଙ୍ଗା ବସତି ଅଞ୍ଚଳରେ ଏପ୍ରିଲ ମାସରୁ ଜୁନ୍ (ଲାଣ୍ଡି ମାସ) ପର୍ଯ୍ୟନ୍ତ ଅତ୍ୟନ୍ତ ଖରା ଅନୁଭୂତ ହେଉଥିବାରୁ ଜଳବାୟୁ ଅତ୍ୟନ୍ତ ଉତ୍ତପ୍ତ ରହେ । ପ୍ରାୟ ଅଧିକାଂଶ ସମୟ ପବନ ନ ହୋଇ ଗୁଳଗୁଳି ହୁଏ । ଏହି ସମୟରେ ସେଇ ଅଞ୍ଚଳର ବାୟୁର ତାପମାତ୍ରା ଉତ୍ତପ୍ତ ଥିବାରୁ ପ୍ରବାହିତ ବାୟୁ ସାଧାରଣତଃ ଗରମ ଲାଗେ ଏହି ସମୟ ଅର୍ଥାତ୍ ମେ (ବୈଶାଖ) ଓ ଜୁନ୍ (ଲାଣ୍ଡି ମାସ) ବେଳକୁ ପାରେଙ୍ଗା ଲୋକମାନେ ନିଜ ନିଜର ଚାଷ ଆରମ୍ଭ ପୂର୍ବରୁ ନିଜର (ବେଡ଼ା ଜମି) ଧାନ ବିଲଗୁଡ଼ିକରେ (ବେଡ଼ା କୋଡ଼କା) ବିଲରେ କୋଡ଼ି ମାରି ଘାସକୁ ପାଣିରେ ପୋତି ପଚାଇବା, ଧାନ ତଳି ପାଇଁ ତଳି କିଆରି ପ୍ରସ୍ତୁତ କରିବା ଇତ୍ୟାଦି କାମରେ ଲାଗିଥାନ୍ତି । ଏହି ସମୟରେ ଅତ୍ୟନ୍ତ ଖରା ହେଉଥିବାରୁ ମାଣ୍ଡିଆ ଚାଷ ପାଇଁ ଘାସ

ମାରି ଜମି ପ୍ରସ୍ତୁତ କରିଥାନ୍ତି । ସେହି ସମୟରେ ପାରୋଙ୍ଗାମାନେ ପ୍ରଚଣ୍ଡ ଖରା ଓ ଉତପ୍ତ ପବନରୁ ରକ୍ଷା ପାଇବା ପାଇଁ ମାଣ୍ଡିଆ ପେଜ ଓ ପାଣି ପିଇ ଗଛ ତଳ ଛାଇରେ ଆଶ୍ରୟ ନେଇଥାନ୍ତି।

**ଝଡ଼ :** ଜୁନ୍ ମାସର ଶେଷ ଆଡ଼କୁ ପ୍ରାୟ ଅଧିକାଂଶ ବର୍ଷ ପାରେଙ୍ଗା ବସତି ଅଞ୍ଚଳରେ ଝଡ଼ ତୋଫାନ ସହ ବର୍ଷା ହୋଇଥାଏ। ହଠାତ୍ ପବନ ଖୁବ୍ ବେଗରେ ବୋହି ଆସି ବିଭିନ୍ନ କ୍ଷୟକ୍ଷତି ଘଟାଇଥାଏ। ପାରେଙ୍ଗା ଲୋକେ କଞ୍ଚା ଇଟା, ମାଟିରେ ଘରର କାନ୍ଥ ଓ ଟାଇଲ ନଚେତ୍ ଚାଳ ଛପର ଘର କରୁଥିବାରୁ ପବନରେ ଘର ପାଖ ଗଛପତ୍ର ଭାଙ୍ଗି ଘର ଉପରେ ପଡ଼ିଲେ ଘର ଭାଙ୍ଗି ଉକ୍ତ ପରିବାର ପ୍ରଭୃତ କ୍ଷତି ଘଟାଇଥାଏ। ପବନରେ ବେଳେବେଳେ ଚାଳ ଘର ଉଡ଼େଇ ଦେଇ ଉକ୍ତ ପରିବାରକୁ ସର୍ବସ୍ୱାନ୍ତ କରିଥାଏ। ପ୍ରାୟ ୫ ବର୍ଷ ପୂର୍ବେ କାଣ୍ଡି ଗ୍ରାମର ଜନୈକ ପାରେଙ୍ଗା ଲୋକ ଗୋବିନ୍ଦ ଶିସାର ଘର ଉପରେ କରଞ୍ଜ ଗଛ ଉପୁଡ଼ି ପଡ଼ିବାରୁ ଘର ଭାଙ୍ଗି ଯାଇ ପ୍ରାୟ ୬୫ଟି ଟାଇଲ ଓ ୨ଟି ଛାତ ପାଇଁ ଦିଆଯାଇଥିବା କାଠ ଦୁଲମ ଭାଙ୍ଗି ଯାଇଥିଲା। ଝଡ଼ ସହ ବର୍ଷା ହେଲେ ପାରେଙ୍ଗାମାନଙ୍କ କୃଷି ଜୀବିକା ଉପରେ ବହୁ ପ୍ରଭାବ ପଡ଼ିଥାଏ। ଧାନ, ମାଣ୍ଡିଆ ଇତ୍ୟାଦି ଫସଲ ବଢ଼ି ଠିଆ ଧାନ ହୋଇଥିଲେ ପାଣିରେ ପଚି ନଷ୍ଟ ହୋଇଯାଏ। ସେହିପରି ମାଣ୍ଡିଆ ଓ ମକା ବିଶେଷ କରି ମକା ଗଛ ପବନରେ ଭାଙ୍ଗି ଗଲେ ଭଲ ଫଳିପାରେ ନାହିଁ। ଯାହା ଫଳରେ ପାରେଙ୍ଗା ଲୋକର କୃଷି ଉପରେ ବହୁତ କୁପ୍ରଭାବ ପଡ଼ିଥାଏ।

**ବାୟୁ ସହାୟକ :** ପାରେଙ୍ଗା ସଂପ୍ରଦାୟରେ ପବନ ବା ବାୟୁ ଏକ ସ୍ୱତନ୍ତ୍ର ଦେବତା ତୁଲ୍ୟ ଅଟେ। କାରଣ ଧାନ ଅମଳ ସମୟରେ ନିଜର ଧାନ ଅମଳ ସ୍ଥାନ (କୋଠାର) ଠାରେ ପୂଜା ପାଠ ସାରିବା ପରେ ଭୋଜିର ଆୟୋଜନ କୁକୁଡ଼ା, ଘୁଷୁରୀ ଆଦି ବଳି ଦେବା ପରେ ହୋଇଥାଏ। ସେଥିରେ ସର୍ବପ୍ରଥମେ ଏକ ମାଙ୍କଡ଼ର ମୂର୍ତ୍ତି ଧାନ ନଡ଼ାରେ ତିଆରି କରି ତାଙ୍କୁ ପ୍ରଥମେ ଭୋଜି ଭାତ ଭୋଗ ସ୍ୱରୂପ ଦିଆଯାଏ। ପରେ ଅନ୍ୟ ସମସ୍ତେ ମିଶି କୋଠାର ଭୋଜି ଖାଇଥାନ୍ତି। ଏହି ମୂର୍ତ୍ତିକୁ ମାଙ୍କଡ୍ରୁ ବୋଲି କହିଥାନ୍ତି। ଏହି ମାଙ୍କଡ୍ରୁକୁ ସର୍ବପ୍ରଥମେ ଖାଇବାକୁ ଦେବା ଅର୍ଥ ଧାନ ଅମଳ ସମୟରେ ସେହି ମାଙ୍କଡ୍ରୁ ଧାନରୁ ଅଗାଡ଼ି ତୋଷୁ ବାହାର କରିବା ପାଇଁ ପବନ ଯୋଗାଇଥାଏ। ତେଣୁ ପବନ ପାରେଙ୍ଗାମାନଙ୍କ ଦ୍ୱାର ଚାଷ କରାଯାଇଥିବା ଶସ୍ୟରୁ ଅଗାଡ଼ି ବାହାର କରିବା ପାଇଁ ମୁଖ୍ୟ ଉପାଦେୟ ଉପାଦାନ ଅଟେ। ତେଣୁ ପବନ ଦେବତା (ମାଙ୍କଡ୍ରୁ)କୁ ପାରେଙ୍ଗାମାନେ ଧାନ କୋଠାର ଠାରେ ମୁଖ୍ୟ ଦେବତା ଭାବରେ ଭୋଗ ଲଗାଇଥାନ୍ତି।

କୋରାପୁଟ୍ ଜିଲ୍ଲାର ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ବାଡ଼େଲ ଗ୍ରାମ ପଞ୍ଚାୟତ ସାଧାରଣତଃ ଛୋଟ ବଡ଼ ପାହାଡ଼ରେ ହିଁ ପରିପୂର୍ଣ୍ଣ ଅଟେ। ଉକ୍ତ ଅଞ୍ଚଳ ପାରେଙ୍ଗା ଅଧ୍ୟୁଷିତ ଅଞ୍ଚଳ ଭାବରେ ସରକାରଙ୍କ ଦ୍ୱାରା ସ୍ୱୀକୃତ। ଏ ଅଞ୍ଚଳର ସବୁଠାରୁ ବଡ଼ ପର୍ବତ ହେଉଛି ଐତିହାସିକ କିମ୍ବଦନ୍ତୀପୂର୍ଣ୍ଣ ନାଗେଶ୍ୱର ମାଳି ପର୍ବତ। ଏହି ପର୍ବତ ପାଦଦେଶରେ କାଣ୍ଟି, ସମଳି, ଅତଣ୍ଡା, ଭଦ୍ରଗଡ଼, ଆରଙ୍ଗି, ତାଳଗୁଡ଼, ବାଲଡ଼ା, ତାଇଁନ୍ତର, ଖଡ଼ାପୁଟ ଆଦି ପାରେଙ୍ଗା ଗାଁ ଅବସ୍ଥିତ। ଏହି ପର୍ବତରୁ ଉକ୍ତ ଗାଁଗୁଡ଼ିକରେ ପାରେଙ୍ଗା ସଂପ୍ରଦାୟର ଲୋକେ ତାଙ୍କ ଜୀବନ ଜୀବିକା ପାଇଁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ବନ୍ୟଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି। ଏହି ପର୍ବତକୁ ଲାଗି କାଣ୍ଟି ଓ ସମଳି ଗାଁ ମଝିରେ ଏକ ଛୋଟ ପର୍ବତ ତାକୁ ଟ୍ୟଲା ଡଙ୍ଗର କହନ୍ତି। କାଣ୍ଟି ନିକଟବର୍ତ୍ତୀ କିତବା ଗ୍ରାମ ଓ ତାଇନ୍ତର ଗ୍ରାମ ମଝିରେ ଏକ ଛୋଟ ପାହଡ଼ ତାରନା ରହିଛି।

ବନ୍ଦଡ଼ଙ୍ଗର: ଏହି ନାଗେଶ୍ୱରୀ ମାଳୀ ପର୍ବତକୁ ୨ଟି ଯାକ ପାହାଡ଼ ପାର୍ଶ୍ୱରେ ଲାଗି ରହିଛି। ଏହି ଅଞ୍ଚଳରେ ଛୋଟ ବଡ଼ ପାହାଡ଼ଗୁଡ଼ିକର ନାଁ ହେଲା- ବାମନ ଡ଼ଙ୍ଗର, (ଡଙ୍ଗର ଅର୍ଥ ପାହାଡ଼) ଗଇଲ ଡ଼ଙ୍ଗର, ଜ୍ୟାକ୍‌ସେନ୍ ଡ଼ଙ୍ଗର ଏହି ଛୋଟ ପାହାଡ଼ ଗୁଡ଼ିକରେ ସରକାରଙ୍କ ତରଫରୁ କାଜୁ ବାଦାମ୍ ଚାଷ କରାଯାଉଛି। ଅନ୍ୟ ଏକ ପାରେଙ୍ଗା ଅଧ୍ୟୁଷିତ ଅଞ୍ଚଳର ବଡ଼ ପର୍ବତ ହେଉଛି ଲମତାପୁଟ୍ ବ୍ଲକ୍ ଅନ୍ତର୍ଗତ ପାଲାମ୍ ଡ଼ଙ୍ଗର। ଏହି ପାହାଡ଼ର ଚାରିପଟେ ସଗର, କଞ୍ଚଣା, ପାଲାମମାହାଡ଼ା ଆଦି ବଡ଼ ବଡ଼ ପାରେଙ୍ଗା ଗାଁ ଅବସ୍ଥିତ। ବିଶେଷ ଆନନ୍ଦର ବିଷୟ ଯେ, ନାଗେଶ୍ୱରୀ ପର୍ବତରେ ଏକ ବିରାଟ ଗୁମ୍ଫାରେ ଚୈତ୍ର ମାସରେ ଚଇତ ପରବ ସମୟରେ ଏକ ଯାତ୍ରା ଅନୁଷ୍ଠିତ ହୋଇଥାଏ। ବହୁ ଶ୍ରଦ୍ଧାଳୁ ଓ ଭକ୍ତ, ଯାତ୍ରା ତଥା ପର୍ବତର ଦୃଶ୍ୟ ଉପଭୋଗ କରିବା ପାଇଁ ଏହି ଦିନ ଏଠାକୁ ଆସନ୍ତି। ଗୁମ୍ଫା ମଧ୍ୟରେ ଏକ କାଳୀ ମୂର୍ତ୍ତି ପୂଜା ପାଆନ୍ତି। କିମ୍ବଦନ୍ତୀ ଅନୁଯାୟୀ, ସୃଷ୍ଟି ପ୍ରଳୟ ବେଳେ କାଳୀ ମନ୍ଦିର ଗୁମ୍ଫାର ଛାତ ଚିରି ବାହାରିଲେ ତେଣୁ ଗୁମ୍ଫାର ଉପର ଛାତ ଆଡ଼େ ମାଟି ଖୋଲି ହୋଇ କୂଅ ଭଳି ଉପରି ଭାଗରୁ ରାସ୍ତା ବା ଫାଟହୋଇଛି। କେଉଁ ଅନାଦି କାଳରୁ କାଳୀ ମାତା ସେଠାରେ ପୂଜା ପାଉଛନ୍ତି।

ପାହାଡ଼ର ଉପଯୋଗୀତା: ଉକ୍ତ ପାହଡ଼ ପର୍ବତରୁ ପାରେଙ୍ଗା ଦ୍ରବ୍ୟ ସଂଗ୍ରହ କରିଥାନ୍ତି । ପାହାଡ଼ ପର୍ବତରୁ ଜାଳେଣୀ କାଠ ଆସବାବପତ୍ର ଓ ଚାଷ ଉପକରଣ ପାଇଁ କାଠ ଓ ଚେରମୂଳି ଔଷଧ, କନ୍ଦମୂଳ, ଫଳ, ଆମ୍ବ, ଜାମୁକୋଳି, ପୋଡ଼ଇ, ଲାଖ (ଲାଖ୍) ଝୁଣା - ଧୂପନୀ ଓ ଶାଳ ପତ୍ର (ସରଗି) ଶିଆଳ ପତ୍ର (ଶିଆଡ଼ି) ଇତ୍ୟାଦି ଖଲି ବା ଦନା ପ୍ରସ୍ତୁତି ପାଇଁ ସଂଗ୍ରହ କରିଥାନ୍ତି। ଏହା ସହିତ ଶାଗ ପତ୍ର ଯଥା - କଇଲାରି ପତ୍ର, କକଡ଼ି ଶାଗ, ମୁଞ୍ଜୁର ଗୋଡ଼ି ଶାଗ, କିରଚିଡ଼ାଲ୍ ଇତ୍ୟାଦି କଅଁଳିଆ ପତ୍ର କରଡ଼ି, (କଅଁଳିଆ ବାଉଁଶ ଗଜା) ବିଭିନ୍ନ ଛତୁ ଯଥା - ଶରଗି ଛାତି, ଶରଗିବଡ଼ା, ମାନୟ ଛାତି, ବାଉଁଶ ଛାତି ଇତ୍ୟାଦି ସଂଗ୍ରହ କରି ନିଜ

ଜୁଟୁମ୍ବ ପାଇଁ ବା ଅର୍ଥ ଉପାର୍ଜନ ସକାଶେ ବିକିବା ପାଇଁ ସେମାନେ ହାଟକୁ ନେଇଥାନ୍ତି। କେତେକ ଗରିବ ଶ୍ରେଣୀର ପାରେଙ୍ଗା ଲୋକ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରି ଆଜି ପର୍ଯ୍ୟନ୍ତ ସେମାନଙ୍କ ଜୀବିକା ନିର୍ବାହ କରନ୍ତି। ପାରେଙ୍ଗାମାନେ ଜଙ୍ଗଲରେ ମିଳୁଥିବା କନ୍ଦମୂଳ ବିଶେଷ ପୀଟକନ୍ଦାକୁ ବହୁ ପରିଶ୍ରମରେ ମାଟି ତଳୁ ଖୋଳିଆଣି ତାକୁ ଅର୍ଥ ଉପାର୍ଜନ ପାଇଁ ହାଟରେ ବିକିଥାନ୍ତି। ଏହା ମୁଖ୍ୟତଃ ପୌଷ ଓ ବୈଶାଖ ଏହି ଦୁଇ ମାସରେ ବହୁଳ ଭାବରେ ଦେଖାଯାଏ। ସେହିପରି ସେମାନେ ଜଙ୍ଗଲରୁ ମିଳୁଥିବା କଇଲାରୀ ଶାଗ, କକଡ଼ୀ ଶାଗ, କରଡ଼ି ଶାଗ ଓ ବିଭିନ୍ନ ଛତୁ ସଂଗ୍ରହ କରି ହାଟରେ ବିକିଥାନ୍ତି। ଲଙ୍ଗଳ ଓ କୁଆଳି ତିଆରି ପାଇଁ କାଠ ଆଦି ଅର୍ଥ ଉପାର୍ଜନ ଦୃଷ୍ଟିରୁ ଜଙ୍ଗଲରୁ ଆଣି ବିକିଥାନ୍ତି। ଶିଆଳୀ ପତ୍ର ପାରେଙ୍ଗାମାନଙ୍କ ଅର୍ଥନୈତିକ, ସାମାଜିକ, ଧାର୍ମିକ କାର୍ଯ୍ୟକଳାପର ମୁଖ୍ୟ ଉପାଦନ। କାରଣ ପାରେଙ୍ଗାମାନେ ଶିଆଳୀ ପତ୍ରରେ ତିଆରି ଦନା, ଖଲି ଇତ୍ୟାଦି ଅର୍ଥ ଉପାର୍ଜନ ପାଇଁ ମୁଖ୍ୟତଃ ବିକ୍ରୟ କରନ୍ତି। ଏବେ ସୁଦ୍ଧା କାଣ୍ଡି ନିକଟବର୍ତ୍ତୀ ଶିମଳି ଗ୍ରାମର ପାରେଙ୍ଗା ଲୋକମାନେ ହାଟରେ ଶିଆଡ଼ି ପତର ଓ ଦନା ବିକ୍ରି କରି ଚଳନ୍ତି। ଦ୍ୱିତୀୟତଃ ପାରେଙ୍ଗାମାନେ ଭୋଜିଭାତ, ବନ୍ଧୁବାନ୍ଧବ ଦଳଗତ କାର୍ଯ୍ୟକ୍ରମରେ ଶିଆଳୀ ପତ୍ରର ଦନାରେ ଖାଦ୍ୟ ଖାଇଥାନ୍ତି। କୌଣସି ଭୋଜି ଓ ପର୍ବପର୍ବାଣି ହେଲେ ପାରେଙ୍ଗାମାନେ ଶିଆଳୀ ପତ୍ରର ଦନାରେ ନିଜର ସଂପର୍କୀୟ ବନ୍ଧୁବାନ୍ଧବଙ୍କୁ ଭାତ ଆଦି ପଠାନ୍ତି ବା କୁଣିଆ ଗଲାବେଳେ ଧରିଯାଆନ୍ତି। ଏହା ବ୍ୟତୀତ ପାରେଙ୍ଗା ମାନେ ମୁଖ୍ୟତଃ ପୋଡୁ ଚାଷ ଉପରେ ନିର୍ଭର କରିଥାନ୍ତି। ପାରେଙ୍ଗାମାନେ ପାହାଡ଼ରୁ ଗଛ ବୁଦା ସବୁ କାଟି ଦେଇ ତାକୁ ସେଇଠି ପୋଡ଼ି ଦେଇ ବିଭିନ୍ନ ଚାଷ ଯଥା; ଧାନବାଟା, ମାଣ୍ଡିଆ, ହରଡ଼, ସୁଆଁ, ଅଳସୀ ଚାଷ କରିଥାନ୍ତି। ଶିମଳୀ ଗାଁରେ ବୋଦେଇ ପୋଡୁଚାଷ ପାରେଙ୍ଗା ମାନଙ୍କର ଗୋଟିଏ ମୁଖ୍ୟ ଅର୍ଥକାରୀ ଚାଷ। ସେହିପରି ପାହାଡ଼ ଉପରେ ଗଡ଼ାଣିଆ ଜମିରେ ପଥର ହୁଡ଼ା କରି ଥାକ ଥାକ କରି ଚାଷ କରିଥାନ୍ତି। ଏହା ଦ୍ୱାରା ମାଟି ସହ ଫସଲ ଧୋଇଯାଏ ନାହିଁ। ଶେଷରେ ଏତିକି କୁହାଯାଇପାରେ ଯେ, ପାରେଙ୍ଗା ସଂସ୍କୃତି ସହିତ ଜଙ୍ଗଲ, ପର୍ବତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇଥିଲେ ମଧ୍ୟ କେତେକ ସ୍ଥଳରେ ସରକାରଙ୍କ ନୀତିନିୟମ ତାଙ୍କ ଜୀବନ ଜୀବିକା ଉପରେ ଚାପ ପକାଇଥାଏ।

**ଗମନାଗମନ :** ପାରେଙ୍ଗାମାନଙ୍କ ଜୀବନ ଜୀବିକା ପାଇଁ ଯେପରି କି ଗମନାଗମନ, ହାଟବଜାର, ଚାଷବାସ କରିବାକୁ ଯିବା ପାଇଁ, ଜଙ୍ଗଲକୁ ଯିବା ପାଇଁ, ମଶାଣିକୁ ଯିବା ପାଇଁ, ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବା ପାଇଁ ଗ୍ରାମର ମୁଖ୍ୟ ରାସ୍ତାକୁ ବାହାରିବା ପାଇଁ ବିଭିନ୍ନ ରାସ୍ତା ଦେଖିବାକୁ ମିଳେ। ଯୋଗାଯୋଗ ଓ ଗମନାଗମନ ପାଇଁ ରାସ୍ତା ପାରେଙ୍ଗାମାନଙ୍କର ଏକ ମୁଖ୍ୟ ମାଧ୍ୟମ କହିଲେ ଚଳେ। ଗାଁରୁ ବାହାରି ମୁଖ୍ୟ ରାସ୍ତାକୁ ଯିବା ପାଇଁ କେତେକ ପାରେଙ୍ଗା ଗାଁରେ ବ୍ଲକ୍‌ସଂଯୁକ୍ତ ରାସ୍ତା ମାଟିରେ ତିଆରି ହୋଇଛି।

ଅଧିକାଂଶ ପାରେଙ୍ଗା ଗାଁ, ବ୍ଲକ୍ ସଂଯୁକ୍ତ ରାସ୍ତାଠାରୁ ପାହାଡ଼ ପର୍ବତ ଘେରରେ ଥିବାରୁ ଏ ପର୍ଯ୍ୟନ୍ତ ସଂଯୁକ୍ତ ହୋଇପାରିନାହିଁ। ଏହି ରାସ୍ତା ଦେଇ ପାରେଙ୍ଗାମାନେ ଗାଁରୁ ବାହାରି ହାଟ ବଜାର, କୁଣିଆ ଘର(ଗତିଆ) ବ୍ଲକ୍ ସଦରମହକୁମାକୁ ସାଇକେଲରେ ବା କମାଣ୍ଡର ଜିପ୍‌ରେ ଯାଇଥାନ୍ତି। କେତେକ ପାରେଙ୍ଗା ଗାଁରୁ ପାଦଚଲା ରାସ୍ତାରୁ ବାହାରି ମୁଖ୍ୟ ରାସ୍ତାକୁ ଯାଇ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ଯାଇଥାନ୍ତି। ଗାଁରୁ ବାହାରି ବିଭିନ୍ନ ସ୍ଥାନକୁ ପାରେଙ୍ଗାମାନେ ଯାଉଥିବା ରାସ୍ତା ଯଥା:- ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଜଙ୍ଗଲକୁ, ମଶାଣିକୁ ଓ ଧାନ କୋଠାରକୁ ଯିବା ପାଇଁ ପ୍ରାୟ ଏକାପ୍ରକାର ରାସ୍ତା ଦେଖାଯାଏ। ସେଗୁଡ଼ିକ ଉପରେ ବାରମ୍ବାର ଯାତାୟତ କରିବା ଦ୍ୱାରା ମଝିରୁ ଘାସ ଦାଝି ହୋଇ ମରିଯାଇଥାଏ। ଗୋରୁ ବଡ଼ସ୍ ରାସ୍ତା ଅଳ୍ପ ଓସାରିଆ ଥାଏ। କେତେକ ରାସ୍ତା ଯେପରିକି - ଶସ୍ୟ କ୍ଷେତ୍ରକୁ ଯିବା ପାଇଁ ଡ଼ାସ୍ୟ ଅମଳ ସମୟରେ ଜଙ୍ଗଲରୁ କାଠପତ୍ର  ବିଭିନ୍ନ କାର୍ଯ୍ୟରେ ଲଗାଇବା ପାଇଁ ଯଥା – ଘର ଚାରିପଟେ ପାଚେରୀ (ପାସରୀ) ଶସ୍ୟ କ୍ଷେତ୍ରର ଚାରିପଟେ ପଥରର ପାଚେରୀ କରିବା ପାଇଁ ପଥର ଆଣିବାକୁ ଯିବା ପାଇଁ କେତେକ ରାସ୍ତା ସାମୟିକ ଭାବରେ ହୋଇଥାଏ ଓ କେତେକ ପୂର୍ବରୁ ପୁରୁଣା ରାସ୍ତାରେ ଯାତାୟତ ଓ ଗମନାଗମନ କାର୍ଯ୍ୟ ହୋଇଥାଏ। ସାଧାରଣତଃ ଗାଁ ପାଖ ଗାଈଗୋରୁ, ଲୋକ ଓ ଅନ୍ୟ ଗୃହପାଳିତ ପଶୁ ଯିବାଆସିବା ରାସ୍ତା ବର୍ଷାରେ ଧୋଇ ଖାଲୁଆ ହୋଇଯାଇଥାଏ। ରାସ୍ତା ସବୁବେଳେ କାଦୁଅ ହେଉଥିଲେ ପାରେଙ୍ଗା ଗାଁର ମୁଖିଆମାନଙ୍କ ପରାମର୍ଶରେ ପାରେଙ୍ଗାମାନେ ଗୃହପାଳିତ ପଶୁପକ୍ଷୀ ତଥା ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ, ସାମୟିକ ଭାବରେ ଏକତ୍ର ହୋଇ, ଉକ୍ତ ଅସମତଳ ଖାଲୁଆ ଓ କାଦୁଆ ରାସ୍ତାକୁ ଗୋଡ଼ି ଓ ପଥର ବୋହି ଆଣି ପକାଇ ସାଧାରଣ ଅବସ୍ଥାକୁ ଆଣିଥାନ୍ତି। ଏହି ସାମୂହିକ କାର୍ଯ୍ୟ ଏବେ ସୁଦ୍ଧା କେତେକ ପାରେଙ୍ଗା ଗ୍ରାମ ଯଥା; କାଣ୍ଡି, ହଞ୍ଜର ଓ ଭଜା ଇତ୍ୟାଦିରେ ଦେଖାଯାଏ। ଏହାଛଡ଼ା ଜଙ୍ଗଲକୁ କାଠପତ୍ର ଓ ଗୋରୁଗାଈ ଚରାଇବାକୁ ନେବାକୁ ବ୍ୟବହୃତ ହେଉଥିବା ରାସ୍ତା ବେଳେ ବେଳେ ଗ୍ରାମର କେତେକ ବ୍ୟକ୍ତି ରାସ୍ତାର ଦୁଇପାର୍ଶ୍ୱରେ କଣ୍ଟାବୁଦା ଓ ଗାଗଡ଼ା କଟୁରୀରେ ସଫା କରି ରାସ୍ତା ଉପରୁ ପଥର ଟେକା ଇତ୍ୟାଦି ବାହାର କରି ରାସ୍ତା ପରିଷ୍କାର କରିଥାନ୍ତି। ଅନ୍ୟଥା ଅଲଗା ପାଦଚଲା ରାସ୍ତା ସବୁ ସମୟରେ ଯାତାୟତ କରୁଥିବାରୁ ରାସ୍ତାର ଓସାର ପ୍ରାୟ ଏକଫୁଟରୁ ଦୁଇ ଫୁଟ୍ ମଧ୍ୟରେ ଘାସ ପାଦ ସ୍ପର୍ଶରେ ଦାଝି ହୋଇ ପରିଷ୍କାର ଥାଏ। ଏହି ରାସ୍ତାଗୁଡ଼ିକର ଯାତାୟତର ଆବଶ୍ୟକତା ବହୁ ଆଗରୁ ରହିଆସିଛି ଏବଂ ଏଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ କୌଣସି ନିର୍ଦ୍ଦିଷ୍ଟ ନିତିନିୟମ ନାହିଁ। ଏହି ରାସ୍ତା ଏତେ ଛୋଟ ଯେ, ବିଶେଷ ରକ୍ଷଣାବେକ୍ଷଣ ଆବଶ୍ୟକ ବି ପଡ଼େ ନାହିଁ। ଦରକାର ବେଳେ କୌଣସି ବଡ଼ ନାଳ ଉପରେ କାଠ ଗଣ୍ଡି ପକାଇ ପୋଲ ପରି କରିଥାନ୍ତି ବା

ଚେପ୍‌ଟା ପଥର ପକାଇ ତା ଉପର ଦେଇ ଦେଇ ଚାଲିଥାନ୍ତି, ଆଉ କେତେକ ନାଳରେ ପଥର ଓ ମାଟି ପକାଇ ରାସ୍ତାର ସମାନ ଉଚ୍ଚତାକୁ ଆଣି ଯାତାୟତ କରିଥାନ୍ତି ।

ପାରେଙ୍ଗା ପରିବେଷ୍ଟିତ ପରିବେଶ ଋତୁ ଅନୁସାରେ ବିଭିନ୍ନ ଶୋଭନୀୟ ଦୃଶ୍ୟ ଆକର୍ଷଣୀୟ ହୁଏ । ଋତୁରାଜ ବସନ୍ତର ଆଗମନରେ କୋରାପୁଟ ଜିଲ୍ଲାର ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଡାଇଁନ୍ତର, କାଣ୍ଡି, ହାଣ୍ଡିପୁଟ, ଭେଜା ଓ ହଂଜର ଇତ୍ୟାଦି ପାରେଙ୍ଗା ଗ୍ରାମ ଓ ଲମତାପୁଟ ବ୍ଲକ୍‌ର ପାଲାମ୍ ବାଙ୍ଗୁରପଡ଼ା ଏନୁଙ୍ଗ ଇତ୍ୟାଦି ପାହାଡ଼ ତଳିଆ ପାରେଙ୍ଗା ବସତିଗୁଡ଼ିକ ଅତୀବ ମନୋରମ, ସବୁଜ ପରିବେଶରେ ଶୋଭାପାଏ । ଏହି ଋତୁରେ ଉକ୍ତ ପାରେଙ୍ଗା ଗ୍ରାମଗୁଡ଼ିକରେ ବିଭିନ୍ନ ଫୁଲର ବାସନାରେ ପରିବେଶ ଉଛୁଳି ଉଠେ । କାଣ୍ଡି ହାଣ୍ଡିପୁଟ ଡାଇଁନ୍ତର ଆଦି ଅଞ୍ଚଳରେ ଏହି ବସନ୍ତ ଋତୁରେ ଆମ୍ବ ବଉଳ, କାଜୁବାଦାମର ଫୁଲ, ଚମ୍ପାଫୁଲ, ବଣୁଆ ମଲ୍ଲୀ ଫୁଲ ଇତ୍ୟାଦିର ସୁଗନ୍ଧ ଓ ବୃକ୍ଷଲତା ଗୁଡ଼ିକର କଅଁଳିଆ ପତ୍ର ଧରାପୃଷ୍ଠକୁ ସୁଶୋଭିତ କରିବା ସହ ସୁଗନ୍ଧମୟ କରିଥାଏ । ବସନ୍ତ ଋତୁରେ ଶେଷ ଭାଗରେ ବାଲଡ଼ା ନିକଟବର୍ତ୍ତୀ ନାଗେଶ୍ୱରୀ ମାଳୀ ପର୍ବତର ଏକ ଗୁମ୍ଫାରେ ଗ୍ରାମଦେବୀ କାଳୀଙ୍କର ଏକ ବିରାଟ ମେଳା ହୁଏ । ପାରେଙ୍ଗା ତଥା ଅନ୍ୟ ଗୋଷ୍ଠୀର ଲୋକମାନେ ମିଶି ଚଇତ ପରବ ବା କୋରାପୁଟ ଆଦିବାସୀମାନଙ୍କ ବଡ଼ ପର୍ବ ପାଳନ କରନ୍ତି । ବହୁଯାତ୍ରୀ ମେଳା ତଥା ନାଗେଶ୍ୱରୀ ମାଳୀ ପର୍ବତର ପ୍ରାକୃତିକ ଦୃଶ୍ୟ ଉପଭୋଗ କରିବା ପାଇଁ ଆସନ୍ତି । ବସନ୍ତ ଋତୁ ହୋଇଥିବାରୁ ଜଂଗଲର ବିଭିନ୍ନ ବୃକ୍ଷଲତାଗୁଡ଼ିକ ପତ୍ରଝଡ଼ା ଦେଇ ନୂଆ କଅଁଳିଆ ପତ୍ର ଓ ଫୁଲରେ ପରିପୂର୍ଣ୍ଣ ହୋଇଥାଏ ଏହି ପାହାଡ଼ଟି ସ୍ଥାନେ ସ୍ଥାନେ ହଠାତ୍ କାନ୍ଥ ଭଳି ଠୀଖ ହୋଇ ରହିଛି, ଯାହା ପାହାଡ଼ ଉପରୁ  ତଳକୁ ଦେଖିଲେ କୂଅ ଭିତରକୁ ଦେଖିଲା ଭଳି ଜଣାପଡ଼େ । ଉପରି ଭାଗରୁ ପାହାଡ଼ର ତଳ ସବୁଜିମା ଦୃଶ୍ୟ ତଥା ପାହାଡ଼ତଳ ପାରେଙ୍ଗା ଗାଁଗୁଡ଼ିକ ସୁନ୍ଦର ଦୃଶ୍ୟମାନ ହୋଇଥାଏ । ଏହି ପାହାଡ଼ର ଚାରିପାଖ ଗାଁଗୁଡ଼ିକର ଚାଷ ଜମିଗୁଡ଼ିକ ବସନ୍ତ ଋତୁ ବେଳକୁ ପ୍ରାୟ ଶସ୍ୟ ଅମଳ ସରିଯାଇଥାଏ । ଏହି ଋତୁରେ ଚଇତି ପରବ ପଡୁଥିବାରୁ ପାରେଙ୍ଗାମାନେ ଘର ଆଗରେ, ଲଙ୍ଗଳରେ ଓ ହାତ ହତିଆରରେ ଆମ୍ବପତ୍ରର ତୋରଣ ବାନ୍ଧନ୍ତି ଓ ପରବ ପାଳନ କରନ୍ତି । ଗାଁ ଦାଣ୍ଡ ବା ସଦର ବିଭିନ୍ନ ଫୁଲ ଓ ଆମ୍ବପତ୍ରର ତୋରଣରେ ଶୋଭା ପାଉଥାଏ । ଲୋକେ ମହାଆଡ଼ମ୍ବରରେ ଚଇତ ପରବ ପାଳନ କରି ଗୀତନୃତ୍ୟରେ ମସଗୁଲ ହୋଇଥାନ୍ତି । ଏହା ବ୍ୟତୀତ ପାରେଙ୍ଗାମାନେ ବିଭିନ୍ନ ପୂଜାପାଠ କରିବା ବେଳେ ଶିଆଳି ପତ୍ରର ଠୋଲା (ଚକ୍‌ନି, ଶିପ୍‌ଲି) ତିଆରି କରି ସେଥିରେ ଫୁଲ, ଗୁଡ଼, ଚନ୍ଦନ ଆଉ ପାଣି ଆଦି ଭର୍ତ୍ତି କରି ପୂଜା କରିବା ସ୍ଥାନରେ ଥୋଇଥାନ୍ତି ।  ଏହା ସଂଗେ ସଂଗେ ନିଜ କୁଟୁମ୍ବର ପିତୃପୁରୁଷଙ୍କୁ ପର୍ବପର୍ବାଣି, ପୂଜା ବିଧି ଓ ଶ୍ରାଦ୍ଧ କ୍ରିୟା ବେଳେ ଶିଆଳି ପତର ଶିପଲିରେ ମଦ, ପେଣ୍ଡମ୍ (ହାଣ୍ଡିଆ ସଲପ ଇତ୍ୟାଦି ନେଇ ରାସ୍ତାରେ ଓ ମଶାଣୀରେ

ଓ ଘର ଭିତରେ ଘର ଆଗରେ, ଗୁହାଳରେ ଛାଡ଼ି ଆସନ୍ତି। ଏହାକୁ ଡୁମା ଡାୟନି ଘରର ମାତାପିତାକୁ ଅର୍ପଣ ଅର୍ଥାତ ଘରର ପୂର୍ବପୁରୁଷ ଓ ଇଷ୍ଟଦେବତାମାନଙ୍କୁ ଅର୍ପଣ କରିବା ଭାବରେ ଧରି ନିଅନ୍ତି। ଏହିପରି ପାରେଙ୍ଗାମାନେ ନିଜର ଜୀବନ ଜୀବିକା ପାଇଁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପାହାଡ଼ ପର୍ବତ ଉପରେ ନିର୍ଭର କରିଥାନ୍ତି। ପାହାଡ଼ ପର୍ବତରୁ ଶ୍ରାଦ୍ଧକ୍ରିୟା (ବୁଡ଼) ଏକୋଇଶିଆ (ହାଣ୍ଡିଧାରାନି) ଇତ୍ୟାଦି କାର୍ଯ୍ୟକ୍ରମ ବେଳେ ଜଂଗଲରୁ ବିଭିନ୍ନ ଚେରିମୂଳି ଔଷଧ (ଓସ) ପୂଜାବିଧି ସାମଗ୍ରୀ ଯଥା- ମାରଦା କାନ୍ଦା, ଜାତରେଙ୍ଗ, କେରେଙ୍ଗ ଡ଼ୋରି, ପାତାଲ ଗାର୍ତ୍ତୁ ବାଘନଖି କାନ୍ଦା, ମୁତରିମାଲ ଇତ୍ୟାଦି ସହିତ ବିଭିନ୍ନ ଫୁଲ ଓ ବିଭିନ୍ନ ଫଳ ଯଥା - ହରିଡ଼ା(ହରିଡ଼ା), ବାହାଡ଼ (ବିଲା), ଡିମିରି (ରାଜଡୁମରି), ପିଜୁଳି (ଜାମ), କଣ୍ଟାଫଳ (କଟୁଆପଲ) ଇତ୍ୟାଦି ଜଂଗଲରୁ ସଂଗ୍ରହ କରିଥାନ୍ତି। ସେହିପରି ବିବାହ, ଶ୍ରାଦ୍ଧକ୍ରିୟା ବେଳେ ଔଷଧପତ୍ର ଓ ପୂଜା ସାମଗ୍ରୀ ସହିତ କାଠପତ୍ର ଆଦି ପାଇଁ ପାରେଙ୍ଗାମାନେ ପାହାଡ଼ ପର୍ବତ ଉପରେ ନିର୍ଭର କରିଥାନ୍ତି। ତେଣୁ ସ୍ଥୁଳତଃ କହିବାକୁ ଗଲେ ଜୀବନ ଆରମ୍ଭରୁ ମୃତ୍ୟୁ ଓ ଶ୍ରାଦ୍ଧ କ୍ରିୟା ପର୍ଯ୍ୟନ୍ତ ପାରେଙ୍ଗାମାନେ ବିଭିନ୍ନ ଜଂଗଲ ଜାତ ଦ୍ରବ୍ୟ ପାଇଁ ମୁଖ୍ୟତଃ ଜଂଗଲ ଉପରେ ନିର୍ଭର କରନ୍ତି। ଏହା ସହିତ ଚଇତ ପରବ ସମୟରେ ଶିକାର ପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଜଂଗଲରେ ବିଭିନ୍ନ ଜୀବଜନ୍ତୁ ଯଥା - କୁଟରା (କଟରା), ସମ୍ବର (ସମ୍ବର), ମୟୂର (ମଞ୍ଜୁର), ଠେକୁଆ (ଭାନ୍), ଝିଙ୍କ ଇତ୍ୟାଦି ଶିକାର କରିଥାନ୍ତି। ଚଇତି ପରବ ସାରିବା ପରେ ବୈଶାଖ ମାସରୁ ଚାଷ ଆରମ୍ଭ ପାଇଁ ପୂର୍ବ ପ୍ରସ୍ତୁତି ଚାଲିଥାଏ। ଏହି ସମୟରେ ପାହାଡ଼, ପର୍ବତ, ବୃକ୍ଷଲତାଗୁଡ଼ିକରେ ପତ୍ର କଅଁଳି ସବୁଜ ଦିଶେ। ବର୍ଷା ସମୟରେ ସବୁଜ ରଂଗରେ ଧରାପୃଷ୍ଠ ଆଚ୍ଛାଦିତ ହୋଇଥାଏ। ପାରେଙ୍ଗା ଲୋକେ ନିଜ ନିଜ ଶସ୍ୟ କ୍ଷେତ୍ରରେ ଘାସ ବାଛିବା ଓ ଧାନତଳି ଲଗାଇବା କାମ ଗୀତର ଲହର ସହ ସଂପାଦନ କରିଥାନ୍ତି।

ବର୍ଷାଦିନ ଶେଷ ଆଡ଼କୁ, ଅକ୍ଟୋବର ମାସ ଶେଷରୁ ନଭେମ୍ବର(ଦିଆଲି) ମାସଠାରୁ ଫେବୃୟାରୀ(ମାଘ ମାସ) ପର୍ଯ୍ୟନ୍ତ ସମୟକୁ ଶୀତଦିନ ଭାବରେ ହିସାବକୁ ନେଇଥାନ୍ତି। ଏହି ଶୀତ ଦିନ ସମୟରେ ପାରେଙ୍ଗା ବସତି ଅଞ୍ଚଳରେ ଶସ୍ୟକ୍ଷେତ୍ର ଗୁଡ଼ିକ ପ୍ରାୟ ହଳଦିଆ ବର୍ଣ୍ଣ ଧାରଣ କରିଥାଏ, କାରଣ ଶସ୍ୟ ସମୂହ ଯଥା - ଧାନ, ମାଣ୍ଡିଆ, ସୁଆଁ ପାଚିଯାଇଥାଏ। ଏହି ଶୀତ ସମୟ ଅର୍ଥାତ୍ ଅକ୍ଟୋବର ମାସ ଶେଷ ଓ ନଭେମ୍ବର ମାସ ବେଳକୁ ପାହାଡ଼ିଆ ପୋଡୁଚାଷ ଜମି, ଡଙ୍ଗର ଜମି ବା ପଦା ଜମି ଗୁଡ଼ିକରେ ଅଳସି ଫୁଲ ଫୁଟି ଅତି ସୁନ୍ଦର ପାଟଶାଢ଼ୀରେ ଧରଣୀ ରାଣୀକୁ ଆଚ୍ଛାଦିତ କରିଥାଏ। ନଭେମ୍ବର ଶେଷଭାଗ ଓ ଡିସେମ୍ବର ମାସ ବେଳକୁ ପାରେଙ୍ଗାମାନଙ୍କ ଶସ୍ୟ ଅମଳ ସମୟ। ପ୍ରତ୍ୟେକ ପାରେଙ୍ଗା ପରିବାର ଶସ୍ୟ ଅମଳରେ ଲାଗିପଡ଼ିଥାନ୍ତି। ଏହି ସମୟରେ ଦୃଶ୍ୟ ଅତି ଆନନ୍ଦଦାୟକ ଅଟେ, କାରଣ ପରିବାରର ଯେତିକି ସଦସ୍ୟ ସମସ୍ତେ ଧାଡ଼ି ହୋଇ ଫସଲ କାଟୁଥାନ୍ତି, ସେହିପରି ପାଖ

କ୍ଷେତ୍ରରେ ସେଇ ପ୍ରକାର ଧାଡ଼ି ଦେଖାଯାଏ। ଏହିପରି ପାଖାପାଖି କାମରେ ଲାଗିଥିବା ସମସ୍ତଙ୍କୁ ମିଶାଇ ଦେଲେ ଗୋଷ୍ଠୀଗତ ବା ଦଳଗତ କାର୍ଯ୍ୟର ସୂଚନା ମିଳିଥାଏ। ଏହି ସମୟରେ ଶୀତରୁ ରକ୍ଷା ପାଇବା ପାଇଁ ସଂଧ୍ୟା ସମୟରେ ପ୍ରତ୍ୟେକ ପାରେଙ୍ଗା ଲୋକଙ୍କ ଘର ଆଗରେ ଶସ୍ୟ ଅଗାଡ଼ି, କୁଣ୍ଡା ଇତ୍ୟାଦି ଜଳାଇ ନିଆଁ ପୋଉଁ ଥିବାରୁ ଓ ଘରେ ରୋଷେଇରୁ ନିର୍ଗତ ଧୂଆଁ ସମୂହ ମିଶି ଧୂଆଁଳିଆ ବାଦଲ ପରି ଦେଖାଯାଏ। ପାରେଙ୍ଗା ବସତି ଅଞ୍ଚଳ ଗୁଡ଼ିକରେ ଶୀତ ଦିନ ସକାଳେ ଘନ କୁହୁଡ଼ି ଦେଖାଯାଏ।

**ପୋଡୁଚାଷ କ୍ଷେତ୍ର :** କେତେକ ଲୋକ ପୋଡୁ ଚାଷ ଉପରେ ନିର୍ଭର କରନ୍ତି। ପାହାଡ଼ରୁ ଗଛଲତା, ବୁଦା କାଟି ସେଗୁଡ଼ିକ ସେହି ସ୍ଥାନରେ ପୋଡ଼ି ଦେଇ ଚାଷ କରିଥାନ୍ତି। ଏହା ପାହାଡ଼ିଆ ଜାଗାରେ ବା ଗଡ଼ାଣିଆ ପାଣିର ସୁବିଧା ନ ଥିବା ଜାଗା ବା ଜମି ହୋଇଥିବାରୁ ବର୍ଷକୁ ବର୍ଷାଦିନିଆ ଫସଲ ଥରେ ମାତ୍ର ହୋଇଥାଏ। ସେଥିରେ ସେମାନେ ଆସି, ମାଣ୍ଡିଆ, ସୁଆଁ ହରଡ଼ ଡଙ୍ଗର ଧାନ ଇତ୍ୟାଦି ଚାଷ କରିଥାନ୍ତି। ବର୍ଷକୁ ବର୍ଷ ଏକାପ୍ରକାର ଫସଲ ନ କରି ଅଦଳବଦଳ ଭାବରେ ଚାଷ କରିଥାନ୍ତି, କାରଣ ତଦ୍ୱାରା ଅମଳ କମିଯାଏ। ବର୍ତ୍ତମାନ ସ୍ଥାନ ଅଭାବରୁ ତଥା ପରିବେଶ ସଂରକ୍ଷଣ ନୀତି ଅନୁଯାୟୀ ପୋଡୁଚାଷ ସୀମିତ ରଖୁଛନ୍ତି ଓ ପୂର୍ବରୁ ପୋଡୁଚାଷ କରୁଥିବା କ୍ଷେତ୍ରର ଫସଲ ବର୍ଷକୁ ବର୍ଷ ଅଦଳ ବଦଳ କରି ଚାଷ କରୁଛନ୍ତି।

**ପାରମ୍ପରିକ ପରିବେଶ ସଂରକ୍ଷଣ :**

କେତେକ ପାରେଙ୍ଗା ବସତି ଅଞ୍ଚଳରେ ଗ୍ରାମର ଏକ ବୈଠକ ମାଧ୍ୟମରେ ଜଣକୁ ବା କେତେଗୁଡ଼ିଏ ବ୍ୟକ୍ତିଙ୍କୁ ଜଂଗଲ ନିୟନ୍ତ୍ରଣ କରିବା ଓ ଜଂଗଲକୁ ଜଗିବା କାମ ପାଇଁ ମନୋନୀତ କରି ଦାୟିତ୍ୱ ଦେଇଥାନ୍ତି। ସେମାନଙ୍କୁ ଗାରଡ଼୍ (ଜଗୁଆଳୀ) କୁହାଯାଏ। ଚାନ୍ଦା ଆକାରରେ ସେମାନଙ୍କୁ ଉକ୍ତ ଡଙ୍ଗର ଗାରାଡ଼ ବା ଜଗୁଆଳୀକୁ ଧାନ, ମାଣ୍ଡିଆ ବା ପଇସା ଦେଇଥାନ୍ତି, ଯାହା କେତେକ ଅଞ୍ଚଳରେ ଗ୍ରାମ କମିଟି ଦ୍ୱାରା ନିୟନ୍ତ୍ରଣ କରାଯାଇଥାଏ। ଗ୍ରାମ କମିଟିର ନିୟମ ଉଲଘଂନ କଲେ କମିଟିର ସୁପାରିଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ବା ଦୋଷୀକୁ ଜୋରିମାନା ଆଦି ଅର୍ଥ ଦଣ୍ଡ ପ୍ରଦାନ କରାଯାଏ। ବର୍ତ୍ତମାନ ପାରେଙ୍ଗା ବସତି ଅଞ୍ଚଳ ଗୁଡ଼ିକରେ ଗ୍ରାମ କମିଟି, ଯୁବକ ସଂଘ ଇତ୍ୟାଦି ଦ୍ୱାରା ପୁରୁଣା ଜଂଗଲର ସୁରକ୍ଷା ତଥା ନୂତନ ଜଂଗଲର ସୃଷ୍ଟି ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯଥା - ଜାଗୃତି, ପ୍ରଗତି, ରାସ, ସ୍ରେଡ୍ ଓ ଅନ୍ୟାନ୍ୟ ଅନୁଷ୍ଠାନ ତଥା ସରକାରୀ ବନ ବିଭାଗୀୟ କର୍ମଚାରୀଙ୍କ ସହାୟତାରେ ଜଂଗଲ ଓ ପରିବେଶ ସୁରକ୍ଷା ଅଭିଯାନ କାର୍ଯ୍ୟକାରୀ ହେଉଅଛି।

**ପୀଠସ୍ଥଳ / ଦର୍ଶନୀୟ ସ୍ଥାନ :**

କୋରାପୁଟ ଜିଲ୍ଲାର ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ପାରେଙ୍ଗା ବସତି ଅଞ୍ଚଳରେ ଅନେକ ଦର୍ଶନୀୟ ସ୍ଥାନ ଦେଖିବାକୁ ମିଳେ। ଅଧିକାନ୍ତୁ ବ୍ଲକ୍‌ର ସଦର ମହକୁମା ନନ୍ଦପୁର ଏକ

ଐତିହାସିକ କିମ୍ବଦନ୍ତୀ ପୂର୍ଣ୍ଣ ଛୋଟ ସହର ଓ ଦର୍ଶନୀୟ ତୀର୍ଥସ୍ଥଳ। ଏହି ସହରରେ ପୂର୍ବକାଳରେ ରାଜୁତି କରୁଥିବା ନନ୍ଦ ବଂଶ ରାଜାଙ୍କ ସଂକେତସ୍ୱରୂପ ଏହି ସହରର ନାମ ହୋଇଛି ନନ୍ଦପୁର ଓ ଏଠାରେ ଅବସ୍ଥିତ ଐତିହାସିକ ବତିଶି ସିଂହାସନ। ନନ୍ଦପୁର ଗୋଟିଏ ଛୋଟ ସହର ହେଲେ ମଧ୍ୟ ସେଇ ଛୋଟ ସହରଟି ଏକ ମନ୍ଦିର ମାଳିନୀ ସହର। ଏହି ସହରରେ ପ୍ରସିଦ୍ଧ ଗଣେଷ ମନ୍ଦିର, ପ୍ରାଚୀନ ଶିବ ମନ୍ଦିର, ମା ଠାକୁରାଣୀ ମନ୍ଦିର, ବତିଶି ସିଂହାସନ ଓ ଭିତରଗଡ଼ କୁଟୁଣିମାଳା ବେତଝୋଲା ଆଦି ଐତିହାସିକ ଦର୍ଶନୀୟ ସ୍ଥାନ ରହିଛି। ବର୍ତ୍ତମାନ ଆହୁରି କେତେଗୋଟି ମନ୍ଦିର ଯଥା, ମା ସନ୍ତୋଷୀ ମନ୍ଦିର ଓ ପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ତିଆରି ହୋଇଛି। ପ୍ରଭୁ ଜଗନ୍ନାଥ ଆଗରୁ ଛୋଟ ମନ୍ଦିରରେ ପୂଜା ପାଉଥିଲେ। ଏହାଛଡ଼ା ଅନେକ ଦେବଦେବୀଙ୍କ ମୂର୍ତ୍ତୀ ଓ ଐତିହାସିକ ସଂକେତ ଏହି ସହରରେ ଦେଖିବାକୁ ମିଳେ। ନନ୍ଦପୁରରୁ ପ୍ରାୟ ୧୪ କି.ମି. ଦୂର ବାଲଡ଼ା ନିକଟବର୍ତ୍ତୀ ନାଗେଶ୍ୱରୀ ମାଳୀ ପର୍ବତ ଉପରେ ଏକ ବିରାଟ ଗୁମ୍ଫା ରହିଛି। ଏଠାରେ କୋରାପୁଟ ଜିଲ୍ଲାର ଆଦିବାସୀ ମାନଙ୍କ ବଡ଼ ପର୍ବ ଚଇତ ପରବ ସମୟରେ ଏକ ବିରାଟ ମେଳା ଗୁମ୍ଫାରେ ଅଧିଷ୍ଠାତ୍ରୀ ଦେବୀ କାଳୀଙ୍କ ଉଦ୍ଦେଶ୍ୟରେ ହୋଇଥାଏ। ବହୁ ଦୂରାନ୍ତରୁ ଭକ୍ତ ଓ ଯାତ୍ରୀ ଏହି ଯାତ୍ରା ଦେଖିବାକୁ ପାହାଡ଼ ଚଢ଼ି ଗୁଣ୍ଡ ହୁଅନ୍ତି। ପାରେଙ୍ଗା ଅଧ୍ୟଷିତ ବିଦ୍ୟୁତ ଉତ୍ପାଦନଂ ନିମନ୍ତେ କରାଯାଇଥିବା ଜଳଭଣ୍ଡାର ଅନ୍ୟ ଏକ ଦର୍ଶନୀୟ ସ୍ଥାନ। ଜଳାପୁଟ ଏକ ଛୋଟ ସହର କିନ୍ତୁ ମାଛକୁଣ୍ଡ ନଦୀ ଏହି ସହରକୁ ଦୁଇ ଭାଗରେ ବିଭକ୍ତ କରେ ଏହା ଆନନ୍ଦର କଥା ଯେ, ଗୋଟିଏ ସହର ଦୁଇଟି ରାଜ୍ୟରେ ଦୁଇଭାଗରେ ବାଣ୍ଟିହୋଇ ଦୁଇଟି ରାଜ୍ୟରେ ନାମ ରହିଛି। ଦୂରଦୂରାନ୍ତରୁ ସ୍କୁଲ ଛାତ୍ର ଛାତ୍ରୀ ଓ ଅନ୍ୟାନ୍ୟ ଯାତ୍ରୀ ଏଠାରେ ବଣଭୋଜି ତଥା ଦର୍ଶନ ପାଇଁ ପ୍ରତିବର୍ଷ ଆସିଥାନ୍ତି। ଜଳାପୁଟ ନିକଟବର୍ତ୍ତୀ ବଣ ଜଙ୍ଗଲ ଗଛଲତାରେ ପରିପୂର୍ଣ୍ଣ ହୋଇଥିବାରୁ ପ୍ରାକୃତିକ ଦୃଶ୍ୟ ଓ ଜଳଭଣ୍ଡାରର ସଂଗୃହିତ ଜଳରାଶିର କୂଳରେ ଅବସ୍ଥିତ ପାହାଡ଼ ପର୍ବତର ଦୃଶ୍ୟ ଦେଖି ଆନନ୍ଦ ଅନୁଭବ କରନ୍ତି।

ପାରେଙ୍ଗା ଗ୍ରାମଗୁଡ଼ିକ ସାଧାରଣତଃ ଜୀବନ ଜୀବିକା ଉପରେ ଆଧାର କରି ପ୍ରତିଷ୍ଠିତ ହେବା ଦେଖାଯାଏ। ପାରେଙ୍ଗାମାନେ କୃଷିଜୀବୀ ଓ ଜଂଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରୁଥିବାରୁ ପାରେଙ୍ଗା ବସତିଗୁଡ଼ିକ ପାହାଡ଼ ପାଦଦେଶରେ ଓ ପାଣିର ସୁବିଧା ଅର୍ଥାତ୍ ପାନୀୟ ଜଳ ରୂପେ ବ୍ୟବହାର ପାଇଁ ଝରଣା (ଝୋଲା), ବୈଲା (ବେଡ଼ା) , ନାଳ ଓ ପୋଖରୀର ସୁବିଧା ଦେଖି ଅବସ୍ଥିତ ହୋଇଥାଏ। ପାରେଙ୍ଗାମାନେ ପ୍ରଥମେ ଗୋଟିଏ ଗାଁ ବା ବସତି ପ୍ରତିଷ୍ଠା କରିବାକୁ ହେଲେ ରକ୍ଷ ବାସ ପାଇଁ ଜମି କାଠପତ୍ର ପାଇଁ ଜଂଗଲର ସୁବିଧା ଓ ପାନୀୟ ଜଳ ରୂପେ ଜଳଉତ୍ସ ଇତ୍ୟାଦି ବିଚାରକୁ ନେବା ସହିତ ସେହି ସ୍ଥାନ ସେମାନଙ୍କ ପାଇଁ ଉପଯୁକ୍ତ କି ନୁହେଁ ପ୍ରଥମେ ଦିସାରୀ ପାଖରୁ ଗ୍ରହଦୋଷ, ରାଶିନକ୍ଷତ୍ର ତିଥିବାର ଆଦି

ଦେଖାଇ ଉପଯୁକ୍ତ ସ୍ଥାନ ବୋଲି ବିବେଚିତ ହେଲେ ସେମାନଙ୍କ ମଧ୍ୟରୁ ଜଣେ ଚହଲାଖ, ବୁଦ୍ଧିମାନ ଓ ଦକ୍ଷ ଲୋକଙ୍କୁ ସେମାନଙ୍କ ଦଳପତି ଭାବରେ ବାଛନ୍ତି। ଦିସାରିଙ୍କ ସହାୟତାରେ ପୂଜାପାଠ କରି ସେହି ଦଳପତି ଉକ୍ତ ଗ୍ରାମକୁ ପ୍ରତିଷ୍ଠା କରେ ଓ ସେ ସେହି ଗାଁର ନାୟକ ବା ଗାଁର ମୁଖିଆ ହୁଏ। ବଂଶାନୁକ୍ରମ ରୀତିରେ ଉକ୍ତ ନାୟକର ବଡ଼ପୁଅ ହିଁ ନାୟକ ପଦବୀ ଧାରଣ କରିଥାଏ। ଯଦି କୌଣସି ନାୟକର ପିଲାପିଲି ନ ଥାଆନ୍ତି ତାଙ୍କ ବଂଶର ଜଣେ ଦକ୍ଷ ଲୋକଙ୍କୁ ବାଛନ୍ତି। ଗ୍ରାମର ମୁଖ୍ୟ ଦୁଃଖ ସୁଖ ହାନିଲାଭ ପାଇଁ ନାୟକ ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ପ୍ରଥମେ ଗ୍ରାମ ପ୍ରତିଷ୍ଠା ବେଳେ ସେହି ଦଳପତିଙ୍କ ନେତୃତ୍ୱରେ ଦିସାରୀଙ୍କ ପରାମର୍ଶ ଅନୁଯାୟୀ ଗାଁ ପ୍ରତିଷ୍ଠା ପାଇ ଗ୍ରହ, ନକ୍ଷତ୍ର, ବେଳାଘଡ଼ି, ରାଶି ମୁହୂର୍ତ୍ତ ଧାର୍ଯ୍ୟ କରାଯାଇଥାଏ। ଦିସାରୀ କହିବା ଅନୁଯାୟୀ ଘୁଷୁରୀ, ଛେଳି କେତେ ପ୍ରକାର କୁକୁଡ଼ା, କେଉଁ ପ୍ରକାର ଅଣ୍ଡା କେତେ ପ୍ରକାର ଫୁଲ, କେତେ ପ୍ରକାର ଫଳ, କଣ୍ଢା, ଦୀପ, ଧୂପ, ଚନ୍ଦନ ଓ କୁଆଁରୀ ବିଡ଼ମ୍ (ଛୋଟ ଆରମ୍ଭ ହୋଇଥିବା ଉଇହୁଙ୍କା) କଷି ମୁଣ୍ଡା (କଷି ଗଛର ଖଣ୍ଡେ ଡାଳ) ଇତ୍ୟାଦି ନେଇ ଦିସାରୀ ପୂଜାପାଠ କରି ଘୁଷୁରୀ, ଛେଳି, କୁକୁଡ଼ା ଓ ନଡ଼ିଆ ଇତ୍ୟାଦି ଭୋଗ ବଳି ଦେଇ ଗ୍ରାମଦେବତା ବା ହୁଣ୍ଡିକୁ ପ୍ରତିଷ୍ଠା କରନ୍ତି। ଯେଉଁ କଷି ଗଛର ଡାଳ ଓ କୁଆଁରୀ ବିଡ଼ମ ନେଇ ପ୍ରଥମେ ପୂଜା କରି ପ୍ରତିଷ୍ଠା କରାଯାଏ ତାହା ଗାଁ ବସିବାର ମଧ୍ୟ ଭାଗରେ ପ୍ରତିଷ୍ଠିତ ହୋଇଥାଏ ଓ ତାହାକୁ ନିଶାନିମୁଣ୍ଡା କୁହାଯାଏ। ତାହା ଗାଁର ପ୍ରଧାନ ଅଧିଷ୍ଠିତ ଦେବତା ଅଟେ। ଯେଉଁ କଷି ଗଛ ଡାଳ ଓ କୁଆଁରୀ ବିଡ଼ମ ଶିରା, ବା ନିଛାଟିଆ ଜାଗାରେ ମଳତ୍ୟାଗ କରିଥିବା ଭାଲୁର ମଳ ସେହିପରି ପୂର୍ବେ ପ୍ରତିଷ୍ଠିତ ବାରଟି ହୁଣ୍ଡିର ମାଟି ସଂଗ୍ରହ କରି ଅଣାଯାଇ ଉକ୍ତ କଷି ମୁଣ୍ଡା ରାଇମୁଣ୍ଡା ସହିତ ମିଶାଇ ହୁଣ୍ଡି ପ୍ରତିଷ୍ଠା କରାଯାଏ। ଏହା ଗାଁର ମୁଖ୍ୟ ଦେବତା ଭାବରେ ପୂଜା ପାଆନ୍ତି ଓ ସେହି ଅନୁସାରେ ଗାଁ ସ୍ଥାପନ କରାଯାଏ। ଗାଁର ପର୍ବପର୍ବାଣି ଆମ୍ ନୂଆ ଖାଇ, ଧାନ ନୂଆ ଖାଇ, କଖାରୁ, (କୁମଣ୍ଡା) ନୂଆଖାଇ ଇତ୍ୟାଦି ପାଳିତ ହୁଏ।

**ଗ୍ରାମ :**

କୁମଣ୍ଡା ନୂଆ ଖାଇ (ବାନ୍ଦାପାନ ପରବ) ବା ଜାକର ପରବ୍ ବିବାହ ଉତ୍ସବ ଓ ବର୍ଷକୁ ଉଣ୍ଡିକୁ ବା ନିଶାମୁଣ୍ଡାକୁ ପୁନଃ ନବୀକରଣ ଉଦ୍ଦେଶ୍ୟରେ ନିଶାନିମୁଣ୍ଡାକୁ ପୁନଃ ନବୀକରଣ ଉଦ୍ଦେଶ୍ୟରେ ନିଶାନିମୁଣ୍ଡା ବା ଉଣ୍ଡିରେ କୁକୁଡ଼ା ଘୁଷୁରୀ ବଳି ଦେଇ ପୂଜା କରିଥାନ୍ତି। ନିଶାନି ମୁଣ୍ଡାର ନବୀକରଣ ବର୍ଷକୁ ଥରେ ହୁଏ ଏହାକୁ ଉଣ୍ଡି ଶୀତ ଲାଣି କୁହାଯାଏ। ଏହା ନଭେମ୍ବର (ଦିଆଲି ମାସ) ଆରମ୍ଭରେ ଏକ ଘୁଷୁରୀ ଗାଁରେ ପୂଜାରୀ ଦ୍ୱାରା ବଳି ଦେଇ କରାଯାଇଥାଏ। ନିଶାନିମୁଣ୍ଡା ଗାଁର ମୁଖ୍ୟ ଅଧିଷ୍ଠିତ ଦେବତା। ଏହା ପାରେଙ୍ଗା ଗାଁଗୁଡ଼ିକରେ ଗାଁରେ ମଧ୍ୟ ଭାଗରେ ଦେଖାଯାଏ ନିଶାନିମୁଣ୍ଡା ବା ଗାଁର ମୁଖ୍ୟ ଅଧିଷ୍ଠିତ ଦେବତା ପରି

ପାରେଙ୍ଗା ଗାଁରେ ଅନ୍ୟ ଏକ ମୁଖ୍ୟ ସ୍ଥାନ ହେଲା ସଦର (ଗାଁଦାଣ୍ଡ)। ଏଠାରେ ଗାଁର ସୁଖଦୁଃଖ, ଭଲମନ୍ଦ, ହାନିଲାଭ, ଗଣ୍ଡଗୋଳ ଇତ୍ୟାଦିର ବିଚାର ନାୟକ, ବାରିକ ଓ ଗାଁର ଅନ୍ୟାନ୍ୟ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ କରାଯାଇଥାଏ। ଏହା ଗାଁର ମଧ୍ୟ ଭାଗରେ ଥାଏ। ଗାଁର ଭଦ୍ର ବ୍ୟକ୍ତି ବସିବା ପାଇଁ ବଡ଼ ବଡ଼ ସମତଳ ପଥର ସଜଡ଼ା ଯାଇଥାଏ। ପର୍ବପର୍ବାଣି, ବିବାହ ଉତ୍ସବ ଯାନିଯାତ୍ରା ସମୟରେ ଏଠାରେ ଢ଼େମସାନାଚ, କାଠି ନାଚ ଓ କୋରାପୁଟିଆଲୋକ ନାଟକ ଅନୁଷ୍ଠିତ ହୁଏ। ସଦର ହେଉଛି ସେମାନଙ୍କ ଭଲମନ୍ଦ, ଭେଟଘାଟ ବା ସାକ୍ଷାତ ଆଲୋଚନା ଇତ୍ୟାଦିର କେନ୍ଦ୍ରସ୍ଥଳ, ଏଣୁ ଏହା ଗାଁ ମଝିରେ ଥାଏ।

**ମଶାଣି :**

ମୃତ ବ୍ୟକ୍ତିର ଶବ ସତ୍କାର ପାଇଁ ପାରେଙ୍ଗା ଗାଁଗୁଡ଼ିକର କିଛି ଦୂରରେ ମଶାଣି ଥାଏ। ଏହା ଗାଁ ଠାରୁ କିଛି ଦୂରରେ ବା ଶେଷ ମୁଣ୍ଡରେ ଥାଏ। କେହି ବ୍ୟକ୍ତି ମରିଗଲେ ଏହି ମଶାଣିରେ ନେଇ ଦାହ କରାଯାଏ। ମଶାଣି କେଉଁ ଦିଗରେ ରହିବ, କେତେ ଦୂରରେ ରହିବ ତା'ର କୌଣସି କାରଣ ବା ନିୟମ ଦେଖାଯାଏ ନାହିଁ। କେବଳ ପୁରୁଣା କାଳିଆ ବୁଢ଼ା ବୁଢ଼ୀମାନେ କହନ୍ତି ଯେ ଆଗେ ଶବ ବୋହି ନେଲାବେଳେ ଅର୍ଥାତ୍ ଗାଁ ପ୍ରତିଷ୍ଠା ପରେ ପ୍ରଥମେ ମରିଥିବା ବ୍ୟକ୍ତିର ଶବ ବୋହି ନେଲା ବେଳେ ଯେଉଁଠି ଖସିପଡ଼େ ସେଇଟି ତାକୁ ଦାହ କରାଯାଇ ମଶାଣି ସେଠାରେ ସୃଷ୍ଟି ହୋଇଥାଏ। ଏହାର କୌଣସି ପ୍ରମାଣ ବା ସିଦ୍ଧାନ୍ତ ମିଳେ ନାହିଁ।

**ବଡ଼ ଦେବତାଙ୍କ ପୂଜାସ୍ଥାନ :**

କେତେକ ପାରେଙ୍ଗା ଗାଁ ନିକଟବର୍ତ୍ତୀ ପାହାଡ଼ ତଳେ ଯଥା - ତାଇଁନ୍ତର କାଣ୍ଡି ରାଇସିଂ ସମଳି, ସଗର ଅତିଣ୍ଡା, କଞ୍ଚଣା, ପାଲାମ, ଏନୁଙ୍ଗ ପେଟାଲ ବାଲଡ଼ା, ସଗରଗୁଡ଼ିକରେ ଗାଁ ଠାରୁ କିଛି ଦୂରରେ ଗୋଟିଏ ଲେଖାଏଁ ଦେବତାଗୁଡ଼ି ବା (ଠାକୁର ପାଇଁ ଘର) ରହିଛି। ପ୍ରକୃତରେ ଏଠାରେ ଘର ନ ଥାଏ। ପଥରରେ ସଜେଇ ଠାକୁର ଘର ବା ଦେବତା ଗୁଡ଼ି ତିଆରି ହୋଇଥାଏ। ଏହି ଦେବତାଗୁଡ଼ି ଶିଆଳି ଲତା ଦ୍ୱାରା ଆଚ୍ଛାଦିତ ହୋଇଥାଏ। ଏହି ଦେବତାଗୁଡ଼ିରେ ଗ୍ରାମର ବଡ଼ ଦେବତା ମା ଠାକୁରାଣୀ ଦୁର୍ଗାଙ୍କୁ ପୂଜା କରାଯାଏ। କିନ୍ତୁ ପାରେଙ୍ଗାମାନେ ସିଧା ମା ଦୁର୍ଗା ନ କହି ବଡ଼ଦେବତା କହିଥାନ୍ତି। ଏହି ଦେବତାଗୁଡ଼ି ମଧ୍ୟରୁ ତାଇଁନ୍ତର କାଣ୍ଡି ସଗର ରାଇସିଂ ଓ ସମଳି ନଭେମ୍ବର (ଦିଆଲି ମାସ)ରେ ପୂଜା କରାଯାଏ। ପ୍ରତିବର୍ଷ ଛେଳି ଓ ପ୍ରତି ତିନିବର୍ଷରେଥରେ ପୋଢ଼ ବଳି ଦିଆଯାଏ। ସେହିପରି କଞ୍ଚଣା, ପେଟାଲ ଓ ଅତିଣ୍ଡାରେ ମାଘ ମାସରେ ଛେଳି ଓ ପୋଢ଼ ବଳି ଦିଆଯାଇ ଥାଏ। କେତେକ ଗାଁରେ କେବଳ ନିଶାନିମୁଣ୍ଡା ବା ଭଣ୍ଡିରେ ପୂଜା କରାଯାଏ।

**ପାନୀୟ ଜଳ :**

ପାରେଙ୍ଗା ବସତି ଗୁଡ଼ିକର କିଛି ଦୂରରେ ପାନୀୟ ଜଳ ପାଇଁ ବ୍ୟବହୃତ ପାଣି ସୁଅ ବାହାରୁ ଥିବା ଜାଗାରେ ଛୋଟ ଛୋଟ କୁଣ୍ଡ ଥାଏ। ସେଥିରୁ ସେମାନେ ପାଣି ନେଇ

ପାନୀୟଜଳ ରୂପେ ରୋଷେଇ ଗାଧୁଅ-ପାଧୁଆ ଆଦି କରିଥାନ୍ତି । ଏହାକୁ ପାନିଗାତ କୁହାଯାଏ । ଏହି ପାଣି ଗାଡ଼ର ମଇଲା ପାଣି ନିଷ୍କାସନ ବା ବୋହି ଚାଲିଯାଉ ଥିବା ଜାଗାରେ ଯେପରିକି ସୁଅ ବାହାରୁ ଥିବା ପାଣିକୁଣ୍ଡ ମଇଲାପାଣି ନ ପଶେ । ସେହି ଜାଗାରେ ସେମାନେ ବାସନ ଲୁସନ ସଫା କରିଥାନ୍ତି ।

**ସ୍ମୃତି ପଥର :**

ପାରେଙ୍ଗା ଗାଁ ଗୁଡ଼ିକର ସଦର ଠାରେ ପାଖ ଗାଁ ବା ଅନ୍ୟ କୌଣସି ଗାଁ ଲୋକଙ୍କ ସହିତ କୁଣିଆ ମୈତ୍ର ସ୍ଥାପନ କରି ପରସ୍ପର ଗାଁ ଲୋକ ଗତିଆ ମୈତ୍ର ଡାକନ୍ତି ଯେତେବେଳେ ସେହି ସମୟରେ ମୈତ୍ରର ସମ୍ମାନ (ମଇରମାନାମାନୀ) ଓ ସ୍ମରଣ ନିମନ୍ତେ କେତେକ ବଡ଼ ବଡ଼ ସମତଳ ବା ଚେପଟା ପଥର ଓ ଖମ୍ବ ପରି ପଥର ସଦରଠାରେ ବୋହି ଆଣି ସ୍ଥାପନ କରନ୍ତି । ଏଗୁଡ଼ିକ ମଇତରମାନଙ୍କୁ ସମ୍ମାନ ଓ ସ୍ମରଣୀୟ ସଂକେତ ଭାବରେ ସଦର ଦାଣ୍ଡରେ ରହିଥାଏ । ସଂକ୍ଷିପ୍ତରେ, ପାରେଙ୍ଗା ଗାଁଗୁଡ଼ିକର ମୁଖ୍ୟ ଅଧିଷ୍ଠିତ ଦେବତା ନିଶାନି ମୁଣ୍ଡା ଗାଁ ମଝିରେ । ଗାଁ ଠାରୁ କିଛି ଦୂରରେ ମଶାଣି ଓ ପାନୀୟ ଜଳ ରୂପେ ବ୍ୟବହାର କରିଥିବା ଜଳ ଉତ୍ସ ପାଣି ଗାଡ଼ ଥାଏ । ଗାଁ ଭିତରେନିଜର ସୁବିଧା ଅନୁସାରେ ପାରେଙ୍ଗାମାନେ ଘର ତିଆରି କରିଥାନ୍ତି । ଏଥିପାଇଁ ଗାଁ ଭିତରେ କୌଣସି ନୀତି ନିୟମ ବା ସୁଚିନ୍ତିତ ଯୋଜନା ନ ଥାଏ । ନିଜ ଘର ପାର୍ଶ୍ୱରେ ବା ଘର ଆଗରେ ଗୃହପାଳିତ ପଶୁ, ଯଥା: - ଗାଈଗୋରୁ, ଛେଳି ମେଣ୍ଢା, ଘୁଷୁରୀ ଆଦି ପାଇଁ ଗୁହାଳ ରହିଥାଏ । କୁକୁଡ଼ା ଇତ୍ୟାଦି ପକ୍ଷୀମାନଙ୍କ ପାଇଁ ସଇଁ ଘର ପାର୍ଶ୍ୱରେ ଛୋଟ କୁଡ଼ିଆ ଇତ୍ୟାଦି ଦେଖାଯାଏ ।

**ଗ୍ରାମ ବସତିର ବିଭିନ୍ନ ପ୍ରକାର ଗୃହ :**

ଗ୍ରାମଗୁଡ଼ିକର ଘରର କାନ୍ଥ ମାଟି, କଞ୍ଚାଇଟାରେ ତିଆରି ଓ ଟାଇଲ ଏବଂ କେତେକ ଚାଳ ଛପର ଘର ଦେଖାଯାଏ । ବର୍ତ୍ତମାନ ପୋଡ଼ାଇଟା, ସିମେଣ୍ଟ କଂକ୍ରିଟ କାନ୍ଥ ବା ପକ୍କାଘର କେତେକ ଧନୀ ଶ୍ରେଣୀର ପାରେଙ୍ଗା ମାନେ ତିଆରି କଲେଣି । ମାତ୍ର ପକ୍କାଘର ସଂଖ୍ୟା ବହୁତ କମ୍ । ସାଧାରଣତଃ ଆର୍ଥନୀତିକ ଦୃଷ୍ଟିରୁ ଧନୀ ଓ ଗରିବର ଚଳଣି, ବେଶ ପୋଷାକ ଓ ଘରଦ୍ୱାର କରିବା ଶୈଳୀରେ ମଧ୍ୟ ପାର୍ଥକ୍ୟ ଜଣାପଡ଼ିଥାଏ । ସେହି ହେତୁ ବିଶେଷ କରି ଧନୀ ଲୋକଙ୍କ ଘର ସାଧାରଣତଃ ଗରିବ ଲୋକଙ୍କ ଘରଠାରୁ ଅପେକ୍ଷାକୃତ ବଡ଼ ହୋଇଥାଏ । ଧନୀ ଲୋକଙ୍କ ଘର ଜମିବାଡ଼ି ଓ ଅନ୍ୟାନ୍ୟ ଉତ୍ପାଦିତ ଶସ୍ୟ ସଂପଦ ରଖିବା ପାଇଁ ବଡ଼ ଓ ବହୁ ବଖରା ବିଶିଷ୍ଟ ହୋଇଥାଏ । ଉଦାହରଣ ସ୍ୱରୂପ, ଦେବଗନ୍ଧଣା ଗ୍ରାମର ଘନପାତ୍ର, ରାମ ପାତ୍ର ଓ ଲୁଂଜିଙ୍ଗ ଗାଁର ପାରେଙ୍ଗାମାନଙ୍କ ଘର ଅପେକ୍ଷାକୃତ ବଡ଼ । ଘରକୁ ଦେଖି ପାରେଙ୍ଗାମାନେ ଧରି ନେଇଥାନ୍ତି ଯେ ପରିବାରଟି କେତେ ଧନୀ । ଘରର କାରୁକାର୍ଯ୍ୟ

କବାଟ ଓ ଦ୍ୱାରବନ୍ଧର ଖୋଦେଇ କାମ ଆଦି ଧନୀ ପରିବାର ଘରେ ସ୍ୱତନ୍ତ୍ର ଜଣାପଡ଼େ। ପାରେଙ୍ଗାମାନଙ୍କ ମୁଖ୍ୟ ବ୍ୟକ୍ତିଙ୍କ ପାଇଁ ଦେବଦେବୀଙ୍କ ପାଇଁ ବା ଗୋତ୍ର ଅନୁଯାୟୀ ଘର ସଂରଚନା ନ ଥାଏ। କେବଳ ଧନୀ ଲୋକ ଅପେକ୍ଷାକୃତ ବଡ଼ ଘର ଓ ଆଜବେଷ୍ଟ ଛପର ସିମେଣ୍ଟ କାନ୍ଥ ଇତ୍ୟାଦି କରିଥାନ୍ତି। ସେମାନେ ବାସ କରୁଥିବା ଗାଁରେ କୌଣସି ପୃଥକ ଗୋଷ୍ଠୀ ବାସ କରିବା ପାଇଁ ସ୍ୱତନ୍ତ୍ର ବା ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ ବା ନୀତି ନିୟମ ବ୍ୟବସ୍ଥା ଦେଖାଯାଏ ନାହିଁ। ଯେ କୌଣସି ପ୍ରକାରେ ଗ୍ରାମ ଭିତରେ ଘର କରି ରହିଥାନ୍ତି। ଉଦାହରଣ ସ୍ୱରୂପ - ଅଣ ଆଦିବାସୀମାନେ - ମାଳୀ, ରଣା, ବ୍ରାହ୍ମଣ ଗାଁର ଉପର ମୁଣ୍ଡରେ ବାସ କରନ୍ତି, ସେମାନେ ଗାଁ ମଝିରେ ଓ ହରିଜନ ଗାଁ ମଝିରେ ହରିଜନ ଲୋକ ଗାଁର ତଳ ଭାଗରେ ଏହିପରି କୌଣସି ଗାଁରେ ଦେଖାଯାଏ ନାହିଁ। ଏତିକି କୁହାଯାଇ ପାରେ ଯେ ଯେଉଁ ଗାଁ ଯେତିକି ଶିକ୍ଷିତ ଓ ଆଧୁନିକ ଉପାୟରେ ନୂତନ ଜ୍ଞାନ କୌଶଳ ବ୍ୟବହାର ଉପରେ ଯେତିକି ସଚେତନ ଅଛନ୍ତି ସେହି ଗାଁ ସେତିକି ଉନ୍ନତ ଓ ଅଗ୍ରଗାମୀ ହୋଇଥାଏ। ବର୍ତ୍ତମାନ ସୁଦ୍ଧା କେତେକ ପାରେଙ୍ଗା ଗାଁ ଅଛି ଯେଉଁଠାରେ ଲୋକଙ୍କୁ ପରିବେଶ ସୁରକ୍ଷା ତଥା ଆର୍ଥିକ ସୁଦୃଢ଼ତା, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଷୟ କହିଲେ ସେମାନେ ପରିହାସ କରନ୍ତି। ଏହାର କାରଣ ହେଲା ସେମାନେ ରକ୍ଷଣଶୀଳ। ସଭ୍ୟତା ଠାରୁ ବହୁ ପଛରେ ଅଛନ୍ତି।

ଗୃହ ନିର୍ମାଣ ପୂର୍ବରୁ ପାରେଙ୍ଗାମାନେ ପ୍ରଥମେ ଗୃହ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିଥାନ୍ତି। ଉକ୍ତ ସ୍ଥାନରେ ଗୃହ ତିଆରି କରିବା ଦ୍ୱାରା ଶୁଭ କି ଅଶୁଭ ତାହା ଜାଣିବା ପାଇଁ ଦିସାରୀ ପାଖରେ ପୋଷେ ଚାଉଳ (ଆକତ ଚାଉଳ) ଧରି ଯାଇଥାନ୍ତି। ଦିସାରୀ ଉକ୍ତ ଚାଉଳରୁ ତିନିଥର ନଚେତ ସାତ ଥର ଦୁଇ ଆଙ୍ଗୁଠିରେ ବାହାର କରି ତାଙ୍କ ଦେବଦେବୀଙ୍କୁ ଛୁଆଁଇ ଧୂପ ଶୁଙ୍ଘାଇ ଏକ କୁଲାରେ ଥୋଇ ଦେଖିଥାଏ। ଯଦି ଚାଳ ମଂଜି ଯୋଡ଼ା ଯୋଡ଼ା ହେଲା ସେ ଅନୁସାରେ ସେ ଉପଯୁକ୍ତ କି ନୁହେଁ କିମ୍ବା କେଉଁ ବାର କେତେ ଘଡ଼ି କେଉଁ ମୁହୂର୍ତ୍ତରେ ଶୁଭ ଦେଲେ ଗ୍ରହଦୋଷ କଟିଯାଇ ଶୁଭପ୍ରଦ ହେବ ସେ କହିଥାଏ। ତେଣୁ ସେହି ଅନୁସାରେ ଫୁଲ, ଫଳ, ଗୁଡ଼ ଚନ୍ଦନ କରି ପୂଜା କରି ଦିସାରି ପ୍ରଥମେ ପ୍ରତିଷ୍ଠା ସ୍ୱରୂପ ଗୋଟିଏ ଖୁଣ୍ଟ ପୋତିଦିଏ ଏବଂ ଏହାକୁ ମୁଣ୍ଡା କୁହନ୍ତି।

ଏହାପରେ ପ୍ରଥମେ ଘରର ମୂଳଦୁଆ ଖୋଳା ହେବାବେଳେ ମାଣ୍ଡିଆ ଚୂନାରେ ତିଆରି କେକ୍ ସ୍ୱରୂପ (ମାଣ୍ଡିଆ ଅଣ୍ଡା) ତିଆରି କରି ଓ ପୂଜା କରି ପ୍ରତିଷ୍ଠା କରିବା ପାଖରେ ଖୋଳା ହୋଇଥିବା ଜାଗାରେ ଚକଟା ମାଟି ସହ ଏହି ମାଣ୍ଡିଆ ଅଣ୍ଡା ମିଶାଇ ମୂଳଦୁଆ ପକାନ୍ତି। ଏହା ପରେ ଘର ତିଆରି କାମ ଆରମ୍ଭ ହୁଏ।

ସେମାନେ ମାଟି, କଞ୍ଚାଇଟା ଦ୍ୱାରା ଘର କାନ୍ଥ ଓ ଟାଇଲ ବା ଚାଳରେ ଘରର ଛାତ ଛପର କରନ୍ତି। ପୁରାତନ କାଳରେ ପାରେଙ୍ଗାମାନେ ମାଟିକାନ୍ଥ ଦେଇ ଘର ଚାଳ ଛପର

କରି ରହୁଥିଲେ। ଛାତ ପାଇଁ ସେମାନେ ଜଂଗଲରୁ ମିଳୁଥିବା କାଠ, ବାଉଁଶ ଓ ଶିଆଳି ଲତାରୁ ଦଉଡ଼ି, ମୁର୍ଗାରୁ ଦଉଡ଼ି ଛାତ ବା ଛପର ପାଇଁ ନଡ଼ା, ଘାସ ଇତ୍ୟାଦି ବ୍ୟବହାର କରୁଥିଲେ। ମୁଖ୍ୟତଃ ପାରେଙ୍ଗାମାନଙ୍କ ଘର ଦୁଇ ବଖରା ବିଶିଷ୍ଟ ଥାଏ। ସେଥିରୁ ଗୋଟିଏ ମୁଖ୍ୟ ବଖରା ଅନ୍ୟଟି ଭିତର ଘର। ଗୋଟିଏ ଅଦ୍ଭୁତ କଥା ଯେ, ନିଜର ଭିତର ଘରେ ଅର୍ଥାତ୍ ଭିତର ଘର ଠାକୁର ଘର ଭାବରେ ଚର୍ଚ୍ଚିତ - ସେଠାରେ ନିଜ ବଂଶ ଛଡ଼ା ଅନ୍ୟ କେହି ପଶିବା ନିଷିଦ୍ଧ ଅଟେ। ଏହି ଭିତରେ ଘରେ ଗୋଟିଏ ଖମ୍ବ (ଦରନ୍‌ଡ଼େଲି) ପ୍ରତିଷ୍ଠା କଲାବେଳେ ପୋତା ଯାଇଥାଏ। ସେଠାରେ ପାରେଙ୍ଗାମାନେ ନିଜ ଘରର ଦେବତା ଭାବରେ ପ୍ରତିଦିନ ବା ବାର, ସପ୍ତାହ ପର୍ବପର୍ବାଣିରେ ଧୂପ ଦେଇ ପୂଜା କରନ୍ତି। ନୂଆ ଖାଇ ପରମ ବେଳେ ଏହି ଭିତର ଘରେ ଏକ ଚୁଲି ଥାଏ ସେହି ଚୁଲି ନୂଆ ଖାଉଥିବା ଫଳ ବା ଅନ୍ୟ କୌଣସି ନୂଆ ଖାଦ୍ୟ ଶସ୍ୟ ନୂଆ ହାଣ୍ଡିରେ ରାନ୍ଧି ପ୍ରଥମେ ସେହି (ଦରନ ଡେଲି) ଖମ୍ବ ପାଖରେ ଅର୍ପଣ କରନ୍ତି ଓ ପରେ ତାହା ନିଜ ବଂଶ ପରିବାର ଲୋକମାନେ ହିଁ ବାଣ୍ଟି ଖାଇଥାନ୍ତି ଏହାକୁ ଚରୁଭାତ (ଚରୁଶାଗ) କୁହାଯାଏ।

ଗୃହର ଅନ୍ୟ ବଖରା ତଥା ଭିତର ଘର ଛଡ଼ା ଅନ୍ୟ ମୁଖ୍ୟ ବଖରା ସାଧାରଣତଃ ଏକ ବଖରା ଭାବରେ ପରିଲକ୍ଷିତ ହୋଇଥାଏ। ଏହି ଘରେ କୁଣିଆ ମୈତ୍ର ଆସିଲେ ବସାଉଠା ଖିଆପିଆ କରନ୍ତି। ସବୁ କଥାବାର୍ତ୍ତା ଆଲୋଚନା ଏହି ଘରେ ହୋଇଥାଏ। ତେଣୁ ଏହି ବଖାରକୁ ମୁଖ୍ୟ ବା ସାଧାରଣତ ବଖରା ଭାବରେ ଧରି ନିଆଯାଇ ଥାଏ। ମୋଟ ଉପରେ କହିବାକୁ ଗଲେ ସେମାନଙ୍କ ଘର ଗୁଡ଼ିକ ସାଧାରଣତଃ ଦୁଇ ବଖରା ବିଶିଷ୍ଟ, ଗୋଟିଏ ସାଧାରଣ ବଖରା ଓ ଅନ୍ୟଟି ଦେବାଦେବୀଙ୍କ ପାଇଁ ପ୍ରଯୁଜ୍ୟ ଅଟେ। ଘର ଆଗରେ କିମ୍ବା ପାଖରେ ଛୋଟ କୁଡ଼ିଆ ଇତ୍ୟାଦି ରହିଥାଏ। ଆଜିକାଲି ଶିକ୍ଷିତ ପାରେଙ୍ଗା ଲୋକମାନେ ପୋଡ଼ା ଇଟା ସିମେଣ୍ଟ କଂକ୍ରିଟ୍ କାନ୍ଥ ଆଜବେଷ୍ଟ ଛପର ବା ପକ୍କାଘର ଆଦି ତିଆରି କଲେଣି। ପରମ୍ପରିକ ଗୃହ ତିଆରି ଅପେକ୍ଷା ବହୁ ନୂତନ ଉପାୟ ଅବଲମ୍ବନ କରି ଖଳ ଛପର ପରିବର୍ତ୍ତେ ପକାଘର ଓ ଆଜବେଷ୍ଟ ଛାତ ଏବଂ କାଠ ବଦଳରେ ଲୁହାର ଆଂଗେଲ, ଲୁହାଛଡ଼ ଇତ୍ୟାଦି ସୁନ୍ଦର କବାଟ ଲାଗିଲାଣି କିନ୍ତୁ ଏହା ଅତ୍ୟନ୍ତ କମ୍ ଅଟେ। ଆଗକାଳରେ ପାରମ୍ପାରିକ ରୀତିରେ କବାଟରେ ଓ ଦ୍ୱାର ବନ୍ଧରେ ବିଭିନ୍ନ ଫୁଲ ଫଳର ଖୋଦେଇ ତଥା ହାତୀ, ମାଛ ପଦ୍ମ, ମନ୍ଦାର ଆଦି ପଶୁପକ୍ଷୀ, ଫୁଲ ଫଳ ଆଦି ଖୋଦେଇ କରୁଥିଲେ। କେତେକ ପାରେଙ୍ଗା କାରୁକାର୍ଯ୍ୟ ଦେଖାଯାଏ। ସେମାନେ ବାସ କରୁଥିବା ଗାଁରେ କୌଣସି ସ୍ୱତନ୍ତ୍ର ବ୍ୟକ୍ତି ପାଇଁ ସ୍ୱତନ୍ତ୍ର ଗୃହ ନ ଥାଏ। କେବଳ ଧନୀ ବ୍ୟକ୍ତି ଓ ନାୟକଙ୍କ ଘର ଅପେକ୍ଷାକୃତ ବଡ଼ ଧରଣର ଥାଏ। ବାହ୍ୟ ବନ୍ୟଜନ୍ତୁ ବା ଅବାଧ ଗାଈ ଘୁଷୁରୀଙ୍କ ପ୍ରବେଶ ରୋକିବା ପାଇଁ ପ୍ରତି ପାରେଙ୍ଗା ଘର ଘେରିଆଡ଼େ ପଥରର ପାଚେରୀ ଦ୍ୱାରା ପରିବେଷ୍ଟିତ ହୋଇଥାଏ। ଘରକୁ ଯିବା ଆସିବା

ପାଇଁ ଏକ ଛୋଟ ଫାଟକ ସଦୃଶ କରିଥାନ୍ତି। ଏହାକୁ ପାଙ୍ଗଡ଼ି କହନ୍ତି। ଏହା ବାଉଁଶ କିମ୍ବା ଅନ୍ୟ କାଠରେ ତିଆରି ହୋଇଥାଏ। ବାହାରକୁ ଦିନବେଳେ କାମ କରିବାକୁ ଗଲାବେଳେ କିମ୍ବା ରାତିରେ ଶୋଇବା ବେଳେ ଏହି ଫାଟ (ପାଙ୍ଗଡ଼ି) ବନ୍ଦ କରିଦିଅନ୍ତି। ସାଧାରଣତଃ ପାରେଙ୍ଗାମାନଙ୍କ ଗୃହ ସଂରଚନା ଅତି ସରଳ। ଆର୍ଥିକ ଦୃଷ୍ଟିକୋଣକୁ ଆଖି ଆଗରେ ରଖି ଇଟା ଓ ମାଟିରେ ସେମାନେ କୁଡ଼ିଆ ଘର କରି ରହନ୍ତି। ବିଶେଷତଃ ଘରର ଛାତ ଘାଲ ଛପର ବା ଟାଇଲ ଛପର ହୋଇଥାଏ।

### ଗ୍ରାମର ବିଭିନ୍ନ ପ୍ରଜାତିକ ଗୋଷ୍ଠୀ :

ପାରେଙ୍ଗା ଗ୍ରାମଗୁଡ଼ିକରେ ଅନ୍ୟ କେତେକ ଜାତି ଓ ଉପଜାତି ମଧ୍ୟ ବାସ କରନ୍ତି। କୂଳଗତ କାର୍ଯ୍ୟକ୍ରମ ବା ବଂଶଗତ କାର୍ଯ୍ୟକ୍ରମ, ଯଥା :- ଏକୋଇଶିଆ (ହାଣ୍ଡିଧାରାନି) ବିବାହ ଚୋରୁ (ଧାଙ୍ଗଡ଼ି ବିବାଘେରୁ) ଖାଇବା, କୌଣସି ନୂଆ ଖାଇରେ ପିଦର ଘେରୁ ଖାଇବା ଇତ୍ୟାଦି ଛଡ଼ା ପାରେଙ୍ଗା ସଂପ୍ରଦାୟ ଅନ୍ୟାନ୍ୟ ଜାତି ଓ ଉପଜାତି ସହ ଗ୍ରାମ ପରିଷଦ ସହ ଆଲୋଚନା କରି ଅନ୍ୟ ପର୍ବପର୍ବାଣି, ଯାନିଯାତ୍ରା ମହୋତ୍ସବ ଚାନ୍ଦାଭେଦା କରି ମିଳିମିଶି ପାଳନ କରନ୍ତି। ପାରେଙ୍ଗା ବସତି ଗୁଡ଼ିକରେ ଅନ୍ୟ ଜାତି ଓ ପ୍ରଜାତିମାନଙ୍କ ମଧ୍ୟରେ ହରିଜନ, ଅଣଆଦିବାସୀ ତଥା- ରଣା, ଗଉଡ଼, କମାର, ମାଳୀ ଆଦି ନନ୍ଦପୁର ବ୍ଲକ୍‌ରେ ସମଲି ଓ ଅତିଣ୍ଡା ଗ୍ରାମରେ ଦେଖାଯାନ୍ତି। ଅନ୍ୟ କେତେକ ଗାଁରେ ଅନ୍ୟାନ୍ୟ ଉପଜାତି ଯଥା - ଝଡ଼ିଆ, ପରଜା, କୋଟିଆ, କଣ୍ଡା ପରଜା ଆଦି ବାସ କରନ୍ତି। ଅଧିକାଂଶ ପାରେଙ୍ଗା ବସତିରେ ପ୍ରାୟ ପାରେଙ୍ଗା ପରିବାର ସଂଖ୍ୟା ଅଧିକ ଥାଏ ଓ ତାହା ସହିତ, ହରିଜନ, ଅନ୍ୟାନ୍ୟ କମାର ପରିବାର ଗୋଟେ ଦୁଇଟା ରହିଥାନ୍ତି। ପୂର୍ବ ପୁରୁଷରୁ ଏମାନେ ପାରେଙ୍ଗା ସଂପ୍ରଦାୟ ସହିତ ସେବା ଓ ସାହାଯ୍ୟ ସହଯୋଗ କରି ଚଳି ଆସୁଛନ୍ତି। ଏବେ ସୁଦ୍ଧା ମଡ଼ାମୃତ୍ୟୁ, ବିବାହ ଉତ୍ସବ, ପର୍ବପର୍ବାଣିରେ ପରସ୍ପର ସାହାଯ୍ୟ ସହଯୋଗରେ କାର୍ଯ୍ୟକ୍ରମ କରିଥାନ୍ତି। ଏହାଛଡ଼ା ଗାଁର ମାଲିମକଦ୍ଦମା ବା ନ୍ୟାୟ ବିଚାରରେ ଗାଁ ପରିଷଦରେ ସେମାନେ ଭାଗିଦାର ହୋଇଥାନ୍ତି। ଗାଁ ପରିଷତରେ ଲୋକଙ୍କୁ ସଦର ବା କେନ୍ଦ୍ରସ୍ଥଳୀକୁ ଡାକିବା ପାଇଁ ଯିଏ ବାର୍ତ୍ତାବହ କାର୍ଯ୍ୟ କରିଥାନ୍ତି ତାଙ୍କୁ ବାରିକ କୁହାଯାଏ। ସେ ଜଣେ ଅନୁସୂଚିତ ଜାତି ସଂପ୍ରଦାୟର ବ୍ୟକ୍ତି ହୋଇଥାନ୍ତି। ହରିଜନ ସଂପ୍ରଦାୟ ଛଡ଼ା ଏହି ବାର୍ତ୍ତାବହ କାର୍ଯ୍ୟ ଅନ୍ୟ କୌଣସି ଗୋଷ୍ଠୀ କରୁଥିଲେ ତାଙ୍କୁ ଚଲାଣ କୁହାଯାଏ। ବାରିକ ବା ଚଲାଣ ଜଣେ ଗାଁ ପରିଷଦର ମାନ୍ୟଗଣ୍ୟ ବ୍ୟକ୍ତି। ବିଶେଷ ସୂଚନା ଯୋଗ୍ୟ ଯେ ଗାଁ ପରିଷଦର ପ୍ରଥମ ତଥା ମୁଖ୍ୟ ବ୍ୟକ୍ତି ହେଉଛନ୍ତି ନ୍ୟାୟିକ ଓ ତାହା ପଛକୁ ବାରିକ ବା ଲୋଣ। ପୂଜାରୀ କେବଳ ପୂଜାପାଠ ଗାଁ ଦେବଦେବୀଙ୍କୁ ପୂଜାର୍ଚ୍ଚନା ଆଦି ଧର୍ମୀୟ କାର୍ଯ୍ୟର ମୁଖ୍ୟ ଓ ଜାତି ନାୟକ କେବଳ - ବାସଦରୁ ମୁକ୍ତି ଆଦି ଜାତି କୂଳ ବ୍ୟାପାରର ମୁଖ୍ୟ ଅଟନ୍ତି। ପାରେଙ୍ଗା ମାନେ

ନିଜ ଗାଁରେ ବାସ କରୁଥିବା ଅନ୍ୟାନ୍ୟ ଜାତି ତଥା ପ୍ରଜାତିର ଲୋକଙ୍କୁ ବଂଶାନୁକ୍ରମିକ ପରମ୍ପରା ଅନୁଯାୟୀ ନିଜ ସଂପର୍କୀୟ ଦୃଷ୍ଟିରେ ଦେଖିଥାନ୍ତି ଏବଂ ସେହି ଅନୁଯାୟୀ ସେମାନେ ଗ୍ରାମର ଅନ୍ୟ ଗୋଷ୍ଠୀର ଲୋକଙ୍କୁ (ଅଜା /ଆକର) ରେ ଦାଦା (ବାଇ) ମାମୁଁ (ନାନା), କକା (ଦାଦି), ଖୁଡ଼ି (ନିନି), ନାନୀ (ବିବି, ବାଇ) ଭାଇନା (ନାନା) ଦେଇ (ମିତାୟ) ମାଉସି (ନିନି) ମଉସା (ଦାଦି) ଜେଜେ ବାପା (ଆନିବାୟ) ଜେଜେମା (ଆମା) ଭାଉଜ (ବଉ) ଆଦି ନିଜ ସଂପର୍କୀୟ ହିସାବରେ ଡାକିଥାନ୍ତି। ପାରେଙ୍ଗାମାନେ ସେମାନଙ୍କ ସହିତ ପାରେଙ୍ଗା ସଂପ୍ରଦାୟ ଭିତରେ ଆବଦ୍ଧ।

**ଆଦିବାସୀଙ୍କର ଋରିତ୍ରିକ ବୈଶିଷ୍ଟ୍ୟ :**

ପାରେଙ୍ଗାମାନେ ସରଳ ଓ ରକ୍ଷଣଶୀଳ। ଋଲିଚଳନ ଅନୁସାରେ କେତେକ କ୍ଷେତ୍ରରେ ଅନ୍ୟ ଗୋଷ୍ଠୀଠାରୁ କିଛି ସ୍ୱତନ୍ତ୍ରତା ଅଛି। ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା,: ବିବାହ, ଶ୍ରାଦ୍ଧ, ଏକୋଇଶିଆ (ହାଣ୍ଡି ଧାରାଚି) କନ୍ୟାଦାନ ଇତ୍ୟାଦି କ୍ଷେତ୍ରରେ ଅନ୍ୟ ଗୋଷ୍ଠୀଠାରୁ ପ୍ରାୟ ଅଲଗା ଅଟେ। ନିଜକୁ ସେମାନେ ପାରେଙ୍ଗା ପରଜା (ଗୋରୁଃମ୍ ଲକ୍) ବୋଲି କହିଥାନ୍ତି। ଏହି ତାଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଯାୟୀ ଅନ୍ୟ ସଂପ୍ରଦାୟର ଲୋକେ ପାରେଙ୍ଗାମାନଙ୍କୁ ପାରେଙ୍ଗା ପରଜା ବୋଲି ନାମିତ କରିଥାନ୍ତି। ବିବାହ ସାଧାରଣତଃ ବରଘରେ ଅନୁଷ୍ଠିତ ହୋଇଥାଏ। ଅଦ୍ଭୁତ କଥା ଯେ ଏତେ ଶୁଭପ୍ରଦ ବିବାହ କାର୍ଯ୍ୟକୁ ପାରେଙ୍ଗାମାନେ ଖତଗଦା ବା କମ୍ପୋଷ୍ଟ ଗଦାରେ କନ୍ୟାକୁ ମାଣ୍ଡିଆ ପେଷା ଚକି ଉପରେ ଓ ବରକୁ ଲଙ୍ଗଳ ଉପରେ ବସାଇ ଜଣେ କୁଟୁମ୍ବିତା ଦିସାରୀ ପୂଜା (ବିରୁ) କରି ସେହି ଖତଗଦାରେ ଦୁଇଟି ଫୁଲଝାଡୁର ଗଛକୁ ଅଗ୍ରଭାଗରେ ଯୋଡ଼ି ଦେଇ ଏକ ଧନୁ ସଦୃଶ କରି ଗଛର ଦୁଇ ମୂଳକୁ ଖତ ଗଦାରେ ପୋତି ଦିଆଯାଏ ଓ ସେହି ଭିତର ଦେଇ ବରକନ୍ୟା ଜଣଙ୍କ  ପରେ ଜଣେ ଗଳି ଯିବାକୁ ହୁଏ। ଏହା ପରେ ବରକନ୍ୟା ହାତ ଧରାଧରି ହୋଇ ଗୃହ ପ୍ରବେଶ। ଅନ୍ୟ ଗୋଷ୍ଠୀରେ ଏହିପରି ଦେଖାଯାଏ ନାହିଁ। ଶ୍ରାଦ୍ଧ ସମୟରେ ସ୍ୱତନ୍ତ୍ର ପ୍ରକାର କାର୍ଯ୍ୟକ୍ରମ ଦେଖାଯାଏ ଯାହା ଅନ୍ୟ ଗୋଷ୍ଠୀରେ ଦେଖାଯାଏ ନାହିଁ। ଶ୍ରାଦ୍ଧ (ବୁତ୍) କରିବା ପୂର୍ବରୁ ପାରେଙ୍ଗାମାନେ ନିଜର ସଂପର୍କୀୟ ବନ୍ଧୁବାନ୍ଧବଙ୍କୁ ଖବର ଜଣାଇ ଦିଅନ୍ତି। ଶ୍ରାଦ୍ଧ ଦିନ ବଳି ନିମନ୍ତେ ଛେଳି, ଘୁଷୁରୀ, କୁକୁଡ଼ା, ଗାଈ, ବଳଦ ଇତ୍ୟାଦି ସାମର୍ଥ୍ୟ ଅନୁସାରେ ଏବଂ ଚାଉଳ ମଦ, ପନିପରିବା, ପେଣ୍ଡମ (ହାଣ୍ଡିଆ) ଇତ୍ୟାଦି ଧରି ଆସନ୍ତି। କାନ୍ଦ ବୋବାଳି ମାଧ୍ୟମରେ ଭକ୍ତ ଆଣିଥିବା ଜୀବଜନ୍ତୁକୁ ଋଉଳ ଖୁଆନ୍ତି ଓ ପରେ ସେଗୁଡ଼ିକୁ ମାରି କାଟି ରନ୍ଧାଯାଏ। ରାନ୍ଧି ସାରିବା ପରେ ରନ୍ଧା ଖାଦ୍ୟକୁ ପ୍ରଥମେ ମରିଥିା ବ୍ୟକ୍ତିକୁ ପୋଡ଼ି ନିମନ୍ତେ ନେଇଥିବା ମଶାଣୀରେ ସ୍ତ୍ରୀ ଲୋକଙ୍କ କାନ୍ଦ ବୋବାଳିରେ ଭାତ, ମାଂସ, ମଦ ଓ ପେଣ୍ଡମ ନେଇ ମୃତବ୍ୟକ୍ତି ଓ ପୂର୍ବରୁ ମରିଥିବା ବ୍ୟକ୍ତିଙ୍କ (ଡୁମାଙ୍କୁ) ଅର୍ପଣ କରାଯାଏ। ମଶାଣୀରୁ ଫେରି ପାରେଙ୍ଗାମାନେ ଗାଧୋଇ ପାଧେଇ

ରନ୍ଧା ଯାଇଥିବା ଖାଦ୍ୟ, ମାଂସ, ମଦ ଓ ପେଣ୍ଡମକୁ ଖାଇପିଇ, କାନ୍ଦି, ଗୀତ ନାଚ ଆଦି କରନ୍ତି। ଏହା ଅନ୍ୟ ଗୋଷ୍ଠୀରେ ଦେଖାଯାଏ ନାହିଁ। ଲୋକ ମରିଗଲେ ବି ପାରିଙ୍ଗନା ରେ ଭାତ ଝଡ଼ିବାକୁ ହୋଇଥାଏ ଯାହା ଅନ୍ୟ ଗୋଷ୍ଠୀରେ ଦେଖିବାକୁ ମିଳେ ନାହିଁ। ପାରେଙ୍ଗା ସଂପ୍ରଦାୟର ଅନ୍ୟ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେଲା 'ତିପାଲନି'। ଏହା ମଦ ବା ପେଣ୍ଡମ ହୋଇଥାଏ। ତିପାଲନି ବା ବଦ ପେଣ୍ଡମ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅଙ୍ଗାଙ୍ଗୀଭାବେ ଜଡ଼ିତ ହୋଇ ନ ରହି ଗାଁର ଅନ୍ୟ ସଂପ୍ରଦାୟ ସହିତ ଏକତା ସୂତ୍ରରେ ବାନ୍ଧି ହୋଇରହିଥାନ୍ତି।

ନିଜ ଗାଁ ଛଡ଼ା ପାରେଙ୍ଗାମାନେ ବାସ କରୁଥିବା ଗାଁର ନିକଟତମ ଗାଁର ଲୋକଙ୍କ ସହିତ ପୂର୍ବ ପ୍ରଚଳିତ ବା ବଂଶାନୁକ୍ରମିକ ପରମ୍ପରା ଅନୁଯାୟୀ, କକା, ଖୁଡ଼ି, ମଉସା, ମାଉସୀ, ପିଉସା ପିଉସୀ, ମାମୁଁ ଭଣଜା ଅଜା ନାତି ଜେଜେ ଆଈ ଇତ୍ୟାଦି ଡାକିଥାନ୍ତି। ପର୍ବପର୍ବାଣି, ଯାନିଯାତ୍ରା, ବିବାହ ଉତ୍ସବ ଇତ୍ୟାଦିରେ ଯୋଗ ଦେବା ପାଇଁ ଡାକିଥାନ୍ତି। ପାରେଙ୍ଗା ବ୍ୟତୀତ ଅନ୍ୟ ଉଚ୍ଚଜାତିର ଲୋକ ହୋଇଥିଲେ ପାରେଙ୍ଗାମାନେ ରୋଷେଇ ପାଇଁ ଚାଉଳ, ପରିବା, ତେଲ, ଲୁଣ ଆଦି ଚଞ୍ଚା ଦେଇ ରୋଷେଇ ପାଇଁ ଅନୁରୋଧ କରିଥାନ୍ତି। ସେମାନେ ଅତି ସରଳ ଓ ଅତିଥିପ୍ରେମୀ। ଚିହ୍ନା ପରିଚୟ ପରେ (ସମସ୍ତଙ୍କୁ) ଯେ କୌଣସି ବ୍ୟକ୍ତିଙ୍କୁ ଅତିଶିଘ୍ର ନିଜର କରି ନିଅନ୍ତି। ପାରେଙ୍ଗାମାନେ ବାସ କରୁଥିବା ପାଖ ପଡ଼ୋଶୀ ଗାଁ ଗୁଡ଼ିକର ଉଚ୍ଚନୀଚଙ୍କୁ ସେମାନେ ଏହିପରି ପରଂପରାକ୍ରମେ ନିଜ ସଂପର୍କୀୟ ହିସାବରେ ଦେଖିଥାନ୍ତି ଏବଂ ଉଚ୍ଚ ଜାତିର ଲୋକଙ୍କୁ ଖରାପ ଦୃଷ୍ଟିରେ ନ ଦେଖି ସମ୍ମାନର ସହିତ ବ୍ୟବହାର ପ୍ରଦର୍ଶନ କରି ଅଲଗା ରୋଷେଇ କରି ଖାଇବାକୁ ଚଞ୍ଚା ଦେଇଥାନ୍ତି । ନିଜଠାରୁ ଛୋଟ ବା ନୀଚଜାତି ହୋଇଥିଲେ ଭୋଜି ମହୋତ୍ସବରେ ଯୋଗ ଦେବାକୁ ଅନୁରୋଧ କରନ୍ତି। ଘରେ ଅତିଥି ହୋଇଥିଲେ ନିଜ ଘରେ ଖାଇବାକୁ ଦିଅନ୍ତି। ପାରେଙ୍ଗା ବସତି ନିକଟବର୍ତ୍ତୀ ପଡ଼ୋଶୀ ଗାଁ ଗୁଡ଼ିକର ଅନ୍ୟାନ୍ୟ ଗୋଷ୍ଠୀର ଲୋକ ପୂର୍ବ ପରିଚିତ ସଂପର୍କ ଅନୁସାରେ କେହି ପାରେଙ୍ଗା ସଂପ୍ରଦାୟ ଲୋକ ମରିଗଲେ ଉକ୍ତ ଶୋକାକୁଳ ପରିବାରକୁ ଯାଆନ୍ତି ଏବଂ ସାହାଯ୍ୟ, ସହଯୋଗ ଓ ସୁଖ ଦୁଃଖରେ ସହଭାଗୀ ହୋଇଥାନ୍ତି। ସେହିପରି ସେମାନଙ୍କ ପଡ଼ୋଶୀ ଗାଁର ଅନ୍ୟ ଗୋଷ୍ଠୀର ଲୋକ ମରିଗଲେ ପାରେଙ୍ଗାମାନେ ଶୋକାକୁଳ ପରିବାରକୁ ସମବେଦନା ଜଣାଇବା ପାଇଁ ସେହି ଗାଁକୁ ଯାଆନ୍ତି । ପ୍ରାୟ ଅଧିକାଂଶ ପାରେଙ୍ଗା ଗାଁ ଗୁଡ଼ିକରେ ଏହି ପ୍ରକାର ସାହାଯ୍ୟ ସହଯୋଗ, ସଂପର୍କ, ଭାବର ଆଦାନ ପ୍ରଦାନ ଇତ୍ୟାଦି ଏବେ ସୁଦ୍ଧା ଦେଖିବାକୁ ମିଳେ। ପୂର୍ବପୁରୁଷରୁ ବା ବଂଶାନୁକ୍ରମେ ଏହିପରି ସାହାଯ୍ୟ, ସହଯୋଗ ସଂପର୍କ ରହିଥିବାରୁ ପାଖ ପଡ଼ିଶା ଗାଁ ତଥା ଅନ୍ୟମାନଙ୍କ ସହ ସ୍ୱାଭାବିକ ଭାବରେ ନିଜ ସଂପର୍କୀୟ ପରି ଅନୁଭବ କରିଥାନ୍ତି ଏବଂ ସେହି ଅନୁଯାୟୀ ସେମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଓ ସଦ୍‌ଭାବ ପ୍ରତିଷ୍ଠା ହୋଇଥାଏ। ଯଦିଓ ଅନ୍ୟ ଉଚ୍ଚ ସଂପ୍ରଦାୟ

ମଧ୍ୟରେ ପାରେଙ୍ଗାମାନଙ୍କ ପ୍ରତିସମ ଭାବ ରହିଛି ତଥାପି ଏହି ଉପର ବର୍ଣ୍ଣିତ ପରିସ୍ଥିତିରେ ସେମାନେ ଉଚ୍ଚନୀଚ ଭାବ ଭୁଲିଯାଇ ଏକତା ସୂତ୍ରରେ ବାନ୍ଧି ହୋଇଥାନ୍ତି। କେତେକ ଗାଁରେ ପାଖ ପଡ଼ିଶା ଗାଁ ଲୋକଙ୍କ ମିଳିମିଶି ପର୍ବପର୍ବାଣି, ମନ୍ଦିର ପୂଜା ବା ମେଳା ବାଲିଯାତ୍ରା ଆଦି ପାଳନ କରିଥାନ୍ତି।

ଶିଶୁ ଜନ୍ମ ବେଳେ ବି ଯାହା ସବୁ ନୀତି ନିୟମ ପାଳନ କରାଯାଏ ତାହା ଅନ୍ୟ ଗୋଷ୍ଠୀରେ ଦେଖାଯାଏ ନାହିଁ। ଯେପରିକି ପାରେଙ୍ଗା ଗୋଷ୍ଠୀର ଜଣେ ଶିଶୁ ନିଜ ପିଦର ଦେବତା ଥିବା ବାସଘରରେ ହିଁ ଜନ୍ମ କରିବା ଉଚିତ୍। ଏହା କୌଣସି ନିଜ ଘର ଛଡ଼ା ଅନ୍ୟ କୁଟୁମ୍ବ ବା ବଂଶ, ବନ୍ଧୁଘର, ଶିଶୁର ମାଙ୍କର ଘର ଅର୍ଥାତ୍ ଶିଶୁର ମାମୁଁଘର, ଅନ୍ୟ କୌଣସି ହାଟ ବଜାର, ନଈନାଳ, ବଣପାହାଡ଼ ଏପରିକି ଡାକ୍ତରଖାନାରେ ଜନ୍ମ ଗ୍ରହଣ କଲେ ଶିଶୁ ପରିବାରକୁ ବାସନ୍ଦ କରାଯାଏ ଓ ଶିଶୁର ପରିବାରର ସଦସ୍ୟବର୍ଗଙ୍କୁ ଘୁଷୁରୀ, ଛେଳି, କୁକୁଡ଼ା ଆଦି ମାରି କୁଟୁମ୍ବରେ ମିଶିବାକୁ ହୋଇଥାଏ। ଏହାକୁ ଜାତିମିଶାନି କୁହାଯାଏ।

ମୁଖ୍ୟତଃ ଏମାନଙ୍କ ସ୍ୱତନ୍ତ୍ର ପ୍ରତୀକ ହେଲା ଜାତ୍‌ରେଙ୍ଗ୍ (ଫୁଲ୍ ଝାଡୁଗଛ) ଏହି ଜାତ୍ରେଙ୍ଗ୍ ଦ୍ୱାରା ବାହାଘର ଏକୋଇଶିଆ, ଜାତିମିଶାନି ବା କୁଟୁମ୍ବର କେହି ରୋଗପୋକ ହୋଇଥିଲେ, ନୀଚ ଜାତି ହାତରୁ ମାଡ଼ ଖାଇଥିଲେ ପାରେଙ୍ଗା ସଂପ୍ରଦାୟ ଛଡ଼ା ଅନ୍ୟ ସଂପ୍ରଦାୟକୁ ବାହା ହୋଇଥିଲେ, ଜେଲରୁ ଆସିଥିଲେ, ଶିଶୁ ନିଜ  ପିଦର ଦେବତା ଥିବା ଘରଠାରୁ ଅଲଗା ତଥା ଡାକ୍ତରଖାନାରେ ଜନ୍ମ ହୋଇଥିଲେ ମଧ୍ୟ ଉକ୍ତ ଜାତ୍ରେଙ୍ଗ ଗଛକୁ ଉପର ଭାଗକୁ ପୋଡ଼ି ତା ମୂଳ ପଟ ମାଟିରେ, ଗୋବରରେ ପୋତି ତା ଭିତର ଦେଇ ଗଳି ଯାଇ ଗୋବରର ଶୁଖିଲା ଘଷିରେ ନିଆଁ ଲଗାଇ ସେଥିରେ ସୁନା ଓ ରୂପା ସେକି ତାହା ଜିଭରେ ସେକି ଶୁଦ୍ଧି ଗ୍ରହଣ କରନ୍ତି। ଅନ୍ୟ କୌଣସି ଗୋଷ୍ଠୀରେ ଶିଶୁ ଜନ୍ମ ସମ୍ବନ୍ଧୀୟ ଏହିପରି କଟକଣା ଓ ଜାତ୍ରେଙ୍ଗ ଦ୍ୱାରା ଗଳି (ଟିଙ୍ଗଲା), କାର୍ଯ୍ୟକ୍ରମ ଦେଖାଯାଏ ନାହିଁ। ଲୋକମାନେ ଆନୁମାନିକ ଭାବରେ କହନ୍ତି ଯେ, ଏହି ଜାତ୍ରେଙ୍ଗର କାର୍ଯ୍ୟକ୍ରମ ପ୍ରକ୍ରିୟା ବହୁ କ୍ଷେତ୍ରରେ ପାରେଙ୍ଗାମାନଙ୍କ ସଂସ୍କୃତିରେ ଜଡ଼ିତ ଥିବାରୁ ଜାତ୍ରେଙ୍ଗ୍‌ରୁ ପାରେଙ୍ଗା ପରଜା ଶବ୍ଦର ସୃଷ୍ଟି ସଂସ୍କୃତିରେ ଜଡ଼ିତ ଥିବାରୁ ଜାତ୍ରେଙ୍ଗ୍‌ରୁ ପାରେଙ୍ଗା ପରଜା ଶବ୍ଦର ସୃଷ୍ଟି ହୋଇଛି। ଆଗ କାଳରେ ପାରେଙ୍ଗା ଲୋକମାନେ ନିଜର ଗାଈଗୋରୁ ମରିଗଲେ, ଶ୍ରାଦ୍ଧ (ବୁଡ଼୍) କାର୍ଯ୍ୟକ୍ରମ, ବିବାହ, ଝାକର ପରବ ବା ବାନ୍ଦାପାନ ପରବପାଳନ କରିବା ସମୟରେ ଗୋରୁ ମାଂସ ଖାଉଥିଲେ। ବର୍ତ୍ତମାନ ଗୋରୁମାଂସ ଓ ଘୁଷୁରୀ ମାଂସ ଖାଇବା କମାଇ ଦେଲେଣି। କେତେକ ଶିକ୍ଷିତ ପାରେଙ୍ଗାମାନେ ଆଦୌ ଗୋରୁମାଂସ ବା ଘୁଷୁରୀ ମାଂସ ଖାଆନ୍ତି ନାହିଁ। ଯାହା ସବୁ ଉଚିତ ବୋଲି ମନେ କରନ୍ତି ତାହା ସେମାନେ ସଂସ୍କୃତିରୁ ବାଦ୍ ଦିଅନ୍ତି ନାହିଁ, ଯେପରି ଅବିବାହିତ କନ୍ୟା ଗୁପ୍ତ ଯୌନ ସଂପର୍କ ରଖି ଗର୍ଭବତୀ

ଯଦି ହୁଏ ତେବେ ତା'ର ସହିତ ତା ପରିବାର ଲୋକଙ୍କୁ ପାରେଙ୍ଗା ନିଜ ଗୋଷ୍ଠୀରୁ ବାସନ୍ଦ କରନ୍ତି। ପରିଷଦ ବସି ଯୌନ ସଂପର୍କ ରଖିଥିବା ଯୁବକ ସହିତ କନ୍ୟାର ବାହାଘର ପରେ ପୁଣି ଜାତି ମିଶା କର୍ମକର୍ମାଣି ପରେ ତାଙ୍କ ପରିବାରକୁ ପାରେଙ୍ଗା ସମାଜରେ ମିଶାଯାଏ।

ସେମାନଙ୍କ ରକ୍ଷଣଶୀଳ ନୀତିନିୟମ କେତେକ କ୍ଷେତ୍ରରେ ପରିବର୍ତ୍ତିତ ହୋଇଛି। କିନ୍ତୁ କେତେକ କ୍ଷେତ୍ରରେ ଅଦ୍ୟାବଧି ପୁରୁଣା ପ୍ରଥା ରହିଛି। ପାରେଙ୍ଗା ମହିଳାମାନେ ଚପଲ ପିନ୍ଧିବା ନିଷିଦ୍ଧ ଥିଲା ତାହା ବର୍ତ୍ତମାନ ଆଉ ନାହିଁ। ଜାତିରୁ ବାସନ୍ଦ ଭୟରେ ପାରେଙ୍ଗା ବା ଜାତି ମିଶିବା ଭୟରେ ଶିଶୁ ପ୍ରସବ କାଳରେ ଡାକ୍ତର ଖାନା ଯିବା ନିଷିଦ୍ଧ ଥିଲା। ବର୍ତ୍ତମାନ ପ୍ରସବ ସମୟରେ ଡାକ୍ତରଖାନା ଯାଉଛନ୍ତି କିନ୍ତୁ ଡାକ୍ତରଖାନାରୁ ପ୍ରସୂତୀ ମା' ଘରକୁ ଫେରିଲେ କୁଟୁମ୍ବରେ ପୁଣି ଜାତି ମିଶିବାକୁ ପଡୁଛି। ଶିଶୁ ଜନ୍ମ ସମୟରେ ପ୍ରସୂତୀ ମା'କୁ ବା ଶିଶୁ ଜନ୍ମ ପରେ (ହାଣ୍ଡି ଧରାଳି) କାର୍ଯ୍ୟକ୍ରମ ପୂର୍ବରୁ ଆଗରୁ ଅନ୍ୟ କେହି ଅଶୁଚୀ (ସୁତକ) କହି ଛୁଇଁବାକୁ ପୁରାକାଳରେ ମନା ଥିଲା ଓ ତାହା ଏବେ ବି ଅଛି। ଆଗରୁ ଲିଖିତ ହୋଇଯାଇଛି ଯେ ପାରେଙ୍ଗାମାନେ ନିଶା ପ୍ରିୟ।

ପାରେଙ୍ଗା ସଂସ୍କୃତିରେ ନିଶା, ଯଥା:- ମଦ ଓ ପେଣ୍ଡମ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବ୍ୟବହୃତ ହୁଏ। ପୂର୍ବେ ପୁରୁଷ ଲୋକମାନେ ଲେଙ୍ଗୁଟି ପିନ୍ଧୁଥିଲେ ଓ ସ୍ତ୍ରୀଲୋକମାନେ ନିଜ ହାତରେ ବୁଣୁଥିବା ମୋଟା ଗାରଗାରିଆ ନାଲି-ଧଳା ରଂଗ ଓ କଳା ରଂଗ ସୂତା ମିଶ୍ରିତ ସୂତାରେ ତିଆରି କେରେଙ୍ଗ୍ ପିନ୍ଧୁଥିଲେ। ଏହା ଉଭୟଙ୍କ ପାଇଁ ଦରକାର ପଡୁଥିଲା। ବେକରେ ଗୋଟିଏ ବାନ୍ଧି ଦେହ ଘୋଡ଼ାଇ ହେଉଥିଲେ ଓ ଅଣ୍ଟାରେ ଗୋଟିଏ ବାନ୍ଧୁଥିଲେ। ବର୍ତ୍ତମାନ ପାରେଙ୍ଗା ପୁରୁଷମାନେ ଲୁଙ୍ଗି, ପ୍ୟାଣ୍ଟ, ସାର୍ଟ ପିନ୍ଧିଲେଣି। ସ୍ତ୍ରୀ ଲୋକମାନେ ଶାଢ଼ିକୁ ଅଣ୍ଟାରେ ଗୁଡ଼େଇ କାନ୍ଧରେ ଗୋଟିଏ ଗଣ୍ଠି ପକାଇ ପିନ୍ଧନ୍ତି। ଆଧୁନିକ ଯୁବତୀ ତଥା ଶିକ୍ଷିତ ପାରେଙ୍ଗା ସ୍ତ୍ରୀ ଲୋକମାନେ ଶାଢ଼ୀ, ଶାୟା ଓ ବ୍ଲାଉଜ୍ ପିନ୍ଧନ୍ତି। କୌଣସି କଟକଣା ପୋଷାକ ପରିଛଦ ଉପରେ ନାହିଁ। ପୂର୍ବ କାଳରେ ବେକରେ କାଗଲା (ରୂପାର ଏକ ବଡ଼ ବଳା) ସୁନାର ମୁଦି, କାନରେ ସୁନାର ନାଗୁଲ, ବାଉଳି ଇତ୍ୟାଦି ପିନ୍ଧୁଥିଲେ। ଏବେ ମଧ୍ୟ ଏହା କେତେକାଂଶରେ ପ୍ରଚଳିତ ଅଛି। ମୋଟ ଉପରେ କହିବାକୁ ଗଲେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କରାଯାଉଥିବା କାର୍ଯ୍ୟଧାରା ଓ ନୀତିନିୟମ ସମୂହରୁ ପାରେଙ୍ଗାମାନଙ୍କ ଚରିତ୍ରର ବୈଶିଷ୍ଟ୍ୟ ପ୍ରତିପାଦିତ ହୋଇଥାଏ। କାରଣ ସେମାନଙ୍କ ସଂସ୍କୃତି ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଆଧାରିତ କାର୍ଯ୍ୟଧାରା ଉପରେ ପର୍ଯ୍ୟବସିତ ଯାହା ଅନ୍ୟମାନଙ୍କଠାରୁ ପୃଥକ ଅଟେ। ଏହା କେତେକ କ୍ଷେତ୍ରରେ ଅନ୍ୟ ଗୋଷ୍ଠୀର କାର୍ଯ୍ୟଧାରା ଓ ନୀତିନିୟମ ସହ ସାମଞ୍ଜସ୍ୟ ଦେଖାଏ। ପାରେଙ୍ଗା ସଂସ୍କୃତି ଓ ପରଂପରା ଅନ୍ୟାନ୍ୟ ଗୋଷ୍ଠୀଠାରୁ ପୃଥକ ଅଟେ।

# କର୍ମକର୍ମାଣି

ସେମାନେ ଭାବନ୍ତି ଯେ, ଭଗବାନ ଆମ୍ଭକୁ ଜନ୍ମ ଦେଇଛନ୍ତି ନିଶ୍ଚିତ ଦିନେନା ଦିନେ ମରିବା କିନ୍ତୁ ଯେତେ ଦିନ ପର୍ଯ୍ୟନ୍ତ ବଞ୍ଚିବା ସୁଖ ଶାନ୍ତିରେ ବଞ୍ଚିବା। ପାରେଙ୍ଗାମାନେ ଭବିଷ୍ୟତ କଥା କେବେ ବି ଚିନ୍ତା କରନ୍ତି ନାହିଁ। ବର୍ତ୍ତମାନକୁ ନେଇ ସର୍ବଦା ସେମାନେ କାର୍ଯ୍ୟରତ। ପାରେଙ୍ଗାମାନଙ୍କ ଜୀବନଶୈଳୀ ବହୁତ ସରଳ, ସେମାନଙ୍କ ମଧ୍ୟରେ ଛନ୍ଦ, କପଟ ଇତ୍ୟାଦି କିଛି ବି ନଥାଏ।

**ଗର୍ଭ ଧାରଣ ସଂପର୍କିତ ସୂଚନା :**

ପାରେଙ୍ଗା ପରିବାରକୁ ଯେତେବେଳେ ଶିଶୁଟିଏ ଆସେ ସେମାନେ ତାହାକୁ ଭଗବାନଙ୍କ ଉପହାର ଓ ପୂର୍ବପୁରୁଷଙ୍କ ପୁନରାଗମନ ବୋଲି ଭାବିଥାନ୍ତି। କୌଣସି ଲୋକ ମୃତ୍ୟୁବରଣ କରେ ସେହି ମୃତ୍ୟୁ ବରଣ କରିଥିବା ଲୋକର ଅଣ୍ଟାର(ଜାଙ୍କ) ଦୁଇ ପାର୍ଶ୍ୱରେ ବା ଯେକୌଣସି ଗୋଟିଏ ପାଖରେ କଳା ଚିହ୍ନ ଦୁଇଟି ଲଗାଇଦିଅନ୍ତି। ଶିଶୁଟିଏ ଜନ୍ମ ହେଲା ପରେ ଯଦି ତା'ର ଅଣ୍ଟାର ଯେ କୌଣସି ପାର୍ଶ୍ୱରେ କଳା ଚିହ୍ନ ଆସିଥାଏ; ତେବେ ତାହାକୁ ପୂର୍ବପୁରୁଷଙ୍କ ଆଗମନ ବୋଲି ଧରିନିଅନ୍ତି ଏବଂ ପୂର୍ବ ପୁରୁଷଙ୍କ ନାମ ଅନୁସାରେ ଶିଶୁଟିର ନାମ ମଧ୍ୟ ଦିଆଯାଇଥାଏ। ଶିଶୁଟିଏ ଜନ୍ମ ହେବା ପୂର୍ବରୁ ଅର୍ଥାତ୍ ତା'ର ମା (ଆୟା) ଗର୍ଭ ଧାରଣ କରିବା ଅବସ୍ଥାରେ, ଗର୍ଭସ୍ଥ ଶିଶୁଟି ନଷ୍ଟ ନ ହେବା ପାଇଁ ପାରେଙ୍ଗାମାନେ ଠାକୁରଙ୍କ (କିତୁଙ୍ଗ୍) ନିକଟରେ ବିଭିନ୍ନ ପୂଜା ପାଠ କରନ୍ତି। ଶିଶୁଟି ଜନ୍ମ ହେବାର ୪ ମାସ ପୂର୍ବରୁ ଦିଶାରୀଙ୍କୁ ଡାକି ଗ୍ରହ, ନକ୍ଷତ୍ର ଦେଖି ଭଲ, ତିଥି ବାର ଅନୁସାରେ ପୂଜା କରିବା ପାଇଁ ସ୍ଥିର କରନ୍ତି। ଧାର୍ଯ୍ୟ ଦିନ ଅନୁସାରେ ଦିଶାରୀ ଆସନ୍ତି ଏବଂ ସେମାନେ ମଧ୍ୟ ପୂଜା ସାମଗ୍ରୀ ସଂଗ୍ରହ କରି ରଖିଥାନ୍ତି। ପୂଜା ପାଠ କରିବା ସମୟରେ ଦିଶାରୀଙ୍କ ବରାଦ ଅନୁଯାୟୀ କେତେକ ଫୁଲ,(ତାରବାସୀ), ଫଳ, (ଇଜ) କଣ୍ଟା (ଉଭା), କଦଳୀ, କୁକୁଡ଼ା (ଧାଙ୍ଗର), ଛେଳି (କିନ୍‌ସେନ୍), କଦଳୀ ପୁଆ ଇତ୍ୟାଦି ଆବଶ୍ୟକ ଅନୁସାରେ ସଂଗ୍ରହ କରି ରଖିଥାନ୍ତି। ଏହି ପୂଜାପାଠ ସାଧାରଣତଃ ଛକ (ଢେଲା) ରାସ୍ତା (ଯେଉଁ ସ୍ଥାନରୁ ତିନି ଚାରିଟି ରାସ୍ତା ବାହାରିଥାଏ।)ରେ କରାଯାଏ। ଦିଶାରୀ ସେହି ଗର୍ଭ ଧାରଣ କରିଥିବା ସ୍ତ୍ରୀ ଲୋକଟିକୁ

ଢେଲା ବାଟରେ ବସାଇ ପୂଜାପାଠ କରନ୍ତି ଏବଂ ତାହାର ବେକରେ ଏକ କଳା ସୁତା ବାନ୍ଧି ଦିଅନ୍ତି। ଏହା ପରେ ଶିଶୁଟି ଜନ୍ମ ହେବାର ୨ ମାସ ପୂର୍ବରୁ ଆଉ ଏକ ପୂଜାପାଠର ବ୍ୟବସ୍ଥା କରିଥାନ୍ତି। ଦିଶାରୀଙ୍କୁ ଡାକି ଗ୍ରହ ନକ୍ଷତ୍ର ଦେଖି ଭଲ ତିଥି ବାର ଅନୁସାରେ ଦିନ ଧାର୍ଯ୍ୟ କରାଯାଏ। ଦିଶାରୀଙ୍କ କହିବା ଅନୁସାରେ ପୂଜା ସାମଗ୍ରୀ ସଂଗ୍ରହ କରାଯାଏ। ଏହି ପୂଜାକୁ ସେମାନେ ସାଧାରଣତଃ ତପାରାଙ୍ଗଣୀ (ଯେଉଁ ସ୍ଥାନରେ ପଥର  କିଛି ମାଟି ଉପରେ ଦେଖାଯାଏ)ରେ ଦିଶାରୀ କହିବା ଅନୁସାରେ ଗର୍ଭଧାରଣ କରିଥିବା ସ୍ତ୍ରୀ ଲୋକକୁ ସେଠାକୁ ନେଇ ପୂଜା ପାଠ କରାଯାଏ ଏବଂସେହି ମହିଳା (ଗୁନିଆଆସ୍‌କୁଇ) ଲୋକ ବେକରେ ଆଉ ଏକ ଧଳା ସୂତା (ଯେଉଁଥିରେ ବିଭିନ୍ନ ପ୍ରକାର ଚେରମୂଳି ବନ୍ଧା ଯାଇଥାଏ) ବାନ୍ଧିଥାଆନ୍ତି। ଏହାପରେ ପାରେଙ୍ଗାମାନେ ଶେଷଥର ପାଇଁ ଅର୍ଥାତ୍ ଶିଶୁଟି ଜନ୍ମ ହେବାର ୧ ମାସ ପୂର୍ବରୁ ଗର୍ଭପାତ ନ ହେବା ପାଇଁ ଆଉ ଏକ ପୂଜାପାଠର ବ୍ୟବସ୍ଥା କରନ୍ତି। ଏହି ପୂଜାପାଠ ଦିଶାରୀ କହିବାନୁସାରେ ବସଲନି ବା ସାଙ୍ଗାମା (ଯେଉଁ ସ୍ଥାନରେ ୨ଟି ବା ୩ଟି ନଦୀର ମିଳନ ହୋଇଛି।) ସ୍ଥାନରେ କରାଯାଇଥାଏ। ଏହି ପୂଜାପାଠ ସମୟରେ ଗର୍ଭଧାରଣ କରିଥିବା ମହିଳାଙ୍କୁ ସେହି ସ୍ଥାନକୁ ନିଆଯାଏ ଏବଂ ଦିଶାରୀ ସେଠାରେ ପୂଜାପାଠ କରିବା ପରେ ଗର୍ଭ ଧାରଣ କରିଥିବା ମହିଳା ପୂର୍ବରୁ ଯେଉଁ ଧଳା ସୂତା ବେକରେ ପିନ୍ଧିଥାନ୍ତି ତାହାକୁ ବେକରୁ କାଢ଼ି ନଦୀରେ ଭସାଇ ଦିଅନ୍ତି, କିମ୍ବା ତାହା ବେକରେ ମଧ୍ୟ ଥାଏ। ଗର୍ଭଧାରଣ କରିଥିବା ମହିଳାଙ୍କ ଗର୍ଭପାତ ନ ହେବା ପାଇଁ ବିଭିନ୍ନ ପ୍ରକାର ପୂଜାପାଠର ବ୍ୟବସ୍ଥା କରାଯାଏ। ଗର୍ଭଧାରଣ କରିଥିବା ମହିଳା ତାଙ୍କ ସ୍ୱାମୀ (ଆତ୍ତୁନ୍) କିମ୍ବା ପରିବାରର ସଦସ୍ୟ ସେମିତି କିଛି ବାରଣ କରନ୍ତି ନାହିଁ।  ଗର୍ଭଧାରଣ କରିଥିବା ମହିଳା (ଗୁନି) ପ୍ରାୟ ସବୁ ପ୍ରକାର ଖାଦ୍ୟ ଖାଇପାରନ୍ତି। ଖାଦ୍ୟ ପାଇଁ ମଧ୍ୟ କିଛି କଟକଣା ନ ଥାଏ। କିନ୍ତୁ ବିଶେଷ କରି ଗର୍ଭଧାରଣ କରିଥିବା ମହିଳା, କାର୍ଯ୍ୟ (କାବାଡ଼) କରିବା ଉପରେ କଟକଣା ଥାଏ।  କୌଣସି ଶାରୀରିକ କଷ୍ଟ କାମ କରନ୍ତି ନାହିଁ, ଯେପରି ବିଲକୁ ଯିବା, ଧାନ କାଟିବା, ଅମଳ କରିବା, ପାଣି ବୋହିବା ଇତ୍ୟାଦି। ଗର୍ଭଧାରଣ କରିଥିବା ମହିଳା ବେଶି ଶାରିରୀକ ପରିଶ୍ରମ କଲେ ଗର୍ଭପାତ ହୋଇଯିବାର ସମ୍ଭାବନା ଥାଏ ବୋଲି ସେମାନେ ମତବ୍ୟକ୍ତ କରିଥାନ୍ତି। କେବଳ ରୋଷେଇ କାର୍ଯ୍ୟ ବା ଘରେ ସହଜ ସାଧ୍ୟ କାର୍ଯ୍ୟ କରିଥାନ୍ତି। ସେମାନଙ୍କ ଗୃହ ସାଧାରଣତଃ ୨ କୋଠରୀ ବିଶିଷ୍ଟ। ଗୋଟିଏ ରୋଷେଇ କକ୍ଷ ଓ ଆଉଗୋଟିଏ ଶୟନ କକ୍ଷ। ଗର୍ଭଧାରଣ କରିଥିବା ମହିଳାଙ୍କ ପ୍ରସବା କରିବା ସମୟ ହୋଇଗଲେ ସେ ଶୟନ କକ୍ଷରେ ଏକ କୋଣରେ ରହିଥାଏ। ପ୍ରସବ ସମୟରେ ପାରେଙ୍ଗା ଜାତିର କେତେ ଜଣ ସ୍ତ୍ରୀ ଲୋକ ସେହି ଗର୍ଭଧାରଣ କରିଥିବା ମହିଳାର ଚତୁଃପାର୍ଶ୍ୱରେ ଘେରି ଠିଆ ହୋଇଥାନ୍ତି। ପ୍ରସବ ସମୟରେ ଯଦି କିଛି ଯନ୍ତ୍ରଣା ଅନୁଭୂତ ହୁଏ ତେବେ ପାରେଙ୍ଗାମାନେ ସଂଗେ ସଂଗେ ନିକଟସ୍ଥ ଗ୍ରାମର ଜଣେ

ଅଭିଜ୍ଞ ସୁତରାନି ମାଇଜି (ଧାଇ)କୁ ଡାକନ୍ତି।  ଏହା ପରେ ସୁତରାନି ମାଇଜି ପ୍ରସବ ବେଳେ ଯଥେଷ୍ଟ ସହାୟକ ହୋଇଥାଏ। ଶିଶୁଟି ଜନ୍ମ ହୋଇସାରିବା ପରେ ତାଙ୍କୁ ଗରମ ପାଣିରେ ପୋଛାପୋଛି କରି ନିଆଁରେ ଶେକି ଥାନ୍ତି। ଉପସ୍ଥିତ ଥିବା ମହିଳାମାନେ ପ୍ରସବ କରିଥିବା ମହିଳାଜଣଙ୍କର ଲୁଗାପଟା ଧୁଆଧୋଇ କରିବା ସହିତ ତାଙ୍କୁ ମଧ୍ୟ ଗାଧୋଇ ଦେଇଥାନ୍ତି। ସୁତରାଂ ମାଇଜି ନବଜାତ ଶିଶୁର ନାଭି (ବୁମୁଲି) କାଟିଥାନ୍ତି। ଏଥି ନିମନ୍ତେ ବର୍ତ୍ତମାନ ବ୍ଲେଡ୍ ବ୍ୟବହାର କରୁଛନ୍ତି। କଟା ଯାଇଥିବା ଏହି ନାଭିକୁ ଘରର ପଛ ପାର୍ଶ୍ୱରେ ଏକ ଗର୍ତ୍ତ ଖନନ କରି ସେଠାରେ ପୋତି ଦେଇଥାନ୍ତି। ପ୍ରସବ କରିଥିବା ମହିଳାକୁ ତିନି ଓଳି ଦୁଇ ମୁଠାଏ ଲେଖାଏଁ ଚାଉଳର ଭାତ ରାନ୍ଧି ଖାଇବାକୁ ଦିଆଯାଏ। ଦୁଇମୁଠା ଚାଉଳ ନେବାର କାରଣ ଗୋଟିଏ ମୁଠା ଶିଶୁ ପାଇଁ ଏବଂ ଆଉ ଏକ ମୁଠା ତା'ର ମା ପାଇଁ। କେବଳ ଦୁଇମୁଠା ଚାଉଳର ଭାତ ଦିଆଯାଇଥାଏ। ଭାତ ସହିତ ଅନ୍ୟ କୌଣସି ତରକାରୀ କିମ୍ବା ଶାଗ ଦିଆଯାଏ ନାହିଁ। ତିନିଥର କେବଳ ଭାତ ଖାଇବା ପରେ ସେ ସବୁ ପ୍ରକାର ଖାଦ୍ୟ ଖାଇପାରେ ଏହା ପରେ ତା' ପାଇଁ କୌଣସି ଖାଦ୍ୟର କଟକଣା ନଥାଏ। ପ୍ରସୂତି ପରେ କୌଣସି ପୂଜାପାଠର ବ୍ୟବସ୍ଥା ନଥାଏ। ଶିଶୁଟି ଜନ୍ମ ହୋଇସାରିବା ପରେ ପରିବାରର ଅନ୍ୟ ସଦସ୍ୟମାନେ ବହୁତ ଖୁସି ହୋଇଥାନ୍ତି। ଜନ୍ମ କରିଥିବା ମହିଳା ଜଣକ ଶାରୀରିକ ସୁସ୍ଥ ହେବା ପର୍ଯ୍ୟନ୍ତ ତା'ର ସ୍ୱାମୀ (ଆତ୍ତୁନ୍)ଘରର ସମସ୍ତ କାର୍ଯ୍ୟ କରିଥାଏ। ମହିଳା (ଗୁନି) ଜଣକୁ କୌଣସି କଷ୍ଟସାଧ୍ୟ ଶାରୀରିକ ପରିଶ୍ରମ କରିବାକୁ ଦିଆଯାଏ ନାହିଁ, କାରଣ ତା'ର ଦେହରେ ରକ୍ତ ନ ଥାଏ ବୋଲି ପାରେଙ୍ଗାମାନେ ମତବ୍ୟକ୍ତ କରନ୍ତି। ହାଣ୍ଡିଧାରାଣି ନ ହେବା ପର୍ଯ୍ୟନ୍ତ ତାଙ୍କ ଗୃହକୁ କେହି ପ୍ରବେଶ କରନ୍ତି ନାହିଁ।  କାରଣ ତାଙ୍କ ଘର ଅଶୁଦ୍ଧ ଥାଏ ବୋଲି କହିଥାନ୍ତି। ହାଣ୍ଡିଧାରାଣି (ଏକୋଇଶିଆ) କାର୍ଯ୍ୟକ୍ରମ ପାରେଙ୍ଗା ସଂପ୍ରଦାୟରେ ସାଧାରଣତଃ ଶିଶୁଟି ଜନ୍ମ ନେବାର ତିନି ଚାରିଦିନ ପରେ କରିଥାନ୍ତି। ଏହି ଦିନ ଗୃହ ଲିପାପୋଛା କରିଥାନ୍ତି ଏବଂ ପ୍ରସବ କରିଥିବା ମହିଳା ନଦୀ ତୁଠକୁ ଯାଇ ଗାଧୁଆ ପାଧୁଆ କରିଥାନ୍ତି। ଦିଶାରୀକୁ ଡାକି ଗୃହର ପଛ ପାର୍ଶ୍ୱରେ ଯେଉଁ ସ୍ଥାନରେ ନାଭି (ବୁମୁଲି) ପୋତା ଯାଇଥାଏ ସେଠାରେ ପୂଜା ପାଠ କରନ୍ତି ଏବଂ କୁକୁଡ଼ା ମଧ୍ୟ ବଳି ଦିଅନ୍ତି। ଏହା ପରେ ଘରର ସମସ୍ତ ସଦସ୍ୟ ମିଶି ଭୋଜି କରି ଖାଇଥାନ୍ତି। ହାଣ୍ଡିଧାରାଣୀର ତିନି ଚାରି ଦିନ ପରେ ଦିଶାରୀ କହିବାନୁସାରେ ଭଲ ତିଥି, ବାର ଦେଖି ପାରେଙ୍ଗା ସମାଜରେ ଶିଶୁ ପାଇଁ ଏକ ଜନ୍ମ ସୁତା (ଫିଜରମାନାନି) କାର୍ଯ୍ୟକ୍ରମ କରିଥାନ୍ତି। ଏହି ଦିନ ଦିଶାରୀ ସେହି ଗୃହରେ ପୂଜାପାଠ କରିବା ସହିତ ଶିଶୁର ବେକରେ ଓ ଅଣ୍ଟାରେ ଦୁଇଟି ସୂତା ଚେରମୂଳିକା ସହ ବାନ୍ଧିଥାନ୍ତି। ଶିଶୁର ଦେହରେ ଏହି ସୂତା ବାନ୍ଧିବାର କାରଣ ଶିଶୁ ଉପରେ କୌଣସି ଡୁମ୍ବା କିମ୍ବା ଅଲୌକିକ ଶକ୍ତିର କିଛି ପ୍ରଭାବ ପଡ଼ିବ ନାହିଁ ବୋଲି ପାରେଙ୍ଗାମାନେ ମତବ୍ୟକ୍ତ

କରିଥାନ୍ତି। ଏହି ଦିନ ବଡ଼ ଧରଣର ଭୋଜି ନ ହେଲେ ମଧ୍ୟ ତାଙ୍କ ଗୋଷ୍ଠୀର ମୁଖ୍ୟ ସଦସ୍ୟମାନଙ୍କୁ ଡାକି ଏକ ଭୋଜିର ଆୟୋଜନ କରିଥାନ୍ତି। ଆହୁରି ମଧ୍ୟ ପାରେଙ୍ଗାମାନେ ଶିଶୁଟି ଜନ୍ମ ହେବାର ଦୁଇ ଦିନ ପରେ କାଉଡ଼ି ଦୁହାଇଁବା ଦିନ ପାଳନ କରନ୍ତି। ଏହି ଦିନ ବିରି ଭାତ କରିଥାନ୍ତି। ଏକ ଛୋଟ କାଉଡ଼ିରେ କାଠ ଓ ପତ୍ର ରଖି ଏ ଶିଶୁର ବେକରେ ଥୋଇ ଶିଶୁକୁ ଜଙ୍ଗଲକୁ ଯିବାକୁ କହନ୍ତି ଏବଂ ତା' ପାଟିରେ ବିରି ଭାତ ଟିକିଏ ଲଗାଇ ଦିଅନ୍ତି। ପାରେଙ୍ଗାମାନେ ସାଧାରଣତଃ ଶିଶୁର ନାମକରଣ ଦିଶାରୀ କହିବାନୁସାରେ ଫିଜର ମାନିବା ଦିନ କରିଥାନ୍ତି। ନବଜନ୍ମିତ ମା'କୁ କୁକୁଡ଼ା ମାରି ଖାଇବାକୁ ଦେଇଥାନ୍ତି। କାରଣ ଶିଶୁଟି ଜନ୍ମ କରିଥିବାରୁ ମା'ର ଶରୀରରେ ରକ୍ତର ଅଭାବ ଥିବାରୁ ଏହି କାର୍ଯ୍ୟକ୍ରମ କରାଯାଇଥାଏ। ଏହି ଦିନକୁ ପକ୍ଷୀବାଲା ଦିନ ବୋଲି କହିଥାନ୍ତି। ଶିଶୁଟି ଜନ୍ମ ହେବାର ପ୍ରାୟ ୧୫ ଦିନ ପରେ ସୁତରାନି ମାଇଜିକୁ (ଧାଇ) ଡାକି ତାକୁ କିଛି ବକା, କୁକୁଡ଼ା, ଶାଢ଼ୀ ଇତ୍ୟାଦି ଦେଇଥାନ୍ତି। କାରଣ ଶିଶୁର ଜନ୍ମ ସମୟରେ ଧାଈର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିଶୁଟି ଶିଶୁଟି ଜନ୍ମ ହେବାର ପ୍ରାୟ ୬ ମାସ ପର୍ଯ୍ୟନ୍ତ କେବଳ ମା'ର କ୍ଷୀର ପାନ କରିଥାଏ। ଶିଶୁଟି ଅନ୍ୟ କୌଣସି ଖାଦ୍ୟ ଖାଇବା ପୂର୍ବରୁ ଦିଶାରୀ ସହ ଯୋଗାଯୋଗ ଦେଖି ଗ୍ରହ ନକ୍ଷତ୍ର କରି ଏକ ଭଲ ଦିନ ଧାର୍ଯ୍ୟ କରିଥାନ୍ତି। ସେହିଦିନ ଶିଶୁକୁ ପ୍ରଥମେ ମାଣ୍ଡିଆ, ପେଜ, (ଡ଼ୋଇ-ଇଲାଇ) ଖାଇବାକୁ ଦିଆଯାଇଥାଏ। ଏହାପରେ ଶିଶୁ ଧୀରେ ଧୀରେ ସବୁ ଖାଦ୍ୟ ଖାଇଥାଏ। ଶିଶୁକୁ ୨ -୩ ବର୍ଷର ହୋଇଗଲେ ତା'ର କାନ (ଲୁ) ଫୋଡ଼ାଇବା ପାଇଁ ବ୍ୟବସ୍ଥା କରନ୍ତି। ଶିଶୁଟି ବଡ଼ ହୋଇଗଲେ କାଳେ ଦେଖାଇବ କି ନାହିଁ ସେଥିପାଇଁ ପାରେଙ୍ଗାମାନେ ୨ / ୩ ବର୍ଷ ରେ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥାନ୍ତି। ଦିଶାରୀଙ୍କ ପରାମର୍ଶ ଅନୁସାରେ ଏକ ଭଲ ତିଥିବାର ଦେଖି ଶିଶୁର କାନ ଫୋଡ଼ା ହୋଇଥାଏ। ଶିଶୁର କାନ ଫୋଡ଼ାଇବା ପାଇଁ ପାରେଙ୍ଗାମାନେ ପିତଳ ମୁଦି (ସରୁକଣ୍ଟା)ର ବ୍ୟବହାର କରିଥାନ୍ତି। କାନ ଫୋଡ଼ାଇବର ୨ ଦିନ ପରେ କାନ ନ ପାଚିବା ପାଇଁ ସେଠାରେ ଲୁଣପାଣି ଲଗାଇଥାନ୍ତି। ଶିଶୁର କର୍ଣ୍ଣବେଧ ଦିବସରେ ସେମିତି  କିଛି ପୂଜା ପାଠ କିମ୍ବା ଉତ୍ସବ କରାଯାଏ ନାହିଁ। ଶିଶୁଟି ଜନ୍ମ ହେବାର ଏକ ବର୍ଷ ହେଲେ ତା'ର ମୁଣ୍ଡକୁ ଲଣ୍ଡା କରିବା ପାଇଁ ଜନ୍ମ ଚେଣ୍ଡି (ଲଣ୍ଡା କରିବା) କରିଥାନ୍ତି। ଏହି କାର୍ଯ୍ୟ ସାଧାରଣତଃ ଶିଶୁର ମାମୁ କରିଥାନ୍ତି। ପାରେଙ୍ଗାମାନେ ଦିଶାରୁକୁ ପଚାରି ଦିନ ଧାର୍ଯ୍ୟ କରି ଶିଶୁର ମାମୁଁ ଶିଶୁକୁ ଗୃହର ପଛପାର୍ଶ୍ୱରେ ଥିବା ଖତଗୁଡ଼ା (ଯେଉଁଠାରେ ଗୋବର ଗଚ୍ଛିତ ହୋଇଥାଏ)କୁ ନେଇ ସେଠାରେ ଶିଶୁକୁ ଲଣ୍ଡା କରିଥାନ୍ତି ଏବଂ ଶିଶୁକୁ ୫/ ୧୦ ଟଙ୍କା ଦେଇଥାନ୍ତି। ଶିଶୁର ମାମୁ ସେହି ବାଳକୁ ଜମିର ଏକ ହିଡ଼ (ଶୁଶବୁକା) ଉପରେ ପକାଇଥାନ୍ତି। ଶିଶୁକୁ ତା'ର ମାମୁଁଙ୍କୁ ଟଙ୍କାର ଦେବାର କାରଣ ଶିଶୁର ସେହି ବାଳକୁ ତା'ର ମାମୁଁ କିଣି ନେଲା ବୋଲି ପାରେଙ୍ଗାମାନେ ମତବ୍ୟକ୍ତ କରନ୍ତି।

## ଶିଶୁର ବିଭିନ୍ନ ଅବସ୍ଥା :

ଶିଶୁର ଶୈଶବାବସ୍ଥାରେ ପ୍ରାୟ ସମସ୍ତ କାର୍ଯ୍ୟ ତା'ର ମା' କରିଥାଏ। ଶିଶୁକୁ ଗାଧୋଇ ପରିଷ୍କାର ପରିଚ୍ଛନ୍ନ ରଖିବା, ଶିଶୁକୁ ଭାଷା ଶିଖାଇବା, ବିଭିନ୍ନ ଶବ୍ଦର ଉଚ୍ଚାରଣ କରିବା ଇତ୍ୟାଦି କାର୍ଯ୍ୟ ତା'ର ମା' (ଆୟା) ଶିଖାଇଥାଏ। ପାରେଙ୍ଗା ଶିଶୁ ମଧ୍ୟ ପାରିପାର୍ଶ୍ୱିକ କାର୍ଯ୍ୟକଳାପକୁ ଲକ୍ଷ୍ୟ କରି ବିଭିନ୍ନ କଥା କହିବା ଶିଖିଥାଏ। ଶୈଶବାବସ୍ଥାରେ ବିଶେଷ କରି ଖାଇବା କ୍ଷେତ୍ରରେ ତା'ର ମା ଶିଶୁକୁ ବିଭିନ୍ନ ପ୍ରକାର ପ୍ରାକୃତିକ ଦୃଶ୍ୟ ଦେଖାଇ ଏବଂ ବିଭିନ୍ନ କଥା କହି ଖାଇବାକୁ ଦେଇଥାଏ। ଶୋଇବା ବେଳେ ମଧ୍ୟ ଠିକ୍ ସେହିଭଳି ଶିଶୁର ମା ବିଭିନ୍ନ ପ୍ରକାର ଗୀତ ଗାଇ ଶିଶୁକୁ ଶୁଆଇ ଦେଇଥାଏ। ଶୈଶବ ଅବସ୍ଥାରେ ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ଶିଶୁର ଯତ୍ନ ନେଇଥାଆନ୍ତି। ଶିଶୁର ଖାଇବା, ତାକୁ କଥାବାର୍ତ୍ତା ଶିଖାଇବା, ଗାଧୋଇବା ଇତ୍ୟାଦି କାର୍ଯ୍ୟ ମଧ୍ୟ କରିଥାଆନ୍ତି। ଶିଶୁଟି କୈଶୋର ଅବସ୍ଥାରେ ପହଞ୍ଚିଲେ ସେ ପାରିପାର୍ଶ୍ୱିକ କାର୍ଯ୍ୟକଳାପକୁ ଲକ୍ଷ୍ୟ କରି ବହୁତ କଥା ଶିଖିଯାଇଥାଏ ଏବଂ କୌଣସି କଥା ଉପରେ ତାଲିମ ଦେବାକୁ ପଡ଼େ ନାହିଁ। ଗ୍ରାମର ସଦସ୍ୟମାନଙ୍କ ଓ ସାଙ୍ଗସାଥିମାନଙ୍କ ଦ୍ୱାରା ସେ ବ୍ୟକ୍ତିଗତ / ଗୋଷ୍ଠୀଗତ ଭାବରେ ବହୁତ କାର୍ଯ୍ୟ କରିଥାଏ। ଶିଶୁଟି କୈଶୋର ଅବସ୍ଥାରେ ଶୌଚ ହେବା, ପରିଷ୍କାର ପରିଚ୍ଛନ୍ନତା ରହିବା, ଖାଇବା ନତ୍ୟାଦି କାର୍ଯ୍ୟ ନିଜେ କରିଥାଏ। ଗ୍ରାମର ବୟସ୍କ ଲୋକମାନଙ୍କ ପାଖରୁ ଶିଶୁଟି ଶୃଙ୍ଖଳା ଜ୍ଞାନ ଉପରେ ଶିକ୍ଷା ଲାଭ କରିଥାଏ। ଶିଶୁଟି ଯଦି ପୁଅ ହୋଇଥାଏ ତେବେ ବାପାଙ୍କୁ ବିଭିନ୍ନ କାର୍ଯ୍ୟରେ ସାହାଯ୍ୟ କରେ, ଯଥା: - ଜମିକୁ ହଳ ନେଇଯାଏ, ହଳ କରିବା, ଜଂଗଲରୁ କାଠ ଆଣିବା, ଧାନ କାଟିବା ଇତ୍ୟାଦି କାର୍ଯ୍ୟ। ଯଦି ଶିଶୁଟି ଝିଅ ହୋଇଥାଏ ତେବେ ସେ ତା'ର ମା'କୁ ବହୁତ କାର୍ଯ୍ୟରେ ସାହାଯ୍ୟ କରେ। ଯଥା- ରୋଷେଇ କରିବା, ପାଣି ବୋହିବା ଇତ୍ୟାଦି। ବିଶେଷ କରି ଶିଶୁଟି କୈଶୋର ଅବସ୍ଥାରେ ପଦାର୍ପଣ କଲେ ସେ ପ୍ରାୟ ନିଜ କାର୍ଯ୍ୟ ନିଜେ କରିଥାଏ। ସାଙ୍ଗ ସାଥିମାନଙ୍କ ସହ ସାଙ୍ଗରେ ଟାଙ୍ଗିଆ ଧରି ଜଙ୍ଗଲକୁ ଯାଇଥାଏ। ଘର ପାଇଁ ଜାଳେଣୀ କାଠ ସହ ବିଭିନ୍ନ ପ୍ରକାର ଫଳ, ମୂଳ, କଳା ଛତୁ ଇତ୍ୟାଦି ସଂଗ୍ରହ କରିଥାଏ। ଘରର ଗାଈ, ମଇଁଷି, ପୋଢ଼, ବଳଦ ଇତ୍ୟାଦିକୁ ମଧ୍ୟ ଚରାଇବାକୁ ଜଂଗଲକୁ ନେଇଥାଏ। ଅଳଙ୍କାର ବ୍ୟବହାର ଓ ଶରୀର ସଜାଇବା ପ୍ରକ୍ରିୟାରେ ମଧ୍ୟ ପାରେଙ୍ଗା ଶିଶୁ କୌଣସି ପ୍ରକାର ପଛରେ ନ ଥାଆନ୍ତି। ବର୍ତ୍ତମାନ ଆଧୁନିକୀକରଣର ସଂସ୍ପର୍ଶରେ ଆସି ପାରେଙ୍ଗା ପୁଅମାନେ ବିଭିନ୍ନ ପ୍ରକାର ପ୍ୟାଣ୍ଟ, ସାର୍ଟ ବ୍ୟବହାର କରିବା ସହିତ କାନରେ ଅଳଙ୍କାର ବ୍ୟବହାର କରୁଛନ୍ତି। ଠିକ୍ ସେହିଭଳି ପାରେଙ୍ଗା ଝିଅମାନେ ମଧ୍ୟ ବିଭିନ୍ନ ରଂଗବେରଂଗର ଶାଢ଼ୀ ପିନ୍ଧିବା, ମୁଣ୍ଡରେ କ୍ଲିପ୍ ଏବଂ ବିଭିନ୍ନ ଫୁଲର ହାର ବାନ୍ଧିବା, ନାକରେ, ବେକରେ, କାନରେ, ଗୋଡ଼ରେ ବିଭିନ୍ନ ଅଳଙ୍କାର ପିନ୍ଧିବା ଇତ୍ୟାଦି

ଶରୀର ସଜାଇବା କାର୍ଯ୍ୟ ମଧ୍ୟ କରୁଛନ୍ତି। ପାରେଙ୍ଗା ଝିଅଟିଏ କୈଶୋର ଅବସ୍ଥା ହେଲେ ସେ ଘରେ ବାହାରେ ଏବଂ ସମାଜରେ କେତେଗୁଡ଼ିଏ ନିୟମ ମଧ୍ୟରେ ଆବଦ୍ଧ ହୋଇଥାଏ। ଯେ କୌଣସି କାର୍ଯ୍ୟ କରିବା ପୂର୍ବରୁ ଭାବିଚିନ୍ତି କରିବା ଦରକାର ବୋଲି ବୟସ୍କ ଲୋକମାନେ ପରାମର୍ଶ ଦେଇଥାନ୍ତି।

**ଯୌବନ ଅବସ୍ଥା ଏବଂ ଯୌବନ ପ୍ରାପ୍ତି :**

କନ୍ୟାଟିକୁ (କଡ଼ନ) ବାର / ଚଉଦ ବର୍ଷ ହୋଇଗଲେ ସାଧାରଣତଃ ତା'ର ଯୌବନ ପ୍ରାପ୍ତି ହୁଏ। କନ୍ୟାର ଯୌବନ ପ୍ରାପ୍ତି ହେଲେ ପାରେଙ୍ଗା ସଂପ୍ରଦାୟରେ କିଛି ଉତ୍ସବ / ଭୋଜିଭାତର ବ୍ୟବସ୍ଥା ନ ଥାଏ। କନ୍ୟାର ଯୌବନ ପ୍ରାପ୍ତି ହେଲେ ସେମାନେ ସଂଗେ ସଂଗେ ଦିଶାରୀଙ୍କ ସହ ଯୋଗାଯୋଗ କରନ୍ତି। ଦିଶାରୀ ଯୌବନପ୍ରାପ୍ତିର ସମୟ ଓ ବାରକୁ ନେଇ ଗଣନା କରିଥାଆନ୍ତି। ଯଦି ବେଳା ଭଲ ଥାଏ ତେବେ ସେମାନେ କିଛି କରି ନଥାଆନ୍ତି। ଯଦି ଖରାପ ବେଳରେ ଯୌବନ ପ୍ରାପ୍ତି ହୋଇଥାଏ ତେବେ ଦିଶାରୀଙ୍କ କହିବାନୁସାରେ ବିଭିନ୍ନ ପୂଜାପାଠର ଆୟୋଜନ କରିଥାଆନ୍ତି। କୌଣସି କନ୍ୟାକୁ ପନ୍ଦର ବର୍ଷ ହୋଇଗଲେ ମଧ୍ୟ ଯୌବନପ୍ରାପ୍ତି ନ ହୁଏ ତେବେ ଦିଶାରୀ ସହ ଯୋଗାଯୋଗ କରି ମହାପୁରୁଙ୍କ ନିକଟରେ ପୂଜା (ବିରୁ) ପାଠର ବ୍ୟବସ୍ଥା କରିଥାଆନ୍ତି। ଯେଉଁ କନ୍ୟାର ଯୌବନ ପ୍ରାପ୍ତି ହୋଇଥାଏ ସେ କାହାକୁ ଦେଖାଦିଏ ନାହିଁ କିମ୍ବା କାହାକୁ ସ୍ପର୍ଶ କରେ ନାହିଁ। ଫିଦର ଦେବତାଙ୍କ ନିକଟକୁ ଯିବା ପାଇଁ ମଧ୍ୟ ତାକୁ ମନା। ଦିଶାରୀର କହିବାନୁସାରେ ଧାର୍ଯ୍ୟ ଦିନ ସେ ନଦୀ ତୁଠକୁ ଯାଇ ପରିଧାନ କରିଥିବା ପୋଷାକ ବଦଳାଇ ନୂତନ ପୋଷାକ ପିନ୍ଧି ଘରକୁ ଆସେ। କନ୍ୟାର ଯୌବନ ପ୍ରାପ୍ତି ପରେ ସେ କେତେଗୁଡ଼ିଏ ନୀତି ନିୟମ ମଧ୍ୟରେ ବାନ୍ଧି ହୋଇଯାଏ। ବିଶେଷ କରି ପୂର୍ବ ଭଳି ଲୋକମାନଙ୍କ ସହ ମିଳାମିଶା କରିବାକୁ ତାକୁ ମନା କରାଯାଇଥାଏ। କନ୍ୟାର ଯୌବନ ପ୍ରାପ୍ତି ପରେ ପାରେଙ୍ଗାମାନେ କନ୍ୟାର ବିବାହ କରିବା ପାଇଁ ଆଗଭର ହୋଉଇଠନ୍ତି।

**ବିବାହ :**

ସାଧାରଣତଃ ପୁଅ(ଅଂଗନ)କୁ ଅଠର ବର୍ଷ ଓ ଝିଅ (କଡ଼ିନ)କୁ ଷୋହଳ ବର୍ଷ ଅତିକ୍ରମ କଲେ ତିଥି ବାର ଦେଖି ବିବାହ ପାଇଁ ବାପା, ମା ବ୍ୟସ୍ତ ହୋଇଉଠନ୍ତି। ସେମାନେ ବିବାହ ଉତ୍ସବକୁ ଏକ ଆମୋଦ ପ୍ରମୋଦର ମାଧ୍ୟମ ବୋଲି ଭାବି ନିଅନ୍ତି। କନ୍ୟା ବିବାହ ହୋଇଥିଲେ କନ୍ୟାର ବାପା ମା' ମଦ ପିଇବା ଓ ପଇସା ଆଣିବା ବୋଲି ଭାବନ୍ତି। ବର୍ତ୍ତମାନ ଯଦି କୌଣସି ଲୋକର କନ୍ୟା ଜନ୍ମ ହୁଏ ତେବେ ତାହାକୁ ମଦ ପିଇବା ଓ ପଇସା ଆଣିବା ବୋଲି ସମ୍ପର୍କରେ ଲୋକ କନ୍ୟାର ବାପା ମା'କୁ ପରିହାସରେ କହିଥାଆନ୍ତି। ପୁଅ ଓ ଝିଅର

ଦୈହିକ ସମ୍ପର୍କକୁ ସାମାଜିକ ସ୍ୱୀକୃତ ଦେବାକୁ ହିଁ ବିବାହ ବୋଲି ଧରାଯାଏ । ପାରେଙ୍ଗା ସମାଜରେ ବିଭିନ୍ନ ପ୍ରକାର ବିବାହ ଦେଖାଯାଏ, ଯଥା:-

(୧) ସ୍ଥିରିକୃତ ବିବାହ : ଭାଇ ବାଡ଼ିଆ

(୨) ପ୍ରେମ ବିବାହ : ଉଦ୍‌ଲିଆ

(୩) ଝିକା ବିବାହ : ଝିକା କନିଆଁ

(୪) ବିଧବା ବିବାହ : (ରାଣ୍ଡି ବିହା)

ସେମାନଙ୍କ ସମାଜରେ ସ୍ଥିରିକୃତ ବିବାହ ବ୍ୟତୀତ ଆହୁରି କେତେ ପ୍ରକାର ବିବାହ ପ୍ରଚଳିତ। ପାରେଙ୍ଗା ପୁଅ ଓ ଝିଅମାନଙ୍କର ଯୌବନ ଅବସ୍ଥା ହେଲେ ସେମାନଙ୍କ ଭାବର ଆଦାନ ପ୍ରଦାନ ଦ୍ୱାରା ସୃଷ୍ଟି ହୁଏ ଭଲ ପାଇବା ଓ ତାହା ପ୍ରେମରେ ପରିଣତ ହୁଏ। ଶେଷରେ ସେହି ପ୍ରେମ ବିବାହରେ ପରିଚିତ ହୁଏ। ଏହି ପ୍ରେମ ବିବାହ ସାମାଜିକ ସ୍ୱୀକୃତି ପାଇ ନ ଥାଏ। ତେଣୁ ପାରେଙ୍ଗା ପୁଅ ଓ ଝିଅ ମାନେ ବାଧ ହୋଇ କିଛିଦିନ ପାଇଁ ଗ୍ରାମ ଛାଡ଼ନ୍ତି। ଏହା ପରେ ସାମାଜିକ, ସ୍ୱୀକୃତି ପାଇଁ ସେମାନେ ଗ୍ରାମ ମୁଖିଆଙ୍କ ନିକଟରେ ନିବେଦନ କରନ୍ତି। ଯଦି ପାରେଙ୍ଗା ଯୁବକ ଅନ୍ୟ କୌଣସି ଆଦିବାସୀ ଗୋଷ୍ଠୀର କନ୍ୟାକୁ ବିବାହ କରିଥାଏ, ତାହାହେଲେ ସମାଜ ସ୍ୱୀକୃତି ପାଇନଥାଏ ।

ବିବାହ ଅନୁଷ୍ଠିତ ହେଲେ ପରିବାରରେ ଅନ୍ୟ ସଦସ୍ୟ ତଥା ଗୋଷ୍ଠୀର ସମସ୍ତ ଲୋକ ଆବଶ୍ୟକ ପରିମାଣର ସାହାଯ୍ୟ କରନ୍ତି। ଧାଙ୍ଗଡ଼ାର ବିବାହ ବୟସ ହୋଇଗଲେ ତା'ର ପିତାମାତା ପିଲା ପାଇଁ କନ୍ୟା ଖୋଜନ୍ତି। ମଧ୍ୟସ୍ଥିର ଆବଶ୍ୟକତା ପଡ଼େ ନାହିଁ। ବରର ପିତାମାତା ଯଦି ଜାଣନ୍ତି ଯେ କାହା ଘରେ କନ୍ୟା ବିବାହ ପାଇଁ ଅଛି ତେବେ ସେମାନେ ନିଜେ କନ୍ୟା ଘରକୁ ଯାଇଥାଆନ୍ତି। ପ୍ରଥମ ଥର କନ୍ୟା ଘରକୁ ଯିବାବେଳେ ସାଧାରଣତଃ ବରର ପିତାମାତା ହିଁ ଯାଇଥାଆନ୍ତି। ଏବଂ ସାଂଗରେ ୧/୨ ବୋତଲ ମଦ ମଧ୍ୟ ନେଇ କରି ଯାଇଥାଆନ୍ତି। କନ୍ୟା ଘରେ ପହଞ୍ଚିଲା ପରେ ସେମାନେ ଗୋତିଆ (ବନ୍ଧୁ) ଆସିଛନ୍ତି ବୋଲି କହିଥାଆନ୍ତି ଏବଂ କନ୍ୟାର ପିତା ସହ କିଛି ସମୟ ଆଲୋଚ଼ନା କରିବା ପରେ ଆଗମନର ଉଦ୍ଦେଶ୍ୟ ସମ୍ପର୍କରେ କହିଥାଆନ୍ତି। ଯଦି ଏହି ପ୍ରସ୍ତାବରେ କନ୍ୟାର ପିତାମାତା ରାଜି ହୁଅନ୍ତି ତେବେ ବରପକ୍ଷରୁ ଯାଇଥିବା ମଦକୁ ସେମାନେ ଗ୍ରହଣ କରନ୍ତି। ଏହାପରେ କିଛିଦିନ ପରେ ବରପକ୍ଷରୁ ରାଇଗଡ଼ିଆକୁ ସାଂଗରେ ଧରି ଦ୍ୱିତୀୟ ଥର ପାଇଁ କନ୍ୟା ଘରକୁ ଯାଇଥାଆନ୍ତି। ଦ୍ୱିତୀୟଥର କନ୍ୟାଘରକୁ ଯିବାବେଳେ ମଧ୍ୟ ମଦ, ଚାଉଳ ଇତ୍ୟାଦି ନେଇ କରି ଯାଇଥାଆନ୍ତି। କନ୍ୟାଘରେ ରାଇବାଡ଼ିଆଙ୍କ ଉପସ୍ଥିତିରେ କନ୍ୟାସୁନା ଦେବା କଥା ଶେଷ ହୋଇଥାଏ।

ସାଧାରଣତଃ କନ୍ୟାସୁନା ଆକାରରେ ଲୋକ ଦିଶାରୀଙ୍କୁ ଡାକି ବର ଓ କନ୍ୟା ଉଭୟଙ୍କ ଜାତକ ଦେଖାଇ ବିବାହ ପାଇଁ ଦିନ ଧାର୍ଯ୍ୟ କରନ୍ତି। ଦିଶାରୀ ଗଣନା କରି ଦୁଇପକ୍ଷର ରାଶି ଶୁଝିବା ଭଳି ଭଲ ତିଥିବାର ଦେଖି ଦିନ ଧାର୍ଯ୍ୟ କରନ୍ତି। ଏହା ପରେ ବରପକ୍ଷର ଲୋକମାନେ ଧାର୍ଯ୍ୟଦିନ କନ୍ୟା ଆଣିବା ପାଇଁ କନ୍ୟା ଘରକୁ ଯାଆନ୍ତି। ବରଯାତ୍ରୀ ଭାବରେ ସାଧାରଣତଃ ଗ୍ରାମର ମୁଖ୍ୟ କିଛି ଲୋକ ଓ କିଛି ଅବିବାହିତ କନ୍ୟା ଯାଇଥାଆନ୍ତି। ବରଯାତ୍ରୀ ଦଳ କନ୍ୟା ଘରେ ପହଞ୍ଚିବା ପରେ କନ୍ୟାପକ୍ଷର ଲୋକମାନେ ବରପକ୍ଷକୁ ସ୍ୱାଗତ ସ୍ୱରୂପ ଟିକା ଲଗାଇ ଥାଆନ୍ତି। ଟିକା ଲଗାଇବା ପରେ ସେମାନଙ୍କୁ ଆସନ ଅଳଙ୍କୃତ କରିବାକୁ ଅନୁରୋଧ କରିଥାଆନ୍ତି। ଏହାପରେ ବରପକ୍ଷରୁ ନେଇଥିବା କନ୍ୟାସୁନା ୫୦୦ ଟଙ୍କା, ୧ଟି ଛେଳି, ୧ ଭାର ମଦ, ୨ ପୁଟି ଚାଉଳ ଇତ୍ୟାଦି କନ୍ୟା ପକ୍ଷର ମୁଖ୍ୟଙ୍କୁ ପ୍ରଦାନ କରିଥାଆନ୍ତି। ଏହାପରେ ବରପକ୍ଷରୁ ଲୋକଙ୍କ ଖାଇବାର ବ୍ୟବସ୍ଥା କରାଯାଏ। ଦିଶାରୀ କହିବାନୁସାରେ ଧାର୍ଯ୍ୟ ସମୟରେ କନ୍ୟାପକ୍ଷ କନ୍ୟାକୁ ଘରୁ ବାହାର କରନ୍ତି ଏବଂ କନ୍ୟାକୁ ବିଦାୟ କଲାବେଳେ କନ୍ୟାର ମୁଣ୍ଡରେ ଟିକା ଲଗାଇ ଥାଆନ୍ତି। କନ୍ୟା ଆସିବାବେଳେ କନ୍ୟା ପକ୍ଷର କିଛି ଅବିବାହିତ ଝିଅ ମଧ୍ୟ କନ୍ୟା ସାଙ୍ଗରେ ଆସିଥାଆନ୍ତି। ରାସ୍ତାରେ କନ୍ୟା ଚାଲିକରି ଆସିବା ସମୟରେ କିଛି ବାଟ ଆସିବା ପରେ ସେ ରାସ୍ତାରେ ବସିପଡ଼େ। ସେହି ସମୟରେ କନ୍ୟା ପକ୍ଷର ଲୋକମାନେ କଣ୍ଡାମାଣ୍ଡାଣି ଆକାରରେ କିଛି ଅର୍ଥ ବରପକ୍ଷ ଉପରେ ଦାବି କରନ୍ତି। ଏହା ପରେ ରାଇବାଡ଼ିଆ ସେମାନଙ୍କୁ କିଛି ଅର୍ଥ ସ୍ୱରୂପ ୫/୧୦ ଟଙ୍କା ଦେଇଥାଆନ୍ତି। ବରପକ୍ଷ କନ୍ୟାକୁ ଆଣି ବର ଗାଁର ନିକଟବର୍ତ୍ତୀ କୌଣସି ଗ୍ରାମରେ ରଖନ୍ତି। କନ୍ୟା ନିକଟରେ ବରପକ୍ଷ ଓ କନ୍ୟାପକ୍ଷରୁ ଯାଇଥିବା ଅବିବାହିତ ଝିଅମାନେ କନ୍ୟାକୁ ଜଗି ରୁହନ୍ତି। ଦିଶାରୀଙ୍କ କହିବା ଅନୁସାରେ ବିବାହର ଧାର୍ଯ୍ୟ ଦିନ କନ୍ୟାକୁ ଆଣନ୍ତି ଏବଂ ତାକୁ ଏକ ସଂଗାମା (ଦୁଇଟି/ ତିନୋଟି ମିଳନସ୍ଥଳ)କୁ ନେଇଥାଆନ୍ତି। ବର ମଧ୍ୟ ସେହି ସ୍ଥାନକୁ ଯାଇଥାଏ। ଦିଶାରୀ କହିବାନୁସାରେ ପାରେଙ୍ଗା ମାନେ ପୂଜାସାମଗ୍ରୀ ସଂଗ୍ରହ କରି ସେହି ସ୍ଥାନକୁ ନେଇଥାଆନ୍ତି। ଦିଶାରୀ ସେଠାରେ ପୂଜାପାଠ କର୍ମକର୍ମାଣି ଆରମ୍ଭ କରନ୍ତି। ପୂଜାପାଠ ସରିବା ପରେ ବର କନ୍ୟାକୁ ସାଂଗରେ ଧରି ବରଘରର ନିକଟରେ ଥିବା ଏକ ଗୋବର ଖାତ ନିକଟକୁ ନେଇଥାଆନ୍ତି। ସେହି ଗୋବର ଖାତ ନିକଟରେ ସେମାନେ ଗୋଟିଏ ଲଂଗଳ ଏବଂ ଗୋଟେ ପେଷା (ଯନ୍ତା) ରଖିଥାଆନ୍ତି ଏବଂ ଦୁଇଟି କୁରୁତାତରଂଗ ଗଛକୁ ବାନ୍ଧି କରି ସେଠାରେ ପୋତି ଥାଆନ୍ତି। ବରକୁ ସେହି ଲଂଗଳ ଉପରେ ଏବଂ କନ୍ୟାକୁ ଯନ୍ତା (ମାଣ୍ଡିଆ ପେଷା) ଉପରେ ବସାଇ ଥାଆନ୍ତି କାରଣ ଭବିଷ୍ୟତରେ ବରର ବୃତ୍ତି ଲଂଗଳ ଧରି ଚାଷ କରିବା ଏବଂ କନ୍ୟାର ବୃତ୍ତି ମାଣ୍ଡିଆ ପୋଷିବା। ଏହା ସେମାନଙ୍କର ପାରମ୍ପରିକ ପ୍ରଥା। ବର ଯେଉଁ ଲଂଗଳ ଉପରେ ବସିଥାଏ ତା'ର ନିକଟରେ ଗୋଟିଏ ଛୋଟ ପୁଅ ଓ କନ୍ୟା

ନିକଟରେ ଗୋଟେ ଛୋଟ ଝିଅକୁ ବସାଇ ଥାଆନ୍ତି। ଏହାପରେ ରାଇବାଡ଼ିଆ ସେଠାରେ କ'ଣ କ'ଣ ପୂଜା ପାଠ କରେ। ପୂଜାପାଠ କରିବା ପରେ ଏକ ନୂଆ ମାଟି ହାଣ୍ଡିରେ ପାଣି ରଖି ତା'ର ଉପରପାର୍ଶ୍ୱକୁ କଦଳୀ ପତ୍ରରେ ବାନ୍ଧି ଥାଆନ୍ତି ଏବଂ ସେହି କଦଳୀପତ୍ରର ମଝି ଅଂଶରେ ଗୋଟେ କଣା କରାଯାଇଥାଏ। ସେହି ହାଣ୍ଡିର ପାଣିକୁ ବରକନ୍ୟା ଉପରେ ଢଳାଯାଏ। ଏହାପରେ ଉପସ୍ଥିତ ଥିବା ଅନ୍ୟମାନେ ମଧ୍ୟ ବରକନ୍ୟା ଉପରେ ପାଣି ଢାଳନ୍ତି। ବରକନ୍ୟାଙ୍କ ସମ୍ମୁଖରେ ପୋତାଯାଇଥିବା ଘତତଂଗ ଗଛକୁ ଅତିକ୍ରମ କରି ଯିବାକୁ ବର କନ୍ୟାକୁ କୁହାଯାଇଥାଏ। ଏହି କାର୍ଯ୍ୟକ୍ରମ କରିବାର କାରଣ କନ୍ୟାର ଚତୁରତାକୁ ପରୀକ୍ଷା କରାଯାଇଥାଏ ବୋଲି ପାରେଙ୍ଗାମାନେ ମତବ୍ୟକ୍ତ କରନ୍ତି। ଏହାହିଁ ସେମାନଙ୍କର ବିବାହର ପାରମ୍ପରିକ ପ୍ରଥା। ଯେ କୌଣସି ଲୋକ ଯେଉଁ ସମୟରେ ବିବାହ କଲେ ବି ମଧ୍ୟ ଗୋବର ଖାତ ନିକଟରେ ଥିବା ଲଂଗଳ ଓ ଯନ୍ତା ଉପରେ ବସିବେ ଓ ଘତରଂଗକୁ ଡ଼େଇଁ କରିଯିବେ। ପାରେଙ୍ଗା ଯୁବକମାନେ ମଧ୍ୟ ସାଥି ମନୋନୟନ କରିଥାଆନ୍ତି। ଏହି ଜୀବନ ସାଥି ମନୋନୟନ ସାଧାରଣତଃ ପାରେଙ୍ଗା ଯୁବକ ଯେତେବେଳେ ଅନ୍ୟ କୌଣସି ଗାଁକୁ ବୁଲିବାକୁ ଯାଇଥାଏ, ହାଟ ବଜାର, ମେଳା ମହୋତ୍ସବ ଇତ୍ୟାଦିରେ କନ୍ୟାକୁ ଦେଖିଲେ ତା' ପ୍ରତି ଆକର୍ଷିତ ହୋଇଥାଏ ଏବଂ ତାକୁ ତା'ର ସାଂଗମାନଙ୍କ ମାଧ୍ୟମରେ ହେଉ କିମ୍ବା ନିଜେ ହେଉ ଯାଇକରି କନ୍ୟାକୁ ନିଜ ଜୀବନସାଥି କରିବାକୁ ଚାହୁଁଛି ବୋଲି କହିଥାଏ। ଯଦି ଯୁବକ କଥାରେ କନ୍ୟାଟି ରାଜି ହୁଏ ତେବେ ତାହା ଭବିଷ୍ୟତରେ ବିବାହରେ ପରିଣତ ହୁଏ। ଯଦି ପାରେଙ୍ଗା ଯୁବକ ନିଜ ଗୋଷ୍ଠୀ ଛାଡ଼ି ଅନ୍ୟ କୌଣସି ଆଦିବାସୀ/ ଅଣ ଆଦିବାସୀ ଗୋଷ୍ଠୀର କନ୍ୟାକୁ ବିବାହ କରେ ତେବେ ତାକୁ ସମାଜରୁ ବାସନ୍ଦ କରାଯାଏ ଏବଂ ଜାତିରେ ନ ମିଶିବା ପର୍ଯ୍ୟନ୍ତ ସେ ବାହାରେ ରହିଥାଏ। ଯଦି ପାରେଙ୍ଗା ଯୁବକ ଦଳିତ ଗୋଷ୍ଠୀର ଝିଅକୁ ବିବାହ କରେ ତେବେ ତାକୁ ପାରେଙ୍ଗା ସମାଜ ସବୁଦିନ ପାଇଁ ସମାଜରୁ ବାସନ୍ଦ କରିଥାଏ। ସାଧାରଣତଃ ପୁଅକୁ ସତର ବର୍ଷ ଓ ଝିଅକୁ ଚଉଦ/ ପନ୍ଦର ବର୍ଷ ହୋଇଗଲେ ତାଙ୍କର ବିବାହ କରିଦେଇଥାଆନ୍ତି। ବିବାହର ସମୟ ସାଧାରଣତଃ ଦିଶାରୀ ଧାର୍ଯ୍ୟ କରନ୍ତି। ପୁଅ ଏବଂ ଝିଅ ଉଭୟଙ୍କର ଜନ୍ମ, ନକ୍ଷତ୍ର, ରାଶିକୁ ଦେଖି ଗଣନା କରି ବିବାହର ସମୟ ଓ ଦିନ ଧାର୍ଯ୍ୟ କରିଥାନ୍ତି। ଯଦି କୌଣସି କାରଣ ବଶତଃ ବିବାହର ସମୟ ଅତିକ୍ରମ କରିଯାଏ, ତେବେ ବିବାହ ଅନୁଷ୍ଠିତ ହୁଏ ନାହିଁ।

## କନ୍ୟାସୁନା

କନ୍ୟା-ବିକା ଏକ ପାରମ୍ପାରିକ ତଥା ପୁରାତନ ପ୍ରଥା। ପାରେଙ୍ଗା ସମାଜରେ ବିବାହ ସମୟରେ ବରପକ୍ଷରୁ କନ୍ୟା ପକ୍ଷକୁ କିଛି ଟଙ୍କା ମଦ, ଛେଳି, ଚାଉଳ ଇତ୍ୟାଦି ଦେବାକୁ କନ୍ୟାସୁନା କୁହାଯାଏ। ଏହି କନ୍ୟାସୁନା ସର୍ବଦା ସମାନ ନ ଥାଏ। ଯାହାର ଅର୍ଥନୈତିକ

ସ୍ଥିତି ଯେତେ ସୁଦୃଢ଼ ସେ ସେତେ ଅଧିକ ପରିମାଣର କନ୍ୟାସୁନା ଦେଇଥାଏ ଏବଂ ଯାହାର ଅର୍ଥନୈତିକ ସ୍ଥିତି ଯେତେ ଦୁର୍ବଳ ସେ ସେହି ଅନୁସାରେ ସ୍ୱଳ୍ପ କନ୍ୟାସୁନା ଦେଇଥାଏ। ପାରେଙ୍ଗା ସଂପ୍ରଦାୟରେ ଆହୁରି କେତେକ ସ୍ଥାନରେ ମଧ୍ୟ କନ୍ୟାସୁନାର ପାର୍ଥକ୍ୟ ଦେଖାଯାଏ। ରାଣ୍ଡି ବିବାହ, ପରିତ୍ୟକ୍ତା ସ୍ତ୍ରୀ ବିବାହରେ କନ୍ୟାସୁନାର ପରିମାଣ କମ୍ ହୋଇଥାଏ। ପାରେଙ୍ଗା ସ୍ତ୍ରୀ ବିବାହରେ କନ୍ୟାସୁନାର ପରିମାଣ କମ୍ ବେଶୀ ହୋଇଥାଏ। ପାରେଙ୍ଗା ସମାଜରେ କେତେକ ସମୟରେ କନ୍ୟାସୁନାର ଫେରସ୍ତ ମଧ୍ୟ ଦେଖାଯାଏ। ଏହି କନ୍ୟାସୁନା ଫେରସ୍ତ ସାଧାରଣତଃ ସ୍ଥିରିକୃତ ବିବାହରେ ହୋଇଥାଏ। କନ୍ୟାପକ୍ଷର କହିବାନୁସାରେ ବରପକ୍ଷ ସମାନ ପରିମାଣର କନ୍ୟାସୁନା ଫେରସ୍ତ ଦେଇଥାଏ କାରଣ କନ୍ୟାପକ୍ଷ, ବରପକ୍ଷକୁ ପରୀକ୍ଷା କରନ୍ତି ଯେ ସେମାନଙ୍କ ଦାବି ଅନୁସାରେ ବରପକ୍ଷ କନ୍ୟାସୁନା ଦେଇପାରୁଛନ୍ତି କି ନାହିଁ। ପାରେଙ୍ଗା ସମାଜରେ ଯଦି କାହାର କନ୍ୟା ଜନ୍ମ ହୁଏ ତେବେ ସେମାନେ ଅତ୍ୟନ୍ତ ଖୁସି ହୁଅନ୍ତି କାରଣ କନ୍ୟାସୁନା ଆକାରରେ କିଛି ଅର୍ଥ, ଛେଳି, ମଦ, ଚାଉଳ ଇତ୍ୟାଦି ପାଇଥାଆନ୍ତି।

**କନ୍ୟାସୁନା ପ୍ରଦାନ ରୀତି / ନୀତି :**

ପାରେଙ୍ଗା ସମାଜରେ ସାଧାରଣତଃ ବରପକ୍ଷ କନ୍ୟାପକ୍ଷକୁ କନ୍ୟାସୁନା ଦେଇଥାଏ। ଏହାର କାରଣ ନିମ୍ନରେ ପ୍ରଦତ୍ତ :-

୧. ପାରେଙ୍ଗା ସମାଜରେ ମହିଳା ପ୍ରସ୍ଥିତି ଯେହେତୁ ବହୁତ ଉଚ୍ଚରେ ନାରୀ ସମ୍ମାନର ମୂଲ୍ୟ ରଖିବା ପାଇଁ ବରପକ୍ଷ କନ୍ୟାପକ୍ଷକୁ କନ୍ୟାସୁନା ଦେଇଥାଆନ୍ତି।

୨. କନ୍ୟାର ପିତାମାତା କନ୍ୟାକୁ ବହୁତ କଷ୍ଟ କରି ଛୋଟରୁ ବଡ଼ କରିଥାଆନ୍ତି। ତାହାର ମୂଲ୍ୟ ସ୍ୱରୂପ ବରପକ୍ଷ କନ୍ୟାସୁନା ଦେଇଥାଆନ୍ତି।

୩. କନ୍ୟା ତା'ର ବାପା ଘରେ ଥିବାବେଳେ ବାପା ମା'ଙ୍କୁ ବହୁତ କାର୍ଯ୍ୟରେ ସାହାଯ୍ୟ କରୁଥିଲା। ସେ ଯେତେବେଳେ ସବୁଦିନ ପାଇଁ ତା'ର ବାପା, ମା'ଙ୍କୁ ଛାଡ଼ି କରି ଚାଲିଯାଉଛି ସେଥିପାଇଁ ବରପକ୍ଷ କନ୍ୟାସୁନା ଦେଇଥାଆନ୍ତି।

୪. ପୁରୁଷଟି ଯେହେତୁ ତା'ର କାମର ଲାଳସାକୁ କନ୍ୟା ଦ୍ୱାରା ଉପଭୋଗ କରିବ ସେଥିପାଇଁ ବରପକ୍ଷ କନ୍ୟାସୁନା ଦେଇଥାଆନ୍ତି।

୫. କନ୍ୟାଟି ବିବାହ କରିସାରିବା ପରେ ତା'ର ଶାଶୁ ଘରେ ଶାଶୁ ଘର ପାଇଁ ସମସ୍ତ କାର୍ଯ୍ୟ କରିଥାଏ। ସେଥିପାଇଁ ମଧ୍ୟ କନ୍ୟାର ପିତାମାତାକୁ କନ୍ୟାସୁନା ଦେଇଥାଆନ୍ତି।

ବିବାହ ପରେ ବରପକ୍ଷର ବାପା, ମା'ଙ୍କ ତରଫରୁ କନ୍ୟାକୁ ବିଭିନ୍ନ ଉପହାର ଦିଆଯାଇଥାଏ କିନ୍ତୁ କନ୍ୟାପକ୍ଷରୁ କନ୍ୟାକୁ ଯେଉଁ ଉପହାର ଦିଆଯାଇଥାଏ ତାହା ପୁନର୍ବାର ଫେରସ୍ତ କରିବାକୁ ପଡ଼ିଥାଏ। ଯଦି କୌଣସି କାରଣ ବଶତଃ କନ୍ୟା ତା'ର ବାପଘରୁ ଆଣିଥିବା ସୁନା ଉପହାର ଫେରସ୍ତ କରାଯାଇ ନଥାଏ ତେବେ କନ୍ୟାପକ୍ଷର ଦୁଇ ପିଢ଼ି

ପର୍ଯ୍ୟନ୍ତ ମଧ୍ୟ ଆସି ବରଘରୁ ତାହାକୁ ଦେଇପାରିବେ। ବିବାହ ସମୟରେ କନ୍ୟାକୁ ଆଣିବାକୁ ଯାଉଥିବା ବରଯାତ୍ରୀ ଦଳ ରାସ୍ତାରେ ବାମ ପାର୍ଶ୍ଵରେ ବିଲୁଆ ଦେଖିଲେ, ରାସ୍ତାରେ ବିଲେଇ ଚାଲିବାର ଦେଖିଲେ, ଖାଲି ମାଠିଆ ହାଣ୍ଡି ଦେଖିଲେ, ଆପେ ଆପେ ଗଛର ଡାଳ ଭାଙ୍ଗି ପଡୁଥିଲେ ଇତ୍ୟାଦି ସଂକେତ ରାସ୍ତାରେ ଦେଖିଲେ ବିବାହର ଅଶୁଭ ବୋଲି ପାରେଙ୍ଗାମାନେ ମତବ୍ୟକ୍ତ କରିଥାନ୍ତି। ବରଯାତ୍ରୀ ଦଳ ରାସ୍ତାରେ ଯିବା ସମୟରେ ଯଦି ପୂର୍ଣ୍ଣ କୁମ୍ଭ ଦେଖିଲେ ତାହା ଶୁଭ ସଂକେତ ବୋଲି କହିଥାଆନ୍ତି। ବିବାହ ଉତ୍ସବ ହେଉଛି ଆନନ୍ଦ ଉଲ୍ଲାସର ମାଧ୍ୟମ ବୋଲି ଭାବିଥାଆନ୍ତି। ପାରେଙ୍ଗା ସମାଜରେ ବିବାହ ହେଲେ ସାଧାରଣତଃ ଦୁଇଟି ଭୋଜି ହୋଇଥାଏ। ବିବାହ ପୂର୍ବଦିନ ନିଜ ଗୋଷ୍ଠି ଲୋକଙ୍କୁ ନେଇ ଏକ ଭୋଜିର ଆୟୋଜନ କରାଯାଇଥାଏ ଏବଂ ବିବାହ ଦିନ ସମସ୍ତ ବନ୍ଧୁବାନ୍ଧବଙ୍କୁ ନେଇ ବଡ଼ ଧରଣର ଭୋଜି ହୁଏ। ବିବାହରେ ଭୋଜି ସହିତ ପାନୀୟର ମଧ୍ୟ ବ୍ୟବସ୍ଥା ହୋଇଥାଏ। ବିବାହର ସପ୍ତାହେ ପୂର୍ବରୁ ଯାହାର ଭୋଜି ହୁଏ ସେ ତାଙ୍କ ଗୋଷ୍ଠୀର ସମସ୍ତ ଘରକୁ ଚାଉଳ କିଛି ପରିମାଣରେ ଦେଇଥାଆନ୍ତି। ତାହାକୁ ମଦ ତିଆରି କରି ବିବାହରେ ପହଞ୍ଚାଇବାକୁ କହିଥାଆନ୍ତି। ବିବାହ ଦିନ ସମସ୍ତେ ମଦ ରାନ୍ଧି ଯାହାର ବିବାହ ହେଉଥାଏ ତାଙ୍କ ଘରେ ଆଣି ପହଞ୍ଚାନ୍ତି। ସେହି ଦିନ ସମସ୍ତେ ଭୋଜି ଖାଇ ମଦ୍ୟପାନ କରି ସଂଗୀତର ତାଳେ ତାଳେ ନୃତ୍ୟ କରି ବହୁତ ଆନନ୍ଦ ଉଲ୍ଲାସରେ ଦିନଟିକୁ ଅତିବାହିତ କରନ୍ତି। ବିବାହରେ ସାଂଗ ସାଥି, ବନ୍ଧୁ ବାନ୍ଧବ ସମସ୍ତଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମସ୍ତେ ଆବଶ୍ୟକ ପରିମାଣ ସାହାଯ୍ୟ ସହଯୋଗ କରିଥାଆନ୍ତି। ନବଦମ୍ପତିଙ୍କ ଭବିଷ୍ୟତ ଜୀବନ କିପରି ସୁଖମୟ ହେବ ବନ୍ଧୁବାନ୍ଧବମାନେ ଆଶୀର୍ବାଦ କରିଥାଆନ୍ତି ଏବଂ ନବଦମ୍ପତିକୁ ସାଂଗସାଥି ଓ ବନ୍ଧୁବାନ୍ଧବମାନେ ଟଙ୍କା ଓ ଉପହାର ସ୍ୱରୂପ ବିଭିନ୍ନ ଜିନିଷ ପ୍ରଦାନ କରିଥାଆନ୍ତି। ବିବାହର କିଛିଦିନ ପରେ ଦିଶାରୀ ସହ ଯୋଗାଯୋଗ କରି ଭଲ ତିଥି, ବାର, ସମୟ ଦେଖି ବରକନ୍ୟା, କନ୍ୟା ଘରକୁ ଯାଇଥାଆନ୍ତି। ଏହି ଯାତ୍ରାକୁ ପାରେଙ୍ଗାମାନେ ହାଣ୍ଡି ବାହୁଡ଼ାଣି କହିଥାଆନ୍ତି। ବରକନ୍ୟା ଯେତେବେଳେ ପ୍ରଥମଥର ପାଇଁ କନ୍ୟା ଘରକୁ ଯାଇଥାଆନ୍ତି ସାଙ୍ଗରେ ଚାଉଳ ପେଜ ନେଇଥାଆନ୍ତି। ସେଠାରେ ପହଞ୍ଚିବା ପରେ କନ୍ୟା ଘର ପକ୍ଷରୁ ବରକନ୍ୟାଙ୍କୁ ବନ୍ଦାପନା କରନ୍ତି ଓ ଏହାପରେ ଘରକୁ ନେଇ ବସାନ୍ତି। ବର ସାଂଗରେ ନେଇଥିବା ଚାଉଳ ତାଙ୍କର ସେହି ଗ୍ରାମରେ ଥିବା ଗୋଷ୍ଠୀର ସମସ୍ତ ଘରକୁ କିଛି କିଛି ଦେଇଥାଆନ୍ତି । ଦିଶାରୀ କହିବାନୁସାରେ ଧାର୍ଯ୍ୟଦିନ ବରକନ୍ୟା ନିଜ ଘରକୁ ପ୍ରତ୍ୟାବର୍ତ୍ତନ ପାଇଁ ବାହାରନ୍ତି। ଆସିବାବେଳେ ସେହି ଗ୍ରାମର କିଛି ସ୍ତ୍ରୀ ଲୋକ ତାଙ୍କୁ ବନ୍ଦାପନା କରିବା ସହିତ କିଛି କିଛି ଚାଉଳ ମଧ୍ୟ ଦେଇଥାଆନ୍ତି।

## ବିବାହର ପ୍ରକାରଭେଦ :

### ପ୍ରେମ ବିବାହ : ଉଦ୍‌ଲିଆ :

ଉକ୍ତ ଗୋଷ୍ଠୀରେ ଉଦଲିଆ ବିବାହ ପ୍ରଚଳିତ। ଏହି ବିବାହ ସାଧାରଣତଃ ଦୁଇ ପାରେଙ୍ଗା ଯୁବକ ଓ ଯୁବତୀଙ୍କ ଭଲ ପାଇବା ଦ୍ୱାରା ହିଁ ହୋଇଥାଏ। ଏହି ବିବାହକୁ ଯଦି ଦୁଇ ପରିବାରରେ ପାରିବାରିକ ସ୍ୱୀକୃତି ନ ମିଳେ ତେବେ ଦୁହେଁ ମିଶି ଗ୍ରାମ ଛାଡ଼ି କିଛି ଦିନ ପାଇଁ ବାହାରକୁ ଚାଲିଯାଆନ୍ତି। ଯଦି ପୁଅର ବାପା, ମା ସହ ବିବାହକୁ ସ୍ୱୀକୃତି ଦିଅନ୍ତି ତେବେ ପୁଅ ଝିଅକୁ ଧରି ଘରକୁ ଫେରି ଆସେ ଏବଂ ପୁଅ ଘରେ ପାରମ୍ପାରିକ ରୀତିନୀତି ଅନୁସାରେ ବିବାହ ଅନୁଷ୍ଠିତ ହୁଏ। ଝିଅର ବାପା ଏହି ବିଷୟରେ ଜାଣିବା ପରେ ଗ୍ରାମର ମୁଖ୍ୟଙ୍କୁ ଧରି ପୁଅ ଗ୍ରାମରେ ପହଞ୍ଚି ପାଟିତୁଣ୍ଡ କରି ପୁଅର ବାପା ମା' ଉପରେ କନ୍ୟାସୁନା ଦାବି କରେ। ପୁଅର ବାପା ତାଙ୍କ ଗ୍ରାମର ନାୟକ ଓ ବୟସ୍କ ବ୍ୟକ୍ତିଙ୍କୁ ଡାକି ଏକ ବୈଠକ ବସେ। ସେଠାରେ ଦୁଇ ଗ୍ରାମର ନାୟକ ଓ ଭଦ୍ର ଲୋକଙ୍କ ଉପସ୍ଥିତିରେ ସମସ୍ତ ବିଷୟ ଆଲୋଚନା କରିବା ପରେ କନ୍ୟାସୁନାର ପରିମାଣ ଥୟ ହୁଏ। ଏହାପରେ ଦିନ ଧାର୍ଯ୍ୟ କରି ବରପକ୍ଷର ଲୋକମାନେ କନ୍ୟାସୁନା ନେଇ କନ୍ୟାଘରେ ଦେଇ ଆସନ୍ତି। ଏହି ବିବାହକୁ ଯଦି ଦୁଇ ପରିବାର ସ୍ୱୀକୃତି ମିଳିଥାଏ, ତେବେ ପାରମ୍ପାରିକ ପ୍ରଥା ଅନୁସାରେ ବିବାହ ଅନୁଷ୍ଠିତ ହୋଇଥାଏ।

### ବଳପୂର୍ବକ ଅପହରଣ ବିବାହ (ଝିକା ବିଭା)

ଅତୀତରେ ପାରେଙ୍ଗା ଗୋଷ୍ଠୀରେ ଏହି ବିବାହ ପ୍ରଚଳିତ ଥିଲା କିନ୍ତୁ ବର୍ତ୍ତମାନ ଧୀରେ ଧୀରେ କମିଗଲାଣି। ଆଇନ ଶୃଙ୍ଖଳାର ସଚେତନତା ଦୃଷ୍ଟିରୁ ପାରେଙ୍ଗା ଯୁବକମାନେ ଏହି ବିବାହ କରିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି। ଏହି ବିବାହ, କନ୍ୟାର ଇଚ୍ଛା ବା ଅନିଚ୍ଛା ସତ୍ତ୍ୱେ ହୋଇଥାଏ। କୌଣସି ହାଟ, ବଜାର, ମେଳା, ମହୋତ୍ସବ ଇତ୍ୟାଦିରେ ପାରେଙ୍ଗା ଯୁବକ ଯଦି କୌଣସି ଗୋଟିଏ ସୁନ୍ଦରୀ ଯୁବତୀ ପ୍ରତି ଆକର୍ଷିତ ହୋଇ ତାକୁ ବିବାହ କରିବ ବୋଲି ମନ ବଳାଇଲା ତେବେ ସେ ତା'ର ସାଂଗ ମାନଙ୍କ ମାଧ୍ୟମରେ ତା'ର ମନର କଥାକୁ କନ୍ୟାକୁ ଜଣାଇଲା। ଝିଅଟି ଯଦି ତା'ର କଥାରେ ରାଜି ନ ହେଲା ତେବେ ସେ ଝିଅର ବାପା ମା'ଙ୍କୁ ଜଣାଇଲା। ଝିଅର ବାପା, ମା ଯଦି ପୁଅର କଥାରେ ରାଜି ହେଲେ ଏବଂ ଝିଅ ଅନିଚ୍ଛା ପ୍ରକାଶ କରୁଛି ତେବେ ଝିଅକୁ କୌଣସି ଏକ ଆଳ ଦେଖାଇ ଏକାନ୍ତକୁ ପଠାଇ ଦେଇ ପୁଅକୁ ନେଇଯିବାକୁ କହିଥାଆନ୍ତି। ପାରେଙ୍ଗା ଯୁବକ ତା'ର ସାଂଗମାନଙ୍କ ଦ୍ୱାରା ଝିଅଟିକୁ ଜବରଦସ୍ତ ଘରକୁ ନେଇଆସେ ଏବଂ ସଂଗେ ସଂଗେ ବିବାହର କାର୍ଯ୍ୟକ୍ରମ ଆରମ୍ଭ ହୁଏ। ବିବାହ ପରେ କନ୍ୟାର ବାପା ବରର ଗ୍ରାମକୁ ଆସି କନ୍ୟାସୁନା ଦାବି କରେ। ବରଗ୍ରାମର ନାୟକ ଓ ବୟସ୍କ ଲୋକ ବସି କନ୍ୟାର ଅନିଚ୍ଛା ସତ୍ତ୍ୱେ କନ୍ୟାକୁ ଜୋର

ଜବରଦସ୍ତ ଉଠାଇ ଆଣିଥାଆନ୍ତି ଏବଂ ବିବାହ କରିଥାଆନ୍ତି ତେବେ ବରପକ୍ଷକୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। କନ୍ୟାର ବାପା, ମା ଏହି ବିଷୟରେ ଜାଣିବା ପରେ ତାଙ୍କ ଗ୍ରାମର ନାୟକ ଓ ବୟସ୍କ ଲୋକଙ୍କୁ ସାଂଗରେ ଧରି ବର ଗ୍ରାମରେ ଆସି ପହଞ୍ଚି ଥାଆନ୍ତି। ବରର ଗ୍ରାମରେ ଆସି ପାଟିତୁଣ୍ଡ କରନ୍ତି। ବରର ବାପା ତାଙ୍କ ଗ୍ରାମର ନାୟକ ଓ ଭଦ୍ର ଲୋକଙ୍କୁ ଡାକି ଏକ ସଭା ବସାଏ। ଦୁଇ ଗ୍ରାମର ନାୟକ ଓ ବୟସ୍କ ଲୋକଙ୍କ ଉପସ୍ଥିତିରେ ସବୁ କଥାର ଆଲୋଚ଼ନା କରାଯାଏ। ଏହି ବିବାହରେ କନ୍ୟାର ବାପା ନିଜ ଇଚ୍ଛାମୁତାବକ କନ୍ୟାସୁନା ଦାବି କରିଥାଏ ନ ହେଲେ ଥାନାରେ ଏତଲା ଦେବ ବୋଲି ଭୟ ଦେଖାଇ ଥାଏ। ଯାହାହେଉ ଦୁଇ ଗ୍ରାମର ନାୟକଙ୍କ ଆଲୋଚ଼ନା ଦ୍ୱାରା କନ୍ୟାସୁନାର ପରିମାଣ ଥୟ ହୁଏ ଏବଂ ଧାର୍ଯ୍ୟଦିନ ବରପକ୍ଷର ଲୋକେ କନ୍ୟାସୁନା ନେଇ କନ୍ୟା ଘରେ ଦେଇ ଆସନ୍ତି। ଏହି ବିବାହକୁ ପାରେଙ୍ଗା ସମାଜରେ ପସନ୍ଦ କରନ୍ତି ନାହିଁ। ଏହି ବିବାହ ମଧ୍ୟ ସେମାନଙ୍କ ଗୋଷ୍ଠୀରେ ଧୀରେ ଧୀରେ କମିଗଲାଣି।

**ପରିତ୍ୟକ୍ତା ସ୍ତ୍ରୀର ବିବାହ :**

ପରିତ୍ୟକ୍ତା ସ୍ତ୍ରୀର ବିବାହ ମଧ୍ୟ ପ୍ରଚଳିତ ଅଛି। ଏହି ବିବାହ କହିଲେ ସାଧାରଣତଃ ଗୋଟିଏ ମହିଳା ତାର ସ୍ୱାମୀକୁ ଛାଡ଼ି ଆଉ ଏକ ପୁରୁଷକୁ ବିବାହ କଲେ। ପାରେଙ୍ଗା ସମାଜରେ ଯଦିଓ ଏହି ବିବାହକୁ ସମ୍ମାନ ଦିଅନ୍ତି ନାହିଁ। ତଥାପି କେତେକ ପରିସ୍ଥିତିରେ ପୁରୁଷ ଓ ସ୍ତ୍ରୀ ନିର୍ଯ୍ୟାତିତା ହୋଇ ସ୍ୱାମୀ କିମ୍ବା ସ୍ତ୍ରୀକୁ ପରିତ୍ୟାଗ କରିବାକୁ ବାଧ ହୋଇଥାଆନ୍ତି।

**ସ୍ତ୍ରୀ ତା'ର ସ୍ୱାମୀକୁ କେଉଁ କାରଣରୁ ପରିତ୍ୟାଗ କରେ ?**

୧. ସ୍ୱାମୀ ଅତ୍ୟଧିକ ମଦ୍ୟପାନ କରି ସ୍ତ୍ରୀ ପ୍ରତି ଅତ୍ୟାଚ଼ର କରୁଥିଲେ।

୨. ସ୍ତ୍ରୀକୁ ଯଦି ସ୍ୱାମୀ ଠିକ ଭାବରେ ରହିବା ଖାଇବା, ପିନ୍ଧିବା ଇତ୍ୟାଦି ଦେଉ ନଥିଲେ।

୩. ସ୍ତ୍ରୀ ଯଦି ଠିକ୍ ଭାବରେ ନିଜର ଯୌବନକୁ ଉପଭୋଗ କରିପାରୁ ନଥିଲେ।

୪. କୌଣସି କାରଣବଶତଃ ସ୍ୱାମୀର ଅପାରଗତା ଯୋଗୁ ପିଲାଛୁଆ ହେଉ ନଥିଲେ।

କେତେକ କ୍ଷେତ୍ରରେ ସ୍ତ୍ରୀର କେତେକ ଗୁଣ ଯୋଗୁଁ ମଧ୍ୟ ସ୍ୱାମୀ ସ୍ତ୍ରୀକୁ ପରିତ୍ୟାଗ କରିବାକୁ ବାଧ ହୋଇଥାଏ। ସ୍ତ୍ରୀ ଯଦି ଅଳସୁଆ ହୋଇଥାଏ ବା ଘରର କାମଧନ୍ଦା ଓ ପିଲାଛୁଆଙ୍କୁ ସମ୍ଭାଳିବା ପାଇଁ ଅକ୍ଷମ ତେବେ ସ୍ୱାମୀ ତା'ର ସ୍ତ୍ରୀକୁ ପରିତ୍ୟାଗ କରେ। କୌଣସି ଅସୁବିଧା ବଶତଃ ସ୍ତ୍ରୀର ଅପରାଗତା ଯୋଗୁଁ ପିଲାଛୁଆ ହୁଏ ନାହିଁ ତେବେ ସେହି ସମୟରେ ସ୍ୱାମୀ ତା'ର ସ୍ତ୍ରୀକୁ ଛାଡ଼ି ଆଉ ଏକ ମହିଳାଙ୍କୁ ବିବାହ କରେ। ପ୍ରଥମ ପୁରୁଷ ଦେଇଥିବା

କନ୍ୟାସୁନାର ଫେରସ୍ତ ପାଇଁ ଛାଡ଼ିଥିବା ସ୍ତ୍ରୀର ବାପା ମାଙ୍କୁ କହିଥାଏ। ସେମାନେ ଝିଅ ଗ୍ରହଣ କରିଥିବା ଦ୍ୱିତୀୟ ସ୍ୱାମୀଙ୍କୁ ମାଗିବା ପାଇଁ କହିଥାଆନ୍ତି। ଏହାପରେ ପ୍ରଥମ ସ୍ୱାମୀ ଗ୍ରାମର ମୁଖ୍ୟ ଓ କେତେଜଣ ବ୍ୟକ୍ତି ମାଧମରେ କନ୍ୟାସୁନା ଫେରସ୍ତ ପାଇଁ ଦ୍ୱିତୀୟ ସ୍ୱାମୀ ପାଖକୁ ଯାଇଥାଆନ୍ତି। ଦ୍ୱିତୀୟ ସ୍ୱାମୀ ଗ୍ରାମର ନାୟକ ଓ ଭଦ୍ରବ୍ୟକ୍ତିଙ୍କ ସହ ସାକ୍ଷାତ କରି କନ୍ୟାସୁନାର ଫେରସ୍ତ ଉପରେ ଦାବି କରନ୍ତି। ଏହି କନ୍ୟାସୁନାର ଫେରସ୍ତ ସାଧାରଣତଃ ସେମାନେ ଦେଇଥିବା କନ୍ୟାସୁନାର ତିନି / ଚାରି ଗୁଣ ପାଇଁ ଦାବି କରନ୍ତି। ଦୁଇ ଗ୍ରାମର ନାୟକ ଓ ଭଦ୍ରବ୍ୟକ୍ତି ବସି ଦ୍ୱିତୀୟ ପୁରୁଷକୁ ଡାକି କନ୍ୟାସୁନାର ଫେରସ୍ତ ଉପରେ ଆଲୋଚ଼ନା କରିଥାଆନ୍ତି। ଦ୍ୱିତୀୟ ସ୍ୱାମୀଙ୍କୁ ଜଣକ ନିଜର ଇଜ୍ଜତ ବଞ୍ଚାଇବାକୁ ଯାଇ ପ୍ରଥମ ସ୍ୱାମୀ ଦାବୀ କରୁଥିବା କନ୍ୟାସୁନା ଫେରସ୍ତ ଦିଅନ୍ତି। ପ୍ରଥମ ସ୍ୱାମୀ ଏହି କନ୍ୟାସୁନା ଆଣି ନିଯୁକ୍ତ ଥିବା ନାୟକ ଓ ଭଦ୍ର ବ୍ୟକ୍ତିଙ୍କୁ ଡାକି ଖାଇବାକୁ ଦେଇଥାଆନ୍ତି। ଯଦି ଦ୍ୱିତୀୟ ସ୍ୱାମୀ କନ୍ୟାସୁନା ଫେରାଇବାରେ ଅନିଚ୍ଛା ପ୍ରକାଶ କରେ ତେବେ ଦୁଇ ଗ୍ରାମର ଲୋକ ମିଶି ତା'ର ଘରୁ ଗାଈ, ଗୋରୁ ଛେଳି ମେଣ୍ଢା ଲୁଟ କରନ୍ତି। ଏହି ବିବାହ ମଧ୍ୟ ପାରେଙ୍ଗା ସଂପ୍ରଦାୟରେ ପାରମ୍ପରିକ ରୀତିନୀତି ପରି ଗୋବର ଖାତ ନିକଟରେ ଲଂଗଳ ଓ ଯନ୍ତା (ମାଣ୍ଡିଆପେଷା) ଉପରେ ବରକନ୍ୟା ବସି ଋତରଂଗ ଡାଳକୁ ଡେଇଁ କରି ଯିବା କାର୍ଯ୍ୟକ ପ୍ରଚଳିତ।

**ବିଧବା ବିବାହ :**

ପାରେଙ୍ଗା ସମାଜରେ ଏହି ବିବାହ ମଧ୍ୟ ପ୍ରଚଳିତ। ବିବାହର ଅଳ୍ପ ଦିନ ମଧ୍ୟରେ ଯଦି କୌଣସି ସ୍ତ୍ରୀ ଲୋକର ସ୍ୱାମୀ ମରିଯାଏ ତେବେ ସେ ଅନ୍ୟ କେଉଁ ପୁରୁଷକୁ ବିବାହ କରିପାରେ। ମୃତ୍ୟୁବରଣ କରିଥିବା ସ୍ୱାମୀର ଯଦି ସାନଭାଇ ଥାଏ ଏବଂ ତାହାର ବିବାହ ବୟସ ହୋଇଥାଏ ତେବେ ସେହି ସ୍ତ୍ରୀ ଲୋକ ତାର ସ୍ୱାମୀର ସାନଭାଇକୁ ବିବାହ କରିବ। ଯଦି ତା'ର ସାନ ଭାଇ ଏହି ବିବାହରେ ଅନିଚ୍ଛା ପ୍ରକାଶ କରେ ତେବେ ସେହି ସ୍ତ୍ରୀ ଲୋକଟି ଅନ୍ୟ କେଉଁଠି ବିବାହ କରିପାରେ। ପାରେଙ୍ଗା ସମାଜରେ ବିଧବା ନାରୀକୁ ଯଥେଷ୍ଟ ସମ୍ମାନ ଦିଅନ୍ତି। ବିଧବା ସ୍ତ୍ରୀ ଲୋକଟି ଅନ୍ୟ କେଉଁଠି ବିବାହ କଲେ କନ୍ୟାସୁନା ଉପରେ ବିଶେଷ ଦାବି କରାଯାଏ ନାହିଁ। ଦ୍ୱିତୀୟ ସ୍ୱାମୀ ଜଣକ ତା'ର ଆର୍ଥିକ ସ୍ଥିତି ଅନୁସାରେ କନ୍ୟାସୁନା ଫେରସ୍ତ କରିଥାଆନ୍ତି।

ପାରେଙ୍ଗା ଗୋଷ୍ଠୀରେ ବିବାହ ବୟସର ସେମିତି କିଛି ସୀମା ନିର୍ଦ୍ଧାରିତ ହୋଇ ନଥାଏ। ସେମାନଙ୍କ ସମାଜରେ ପୁନଃ ବିବାହ ରୀତି ମଧ୍ୟ ପ୍ରଚଳିତ। ଜଣେ ପାରେଙ୍ଗା ପୁରୁଷ ନିଜର ଅର୍ଥନୈତିକ ସ୍ଥିତି ଅନୁସାରେ ୨ଟି / ୩ଟି ସ୍ତ୍ରୀ ଗ୍ରହଣ କରିପାରେ। ଜଣେ ପୁରୁଷ ଦୁଇଟି ତିନୋଟି ସ୍ତ୍ରୀ ଗ୍ରହଣ କରିବା ପଛରେ କେତେଗୁଡ଼ିଏ କାରଣ ଥାଏ। କେତେକ ସ୍ଥଳରେ ଯଦି ପ୍ରଥମ ସ୍ତ୍ରୀର ପିଲାଛୁଆ ନ ହୁଏ ତେବେ ସେ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିଥାଏ

ଏବଂ ତୃତୀୟ ସ୍ତ୍ରୀ ମଧ୍ୟ ଗ୍ରହଣ କରିଥାଏ। କେତେକ ପାରେଙ୍ଗା ପୁରୁଷ କାମ ଲାଳସା ମେଣ୍ଟାଇବା ପାଇଁ ମଧ୍ୟ ଏକାଧିକ ସ୍ତ୍ରୀ ଗ୍ରହଣ କରିଥାଆନ୍ତି। ବିବାହ କ୍ଷେତ୍ରରେ ପାରେଙ୍ଗା ସମାଜରେ କେତେଗୁଡ଼ିଏ ନୀତିନିୟମ ଅଛି। ଯଦି ଜଣେ ପାରେଙ୍ଗା ଯୁବକ ନିଜ ଗୋଷ୍ଠୀ ଛାଡ଼ି ଅନ୍ୟ କୌଣସି ଆଦିବାସୀ ଗୋଷ୍ଠୀରେ ବିବାହ କରେ ତେବେ ପାରେଙ୍ଗାମାନେ ତାକୁ ତାଙ୍କ ଜାତିରେ ମିଶାନ୍ତି ନାହିଁ ଅର୍ଥାତ୍ ସେହି ଲୋକର ଘରକୁ କେହି ଯାଆନ୍ତି ନାହିଁ, କିମ୍ବା ତା' ଘରେ ଖାଆନ୍ତି ନାହିଁ। ସେ ଜାତିରେ ମିଶିବାକୁ ହେଲେ, ଗ୍ରାମର ନାୟକ ଓ ଅନ୍ୟ ସମସ୍ତଙ୍କୁ ଡାକି ଏକ ବୈଠକ କରେ। ସେଠାରେ ଚାଉଳ, ଛେଳି ମଦ ଇତ୍ୟାଦି ଆଣି ଭୋଜି କରି ସମସ୍ତଙ୍କୁ ଖାଇବାକୁ ଦିଏ। ଏହାପରେ ସେହି ବ୍ୟକ୍ତି ପାରେଙ୍ଗା ସମାଜରେ ମିଶିପାରେ।

ପାରେଙ୍ଗା ସମାଜରେ ମହିଳମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶେଷ କରି ଅର୍ଥନୈତିକ କ୍ଷେତ୍ରରେ ସ୍ତ୍ରୀର କାର୍ଯ୍ୟକଳାପ ଯୋଗୁଁ ହିଁ ପରିବାର ଉନ୍ନତି କରିଥାଏ। ଯଦି କୌଣସି ପାରେଙ୍ଗା ପରିବାର ଅନ୍ୟମାନଙ୍କ ତୁଳନାରେ ଉନ୍ନତି କରିଥାଏ ତେବେ ତାହା ପଛରେ ନିଶ୍ଚିତ ଭାବରେ ସେହି ପରିବାରର ସ୍ତ୍ରୀ ଲୋକର ହାତ ଥାଏ। ପାରେଙ୍ଗା ସ୍ତ୍ରୀ ଲୋକମାନେ ପ୍ରତ୍ୟେକ କାର୍ଯ୍ୟ କରିଥାଆନ୍ତି, ଯଥା:- ଘର ଚଳେଇବା, ହାଟ ବଜାର ଯିବା, ଜମିବାଡ଼ି କଥା ବୁଝିବା, ଘରେ ରୋଷେଇ କରିବା, ପିଲାମାନଙ୍କ ଯତ୍ନ ନେବା ଇତ୍ୟାଦି। ପାରେଙ୍ଗା ସ୍ତ୍ରୀ ଲୋକମାନେ ମଧ୍ୟ ଶାଶୁ, ଶ୍ୱଶୁରଙ୍କୁ ଯଥେଷ୍ଟ ସମ୍ମାନ ଦିଅନ୍ତି। ଶାଶୁ, ଶଶୁରଙ୍କର ଖାଇବା ପିଇବା ଓ ଶାରିରୀକ ଅସୁସ୍ଥତା ହେଲେ ଦେହର ଯତ୍ନ ନେବା ଇତ୍ୟାଦି କାର୍ଯ୍ୟ କରିଥାଆନ୍ତି। କିନ୍ତୁ ସବୁ ପରିବାରରେ ସ୍ତ୍ରୀ ଲୋକମାନଙ୍କ ଏହିଭଳି କାର୍ଯ୍ୟକଳାପ ଦେଖାଯାଏ ନାହିଁ। ପାରେଙ୍ଗା ସ୍ତ୍ରୀ ଲୋକମାନେ କେତେକ କାର୍ଯ୍ୟ ସ୍ୱାଧୀନ ଭାବରେ କରିଥାଆନ୍ତି। ଜଂଗଲକୁ ଯାଇ ଜାଳେଣି କାଠ ସଂଗ୍ରହ କରିବା, ବିଭିନ୍ନ ଫଳ, ମୂଳ, କନ୍ଦା ସଂଗ୍ରହ କରିବା, ହାଟବଜାର ଯିବା, ଘର କାର୍ଯ୍ୟ କରିବା ଇତ୍ୟାଦି ନିଜେ କରିଥାନ୍ତି। ଯେତେବେଳେ ଜଣେ ପାରେଙ୍ଗା ଲୋକ ବୃଦ୍ଧା ଅବସ୍ଥାରେ ଆସି ପହଞ୍ଚେ ସେ ନିଜର ପିଲାଛୁଆ ଅପେକ୍ଷା ନିଜ ସ୍ତ୍ରୀର ସାହାଯ୍ୟ ପାଇଁ ଆଶା କରିଥାଏ। ପାରେଙ୍ଗାମାନେ ଜେଜେ ବାପା ହିସାବରେ ପରିବାରର ମୁଖ୍ୟ ଅଟନ୍ତି। ପରିବାରର ଅନ୍ୟ ସଦସ୍ୟମାନେ ଯେ କୌଣସି କାର୍ଯ୍ୟ କରିବା ପୂର୍ବରୁ ଘରର ମୁଖ୍ୟଙ୍କ ପରାମର୍ଶ ନେଇ କରିଥାଆନ୍ତି; ଯଥା - ବିବାହ କରିବା, ମୃତ ବ୍ୟକ୍ତିର ଶୁଦ୍ଧିକ୍ରିୟା, ଶିଶୁ ଜନ୍ମ ହେବାର କାର୍ଯ୍ୟ ବିଧି ଇତ୍ୟାଦି। ଜେଜେବାବା ହିସାବରେ ମଧ୍ୟ ପାରେଙ୍ଗାମାନେ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଯଥେଷ୍ଟ ସ୍ନେହ କରନ୍ତି। ପାରେଙ୍ଗା ସମାଜରେ ସାଧାରଣତଃ ଏକକ ପରିବାର ଦେଖାଯାଏ। ପୁଅ ବିବାହ କରିସାରିବା ପରେ ତା'ର ଘର ସଂସାର ସିଏ ଚଳାଇ ଥାଏ, କିନ୍ତୁ ପୁଅ ଯେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ପୂର୍ବରୁ ବାପାଙ୍କ ସହ ଯୋଗାଯୋଗ କରିଥାଏ। ପାରୋଙ୍ଗା ସମାଜରେ ବାପା, ମା, ବୃଦ୍ଧା ହୋଇଗଲେ ତାଙ୍କର ସମସ୍ତ ଦାୟିତ୍ୱ ପୁଅ ନେଇଥାଏ। ଠିକ୍ ସେହିଭଳି ଜେମେ ମା'

ହିସାବରେ ପାରେଙ୍ଗା ସମାଜରେ ମା'ର ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପାରେଙ୍ଗା ସମାଜରେ ପାରେଙ୍ଗା ଲୋକମାନଙ୍କ ବାର୍ଦ୍ଧକ୍ୟ ଅବସ୍ଥା ଆସି ପହଞ୍ଚିଲେ ନିଜର ସମ୍ପର୍କୀୟ ତଥା ବନ୍ଧୁବାନ୍ଧବମାନେ ସେମାନଙ୍କ ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ଓ ମଦ ଧରି ଆସି ପହଞ୍ଚନ୍ତି। ବିଶେଷ କରି ପାରେଙ୍ଗାମାନଙ୍କର ବାର୍ଦ୍ଧକ୍ୟ ଅବସ୍ଥା ଆସି ପହଞ୍ଚିଲେ ବା କୌଣସି କାର୍ଯ୍ୟ ସେ ଆଉ ନ କରିପାରିଲେ ପରିବାରରେ ସମ୍ପର୍କୀୟ ମାନଙ୍କର ସହାନୁଭୂତି ରହିଥାଏ।

**ମୃତାହ ପରେ ହେଉଥିବା କର୍ମକର୍ମାଣି :**

ଉକ୍ତ ସମାଜରେ କୌଣସି ଲୋକ ମୃତ୍ୟୁ ବରଣ କଲେ ମୃତ୍ୟୁ ଖବର ଶୁଣିବା ମାତ୍ରେ ସଂଗେ ସଂଗେ ତାଙ୍କ ଗୋଷ୍ଠୀର ଲୋକ ଆସି ଉପସ୍ଥିତ ହୁଅନ୍ତି। ମୃତ୍ୟୁ ବରଣ କରିଥିବା ସମ୍ପର୍କୀୟ ଲୋକମାନଙ୍କ ପାଖକୁ ଖବର ପଠାଇବାର ବ୍ୟବସ୍ଥା କରନ୍ତି। ଗ୍ରାମର ଲୋକମାନଙ୍କ ଦ୍ୱାରା ମୃତ୍ୟୁ କରିଥିବା ଲୋକର ସମ୍ପର୍କୀୟମାନଙ୍କୁ ଖବର ଦିଅନ୍ତି। ନିକଟରେ ଗ୍ରାମରେ ଥିବା ସମ୍ପର୍କୀୟମାନେ ସଂଗେ ସଂଗେ ଆସି ପହଞ୍ଚନ୍ତି। ଏହାପରେ ଗ୍ରାମର ସମସ୍ତ ଲୋକ ମିଶି ଆଲୋଚନା କରନ୍ତି ଯେ କିପରି ଶବସତ୍କାର କରାଯିବ। କ୍ରନ୍ଦନରତ ମହିଳା ଓ ପୁରୁଷଙ୍କୁ ଆଶ୍ୱାସନା ଦେଇ କୁହନ୍ତି ଯେ ମଣିଷ ଜନ୍ମ ମାନେ ହିଁ ମୃତ୍ୟୁ ନିଶ୍ଚିତ ଏବଂ ଆମ୍ଭେ ସମସ୍ତେ ଦିନେ ନା ଦିନେ ମୃତ୍ୟୁ ବରଣ କରିବା। ଏହପରେ ଶବ ମଶାଣୀ (ମଶନ)କୁ ଯିବା ବନ୍ଦୋବସ୍ତ କରନ୍ତି। ବାଉଁଶ କାଟି ପିରି ଦଉଡ଼ିରେ ବାନ୍ଧି କୋକେଇ ତିଆରି କରନ୍ତି। ମୃତ୍ୟୁବରଣ କରିଥିବା ଲୋକକୁ ହଳଦୀ ପାଣିରେ ଗାଧୋଇ ଦେଇ ତେଲ ଲଗାନ୍ତି। ଏହାପରେ କୋକେଇର ଚାରି ମୁଣ୍ଡରେ ଚାରୋଟି ପିତଳ ଡାଳ ବାନ୍ଧି ଦିଅନ୍ତି ଏବଂ ମୃତ୍ୟୁବରଣ କରିଥିବା ଲୋକଙ୍କୁ କୋକେଇ ଉପରେ ବଶାଇ ଦେଇ ନୂଆ ଲୁଗା ଦ୍ୱାରା ଆବରଣ କରନ୍ତି। ବାଦ୍ୟ ଓ ମହୁରୀର ଶବ୍ଦକୁ ହରିବୋଲ ଓ ହୁଳହୁଳିର ଶବ୍ଦ ଓ କ୍ରନ୍ଦନରତ ମହିଳାମାନଙ୍କ କାନ୍ଦଣାର ଦୁଃଖଦ ବାତାବରଣ ମଧ୍ୟରେ କୋକେଇକୁ ଧରି ମଶାଣି ଅଭିମୁଖେ ଚାଲନ୍ତି। ଶବକୁ ନେଇଯିବା ବେଳେ ବାଟରେ ଭେଦରନା (ଗ୍ରାମର ଶେଷ ମୁଣ୍ଡରେ ଏକ ସ୍ଥାନ)ରେ କିଛି ସମୟ ରଖନ୍ତି। ସେଠାରେ ନିଜର ଭାଇ, ବନ୍ଧୁ ଓ ସମ୍ପର୍କୀୟମାନେ ଦକ୍ଷିଣା ଆକାରରେ ଯିଏ ଯାହା ଦେବାର ଥାଏ ଲୁଗା ଓ ଟଙ୍କା ଆକାରରେ ଦେଇଥାଆନ୍ତି। ଏହାପରେ ଶବକୁ ମଶାଣୀକୁ ନେଇଯାଆନ୍ତି। ମଶାଣିରେ ଶବକୁ ରଖି ଜୁଇର ଚତୁଃପାର୍ଶ୍ୱରେ ଚାରୋଟି ମାଟିରେ ବା ଶିଆଳି ପତ୍ରରେ ଘିଅ ରଖି ଦୀପ ଜଳାନ୍ତି। ଧୂପ, ଝୁଣା ଇତ୍ୟାଦି ଦେଇଥାଆନ୍ତି। ମୃତ୍ୟୁବରଣ କରିଥିବା ଲୋକର ସମ୍ପର୍କୀୟ ସେଠାରେ ପୂଜାପାଠ କରି କିଛି ଚାଉଳ ସେହି ଜୁଇ ଉପରେ ପକାନ୍ତି। ଏହାପରେ ଶବକୁ ଜୁଇ ଉପରେ ଥୋଇ ଦିଅନ୍ତି। ପୁରୁଷ ଲୋକ ହୋଇଥିଲେ ପଶ୍ଚିମ ଦିଗକୁ ମୁଣ୍ଡ କରି ଶୁଆନ୍ତି ସ୍ତ୍ରୀ ଲୋକ ହୋଇଥିଲେ ପୂର୍ବଦିଗକୁ ମୁଣ୍ଡ କରି ଶୋଇ ଦେଇ ନିଆଁ ଦିଅନ୍ତି। ଏହାପରେ ଶ୍ମଶାନରୁ ଆସି ଏକତ୍ର ବସି ଆଲୋଚନା କରନ୍ତି। ଯଦି ମୃତ୍ୟୁବରଣ କରିଥିବା ଲୋକର ଛୋଟ ପିଲା, ଝିଅ ଥାଏ କିମ୍ବା ତା'ର ସ୍ତ୍ରୀ ଏକୁଟିଆ ଥାଏ ତେବେ ସେମାନେ କିପରି ଚଳିବେ ଏବଂ କାହା ପାଖରେ ରହିବେ, ସେ ବିଷୟରେ ଆଲୋଚନା କରନ୍ତି। ଏହାପରେ ବନ୍ଧୁବାନ୍ଧବ ଓ ସମ୍ପର୍କୀୟମାନଙ୍କ ନିକଟକୁ ମୃତ୍ୟୁ ହେବାର ଖବର ସ୍ୱରୂପ ନୂଆ କପଡ଼ା

ପଠାଇ ଥାଆନ୍ତି। ଏହାପରେ ଘରକୁ ଫେରନ୍ତି। ଦୂର ଦୂରାନ୍ତରୁ ଆସିଥିବା ସମ୍ପର୍କୀୟ ଲୋକମାନେ ପଳାଇ ଯାଆନ୍ତି। ସେହିଦିନ ମୃତ୍ୟୁବରଣ କରିଥିବା ଲୋକର ଘର ସମ୍ମୁଖରେ ଗୋଟିଏ ମୁଠା ଚାଉଳ ରାନ୍ଧି ଥାଆନ୍ତି ଏବଂ ଗୋଟିଏ ଛୋଟ କୁକୁଡ଼ା ଛୁଆକୁ ମାରି ତା'ର ପିଠିକୁ କାଟି ପୋଡ଼ି ଦେଇଥାଆନ୍ତି। ଏହାପରେ ସେହି ପୋଡ଼ା କୁକୁଡ଼ା ଏବଂ ଭାତକୁ ସାଂଗରେ ନେଇ ହାତରେ ଖଣ୍ଡେ ଲେଖାଏଁ କାଠ ଧରି ଶ୍ମଶାନକୁ ଯାଆନ୍ତି। ଶ୍ମଶାନରେ ଏହି ଭାତ ଏବଂ କୁକୁଡ଼ା ଦେଇ କୁଇ ଉପରେ କାଠ ଥୋଇ ଦେଇ ଘରକୁ ଫେରନ୍ତି। ସେହିଦିନ ମୃତ୍ୟୁବରଣ କରିଥିବା ଲୋକର ଘରେ ରୋଷେଇ ହୁଏ ନାହିଁ। ଗ୍ରାମର ଭାଇ ବନ୍ଧୁ ଏବଂ ସମ୍ପର୍କୀୟମାନେ ରୋଷେଇ କରି ସେମାନଙ୍କୁ ଖାଇବାକୁ ଦିଅନ୍ତୁ। ତୃତୀୟ ଦିନ ଘରକୁ ଭଲ ଭାବରେ ଲିପା ପୋଛା କରନ୍ତି। ପରିବାରର ମୁଖ୍ୟ ଘରେ ଧୂପ, ଦୀପ ଦେଇ ପୂଜାର୍ଚ୍ଚନା କରନ୍ତି। ଦଶାହ କାର୍ଯ୍ୟ ଦଶଦିନ କରାଯାଏ କିମ୍ବା ଆର୍ଥିକ ଅବସ୍ଥା ଅନୁସାରେ କେତେକ ପାରେଙ୍ଗା ମଧ୍ୟ ବର୍ଷେ / ଦୁଇ ବର୍ଷ ପରେ ଦଶାହ କାର୍ଯ୍ୟ କରିଥାଆନ୍ତି। ପାରେଙ୍ଗା ସମାଜରେ ମୃତ୍ୟୁବରଣ କରିଥିବା ଲୋକର ବାର୍ଷିକ ଶ୍ରାଦ୍ଧୋତ୍ସବ କିମ୍ବା ଆତ୍ମାକୁ ଆମନ୍ତ୍ରଣ କରିବା ବା ଆହ୍ୱାନ କରିବା ଭଳି କିଛି କାର୍ଯ୍ୟକ୍ରମ ନାହିଁ। କିନ୍ତୁ ପାରେଙ୍ଗାମାନେ ପୁର୍ନଜନ୍ମକୁ ବିଶ୍ୱାସ କରନ୍ତି। ମୃତ୍ୟୁବରଣ କରିଥିବା ଲୋକ ପୁନର୍ବାର ପରିବାରକୁ ଫେରିବ କି ନାହିଁ ସେଥିପାଇଁ ମୃତ୍ୟୁବରଣ କରିଥିବା ଲୋକର ଅଣ୍ଟାର କୌଣସି ଏକ ପାର୍ଶ୍ୱରେ କଳାଚିହ୍ନ ଲଗାଇ ଥାଆନ୍ତି। ପରିବାରରେ ଶିଶୁଟିଏ ଜନ୍ମ ନେଲେ ଯଦି ତାହାର ଅଣ୍ଟାର ନିକଟବର୍ତ୍ତୀ ସ୍ଥାନରେ କଳାଚିହ୍ନ ଥାଏ ତେବେ ପୂର୍ବପୁରୁଷଙ୍କ ଆଗମନ ବୋଲି ପାରେଙ୍ଗାମାନେ ଧରି ନିଅନ୍ତି। ସେମାନେ ମୃତବ୍ୟକ୍ତିର ଆତ୍ମାର ସଦ୍‌ଗତି ନିମନ୍ତେ ସେମିତି କିଛି କାର୍ଯ୍ୟକ୍ରମ ନାହିଁ।

□□□

# ଅର୍ଥନୀତି

ପାରେଙ୍ଗାମାନଙ୍କ ଅର୍ଥନୈତିକ ବ୍ୟବସ୍ଥା ସେତେ ସୁଦୃଢ଼ ନୁହେଁ। ଅତୀତରେ ପାରେଙ୍ଗାମାନଙ୍କ ଅର୍ଥନୀତି ଅତ୍ୟନ୍ତ ଦୁର୍ବଳ ଥିଲା। କିନ୍ତୁ ବର୍ତ୍ତମାନ ସେମାନେ କୃଷିକାର୍ଯ୍ୟରେ ଉଲ୍ଲେଖନୀୟ ଅଗ୍ରଗତି  କରିବା ଯୋଗୁଁ ଆର୍ଥିକ ସ୍ଥିତିରେ ଅନେକଟା ପରିବର୍ତ୍ତନ ଆସିଛି। ସମାଜରେ ଶିକ୍ଷାର ପ୍ରସାର ଯୋଗୁଁ ଉନ୍ନତ ଧରଣର କୃଷି, ଗ୍ରାମର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ମାନ ହାତକୁ ନେବା ଦ୍ୱାରା ଆର୍ଥିକ ପ୍ରସ୍ଥିତିରେ ପରିବର୍ତ୍ତନ ଆସିଛି। ସରକାରଙ୍କ ଦ୍ୱାର ଲାଗୁ ହୋଇଥିବା ବର୍ଷକୁ ଶହେ ଦିନ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଦ୍ୱାରା କାର୍ଯ୍ୟ କରି କିଛି ଅର୍ଥ ଉପାର୍ଜନ କରୁଛନ୍ତି। ଗ୍ରାମର ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ବ୍ୟାଙ୍କରୁ ଋଣ ଆଣି ବ୍ୟବସାୟ କ୍ଷେତ୍ରରେ ଲଗାଉ କିଛି ଅର୍ଥ ମଧ୍ୟ ଉପାର୍ଜନ କରିପାରୁଛନ୍ତି।

ପାରେଙ୍ଗା ଗ୍ରାମରେ ଅନ୍ୟ ଆଦିବାସୀ ଓ ଅଣଆଦିବାସୀ ଗୋଷ୍ଠୀର ଲୋକେ ବାସ କରୁଛନ୍ତି। ସେମାନଙ୍କ ଅର୍ଥନୈତିକ ସ୍ଥିତି ସହ ପ୍ରାୟ ପାରେଙ୍ଗାମାନଙ୍କର ଅର୍ଥନୈତିକ ସ୍ଥିତି ସମାନ ଏବଂ କେତେକଙ୍କର ମଧ୍ୟ ଆର୍ଥିକ ସ୍ଥିତି ପାରେଙ୍ଗାମାନଙ୍କ ଅପେକ୍ଷା ଉନ୍ନତ। ସେମାନଙ୍କ ମଧ୍ୟରେ କେତେକଙ୍କ ଜମିବାଡ଼ି ବହୁ କମ୍ ଥିବାବେଳେ ଅନ୍ୟ କେତେକଙ୍କ ବହୁତ ଜମିବାଡ଼ି ଅଛି। ଯେଉଁ ମାନଙ୍କର ଅଧିକ ଜମିବାଡ଼ି-ଅଛି ଏବଂ କୃଷିକାର୍ଯ୍ୟ କରୁଛନ୍ତି, ସେମାନଙ୍କ ଆର୍ଥିକ ପ୍ରସ୍ଥିତି ଉନ୍ନତ।

**ଜଂଗଲ ଅର୍ଥନୀତିଃ**

ଜଂଗଲ ହେଉଛି ପାରେଙ୍ଗାମାନଙ୍କର ଅର୍ଥନୀତିର ଉତ୍ସ। ଅତୀତରେ ପାରେଙ୍ଗାମାନେ ଜଂଗଲ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିଲେ। ଜଂଗଲ ହିଁ ସେମାନଙ୍କ ଜୀବନ। ଜଂଗଲ ଅର୍ଥନୀତି ସହ ପାରେଙ୍ଗାମାନେ ଏଭଳି ଭାବେ ଜଡ଼ିତ ଯେଭଳି ଜଂଗଲ ସେମାନେ ବଞ୍ଚିବା ଅସମ୍ଭବ। ଜଂଗଲରୁ ସେମାନେ ସାଧାରଣତଃ ଜଂଗଲ ଜାତଦ୍ରବ୍ୟ ଏବଂ ଜାଳେଣି କାଠ, ଗୃହ ନିର୍ମାଣ ପାଇଁ କାଠ ଇତ୍ୟାଦି ସଂଗ୍ରହ କରିଥାଆନ୍ତି। ଜଂଗଲଜାତ ଦ୍ରବ୍ୟ କହିଲେ ବିଭିନ୍ନ ପ୍ରକର ଛତୁ, ପତ୍ର, ଫୁଲ, ମୂଳ, କନ୍ଦା, ହରିଡ଼ା, ଅଁଳା, ବାହାଡ଼ା ଫଳମୂଳ ଇତ୍ୟାଦି ସଂଗ୍ରହ କରି ନିଜେ ଖାଇବା ସହିତ ବଜାରରେ ମଧ୍ୟ ବିକ୍ରି କରି କିଛି ଅର୍ଥ ଉପାର୍ଜନ କରନ୍ତି।

ନନ୍ଦପୁର ବ୍ଲକ୍ ଅନ୍ତର୍ଗତ କେତେକ ପାରେଙ୍ଗା ଅଞ୍ଚଳ ନିକଟବର୍ତ୍ତୀ ଜଂଗଲରେ ପ୍ରଚୁର ପରିମାଣରେ ଚନ୍ଦନକାଠ ମିଳିଥାଏ। ପାରେଙ୍ଗାମାନେ ଜଙ୍ଗଲରୁ ଚନ୍ଦନକାଠ ସଂଗ୍ରହ କରି ବଜାରରେ ବିକ୍ରି କରି କିଛି ଅର୍ଥ ଉପାର୍ଜନ କରିଥାଆନ୍ତି।

ସେମାନେ ସାଧାରଣତଃ ଜୀବିକା ନିର୍ବାହ ପାଇଁ ଖାଦ୍ୟ ସଂଗ୍ରହ କରିଥାଆନ୍ତି। ଖାଦ୍ୟ ସଂଗ୍ରହ ପାଇଁ ଜଂଗଲ ଉପରେ ନିର୍ଭର କରନ୍ତି। ବର୍ତ୍ତମାନ ପାରେଙ୍ଗାମାନେ କୃଷିକାର୍ଯ୍ୟ କରି ଜୀବିକା ନିର୍ବାହ କରୁଛନ୍ତି। ସେମାନେ ସାଧାରଣତଃ ସୁଆଁ ଭାତ ଖାଆନ୍ତି କିନ୍ତୁ ବର୍ତ୍ତମାନ କୃଷିକାର୍ଯ୍ୟ କରିବା ଦ୍ୱାରା ବିଭିନ୍ନ ଚାଉଳର ଭାତ ଖାଉଛନ୍ତି। ସେମାନଙ୍କ ଖାଦ୍ୟରେ ଅନେକ ପରିବର୍ତ୍ତନ ଘଟିଛି। ଭାତ ସହିତ ସେମାନେ ଜଂଗଲରୁ ଛତୁ, କନ୍ଦା, ପତ୍ର, ଶାଗ ଇତ୍ୟାଦି ସଂଗ୍ରହ କରି ତରକାରୀ କରି ଖାଇଥାଆନ୍ତି। ଛତୁ ପାରେଙ୍ଗାମାନଙ୍କର ଅର୍ଥନୈତିକ ଜୀବନରେ ମୁଖ୍ୟ ଅଂଶ। ଛତୁ ସଂଗ୍ରହ ସମୟରେ ବିଭିନ୍ନ ପ୍ରକାର ଛତୁ ସଂଗ୍ରହ କରି ବଜାରରେ ବିକ୍ରି କରି ଅର୍ଥ ଉପାର୍ଜନ କରିଥାଆନ୍ତି। ଖାଦ୍ୟ ସଂଗ୍ରହ ସହିତ ସାମାଜିକ, ସାଂସ୍କୃତିକ ଏବଂ ଧର୍ମୀୟ ପ୍ରଚଳିତ ପ୍ରଥା କିଛି ନାହିଁ।

ପୁରାତନ ଯୁଗରେ ପାରେଙ୍ଗାମାନେ ସାଧାରଣତଃ ଜଙ୍ଗଲ ଉପରେ ନିର୍ଭର କରି ଚଳିଆସୁଥିଲେ। ବର୍ତ୍ତମାନ କହିବାକୁ ଗଲେ ଜଙ୍ଗଲ ହିଁ ଜୀବନ। ପୁରାକାଳରେ ଜଙ୍ଗଲ (ଡଙ୍ଗର ବା ପରବତ)ରେ ବସବାସ କରିବାକୁ ପାରେଙ୍ଗାମାନେ ଭଲ ପାଉଥିଲେ। ଜଙ୍ଗଲରୁ ବିଭିନ୍ନ ପ୍ରକାର ଫଳ, ମୂଳ ସଂଗ୍ରହ କରି ନିଜର ପେଟ ପୋଷୁ ଥିଲେ। ନିଜର ପରିବାରକୁ (କୁଟୁମ୍ବକୁ ଚଳାଇବା ପାଇଁ ବଳକା ଫଳ ଯଥା ହରିଡ଼ା ବାହାଡ଼ା, (ବିଲା) ପଡ଼ଇ ବିକି କିଛି ଅର୍ଥ (ଟଙ୍କା) ସଂଗ୍ରହ କରି ନିଜର ଜୀବିକା ଚଳାଇଥିଲେ। ବର୍ତ୍ତମାନଯୁଗରେ ମଧ୍ୟ ପାରେଙ୍ଗାମାନେ ଜଙ୍ଗଲ (ଡଙ୍ଗରରୁ) କାଠ କାଟି କୃଷି ପାଇଁ ବ୍ୟବହୃତ ଜିନିଷ, ଯଥା:- ଯୁଆଳି (ଯୁଆଡ଼ି) ଲଙ୍ଗଳ / ନଙ୍ଗଲ ତିଆରି କରି ହାଟ ବଜାରରେ ବିକି ମଧ୍ୟ ନିଜର କୁଟୁମ୍ବକୁ ପୋଷୁଛନ୍ତି। ପାରେଙ୍ଗାମାନେ ଜଙ୍ଗଲ ସହିତ ନିବିଡ଼ ଭାବରେ ସଂପର୍କ ରଖିଥାନ୍ତି। ଜଙ୍ଗଲ ନ ଥିଲେ ପାରେଙ୍ଗାମାନେ ନିଜର ବ୍ୟବହାର କରୁଥିବା ଘର ଯାବତୀୟ ଜିନିଷ ଓ ଜଙ୍ଗଲଜାତ ଦ୍ରବ୍ୟ ସବୁ ପାଇପାରନ୍ତେ ନାହିଁ। ଯାହା ଫଳରେ କି ନିଜର ଆର୍ଥିକ ଅବସ୍ଥା ମଧ୍ୟ ଦୁର୍ବଳ ହୋଇପଡ଼ନ୍ତା। ବର୍ତ୍ତମାନ ପାରେଙ୍ଗାମାନେ ଜଙ୍ଗଲ (ଡଙ୍ଗର) ବିଷୟରେ ଜାଣିପାରବନ୍ତି ଯେ, ଜଙ୍ଗଲକୁ କାଟି ସଫା କରି ଦେଲେ ନିଜର ବ୍ୟବହୃତ ସରଞ୍ଜାମ ତଥା ବନ୍ୟଜାତ ଦ୍ରବ୍ୟ, ଯଥା:- ଜାଳେଣୀ କାଠ (ଦାରୁ), ସିଆଳି ଦଉଡ଼ି (ସିଆଡ଼ି ଡରି ବାଉଁଶରୁ ଜନ୍ମ ହୋଇଥିବା ଗଜା (କରଡ଼ି), ଫୁଲଝାଡୁ (ଫୁଲ୍ ବାଡ଼ନି) ଜଙ୍ଗଲରୁ ମିଳୁଥିବା ବିଭିନ୍ନ ରକମର ଫଳ ମୂଳ (ଫଲମୁଲ) ମିଳିପାରିବ ନାହିଁ। ବର୍ତ୍ତମାନ ଯୁଗରେ ପାରେଙ୍ଗାମାନେ

ବିଭିନ୍ନ ପ୍ରକାରର ଆଧୁନିକ ଯନ୍ତ୍ରପାତି ସାହାଯ୍ୟରେ ବିହନ ଓ ସାର ସଂଗ୍ରହ କରି ଅର୍ଥକାରୀ ଫସଲ ଉତ୍ପାଦନ କରିପାରୁଛନ୍ତି।

ପୂର୍ବେ ପାରେଙ୍ଗାମାନେ ଜଙ୍ଗଲରୁ ଯେତେ ସବୁ ଅର୍ଥକାରୀ ଦ୍ରବ୍ୟ ସଂଗ୍ରହ କରି ଚଳିଆସୁଥିଲେ ଏବେ ତାକୁ ତୁଳନା କଲେ ବହୁତ କମିଗଲାଣି। ବୁଢ଼ାବୁଢ଼ି (ଡକ୍‌ରା ଡ଼କ୍‌ରି) ମାନେ ବଣ ବିଷୟରେ ଅନେକ କାହାଣୀ (କାଥାନି) କହୁଥିଲେ କିନ୍ତୁ ଏବେ ଆଉ ସେତେ ଗୁରୁତ୍ୱ ନ ଦେଇ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ଯାହା ଫଳରେ ଅତୀତର ଘଟଣାଗୁଡ଼ିକ ଭୁଲିଯାଉଛନ୍ତି। ଜଙ୍ଗଲ ହିଁ ଆଦିବାସୀମାନଙ୍କର ନିବିଡ଼ ବନ୍ଧୁ। ଆଗକାଳରେ ଜଙ୍ଗଲ ହିଁ ଆଦିବାସୀମାନଙ୍କର ଆଶ୍ରୟସ୍ଥଳୀ। ଜଙ୍ଗଲ ବିନା ସେମାନଙ୍କୁ ବଞ୍ଚିବା ପାଇଁ କଷ୍ଟକର।

**ଖାଦ୍ୟ ସଂଗ୍ରହ :**

ପୂର୍ବେ ଲୋକମାନେ ମୁଖ୍ୟତଃ ପଶୁଶୀକାର କରି ମାଂସକୁ ନିଜର ଖାଦ୍ୟ ରୂପେ ଗ୍ରହଣ କରୁଥିଲେ। ସେମାନେ ଜଙ୍ଗଲରୁ ବିଭିନ୍ନ ପ୍ରକାର ଫଳମୂଳ ଖାଇ ବଞ୍ଚୁଥିଲେ। ପଶୁପକ୍ଷୀ ଶିକାର କରିବା ଓ କନ୍ଦମୂଳ ଖୋଳିବା ପାଇଁ ବର୍ଚ୍ଛା ବା ମୁନିଆ ପଥର ବ୍ୟବହାର କରୁଥିଲେ। ପାରେଙ୍ଗାମାନଙ୍କ ପ୍ରଧାନ ଖାଦ୍ୟଶସ୍ୟ ଥିଲା ଶୁଆଁ। ତରଳ ଖାଦ୍ୟ ରୂପେ ଆମ୍ବ ଠାକୁଆରେ ଜାଉ (ପେଜ) ତିଆରି କରି ପିଉଥିଲେ। ବଞ୍ଚିବା ପାଇଁ ମୁଖ୍ୟତଃ ଖାଦ୍ୟ ଦରକାର ହୋଇଥାଏ। ପାରେଙ୍ଗା ଲୋକମାନେ ନିଜର ଜୀବନକୁ ବଞ୍ଚାଇ ରଖିବା ପାଇଁ ବିଭିନ୍ନ ପ୍ରକାର ଖାଦ୍ୟଶସ୍ୟ ସଂଗ୍ରହ କରୁଥିଲେ। ଯଥା- ଶୁଆଁ, ମାଣ୍ଡିଆ, ଧାନ୍ ଇତ୍ୟାଦି ଅର୍ଥକାରୀ ଫସଲ ମଧ୍ୟରେ ଅଲ୍‌ସି, କୋଲତ, କେଡ଼ଜନା ପିପଲା, ସାରୁକା କୋଦଇ, ବିରି କାନ୍ଦୁଲ ଇତ୍ୟାଦି ଖାଦ୍ୟଶସ୍ୟ ସଂଗ୍ରହ କରୁଥିଲେ। ପାରେଙ୍ଗାମାନେ ଯେତେ ସବୁ ଖାଦ୍ୟ ଶସ୍ୟ ସଂଗ୍ରହ କରୁଥିଲେ। ନିଜର ପରିବାରକୁ ଭରଣ ପୋଷଣ କଲାଭଳି ଖାଦ୍ୟ ସାଇତି ରଖି ବଳିକାତକ ଖାଦ୍ୟ ହାଟ, ବଜାରରେ ବିକ୍ରି କରିଥାନ୍ତି। ସେମାନେ ସେଇ ପଇସାରେ ଗାଈଗୋରୁ, ଲୁଗାପଟା ତେଲ, ସାବୁନ୍ କିଣିଥାନ୍ତି। ପାରେଙ୍ଗାମାନଙ୍କ ପ୍ରଧାନ ଖାଦ୍ୟ ଶସ୍ୟ ହେଲା ଧାନ, ମାଣ୍ଡିଆ। ଏହା ବ୍ୟତୀତ ଜଂଗଲ କାଟି ସଫା କରି ବାଜରା (କେଡ଼୍‌ଜନା) କୋଳଥ, ଶୁଆଁ, ବିରି, ବୋଦେଇ କାନ୍ଦୁଲ ଡୁଡୁଙ୍ଗ, ହଳସି ଚାଷ କରିଥାଆନ୍ତି।

ସାଧାରଣତଃ ଧାନ ଓ ମାଣ୍ଡିଆ ପାରେଙ୍ଗାମାନେ ଡିପଜମି (ପଦାଜମି)ରେ ଲଗାଇଥାନ୍ତି। ଧାନଚାଷ ପାରେଙ୍ଗାମାନଙ୍କ ଅଞ୍ଚଳରେ ଦୁଇପ୍ରକାର କରିଥା'ନ୍ତି। ଯେଉଁ ଧାନ ପଦାଜମିରେ ଲଗାଇଥା'ନ୍ତି ତାକୁ ବାଟା ଧାନ ବୋଲି କହନ୍ତି ଆଉ ଯେଉଁ ଧାନ ବିଲଜମି (ବେଡ଼ାଜମି)ରେ ଲଗାଇଥା'ନ୍ତି ତାକୁ ବେଡ଼ାଧାନ ବୋଲି କହିଥାଆନ୍ତି। ସେମାନେ ସାଧାରଣତଃ ବାଜରା,

କୋଲଥ, ଶୁଆଁ, ବିରି, ବୋଦେଇ, କାନ୍ଦୁଲ, ଡୁଡୁଙ୍ଗ ଓ ହଳସି ଏହି ସବୁ ଚଷ ମଧ୍ୟରୁ କେତେକାଂଶ ଲୋକମାନେ ପଦା ଜମିରେ ଚଷ କରିଥାନ୍ତି ଓ ଆଉ କେତେକାଂଶ ଲୋକ ଜଙ୍ଗଲକୁ କାଟି ମଧ୍ୟ ଚଷବାସ କରିଥା'ନ୍ତି। କେବଳ ପାରେଙ୍ଗାମାନେ ଏହିପରି ଚଷକରି ଖାଦ୍ୟଶସ୍ୟ ସଂଗ୍ରହ କରୁଛନ୍ତି ତାହା ନୁହେଁ ତାଙ୍କ ନିକଟରେ ବସବାସ କରୁଥିବା ଅନ୍ୟ ଗୋଷ୍ଠୀର ଲୋକମାନେ ମଧ୍ୟ ଏହିପରି ଚଷ କରି ନିଜର ଜୀବିକା ଉପାର୍ଜନ କରିପାରୁଛନ୍ତି। ବର୍ତ୍ତମାନ ସେମାନେ ଆଧୁନିକ ଯୁଗରେ ବିଭିନ୍ନ ରକମର କୃଷି ଯନ୍ତ୍ରପାତିଗୁଡ଼ିକ ବ୍ୟବହାର କରି ବିଭିନ୍ନ କିସମର ବିହନ ବୁଣି ଅଧିକ ଶସ୍ୟ ଅମଳ କରିପାରୁଛନ୍ତି। ପାରେଙ୍ଗାମାନେ ଧାନ ବା ମାଣିଆ କାଟିବା ସମୟରେ କେତେକ ନୀତି ନିୟମକୁ ମାନି ନେଇଥା'ନ୍ତି। ସାମାଜିକ କ୍ଷେତ୍ରରେ ପୂର୍ବପୁରୁଷମାନେ ଯେଉଁ ସବୁ ନୀତିନିୟମ ପାଳନ କରୁଥିଲେ। ତା'ର ପରବର୍ତ୍ତୀ ବଂଶଧରମାନେ ମଧ୍ୟ ତାଙ୍କ ନୀତି ନିୟମକୁ ପାଳନ କରି ଆସୁଛନ୍ତି। ଯେଉଁ ଦିନ ଧାନ କଟାଯାଏ। ସେହିଦିନ ସକାଳେ ବିଲକୁ ଯାଇ ମେଞ୍ଚାଏ ଧାନ କେଣ୍ଡା (କଡ଼ପ)କୁ ଆଣି ପୂଜା କରିଥାନ୍ତି। ତାହାକୁ କଡ଼ପ୍ ବିରୁ ବା ବାଡ଼ପ୍ ପୂଜା ବୋଲି କହିଥାନ୍ତି। ଧାନ କାଟିବା ସମୟରେ ଗୁଣ୍ଡ ହୋଇଯାଏ ବୋଲି ବିଶ୍ୱାସ କରିଥା'ନ୍ତି। ଧାନକାଟି କୋଲାଡ଼ର ବା (କୋଟା)ରେ ଗଦା କରିସାରି ଘରକୁ ଫେରିଲା ପରେ ସେମାନେ ଯେତେ ଜଣ ଧାନଗଛକୁ ବୋହି ନେଇ ଗଦା କରିଥିବେ ସେତେ ଜଣଙ୍କୁ ଧାନ ବୁହାଇଥିବା ମାଲିକ ଲାନ୍ଦା, ପେଡ଼ମ୍ ମଦ ଦେଇ ଆନନ୍ଦରେ ଉତ୍ସାହିତ କରିଥାଏ। ସେମାନଙ୍କ ମଧ୍ୟରେ କିଏ ଗୀତ ଗାଏ ତ କିଏ ନାଚ କରିଥାଏ। ଏହିପରି ନିଜର ସଂସ୍କୃତି ଓ ପରମ୍ପରାକୁ ମାନି ଚଳି ଆସୁଛନ୍ତି। ଧାନ ମଡ଼ାଇବା ବା (ମାଣ୍ଡାଇ) ବା ଦିନ ଧାନକୁ ଲକ୍ଷ୍ମୀ ବୋଲି ପୂଜା କରି ଧାନ ମଡ଼ାଇବାକୁ ଆରମ୍ଭ କରିଥା'ନ୍ତି। ଦୁଇତିନି ଦିନ ଧାନ ମଡ଼ାଇ ସାରିଲା ପରେ ଧାନକୁ ଘରକୁ ଆଣିବା ସମୟରେ ଆଉଥରେ ପୂଜାପାଠ କରି ଘରକୁ ଆଣିଥା'ନ୍ତି। ଯଦି ପୂଜା ପାଠ ନ କରନ୍ତି ତାହା ହେଲେ ପରବର୍ତ୍ତୀ ସମୟରେ ଧାନ ଅମଳ ଭଲ ହେବ ନାହିଁ ବୋଲି ବିଶ୍ୱାସ କରିଥାନ୍ତି। ତେଣୁ ସେମାନେ ଧାନ କୋଲାରେ ବା (କୋଟା)ରେ ଘୁଷୁରି ବା କୁକୁଡ଼ା ବଳି ଦେଇଥା'ନ୍ତି। ପାରେଙ୍ଗାମାନେ ଧାନକୁ ପୂଜା କଲା ପରି ମାଣ୍ଡିଆକୁ ମଧ୍ୟ କୋଲାରେ ପୂଜାପାଠ କରି ଘରକୁ ଆଣିଥା'ନ୍ତି।

**ସଂଗ୍ରହ କରୁଥିବା ଛତୁର ପ୍ରକାରଭେଦ :**

ଛତୁ ସାଧାରଣତଃ ବର୍ଷାଋତୁରେ ଫୁଟି ଥାଏ। ପାରେଙ୍ଗାମାନେ ଏହାକୁ ବର୍ଷାଋତୁରେ ଅଶାଢ଼ ପନ୍ଦାପନ ମାସ ପଦା ଜମିରେ ବା ଜାଙ୍ଗଲକୁ ଯାଇ ସଂଗ୍ରହ କରିଥା'ନ୍ତି। ପୂର୍ବକାଳରେ ସେମାନେ ଓଜନର ଏକକ ବା କେତେ ପରିମାଣର ଜିନିଷ ସେ ବିଷୟରେ କିଛି ଧାରଣା ନ ଥିଲା। ସେମାନେ ନିଜର ଆନୁମାନିକ ହିସାବ କରି ନିଜର ଜିନିଷପତ୍ର, ଖାଦ୍ୟଦ୍ରବ୍ୟ ବିକ୍ରି

କରିପାରୁଥିଲେ। ସେତେବେଳେ ସେମାନେ ବାଉଁଶରୁ ତିଆରି ଠୋକେଇ ବା (ଟିପ୍‌ନି) ଚଙ୍ଗଡ଼ା, ଡାଲା, ମୁନା ବ୍ୟବହାର କରୁଥିଲେ। ଛତୁ (ଛାତି) ସଂଗ୍ରହ ସମୟରେ କିଏ ଗୋଟାଏ ମୁନା ତ କିଏ ଦୁଇ ଟିପ୍‌ନି ଏମିତି ସଂଗ୍ରହ କରି ଆଣୁଥିଲେ। ବର୍ତ୍ତମାନ ସେମାନେ ଏବେ ଓଜନର ଏକକ ଜାଣି ପାରି ଗ୍ରାମ କିଲୋଗ୍ରାମ ବ୍ୟବହାର କରି ହାଟବଜାରରେ ଛତୁ ବିକ୍ରି କରି ନିଜର ଜୀବିକାର୍ଜନ କରିପାରୁଛନ୍ତି। ଛତୁକୁ କାଢ଼ି ଆଣି ପାରେଙ୍ଗାମାନେ ଭଲ ଭାବରେ ପାଣିରେ ଧୋଇ ତରକାରୀ (ଶାଗ)ହାବରେ ବ୍ୟବହାର କରିଥାନ୍ତି। ଛତୁ ତରକାରୀକୁ ରାତିଶାଗ୍ ବୋଲି କହିଥାନ୍ତି। ପାରେଙ୍ଗାମାନେ ଛତୁକୁ ସାଧାରଣତଃ ଖରାରେ ଶୁଖାଇ ସାଇତି ରଖିଥା'ନ୍ତି। ଦରକାର ସମୟରେ କେତେ ପରିମାଣରେ ବିକ୍ରି କରିଥାନ୍ତି। ବଳକା ଛତୁ ସେମାନେ ନିଜେ ତରକାରୀ ରୂପେ ବ୍ୟବହାର କରିଥା'ନ୍ତି। ଛତୁକୁ ସେମାନେ ଖରାରେ ଶୁଖାଇ କୀଟପତଙ୍ଗ ଦାଉରୁ ରକ୍ଷା କରିବା ପାଇଁ ଗୋଟିଏ ଚିରାକନାରେ ଘୁଡ଼ାଇ ମାଠିହାଣ୍ଡି ବା ବାଉଁଶ ନଳାରେ ଭର୍ତ୍ତିକରି ରଖୁଥିଲେ। ଛତୁ ଏକ ପ୍ରକାର ଅର୍ଥକାରୀ ଫସଲ। ତେଣୁ ସେମାନେ ଛତୁକୁ ଅର୍ଥ (ଟଙ୍କା) ଆକାରରେ ବିକ୍ରି କରି ନିଜର ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକ କିଣୁଥିଲେ। ଏବେ ଯାଏଁ ମଧ୍ୟ ଲୋକମାନେ ଛତୁଗୁଡ଼ିକ ବିକ୍ରି କରି ନିଜର ପରିବାରକୁ ଭରଣପୋଷଣ କରୁଛନ୍ତି। ଛତୁ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ନାମକରଣ ହୋଇଥାଏ। ସାଧାରଣତଃ ଛତୁ ଜଙ୍ଗଲ ଏବଂ ପଦା ଜମିରେ ଦେଖିବାକୁ ପାଇଥାଉ। ଜଙ୍ଗଲରେ ଫୁଟି ଥିବା ଛତୁଗୁଡ଼ିକ ମଧ୍ୟରେ ଗୋଟିଏ ହେଲା ଶାଳ ବା (ଶର୍ଗି) ଛତୁ ବାଉଁଶ ଛତୁ। ପଦାଜମି ଗୁଡ଼ିକରେ ସାଧାରଣତଃ ମାନଇଛତୁ, ବିଟକ୍ ଛତୁ, ପାଳଛତୁ, ଗୋବରଛତୁ, ଉଇହୁଙ୍କା (ବିଡ଼ମ୍ ଛତୁ) ଫୁଟିଥାଏ।

**ବିଭିନ୍ନ ପ୍ରକାର କନ୍ଦ ଓ ମୂଳ :**

ସେମାନଙ୍କ ପୂର୍ବପୁରୁଷମାନେ ମୁଖ୍ୟତଃ ଜଙ୍ଗଲ (ଡଙ୍ଗର) ବା ବଣ ପର୍ବତରୁ କନ୍ଦମୂଳ ସଂଗ୍ରହ କରୁଥିଲେ। ସେମାନେ କୌଣସି ପର୍ବପର୍ବାଣିରେ ବା ଯାନିଯାତ୍ରା ହେଲେ କନ୍ଦମୂଳ ସଂଗ୍ରହ କରି ଆଣିଥା'ନ୍ତି। ପୂର୍ବପୁରୁଷମାନଙ୍କ ପରମ୍ପରା ଅନୁସାରେ ଏବେ ମଧ୍ୟ ପାରେଙ୍ଗାମାନେ ଜଙ୍ଗଲକୁ ଯାଇ କନ୍ଦମୂଳ ସଂଗ୍ରହ କରିଥା'ନ୍ତି। ସେମାନେ ଜଙ୍ଗଲକୁ ଗଲାବେଳେ ସାଙ୍ଗରେ ଶାବଳ, କୋଦାଳ (କଡ଼କି), ଟାଙ୍ଗିଆ ନେଇଥା'ନ୍ତି। ଏହା ସାହାଯ୍ୟରେ ସେମାନେ ମାଟିକୁ ଖୋଳାଖୋଳି କରି କନ୍ଦମୂଳ ବାହାର କରିଥାନ୍ତି। ସାଧାରଣତଃ ଜଙ୍ଗଲରୁ ପିଟ୍‌କାନ୍ଦା, ସରେନ୍ଦାକାନ୍ଦା, ମାର୍ଦାକାନ୍ଦା, ପାତାଳଗରଡ଼ୁ ଏହି ସବୁ କନ୍ଦ ଓ ମୂଳଗୁଡ଼ିକ ସଂଗ୍ରହ କରିଥା'ନ୍ତି। ପିଟ୍‌କାନ୍ଦାକୁ ସେମାନେ ପୁଷ ମାସରେ ସଂଗ୍ରହକ କରିଥା'ନ୍ତି। ଜଙ୍ଗଲରେ ଥିବା ବାଉଁଶରୁ କରଡ଼ି ଆଷାଢ଼ ମାସରେ ସଂଗ୍ରହ କରିଥା'ନ୍ତି। ଔଷଧୀୟ ଚେରମୂଳଗୁଡ଼ିକ ସଂଗ୍ରହ ପାଇଁ ପାରେଙ୍ଗାମାନେ ପ୍ରାୟତଃ ସବୁ ସମୟରେ ଜଙ୍ଗଲକୁ ଯାଇ ଆଣନ୍ତି।

କନ୍ଦ ଓ ମୂଳ ସଂଗ୍ରହ କରି ଘରକୁ ଆଣିଲା ପରେ ତାକୁ କେତେକ ଲୋକ ତରକାରୀ ରୂପେ ବ୍ୟବହାର କରିଥା'ନ୍ତି ଏବଂ ବଳକାଳ ହେଲେ ହାଟରେ ନେଇ ବିକ୍ରି ମଧ୍ୟ କରିଥାନ୍ତି। ସେମାନେ କନ୍ଦ ଓ ମୂଳକୁ ସଂରକ୍ଷଣ ପାଇଁ କେତେକ ଲୋକ ତାକୁ ସିଝାଇ ଖରାରେ ଶୁଖାଇ ରଖିଥା'ନ୍ତି। ଶୁଖିଲା ପରେ ସେଗୁଡ଼ିକ ଏକାଠି କରି ମାଟି ହାଣ୍ଡିରେ ସାଇତି ରଖୁଥିଲେ। ମାଦାକାନ୍ଦା ଓ ପାତାଳଗରଡ଼ୁ ପାରେଙ୍ଗା ସଂପ୍ରଦାୟର ଲୋକମାନେ ଔଷଧ ରୂପେ ବ୍ୟବହାର କରନ୍ତି। ସିନ୍ଦିକାନ୍ଦାକୁ ଲୋକମାନେ ତରକାରୀ ଭାବେ ମଧ୍ୟ ବ୍ୟବହାର କରନ୍ତି। ଏହାକୁ ଖୋଳି ଆଣି ପାଣିରେ ସିଝାଇ ଖରାରେ ଶୁଖାଇ ରଖନ୍ତି। ଭବିଷ୍ୟତରେ ଦରକାର ହେଲେ ତାକୁ ରାନ୍ଧି ଖା'ନ୍ତି। ଏହି କନ୍ଦ ଓ ମୂଳ ସଂଗ୍ରହ କରିବା ସମୟରେ କୌଣସି କଳିଝଗଡ଼ା ଦ୍ୱନ୍ଦ ଉପୁଜି ନଥାଏ। ପରସ୍ପର ମଧ୍ୟରେ ସୁସଂପର୍କ ସ୍ଥାପନ କରି ସମସ୍ତେ ମିଳିମିଶି ଏହି କାର୍ଯ୍ୟ ସଂପାଦନ କରିଥା'ନ୍ତି। କନ୍ଦ ଓ ମୂଳ ସଂଗ୍ରହ କରିବା କୌଣସି ବଂଶଗତ ଅଧିକାର ନ ଥାଏ କେବଳ ଏହା ପରିବାର ପରିସରଭୁକ୍ତ ହୋଇଥାଏ। ପାରେଙ୍ଗା ସମାଜରେ ବସବାସ କରୁଥିବା ପ୍ରତ୍ୟେକ ପରିବାରବର୍ଗର ଲୋକମାନେ ବଣରୁ ବା ଜଙ୍ଗଲରୁ ସଂଗ୍ରହ କରିଆଣିଥାନ୍ତି।

**ବିଭିନ୍ନ ପ୍ରକାରର ପତ୍ର :**

ପୂର୍ବକାଳରେ ଲୋକମାନେ ଖାଇବା ପାଇଁ ବିଭିନ୍ନ ପ୍ରକାରର ପତ୍ର ବା (ପତ୍ର) ବ୍ୟବହାର କରୁଥିଲେ। କିନ୍ତୁ ଆଜିକାଲି ନାନାପ୍ରକାର ଗିନା, ଥାଳି, କୁଡ଼୍କା ଆଦି ବ୍ୟବହାର କରୁଛନ୍ତି। ପାରେଙ୍ଗାମାନେ ସେହି ପୁରାତନ ନୀତିନିୟମ ଅନୁସାରେ ଏବେ ମଧ୍ୟ ସେହି ପତ୍ରରେ ଖାଦ୍ୟ ଖାଉଛନ୍ତି। ପତ୍ରକୁ ନିଜର ବ୍ୟବହାର କ୍ଷେତ୍ରରେ ମଧ୍ୟ ଲଗାଇ ପାରୁଛନ୍ତି। ପାରେଙ୍ଗା ଲୋକମାନେ ଜଙ୍ଗଲକୁ ଯାଇ ପତ୍ର ତୋଳି ଆଣିଥାନ୍ତି। ବଣରେ ଯାଇ ସିଆଡ଼ି ପତର, କେନ୍ଦୁପତ୍ର, ଶାଳପତର (ଶର୍ଗି) ପତରଗୁଡ଼ିକ ତୋଳି ଆଣିଥାନ୍ତି। ଏହି ପତ୍ରଗୁଡ଼ିକ ସିଲେଇ କରି ଦନା ତିଆରି କରିଥାନ୍ତି। ଏହା ବ୍ୟତୀତ ସିଆଡ଼ି ପତରକୁ ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ତାର୍ଲା, ମୁରଇ, ଛାତନି ଟୋପରି ତିଆରି କରିଥାନ୍ତି। ଏଗୁଡ଼ିକ ସିଲେଇ କରି ହାଟ ବଜାରକୁ ନେଇ ବିକି ଟଙ୍କା ଆଣି ନିଜର ପରିବାର ଭରଣପୋଷଣ କରିଥା'ନ୍ତି। କେନ୍ଦୁପତ୍ରକୁ ସାଧାରଣତଃ ବିଡି ତିଆରି କରିବା ପାଇଁ ବିକ୍ରି କରାଯାଇଥାଏ। ଏହା ମୁଖ୍ୟତଃ ମାଲକାନଗିରି ଅଞ୍ଚଳରେ ମିଳିଥାଏ। ଶାଳପତ୍ରକୁ ମଧ୍ୟ ସିଆଡ଼ି ପତର ପରିଦନା ବା ଖଲି ଆକାର ତିଆରି କରି ନିଜର ବ୍ୟବହାରରେ ଲଗାଇ ବଳକାତକ ହାଟକୁ ନେଇ ବିକ୍ରି କରିପାରିଥା'ନ୍ତି। ଏହିପରି ଭାବେ ନିଜର ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିପାରିଥା'ନ୍ତି। ଏହି ପତ୍ରଗୁଡ଼ିକ ବା ସିଆଡ଼ି ପତରକୁ ଚଇତ ମାସ ପୌଷ (ପୁଷ) ମାସ ଆଷାଢ଼ ମାସରେ ସଂଗ୍ରହ କରିଥା'ନ୍ତି। ପାରେଙ୍ଗାମାନେ ପତ୍ର ସଂଗ୍ରହ ସମୟରେ କୌଣସି ପୂଜାପାଠ ପଦ୍ଧତି ଅବଲମ୍ବନ କରନ୍ତି ନାହିଁ। କେବଳ ପର୍ବପର୍ବାଣି ବା ସୁଜି (ବୁଢ଼) କାର୍ଯ୍ୟରେ ଲଗାଇଥାନ୍ତି। ପତ୍ରକୁ

ସେମାନେ ଖାଦ୍ୟ ଖାଇବା ପାଇଁ ବ୍ୟବହାର କରିଥା'ନ୍ତି। ବିଭିନ୍ନ ପ୍ରକାର ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକ ତିଆରି କରିଥାନ୍ତି ଯଥା ମୁରଇ, ଚାତଡ଼ି ଟୋପ୍‌ରି ବର୍ଷା ଦାଉରୁ ରକ୍ଷା ପାଇବା ନିମନ୍ତେ ବ୍ୟବହାର କରିଥାନ୍ତି। ସେମାନେ ଏହାକୁ ତୋଳି ଆଣି ସିଲେଇ କରି ଦନା ଓ କଳି ତାରଲାଗୁଡ଼ିକ ଖରାରେ ଶୁଖାଇ ସାଇତି ରଖିଥାନ୍ତି। ଦରକାର ବେଳେ ସେଗୁଡ଼ିକ ବ୍ୟବହାର କରିଥା'ନ୍ତି। ଭବିଷ୍ୟତରେ କାର୍ଯ୍ୟରେ ଲଗାଇବା ପାଇଁ ଦନାବଇଟିଗୁଡ଼ିକୁ କେତେଗୁଡ଼ିଏ ଶିଖାଦଉଡ଼ିରେ ବାନ୍ଧି ଘରର ହାଟୁ ମାଳାରେ ବା ଗରର ବାରଣ୍ଡାରେ ହଲାଇଥା'ନ୍ତି। ସଂଗ୍ରହ ସମୟରେ ବେଳେବେଳେ କଳିଝଗଡ଼ା ହୋଇ ପରସ୍ପର ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥାଏ। କାରଣ ଜଙ୍ଗଲ ତଳିଆ ଅଞ୍ଚଳରେ ବସବାସ କରୁଥିବା ପାରେଙ୍ଗା ଲୋକମାନେ ପତ୍ରଗୁଡ଼ିକ ତୋଳିବାକୁ ମନା କରିଥାନ୍ତି। ପତ୍ରଗୁଡ଼ିକ ତୋଳିବା ସମୟରେ ଗଛଗୁଡ଼ିକ କାଟି ନଷ୍ଟ କରି ଦେବେ ବୋଲି ସେମାନେ ଏହିପରି କଳିଝଗଡ଼ା କରିଥାନ୍ତି। ସମୟ ହେଲେ ଏହା ବିରାଟ ଦ୍ୱନ୍ଦ୍ୱ ଉପୁଜି ଥାନା ବା କୋର୍ଟ କଚେରୀର ଆଶ୍ରୟ ନେଇଥାନ୍ତି। ପତ୍ରଗୁଡ଼ିକ ସଂଗ୍ରହ ପାଇଁ ପରିବାର ବଂଶ ଓ ସଂସ୍କୃତିଗତ ଅଧିକାର ଦେଖିବାକୁ ମିଳି ନ ଥାଏ, କେବଳ ଗୋଷ୍ଠୀଗତ ହିସାବରେ ଜଙ୍ଗଲକୁ ଯାଇ ପତ୍ରଗୁଡ଼ିକ ସଂଗ୍ରହ କରି ଆଣିଥାନ୍ତି।

**ବିଭିନ୍ନ ପ୍ରକାର କାଣ୍ଡ, ଡାଳ ଓ ଶାଖା :**

ଘର ତିଆରି କରିବାକୁ ହେଲେ ପାରେଙ୍ଗା ଲୋକମାନେ ଗଛ ଉପରେ ନିର୍ଭର କରନ୍ତି। ଘର ତିଆରି କରିବା ବ୍ୟତୀତ ଗଛର କାଣ୍ଡ ଓ ଶାଖାରେ ବିଭିନ୍ନ କୃଷି ଉପକରଣ ତିଆରି କରିଥାନ୍ତି। ଗଛର ଡାଳକୁ ସେମାନେ ଜାଳେଣି କାଠ ରୂପେ ବ୍ୟବହାର କରିଥାନ୍ତି। ଗଛର ଶାଖାଗୁଡ଼ିକ ଆଣି ବିଭିନ୍ନ ପ୍ରକାର ଲତା ଯଥା - ରାଂଜସେମି, ଜଙ୍ଗଲକାନ୍ଦା, କୁମ୍ଡ଼ାପାଳରେ ପୋତିକା (ରାଜ) ଦେଇଥାନ୍ତି। ଏହା ଫଳରେ ଲତାଗୁଡ଼ିକ ସେହି ଶାଖା ଦେଇ ଲମ୍ୱି ଥାଏ। ଗଛକାଣ୍ଡ ଓ ଡାଳଗୁଡ଼ିକ ଟାଙ୍ଗିଆ ବା କରତ ସାହାଯ୍ୟରେ କାଟି ଘରର ସରଜାଂମ ପାଇଁ ବ୍ୟବହାର କରିଥାନ୍ତି। ଗଛର କାଣ୍ଡ ଓ ଶାଖାଗୁଡ଼ିକ କାଟି ବିକ୍ରି କରି ଅର୍ଥ ମଧ୍ୟ ରୋଜଗାର କରନ୍ତି। ସେମାନେ କାଣ୍ଡ ଓ ଶାଖାଗୁଡ଼ିକ ପ୍ରାୟ ପୌଷ (ପୁଷ୍) ମାଘମାସ, ଚୈତ୍ର (ଚଇତ) ମାସରେ ସଂଗ୍ରହ କରିଥାନ୍ତି। ଏହି କାଣ୍ଡ, ଡାଳ ଓ ଶାଖାଗୁଡ଼ିକ ସଂଗ୍ରହ କରିବା ପାଇଁ କୌଣସି ପୂଜାପାଠ କରିବା ଦେଖାଯାଏ ନାହିଁ। କିନ୍ତୁ କେତେକ ସ୍ଥଳରେ ଡାଳକୁ ପୂଜା ପାଇଁ ବ୍ୟବହାର କରାଯାଇଥାଏ। ଧାଙ୍ଗଡ଼ା ଧାଙ୍ଗଡ଼ିକୁ ବିବାହ କରିବା ସମୟରେ ଓ ପିଲାଜନ୍ମ ହେଲେ ଛାତରେଙ୍ଗ୍ ଡାଳକୁ ଆଣି ପୂଜା କାର୍ଯ୍ୟରେ ଲଗାଇଥାନ୍ତି। ଜାତରେଙ୍ଗ ଗଛର କାଣ୍ଡକୁ କାତୁ (ବାଡ଼ନି) ଭାବରେ ବ୍ୟବହାର କରିବା, ପଣସ, ସଜନା, ଶାଗ ଗଛର କାଣ୍ଡ ଓ ଶାଖାଗୁଡ଼ିକ ଘରର ସରଞ୍ଜାମ ଓ ଡାଳଗୁଡ଼ିକ ଜାଳେଣି କାଠ ରୂପେ ବ୍ୟବହାର କରିଥାନ୍ତି। କାଣ୍ଡଗୁଡ଼ିକୁ ଘରର ପଟିଆ, ଡୋଲି, ଧିନମ୍ଓପଟା ଘରର କଟାବ ଝରକା ଭାବେ

ବ୍ୟବହାର କରିଥାନ୍ତି। ନିଜେ ମଧ୍ୟ ଗଛର କାଣ୍ଡ ଓ ପଟାଗୁଡ଼ିକ କାଟି ବିକ୍ରୟ କରିଥାନ୍ତି। ସେମାନେ ଗଛର କାଣ୍ଡ ଓ ଶାଖାଗୁଡ଼ିକ ଆଣି ଘରର ପଛଆଡ଼କୁ ଥାକଥାକ କରି ରଖିଥାନ୍ତି। ଉଇ (ଅଳଶା) ନ ଖାଇବା ପାଇଁ କେତେକ ଲୋକ ଡେଲିଗାଡ଼ି ବା ଖମ୍ବପୋତି ତା' ଉପରେ ପହକୁ କାଣ୍ଡ, ଡାଳ ଓ ଶାଖାଗୁଡ଼ିକ ଥାକଥାକ କରି ସିଜାଇ ରଖିଥାନ୍ତି। ଏହି ଖମ୍ବପୋଡ଼ି ଉପରେ ସଜାଇ ରଖିବା ପ୍ରଣାଳୀକୁ ଛାମଣ୍ଡା ବା ଦାର ମାଛ ବେକରି କହିଥାନ୍ତି। ଭବିଷ୍ୟତରେ ରକ୍ଷଣାବେକ୍ଷଣ ପ୍ରଣାଳୀ ପାଇଁ ସେମିତି କିଛି ତାଙ୍କ ପାଖରେ ନାହିଁ, ତେଣୁ ସେମାନେ ଯେତେବେଳେ ସଂଗ୍ରହ କରି ଆଣନ୍ତି ନିଜର ବ୍ୟବହାରରେ ଲଗାଇବା ଏତିକି ପରେ ବଳକା ସବୁ ବିକ୍ରୟ କରିଥାନ୍ତି। ଏହି କାଣ୍ଡ, ଡାଳ ଓ ଶାଖାଗୁଡ଼ିକ ନିଜେ ଲଗାଇଥିବା ବାଡ଼ିବଗିଚା ନିଜର ପଡ଼ିଆ ଜମିରୁ ଆଉ କେତେକ ଜଙ୍ଗଲରୁ ମଧ୍ୟ ସଂଗ୍ରହ କରି ଆଣିଥାନ୍ତି।

ଗଛର କାଣ୍ଡ, ଡାଳ ଓ ଶାଖାଗୁଡ଼ିକ ସଂଗ୍ରହ ସମୟରେ ପାରେଙ୍ଗା ବ୍ୟତୀତ ଅନ୍ୟ ଗୋଷ୍ଠୀର ଲୋକମାନଙ୍କ ମଧ୍ୟରେ କଳିଝଗଡ଼ା, ଦ୍ୱନ୍ଦ ଓ ଉତ୍ତେଜନା ସୃଷ୍ଟି ହୋଇଥାଏ। ଜଣେ ଲୋକ ଯଦି ଅନ୍ୟ ଲୋକର ଜମିରେ ଥିବା ଗଛର କାଣ୍ଡ, ଡାଳ ବା ଶାଖାକୁ କାଟି ଦିଏ ତାହାହେଲେ ସେ ଦୁଇ ଜଣଙ୍କ ମଧ୍ୟରେ କଳିଝଗଡ଼ା ସୃଷ୍ଟି ହୋଇଥାଏ। ଏପରିକି ଭାଇ ଭାଇ ମଧ୍ୟରେ ବି କଳିକଜିଆ ସୃଷ୍ଟି ହୋଇ ଥାନା ଓ କୋର୍ଟ କଚେରୀର ଆଶ୍ରୟ ନେଇଥାନ୍ତି। ପୂର୍ବକାଳରେ ଯେଉଁ ପୂର୍ବପୁରୁଷ ବା ଜେଜେବାପା (ଆନିଭାଇ), ଜେଜେ ମାଁ ନିଜର ଜମିରେ ବା ବାଡ଼ରେ ଗଛ ଲଗାଇଥାନ୍ତି। ତାଙ୍କ ପରବର୍ତ୍ତୀ ପିଢ଼ିର ଲୋକମାନେ ନିଜର ପିତୃସଂପତ୍ତି ଅଧିକାର ଭାବେ ଗ୍ରହଣ କରି ନେଇଥାନ୍ତି। ବିଭିନ୍ନ ପର୍ବପର୍ବାଣି ସମୟରେ ଦୋଷା (ବୁଡ଼୍) ହେଲେ ଜଙ୍ଗଲକୁ ଯାଇ କାଣ୍ଡ, ଡାଳ ବା ଶାଖାଗୁଡ଼ିକ ସଂଗ୍ରହ କରି ଅଣରିଦେଇଥାନ୍ତି। ସେଦିନ ସେମାନେ ଲାନ୍ଦା, ପେଡ଼ମ୍ ପିଇ, ନାଚ ଗୀତ କରି ମଉଜ ମଜଲିସ୍ କରିଥାନ୍ତି।

## (ଛ) ବିଭିନ୍ନ ପ୍ରକାର ଫୁଲ :

ଆଗକାଳରେ ଲୋକମାନେ ପୂଜା (ବିରୁ) କରିବା ସମୟରେ ଦେବଦେବୀମାନଙ୍କୁ ଫୁଲ ଅର୍ପଣ କରୁଥିଲେ। ଏହାଛଡ଼ା ସ୍ତ୍ରୀ ଲୋକ (ମାଇଜି) ଧାଙ୍ଗଡ଼ା ଧାଙ୍ଗିଡ଼୍ ମାନେ ଫୁଲକୁ ପିନ୍ଧିବାକୁ ଭଲ ପାଉଥିଲେ। ଯୁବତୀ (ଧାଙ୍ଗଡ଼ି)ମାନେ ଫୁଲକୁ ବହୁତ ପସନ୍ଦ କରନ୍ତି। ସେମାନେ ବସବାସ କରୁଥିବା ଅଞ୍ଚଳମାନଙ୍କରେ ଅନେକ ରକମର ଫୁଲ ଦେଖିବାକୁ ମିଳିଥାଏ; ଯଥା:- ଜୁଇଜାଇ, ରାନିଫୁଲ, ମନ୍ଦାରଫୁଲ, ଗୋଲାପ ଫୁଲ, କିଆ ଫୁଲ, କସମ ଫୁଲ, ବାତ୍ ଫୁଲ ଇତ୍ୟାଦି ଫୁଲ ସବୁ ମିଳିଥାଏ। ଆଉ ଏକ ଫୁଲ ଜଙ୍ଗଲରୁ ମିଳିଥାଏ ତାକୁ କଞ୍ଚନଫୁଲ ବୋଲି କହିଥାନ୍ତି। ଜଙ୍ଗଲରେ ଫୁଟିଥିବା ଫୁଲଗୁଡ଼ିକୁ ବାଉଁଶ ଲାଠି ସାହାଯ୍ୟରେ ବା ଜଙ୍ଗଲରେ

ମିଳୁଥିବା ଖଣ୍ଡେ ବାଡ଼ି (ଡାଙ୍ଗ)ସାହାଯ୍ୟରେ ନୁଆଁଇ ତୋଳିଥା'ନ୍ତି। ଆଉ କେତେକ ଫୁଲକୁ ହାତରେ ତୋଳି (ଚିଡ଼ାଇ) ଆଣିଥାନ୍ତି। ମହୁଲ ଫୁଲକୁ ସେମାନେ ଗଛ ତଳେ ଗୋବରପାଣି ଦେଇ ଝାଡ଼ୁ କରିଦେଇ ଥାନ୍ତି। ମହୁଲ ଫୁଲ ଗଛରୁ ଝଡ଼ିଲେ ତାକୁ ଗୋଟାଇ ବା ଏକାଠି କରି ଘରକୁ ଆଣନ୍ତି। ଏହିପରି ଭାବରେ ସେମାନେ ବିଭିନ୍ନ ରକମର ଫୁଲକୁ ଭିନ୍ନ ଭିନ୍ନ ଉପାୟରେ ସଂଗ୍ରହ କରିଥାନ୍ତି। ପାରେଙ୍ଗାମାନେ ଚମ୍ପାଫୁଲ କୁ ଚୈତ୍ର (ଚଇତ ମାସରେ) ମଲ୍ଲୀଫୁଲକୁ ଶୀତମ ରାନିଫୁଲକୁ ଦଶହରା ଦିଆଲି ପେଣ୍ଡମାସରେ ସଂଗ୍ରହ କରିଥାନ୍ତି। ଆଉ କେତେ ଗୁଡ଼ିଏ ଫୁଲ ଅଛି ସେଗୁଡ଼ିକ ପ୍ରାୟ ସବୁ ଋତୁରେ ସବୁ ମାସରେ ମିଳିଥାଏ। ଜଙ୍ଗଲରେ ଫୁଟିଥିବା କଞ୍ଚନଫୁଲକ ସେମାନେ ପୌଷ (ପୁଷ୍) ଓ ମାଘ ମାସରେ ସଂଗ୍ରହ କରିଆଣିଥାନ୍ତି। ମହୁଲ ଫୁଲକୁ ସେମାନେ ଚଇତ ଓ ବୈଶାଖ ମାସରେ ସଂଗ୍ରହ କରିଥାନ୍ତି।

ଫୁଲ ସଂଗ୍ରହ କରିବା ସମୟରେ ପାରେଙ୍ଗା ଲୋକମାନଙ୍କ କୌଣସି ଦେବଦେବୀ କିମ୍ବା ଗାଁର ହୁଣ୍ଡି ଦେବତାଙ୍କୁ ପୂଜା କରିବାର ଦେଖାଯାଏ। ଯେ କୌଣସି ପର୍ବପର୍ବାଣି ହେଲେ ମୁଖ୍ୟତଃ ଫୁଲକୁ ହିଁ ପ୍ରାଧାନ୍ୟ ଦେଇଥାନ୍ତି। ନିଜର ଇଷ୍ଟଦେବଦେବୀ, ଗାଁର ହୁଣ୍ଡିଦେବତା, ବାଲିଦେବତା, ଗାଁର ଠାକୁରାଣୀ ଦେବତାମାନଙ୍କୁ ପୂଜାପାଠ କଲାବେଳେ ଫୁଲକୁ ଅର୍ପଣ କରିଥାନ୍ତି। ପାରେଙ୍ଗାମାନେ କେତେଗୁଡ଼ିଏ ଫୁଲକୁ ଔଷଧ ରୂପେ ବ୍ୟବହାର କରିଥାନ୍ତି। ଆଉ କେତେଗୁଡ଼ିଏ ଫୁଲକୁ ଖାଇବା ପାଇଁ ବ୍ୟବହାର କରିଥାନ୍ତି; ଯଥା: - କଖାରୁ (କୁମ୍ଡ଼ା) ଫୁଲ, କଞ୍ଚନ ଫୁଲ ଇତ୍ୟାଦି ସବୁ ଖାଇବା ପାଇଁ ବ୍ୟବହାର କରାଯାଉଛି। ଫୁଲକୁ ଗାଈଗୋରୁ, ଛେଳି ମେଣ୍ଢା ଦାଉରୁ ରକ୍ଷା କରିବା ପାଇଁ ସେମାନେ ଫୁଲ ଗଛର ଚାରି ଆଡ଼ୁବାଡ଼ ବୁଣିଥାନ୍ତି। ଫୁଲକୁ କେତେକ ଲୋକ ବିକ୍ରୟ ଧରି କରି ନିଜର ପରିବାରକୁ ଚଳାଇଥା'ନ୍ତି। ଫୁଲକୁ ଭଲ ଭାବରେ ଶୁଖାଇ ବର୍ଷ ବର୍ଷ ଧରି ମଧ ରଖିପାରୁଛନ୍ତି। ଚମ୍ପାଫୁଲ କାଚ ବୋତଲରେ ପାଣି ଭର୍ତ୍ତି କରି ମଧ କେତେ ବର୍ଷ ପାଇଁ ରକ୍ଷଣାବେକ୍ଷଣ କରିଥା'ନ୍ତି।

କେତେଗୁଡ଼ିଏ ଫୁଲକୁ ନିଜ ବାଡ଼ି ବଗିଚାରୁ ସଂଗ୍ରହ କରିଥାନ୍ତି। ଆଉ କେତେକଗୁଡ଼ିଏ ଫୁଲ ଜଙ୍ଗଲରୁ ସଂଗ୍ରହ କରିଥାନ୍ତି। କଇଁଫୁଲ ବା (ପୂର୍ଣ୍ଣଫୁଲ) ପୋଖରୀରୁ ସଂଗ୍ରହ କରିଥାନ୍ତି। ଫୁଲ ସଂଗ୍ରହ କ୍ଷେତ୍ରରେ କେତେକ ସ୍ଥଳରେ କଳିଝଗଡ଼ା ଉପୁଜି ଥାଏ। ଫୁଲକୁ ଚୋରି କରିବା, ଫୁଲଗଛକୁ କାଟିଦେବା, ଗାଈଗୋରୁ ଖୁଆଇ ଦେବା ଏସବୁ କ୍ଷେତ୍ରରେ ପରସ୍ପର ମଧ୍ୟରେ କଳିଝଗଡ଼ା, ଦ୍ୱନ୍ଦ୍ୱ ଓ ଉତ୍ତେଜନା ସୃଷ୍ଟି ହୋଇଥାଏ।

ଲୋକମାନେ ମହୁଲ ଫୁଲରୁ ମଦ ତିଆରି କରିଥାନ୍ତି। ମହୁଲ ଫୁଲକୁ ଆଣି ମାଟିହାଣ୍ଡିରେ ବତୁରାଇ ଦିଅନ୍ତି। ଚାରିପାଞ୍ଚ ଦିନ ଗଲା ପରେ ତାକୁ ରାନ୍ଧି ମଦ ତିଆରି କରିଥାନ୍ତି। ଏହାକୁ ମହୁଲ ମଦ ବୋଲି କହିଥାନ୍ତି। ଏହି ମଦ ତିଆରି ପ୍ରାୟତଃ ସମସ୍ତଙ୍କ

ହାତରେ ହୋଇନଥାଏ। ପ୍ରାୟ ଅଳ୍ପ କେତେକ ଲୋକଙ୍କ ହାତରେ ନିଃସରଣଗତ ହୋଇଥାଏ।

**ବିଭିନ୍ନ ପ୍ରକାର ଫଳ ଓ ମଞ୍ଜି :**

ଅତୀତରେ ଲୋକମାନେ ଜଙ୍ଗଲରୁ ବିଭିନ୍ନ ପ୍ରକାର ଫଳମୂଳ ଓ ମଞ୍ଜି ସଂଗ୍ରହ କରି ନିଜର ଖାଦ୍ୟ ରୂପେ ବ୍ୟବହାର କରୁଥିଲେ। ବର୍ତ୍ତମାନ ସେମାନେ ଏବେ ଫଳ ଓ ମଞ୍ଜିର ବ୍ୟବହାର ଜାଣିବାରୁ ବିଭିନ୍ନ କ୍ଷେତ୍ରରେ ଲଗାଇପାରୁଛନ୍ତି। ଜଙ୍ଗଲରୁ ହରିଡ଼ା ଫଳ, ଡମୁରି, ପଡ଼ଇ, ବିଲା, ଜଳଫଳ ଆମ୍ବ, କସମ୍ ଫଳ ଆଦି ସବୁ ଫଳଗୁଡ଼ିକ ସଂଗ୍ରହ କରୁଥିଲେ। ସିଆଳିଗଛରୁ ସିଆଡ଼ି ମଞ୍ଜି ବାହାର କରି ଆଣୁଥିଲେ। ଆଜିକାଲି ଯୁଗରେ ମଧ୍ୟ ପାରେଙ୍ଗା ଲୋକମାନେ ଠିକ୍ ପୂର୍ବପରି ଜଙ୍ଗଲରୁ ବିଭିନ୍ନ ପ୍ରକାର ଫଳ ଓ ମଞ୍ଜିମାନ ସଂଗ୍ରହ କରୁଛନ୍ତି। ସିଆଡ଼ିକୁ ପଡ଼ି ମଞ୍ଜି ବାହାର କରିଥାନ୍ତି। ଆଉ କେତେକ ଲୋକ ତାକୁ ଖରାରେ ଶୁଖାଇ ମଧ୍ୟ ମଞ୍ଜି ବାହାର କରିଥାନ୍ତି। ଡମୁରି, ପଡ଼ଇ, ଡ଼ଲଫଳଗୁଡ଼ିକୁ ଗଛରେ ଚଢ଼ି (ଛଗି) କରି ତୋଳି ଆଣିଥାନ୍ତି। ଜଙ୍ଗଲ ବ୍ୟତୀତ ସେମାନେ ନିଜ ଗାଁରେ ଲଗାଇଥିବା ଗଛରୁ ମଧ୍ୟ ବିଭିନ୍ନ ରକମର ଫଳ ଓ ମଞ୍ଜି ସଂଗ୍ରହ କରିଥାନ୍ତି। ଏହାଛଡ଼ା ବାଡ଼ି ବଗିଚାରେ ଲଗାଇଥିବା କାନ୍ଦୁଲ ମଞ୍ଜି, ସେମିମଞ୍ଜି, ଝୁଡ଼ଙ୍ଗମଞ୍ଜି, କରଞ୍ଜ ମଞ୍ଜି, ତେନ୍ତୁଳି (ତେତ୍‌ଲି)ମଞ୍ଜି, କୁମୁଣ୍ଡା ମଞ୍ଜି, କାକୁଡ଼ି ମଞ୍ଜି, ଲାଉମଞ୍ଜି, ପଣସମଞ୍ଜି ସଂଗ୍ରହ କରିଥାନ୍ତି। ସେମାନେ ସାଧାରଣତଃ ଫଳ ଓ ମଞ୍ଜି ଗୁଡ଼ିକ କେତେକ କଞ୍ଚାରୂପେ ଆଉ କେତେଗୁଡ଼ିଏ ମଞ୍ଜିଗୁଡ଼ିକ ଶୁଖାଇ ସଂଗ୍ରହ କରିଥାନ୍ତି। ହରଡ଼ା ଫଳ, ଡ଼ଲଫଳ, ପଡ଼ଇ ଏଗୁଡ଼ିକ ଚଇତ ମାସରେ ସଂଗ୍ରହ କରିଥାନ୍ତି। ଆଉ କାନ୍ଦୁଲ ମଞ୍ଜି, ସେମି ମଞ୍ଜି, ଝୁଡ଼ଙ୍ଗମଞ୍ଜି ଏଗୁଡ଼ିକ ଦିଆଲି ଓ ପଣ୍ଡା ମାସରେ ସଂଗ୍ରହ କରିଥାନ୍ତି। ତେନ୍ତୁଳି ଓ କରଞ୍ଜ ମଞ୍ଜି ପଟୁନ ମାସରେ ସଂଗ୍ରହ କରନ୍ତି। ପାରେଙ୍ଗାମାନେ ଫଳ ଓ ମଞ୍ଜି ସଂଗ୍ରହ ସମୟରେ କୌଣସି ପୂଜାପାଠ କରିବା ଦେଖିବାକୁ ମିଳିନଥାଏ। ଜଙ୍ଗଲଜାତ ଫଳଗୁଡ଼ିକ ମଧ୍ୟରେ କେତେଗୁଡ଼ିଏ ଫଳ ଓ ମଞ୍ଜିକୁ ଖାଇବା ରୂପେ ବ୍ୟବହାର କରନ୍ତି; ଯଥା:-ପଡ଼ଇ ବିଲା, ଡଲଫଳ ଇତ୍ୟାଦି। ଡୁମୁରିରୁ କେତେକ ଲୋକ ମଦ ତିଆରି କରି ପିଇଥାନ୍ତି। ମଦକୁ ବିକ୍ରି କରି ମଧ୍ୟ ନିଜେ ଦୁଇପଇସା ପାଇଥାନ୍ତି। କାକୁ (ବାଲିଆ) ଫଳକୁ ମଧ୍ୟ ପାରେଙ୍ଗା ଲୋକମାନେ ମଦ ତିଆରି କରି ବିକ୍ରି କରିଥାନ୍ତି। ସେମି ମଞ୍ଜିକୁ ତରକାରୀ ଭାବେ ବ୍ୟବହାର କରନ୍ତି। କରଞ୍ଜ ମଞ୍ଜିରୁ ତେଲ ବାହାର କରିଥାନ୍ତି। ତେନ୍ତୁଳି ଓ ପଣସ ମଞ୍ଜିକୁ ତରକାରୀ ଭାବେ ଏବଂ ତେନ୍ତୁଳିମଞ୍ଜିରୁ ଏକପ୍ରକାର ଅଟା ମଧ୍ୟ ତିଆରି କରିଥାନ୍ତି। ବଳକା ଫଳ ଓ ମଞ୍ଜିଗୁଡ଼ିକ ହାଟ ବଜାରରେ ବିକ୍ରି କରି ନିଜର ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିଥାନ୍ତି। ସଂଗୃହିତ ଫଳ ଓ ମଞ୍ଜି ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରେ। ପାରେଙ୍ଗା ଲୋକମାନେ ଫଳ ଓ ମଞ୍ଜିଗୁଡ଼ିକ ଖରାରେ ଶୁଖାଇ ସଂରକ୍ଷଣ କରିଥାନ୍ତି। ଡାଙ୍କୁଣି (ଡାବ୍‌ନା) ଦେଇ ଯତ୍ନ

ସହକାରେ ସାଇତି ରଖିଥାନ୍ତି। ଭବିଷ୍ୟତ ସଂଗ୍ରହ ପାଇଁ କୌଣସି ରକ୍ଷଣାବେକ୍ଷଣ ପଦ୍ଧତି ଅବଲମ୍ବନ କରିନଥାନ୍ତି। କେବଳ ସଂଗ୍ରହ କଲାପରେ କିଛି ମାସ କିମ୍ବା କିଛି ଦିନ ରଖି ବିକ୍ରି କରିଥାନ୍ତି। ଫଳ ଓ ମଞ୍ଜି ଗୁଡ଼ିକ ଜଙ୍ଗଲରୁ ବା ପାହାଡ଼ ପର୍ବତରୁ ଆଉ କେତେକ ନିଜବାଡ଼ି ବଗିଚାରୁ ସଂଗ୍ରହ କରିଥାନ୍ତି। ସଂଗ୍ରହ କରିବା ସମୟରେ କେତେକ ସ୍ଥାନରେ କଳିଝଗଡ଼ା ଉପୁଜିଥାଏ ତ କେତେକ ସ୍ଥାନରେ ଦ୍ୱନ୍ଦ୍ୱ ଉତ୍ତେଜନା ସୃଷ୍ଟି ହୋଇଥାଏ। ଫଳ ମୂଳ ବା ମଞ୍ଜି ସଂଗ୍ରହ କ୍ଷେତ୍ରରେ କେବଳ ପରିବାର ଏବଂ ବଂଶଗତ ଅଧିକାର ହୋଇଥାଏ। ସେମାନେ ବାଲିଆ (କାଜୁ) ଫଳ ଓ ଏବଂ ଡମ୍ବୁରି ଆଦି ଫଳରସକୁ ବିଭିନ୍ନ ଉପାୟରେ ମଦ୍ୟ ନିଷ୍କାସନ କରି ନିଜର ବ୍ୟବସାୟ ରୂପେ ଗ୍ରହଣ କରି ନେଇଥାନ୍ତି। ଏହାଛଡ଼ା ପଲାସ ଓ ତେନ୍ତୁଳିରୁ ମଧ୍ୟ ମଦ୍ୟ ପ୍ରସ୍ତୁତ କରିଥାନ୍ତି।

**ଅଠା ଏବଂ ଲାଖ ସଂଗ୍ରହ :**

ପାରେଙ୍ଗା ଲୋକମାନେ ଘରେ ବ୍ୟବହାର ହେଉଥିବା କାଟ୍‌ରା (ଛୁରୀ), ଦାଆ (ଇଲା) ଗାଘଡ଼ାରେ ଲାଖ ଦେଇଥାନ୍ତି। ଏହା ଫଳରେ ଛୁରୀ, ଦାଆ କିମ୍ବା ଗାଘଡ଼ା ବେଣ୍ଟରୁ ସହଜରେ ଖସି ନ ଥାଏ। ଲାଖ ବା ଝୁଣା (ଦୁପନି)କୁ ପୂଜା (ବିରୁ) କରିବା କାର୍ଯ୍ୟରେ ଲଗାଇଥାନ୍ତି। ଅଠା ଓ ଲାଖକୁ ସେମାନେ ଜଙ୍ଗଲରେ ଯାଇ ଶର୍ଗିଗଛରୁ ଛଡ଼ାଇ ଆଣିଥାନ୍ତି। ଲାଖ ଗଛରୁ ବାହାରି ଶୁଷ୍କ ଅବସ୍ଥାକୁ ଆସିଲେ ତାକୁ ସେମାନେ ସଂଗ୍ରହ କରି ଆଣିଥାନ୍ତି। ଠିକ୍ ସେହିପରି ବାଲିଆ (କାଜୁ) ଗଛରୁ ମଧ୍ୟ ଏକପ୍ରକାର ଅଠା ଭଳି ଲାଖ ସୃଷ୍ଟି ହୋଇଥାଏ ତାକୁ ସଂଗ୍ରହ କରି ବିକ୍ରି କରିଥାନ୍ତି। ଏହା ସାଧାରଣତଃ ଚଇତ ମାସରେ ସଂଗ୍ରହ କରନ୍ତି। ଲାଖ ବା ଝୁଣାକୁ ପୂଜାପାଠରେ ବ୍ୟବହାର କରିଥାନ୍ତି। ଏହାଛଡ଼ା ଲାଖ ଦେଇ ଛୁରୀ, ଦାଆଗୁଡ଼ିକର ବେଣ୍ଟ ମଜବୁତ୍ କରାଯାଏ। ସେମାନେ ଅଠା ଓ ଲାଖକୁ ଭଲଭାବରେ ଖରାରେ ଶୁଖାଇ ମାଟିହାଣ୍ଡି ବା ଲୁଣାମାନଙ୍କରେ ଭର୍ତ୍ତି କରି ସାଇତି ରଖିଥାନ୍ତି। ଭବିଷ୍ୟତ ସଂଗ୍ରହ ପାଇଁ ସେମାନେ ରକ୍ଷଣାବେକ୍ଷଣ ପଦ୍ଧତି ବା ଉପାୟ ଅବଲମ୍ବନ କରନ୍ତି ନାହିଁ। କାରଣ ସେମାନେ ବଞ୍ଚିବାକୁ କଷ୍ଟକର ହୋଇଥାଏ। ସେହି ଦୃଷ୍ଟିରୁ ସେମାନେ ଯେତେବେଳେ ସଂଗ୍ରହ କରନ୍ତି ତାର କିଛି ଭାଗ ନିଜ କାର୍ଯ୍ୟରେ ଲଗାଇ ଅନ୍ୟ ସବୁ ବିକ୍ରି କରିଥାନ୍ତି। ସେମାନେ ଏହିପରି ନାନାପ୍ରକାର ଫଳମୂଳ, ଲାଖ, ବିକ୍ରିକରି ନିଜର ପରିବାରକୁ ଭରଣପୋଷଣ କରିଥାନ୍ତି। ସେମାନେ ଲାଖ ଓ ଅଠା ସଂଗ୍ରହ କରିବା ସମୟରେ ଅନ୍ୟ ଲୋକମାନଙ୍କୁ ଜଙ୍ଗଲ ବା ପାହାଡ଼ରେ ପ୍ରବେଶ କରିବା ପାଇଁ ମନା କରିଥାନ୍ତି। ଏହି କ୍ଷେତ୍ରରେ ସେମାନଙ୍କ ମଧରେ କଳିଝଗଡ଼ ଦ୍ୱନ୍ଦ୍ୱ ଓ ଉତ୍ତେଜନା ସୃଷ୍ଟି ହୋଇଥାଏ। ସଂଗ୍ରହ ପାଇଁ କୌଣସି ପରିବାର ବଂଶଗତ ଅଧିକାର ନଥାଏ। ଅଠା ଓ ଲାଖ ପ୍ରସ୍ତୁତି କରିବା ପାଇଁ ସେମାନେ ନିକଟରେ କୌଣସି ଆଧୁନିକ

ପଦ୍ଧତି ନାହିଁ । କେବଳ ପୁରାତନ ପ୍ରଣାଳୀରେ ସେମାନେ ଶୁଖା ଶୁଖି କରି ଲାଖ ଓ ଅଠା ସଂଗ୍ରହ କରିଥାନ୍ତି ।

**ମହୁ ସଂଗ୍ରହ :**

ପାରେଙ୍ଗା ଲୋକମାନେ ମହୁ ସଂଗ୍ରହ ସମୟରେ ପାଳ ବା ପିରି (ପିଆଲ)କୁ ବାନ୍ଧି ମହୁ ଫୁଲ (ଫେଣା) ପାଖରେ ନିଆଁ ହୁଳା ଦେଖାଇ ଥାନ୍ତି । ଯାହାଫଳରେ ମହୁ ମାଛି ଗୁଡ଼ିକ ଉଡ଼ି ପଳାଇଯାନ୍ତି । ଏହା ସାଧାରଣତଃ ବଡ଼ ବଡ଼ ଗଛମାନଙ୍କରେ ମହୁ ବାନ୍ଧି ଥିଲେ ଏପରି କରିଥାନ୍ତି । ଛୋଟ ଛୋଟ ମହୁ ବା ବିଲ ସବୁ, ନାକଟି ମହୁକୁ ଗାତ ବୋଲି ଧରିଥାନ୍ତି । ପାରେଙ୍ଗା ଲୋକମାନେ ଏହିପରି ଭାବେ ମହୁ ସଂଗ୍ରହ କରିଥାନ୍ତି । ମହୁକୁ ସାଧାରଣତଃ ଦଶରା ଓ ଦିଆଲି ମାସରେ ଧରିଥାନ୍ତି । କାରଣ ଏହି ମାସରେ ମହୁମାଛିଗୁଡ଼ିକ ବିଭିନ୍ନ ପ୍ରକାର ଫୁଲରୁ ମହୁ ସଂଗ୍ରହ କରି ଆଣିଥାନ୍ତି । ମହୁରେ ପ୍ରଚୁର ପରିମାଣରେ ତେଲ (ଚିକ୍କନ୍) ଥାଏ ବୋଲି ବିଶ୍ୱାସ କରନ୍ତି । ମହୁ ସଂଗ୍ରହ ସମୟରେ ଲୋକମାନେ ବିଶ୍ୱାସ କରନ୍ତି ଯେ ମହୁକୁ ବାଘ, ଭାଲୁ, ପାତ୍ରାଲି ଡୁର୍କା ଭଳି ହିଂସ୍ର ଜୀବଜନ୍ତୁମାନେ ଆଣି ଗଛ ଉପରେ ବା ଗଛ କୋରଡ଼ରେ ବସାଇ ଥାନ୍ତି ବୋଲି ବିଶ୍ୱାସ କରି ସେମାନଙ୍କ ନାଆରେ ଧୁପ୍ ଧୁଙ୍ଗିଆ ଦେଇଥାନ୍ତି ।

ମହୁକୁ ଖାଇବା ପାଇଁ ବ୍ୟବହାର କରିଥାନ୍ତି । ମହୁକୁ ବିକ୍ରୟ ମଧ୍ୟ କରନ୍ତି । ମହୁ ତେଲକୁ ପାରେଙ୍ଗା ଲୋକମାନେ ଔଷଧ ରୂପେ ମଧ୍ୟ ବ୍ୟବହାର କରିଥାନ୍ତି । ମହୁକୁ ବଣପାହାଡ଼ରୁ ଉଇହୁଙ୍କା କୋରଡ଼ ଗାତରୁ ସଂଗ୍ରହ କରି ଆଣି ମହୁ ପୋଷି ମଧ୍ୟ ଥା'ନ୍ତି । ମହୁ ତେଲକୁ ସେମାନେ ହାତରେ ଚିପୁଡ଼ି ନିଷ୍କାସନ କରି ମାଟିହାଣ୍ଡିରେ ଭଲ ଭାବରେ ଗୁଡ଼ାଇ ବାନ୍ଧି ସାଇତି ରଖନ୍ତି । ଆଉ କେତେକ ଲୋକ କାଚ ବୋତଲରେ ପବନ ପଶିଲା ପରି ଠିପିକୁ ବନ୍ଦ କରି ସଂରକ୍ଷଣ କରିଥାନ୍ତି । ମହୁକୁ ଭବିଷ୍ୟତ ସଂରକ୍ଷଣ ପାଇଁ କେତେକ ଲୋକ ନିଜ ବାଡ଼ି ବଗିଚାରେ ବା ଘର ପାଖରେ ମହୁ ପେଡ଼ି (ବାକ୍ସ) ତିଆରି କରି ପୋଷିଥାନ୍ତି ।

ପାରେଙ୍ଗାମାନେ ବଣପର୍ବତରେ ଥିବା ବଡ଼ ବଡ଼ ପଥର (ସାକ୍ନା) କୋରଡ଼ ଗଛରୁ, ଗାତରୁ ସଂଗ୍ରହ କରିଥାନ୍ତି । ମହୁ ସଂଗ୍ରହ କ୍ଷେତ୍ରରେ ଅଧିକାଂଶ ସମୟରେ ନିଜ ନିଜ ମଧ୍ୟରେ ଗଣ୍ଡଗୋଳ, କଳିଝଗଡ଼ା ହୋଇଥାଏ । ଜଣେ ଦେଖିଥିବା ମହୁକୁ ଅନ୍ୟ ଜଣେ ପୋଡ଼ି ଆଣିଲେ ବା ଚୋରି କରେ ତାହାହେଲେ ପରସ୍ପର ମଧ୍ୟରେ କଳି ଦ୍ୱନ୍ଦ୍ୱ ଉପୁଜିଥାଏ କିମ୍ବା ପୋଷା ମହୁକୁ କେହି ଜଣେ ଚୋରି କରି ନିଏ ତାହାହେଲେ ସେ ଦୁହିଁଙ୍କ ମଧ୍ୟରେ କଳିଝଗଡ଼ା ସୃଷ୍ଟି ହୋଇଥାଏ ।

ମହୁ ସଂଗ୍ରହ ପାଇଁ କୌଣସି ବଂଶଗତ କିମ୍ବା ସଂସ୍କୃତିଗତ ଅଧିକାର ନଥାଏ । ମହୁକୁ ସେମାନେ ସ୍ୱଇଚ୍ଛାରେ ସଂଗ୍ରହ କରି ଆଣିଥାନ୍ତି । କେବଳ ପୋଷା ମହୁ ପରିବାରଭୁକ୍ତ ହୋଇଥାଏ ।

ମହୁ ସଂଗ୍ରହ ପାଇଁ କୌଣସି ବଂଶଗତ ଅଧିକାର ନ ଥାଏ। ମହୁକୁ ସେମାନେ ସ୍ୱଇଚ୍ଛାରେ ସଂଗ୍ରହ କରି ଆଣିଥାନ୍ତି। କେବଳ ପୋଷା ମହୁ ପରିବାରଭୁକ୍ତ ହୋଇଥାଏ। ମହୁ ତେଲକୁ ସେମାନେ ଏକ ଚିରାସଫା କନାରେ ଛାଣି ନିଷ୍କାସନ କରିଥାନ୍ତି। ସେମାନଙ୍କ ନିକଟରେ କୌଣସି ଆଧୁନିକ ଉପାୟରେ ମହୁକୁ ନିଷ୍କାସନ କରିବା ପାଇଁ ଯନ୍ତ୍ରପାତି ନାହିଁ। ମହୁକୁ ସଂଗ୍ରହ କରିବାକୁ ହେଲେ ମାଇ ମାଛିକୁ ଧରି ଆଣିଥାନ୍ତି, ସେହି ମାଇ ମାଛି ସାଙ୍ଗରେ ସମସ୍ତଙ୍କ ମହୁ ମାଛି ଗୋଟିଏ ଜାଗାରେ ଜମା ହୁଅନ୍ତି।

**ଶିକାର :**

ପୂର୍ବକାଳରେ ଲୋକମାନେ ବଣପାହାଡ଼ର ଗୁମ୍ଫାରେ ବାସ କରୁଥିଲେ। ସେମାନେ ବଣଜଙ୍ଗଲରେ ବସବାସ କରି ନିଜର ଖାଦ୍ୟ ରୂପେ ଫଳମୂଳ ସଂଗ୍ରହ କରନ୍ତି। ମନୁଷ୍ୟ ଏକ ମଂସାଶୀ ପ୍ରାଣୀ। ତେଣୁ ଆଦିମକାଳର ମନୁଷ୍ୟମାନେ ବଣରେ ରହି ଫଳ ମୂଳ ଖାଇବା ସଂଗେ ସଂଗେ ପଶୁ ଶିକାର କରି ମାଂସ ଖାଇବାକୁ ମଧ୍ୟ ଶିଖିଲା। ଆଗକାଳରେ ଲୋକମାନେ ନିଆଁର ବ୍ୟବହାର ଜାଣି ନଥିବାରୁ କଞ୍ଚା ମାଂସ ଖାଉଥିଲେ।

ପାରେଙ୍ଗା ଲୋକମାନଙ୍କ ଚୈତ୍ର (ଚଇତ) ପରବ ହେଲେ ସେମାନେ ଧନୁ, ତୀର, ବର୍ଚ୍ଛା, ଟାଙ୍ଗିଆ, ଧରି ପର୍ବତକୁ ପଶୁ ଶିକାର ପାଇଁ ଯାଇଥାନ୍ତି। ଏବେ ଯାଏଁ ମଧ୍ୟ ପୂର୍ବର ପରମ୍ପରା ଅନୁସାରେ ଗାଁର ସମସ୍ତ ଧାଙ୍ଗଡ଼ା ଓ ବୁଢ଼ାମାନେ ଚଇତ ପର୍ବରେ ବେଣ୍ଟ (ଶିକାର)କୁ ଯାଇଥାନ୍ତି।

ପାରେଙ୍ଗା ଲୋକମାନେ ଜଙ୍ଗଲକୁ ଗଲେ ବିଭିନ୍ନ ପ୍ରକାର ପଶୁପକ୍ଷୀ ଶିକାର କରିଥାନ୍ତି, ଯଥା: – ହରିଣ (କଟରା), ମୟୂର, ଠେକୁଆ (କାଡ଼ା), ଝିଙ୍କ (ସାଲିମ୍), ବାରା (ବରିଆ), ଡଙ୍ଗର କୁକୁଡ଼ା, ମୁଙ୍ଗି (ନେଉଳ) ଇତ୍ୟାଦି ଜୀବଜନ୍ତୁ ଶିକାର କରି ଆଣିଥାନ୍ତି। ପାରେଙ୍ଗା ଗୋଷ୍ଠୀରେ ବନ୍ଧୁବାନ୍ଧବ, ମିତମୈତ୍ର, ସମନ୍ଦିମାନେ କୁଣିଆ (ଗଡିଆ) ଆସିଲେ ଘରର ଲୋକ ନିଜର ବ୍ୟକ୍ତିଗତ ହିସାବରେ ବଣକୁ ଯାଇ ଶିକାର କରି ଆଣିଥାଏ। ପାରେଙ୍ଗା ଲୋକମାନେ ଅତିଥିମାନଙ୍କ ଆଗରେ ନିଜର ମାନ ସମ୍ମାନ ଓ ମର୍ଯ୍ୟାଦାକୁ ବଜାୟ ରଖିବା ପାଇଁ ବ୍ୟକ୍ତିଗତ ଭାବରେ ପଶୁ ଶିକାର କରିଥାନ୍ତି। ବ୍ୟକ୍ତିଗତ ଶିକାର କରି କେତେକାଂଶ ଲୋକମାନେ ମାଂସକୁ ବିକ୍ରି କରି ଟଙ୍କା ପାଉଛନ୍ତି। ସେମାନଙ୍କ ପରମ୍ପରା ଅନୁଯାୟୀ କୌଣସି ଗାଁର ମିତ୍ର (ମଇତର) ନିଜ ଗାଁକୁ ଡକାନ୍ତି ତେବେ ସେମାନେ ଦଳଗତ ଭାବେ ଜଙ୍ଗଲକୁ ଯାଇ ପଶୁ ଶିକାର କରି ସେହି ମିତ୍ରମାନଙ୍କୁ ଉପହାର ରୂପେ ପ୍ରଦାନ କରିଥାନ୍ତି। ସେମାନଙ୍କ ମୁଖ୍ୟପର୍ବ ହେଉଛି ଚୈତ୍ର ପର୍ବ। ଏହି ପର୍ବରେ ପ୍ରାୟ ଗାଁର ସମସ୍ତ ଧାଙ୍ଗଡ଼ାମାନେ ଶିକାର (ବେଣ୍ଟ) ନିମନ୍ତେ ଜଙ୍ଗଲକୁ ଯାଇଥାନ୍ତି। ଜଙ୍ଗଲରୁ ହରିଣ ଓ ଅନ୍ୟାନ୍ୟ ଜୀବଜନ୍ତୁ ଶିକାର କରିଥାନ୍ତି।

ବେଳେବେଳେ ଜଙ୍ଗଲରୁ ଖସି ପଦା ବାହାର କେତେକ ପଶୁ ଚାଲିଆସନ୍ତି। ଲୋକମାନେ ସେଗୁଡ଼ିକୁ ସାମୟିକ ଭାବରେ ଶିକାର କରିଥାନ୍ତି।

ପାହାଡ଼ିଆ ଅଞ୍ଚଳରେ ବସବାସ କରୁଥିବା ପାରେଙ୍ଗା ଲୋକମାନେ ମୁଖ୍ୟତଃ ଶିକାର କରିବା ପାଇଁ କୁକୁର ପାଳିଥାନ୍ତି। ସେମାନେ ଜଙ୍ଗଲକୁ ଗଲାବେଳେ ସାଙ୍ଗରେ କୁକୁରକୁ ନେଇଥାନ୍ତି। ସେଠାରେ କୌଣସି ପକ୍ଷୀ ବା ପଶୁ ଦେଖାଗଲେ କୁକୁରକୁ ଛୁ ଛୁ ବୋଲି କହିଥାନ୍ତି ବା କୁକୁର ନାଆଁ ଡାକି ପଶୁପକ୍ଷୀ ମାନଙ୍କୁ ଦଉଡ଼ାଇବାକୁ ହୁକୁମ୍ ଦେଇଥାନ୍ତି। ଏହା ବ୍ୟତୀତ ଲୋକମାନେ ବିଭିନ୍ନ ପ୍ରକାର ପକ୍ଷୀ ପାଳନ କରିଥାନ୍ତି; ଯଥା:- ଶୁଆ, ବଣି, କଜଳପାତି ଇତ୍ୟାଦି। କୁକୁର ପରି ଏହି ପକ୍ଷୀଗୁଡ଼ିକକୁ ମଧ୍ୟ ଡାକିବା, ସିଟି ବଜାଇବା।

କୁକୁରକୁ ପୋଷା ମନେଇବାକୁ ସେମାନେ ଛୋଟ ବେଳରୁ କୁକୁର ଛୁଆକୁ ଆଣି ତାକୁ ମାଣ୍ଡିଆ ଜାଉ (ପେଜ) ତୋରାଣି ପେଜ ଓ ଭାତ ଦେଇ ଖାଇବାକୁ ଅଭ୍ୟାସ କରିଥାନ୍ତି। ଧୀରେ ଧୀରେ ଲୋକମାନଙ୍କ ସହ ବୁଲିବା ସହ ଅନୁକରଣ ମଧ୍ୟ କରିଥାଏ। ପକ୍ଷୀଗୁଡ଼ିକକୁ ମଧ୍ୟ ଏହିପରି ପୋଷା ମନେଇଥାନ୍ତି।

**ଧାର୍ମୀୟ କ୍ରିୟାକଳାପ :**

ପାରେଙ୍ଗା ଗୋଷ୍ଠୀରେ ପ୍ରଧାନତଃ ଦୁଇ ପ୍ରକାରର ଶିକାର ଦେଖାଯାଏ। ଗୋଟିଏ ହେଲା ଟିଙ୍ଗିରିକେଣ୍ଡ (ଶିକାର) ଅନ୍ୟ ଗୋଟିଏ ବଡ଼କେଣ୍ଡା। ଚୈତ୍ର ପର୍ବ ଆରମ୍ଭ ହେଲେ ଗାଁରେ ସମସ୍ତ ଲୋକ କୌଣସି କାମଧନ୍ଦାକୁ ଯାଆନ୍ତି ନାହିଁ। ପର୍ବ ଶେଷ ହେବା ପର୍ଯ୍ୟନ୍ତ ଗାଁର ସମସ୍ତ ଧାଙ୍ଗଡ଼ାଧାଙ୍ଗଡ଼ି ମିଳିମିଶି ମଜା କରି ସମୟ ବିତାଇଥାନ୍ତି। ପର୍ବ ଆରମ୍ଭ ହେବାର ଦୁଇ ତିନିଦିନ ପରେ ଟିଙ୍ଗିରିବେଣ୍ଡ ବା ଶିକାର କରି ଗାଁର ସଦନ ଦାଣ୍ଡରେ ରଖି ଚଇତ ପରବରେ ଗୀତ ନାଚ କରିଥାନ୍ତି। ସେମାନେ ବେଣ୍ଟ (ଶିକାର କରିବାକୁ ଗଲାବେଳେ ଗାଁର ହୁଣ୍ଡି ଦିଶାରି ଓ ପୂଜାରୀଙ୍କୁ ଯୋଗ ନକ୍ଷତ୍ର ପଚାରି ବେଣ୍ଟକୁ ବାହାରିଥାନ୍ତି। ପଶୁ ଶିକାର କରିବାକୁ ଗଲାବେଳେ ଗାଁର ନିଶାଣି ମୁଣ୍ଡା ବା ହୁଣ୍ଡି ଦେବତା, ଠାକୁରାଣୀ ଦେବତାକୁ ସମ୍ମାନ ଦିଅନ୍ତି। ଟିଙ୍ଗିରିବେଣ୍ଟ ସରିବା ତିନି ଚାରିଦିନ ପରେ ଆଉ ଏକ ବେଣ୍ଟ ବାହାର କରିଥାନ୍ତି। ବେଣ୍ଟକୁ ବଡ଼ ବେଣ୍ଟ ବୋଲି କହିଥାନ୍ତି। ଏହି ବଡ଼ ବେଣ୍ଟ ଦିନ ହିଁ ଶିକାର କରିବା ଶୁଭ ସଂକେତ ସେମାନଙ୍କୁ ମିଳିଥାଏ। ବଡ଼ ବେଣ୍ଟ ଦିନ ଗାଁର ସମସ୍ତ ଯୁବକଯୁବତୀଠାରୁ ଆରମ୍ଭ କରି ବୃଦ୍ଧ ଲୋକମାନେ ବଡ଼ ବେଣ୍ଟଦାଣ୍ଡରେ ଠୁଳ ହୁଅନ୍ତି। ଶିକାରକୁ ନେଉଥିବା ସମସ୍ତ ଅସ୍ତ୍ରଶସ୍ତ୍ର ନେଇ ପୂଜାପାଠ କରିଥାନ୍ତି। ଅସ୍ତ୍ରଶସ୍ତ୍ରଗୁଡ଼ିକରେ କୁକୁଡ଼ା ବଳି ଦେଇଥାନ୍ତି। ସେଦିନ ବଡ଼ବେଣ୍ଟ ଦାଣ୍ଡରେ କୁକୁଡ଼ା ଅଣ୍ଡା ନେଇ ପୂଜା କରି ଗାଁର ପୂଜାରୀ ଓ ଦିଶାରୀ ଧନୁଶରରେ ବିନ୍ଧିସାରିଲା ପରେ ଅନ୍ୟ ଲୋକମାନେ ତାକୁ ବିନ୍ଧି ଥାନ୍ତି।

ଯଦି ପୂଜାରୀ କିମ୍ବା ଦିଶାରୀଙ୍କ ଧନୁ ଶରରେ ଗୋଟିଏ ଥରରେ ଅଣ୍ଡା ବାଜେ ତାହାହେଲେ ସେମାନେ ସେହି ଅଣ୍ଡା ବିନ୍ଧା ଲକ୍ଷ୍ୟରୁ ହିଁ ଶିକାରର ଶୁଭ ସଂକେତ ଜାଣିପାରିଥାନ୍ତି। ବଡ଼ବେଣ୍ଟର ପରଦିନ ସେମାନେ ଜଙ୍ଗଲକୁ ଶିକାର କରିବା ପାଇଁ ବାହାରିଥାନ୍ତି।

ସେଦିନ ଗାଁରେ ସମସ୍ତ ଧାଙ୍ଗଡ଼ି ଧାଙ୍ଗଡ଼ାମାନଙ୍କୁ ଏପରିକି ବୃଦ୍ଧା ଲୋକମାନେ ମଧ୍ୟ ଗୋବର ମାରି ଜଙ୍ଗଲକୁ ଶିକାର କରିବାକୁ ପଠାଇଥାନ୍ତି। ପାରେଙ୍ଗାଲୋକମାନେ ଶିକାରକୁ ଗଲାବେଳେ ସମସ୍ତେ ନିଜ ନିଜର ଅସ୍ତ୍ରଶସ୍ତ୍ରଗୁଡ଼ିକ ସଜାଇ ବେଣ୍ଟକୁ ଯାଇଥାନ୍ତି। ଆଉ ଦଳେ ଲୋକ ବାଦ୍ୟଯନ୍ତ୍ର ସବୁ ଧରି ଯାଇଥାନ୍ତି। ସେମାନେ ଭୋକଶୋଷକୁ ମେଣ୍ଟାଇବା ପାଇଁ ତୁମ୍ବାମାନଙ୍କ ମାଣ୍ଡିପେଜ ଧରି ସାଙ୍ଗରେ ନେଇଥାନ୍ତି। ଶିକାର କରିବା ସମୟରେ ସମସ୍ତ ଲୋକ ଭାଗ ଭାଗ ହୋଇ ଶିକାର ପାଇଁ ବୁଲିଥାନ୍ତି। ଯଦି କୌଣସି ଦଳରେ ବନ୍ୟଜନ୍ତୁ ହାବୁଡ଼ରେ ପଡ଼େ ତାହାହେଲେ ସେହି ଦଳର ଲୋକେ ମାରି ନ ପାରିଲେ ବା ଶିକାର କରି ନ ପାରିଲେ ଅନ୍ୟ ଦଳର ଲୋକମାନେ ସେମାନଙ୍କୁ ଗାଳିଗୁଲଜ କରିଥାନ୍ତି। ଯଦି ଜଣେ ଶିକାର କରିବା ଜୀବକୁ ଅନ୍ୟ ଜଣେ ମାରିବାକୁ ମନା କରେ ତେବେ ସେମାନେ ସେହି ମନା କରିଥିବା ବ୍ୟକ୍ତିକୁ ନିନ୍ଦା କରିଥାନ୍ତି ଏପରିକି କିତାକୁ ଦଣ୍ଡ ଦେବାର ବ୍ୟବସ୍ଥା ମଧ୍ୟ କରିଥାନ୍ତି। ସେମାନଙ୍କ ଦଳ ମଧ୍ୟରୁ ଯଦି କିଏ ଜଣେ ଶିକାର କରେ ତାହା ହେଲେ ତାକୁ ସମସ୍ତେ ପ୍ରଶଂସା କରିଥାନ୍ତି।

ଜୀବଜନ୍ତୁ ମାନଙ୍କୁ ଶିକାର କରିବା ଏକ ସହଜ କାର୍ଯ୍ୟ ନୁହେଁ, ତେଣୁ ଏମାନଙ୍କୁ ଶିକାର କରିବା ପାଇଁ ବୁଦ୍ଧି, ବିବେକ, ବଳ ଓ ସାହାସ ଦରକାର ହୋଇଥାଏ। ଶିକାର ସମ୍ବନ୍ଧୀୟ ଜ୍ଞାନ କୌଶଳ ବିଷୟରେ ଜାଣିଥିବା ଲୋକଙ୍କୁ ହିଁ ପାରେଙ୍ଗା ଲୋକମାନେ ଉତ୍ତମ ଶିକାରୀ ବୋଲି କହିଥାନ୍ତି। ଯଦି ଜଣେ ଶିକାରୀ ହରିଣ କିମ୍ବା ବାରା (ବରିଆ) ମାରିବା ଶିକାର କରିଥାଏ ତାହାହେଲେ ତାକୁ ସେହି ଜୀବର ନାଆଁ ଅନୁସାରେ ପାରେଙ୍ଗା ସମାଜର ସମସ୍ତ ଲୋକ ଆଦର ଓ ପ୍ରଶଂସା କରିଥାନ୍ତି। ଭଲ ଶିକାରୀ ଶିକାର କଲେ ସେହି ଆଖ ପାଖ ଅଞ୍ଚଳର ସମସ୍ତ ଲୋକ ତାଜନିଆଁରେ ଘରିଆଡ଼େ ପ୍ରଚାର କରିଥାନ୍ତି।

**ଶିକାରର ବର୍ତ୍ତମାନ ଅବସ୍ଥା :**

ବନ୍ୟନୀତି ନିୟମ ଲାଗୁ ହେବାପରଠାରୁ ପାରେଙ୍ଗା ଲୋକମାନେ ପୂର୍ବ ପରି ଆଉ ସେତେ ଶିକାର କରିବାକୁ ଜଙ୍ଗଲକୁ ଯାଉନାହାନ୍ତି। କେବଳ ଚୈତ୍ର ପର୍ବରେ ନିଜର ପରମ୍ପରା ଓ ସାଂସ୍କୃତିକକୁ ବଜାୟ ରଖିବା ପାଇଁ ଜଙ୍ଗଲକୁ ଶିକାର କରିବାକୁ ଯାଉଛନ୍ତି। ପୂର୍ବରୁ ଜୀବଜନ୍ତୁ ଶିକାର କରି ଯେଉଁ ଅର୍ଥ ଉପାର୍ଜନ କରିପାରୁ ଥିଲେ ବର୍ତ୍ତମାନ ବନ୍ୟନୀତି ନିୟମ ଲାଗୁ ହେବା ପରଠାରୁ ଆଉତାହା କରିପାରୁ ନାହାନ୍ତି। ପାରେଙ୍ଗା ଲୋକମାନେ ପୂର୍ବର

ସେହି ଶିକାର କରିବା ପଦ୍ଧତିକୁ ତ୍ୟାଗ କରି ବିଭିନ୍ନ ପ୍ରକାର ଚାଷବାସ କରିବାରେ ବ୍ୟସ୍ତ ରହୁଛନ୍ତି। ପୂର୍ବ ଅପେକ୍ଷା ବର୍ତ୍ତମାନର ଲୋକମାନଙ୍କ ଚାଲିଚଳଣ, ରୀତିନୀତି, ପରମ୍ପରା ପରିବର୍ତ୍ତନ ହୋଇଗଲାଣି। ଏପରିକି ଆର୍ଥିକ କ୍ଷେତ୍ରରେ ମଧ୍ୟ ନୂଆ ନୂଆ ଦିଗନ୍ତ ସୃଷ୍ଟି କଲେଣି।

ଜଙ୍ଗଲରୁ ଶିକାର କରିବା, ଗଛକାଟି ଜଙ୍ଗଲକୁ ନଷ୍ଟ କରିବା ଏହିସବୁ ପ୍ରବୃତ୍ତି ସେମାନଙ୍କ ମନରୁ ଉଛେଦ କରିବାକୁ ବସିଲେଣି। ସେମାନଙ୍କ ମଧ୍ୟରେ ଜଙ୍ଗଲ ବିଷୟରେ ଜନସଚେତନା ସୃଷ୍ଟି କରିବାକୁ ଚେଷ୍ଟା କଲେଣି। ଜଙ୍ଗଲ କାଟିବା, ପଶୁ ଶିକାର କରିବା ଇତ୍ୟାଦି କାର୍ଯ୍ୟଗୁଡ଼ିକ ବିଷୟରେ ସଚେତନ ହେଉଛନ୍ତି। ଏହି ବନ୍ୟ ନିଷୋଧାଦେଶ ଜାରୀ ହେବା ପର ଠାରୁ ସେମାନେ ପୂର୍ବ ଭଳି ଶିକାର କରିବାକୁ ଯାଉନାହାନ୍ତି।

**ଯନ୍ତା ବସାଇ ଜନ୍ତୁ ଧରିବା କୌଶଳ :**

ପ୍ରଥମେ ଲୋକମାନେ ଜୀବଜନ୍ତୁମାନଙ୍କୁ ହାତହତିଆର ବା ବର୍ଚ୍ଛା, ଟାଙ୍ଗିଆ ଆଦି ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ମାରୁଥିଲେ। ପରେ ପରେ ଜୀବଜନ୍ତୁ ମାନଙ୍କୁ ଜୀବିତ ଅବସ୍ଥାରେ ଶିକାର କରିବାକୁ ନିଜର ବୁଦ୍ଧି ବଳରେ ଉପାୟମାନ ବାହାର କଲେ। ସେମାନେ ଜଙ୍ଗଲ ସାରା ନ ବୁଲି କିପରି ଗୋଟିଏ ସ୍ଥାନରେ ଜଗି ରହି ଶିକାର କରିବେ ତାର ବିଭିନ୍ନ କୌଶଳମାନ ଉଦ୍ଭାବନ କରିବା ପାଇଁ ପ୍ରୟାସ କଲେ। ତେଣୁ ସେମାନେ ମୁର୍ଗାଦଉଡ଼ିରେ ଜାଲ ବୁଣିବା, ଦଉଡ଼ିରେ ପାନ୍ଦ (ଫାଶ) ତିଆରି କରିବାକୁ ଶିଖିଲେ। ଫଳରେ ସେମାନଙ୍କୁ ଆଉ ସେତେ କଷ୍ଟ ସ୍ୱୀକାର କରିବାକୁ ପଡ଼ିଲା ନାହିଁ। ସେହିଦିନ ଠାରୁ ଯନ୍ତାରୂପକ ଜାଲରେ ଜୀବଜନ୍ତୁ ଧରିବା ସହଜ ହେଲା। ସେମାନେ ସହଜରେ ଓ ସରଳ ଉପାୟରେ ଜୀବଜନ୍ତୁମାନଙ୍କୁ ଧରିବା ପାଇଁ ନୂଆ ନୂଆ ଯାନ୍ତ୍ରିକ କୌଶଳ ମାନ ସୃଷ୍ଟି କଲେ। ଧୀରେ ଧୀରେ ସେମାନେ ଲୁହାରୁ ତିଆରି ସରୁ ତାରରେ ପ୍ଲାଷ୍ଟିକ୍ ସୂତାରେ ଜାଲ ଗୁଡ଼ିକ ବୁଣି ଶିକାର କରିବା ଆରମ୍ଭ କଲେଣି।

ଯନ୍ତାରେ ବଜାଲରେ ପାରେଙ୍ଗାଲୋକମାନେ ହରିଣ, ଠେକୁଆ ବୋଲି ନିରୀହ ପ୍ରାଣୀମାନଙ୍କୁ ଧରିଥାନ୍ତି। ଏପରିକି ବେଳେବେଳେ ହିଂସ୍ରଜନ୍ତୁମାନଙ୍କୁ ମଧ୍ୟ ଧରୁଛନ୍ତି। ଯଥା- ବାରା, ବାଘ, ଝିଙ୍କ ଇତ୍ୟାଦି। ବର୍ତ୍ତମାନ ବନ୍ୟନୀତି ନିୟମ ଲାଗୁହେବା ପରଠାରୁ ବାଘକୁ ଆଉ ଯନ୍ତାରେ କିମ୍ବା ବନ୍ଧୁକରେ ଶିକାର କରୁନାହାନ୍ତି।

ପାରେଙ୍ଗାମାନେ ଉଭୟ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଯନ୍ତା ବସାଇ ଜୀବଜନ୍ତୁ ଶିକାର କରିପାରୁଛନ୍ତି। କୌଣସି ପର୍ବପର୍ବାଣି ବା ଉତ୍ସବାଦି ହେଲେ ଲୋକମାନେ ବାଦ୍ୟଯନ୍ତ୍ର ସବୁ ଧରି ଜଙ୍ଗଲକୁ ଯାଇଥାନ୍ତି। ସେଠାରେ ସେମାନେ ବାଦ୍ୟଯନ୍ତ୍ର ସାହାଯ୍ୟରେ ଜୀବଜନ୍ତୁମାନଙ୍କୁ ଦଉଡାଇଥାନ୍ତି। ଏହିପରି ବାଦ୍ୟ ବଜାଇ ଶିକାର କରୁଥିବା ଲୋକ ପାଖରେ ନେଇ

ପହଞ୍ଚାଇଥାନ୍ତି। ଆଉ କେତେକ ସ୍ଥାନରେ ଜାଲ ପକାଇ ଧରିଥାନ୍ତି। ପର୍ବପର୍ବାଣି ହେଲେ ପାରେଙ୍ଗାମାନେ ଏହି ସବୁ କୌଶଳ ମାନ ପ୍ରୟୋଗ କରିଥାନ୍ତି। ସମୟ ସମୟରେ ଚାରି ପାଞ୍ଚଜଣ ସାଙ୍ଗ ହୋଇ ଜନ୍ତୁ ଧରିବାକୁ ଯାଇଥାନ୍ତି। ଯଦି ନିଜ ଘରେ କିଏ କୁଣିଆ (ଗଡ଼ିଆ) ଆସିଲେ ସେମାନେ ଜାଲ ବା ଯନ୍ତା ବସାଇ ଜନ୍ତୁ ଧରିଥାନ୍ତି। ଯନ୍ତା ବସାଇ ଜନ୍ତୁ ଧରିବା ଏକ କ୍ରୀଡ଼ା ସଦୃଶ୍ୟ। ସେମାନେ ବନ୍ୟ ଜୀବଜନ୍ତୁଙ୍କୁ ଦେଖିଲେ ବହୁତ ଖୁସି ହୋଇଥାନ୍ତି। ଯେପରି ଢେମ୍‌ସା ନାଚ କରି ଆନନ୍ଦ ଅନୁଭବ କରୁଛନ୍ତି ଠିକ୍ ସେହିପରି ଯନ୍ତା ବସାଇ ଜନ୍ତୁ ଧରିଲେ ସେମାନେ ଆନନ୍ଦ ଉଲ୍ଲାସରେ ନାଚି ଉଠିଥାନ୍ତି। ଚୈତ୍ର ମାସରେ ବେଣ୍ଟ (ଶିକାର) କରି ଆଣି ଗାଁ ଦାଣ୍ଡରେ (ସଦର)ରେ ରଖି ଧାଙ୍ଗଡ଼ା ଧାଙ୍ଗଡ଼ିମାନେ ଢ଼େମ୍‌ସା ଖେଳିଥାନ୍ତି।

**ଶିକାର ଏବଂ ଯନ୍ତା ସମ୍ବନ୍ଧୀୟ କୌଶଳ / ବୈଷୟିକ ଜ୍ଞାନ :**

ଲୋକମାନେ ବାଘକୁ ଶିକାର କରିବାକୁ ହେଲେ ଜଙ୍ଗଲରେ ଯାଇ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଚିହ୍ନଟ କରି ସେଠାରେ ମଞ୍ଚା ବାନ୍ଧିଥାନ୍ତି। ସେମାନେ ସେହି ମଞ୍ଚା ଉପରେ ରହି ବାଘ ଆସିବା ରାସ୍ତାକୁ ନିରୀକ୍ଷଣ କରିଥାନ୍ତି। ବାଘକୁ ମଧ୍ୟ ଅନ୍ୟ ଏକ ଉପାୟରେ ଶିକାର କରିଥାନ୍ତି। ତାହା ହେଲା ବାଘର ପାଦ ଚିହ୍ନକୁ ଦେଖି ବାଘ ରହିବା ସ୍ଥାନକୁ ଲୁଚି ଛପି ଯାଇ ଶିକାର କରିଥାନ୍ତି। କିନ୍ତୁ ଆଧୁନିକ ଯୁଗରେ ବନ୍ଧୁକର ବ୍ୟବହାର ହେବାରୁ ବାଘକୁ ସେମାନେ ସହଜରେ ଗୁଳି କରି ଶିକାର କରିପାରୁଛନ୍ତି। ବାଘକୁ ବର୍ତ୍ତମାନ ଯନ୍ତାରେ ମଧ୍ୟ ଧରିବାକୁ ଲୋକମାନେ ଜାଣିଲେଣି।

ଝିଙ୍କକୁ ପାରେଙ୍ଗା ଲୋକମାନେ ତୀର (କାଣ୍ଡ) ଓ ବର୍ଚ୍ଛା (ଟେଲ) ସାହାଯ୍ୟରେ ଶିକାର କରିଥାନ୍ତି। ଯନ୍ତା ବିଷୟରେ ପାରେଙ୍ଗା ଲୋକମାନଙ୍କର ଏବେ ଯାଏଁ କୌଣସି ଧାରଣା ନାହିଁ। କେବଳ ସେମାନେ ନିଜେ ତିଆରି ଜାଲ କିମ୍ବା ଫାନ୍ଦ କରି ଜୀବଜନ୍ତୁଙ୍କୁ ଶିକାର କରିପାରୁଛନ୍ତି। ବାଘକୁ ବର୍ତ୍ତମାନ ଯନ୍ତାରେ ମଧ୍ୟ ଧରିବାକୁ ଲୋକମାନେ ଜାଣିଲେଣି।

ହରିଣ (କୋଟରା)କୁ ଶିକାର କରିବାକୁ ହେଲେ ହରିଣ ଖାଉଥିବା କୋଳି, ଫଳ ଗଛମାନ ଦେଖି ଶିକାରି କରୁଥିବା ଲୋକମାନେ ଲକ୍ଷ୍ୟ କରି ସେହି ଗଛ ଉପରେ ଚଢ଼ି ହରିଣଙ୍କୁ ଶିକାର କରିଥାନ୍ତି। ଅନ୍ୟ ଏକ କୌଶଳରେ ଜାଲ ପକାଇ ଧରିଥାନ୍ତି। ପାରେଙ୍ଗାମାନେ ଠେକୁଆ ଶିକାର କରିବାକୁ ବଣକୁ ଗଲେ ସାଙ୍ଗରେ ଜାଲ ନେଇ ଯାଇଥାନ୍ତି। ସେମାନେ ଜଙ୍ଗଲର ଚାରିପାର୍ଶ୍ୱରେ ବୁଲି ଠେକୁଆକୁ ଦଉଡ଼ାଇ ଆଣି ଜାଲ ପକାଇବା ସ୍ଥାନରେ ପଶାଇ ଥାନ୍ତି। ସେମାନେ ଏହିପରି କୌଶଳ ମାନ ପ୍ରୟୋଗ କରି ଜଙ୍ଗଲର ପଶୁମାନଙ୍କୁ ଶିକାର କରନ୍ତି। ଜଙ୍ଗଲରେ ଥିବା ବଣକୁକୁଡ଼ା, ମୟୂର, ଗୁଣ୍ଡୁରି ଚଢ଼େଇ ମାନଙ୍କୁ ଧରିବା ପାଇଁ ସେମାନେ ନାନାପ୍ରକାର ଉପାୟ ଅବଲମ୍ବନ କରିଥାନ୍ତି। ସେମାନେ କୁକୁଡ଼ା କରିଥିବା

ବସାକୁ ଦେଖି ବା ତାର ଅଣ୍ଡା (ଡିମ୍ବ)କୁ ଦେଖିଲେ ତାର ଛୁଆଗୁଡ଼ିକ ଧରି ଆଣିବାକୁ ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରିଥାନ୍ତି। ସେମାନେ କୁକୁଡ଼ା ଛୁଆ ଜନ୍ମ ହେଲା ପରେ ବସାକୁ ନେଇ ପକାଇ ଦେଇଥାନ୍ତି। ଏହା ଫଳରେ ମାଇ କୁକୁଡ଼ାମାନଙ୍କୁ ପିମ୍ପୁଡ଼ିଗୁଡ଼ିକ ଆଖିରେ ପଶିଲେ ସେମାନଙ୍କୁ ଦେଖାଯାଏ ନାହିଁ। ଯାହାଫଳରେ ଲୋକମାନେ କୁକୁଡ଼ାକୁ ସହଜରେ ଶିକାର କରିଥାନ୍ତି।

**ମାଛ ଧରିବା :**

ପାରେଙ୍ଗାମାନେ ସାଧାରଣତଃ ନଦୀ, ଝରଣା, ନାଳ ଇତ୍ୟାଦିରୁ ମାଛ ଧରିଥାଆନ୍ତି। ମାଛ ଧରିବା ପାଇଁ ସେମାନେ ବିଭିନ୍ନ ଉପକରଣ ବ୍ୟବହାର କରନ୍ତି। ଗୋଷ୍ଠିଗତ ବା ବ୍ୟକ୍ତିଗତ ଭାବରେ ମାଛ ଧରିଥାଆନ୍ତି। ମାଛ ଧରିବା ପାଇଁ ସେମିତି କିଛି ନିର୍ଦ୍ଦିଷ୍ଟ ସମୟ ନାହିଁ। ଯେତେବେଳେ ଇଛାକଲେ ଗୋଷ୍ଠୀଗତ ଭାବେ କିମ୍ବା ବ୍ୟକ୍ତିଗତ ଭାବେ ଯାଇ ମାଛ ଧରନ୍ତି। ମାଛ ଧରିବା ପାଇଁ ଘରତରଙ୍ଗ ଗଛର ଛାଲି କିମ୍ବା ବ୍ୟକ୍ତିଗତ ଭାବେ ଯାଇ ମାଛ ଧରନ୍ତି। ପାରେଙ୍ଗା ମାନେ ମାଛ ଧରିବା ପାଇଁ ଘତରଙ୍ଗ ଗଛର ଛାଲି କିମ୍ବା ବାଉଁଶ ପାତିଆରେ ଏକ ଖଇଁଚି ତିଆରି କରିଥାଆନ୍ତି। ଛୋଟ ଛୋଟ ନାଳ ମାନଙ୍କରେ ସେହି ଖଇଁଚି (ଦାଳର) ବସାଇ ଥାଆନ୍ତି। କେତେକ ପାରେଙ୍ଗା ମଧ୍ୟ ବଜାରରୁ ଘଲୁଣି ଭଳି ଜାଲ (ଶିରା) କ୍ରୟ କରି ଆଣି ମାଛ ଧରିଥାଆନ୍ତି। ବଡ଼ ବଡ଼ ନଦୀ କିମ୍ବା ପୋଖରୀରେ ମାଛ ଧରିବା ବେଳେ ଫିରିଙ୍ଗ ଜାଲ ଓ ଟିଣ୍ଡା ଜାଲ ବ୍ୟବହାର କରି ମାଛ ଧରିଥାଆନ୍ତି। ପାରେଙ୍ଗାମାନେ ମାଛ ଧରିବାବେଳେ ମଧ୍ୟ କେତେକ ବନୌଷଧିର ପ୍ରୟୋଗ କରୁଛନ୍ତି। ଲୋଇକଣା କିମ୍ବା ମାଞ୍ଜି ଗଛର ଡାଳକୁ ନେଇ ଯେଉଁ ସ୍ଥାନରେ ମାଛ ଅଛନ୍ତି (ଛୋଟ ଛୋଟ ନାଳ କିମ୍ବା ଝରଣା) ସେଠାରେ ନେଇ ପକାଇ ଥାଆନ୍ତି। ସେହି ଗଛରୁ ରସ ବାହାରି ପାଣିରେ ମିଶି ମାଛକୁ ମାରିଦେଇଥାଏ। ସେହି ମାଛକୁ ପାରେଙ୍ଗାମାନେ ଭିତରେ ପଶି ହାତରେ ଅଣ୍ଡାଳି ଧରିଥାଆନ୍ତି। କେତେକ ପାରେଙ୍ଗାମାନେ ମଧ୍ୟ ମାଛ ଧରିବା ପାଇଁ ଡିନାମାଇଟ୍ ବ୍ୟବହାର କରୁଛନ୍ତି। ନଦୀ କିମ୍ବା ପୋଖରୀରେ ମାଛ ଧରିବା ବେଳେ ଫିରାଗ ଜାଲ ଓ ଟିଣ୍ଡା ଜାଲ ବ୍ୟବହାର କରି ମାଛ ଧରିଥାଆନ୍ତି। ଛୋଟ ଛୋଟ ନାଳମାନଙ୍କରେ ମଧ୍ୟ ପାରେଙ୍ଗାମାନେ ବନ୍ଧ ଦେଇ ନିରଗୁଳି (ପାଣି ନିଷ୍କାସନ ପାଇଁ ବ୍ୟବହାର ହେଉଥିବା ରସ ପାତ୍ର) ଦ୍ୱାରା ଜଳ ନିଷ୍କାସିତ କରି ମାଛ ଧରିଥାଆନ୍ତି। ସେମାନେ ସାଧାରଣତଃ ବିଭିନ୍ନ ଉତ୍ସବ ଏବଂ ସ୍ୱତନ୍ତ୍ର ଦିବସରେ ଗୋଷ୍ଠୀଗତ ଭାବେ ମାଛ ଧରିବାକୁ ଯାଇଥାଆନ୍ତି। ନଦୀରୁ ମାଛ ଧରିବାବେଳେ ଗୋଷ୍ଠୀଗତ ଭାବେ ଯାଆନ୍ତି ଏବଂ ବଡ଼ଜାଲ ବ୍ୟବହାର କରନ୍ତି। ଝରଣାରୁ ମାଛ ଧରିବା ବେଳେ ଗୋଷ୍ଠୀଗତ କିମ୍ବା ବ୍ୟକ୍ତିଗତ ଭାବେ ଯାଆନ୍ତି ଏବଂ ଜାଲର ବ୍ୟବହାର କରନ୍ତି। ସେମାନେ ସ୍ଥିର ଜଳରୁ ମାଛ ଧରିବା ବେଳେ ମଧ୍ୟ ଗୋଷ୍ଠୀଗତ / ବ୍ୟକ୍ତିଗତ ଭାବେ ଯାଆନ୍ତି।

**ଜଙ୍ଗଲ :**

ପାରେଙ୍ଗାମାନଙ୍କ ସାମାଜିକ ତଥା ଅର୍ଥନୈତିକ କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ଜଙ୍ଗଲ ମୁଖ୍ୟ ସହାୟକ ହୋଇଥାଏ। ଜଙ୍ଗଲ ହିଁ ଜୀବନ। ଅତୀତରେ ପାରେଙ୍ଗାମାନେ ସମ୍ପୂର୍ଣ୍ଣ ଭାବରେ ଜଙ୍ଗଲ ଉପରେ ନିର୍ଭର କରି ନିଜର ଜିବୀକା ନିର୍ବାହ କରୁଥିଲେ। ଜଂଗଲରୁ ବିଭିନ୍ନ ପ୍ରକାର ଜଂଗଲଜାତ ଦ୍ରବ୍ୟ ସଂଗ୍ରହ କରି ନିଜେ ବ୍ୟବହାର କରିବା ସହିତ ବଜାରରେ ବିକ୍ରି କରି କିଛି ଅର୍ଥ ଉପାର୍ଜନ କରୁଥିଲେ। ଜଂଗଲ ସହିତ ସେମାନେ ଏଭଳି ଭାବେ ଜଡ଼ିତ ଯେପରିକି ଜଂଗଲ ବିନା ସେମାନେ ବଞ୍ଚିବା ଅସମ୍ଭବ।

ଜଂଗଲକୁ ପୋଡ଼ି ପୋଡୁଚଷ ପ୍ରଣାଳୀରେ ବିଭିନ୍ନ ପ୍ରକାର ଶସ୍ୟ ଯଥା - ଧାନ, ମାଣ୍ଡିଆ, ଅଳସି ଇତ୍ୟାଦି ଉତ୍ପାଦନ କରିଥାଆନ୍ତି। ଏତଦ୍‌ବ୍ୟତୀତ କାଜୁ, ଆମ୍ବ, ପଣସ, ଜାମୁକୋଳି ଭଳି ଫଳନ୍ତି ଗଛରୁ ବିଭିନ୍ନ ପ୍ରକାର ଫଳ ସଂଗ୍ରହ କରିଥାଆନ୍ତି। ଜଂଗଲ ନିକଟବର୍ତ୍ତୀ ଅଞ୍ଚଳ କିମ୍ବା ଜଂଗଲ ଭିତରେ ପାରେଙ୍ଗାମାନେ ଫାଙ୍କା ସ୍ଥାନ ଦେଖି ବିଭିନ୍ନ ପ୍ରକାର ଫଳଚଷ ମଧ୍ୟ କରିଥାନ୍ତି। ପାରେଙ୍ଗା ସମାଜରେ କାହାକୁ କୌଣସି ରୋଗ ବ୍ୟାଧି ହେଲେ ସଂଗେ ସଂଗେ ଦିଶାରୀଙ୍କ ନିକଟକୁ ଯାଇଥାଆନ୍ତି। ଦିଶାରୀ ରୋଗ ଅନୁସାରେ ରୋଗ ଉପଶମ ପାଇଁ ବିଭିନ୍ନ ଗଛର ଚେରମୂଳି ବାଟି କରି କିମ୍ବା ଘେବାଇ କରି ଖାଇବାକୁ କହିଥାନ୍ତି। ଦିଶାରୀ ଏହି ଚେରମୂଳ ସାଧାରଣତଃ ଜଂଗଲରୁ ସଂଗ୍ରହ କରିଥାନ୍ତି। ଜଙ୍ଗଲ ହିଁ ପାରେଙ୍ଗାମାନଙ୍କର ମୁଖ୍ୟ ଔଷଧୀୟ ବୃକ୍ଷଲତାର ଉତ୍ସ ଭାବେ କାର୍ଯ୍ୟ କରିଥାଏ। ପାରେଙ୍ଗାମାନେ ଜଂଗଲକୁ ପୂର୍ବପୁରୁଷଙ୍କ ଆଶ୍ରୟସ୍ଥଳୀ ଭାବେ ବିଶ୍ୱାସ କରନ୍ତି। କାରଣ ଅତୀତରେ ସେମାନେ ଜଂଗଲରେ ବସତି ସ୍ଥାପନ କରୁଥିଲେ ଏବଂ ସେଠାରେ ଜୀବିକା ନିର୍ବାହ କରି ଦେହତ୍ୟାଗ କରୁଥିଲେ। ଜଙ୍ଗଲ ପାରେଙ୍ଗାମାନଙ୍କର ଆମୋଦପ୍ରମୋଦ, ପ୍ରେମ ଓ ପ୍ରଣୟରେ ପ୍ରକୃତସ୍ଥଳ ବୋଲି କହିଥାଆନ୍ତି। ଜଂଗଲର ପ୍ରାକୃତିକ ସୌନ୍ଦର୍ଯ୍ୟ ସହିତ ସେମାନେ ଅଙ୍ଗାଗୀ ଭାବେ ଜଡ଼ିତ। ସେମାନଙ୍କ ଦୈନନ୍ଦିନ ଜୀବନ ଦିନଚର୍ଯ୍ୟାର ଅର୍ଦ୍ଧାଧିକ ସମୟ ଜଂଗଲରେ କଟିଯାଏ। ସେଥିପାଇଁ ଜଂଗଲ ହିଁ ସେମାନଙ୍କ ଜୀବନ। ପାରେଙ୍ଗା ଯୁବକ, ଯୁବତୀମାନେ ଅବସର ସମୟ ପାଇଲେ ଜଂଗଲରେ ବିଭିନ୍ନ ପ୍ରକାର ଗୀତ, ନାଚ କରିଥାଆନ୍ତି ଏବଂ ମନର ଭାବକୁ ମଧ୍ୟ ଉଭୟଙ୍କ ନିକଟରେ ପ୍ରକାଶ କରିଥାଆନ୍ତି। ସେଥିପାଇଁ ଜଂଗଲ ପାରେଙ୍ଗାମାନଙ୍କ ଆମୋଦପ୍ରମୋଦ, ପ୍ରେମ ଓ ପ୍ରଣୟର ପ୍ରକୃତସ୍ଥଳ ବୋଲି କୁହାଯାଏ।

ଅତୀତରେ ସେମାନେ ଜଂଗଲରେ ପ୍ରବାହିତ ଝରଣାର ଜଳକୁ ପାନୀୟ ଜଳର ଉତ୍ସ ଭାବେ ବ୍ୟବହାର କରୁଥିଲେ। ବର୍ତ୍ତମାନ ମଧ୍ୟ ସେମାନେ ଜଂଗଲକୁ କୌଣସି କାର୍ଯ୍ୟରେ ଯାଇଥିଲେ ଝରଣାର ଜଳକୁ ପାନୀୟ ରୂପେ ବ୍ୟବହାର କରୁଛନ୍ତି। ପାରେଙ୍ଗାମାନେ ମଦ

ପ୍ରସ୍ତୁତି ପାଇଁ ମଧ୍ୟ ଜଂଗଲ ଉପରେ ନିର୍ଭର କରିଥାଆନ୍ତି। ଜଂଗଲରୁ ସେମାନେ ମହୁଲ ସମୟରେ ମହୁଲ ସଂଗ୍ରହ କରି ରଖିଥାଆନ୍ତି। ମହୁଲ କିଛି ଦିନ ରହିବା ପରେ ପଚିଯାଇଥାଏ। ସେହି ପଚିଯାଇଥିବା ମହୁଲରୁ ମଦ୍ୟ ପ୍ରସ୍ତୁତ କରନ୍ତି। କେତେକ ଆମ୍ବ, କାଜୁ, ଆମ୍ବ, ପଣସ, ଡିମିରିଫଳ ଇତ୍ୟାଦିରୁ ମଦ୍ୟ ପ୍ରସ୍ତୁତ କରିଥାଆନ୍ତି। ଜଂଗଲ ସଲପ, ଖଜୁରୀ ଭଳି ରସ ଜାତୀୟ ଉଦ୍ଭିଦ ଦୁର୍ବ କରିବା ନିମନ୍ତେ ସହାୟକ ହୋଇଥାଏ। ରସ ଉତ୍ପାଦନ ସମୟରେ ପାରେଙ୍ଗାମାନେ ମଧ୍ୟ ସଲପ ଓ ଖଜୁରୀ ଗଛରେ ମାଟିହାଣ୍ଡି ବସାଇ ରସ ସଂଗ୍ରହ କରିଥାଆନ୍ତି ଏବଂ ସେଥିରେ ଚେରମୂଳ ପକାଇ ମଦ୍ୟ ରୂପେ ବ୍ୟବହାର କରିଥାଆନ୍ତି।

ଜଙ୍ଗଲ ପରିବେଶ ସାମାଜିକକରଣ ପାଇଁ ମଧ୍ୟ ଯଥେଷ୍ଟ ସହାୟକ ହୋଇଥାଏ। ସେଥିପାଇଁ ପାରେଙ୍ଗାମାନେ ମଧ୍ୟ ବର୍ତ୍ତମାନ ସଚେତନ ହେଲେଣି। ଜଂଗଲ ହିଁ ସେମାନଙ୍କୁ ଅର୍ଥନୈତିକ ଦିଗରୁ ସହାୟକ ହୋଇଥାଏ। ଜଂଗଲ ନଷ୍ଟ କରିବା ଦ୍ଵାରା ଅର୍ଥାତ୍ ପୋଡୁ ଚାଷ ଓ ଅପର୍ଯ୍ୟାପ୍ତ ପରିମାଣରେ ଜଂଗଲ କାଟି ପଦା କରିବା ଦ୍ଵାରା ସେମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧୀରେ ଧୀରେ ଜଂଗଲରୁ ବନ୍ୟଜନ୍ତୁ ଓ ପଶୁପକ୍ଷୀଙ୍କ ସଂଖ୍ୟା ଲୋପ ପାଇଯିବାକୁ ବସିଲାଣି ଏବଂ କେତେକ ଜଂଗଲ ଉଦ୍ଭିଦ ମଧ୍ୟ ଲୋପ ପାଇଗଲାଣି। ଜଂଗଲ ଧ୍ଵଂସ ହେବାଦ୍ଵାରା ବର୍ଷା ହେଉନାହିଁ ଯାହାଫଳରେ କି ଚାଷ କରିଥିବା ଶସ୍ୟ ଗୁଡ଼ିକରେ ମରୁଡ଼ି ଲାଗୁଛି। ଶସ୍ୟ ଉତ୍ପାଦନ ହାର କମିଯାଉଛି। ଜଂଗଲ ନଷ୍ଟ ହେବାଦ୍ଵାରା ମଧ୍ୟ ଜଂଗଲରୁ ମିଳୁଥିବା ଜଂଗଲ ଜାତ ଦ୍ରବ୍ୟ ମଧ୍ୟ ଆଉ ଆବଶ୍ୟକ ପରିମାଣରେ ମିଳୁନାହିଁ। ସେଥାଇଁ ସେମାନେ ବହୁତ ସଚେତନ ହେଲେଣି ଏବଂ ଜଂଗଲ ସୁରକ୍ଷା ପାଇଁ ଆଗେଇ ଆସିଲେଣି। ଓଡ଼ିଶା ସରକାରଙ୍କ ବନବିଭାଗ ତରଫରୁ ଜଂଗଲ ନଷ୍ଟ ହେବା ଦ୍ଵାରା ଲୋକମାନେ କ'ଣ କ'ଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେହି ସମ୍ବନ୍ଧରେ ବନ ସଚେତନତା ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯାଉଛି। କେତେକ ଅଞ୍ଚଳରେ ବନ ବିଭାଗ ତରଫରୁ ଜଂଗଲ ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଗ୍ରାମମାନଙ୍କୁ ସେହି ଜଂଗଲର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ଦାୟିତ୍ଵ ଦେଉଛନ୍ତି। କେତେକ ବେସରକାରୀ ସଂସ୍ଥା ମଧ୍ୟ ଜଂଗଲ ସୁରକ୍ଷା ପାଇଁ ଜନସଚେତନତା କାର୍ଯ୍ୟକ୍ରମ ମାନ କରୁଛନ୍ତି।

**ପୋଡୁଚାଷ :**

ପାରେଙ୍ଗାମାନଙ୍କର ସାଧାରଣତଃ ଜମିବାଡ଼ି ବହୁତ କମ୍। ସେମାନଙ୍କ ଯେତେ ପରିମାଣରେ ଜମିବାଡ଼ି ଅଛି ବର୍ଷସାରା ପରିବାର ଚଳିବା ବଡ଼ କଷ୍ଟକର। ଜମିବାଡ଼ି ବହୁତ କମ୍ ଏବଂ ଜୀବିକା ନିର୍ବାହ କରିବା ପାଇଁ ଅନ୍ୟ କୌଣସି ଉପାୟ ନ ଥିବାରୁ ପାରେଙ୍ଗାମାନେ ଜଂଗଲ ପୋଡ଼ି ପୋଡୁଚାଷ କରୁଛନ୍ତି ବୋଲି ମତବ୍ୟକ୍ତ କରିଥାଆନ୍ତି। ପୋଡୁଚାଷ କରିବା

ପାରେଙ୍ଗା ସମାଜ ଏକ ପାରମ୍ପରିକ ପ୍ରଥା। ପୋଡୁଚାଷ କହିଲେ ଜଂଗଲ କିମ୍ବା ପାହାଡ଼, ପର୍ବତର କିଛି ଅଂଶ ପୋଡ଼ି ସେଠାରେ ଫସଲ ଉତ୍ପାଦନ କରିବା ବୁଝାଯାଏ। ପୋଡୁଚାଷ ଦ୍ୱାରା ଭଲ ଶସ୍ୟ ଉତ୍ପାଦନ ହୋଇଥାଏ। ଜଂଗଲ ପୋଡ଼ି ଦେବା ଦ୍ୱାରା ସେମାନେ ପ୍ରଥମେ ପୋଡୁଚାଷ କରିବା ପାଇଁ ସ୍ଥାନ ଚିହ୍ନଟ କରିଥାଆନ୍ତି। ଏହି ଚାଷ ବ୍ୟକ୍ତିଗତ କିମ୍ବା ଗୋଷ୍ଠୀଗତ ଭାବରେ କରାଯାଇଥାଏ। ଚିହ୍ନଟ କରିଥିବା ସ୍ଥାନରେ ଥିବା ଗଛଲତାକୁ କାଟିଥାଆନ୍ତି ଏବଂ ତାହାକୁ ନିଆଁ ଲଗାଇ ପୋଡ଼ି ଦେଇଥାଆନ୍ତି। ଏହା ପରେ କୋଦାଳ ଦ୍ୱାରା ମାଟିହାଣି ମାଟିରେ ପାଉଁଶକୁ ମିଶାଇ ଦେଇଥାଆନ୍ତି ଏବଂ ଶସ୍ୟ ବିହନ ବୁଣି ଥାଆନ୍ତି। ପାରେଙ୍ଗାମାନେ ବିଶେଷ କରି ପୋଡୁଚାଷ ଜମିରେ ମାଣ୍ଡିଆ ଉତ୍ପାଦନ କରିଥାଆନ୍ତି। କେତେକ ମଧ୍ୟ ଧାନ ଉତ୍ପାଦନ କରିଥାଆନ୍ତି। ଗୋଟିଏ ସ୍ଥାନରେ ସେମାନେ ଦୁଇଥର / ତିନିବର୍ଷ ଶସ୍ୟ ଉତ୍ପାଦନ କରନ୍ତି ଏବଂ ଏହାପରେ ସ୍ଥାନ ପରିବର୍ତ୍ତନ କରନ୍ତି। କିନ୍ତୁ ବର୍ତ୍ତମାନ ଜଂଗଲର ପରିମାଣ କମ୍ ହେତୁ ଯିଏ ଯେଉଁ ସ୍ଥାନରେ ପୋଡୁଚାଷ କରୁଛନ୍ତି ସେହି ସ୍ଥାନ ଆଉ ଛାଡୁ ନାହାଁନ୍ତି। ପୋଡୁ ଜମି ପାଇଁ କିଛି ବଣ୍ଟନ ବ୍ୟବସ୍ଥା ନାହିଁ। ଯିଏ ଯେଉଁ ସ୍ଥାନରେ ପାରୁଛି ଚାଷ କରୁଛି ଏବଂ ନିଜ ଦଖଲ ଅନୁସାରେ ଆଉ କୌଣସି ଲୋକ ସେଠାରେ ଚାଷ କରିପାରୁ ନାହାଁନ୍ତି।

ବର୍ଷାଦିନେ ସାଧାରଣତଃ ପାରେଙ୍ଗାମାନେ ପାହାଡ଼, ପର୍ବତର ଢାଲୁ ଅଂଶରେ ପୋଡୁଚାଷ କରିଥାଆନ୍ତି ଏବଂ ସେଠାରେ ଧାନ ଲଗାଇ ଥାଆନ୍ତି କାରଣ ବର୍ଷାଦିନେ ପାହାଡ଼ ପର୍ବତରୁ ପାଣି ବୋହି କରି ଆସେ ଏବଂ ସେହି ପାଣିକୁ ପାରେଙ୍ଗାମାନେ ଜମିରେ ସଂଗ୍ରହ କରି ରଖି ବ୍ୟବହାର କରିଥାଆନ୍ତି। ପାରେଙ୍ଗା ଅଞ୍ଚଳରେ ପୋଡୁଚାଷ ଜମି ପ୍ରାୟ ସମାନ କିନ୍ତୁ ପାହାଡ଼ ପର୍ବତ ଭଳି ଗଡ଼ାଣିଆ ସ୍ଥାନର ପୋଡୁଚାଷ ଅପେକ୍ଷା ସମତଳ ଅଞ୍ଚଳ ପୋଡୁଚାଷରେ ଅଧିକ ଶସ୍ୟ ଉତ୍ପାଦନ ହୋଇଥାଏ। ପୋଡୁ ଜମିରେ ପାରେଙ୍ଗାମାନେ ପନିପରିବା କରନ୍ତି ନାହିଁ, କେବଳ ଧାନ, ମାଣ୍ଡିଆ, ଅଳସି ଭଳି ଶସ୍ୟ ଚାଷ କରିଥାଆନ୍ତି।

ପୋଡୁଚାଷ କରିବା ପାଇଁ ପାରେଙ୍ଗାମାନେ ଜଂଗଲ କାଟିବା ସମୟରେ ମଧ୍ୟ ପୂଜାପାଠ କରନ୍ତି। ପୋଡୁଚାଷ ଚିହ୍ନଟ ଅଞ୍ଚଳରେ ଜଂଗଲ କାଟିବା ପୂର୍ବରୁ ସେହି ସ୍ଥାନରେ ପୂଜାପାଠ କରିଥାଆନ୍ତି। ଯେଉଁମାନେ ଅଧିକ ଅଞ୍ଚଳ ଜଂଗଲ ପୋଡ଼ି ପୋଡୁଚାଷ ପାଇଁ ବ୍ୟବସ୍ଥା କରିଥାଆନ୍ତି ସେମାନେ ପୂଜାପାଠ ସମୟରେ ବିଭିନ୍ନ ପଶୁପକ୍ଷୀଙ୍କ ବଳୀ ଦେଇଥାଆନ୍ତି କାରଣ ଜମିରୁ ଯେପରି ଅଧିକ ଶସ୍ୟ ଉତ୍ପାଦନ ହେବ। ଜଂଗଲ କାଟିବା କାର୍ଯ୍ୟ ସାଧାରଣତଃ ଶ୍ରମ ବିଭାଜନ ଦ୍ୱାରା ହୋଇଥାଏ। ଗ୍ରାମର କିଛି ଲୋକ ଏକତ୍ରିତ ହୋଇ ଯାଇ ଶ୍ରମ ବିଭାଜନ ଦ୍ୱାରା ଜଂଲ କାଟିଥାଆନ୍ତି। ଜଂଗଲ କାଟିବା ପରେ ଦିନେ କିମ୍ବା ଦୁଇଦିନ ଛାଡ଼ି ଦିଅନ୍ତି। ଦୁଇ ଦିନ ପରେ ଯାଇ ଶୁଖିଯାଇଥିବା ଡାଳ ପତ୍ର ଇତ୍ୟାଦିକୁ ଏକତ୍ରିତ କରି ନିଆଁ ଲଗାଇ ଥାଆନ୍ତି। ଏହାପରେ ସେହି ପାଉଁଶକୁ ଜମିର ଚତୁଃଦିଗରେ ସମପରିମାଣର ଫିଙ୍ଗି ଦେଇଥାଆନ୍ତି।

ସେମାନେ ପୋଡୁଜମିକୁ ଖୋଳିବା ପାଇଁ, ସାଧାରଣତଃ କୋଦାଳ ବ୍ୟବହାର କରିଥାଆନ୍ତି। ଏହି ଖୋଳିବା କାର୍ଯ୍ୟ ମଧ୍ୟ ଶ୍ରମ ବିଭାଜନ ଦ୍ୱାରା ହୋଇଥାଏ। ଯେଉଁମାନେ ଖୋଳନ୍ତି ସେମାନଙ୍କୁ କିଛି ପାରିଶ୍ରମିକ ଦିଆଯାଏ ନାହିଁ କିନ୍ତୁ ଜମିର ମାଲିକ ମଦ୍ୟପାନ ପାଇଁ କେବଳ କିଛି ଟଙ୍କା ଦେଇଥାଏ। ପୋଡୁ ଜମିରେ ସାଧାରଣତଃ ପାରେଙ୍ଗାମାନେ ମାଣ୍ଡିଆ ବୁଣି ଥାଆନ୍ତି। କେତେକ କ୍ଷେତ୍ରରେ ପୋଡୁଜମିରେ ଧାନ ମଧ୍ୟ କରିଥାଆନ୍ତି। ସେମାନେ ଜମିରେ ଧାନବୁଣିବା ବେଳେ ବିଭିନ୍ନ ପ୍ରକାର ଧାନ ବୁଣିଥାଆନ୍ତି ଯଥା - କାଳିଆ ବାଳା ଧାନ, ଆଇ. ଆର. ଛତିଶ, ଯାତ୍ର ଧାନ୍, ସପୁର ଧାନ, କେରାଣ୍ଡ ଧାନ, ମାଟି ପାଣି, ମାମି ଧାନ୍, ଜାପାନ ଧାନ, ରାମଚଣ୍ଡି ଧାନ, ଦୁବ୍‌ଙ୍କ ଧାନ ଇତ୍ୟାଦି। ଏହି ଧାନ ମଧ୍ୟରୁ କେତେକ ଧାନ ଶୀଘ୍ର ଅମଳ ହେଉଥିବା ବେଳେ ଆଉ କେତେକ ଧାନ ବିଳମ୍ବରେ ହୋଇଥାଏ। ମାଟି ମାମି ଏବଂ ମାମି ଧାନ ଜମିରେ ବୁଣିଲେ ଶିଘ୍ର ଅମଳ କରାଯାଉଥିବାବେଳେ କାଳିଆ ବାଟ ଧାନ ବିଳମ୍ବରେ ଅମଳ କରାଯାଏ। ପାରେଙ୍ଗାମାନେ ଜମିରେ ବୁଣୁଥିବା ବିହନ ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥାଆନ୍ତି। ବାଉଁଶ ପାତିଆରେ ତିଆରି ଘୁମ ମଧ୍ୟରେ ବହିନ ମଞ୍ଜିକୁ ପାରେଙ୍ଗାମାନେ ସଂରକ୍ଷିତ କରି ଘରର ଆଟୁ ଉପରେ ରଖିଥାଆନ୍ତି। ପରେଙ୍ଗା ସମାଜରେ ପୋଡୁ ଜମିରେ ବିହନ ବୁଣିବା ପୂର୍ବରୁ ମଧ୍ୟ ପୂଜାପାଠର ବ୍ୟବସ୍ଥା ଅଛି। ସାଧାରଣତଃ ଯେଉଁମାନେ ଅଧିକ ଜମି ଋଷ କରିଥାଆନ୍ତି ସେମାନେ ଜମିରେ ବିହନ ବୁଣିବା ପୂର୍ବରୁ ପୂଜାପାଠ କରି ପଶୁପକ୍ଷୀ ବଳି ଦେଇଥାଆନ୍ତି। ଚୈତ୍ରପରବରେ ପାରେଙ୍ଗାମାନଙ୍କର ବିହନ ଉତ୍‌ରାନି କାର୍ଯ୍ୟକ୍ରମ ଆରମ୍ଭ ହୁଏ। ଏହିଦିନ ଭର୍ଣ୍ଣ ଦିଶାରୀଙ୍କ ନିକଟରେ ନିଶାଣି ମୁଷ୍ଟାରେ ସମସ୍ତ ବିହନ କିଛି କିଛି ଏକତ୍ରିତ କରି ଗ୍ରାମ୍ୟ ଦେବତୀ ଉର୍ଣ୍ଣି ଦେବତାଙ୍କ ନିକଟରେ ପୂଜାହୋଇଥିବା ବିହନକୁ ପ୍ରଥମେ ନେଇ ଜମିରେ ଧୂପ ଦେଇ ପୂଜା କରି ପୋତିଦେଇ ଆସନ୍ତି। ଏହା ପରେ ଜମିରେ ବିହନ ବୁଣନ୍ତି। ଧାନ ବିହନ ସାଧାରଣତଃ ଜମିରେ ସମସ୍ତେ ବୁଣି ଦିଅନ୍ତି କିନ୍ତୁ ମାଣ୍ଡିଆ ବିହନ ସମସ୍ତେ ବୁଣି ପାରନ୍ତି ନାହିଁ ସେଥିପାଇଁ କୁଶଳୀ କାରିଗର ଆବଶ୍ୟକ ହୋଇଥାଏ। ମାଣ୍ଡିଆ ବିହନ ବୁଣିବା ବେଳେ ସାଧାରଣତଃ ବୁଣିବା ଲୋକ ଚତୁଃଦିଗକୁ ଲକ୍ଷ୍ୟ କରି ବୁଣିବାକୁ ପଡ଼ିଥାଏ। ଜମିରେ ବିହନ ବୁଣିବା ବେଳେ ଶ୍ରମ ସହଯୋଗ ଆବଶ୍ୟକତା ନ ଥାଏ। କିନ୍ତୁ କେତେକ କ୍ଷେତ୍ରରେ ଅଧିକ ଜମିରେ ବିହନ ବୁଣିବାକୁ ଥିଲେ ଶ୍ରମ ସହଯୋଗ ଦ୍ୱାରା କରାଯାଇଥାଏ।

**ଘାସ ବାଛିବା କାର୍ଯ୍ୟ :**

ଜମିରେ ଭଲ ଶସ୍ୟ ହେବା ପାଇଁ ପାରେଙ୍ଗାମାନେ ସାଧାରଣତଃ ଘାସ ବାଛିଥାଆନ୍ତି। ଧାନ ଏବଂ ମାଣ୍ଡିଆ ତଳି ଶସ୍ୟ ବୁଣାଯାଇଥିବା ଜମିରେ ଘାସ ବଛାଯାଏ କିନ୍ତୁ ଅଳସି ଜମିରେ ଘାସ ବଛାଯାଏ ନାହିଁ। ଜମିରୁ ଘାସ ନ ବାଛିଲେ ଭଲ ଶସ୍ୟ ହେବନାହିଁ ବୋଲି

ପାରେଙ୍ଗା ମାନେ କୁହନ୍ତି। ଧାନଗଛ ମୂଳରେ ଯଦି ଘାସ ଗଛ ଥାଏ ତେବେ ଧାନଗଛର ଖାଦ୍ୟସାର ଘାସ ଗଛ ଶୋଷି ନିଏ ଯାହାଫଳରେ କି ଧାନଗଛ ସୁସ୍ଥ ସବଳ ହୋଇ ବଢ଼ିପାରେ ନାହିଁ ସେଥିପାଇଁ ଧାନଗଛ ମୂଳରୁ ଘାସଗଛଟିକୁ ଉପାଡ଼ି ଦିଆଯାଏ। ଜମିରେ ଘାସ ଉପାଡ଼ିବା ପୂର୍ବରୁ ମଧ୍ୟ ପୂଜାପାଠ କରାଯାଏ। ବେଢ଼ା ଜମିରେ ପୁରୁଷମାନେ ପୂଜା କରନ୍ତି ଏବଂ ଡଙ୍ଗର ଜମିରେ ମହିଳାମାନେ କରିଥାଆନ୍ତି। ପୂଜାପାଠ ସମୟରେ ଗୋଟିଏ ଶିଆଳି ପତ୍ର ଠୁଙ୍ଗାରେ କନ୍ଦା, ଫୁଲ ଏବଂ ଦୀପ ଦେଇ ଜମିରେ ପୂଜାପାଠ କରନ୍ତି। ଜମିରୁ ଘାସ ବାଛିବା ସମୟରେ ପାରେଙ୍ଗାମାନେ କୌଣସି ଉପକରଣ ବ୍ୟବହାର କରନ୍ତି ନାହିଁ। ଧାନଗଛ ମୂଳରେ ଥିବା ଘାସ ଗଛକୁ ହାତରେ ଉପାଡ଼ି ଦିଅନ୍ତି ଏବଂ ଆସିବାବେଳକୁ ସେହି ଘାସକୁ ଏକତ୍ରିତ କରି ଘରକୁ ବୋହି କରି ଆଣନ୍ତି, କାରଣ ଘରେ, ଗୃହପାଳିତ ଛେଳି, ମେଣ୍ଢା, ବଳଦ, ଗାଈ, ପୋଢ଼, ମଇଁଷି ଇତ୍ୟାଦି ଖାଇଥାଆନ୍ତି। ଜମିରେ ଘାସ ବାଛିବା କାର୍ଯ୍ୟ ଶ୍ରମ ସହଯୋଗ ଦ୍ୱାରା ହୋଇଥାଏ। ଗ୍ରାମର କେତେକ ମହିଳା ଏକତ୍ରିତ ହୋଇ ଶ୍ରମ ସହଯୋଗ ଦ୍ୱାରା ଘାସ ବାଛିଥାଆନ୍ତି। ଜମିରେ ଘାସ ବାଛିବା ସମୟରେ ପାରେଙ୍ଗା ମହିଳାମାନେ ବିଭିନ୍ନ ପ୍ରକାର ଗୀତ ଗାଇ ଥାଆନ୍ତି ଯାହା ଦ୍ୱାରାକି ଘାସ ବାଛିବାର ଶ୍ରମ ଲାଘବ ହୁଏ। ଶ୍ରମ ସହଯୋଗ ଦ୍ୱାରା ଜମିରେ ଘାସ ବଛାଗଲେ ସେମାନଙ୍କୁ କିଛି ପାରିଶ୍ରମିକ ଦେବାକୁ ପଡ଼େନାହିଁ। ଜମିର ମାଲିକ କେବଳ ଜଳଖିଆ ଆକାରରେ କିଛି ଖାଦ୍ୟ ଏବଂ ମଦ୍ୟପାନ ପାଇଁ କିଛି ଟଙ୍କା ଦେଇଥାଆନ୍ତି। କେତେକ କ୍ଷେତ୍ରରେ ପାରେଙ୍ଗାମାନେ ମଧ୍ୟ ଶ୍ରମ ଶକ୍ତିର ଉପଯୋଗ ଦ୍ୱାରା ଜମିର ଘାସ ଉତ୍ପାଟନ କରିଥାଆନ୍ତି। ଯେଉଁମାନେ ଘାସ ବାଛିବାକୁ ଆସିଥାଆନ୍ତି ସେମାନଙ୍କୁ ମଜୁରୀ ଆକାରରେ କିଛି ଟଙ୍କା ଦେଇଥାଆନ୍ତି। ଜମିରେ ଘାସ ଉତ୍ପାଟନ କାର୍ଯ୍ୟ ପୁରୁଷ ମହିଳା ସମସ୍ତେ କରିଥାଆନ୍ତି। ଘାସ ଉତ୍ପାଟନ ସମୟରେ ଜମିରେ ଧାଡ଼ି ଅନୁସାରେ ସମସ୍ତେ ଘାସ ଉପାଡ଼ି କରି ଚାଲନ୍ତି। ବେଢ଼ା ଜମିରୁ ଯେଉଁ ଘାସ ଉପାଡ଼ି ଥାଆନ୍ତି ସେଗୁଡ଼ିକ ହେଲା ଖରଡି ଘାସ, ମାଣ ଘାସ, ଚିତା ଘାସ, ସୁଲା ଘାସ ଇତ୍ୟାଦି। ମାଣ୍ଡିଆ ଜମିରେ ଉଠୁଥିବା ଘାସ ଗୁଡ଼ିକ ହେଲା ସଲଗଣ୍ଠି ଘାସ, ଲେଙ୍ଗଇ ଘାସ, କୁକୁର ଲେଙ୍ଗଡ଼ା ଘାସ୍ ଇତ୍ୟାଦି।

ପାରେଙ୍ଗାମାନେ ସାଧାରଣତଃ ଜମିରେ ଶସ୍ୟକୁ ଜୀବଜନ୍ତୁ ଓ ଚୋରୀ ଦାଉରୁ ରକ୍ଷା କରିବା ପାଇଁ ଶସ୍ୟ କ୍ଷେତରେ ଜଗିଥାଆନ୍ତି। ଭାଲୁ, ବାରହା, ହାତୀ ଭଳି ବନ୍ୟଜନ୍ତୁଙ୍କ କବଳରୁ ରକ୍ଷା କରିବା ପାଇଁ ଶସ୍ୟ କ୍ଷେତ୍ରରେ କୁଡ଼ିଆବାନ୍ଧି ରହିଥାଆନ୍ତି। ଶସ୍ୟ କ୍ଷେତରେ ଜଗିବାର ସମୟ ପଚାରିଲେ ସେମାନେ କୁହନ୍ତି ଯେ ବଗିଚାର ନିର୍ଦ୍ଦିଷ୍ଟ ସମୟ ନାହିଁ। ଶସ୍ୟ କ୍ଷେତ୍ରରେ ଶସ୍ୟ ପାଚିଲେ ତାଙ୍କର ଜୀବନ ସେଠାରେ ହିଁ ରହିଥାଏ। ଦିନ, ରାତି ସର୍ବଦା ପାରେଙ୍ଗାମାନେ ଶସ୍ୟକୁ ଜଗି କରି ରହିଥାଆନ୍ତି। ଜଗିବା ପାଇଁ ସେମାନେ ସାଧାରଣତଃ ଶସ୍ୟକ୍ଷେତରେ କୁଡ଼ିଆ କରିଥାଆନ୍ତି। ଜଂଗଲରୁ ଗଛର ଡାଳ ଆଣି ତାହାକୁ ପୋଡ଼ି ତାହାର

ଚତୁଃପାର୍ଶ୍ୱରେ ପାଳ ଦେଇ ଛପର କରିଥାଆନ୍ତି କେତେକ ମଞ୍ଚା କରି ତାହାର ଉପରେ କୁଡ଼ିଆ କରିଥାଆନ୍ତି। ବନ୍ୟଜନ୍ତୁଙ୍କ ପାଇଁ ହିଁ କେବଳ ମଞ୍ଚା କରାଯାଇଥାଏ। କୁଡ଼ିଆ ଭିତରେ ପାଳ ପକାଇ ଥାଆନ୍ତି। ସେହି ପାଳ ଉପରେ ରାତ୍ରିରେ ଶୟନ କରନ୍ତି। କୁଡ଼ିଆ ବାହାରେ କାଠକୁ ଏକତ୍ରିତ କରି ନିଆଁ ଲଗାଇ ଥାଆନ୍ତି। କାରଣ ଭାଲୁ ଏବଂ ବାର୍‌ହା ନିଆଁକୁ ଦେଖିଲେ ଶସ୍ୟ କ୍ଷେତ ନିକଟକୁ ଆସନ୍ତି ନାହିଁ। ଘରର ମୁଖ୍ୟ ସର୍ବଦା ଶସ୍ୟକ୍ଷେତ ନିକଟରେ ଥାଏ। ପରିବାରର ଅନ୍ୟମାନେ ମଧ୍ୟ ଜଗିବା ପାଇଁ ଯାଇଥାଆନ୍ତି। ରାତ୍ରି ସମୟରେ ଶସ୍ୟ କ୍ଷେତରେ ଜଗିବାବେଳେ ପାଖରେ ବହୁତ ମଧ ରଖିଥାଆନ୍ତି। ପୋଡୁଜମିରେ ପାରେଙ୍ଗାମାନେ ଶସ୍ୟ କ୍ଷେତ ଜଗିବାବେଳେ ସାଧାରଣତଃ ଏକାଠି ଜଗିଥାଆନ୍ତି। ରାତ୍ରିରେ ଜଗିବାର ସମୟ ସମସ୍ତଙ୍କ ମଧ୍ୟରେ ଭାଗ କରାଯାଇଥାଏ। ଜଣେ ଶୋଇଲେ ଜଣେ ଜଗିଥାଆନ୍ତି। ଏହି ଭାବେ ରାତି ପାହିଯାଇଥାଏ। ଶସ୍ୟ କ୍ଷେତ୍ରରେ ଜଗିବା ଏକ ପ୍ରକାର ଆମୋଦ ବୋଲି ପାରେଙ୍ଗାମାନେ ମତବ୍ୟକ୍ତ କରନ୍ତି। ଶସ୍ୟକ୍ଷେତ୍ରରେ ଏକତ୍ରିତ ହୋଇ ଜଗିବା ସମୟରେ ମଦ୍ୟପାନ କରି ବିଭିନ୍ନ ପ୍ରକାର ଗୀତ ଗାଇ ଆନନ୍ଦ ଗାଇଥାଆନ୍ତି।

**ଶସ୍ୟ ଅମଳ :**

ଶସ୍ୟ କ୍ଷେତ୍ରରେ ଶସ୍ୟ ଅମଳ ପୂର୍ବରୁ ପାରେଙ୍ଗାମାନେ କିଛି ପୂଜାପାଠ କରନ୍ତି ନାହିଁ। ଶସ୍ୟ କ୍ଷେତ୍ରରେ ଶସ୍ୟ ପାଚିଗଲେ ଶସ୍ୟକୁ କାଟି କଠାରକୁ (ଖଳା)କୁ ଆଣନ୍ତି। ଅମଳ ପାଇଁ ପାରେଙ୍ଗାମାନେ ଯେଉଁ କ୍ଷେତ୍ର ପ୍ରସ୍ତୁତ କରନ୍ତି ତାହାକୁ ଡଂଗର କୁହାଯାଏ। ପୋଡୁଚଷ କରୁଥିବା ନିକଟବର୍ତ୍ତୀ ଅଞ୍ଚଳରେ ସମତଳ ସ୍ଥାନ ଥିଲେ, ସେଠାରେ କଖର ପ୍ରସ୍ତୁତ କରନ୍ତି, ନଚେତ ଗ୍ରାମ ନିକଟବର୍ତ୍ତୀ ଅଞ୍ଚଳରେ ସମତଳ ସ୍ଥାନ ଥିଲେ, ସେଠାରେ କଖର ପ୍ରସ୍ତୁତ କରନ୍ତି ନହେଲେ ଗ୍ରାମ ନିକଟବର୍ତ୍ତୀ ଅଞ୍ଚଳରେ କଠାର ପ୍ରସ୍ତୁତ କରନ୍ତି। ସମତଳ ଅଞ୍ଚଳକୁ କୋଡ଼କି ଦ୍ୱାରା ସଫା କରନ୍ତି ଡଙ୍ଗ ଗୋବର ପାଣିରେ ଲିପି ପରିଷ୍କାର କରିଥାଆନ୍ତି। ଏହାପରେ ଶସ୍ୟକୁ ଆଣି ଗଚ୍ଛିତ କରନ୍ତି। ପାରେଙ୍ଗାମାନେ ଧାନ ଅମଳ କରିବା ସମୟରେ ପ୍ରଥମେ ବଳଦ କିମ୍ବା ପୋଡ଼ ମାଧ୍ୟମରେ କଠାରରେ ବେଙ୍ଗଳା ପକାନ୍ତି ଏହାପରେ ଧାନରୁ ଅଗାଡ଼ିକୁ ଉଡ଼ାଇ ଅଲଗା କରିଥାଆନ୍ତି। ଯେଉଁ ପାରେଙ୍ଗାମାନଙ୍କର ଅଧିକ ଜମିଯାଏ। ସେମାନେ ଗୋଟିଏ ଦିନରେ ଧାନ ବେଙ୍ଗଳା ପକାଇପାରନ୍ତି ନାହିଁ ସେମାନେ କଠାରରେ କୁଡ଼ିଆ ବାନ୍ଧି ରହିଯାଆନ୍ତି। ବେଙ୍ଗଳା କାର୍ଯ୍ୟ ସରିବା ପରେ ଧାନରୁ ଅଗାଡ଼ିକୁ କୁଲାରେ ଉଡ଼ାଇ ଅଲଗା କରି ଧାନକୁ ଘରକୁ ଆଣନ୍ତି। କଠାରରେ ଧାନ ଉତ୍ପାଦନ ସମୟରେ ପାରେଙ୍ଗାମାନଙ୍କର ବହୁତ ନିୟମ ଅଛି। ଅମଳ ନ ସରିବା ପର୍ଯ୍ୟନ୍ତ ମହିଳାମାନେ କଠାର ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ। ବାହାର ଲୋକକୁ କଠାର ମଧ୍ୟକୁ ପ୍ରବେଶ କରିବା ନିଷେଧ। ଯେଉଁଲୋକ କଠାର ମଧ୍ୟକୁ ପ୍ରବେଶ କରେ ସେ ଅନ୍ୟ କୌଣସି ଲୋକର ଘରେ

ପ୍ରବେଶ କରି ପାରେ ନାହିଁ କିମ୍ବା ଘରକୁ ମଧ୍ୟ ଆସିପାରେ ନାହିଁ। ସେମାନଙ୍କ ପାଇଁ ଘରୁ ରୋଷେଇ କରି କଠାରରେ ନେଇ ଦିଆଯାଇଥାଏ। ମାଣ୍ଡିଆ କିମ୍ବା ଅଳସି ଭଳି ଶସ୍ୟ ଅମଳ କ୍ଷେତ୍ରରେ କଠାରରେ ସେମିତି କିଛି ନିୟମ ନାହିଁ। ମାଣ୍ଡିଆ ଜମିରେ ପାଚି ଯିବା ପରେ ପାରେଙ୍ଗାମାନେ ତାହାକୁ ବୋହି କରି ଆଣି କଠାରରେ ପକାନ୍ତି। ମାଣ୍ଡିଆ ଟିକେ ଶୁଖିଯିବା ପରେ ତାକୁ ବାଉଁଶ ବାଡ଼ିରେ ବାଡ଼ାନ୍ତି କିମ୍ବା ବେଙ୍ଗଳା ମଧ୍ୟ ପକାନ୍ତି। ବେଙ୍ଗଳା ପକାଇବା ପରେ ମାଣ୍ଡିଆକୁ ଆଉ ଥରେ ବାଡ଼େଇ ଥାଆନ୍ତି। ଏହାପରେ ତାହାକୁ ଉଡ଼ାଇ ମାଣ୍ଡିଆ ଅମଳ କରିଥାଆନ୍ତି। ଅଳସି ମଧ୍ୟ ସେହିଭଳି ଅମଳ କରାଯାଏ। ଜମିରେ ଅଳସି ପାଚିବା ପରେ ତାକୁ ବିଡ଼ା ବିଡ଼ା କରି କାଟି ଆଣି କଠାରରେ ଗଚ୍ଛିତ କରିଥାଆନ୍ତି। ଅଳସିକୁ ବିଡ଼ା କରିବାକୁ ହେଲେ ସାଧାରଣତଃ ସକାଳ ସମୟରେ କରିବାକୁ ପଡ଼ିଥାଏ କାରଣ ଅଳସି ଝଡ଼ିଯିବାର ସମ୍ଭାବନା ଅଛି। ଅଳସିକୁ ବାଡ଼େଇ କିମ୍ବା ବେଙ୍ଗଳା ପକାଯାଇଥାଏ। ଏହାପରେ କୁଲାରେ ପାଛୋଡ଼ି ଅଳସି ଅମଳି କରାଯାଇଥାଏ।

ପରିବାରର ସଦସ୍ୟମାନେ ଶସ୍ୟ ଅମଳ କରିଥାଆନ୍ତି। ଯେଉଁ ପାରେଙ୍ଗାମାନଙ୍କର ଅଧିକ ଜମି ଥାଏ, ପରିବାର ସଦସ୍ୟ କମ ଥାଆନ୍ତି ସେହି କ୍ଷେତ୍ରରେ ପାରେଙ୍ଗାମାନେ ଗ୍ରାମ୍ୟ ଶ୍ରମ ସହଯୋଗ ଦ୍ୱାରା ଶସ୍ୟ ଅମଳ କରିଥାଆନ୍ତି। ଶ୍ରମ ବଦଳରେ ପାରେଙ୍ଗାମାନେ ମଜୁରୀ ଆକାରରେ କିଛି ଟଙ୍କା କିମ୍ବା ଧାନ ଦେଇଥାଆନ୍ତି। ପାରେଙ୍ଗାମାନେ ବିଶେଷ କରି କଠାର ମଧ୍ୟ କାହାକୁ ପ୍ରବେଶ କରିଦିଅନ୍ତି ନାହିଁ କାରଣ କଠାର ମଧ୍ୟ ପ୍ରବେଶ କରି ବାହାରି ଗଲେ ଧାନ ଭଲ ଅମଳ ହେବନାହିଁ ବୋଲି ସେମାନଙ୍କର ବିଶ୍ୱାସ। ଯଦି କୌଣସି ପୋଡୁଜମିକୁ ଗୋଷ୍ଠୀଗତ ଭାବେ କରିଥାଆନ୍ତି ତେବେ ଅମଳ କରି ସାରିବା ପରେ ତାହାର ବଣ୍ଟନ କରିଥାଆନ୍ତି ଏବଂ ତାହାକୁ ପୁଟି ହିସାବରେ ଭାଗ କରିଥାଆନ୍ତି ଦୁଇ ଡାଲା ହେଲେ ଏକ ପୁଟି ହେବ ବୋଲି କହିଥାଆନ୍ତି।

ଅମଳ କରିବା ସମୟରେ ପାରେଙ୍ଗାମାନେ ଶେଷଦିନ କଠାରରେ ପୂଜାପାଠ କରି ଭୋଜି କରିଥାଆନ୍ତି। କଠାରରେ ଯେଉଁ ପୂଜାପାଠ କରାଯାଏ ବିଭିନ୍ନ ପଶୁପକ୍ଷୀଙ୍କୁ ବଳି ପକାଇ ଭୋଜି ଭାତ କରି ଖାଇଥାଆନ୍ତି। ଶେଷଦିନ ପରିବାରର ସମସ୍ତେ ମିଶି କଠାରରେ ମଦ୍ୟପାନ କରି କଟାଯାଇଥିବା ପଶୁର ମାଂସକୁ ରାନ୍ଧି ଖାଇଥାଆନ୍ତି ଏବଂ ଅମଳ କରିଥିବା ଶସ୍ୟକୁ ଘରକୁ ଆଣନ୍ତି। କଠାରରେ ପୂଜାପାଠ ସରିବା ପରେ ମହିଳାମାନେ କଠାର ମଧ୍ୟକୁ ପ୍ରବେଶ କରନ୍ତି ଏବଂ ଅମଳ ହୋଇଥିବା ଧାନକୁ ଘରକୁ ବୋହି ଆଣି ଗଚ୍ଛିତ କରି ରଖନ୍ତି। ଶସ୍ୟ ଅମଳ କ୍ଷେତ୍ରରେ ପରିବାରର ପ୍ରତ୍ୟେକ ସଦସ୍ୟଙ୍କର ସମପାରିମାଣର ଶ୍ରମ ବିଭାଜନ ହୋଇଥାଏ। ଉତ୍ପାଦିତ ହୋଇଥିବା ଶସ୍ୟଗୁଡ଼ିକୁର ସଂରକ୍ଷଣ ପାଇଁ ପାରେଙ୍ଗାମାନେ ସ୍ୱତନ୍ତ୍ର ବ୍ୟବସ୍ଥା କରିଥାଆନ୍ତି। ବାଉଁଶ ପାତିଆରେ ଏକ ଡାଲା ଭଳି ଜିନିଷ ନିର୍ମାଣ କରି ତା'ର

ଚତୁଃପାର୍ଶ୍ୱକୁ ମାଟି ଲେସି ଯୁମ () ନିର୍ମାଣ କରିଥାଆନ୍ତି। ସେଥିରେ ଶସ୍ୟ ସଂରକ୍ଷଣ କରିଥାଆନ୍ତି।

**ଜମି :**

ପାରେଙ୍ଗାମାନେ ସାଧାରଣତଃ କୃଷି କାର୍ଯ୍ୟ କରିବା ପାଇଁ ଜମି ବ୍ୟବହାର କରିଥାଆନ୍ତି। ପାରେଙ୍ଗା ଅଞ୍ଚଳରେ ବିଭିନ୍ନ ପ୍ରକାର ଜମି ଦେଖାଯାଏ, ଯଥା:- ଡଂଗର ଜମି, ବେଢ଼ା ଜମି, ଆଟଲ ଜମି। ଯେଉଁ ଜମିରେ ପାଣି ଗଚ୍ଛିତ ହୋଇ ରହିପାରେ ତାହାକୁ ବେଢ଼ା ଜମି ବୋଲି ସେମାନେ ମତବ୍ୟକ୍ତ କରନ୍ତି। ଯେଉଁ ସ୍ଥାନରେ ବର୍ଷସାରା ପାଣି ରହେ ନାହିଁ କିମ୍ବା ଯେଉଁ ଜମିରେ କେବଳ ବର୍ଷାଦିନେ ଚାଷ କରାଯାଏ ତାହାକୁ ଡଙ୍ଗର ଜମି ବୋଲି କହିଥାଆନ୍ତି। ଡଙ୍ଗର ତଳ ଜମି ଓ ବେଢ଼ା ଉପର ଜମିକୁ ଆଟାଲ ଜମି ବୋଲି କୁହାଯାଏ। ଆଟାଜ ଜମି ଡଙ୍ଗର ଜମି ଭଳି ଶୁଷ୍କ ନୁହେଁ କିମ୍ବା ବେଢ଼ା ଜମି ଭଳି କାଦୁଆ ନୁହେଁ। ମଧ୍ୟମ ଧରଣ ପାଣିଥିବା ଜମିକୁ ସେମାନେ ଆଟାଲ ଜମି ବୋଲି କହିଥାଆନ୍ତି। ପାରେଙ୍ଗା ଅଞ୍ଚଳରେ ଜମିର ଅବସ୍ଥିତି ଅନୁସାରେ, ତିନିପ୍ରକାର ଜମି ଦେଖାଯାଏ; ଗଡାଣିଆ ଜମି, ଧାନ ଜମି, ସମତଳ ଜମି, ପ୍ରାୟ ଡଙ୍ଗର ଜମିଗୁଡ଼ିକ ସବୁ ଗଡ଼ାଣିଆ ଏବଂ ଥାକ ଜମି ହୋଇଥାଏ। ବେଢ଼ା ଜମିଗୁଡ଼ିକ ସାଧାରଣତଃ ସମତଳ ଜମି ହୋଇଥାଏ। ପାହାଡ଼, ପର୍ବତ ଅଞ୍ଚଳରେ ଥାକ ଜମି ଦେଖାଯାଏ। ଥାକ ଜମିରେ ପାରେଙ୍ଗାମାନେ ଧାନ, ମାଣ୍ଡିଆ, ଅଳସି ଚାଷ କରନ୍ତି। ଡଂଗର ଜମିରେ ମଧ୍ୟ ସେହିଭଳି ଧାନ ଚାଷ ହୋଇଥାଏ ମାଣ୍ଡିଆ, ଅଳସି ଭଳି ଶସ୍ୟ ବେଢ଼ା ଜମିରେ ପାରେଙ୍ଗାମାନେ ଚାଷ କରନ୍ତି ନାହିଁ। ଡଙ୍ଗର ଜମି, ଅକାଲ ଜମି ଅପେକ୍ଷା ବେଢ଼ା ଜମିରେ ଭଲ ଧାନ ହୋଇଥାଏ। ବେଢ଼ା ଜମିରେ ଧାନ ତଳି ରୋପଣ ପ୍ରଣାଳୀରେ ଚାଷ କରନ୍ତି କିନ୍ତୁ ଡଂଗର ଏବଂ ଆଟାଲ ଜମିରେ ପାରେଙ୍ଗାମାନେ ଜମିକୁ ଚାଷ କରି ଧାନ ବୁଣିଥାଆନ୍ତି।

ପୋଡୁଚାଷ କରୁଥିବା ଜମିଗୁଡ଼ିକ କେତେକ କ୍ଷେତ୍ରରେ ଗଡାଣିଆ ହୋଇଥାଏତ କେତେକ କ୍ଷେତ୍ରରେ ସମତଳ ହୋଇଥାଏ। ପାହାଡ଼, ପର୍ବତରେ ଜଂଗଲ ପୋଡ଼ି ପୋଡୁଚାଷ କରୁଥିବା ଅଞ୍ଚଳଗୁଡ଼ିକ ସାଧାରଣତଃ ଗଡ଼ାଣିଆ ହୋଇଥାଏ। ସମତଳ ଜଂଗଲ ପୋଡ଼ି ପୋଡୁଚାଷ କରୁଥିବା ଜମିଗୁଡ଼ିକ ସମତଳ ଜମି ହୋଇଥାଏ। ସେମାନେ ପୋଡୁ ଜମିରେ ସାଧାରଣତଃ ଧାନ, ମାଣ୍ଡିଆ, ଅଳସି ଶସ୍ୟ କରିଥାଆନ୍ତି। ବିଶେଷ କରି ସେମାନେ ପୋଡୁଜମିରେ ବିଭିନ୍ନ ପ୍ରକାର ଡାଲି ଜାତୀୟ ଶସ୍ୟ ଯଥା – ବିରି, କୋଳଥ, କାନ୍ଦୁଲ, ବୋଦେଇ ଚାଷ କରିଥାଆନ୍ତି। ପୋଡୁଜମି ସମତଳ ହୋଇଥିଲେ ପାରେଙ୍ଗାମାନେ ବର୍ଷାଦିନେ ଟମାଟୋ, ଲଙ୍କା ଇତ୍ୟାଦି ପନିପରିବା ମଧ୍ୟ ଚାଷ କରିଥାଆନ୍ତି ଗଡ଼ାଣିଆ ଜମିରେ

ପାରେଙ୍ଗାମାନେ ଧାନଚାଷ କରିବା ସହିତ କେତେକ କ୍ଷେତ୍ରରେ କାଜୁବଗିଚାରେ ଲଗାଇଥାଆନ୍ତି। କାଜୁ ପାରେଙ୍ଗାମାନଙ୍କର ଏକ ଅର୍ଥକାରୀ ଚାଷ।

ପାରେଙ୍ଗାମାନେ ପନିପରିବା ଚାଷ ପାଇଁ ସାଧାରଣତଃ ସମତଳ ଜମି ବ୍ୟବହାର କରନ୍ତି। ଜଳ ଉତ୍ସ ଥିବା ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ଜମି ଥିଲେ ମଧ୍ୟ ସେମାନେ ପନିପରିବା ଚାଷ କରିଥାଆନ୍ତି। କେତେକ ପାରେଙ୍ଗା ମଧ୍ୟ ଖରାଦିନେ ବେଢ଼ା ଜମିରେ ପନିପରିବା ଚାଷ କରନ୍ତି। ବିଶେଷ କରି ଜଳ ଉତ୍ସ ଥିବା ନିକଟବର୍ତ୍ତୀ ଅଞ୍ଚଳର ବେଢ଼ାଭୂମି ଗୃହ ସଂଲଗ୍ନ ଜମିରେ ସେମାନେ ମଧ୍ୟ ପନିପରିବା ଚାଷ କରନ୍ତି। ଏହି ଜମିଗୁଡ଼ିକ ସାଧାରଣତଃ ସମତଳ ହୋଇଥାଏ।

**ଫଳଚାଷ / ଫଳ ବଗିଚା :**

ଫଳଚାଷ ପାରେଙ୍ଗାମାନଙ୍କର ଏକ ଅର୍ଥକାରୀ ଚାଷ। ପାରେଙ୍ଗାମାନେ ସାଧାରଣତଃ ଆମ୍ବ, ପଣସ, କାଜୁ, ଲେମ୍ବୁ, କମଳା ଇତ୍ୟାଦି ଫଳ ଚାଷ କରିଥାଆନ୍ତି। କେତେକ ପାରେଙ୍ଗା ଏହି ଚାଷ ଡଂଗର ଜମିର ହିଡ଼ ମୂଳରେ ଧାଡ଼ି କରି ପୋତି ଚାଷ କରିଥାଆନ୍ତି। କେତେକ ଡଂଗର ଜମିରେ କିମ୍ବା ଗୃହ ସଂଲଗ୍ନ ଜମିରେ ସ୍ୱତନ୍ତ୍ର ଭାବରେ ଚାଷ କରିଥାଆନ୍ତି। କାଜୁ ଚାଷ ସେମାନେ ଡଂଗର ଜମିରେ କରିଥାନ୍ତି। ବର୍ଷା ଋତୁରେ ବର୍ଷା ଆରମ୍ଭ ହେଲେ ଜମିରେ ଗାତ ଖୋଳି ଦିଅନ୍ତି ଏବଂ ଝଡ଼ି ବର୍ଷା ଲାଗି ରହିଲେ କାଜୁ ଗଛ ପୋତନ୍ତି। କାଜୁ ଲଗାଇବା ବେଳେ ଗାତରେ ଖତ, ସାର ଦେଇ ଗାତକୁ ଭଲ ଭାବେ ଖୋଳି ଥାଆନ୍ତି। ଏହା ପରେ କାଜୁ ଲଗାଇଥାଆନ୍ତି। କାଜୁ ଲଗାଇବାର ତିନିବର୍ଷ ପର୍ଯ୍ୟନ୍ତ ତା'ର ବେଉଷଣ କରିଥାଆନ୍ତି। ତିନିବର୍ଷ ପରେ କାଜୁ ଫଳ ହୋଇଥାଏ। କାଜୁ ପ୍ରାୟ ତିରିଶ ବର୍ଷ ପର୍ଯ୍ୟନ୍ତ ଉତ୍ତମ ଫଳ ପ୍ରଦାନ କରିଥାଏ। ତିରିଶି ବର୍ଷ ପରେ ଧୀରେ ଧୀରେ ଉତ୍ପାଦନ ହାର କମିଯାଇଥାଏ। କାଜୁ ବଗିଚାର ଚତୁଃପାର୍ଶ୍ୱକୁ ଗୋରୁ ଗାଈଙ୍କ କବଳ ରକ୍ଷା କରିବା ପାଇଁ ବାଡ଼ ଦିଆଯାଇଥାଏ। କାଜୁ ଗଛରେ ଫୁଲ ଧରିଲେ ପାରେଙ୍ଗାମାନେ ବଗିଚାରେ ଯାଇ ରୁହନ୍ତି ଏବଂ ଅମଳ ସମୟରେ ସର୍ବଦା ପରିବାରର ଜଣେ ସଦସ୍ୟ କାଜୁ ବଗିଚା ଜଗି କରିଥାଏ। କାଜୁ ଅମଳ କରିବା ପରେ ପାରେଙ୍ଗାମାନେ କେତେକ କ୍ଷେତ୍ରରେ ସଂଗେ ସଂଗେ ବିକ୍ରୟ କରିଦିଅନ୍ତି ଏବଂ କେତେକ ପାରେଙ୍ଗା ମଧ୍ୟ ଅଧିକ ମୂଲ୍ୟକୁ ଅପେକ୍ଷା କରି ଗଚ୍ଛିତ କରି ରଖିଥାଆନ୍ତି। କାଜୁ ସାଧାରଣତଃ ମାର୍ଚ୍ଚ ମାସଠାରୁ ଅମଳ ଆରମ୍ଭ ହୋଇ, ମେ ମାସ ପର୍ଯ୍ୟନ୍ତ ଚାଲିଥାଏ। କାଜୁ ଅମଳରେ ଶେଷଦିନ ପାରେଙ୍ଗାମାନେ ବଗିଚାରେ ଏକ ବଡ଼ ଧରଣର ଭୋଜିଭାତ କରିଥାଆନ୍ତି। ସେହିଦିନ ପରିବାରର ସମସ୍ତ ସଦସ୍ୟ ଓ ବର୍ଣ୍ଣିତ ହୋଇ ମାଂସ ଭୋଜି କରି ଖାଆନ୍ତି।

ସେମାନେ ଆମ୍ବ ଚାଷ ମଧ୍ୟ କରନ୍ତି । ଧନୀକ ଶ୍ରେଣୀର ଲୋକମାନେ ସାଧାରଣତଃ ଆମ୍ବ ବଗିଚା କରି ଚାଷ କରିଥାଆନ୍ତି । ଅନ୍ୟମାନେ ଡଙ୍ଗର ଜମିର ହିଡ଼ ମୂଳରେ ଆମ୍ବ ଗଛ ଲଗାଇ ଥାଆନ୍ତି । ଖରାଦିନେ ଗାତ ଖୋଳି ଦେଇଥାଆନ୍ତି । ବର୍ଷା ଆରମ୍ଭ ହେଲେ ସେହି ଗାତରେ ପୂର୍ବରୁ ପ୍ରସ୍ତୁତି କରିଥିବା ଆମ୍ବ ଗଦା ନେଇ, ପୋତି ଦେଇଥାଆନ୍ତି । ଗୋରୁ, ଗାଈ, ମଇଁଷି, ଛେଳି ଇତ୍ୟାଦିଙ୍କ କବଳରୁ ଗଛକୁ ରକ୍ଷା କରିବା ପାଇଁ ଗଛର ଚତୁଃପାର୍ଶ୍ୱରେ ବାଡ଼ ଦେଇଥାଆନ୍ତି । ଆମ୍ବ ଗଛ ଲଗାଇବାର ପ୍ରାୟ ଆଠ / ଦଶ ବର୍ଷ ପରେ ଫଳ ଉତ୍ପାଦନ ହୁଏ । ଆମ୍ବ ବଗିଚା ଯେଉଁମାନେ କରୁଛନ୍ତି । ସେମାନେ ସର୍ବଦା ଗଛର ଯତ୍ନ ଦେଇ ଥାଆନ୍ତି । ଆମ୍ବ ଗଛରେ ଫଳ ପାଚିଲେ ତାହାକୁ ସଂଗ୍ରହ କରି ବଜାରରେ ବିକ୍ରି କରନ୍ତି । ପାରେଙ୍ଗାମାନେ ମଧ୍ୟ ପାଚିଲା ଆମ୍ବରୁ ରସକୁ କାଢ଼ି ଶୁଖାଇ ଆମ୍ବ ସଢ଼ା ତିଆରି କରିଥାଆନ୍ତି । କେତେକ କଞ୍ଚା ଆମ୍ବକୁ କାଟି ଶୁଖାଇ ଖଟା କରିଖାଆନ୍ତି । ଆମ୍ବ ରସ ଭଳି ପଣସ ଚାଷ ମଧ୍ୟ ପାରେଙ୍ଗାମାନେ କରନ୍ତି ।  ପଣସ ଗଛରେ ଫଳ ହେଲେ, ପାଚିବା ପୂର୍ବରୁ ପାରେଙ୍ଗମାନେ ସେହି ଫଳକୁ ତରକାରୀ କରି ଖାଆନ୍ତି ଏବଂ ଗଛରୁ ତୋଳି ବଜାରରେ ବିକ୍ରୟ କରନ୍ତି ନାହିଁ ଅର୍ଥ ଉପାର୍ଜନ କରନ୍ତି । ପଣସ ପାଚିଲେ, ବଜାରରେ ବିକ୍ରି କରି ଥାଆନ୍ତି ।

ଲେମ୍ବୁ କିମ୍ବା କମଳା ସାଧାରଣତଃ ବଗିଚା ମଧ୍ୟରେ ଚାଷ କରନ୍ତି । ଗୃହ ସଂଲଗ୍ନ ବାଡ଼ିବଗିଚାରେ ଲଗାଇ ଥାଆନ୍ତି । ଲେମ୍ବୁ ଗଛ ଲଗାଇବାର ଦୁଇ ବର୍ଷ ମଧ୍ୟରେ ଫଳ ହୋଇଥାଏ । ପାରେଙ୍ଗାମାନେ ଖରାଦିନେ ଲେମ୍ବୁ ସହ ଲୁଣ ମିଶାଇ ପିଅନ୍ତି ଏବଂ ବଜାରରେ ମଧ୍ୟ ବିକ୍ରି କରି କିଛି ଅର୍ଥ ଉପାର୍ଜନ କରନ୍ତି । ସେହିଭଳି ପାରେଙ୍ଗାମାନେ କମଳା ଗଛ ମଧ୍ୟ ବାଡ଼ିବଗିଚାରେ ଲଗାଇ ଥାଆନ୍ତି । କମଳା ପାଣିରେ ବଜାରରେ ବିକ୍ରି କରନ୍ତି ଏବଂ ନିଜେ ମଧ୍ୟ ଖାଇଥାଆନ୍ତି । ପାରେଙ୍ଗାମାନେ ବନ୍ଧୁବାନ୍ଧବଙ୍କ ଘରକୁ ମଧ୍ୟ ଲେମ୍ବୁ ଓ କମଳା ପଠାଇଥାଆନ୍ତି । ପାରେଙ୍ଗାମାନେ ଯେ କୌଣସି ଫଳଚାଷ କରନ୍ତୁ ନା କାହିଁକି ପ୍ରତ୍ୟେକ ଗଛର ଉପଯୁକ୍ତ ଯତ୍ନ ନେଇଥାଆନ୍ତି । ବର୍ତ୍ତମାନ ସରକାରଙ୍କ ତରଫରୁ ମାଗଣାରେ ପାରେଙ୍ଗାମାନଙ୍କ ଫଳଚାଷ ପାଇଁ ଉନ୍ନତ କିସମର ଗଛ ଯୋଗାଇ ଦିଆଯାଉଛି ।

**ପଶୁପାଳନ :**

ପାରେଙ୍ଗାମାନେ ମୁଖ୍ୟତଃ ପର୍ବପର୍ବାଣି, ଭୋଜି, ଉତ୍ସବ, ଏକୋଶିଆ, ଶ୍ରାଦ୍ଧ-ଦଶାହ (ବୁଢ଼) କରିବା, ବିବାହ କରିବା ଇତ୍ୟାଦି ସମୟରେ ମାଂସ ଖାଆନ୍ତି । ସେମାନେ ଗୋରୁ, ଛେଳି, ଘୁଷୁରୀ, ମେଣ୍ଢା ଇତ୍ୟାଦି ଗୃହପାଳିତ ପଶୁମାନଙ୍କ ମାଂସ ଖାଆନ୍ତି ତେଣୁ ଏଗୁଡ଼ିକୁ ଘରେ ପାଳିଥାନ୍ତି । ସେହିପରି ଗୃହପାଳିତ ପକ୍ଷୀଗୁଡ଼ିକ, ଯଥା: - କୁକୁଡ଼ା, ପାରା, ହଂସ ପ୍ରଧାନ । ଏହାଛଡ଼ା ସେମାନେ ବନ୍ୟା ଜୀବଜନ୍ତୁଙ୍କ ମାଂସ ଯଥା କୁଟରା (କଟରା) ସମ୍ବର

(ସମର), ହରିଣ (ଚିତଲ) ଠେକୁଆ (କାଡ଼ା), ଗୟଲ (ଗଇଲ), ଝିଙ୍କ, ନେଉଳ ବାର୍‌ହା ଇତ୍ୟାଦି ଓ ପକ୍ଷୀ ମଧ୍ୟରେ କପୋତ (ପାଣ୍ଡବା), ମୟୂର (ମଂଙ୍ଗୁର) ବଣି, କୁମ୍ଭାଟୁଆ, ଗୁଣ୍ଡରି, ଟିଙ୍ଗଟି ଇତ୍ୟାଦି ପକ୍ଷୀ ଶିକାର କରି ଖାଆନ୍ତି, ତେଣୁ କେତେକ ଲୋକ ମୟୂର, କୁଟରା, ହରିଣ ବାର୍‌ହାକୁ ମଧ୍ୟ ଘରେ ପୋଷା ମନାଇ ପାଳିଥାନ୍ତି। ପାରେଙ୍ଗାମାନେ ଘରେ ପାଳୁଥିବା ପଶୁ ମଧ୍ୟରୁ ଗୋରୁ ଗାଈଠାରୁ ମାଂସ ପାଆନ୍ତି, ଋଷକାର୍ଯ୍ୟରେ ଲଗାନ୍ତି, କ୍ଷୀର ପାଆନ୍ତି କିନ୍ତୁ ଗୋରୁ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା ଋଷ କାମରେ ଲଗାଇବା ବା ହଳ କରିବା । ଗୋରୁ ଗାଈ ମରିଗଲେ ସେମାନେ ତାର ମାଂସ ଖାଆନ୍ତି। ଶ୍ରାଦ୍ଧବେଳେ ଗୋରୁ (ବୁଡ଼ା) ମାରିଖାଆନ୍ତି ଓ ଜାତି ମିଶାଇବା କାର୍ଯ୍ୟରେ ଗୋରୁମାଂସ ଭୋଜି କରି ଖାଇଥାନ୍ତି। ଏବେ ଅଧିକାଂଶ ପାରେଙ୍ଗା ଶିକ୍ଷିତ ଓ ଚତୁର ହେଲେଣି ଆଉ ପୂର୍ବ ପରି ଗୋରୁମାଂସ ଖାଇବା କମିଗଲାଣି। ବର୍ତ୍ତମାନ ଗୋରୁଗାଈ ପାଳନ ହେଲା ଋଷ କାର୍ଯ୍ୟରେ ଲଗାଇବା, ବିବାହ, ଏକୋଇଶିଆ, ଶନିବିର୍ଲୁ, ଉଠାଣି ଜାତିମିଶାଣି ଇତ୍ୟାଦି କାମରେ ଦିଶାରୀ ଓ ମୁଖିଆମାନଙ୍କ କହିବା ଅନୁସାରେ ଛେଳି, ମେଣ୍ଢା, ଘୁଷୁରୀ ଇତ୍ୟାଦି ବଳିଦେବାକୁ ପଡିଥାଏ। ତେଣୁ ସେମାନେ ନିଜ କୁଟୁମ୍ବରେ ବ୍ୟବହାର ପାଇଁ ବା ଅର୍ଥ ଉପାର୍ଜନ ଉଦ୍ଦେଶ୍ୟରେ ଘୁଷୁରୀ, ଛେଳି, ମେଣ୍ଢା, କୁକୁଡ଼ା ହଂସ ଇତ୍ୟାଦି ପାଳିଥାନ୍ତି। ପର୍ବପର୍ବାଣି ନୂଆଖିଆରେ ନିଜଘର ପିଦର ଦେବତା ପାଇଁ ମଧ୍ୟ ଘୁଷୁରୀ, କୁକୁଡ଼ା, ହଂସ ଆଦି ବଳି ଦେବାକୁ ପଡ଼ିଥାଏ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପଶୁପକ୍ଷୀ ବଳିଦେବା ପରଂପରା ପୂରାକାଳରୁ ପୂଜାପାଠ(ବିର୍ଲୁ) କରିବା ସମୟରେ ଋଲି ଆସିଛି। ଜଣେ ମହିଳା ଶିଶୁ ଜନ୍ମ ପାଇଁ ଗର୍ଭଧାରଣ ଠାରୁ ଶିଶୁ ଜନ୍ମ ହୋଇ ବୃଦ୍ଧ ହୋଇ ମଲାପରେ ଶ୍ରାଦ୍ଧ କ୍ରିୟା ପର୍ଯ୍ୟନ୍ତ ବିଭିନ୍ନ ପୂଜାପାଠ ସମୟରେ ପଶୁପକ୍ଷୀ ବଳି ଦିଆଯାଏ। ତେଣୁ ସେମାନେ ପଶୁପକ୍ଷୀ ପାଳନ ମାଂସ ପାଇବା ପାଇଁ ଅର୍ଥାତ୍ ପୂଜାପାଠରେ ବଳି ଦେବା ପରେ ଭୋଜିରେ ରାନ୍ଧି ପରଶିବା ପାଇଁ ନିଜ କୁଟୁମ୍ବ ପାଇଁ କିମ୍ବା ଅର୍ଥ ଉପାର୍ଜନ ଦୃଷ୍ଟିରୁ କରିଥାନ୍ତି। ଏହାଛଡ଼ା କନ୍ୟା ବିବାହ ବେଳେ ଯୌତୁକ ସ୍ୱରୂପ (ଆୟଲନି) ଗାଈ, ଛେଳି ବା ଗାଈ ମେଣ୍ଢା ଇତ୍ୟାଦି ପ୍ରଦାନ କରିଥାନ୍ତି। ପୁଣି ଗୋଟିଏ ବିଷୟ ହେଲା ଯଦି ଜଣେ ବୋହୂ ସ୍ୱାମୀ ଛାଡ଼ି ବା ସ୍ୱାମୀ ମରିଗଲା ପରେ ଅନତ୍ର ବିବାହ ହୁଏ ତେବେ ସଗରତା ଝୋଲା ବାବଦରେ ବା ଟଙ୍କା ବାବଦରେ ଗାଈ ବଳଦ ଇତ୍ୟାଦି ସଗରତା ଝୋଲା ଦେଇଥାନ୍ତି। ଉପହାରସ୍ୱରୂପ ମଧ୍ୟ କୁଣିଆ ମୈତ୍ର (ଗତ୍‌ବାବୁ) ବନ୍ଧୁ ସଂପର୍କ ବାନ୍ଧିବା ବେଳେ ଗାଈ, ବାଛୁରୀ, ବଳଦ, ଛେଳି, ମେଣ୍ଢା ଇତ୍ୟାଦି ପ୍ରଦାନ କରାଯାଏ। ଶିକାର ଭାବରେ ପୂର୍ବରେ ବର୍ଣ୍ଣିତ, ସମ୍ବର, ହରିଣ, କୁଟରା,ବାରହା, ମୟୁର, ନେଉଳ, ଠେକୁଆ, ଝିଙ୍କ ଆଦି ଶିକାର କରିଥାନ୍ତି। ଗାଈଗୋରୁ, ଛେଳିମେଣ୍ଢା ଇତ୍ୟାଦି ତୃଣଭୋଜୀ ହୋଇଥିବାରୁ ଘାସପଡ଼ିଆ, ବଣ ଜଙ୍ଗଲରେ ସେ ସବୁ ଚରାଇ ନେଇଥାନ୍ତି ଓ ହେଟାବାଘ, ଗଧିଆ ଆଦିଠାରୁ ରକ୍ଷା

କରିବା ପାଇଁ ସତର୍କ ରହିଥାନ୍ତି ସଂଧ୍ୟା ବେଳେ ଘରୁ ତୋରାଣି, ଅନ୍ନ ଅଇଁଠା ଧୁଆ ପାଣି (ବନପାନି) ଗୋରୁ କୁଣ୍ଡରେ ପିଇବାକୁ ଦିଅନ୍ତି। କୁଣ୍ଡା, ପାଳ ଓ ଘାସ ଇତ୍ୟାଦି ଦେଇ ଝିଙ୍କ (ଗଏଡ଼ା) ଇତ୍ୟାଦି କାଢ଼ି ଯତ୍ନରେ ଗୋଶାଳରେ ବାନ୍ଧି ଦିଅନ୍ତି। ଘୁଷୁରୀକୁ ଚରାଇ ନେବାକୁ ପଡ଼େ ନାହିଁ ତାକୁ କୁଣ୍ଡରେ (ଡଙ୍ଗରେ) ଗୁଣ୍ଡ ନରମ କୁଣ୍ଡା ପାଣି ସହ ବତରାଇ ଖାଇବାକୁ ଦିଆଯାଏ। ଦିନସାରା ଗାଁ ଦାଣ୍ଡରେ ଚରିବୁଲି ରାତିରେ ବସା (ଗୁଡ଼ା)ରେ ଶୋଇପଡ଼େ। ଏହିପରି ଗୃହପାଳିତ ପଶୁପକ୍ଷୀ ପାରେଙ୍ଗା ସମାଜରେ ଗର୍ଭଧାରଣ ଠାରୁ ଶିଶୁ ଜନ୍ମ ହୋଇ ଏକୋଇଶିଆ (ହାଣ୍ଡିଧରାନି) ନାମଦିଆ (ବିଦରମାନାନି) ଯୌବନପ୍ରାପ୍ତି (କନ୍ୟା ଯୁବତୀମାନେ) ବିବାହ ଭୋଜି, ଶନିବିର୍ରୁ, ଘାଟ ବାଂଗାନି, ସୂତା ବଂଗଲାନି, ମଡ଼ା ମୃତ୍ୟୁ ଘରେ କୁକୁଡ଼ାକୁ କାନରେ ଭୁଷି ପୋଡ଼ି ଦେଇ ମଶାଣୀକୁ ନେବା, କନ୍ୟା ଦେବା, ବରବିବାହ, ଯୌତକୁ (ଆୟଲନି) ସଗରତା ଝୋଲା ଇତ୍ୟାଦି, ପର୍ବପର୍ବାଣିରେ, ଶ୍ରାଦ୍ଧ କ୍ରିୟାରେ (ବୁଡ଼) ଗତରମେଲିବାରେ ପୂଜା ପାଇଁ ବଳି ଦେବାରେ ବା ଉପହାର ଦେବାରେ, ମାଂସ କାଟି ଭୋଜି କରିବାରେ ଇତ୍ୟାଦି ସମସ୍ତ କ୍ଷେତ୍ରରେ ପଶୁପକ୍ଷୀଙ୍କ ଆବଶ୍ୟକତା ରହିଛି।

**ଆୟ :**

ପ୍ରତି ପଶୁପକ୍ଷୀ କୀଟପତଙ୍ଗ ଏପରିକି ମଣିଷ ପାଇଁ ବି ଖାଦ୍ୟ ଆବଶ୍ୟକ। ତେଣୁ ଦେଖାଯାଏ ମୂଷା, ଚଢ଼େଇ, ଗଧିଆ ଇତ୍ୟାଦି ଖାଦ୍ୟ ସଂଗ୍ରହ କରି ଦରକାର ବେଳେ କାମରେ ଲଗାନ୍ତି। ଏପରିକି ମହୁ ଓ ପିମ୍ପୁଡ଼ି ପରି କୀଟ ପତଙ୍ଗ ଖାଦ୍ୟ ସଂଗ୍ରହ କରି ସଞ୍ଚୟ କରିଥାନ୍ତି ଏଥିରୁ ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷ ଅବା ବାଦ ପଡ଼ିବ କେମିତି ? ତାର ସଂସାର ଘରଦ୍ୱାର କୁଟୁମ୍ବ ଘେନି ଚଳିବ କେମିତି ? ସେହି ଦୃଷ୍ଟିରୁ ସେମାନେ ପୂର୍ବକାଳରେ ବଣରେ ବୁଲି ଫଳମୂଳ ସଂଗ୍ରହ କରି ଓ ପଶୁପକ୍ଷୀ ଶିକାର କରି ଚଳୁଥିଲେ। ସେମାନେ ବର୍ତ୍ତମାନ ସଭ୍ୟତା ସହ ପରିଚିତ ହେବା ପରେ କିଛି ମାତ୍ରାରେ ତାଙ୍କ ଚାଲିଚଳନ, ଆଚାର ବ୍ୟବହାର ଦେଖି ଚାଷବାସ ବେପାର ବଣିଜ ଓ ଶିକ୍ଷା ସଂସ୍ପର୍ଷରେ ଆସିଲେ। ତେଣୁ ସେମାନେ ଦେଖିଲେ ଭଲରେ ଚଳିବା ଯଥା - ଖାଇବା, ପିଇବା, ପିନ୍ଧିବା ପାଇଁ ହେଲେ ଅର୍ଥ ଦରକାର ତେଣୁ ସେମାନେ ଆୟ କରିବା ଶିଖିଲେ। ପାରେଙ୍ଗାମାନେ ମୁଖ୍ୟତଃ କୃଷିଜୀବୀ ହୋଇଥିବାରୁ ସେମାନେ ଆୟ ପାଇଁ ଚାଷ ଉପରେ ନିର୍ଭର କରନ୍ତି। ଅର୍ଥ ଉପାର୍ଜନ ପାଇଁ ଚାଷ, ଯଥା: - ଶସ୍ୟ ଚାଷ, ପରିବା ଚାଷ ଓ ଫଳ ଚାଷ ବର୍ତ୍ତମାନ ଚାଲିଛି। ଶସ୍ୟ ଚାଷ ମଧ୍ୟରେ ଧାନ, ମାଣ୍ଡିଆ, ଅଳସି, ବିରି, କାନ୍ଦୁଲ ବୋଦେଇ ଇତ୍ୟାଦି ଓ ପରିବା ଚାଷ ମଧ୍ୟରେ ଟମାଟୋ, କନ୍ଦମୂଳ, ଲଙ୍କାମରିଚ, ବାଇଗଣ, କଖାରୁ (କୁମଣ୍ଡା) ଇତ୍ୟାଦି। ଫଳଚାଷ ମଧ୍ୟରେ କାଜୁବାଦାମ (ମଂଜି ପାଉଁ) ପଣସ, ତେନ୍ତୁଳି ଉପରୋକ୍ତ ଶସ୍ୟ ପନିପରିବା ଓ ଫଳମୂଳ ବିକି ପାରେଙ୍ଗାମାନେ ଅର୍ଥ ଉପାର୍ଜନ କରନ୍ତି ଓ ତାହା ନିଜ କୁଟୁମ୍ବ ପାଇଁ ସଞ୍ଚୟ କରି ନିଜ

ପାଖରେ ହିଁ ରଖନ୍ତି। ଋଷ ପରି ପଶୁପକ୍ଷୀ ଯଥା – ଗାଈଗୋରୁ, ଘୁଷୁରୀ, ଛେଳି, ମେଣ୍ଢା, କୁକୁଡ଼ା, ପାରା, ହଂସ ଆଦି ପଶୁପକ୍ଷୀ ପାଳନ କରି ସେଗୁଡ଼ିକ ବିକି ସେଥିରୁ ଅର୍ଥ ଉପାର୍ଜନ କରନ୍ତି। ଋଷବାସ ଓ ପଶୁପକ୍ଷୀ ପାଳନ ଛଡ଼ା ଶ୍ରମିକ ହିସାବରେ କାମ କରି ସରକାରୀ କାମ ବା ଘରୋଇକାମ କରି ପାରିଶ୍ରମିକ ନେଇ ଆୟ କରନ୍ତି। ଏହିସବୁ ବ୍ୟତିତ ଜଂଗଲରୁ ମିଳୁଥିବା କାଠପତ୍ର ଔଷଧ, ଚେରିମୂଳୀ,ଫଳମୂଳ ଇତ୍ୟାଦି ବିକି ଆୟ କରିବା ଦେଖାଯାଏ। ଆଜିକାଲି ଅଳ୍ପ ସଂଖ୍ୟକ ପାରେଙ୍ଗା ଲୋକ ଋକିରି କରି କୁଟୁମ୍ବ ଭରଣପୋଷଣ କରି ଆୟ କରୁଛନ୍ତି। ଅଧିକାଂଶ ପାରେଙ୍ଗା ଅତି ଗରିବ ଓ ଅନୁନ୍ନତ ହୋଇଥିବାରୁ ଆୟରୁ ସଞ୍ଚୟ ସମ୍ଭବ ହୋଇପାରୁ ନାହିଁ।

**ବ୍ୟୟ :**

ମଣିଷ ବଂଚିବା ପାଇଁ ହେଲେ ବିଭିନ୍ନ ଅଭାବ ଅସୁବିଧା ଦେଇ ଗତି କରିବାକୁ ପଡ଼ିଥାଏ। ମଣିଷ ପାଇଁ ନିହାତି ଖାଦ୍ୟ, ବସ୍ତ୍ର, ବାସଗୃହ ଆବଶ୍ୟକ। ସେହିପରି ପାରେଙ୍ଗାମାନେ ବିଭିନ୍ନ ଅଭାବ ଅସୁବିଧାର ସମ୍ମୁଖୀନ ହୋଇ ଖର୍ଚ୍ଚାନ୍ତ ହୋଇଥାନ୍ତି। ସେମାନେ ବିଶେଷ କରି ଖାଦ୍ୟ, ବସ୍ତ୍ର, ବାସଗୃହ ଛଡ଼ା ବିଭିନ୍ନ ପର୍ବପର୍ବାଣି, ଭୋଜି, ଉତ୍ସବ, ବାହାଘର, ଶ୍ରାଦ୍ଧ, ଏକୋଇଶିଆ ଇତ୍ୟାଦିରେ ଅଧିକ ବ୍ୟୟ କରିଥାନ୍ତି। ଗରିବ ଶ୍ରେଣୀର ଲୋକେ ମୁଣ୍ଡ ଝାଳ ତୁଣ୍ଡରେ ମାରି ବଞ୍ଚୁଥିବାରୁ ଖାଦ୍ୟବସ୍ତ୍ରରେ ହିଁ ଅର୍ଥ ନିଅଣ୍ଟ ହୁଏ ଯାହାଫଳରେ ଭଲ ଘର ଖଣ୍ଡେ ତାଙ୍କ ଭାଗ୍ୟରେ ଜୁଟେ ନାହିଁ। ସେମାନେ ବିଶେଷ କରି ନିମ୍ନ ପ୍ରକାରେ ବ୍ୟୟ କରନ୍ତି ଯଥା – ଖାଦ୍ୟ, ବସ୍ତ୍ର, ଘର ତିଆରି, ଘର ତିଆରି ଉପକରଣ କିଣିବା, ପର୍ବପର୍ବାଣିରେ ଲୁଗାପଟା ପୂଜାପାଠ ସମୟରେ ବିଭିନ୍ନ ପୂଜା ସାମଗ୍ରୀ, ଯଥା: – ନଡ଼ିଆ, ଧୂପ, ଫଳ, ଛେଳି, ଘୁଷୁରୀ, ମେଣ୍ଢା ଓ ଅନ୍ୟାନ୍ୟ ପୂଜାସାମଗ୍ରୀ କିଣି ବ୍ୟୟ କରିଥାନ୍ତି। କୁଣିଆ ମୈତ୍ର ଘରକୁ ଆସିଲେ, ପର୍ବପର୍ବାଣିରେ କୁଣିଆ ଆସିଲେ ଅଯଥା ମଦ ଖର୍ଚ୍ଚ ବହନ କରିଖର୍ଚ୍ଚାନ୍ତ ହୋଇଥାନ୍ତି। ସେହିପରି ବିବାହ, ଶ୍ରାଦ୍ଧ ସମୟରେ ଆବଶ୍ୟକ ଠାରୁ ଅଧିକ ଖର୍ଚ୍ଚ ହାଣ୍ଡିଆ ବା ମଦ ଅତିଥିମାନଙ୍କୁ ସତ୍କାର କରିବା ନିଜଗୋଷ୍ଠୀ ପାଇଁ ବ୍ୟବହାର ଦିଗରେ ଅଧିକ ଖର୍ଚ୍ଚ ହୁଏ। ମୂଳକଥା ଏତିକି କୁହାଯାଇପାରେ ଯେ, ଆବଶ୍ୟକ କ୍ଷେତ୍ରରେ ସମାନ ପରିମାଣରେ ଖର୍ଚ୍ଚ ନ ହୋଇ ଅନେକ କାମରେ ଅଯଥା ବ୍ୟୟ ଦୂର ଦୃଷ୍ଟିର ଅଭାବରୁ ହୋଇଥାଏ। ବିବାହ, ଶ୍ରାଦ୍ଧ, ଘରମାଣ୍ଡାନି ସମୟରେ ଅନେକ ଲୋକ ମଦ ପିଇ ମାତାଲ ହୁଅନ୍ତି, କାମ କରି ହାଲିଆ ହୋଇ ହାଟରୁ ଫେରି ଶ୍ରମ ଲାଘବ ପାଇଁ ଅନ୍ୟ ବ୍ୟବସ୍ଥା ନ କରି ଅନେକେ ସାମୟିକ ଶାନ୍ତି ପାଇଁ ମଦ ପିଇଥାନ୍ତି। ସର୍ବଶେଷରେ କହିବା କଥା ଯେ, – ଅଯଥା ବ୍ୟୟ କରାଯାଉଥିବା ଅର୍ଥ ଦୂର ଦୃଷ୍ଟି ଖଟାଇ ସେମାନେ ଖର୍ଚ୍ଚ କାଟ କରି ସେମାନଙ୍କ ଅତ୍ୟାବଶ୍ୟକ ପୂରଣ କରିପାରିବେ ଏବଂ ରହିବା ପାଇଁ ସେହି ସଞ୍ଚିତ ଅର୍ଥରେ ସୁନ୍ଦର ଘରଦ୍ୱାର ଅତିକମ୍‌ରେ କରିପାରିବେ।

**ସଞ୍ଚୟ :**

ମଣିଷ ଏକ ଚତୁର ଜୀବ ହୋଇଥିବାରୁ ସେ ଭବିଷ୍ୟତର ସୁଖ ଦୁଃଖ ବିଷୟରେ ଚିନ୍ତା କରିଥାଏ। ଭବିଷ୍ୟତରେ ନିଜ ପାଇଁ ତଥା ନିଜ କୁଟୁମ୍ବର ସୁଖ ଦୁଃଖ, ସୁବିଧା ଅସୁବିଧାରେ ଖର୍ଚ୍ଚବାର୍ଚ୍ଚ ନିମନ୍ତେ ସଞ୍ଚୟ କରିଥାଏ। ସେମାନେ ମଧ୍ୟ ସଞ୍ଚୟକୁ ତାଙ୍କ କୁଟୁମ୍ବ ନିମନ୍ତେ ଏକ କର୍ତ୍ତବ୍ୟ ବୋଲି ଧରି ନିଅନ୍ତି। ତେଣୁ ସେମାନେ ସଞ୍ଚୟ କରିବା ଏକ ମହତ୍ କାର୍ଯ୍ୟ ହିସାବରେ ନିଜ ପରିବାର ତଥା କୁଟୁମ୍ବ ପାଇଁ ଟଙ୍କା, ସୁନା, ଅଳଙ୍କାର ଏବଂ କଂସା ବାସନକୁସନ ଆକାରରେ ଅର୍ଥ ଖର୍ଚ୍ଚ କରି ବା ଅର୍ଥାକାରରେ ସଞ୍ଚୟ କରି ରଖନ୍ତି। ପାରେଙ୍ଗାମାନେ ମୁଖ୍ୟତଃ ଉପରଲିଖିତ ଭାବରେ, ଟଙ୍କା ଆକାରରେ ନିଜ ଘରେ, ସୁନା ଆକାରରେ, ଭୂମି ଆକାରରେ କିଣି ବା ବନ୍ଧକ ସୂତ୍ରରେ, ସୁନା ଗହଣା ବା ଅଳଙ୍କାର ଆକାରରେ, ରୂପା ଆକାରରେ ଖଡ଼ୁ, ଟାଗଲା ଇତ୍ୟାଦି କିଣି ବା ବନ୍ଧକ ସୂତ୍ରରେ ସେମାନେ ନିଜ ଘରେ ବାଉଁଶ ବା ଟିଣ ପେଡିରେ ରଖନ୍ତି । ସେମାନେ ନିଜେ ଉପଭୋଗ ନ କଲେ ବି ସେମାନଙ୍କ ଉତ୍ତରାଧିକାରୀ ବଳିଷ୍ଠ ଓ ଧନୀ ଶ୍ରେଣୀର ମର୍ଯ୍ୟାଦା ଲାଭ କରିବା ଆଶା ପୋଷଣ କରନ୍ତି । ଏହା କେତେକ ପାରେଙ୍ଗାଙ୍କ ମହତ କାର୍ଯ୍ୟ ଅଟେ। କାରଣ ସେମାନେ ଚାହାନ୍ତି ଯେ ସେମାନଙ୍କ ବଂଶଧର ଅର୍ଥାତ୍ ଉତ୍ତରାଧିକାରୀ ସମାଜରେ ସୁପ୍ରତିଷ୍ଠିତ ଓ ପ୍ରଭାବଶାଳୀ ହୁଅନ୍ତୁ ସଚେତନ ଅବସ୍ଥାରେ ସେମାନେ ଏହିପରି କାର୍ଯ୍ୟ, ଯଥା:- ବନ୍ଧା ରଖିବା, କରଜ ନେବା କାର୍ଯ୍ୟ କରିଥାନ୍ତି ଯାହା କି ନିକଟ ଭବିଷ୍ୟତରେ ତାହା ତାଙ୍କର ବଂଶଧର ତଥା ଉତ୍ତରାଧିକାରୀମାନଙ୍କ ପାଇଁ ଉପଭୋଗ୍ୟ ହୋଇଥାଏ । କାରଣ ସୁନା କିଣିବା, ବନ୍ଧା ସୂତ୍ରରେ ରଖିବା, ଜମିବାଡ଼ି ବନ୍ଧା ଧରିବା, ବିଭିନ୍ନ ପଶୁପକ୍ଷୀ ବନ୍ଧା ରଖିବା ତଥା ପାଳନ କରିବା ଇତ୍ୟାଦି କାମ କରି ପରବର୍ତ୍ତୀ ବଂଶଜ ତଥା ଉତ୍ତରାଧିକାରୀଙ୍କ ନିମନ୍ତେ ସଞ୍ଚୟ କରନ୍ତି। ସବୁ ସଞ୍ଚୟ ମଧ୍ୟରୁ ପାରେଙ୍ଗା ସମାଜରେ ଟଙ୍କା, ସୁନା, ସୁନା ଗହଣା ବା ଅଳଙ୍କାର ଗାଈଗୋରୁ ଓ ବାସନ କୁସନ-କଂସାପିତଳକୁ ଶ୍ରେଷ୍ଠ ସଞ୍ଚୟର ମାନ୍ୟତା ପ୍ରଦାନ କରିବା ସହ ଉତ୍ତରପୁରୁଷ ଓ ତାଙ୍କ ବଂଶଧରକୁ ପ୍ରଭାବଶାଳୀ ପ୍ରତିଷ୍ଠିତ ବ୍ୟକ୍ତି।

**କରଜ / ଋଣ :**

ଯଦି କରଜ ନେଇ ନିର୍ଦ୍ଧାରିତ ସମୟ ମଧ୍ୟରେ କରଜ ପ୍ରଦାନ କାରୀଙ୍କୁ ଫେରସ୍ତ ଦିଆ ନ ଯାଏ ତେବେ କରଜକାରୀ ଗ୍ରହୀତାଙ୍କୁ ଉକ୍ତ ସମୟ ସୀମା ମଧ୍ୟରେ ଧାର୍ଯ୍ୟ ଦେୟ ଦେବାକୁ ବାଧ୍ୟତାମୂଳକ ଭାବରେ ଉପଯୁକ୍ତ ସମୁଳସୁଧ ଅର୍ଥାତ୍ ଧାର୍ଯ୍ୟ ଦେୟ ଦେବାକୁ ପଡ଼ିଥାଏ। କରଜ ପାରେଙ୍ଗାମାନେ ସାଧାରଣତଃ ବିବାହ, ଏକୋଇଶିଆ, ଶ୍ରାଦ୍ଧ, ଘର ତିଆରି, କନ୍ୟାଦାନ, ପୂଜାପାଠ ସମୟରେ ଓ ସଗରତା (ଝୋଲା) ବାନ୍ଧିବାରେ, ରୋଗବୈରାଗ ଆକସ୍ମିକ ଦୈବ୍ୟଦୁର୍ଘଟଣା ବେଳେ ସାହୁକାର୍ ମହାଜନଠାରୁ, ଜମି, ସୁନା ଅଳଙ୍କାର ରୂପା

ଅଳଙ୍କାର, ଗଛବୃକ୍ଷ, କଂସା ପିତଳ ବାସନ କୁସନ ଇତ୍ୟାଦି ବନ୍ଧା ଦେଇ କିମ୍ୱା ଗାଈ ବଳଦ ବନ୍ଧା ଦେଇ କରଜ ଆଣନ୍ତି ଆଜିକାଲି ବ୍ୟାଙ୍କର ବ୍ୟବସ୍ଥା ଜାଣିବା ପରେ ଅନେକ ପାରେଙ୍ଗା ବ୍ୟାଙ୍କରୁ ଋଣ ସୁନା ଓ ଜମି ପଟାବନ୍ଧା ପକାଇ ଜମି ଭୂ-ବନ୍ଧକ ବ୍ୟାଙ୍କରୁ ଋଣ ଆଣୁଛନ୍ତି। ଋଣଦାତା ସାହୁକାର ବା ମହାଜନକୁ ସରଳ ଲୋକେ ବୁଝିପାରନ୍ତି ନାହିଁ। ସେ ଅର୍ଥକାରରେ ସଂପତ୍ତି ବାଡ଼ି ବନ୍ଧା ରଖି କରଜ ଦେଲେ ମଧ୍ୟ ତାର ଦେୟ ସୁଧ ଅତି ଅଧିକ ତେଣୁ ବେଳେବେଳେ ସଂପତ୍ତି ଯଥା ସୁନା ରୂପା ଅଳଙ୍କାର ଓ ବାସନକୁସନ ନିଲାମ ହୋଇଯାଏ ବା ସାହୁକାରର ଅଧିକାରଭୁକ୍ତ ହୋଇଥାଏ। କେତେକ କ୍ଷେତ୍ରରେ ବୃକ୍ଷଲତା ଫଳନ୍ତି ଗଛ ସବୁ କରଜ ଦେଉଥିବା ମହାଜନ, ସାହୁକାର ବେଦଖଲ କରିନିଏ। ଗାଈଗୋରୁ ଓ ଅନ୍ୟାନ୍ୟ ସଂପତ୍ତି ଋଣଗ୍ରହୀତା ହନ୍ତସନ୍ତ ହୋଇ ଦେବାକୁ ବାଧ୍ୟ ହୋଇଥାଏ। ଋଣଦାତା ବା କରଜଦାତାମାନେ ଭଲ ଭାବରେ ଶୋଷଣ କରି ଜାଣିଥିବାରୁ ସେମାନଙ୍କର ଉପର ଦେଖାଣିଆ, ସୁଖ ଦୁଃଖର ସାହାଭରସା ଭାବରେ ଭଲ ଭାବରେ ପରିଚିତ ଏବଂ ଆବଶ୍ୟକ ସମୟରେ କରଜ ପ୍ରଦାନକରୁଥିବାରୁ ସରଳ ଲୋକଙ୍କ ପରମ ବନ୍ଧୁ ଭାବରେ ସେମାନେ ପରିଚିତ ହୋଇଥାନ୍ତି।

**ବିଭିନ୍ନ ପ୍ରକାର ପାନୀୟ / ନିଶାକାରକ :**

ପାନୀୟକୁ ପାରେଙ୍ଗାମାନେ କ୍ଳାନ୍ତିରୁ ଉପଶମ ବୋଲି ବିଚାର କରନ୍ତି। ପୁଣି ଏହା କେତେବେଳେ ଚିନ୍ତା, ବିରକ୍ତି ସମୟରେ ସାମୟିକ ମନ ଫୁର୍ତ୍ତି ପାଇଁ ସେବନ କରନ୍ତି। ଏହି ପାନୀୟ, ଯଥା:- ହାଣ୍ଡିଆ, ମଦ, ସଲପ ପିଇ ସେମାନେ ସାମୟିକ ଶାନ୍ତି ଉପଶମ ପାଇବା ସହ ଅତ୍ୟଧିକ ପାନ କରି ମାତାଲ ହୋଇଥାନ୍ତି। ତଳଲିଖିତ ଏହି ତିନି ପ୍ରକାର ନିଶା ପାନୀୟ ପାରେଙ୍ଗା ଗୋଷ୍ଠୀରେ ପ୍ରଚଳିତ ଥିବା ଦେଖାଯାଏ। ସେଗୁଡ଼ିକ ହେଲା ମଦ, ହାଣ୍ଡିଆ (ପେଣ୍ଡମ) ସଲପ (ସଲପ ଗଛରୁ ବାହାରୁଥିବା ଏକ ପ୍ରକାର ରସ) ଇତ୍ୟାଦି। ଏହି ନିଶା ପାନୀୟଗୁଡ଼ିକ ପାରେଙ୍ଗାମାନେ - ପର୍ବପର୍ବାଣି, ଭୋଜି ମହୋତ୍ସବ, ଶ୍ରାଦ୍ଧ, ପୂଜାପାଠ, କୁଣିଆମୈତ୍ରୀ ବା ଅତିଥି ଆସିଲେ ସତ୍କାର ନିମନ୍ତେ ପ୍ରଦାନ କରନ୍ତି ଏବଂ ନିଜେ ସେବନ କରନ୍ତି। ଏହି ନିଶା ପିଇବା ଦ୍ୱାରା ମନୁଷ୍ୟ ସାମୟିକ ଭାବରେ ନିଜ ଚିନ୍ତା, ଦୁଃଖ ଯନ୍ତ୍ରଣା, କଷ୍ଟରୁ ଦୂରରେ ରହି ନିଶାରେ ମସ୍‌ଗୁଲ ହୋଇଥାଏ। ସେ ତା'ର ସ୍ୱାଭାବିକ ପ୍ରକୃତିରୁ ଭିନ୍ନ ଅସାମାଜିକ କାମ କରିବାକୁ ଉତ୍ତେଜନା ସୃଷ୍ଟି ହୋଇଥାଏ। ଏହି ଭଳି ପାରେଙ୍ଗାମାନେ ଦୁଃଖକଷ୍ଟ ଭୁଲି ସାମୟିକ ଶାନ୍ତି ପାଇବା ଓ ଆମୋଦ ପାଇବା ଉଦ୍ଦେଶ୍ୟରେ ନିଶା ସେବନ କରିଥାନ୍ତି। ଏହାଛଡ଼ା ପାରେଙ୍ଗାମାନେ ପିକା-ସୁଙ୍ଘା ପିଇବାକୁ ବିଡ଼ି, ଧୂଆଁପତ୍ର ପାଟିରେ ଜାକିବାକୁ ବୁଢ଼ା ବୁଢ଼ୀ ଭାରି ପସନ୍ଦ କରନ୍ତି । କେତେକ ବୁଢ଼ାବୁଢ଼ୀ ଆଜିକାଲି ଗୁଡ଼ାଖୁ ମଧ୍ୟ ପାଟିରେ ଜାକନ୍ତି। ଆଗକାଳରେ ମୁଖ୍ୟତଃ ହାଣ୍ଡିଆ, ମଦ, ସଲପ ଓ ଧୂଆଁପତ୍ର (ଦୁଙ୍ଗୁୟ)

ଥିଲା ମୁଖ୍ୟ ନିଶା ଜିନିଷ। ବର୍ତ୍ତମାନ ମହୁଲ ମଦ, ବିଦେଶୀ ମଦ, ବିଡ଼ି ସିଗାରେଟ୍ ଇତ୍ୟାଦି ଏ ଯୁଗର ପାରେଙ୍ଗାମାନେ ବ୍ୟବହାର କରୁଛନ୍ତି। ପୂରାକାଳରେ ଯାହାଥିଲା ଏବେ ସେମିତି ନାହିଁ। କାରଣ, ବୁଢ଼ା ବୁଢ଼ୀମାନେ ହିଁ କେବଳ ପର୍ବପର୍ବାଣିରେ ହାଣ୍ଡିଆ (ପେଣ୍ଡମ୍) ମଦ (ଆଲି) ସଲପ ଇତ୍ୟାଦି ସେବନ କରୁଥିଲେ ଓ ଉତ୍ତମ ବୁଝାମଣା ସହ ସୁଖ ଶାନ୍ତିରେ ରହୁଥିଲେ।

**ନିଶାପାନୀୟ ପ୍ରସ୍ତୁତ ପ୍ରଣାଳୀ :**

**ହାଣ୍ଡିଆ ପ୍ରସ୍ତୁତ ପ୍ରଣାଳୀ :**

ଚାଉଳ, ଖୁଦ, ସିଝାଇ, ମାଣ୍ଡିଆକୁ ଗୁଣ୍ଡକରି ଗରମ ପାଣିରେ ପକାଇ, ଚାଉଳ, ଖୁଦ କିମ୍ବା ମାଣ୍ଡିଆକୁ ସିଝାଇ ଦିଆଯାଏ। ଏହାକୁ ପାରେଙ୍ଗାମାନେ ବଗଡ଼ି କହନ୍ତି। ଏହାକୁ ବାଉଁଶର ଝାଟି (ବିଛଣା) କିମ୍ବା ଓସାରିଆ ଏକ କୁଲା ସଦୃସ (ଡାକଲାରେ) ବିଛେଇ ଦିଆଯାଏ। କିଛି ସମୟ ପରେ ପେଣ୍ଡମ ଓଷ ନାମକ ଚେରିମୂଳୀ ମିଶା ଚାଉଳ ବଟିକାକୁ ଗୁଣ୍ଡ କରି ଉକ୍ତ ସିଝା ଦ୍ରବ୍ୟ (ବଗଡ଼ି)ରେ ଫେଣ୍ଟି ଦିଆଯାଏ ଓ ଏହି ମିଶ୍ରଣକୁ ଏକ ହାଣ୍ଡି ବା ଗରା ଭିତରେ ଭର୍ତ୍ତି କରି ପଚାଯାଏ। ହାଣ୍ଡିରେ କରାଯାଉଥିବାରୁ ଏହାର ନାମ ହାଣ୍ଡିଆ ହୋଇଥାଏ। ଏହା ପ୍ରାୟ ଚାରି / ପାଞ୍ଚ ଦିନ ପରେ ପଚିଯାଇ ବାସନା ବାହାରେ ସେଥିରେ ପାଣି ଆବଶ୍ୟକୀୟ ଅନୁପାତରେ ଦିଆଯାଇ ଛାଣି ସେହି ଛଣା ପାଣିକୁ ସେବନ କରାଯାଏ। ଏହାକୁ ହାଣ୍ଡିଆ (ପେଣ୍ଡମ) କହନ୍ତି। ଏହି ହାଣ୍ଡିଆରୁ ଦୁଇ ତିନିଦିନ ରଖିଦେଲେ ତାହା ପୁଣି ଅନ୍ୟ ପାଚନ ଅବସ୍ଥାକୁ ଆସେ ତାକୁ ପାସ୍‌ପାନି କହନ୍ତି। ଏହି ପାସ୍‌ପାନି ବା ପାସପାଣିକୁ ଏକ ହାଣ୍ଡି ଭିତରେ ଛଣାଯାଇ ଭର୍ତ୍ତି କରାଯାଇ ତା ମଧ୍ୟରେ ଏକ ଛୋଟପାତ୍ର ରଖି ଚୁଲି ଉପରେ ବସାଯାଏ। ସେହି ବଡ଼ ହାଣ୍ଡି ଉପରେ ପୁଣି ଏକ ଗରା କିମ୍ବା ହାଣ୍ଡିରେ ଥଣ୍ଡାପାଣି ଭର୍ତ୍ତି କରି ଚୁଲିରେ ନିଆଁ ଜାଳିବା ଦ୍ୱାରା ତଳ ହାଣ୍ଡି ଗରମ ହୋଇ ସେ ହାଣ୍ଡିଆ ବାଷ୍ପ ଉପରକୁ ଉଠେ। ଉପର ଥଣ୍ଡା ପାଣି ଥିବାରୁ ସେଇ ବାଷ୍ପ ଥଣ୍ଡା ହୋଇ ବିନ୍ଦୁ ବିନ୍ଦୁ ଆକାରରେ ଖସିପଡ଼ି ତଳ ହାଣ୍ଡି ଭିତରେ ରଖାଯାଇଥିବା ପାତ୍ରରେ ଜମା ହୁଏ ଏହାକୁ ମଦ କହନ୍ତି। ଏହି ହାଣ୍ଡିଆ ଓ ମଦର ବ୍ୟବହାର ପାରେଙ୍ଗା ଗୋଷ୍ଠୀରେ ବହୁଳ ଭାବରେ ପ୍ରଚଳିତ।

**ସଲପ ପ୍ରଣାଳୀ :**

ସଲପ ଗଛରୁ ଫୁଲ ବାହାରୁଥିବା କଅଁଳିଆ ନଡ଼ିଆ ଫଳିବାକୁ ବାହାରିବା ସଦୃଶ କେନ୍ଦାରୁ କାଟି ଏକ ହାଣ୍ଡି ଓହଳାଇ ରସ ସଂଗ୍ରହ କରାଯାଏ। ଏହା ସାଧାରଣତଃ ମିଠା ଲାଗେ। ତାହାକୁ ନିଶାଯୁକ୍ତ କରିବା ପାଇଁ ଚେରିମୂଳି, ଯଥା:- ସୁନାରୀ ଗଛର ଚେର, ପାତାଳଗରୁଡ଼ କୁଡ଼େଇ ଗଛର ଚେର ଇତ୍ୟାଦି ପକାନ୍ତି ଓ ତାହା ନିଶାଯୁକ୍ତ ହୋଇଥାଏ

ଏହାକୁ ସେବନ କରିବା ପାଇଁ ପାରେଙ୍ଗାମାନେ ଏକ ଉଚ୍ଚତର ବା ସମ୍ମାନସ୍ପଦ ମର୍ଯ୍ୟାଦା ମନେ କରନ୍ତି, କାରଣ ହାଣ୍ଡିଆ ବା ମଦ ନ ପିଇବା ଲୋକ ଏହାକୁ ପିଇଥାନ୍ତି। ଏହା ତାଙ୍କ ପାଇଁ ଘୃଣ୍ୟ ପାନୀୟ ଭାବରେ ହିସାବକୁ ନିଆଯାଏ ନାହିଁ। ପାରେଙ୍ଗାମାନେ ସଲପ ପାଇଁ ଗଛ ଲଗାଇଥାନ୍ତି। ସଲପ ହେଲେ ନିଜେ ପିଅନ୍ତି ଓ ଅର୍ଥଉପାର୍ଜନ ନିମନ୍ତେ ବିକ୍ରି କରିଥାନ୍ତି।

**କ୍ରୟ ଏବଂ ବିକ୍ରୟ :**

ଆବଶ୍ୟକୀୟ ଜିନିଷ, ବସ୍ତୁ କିଣିବା ଓ ବିକିବା ପୂରାକାଳରେ ପ୍ରତ୍ୟକ୍ଷ ବିନିମୟ ବ୍ୟବସ୍ଥାରେ ହେଉଥିଲା। ବର୍ତ୍ତମାନ ପାରେଙ୍ଗା ସମାଜରେ ବିକା କିଣା ମାଧ୍ୟମରେ ଚାଲୁଛି। ଅତୀତରେ ପାରେଙ୍ଗାମାନେ ପ୍ରତ୍ୟେକ କ୍ଷେତ୍ରରେ ଆବଶ୍ୟକ ସାମଗ୍ରୀ ବିନିମୟ ଦ୍ୱାରା କରାଯାଉଥିଲା। ବର୍ତ୍ତମାନ ମଧ୍ୟ ପାରେଙ୍ଗାମାନେ ଜଂଗଲରୁ ଶାଳମଞ୍ଜି ସଂଗ୍ରହ କରି ଆଣି ସାହୁକାର କିମ୍ବା ଦୋକାନରେ ଦେଇ ଲୁଣ ନେଉଛନ୍ତି। ସେମାନେ ଜମିବାଡ଼ିରୁ ଯେଉଁ ଶସ୍ୟ ଉତ୍ପାଦନ କରନ୍ତି ଏବଂ ବାଡ଼ି ବଗିଚାରୁ ଯେଉଁ ପନିପରିବା ଅମଳ କରନ୍ତି ତାହାକୁ ବିକ୍ରୟ ପାଇଁ ସେମାନେ ବିଶେଷତଃ ହାଟ ଉପରେ ନିର୍ଭର କରିଥାଆନ୍ତି। ପାରେଙ୍ଗାମାନେ ଅମଳ କରୁଥିବା ଶସ୍ୟ ପଦାର୍ଥ ନିଜେ ବର୍ଷକ ସାରା ଖାଇବା ନିମନ୍ତେ ରଖି ବଳକା ବିକ୍ରୟ କରିଥାଆନ୍ତି। କେତେକ କ୍ଷେତ୍ରରେ ମହିଳାମାନେ ପନିପରିବା ଅମଳ କରି ଗାଁ ଗାଁ ବୁଲି ବିକ୍ରୟ କରିଥାଆନ୍ତି। କ୍ଷେତରେ ସେମାନେ କୌଣସି ଖାଦ୍ୟ ଶସ୍ୟ ବିକ୍ରୟ କରନ୍ତି ନାହିଁ। ପ୍ରତ୍ୟେକ ଖାଦ୍ୟଶସ୍ୟ ଜମିରୁ ସଂଗ୍ରହ କରି ଆଣିବା ପରେ ହାଟରେ ନେଇ ବିକ୍ରୟ କରନ୍ତି। ପାରେଙ୍ଗା ଅଞ୍ଚଳରେ ଦୁଇଟି ସାପ୍ତାହିକ ହାଟ ନନ୍ଦପୁର ହାଟ, ପାଡୁଆ ହାଟ, ବଡ଼ହାଟ ଦେଖାଯାଏ। ଏତଦ୍‌ବ୍ୟତୀତ ନନ୍ଦପୁର ଅଞ୍ଚଳରେ କେତେଗୁଡ଼ିଏ ଛୋଟ ଛୋଟ ହାଟ ବସିଥାଏ। ସେଗୁଡ଼ିକ ହେଲା ଜଲାପୁଟ, ବାଡେଲହାଟ, ଥୁଟା ହାଟ, ଶଗର ହାଟ, ବାଲଡ଼ାହାଟ, ରାଇସିଂ ହାଟ ଇତ୍ୟାଦି। ପାରେଙ୍ଗାମାନେ ଶସ୍ୟପଦାର୍ଥଗୁଡ଼ିକ ହାଟରେ ବିକ୍ରୟ କରିବା ବ୍ୟତୀତ ବେପାରୀମାନେ ଆସି ଘରୁ ସେଗୁଡ଼ିକ କ୍ରୟ କରିଥାଆନ୍ତି।

ପାରେଙ୍ଗାମାନେ ସାଧାରଣତଃ ଖାଦ୍ୟପଦାର୍ଥ, ଆବଶ୍ୟକ ଗୃହଉପକରଣ ଅନ୍ୟାନ୍ୟ ଜିନିଷ କ୍ରୟ କରିବା ପାଇଁ ହାଟ ବଜାର ଉପରେ ନିର୍ଭର କରିଥାଆନ୍ତି। ସେମାନେ ସପ୍ତାହକୁ ଥରେ ସାପ୍ତାହିକ ହାଟ କରି ସପ୍ତାହିକ ପାଇଁ ସମସ୍ତ ଜିନିଷ କ୍ରୟ କରିଥାଆନ୍ତି। କେତେକ ଗାଁ ଗାଁ ବୁଲି ବ୍ୟବସାୟ କରନ୍ତି। ସେମାନେ ଗାଁକୁ ଆସୁଥିବା ବ୍ୟବସାୟୀଙ୍କ ଠାରୁ ବିଭିନ୍ନ ଜିନିଷ କ୍ରୟ କରିଥାଆନ୍ତି। ସେମାନେ କ୍ରୟ ବିକ୍ରୟ କ୍ଷେତ୍ରରେ ଅନେକ ସ୍ଥଳରେ ଠକାମୀର ଶିକାର ହୋଇଥାଆନ୍ତି। କାଜୁ ବଗିଚାରେ କାଜୁ ସଂଗ୍ରହ ସମୟରେ ବେପାରୀମାନେ ଶାଗ ଓଜନରେ ବହୁତ କାଜୁ ଠକି କରି ନେଇଥାଆନ୍ତି। କେତେକ କ୍ଷେତ୍ରରେ ସେମାନେ ଦର

ମୂଲ୍ୟରେ ଠକି ହୋଇଥାଆନ୍ତି । ଶିକ୍ଷାର ଅଭାବ ଯୋଗୁଁ ସେମାନେ ଠିକ୍ ଭାବରେ ହିସାବପତ୍ର କରି ନ ପାରିବାରୁ କୌଣସି ଜିନିଷ କ୍ରୟ କ୍ଷେତ୍ରରେ ଠକି ହୋଇଯାଆନ୍ତି ।

**ଖାଦ୍ୟ ଓ ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟା :**

ପାରେଙ୍ଗାମାନେ ବିଶେଷ କରି ବଞ୍ଚିରହିବା ପାଇଁ ଖାଦ୍ୟ ଗ୍ରହଣ କରିଥାଆନ୍ତି ଖାଦ୍ୟ ପାଇଁ ସେମାନେ ମୁଖ୍ୟତଃ ପ୍ରକୃତି ଉପରେ ନିର୍ଭର କରନ୍ତି । ଆଦିମ କାଳରେ ସେମାନେ ଖାଦ୍ୟ ପାଇଁ ସମ୍ପୂର୍ଣ୍ଣ ରୂପେ ଜଂଗଲ ଉପରେ ନିର୍ଭର କରୁଥିଲେ । ଜଂଗଲରୁ ବିଭିନ୍ନ ପ୍ରକାର, ଫଳମୂଳ, କନ୍ଦା, ପତ୍ର ଶାଗ ଇତ୍ୟାଦି ସଂଗ୍ରହ କରି ଖାଦ୍ୟ ରୂପେ ଗ୍ରହଣ କରୁଥିଲେ । ଏତଦ୍‌ବ୍ୟତୀତ ଜଂଗଲରୁ ପଶୁପକ୍ଷୀଙ୍କୁ ଶିକାର କରୁଥିଲେ । ନଦୀ, ନାଳ, ଝରଣାର ମାଛ ଧରି ଖାଦ୍ୟ ରୂପେ ଗ୍ରହଣ କରୁଥିଲେ । ବର୍ତ୍ତମାନ ସେମାନେ ବିଭିନ୍ନ ଖାଦ୍ୟ ଦ୍ରବ୍ୟ ହାଟରୁ କ୍ରୟ କରିଥାଆନ୍ତି ।

ପାରେଙ୍ଗାମାନଙ୍କ ମୁଖ୍ୟ ଖାଦ୍ୟ ହେଉଛି ଭାତ ଓ ମାଣ୍ଡିଆପେଜ (ଡୋଇଲ ଲାଇ) । ମାଣ୍ଡିଆ ପେଜ ସାଧାରଣତଃ ମୁଖ୍ୟ ଖାଦ୍ୟ । ମାଣ୍ଡିଆ, ପେଜ ବିନା ପାରେଙ୍ଗାମାନେ ବଞ୍ଚିବା ଅସମ୍ଭବ ବୋଲି କୁହନ୍ତି । ଆଗରୁ ସେମାନଙ୍କର ସୁଧା ଭାତ (ଅଭିଶାଗ) ମୁଖ୍ୟ ଖାଦ୍ୟ ଥିଲା । ବର୍ତ୍ତମାନ କୃଷିକାର୍ଯ୍ୟ କରିବାରୁ ଧାନ (କୁଣ୍ଡେମ୍) ଶସ୍ୟ ଅମଳ କରି ଭାତ ଖାଉଛନ୍ତି । ଭାତ ସହିତ ସେମାନେ ବିଭିନ୍ନ ପ୍ରକାର ଶାଗ, ତରକାରୀ (ଆଅକ) ଇତ୍ୟାଦି କରି ଖାଇଥାଆନ୍ତି । ସେମାନେ ଦିନକୁ ଦୁଇଥର ଖାଦ୍ୟ ଗ୍ରହଣ କରନ୍ତି । ସକାଳୁ କାର୍ଯ୍ୟ କରିବାକୁ ଯିବା ପୂର୍ବରୁ ରୋଷେଇକରି ଖାଆନ୍ତି ଏବଂ ସଂଧ୍ୟାବେଳକୁ ଥରେ ଖାଇଥାଆନ୍ତି ।

ସେମାନେ ମୁଖ୍ୟ ଖାଦ୍ୟ ସହ ସହକାରୀ ଖାଦ୍ୟ ଗ୍ରହଣ କରନ୍ତି । ସେମାନଙ୍କ ସହକାରୀ ଖାଦ୍ୟଗୁଡ଼ିକ ହେଲା ମାଣ୍ଡିଆ ପେଜ (ଡୋଇଲ ଲାଇହାଇ) କୋଳଥ ପେଜ, (କଳଥ ଲାଇ) ଚାଉଳ ପେଜ (ରୁଙ୍କ ଲାଇ) ଇତ୍ୟାଦି । ଏତଦ୍‌ବ୍ୟତୀତ ସେମାନେ ଜଂଗଲରୁ ବିଭିନ୍ନ ଗଛର ଫଳମୂଳକୁ ସହକାରୀ ଖାଦ୍ୟ ରୂପେ ଗ୍ରହଣ କରନ୍ତି ଯଥା - ଆମ୍ବ (ଭଡ଼ା), ପଣସ (ପାନ୍‌ସା) କୋଳି (କଲି), ପିଜୁଳି (ଲାଖାଜମ୍), ତରଭୁଜ (ପାନିକୁମୁଣ୍ଡା) ଇତ୍ୟାଦି । ଆବଶ୍ୟକ ହେଲେ ସହକାରୀ ଖାଦ୍ୟ ରୂପେ ମାଣ୍ଡିଆ ପେଜ ଗ୍ରହଣ କରିଥାଆନ୍ତି । ପାରେଙ୍ଗା ଶିଶୁମାନଙ୍କୁ ଘରେ ଅନ୍ୟ କୌଣସି ଖାଦ୍ୟ ନ ଥିଲେ ମାଣ୍ଡିଆ ପେଜ ଖାଇବାକୁ ଦେଇଥାଆନ୍ତି ।

**ପ୍ରସ୍ତୁତି ପ୍ରଣାଳୀ :**

ସେମାନେ ଭାତ ସହ ବିଭିନ୍ନ ପ୍ରକାର ତରକାରୀକୁ ସହାୟକ ଖାଦ୍ୟ ରୂପେ ପ୍ରସ୍ତୁତ କରିଥାଆନ୍ତି । ବିଭନ୍ନ ତରକାରୀର ପ୍ରସ୍ତୁତି ପ୍ରଣାଳୀ ନିମ୍ନରେ ବର୍ଣ୍ଣନା କରାଗଲା ।

**ଆମ୍ବିଳା ତରକାରୀ : (ଆବଡ୍ରାଂ ଆଓବ୍)**

ପାରେଙ୍ଗାମାନେ ଏହି ଆମ୍ବିଳା ତରକାରୀ ପ୍ରସ୍ତୁତିବେଳେ ପ୍ରଥମେ କଳା ହୋଇଥିବା ପରିବା ଭଲ ଭାବେ ସିଝାଇ ଦିଅନ୍ତି। ସେହି ସିଝା ପରିବାରରେ, ଲୁଣ, ହଳଦୀ ପକାଇ ଥାଆନ୍ତି। ପୂର୍ବରୁ ଶୁଖିଲି ତେନ୍ତୁଳିକୁ ଭିଜାଇ ଥାଆନ୍ତି। ପରିବା ସିଝିଯିବା ପରେ ତେନ୍ତୁଳିକୁ ଚିପୁଡ଼ି ସିଝା ପରିବାରରେ ତେନ୍ତୁଳି ପାଣି ଦେଇଥାଆନ୍ତି। ଏହାପରେ ତେଲ, ଲଙ୍କା ଓ ଫୁଟଣ ଦେଇ ତରକାରୀକୁ ଫୁଟାଇ ଥାଆନ୍ତି। ଫୁଟଣ ସରିବା ପରେ ମାଣ୍ଡିଆକୁ ସେଥିରେ ଗୋଳାଇ ଥାଆନ୍ତି। ମାଣ୍ଡିଆ ଗୋଳାଇବା ପରେ ତରକାରୀକୁ ପୁଣି ଚୁଲିରେ ବସାଇ ଥାଆନ୍ତି। ତରକାରୀ ଫୁଟିବା ପରେ ଚୁଲିରୁ ଓହ୍ଲାଇ ଖାଇଥାଆନ୍ତି।

**ଝରୁ (ଆମଟ ଝଲ)**

ଝରୁ ପ୍ରସ୍ତୁତି ବେଳେ ସେମାନେ ପ୍ରଥମେ ତେନ୍ତୁଳକୁ ଚୁଲିରେ ସିଝାଇ ଥାଆନ୍ତି। ତେନ୍ତୁଳି ସିଝି ଯିବା ପରେ ଚୁଲିରୁ କାଢ଼ି ତେନ୍ତୁଳିକୁ ଚିପୁଡ଼ି ଦେଇ ଖଦଡ଼ା ଅଂଶତକ ବାହାର କରିଦିଅନ୍ତି। ଏହାପରେ ଲୁଣ ପକାଇ ପୁଣି କିଛି ସମୟ ଚୁଲିରେ ବସାନ୍ତି। ଏହାପରେ ଚୁଲିରୁ କାଢ଼ି ତେଲ, ଲଙ୍କା, ଫୁଟଣ, ଭେରସୁଙ୍ଗା ପତ୍ର ଦେଇ ଫୁଟାଇ ଥାଆନ୍ତି। ଏହାପରେ ଚୁଲିରୁ କାଢ଼ି ଖାଦ୍ୟ ରୂପେ ଗ୍ରହଣ କରନ୍ତି।

**ଶାଗ ଚୂନା ତରକାରୀ :**

ଏହି ତରକାରୀ ପ୍ରସ୍ତୁତି ବେଳେ ପ୍ରଥମେ ଶାଗକୁ କାଟି ସିଝାଇ ଦିଅନ୍ତି। ଶାଗ ସିଝିବା ପରେ, ସେଥିରୁ ପାଣି କାଢ଼ି ଦିଅନ୍ତ। ଏହାପରେ ତେଲ, ରସୁଣ, ଲଙ୍କା, ଫୁଟଣ ଦେଇ ଫୁଟାଇଥାଆନ୍ତି। ଫୁଟାଇ ସାରିବା ପରେ ଚାଉଳ ଚୁନା ଗୋଳାଇ ପାଣିଦେଇ ପୁଣି ଚୁଲିରେ ବସାଇ ଦିଅନ୍ତି। ଚାଉଳ ଚୁନା ଶାଗ ପ୍ରସ୍ତୁତି ହୋଇଗଲା ପରେ ଖାଦ୍ୟ ରୂପେ ଗ୍ରହଣ କରିଥାଆନ୍ତି।

**ଭାତ (ଶାଗ)**

ପାରେଙ୍ଗାମାନେ ଭାତ କରିବା ବେଳେ ନୂଆ ଚାଉଳ ଭାତ ହୋଇଥିଲେ ପ୍ରଥମେ ପାଣି ଗରମ କରିଥାଆନ୍ତି। ପାଣି ଗରମ ହୋଇ ଫୁଟିଲେ ଚାଉଳ ପକାଇ ଥାଆନ୍ତି। ଭାତ ହୋଇଗଲା ପରେ ପେଜ ଗାଳି ଦିଅନ୍ତି। ପୁରୁଣା ଚାଉଳ ହୋଇଥିଲେ ପାରେଙ୍ଗାମାନେ ପ୍ରଥମେ ଚାଉଳକୁ ଧୋଇ ଦିଅନ୍ତି ଏବଂ ଚାଉଳ ସହ ପାଣି ଦେଇ ଚୁଲିରେ ବସାଇ ଦିଅନ୍ତି। ଏହି ଭାତକୁ ପାରେଙ୍ଗାମାନେ ଗାଳନ୍ତି ନାହିଁ। ଭାତ ହୋଇଗଲେ ଚୁଲିରୁ ହାଣ୍ଡି କାଢ଼ି ଶୁଖାଇ ଦିଅନ୍ତି।

**ପେଜ (ମାଣ୍ଡିଆ ପେଜ)**

ମାଣ୍ଡିଆ ପେଜ ପ୍ରସ୍ତୁତ କରିବା ପୂର୍ବ ଦିନ ରାତିରୁ ମାଣ୍ଡିଆକୁ ବତୁରାଇ ଦେଇଥାଆନ୍ତି। ପ୍ରଥମେ ହାଣ୍ଡିରେ ପାଣି ଗରମ କରନ୍ତି। ପାଣି ଫୁଟିଲେ ବତୁରା ହୋଇଥିବା ମାଣ୍ଡିଆ ଚୂନାକୁ ହାଣ୍ଡିରେ ପକାଇ ଗୋଳାଇ ଦିଅନ୍ତି। ଏହାପରେ ଚୁଲିରୁ କାଢ଼ି ଖାଦ୍ୟ ରୂପେ ଗ୍ରହଣ କରନ୍ତି।

**ମାଛ ତରକାରୀ :**

ମାଛ ତରକାରୀ ପ୍ରସ୍ତୁତିବେଳେ ପ୍ରଥମେ ହାଣ୍ଡିରେ ତେଲ ପକାଇ କଟାଯାଇଥିବା ପିଆଜ ଭାଜନ୍ତି। ଏହାପରେ ମାଛକୁ କାଟି ଭଲ କରି ଧୋଇ ହାଣ୍ଡିରେ ପକାଇ ଭାଜନ୍ତି। ଯେଉଁମାନେ ମସଲା ପ୍ରୟୋଗ କରନ୍ତି ସେମାନେ ବଟା ମସଲା ଦେଇ ମାଛକୁ ଭାଜନ୍ତି। ଏହାପରେ ପାଣି ଦିଅନ୍ତି। ପାଣି ଫୁଟିବା ପରେ ଚୁଲିରୁ କାଢ଼ି ଖାଦ୍ୟ ରୂପେ ଭୋଜନ କରନ୍ତି।

**ମାଂସ ତରକାରୀ :**

ମାଛ ତରକାରୀ ଭଳି ସେମାନେ ମାଂସ ତରକାରୀ ପ୍ରସ୍ତୁତ କରିଥାଆନ୍ତି। ପ୍ରଥମେ ତେଲ ଗରମ କରି ପିଆଜ ଭାଜନ୍ତି। ଏହାପରେ ମାଂସ ପକାଇ ଭାଜି ଥାଆନ୍ତି। ମାଂସ ଭାଜିବା ପରେ ବଟା ମସଲା ଦେଇ ଭାଜି ଥାଆନ୍ତି ଏବଂ ପାଣି ଦେଇଦିଅନ୍ତି। ପାଣି ଦେବା ପରେ ହଳଦୀ, ଲୁଣ ଇତ୍ୟାଦି ପକାଇଥାଆନ୍ତି। ପାଣି ଫୁଟିବା ପରେ ଚୁଲିରୁ ହାଣ୍ଡି କାଢ଼ି ତରକାରୀ ରୂପେ ବ୍ୟବହାର କରନ୍ତି।

**ଛତୁ ତରକାରୀ :**

ସେମାନେ ଛତୁ ତରକାରୀ ପ୍ରସ୍ତୁତ କଲାବେଳେ ପ୍ରଥମେ ଛତୁକୁ ସିଝାଇ ଦିଅନ୍ତି। ଛତୁ ସିଝିଯିବା ପରେ ସେଥିରେ ଲଙ୍କା, ଲୁଣ, ହଳଦୀ ପକାଇ ଥାଆନ୍ତି। ଏହାପରେ ସିଝିଯାଇ ଥିବା ତରକାରୀକୁ ଫୁଟଣ ଛୁଙ୍କ କରିଥାଆନ୍ତି। ଫୁଟଣ କରିସାରିବା ପରେ ଚାଉଳ ଚୂନା ଗୋଳାଇ ଛତୁ ତରକାରୀ ପ୍ରସ୍ତୁତ କରନ୍ତି।

ସେମାନେ ଖାଦ୍ୟ ପ୍ରସ୍ତୁତ କରିସାରିବା ପରେ ତାହାର ସଂରକ୍ଷଣ ପାଇଁ ସେମିତି କିଛି ପଦକ୍ଷେପ ନିଅନ୍ତି ନାହିଁ। ସାଧାରଣତଃ ଦିନକୁ ଦୁଇଥର ଖାଇଥାଆନ୍ତି। ଖାଦ୍ୟ ପ୍ରସ୍ତୁତି ପରେ ଓ ଖାଇସାରିବା ପରେ ଯାହା ବଳକା ରହେ ତାହାକୁ ସେହି ହାଣ୍ଡି ଭିତରେ ଭର୍ତ୍ତି କରି ରଖିଥାଆନ୍ତି।

**ଆମିଷ ଖାଦ୍ୟ :**

ପାରେଙ୍ଗାମାନେ ଆମିଷ ଖାଦ୍ୟ ଭକ୍ଷଣ କରିବାକୁ ବହୁତ ଭଲ ପାଆନ୍ତି। ସେମାନେ ସାଧାରଣତଃ ବିଭିନ୍ନ ପଶୁପକ୍ଷୀଙ୍କ ମାଂସ ଓ ନଦୀ, ନାଳ, ଝରଣାର ମାଛକୁ ଆମିଷ ରୂପେ

ଖାଇଥାଆନ୍ତି । ଜଂଗଲରୁ ବିଭିନ୍ନ ପଶୁପକ୍ଷୀ ଶିକାର କରି ତାହାର ମାଂସକୁ ଖାଇଥାଆନ୍ତି ଯଥା :- ହରିଣ ମାଂସ (ଆଲୁପ୍ ସିସିନ୍), ବାରହା ମାଂସ (କାନ୍‌ମୁନ୍ ସିସିନ୍ (କୁଣ୍ଡା), ଘୁଷୁରି ମାଂସ (କାନମୁନ୍ ମିସିନ୍, ଗାଈ ମାଂସ (କୁଇତାଙ୍ଗ ସିସିନ), ଛେଳି ମାଂସ (କିନ୍‌ମେନ୍ ସିସିନ୍), ମେଣ୍ଢା ମାଂସ (ମେଣ୍ଢା ସିସିନ୍), ମୟୁର ମାଂସ, (ମଞ୍ଜୁର ସିସିନ୍), ବଣି ମାଂସ (ରାମି ସିସିନ୍), ପାରା ମାଂସ (ପରୁଆ ସିସିନ୍) ଇତ୍ୟାଦି । କେତେକ ଗୃହପାଳିତ ପଶୁଙ୍କୁ ମାଂସ ରୂପେ ବ୍ୟବହାର କରନ୍ତି, ଯଥା : - କୁକୁଡ଼ା ମାଂସ (ଆଙ୍ଗଇ ସିସିନ୍) ବତକ ମାଂସ (ହଂସ୍‌ନମ୍ ସିସିନ୍) ଇତ୍ୟାଦି । ଏତଦ୍‌ବ୍ୟତୀତ ସେମାନେ ନଦୀ, ନାଳ ଓ ଝରଣାରୁ ବିଭିନ୍ନ ମାଛ (ଆୟୁଃ)କୁ ମଧ୍ୟ ଖାଦ୍ୟ ରୂପେ ଗ୍ରହଣ କରନ୍ତି ।

**ନିରାମିଷ ଖାଦ୍ୟ :**

ପାରେଙ୍ଗାମାନେ ଆମିଷ ସହ ନିରାମିଷ ଖାଦ୍ୟ ମଧ୍ୟ ଖାଇଥାଆନ୍ତି । ସେମାନେ ସାଧାରଣତଃ ନିରାମିଷ ଖାଦ୍ୟ ରୂପେ ବିଭିନ୍ନ ପନିପରିବା, ଫଳମୂଳ ଇତ୍ୟାଦିକୁ ଗ୍ରହଣ କରିଥାଆନ୍ତି । କେତେକ ପନିପରିବା ସେମାନେ ଚାଷ କରୁଥିବା ବେଳେ କେତେକ ପନିପରିବା ହାଟରୁ କ୍ରୟ କରନ୍ତି । କେତେକ ନିରାମିଷ ଖାଦ୍ୟ ଜଂଗଲରୁ ସଂଗ୍ରହ କରିଥାଆନ୍ତି । ଜଂଗଲରୁ ସଂଗ୍ରହ କରୁଥିବା ନିରାମିଷ ଖାଦ୍ୟଦ୍ରବ୍ୟଗୁଡ଼ିକ ହେଲା ଛତୁ (ବତି), କାଳା (ଅଜଲସ୍), ପିକକଳା (ପିକ ଅନଲମ୍) କଲରା (କାରଲା ବଃ), କନ୍ଦମୂଳ (ମୁନ୍ଦୁର), ସାରୁ, (ସାରୁ ଉମଲଃ) ଇତ୍ୟାଦି । ପାରେଙ୍ଗାମାନେ ଗୃହ ସଂଲଗ୍ନ ବାଡ଼ି ବଗିଚରେ ଚାଷ କରୁଥିବା ପନିପରିବା ଗୁଡ଼ିକ ହେଲା ବାଇଗଣ (ବାଇଗନ୍‌ନେ), ଶିମ୍ବ (ସକ୍‌ଡିଙ୍ଗ୍), କଲରା (କାରଲା ଜଃ), କନ୍ଦମୂଳ (ମୁନ୍ଦୁର), ସାରୁ (ସାରୁ  ଉମଲଃ) ଇତ୍ୟାଦି । ଗୃହ ସଂଲଗ୍ନ ବାଡ଼ି ବଗିଚରେ, ଚାଷ କରୁଥିବା ପନିପରିବାଗୁଡ଼ିକ ହେଲା ବାଇଗଣ (ବାଇଗନ୍‌ନେ), ଶିମ୍ବ (ସକ୍‌ଡିଙ୍ଗ୍), କାଲରା (କାରଲାଜଃ), କାକୁଡ଼ି (ସାରଲାଇ), ବୋଇତାଳୁ (କୁମୁଡ଼ା), ଆଳୁ (ଆଲୁଜଃ), ଲଙ୍କା (ମେରସା) ଇତ୍ୟାଦି । ଏହିସବୁ ଜଂଗଲଜାତ ଦ୍ରବ୍ୟ ଓ କୃଷିଜାତ ପନିପରିବାକୁ ପାରେଙ୍ଗାମାନେ ବିଭିନ୍ନ ପ୍ରକାର ତରକାରୀ କରି ଖାଇଥାଆନ୍ତି ।

ପାରେଙ୍ଗାମାନଙ୍କର ଦୈନନ୍ଦିନ ଖାଦ୍ୟ ଅପେକ୍ଷା ପର୍ବପର୍ବାଣିମାନଙ୍କର ଖାଦ୍ୟ ଉନ୍ନତଧରଣର ହୋଇଥାଏ । ପାରେଙ୍ଗାମାନେ କେବଳ ପୁଷ ପରବରେ ଘରେ  ବିଭିନ୍ନ ପ୍ରକାର ପିଠାପଣା କରିଥାଆନ୍ତି । ଏହି ପରବରେ ଗୋରୁ ଗାଈଙ୍କୁ ପିଠାପଣା ଖାଇବାକୁ ଦିଅନ୍ତି ଏବଂ ତାଙ୍କ ବେକରେ ଏକ କାନ୍ଧା ଓ ପିଠା ବାନ୍ଧି ଝୁଲାଇ ଦିଅନ୍ତି । ପାରେଙ୍ଗା ସମାଜରେ ଅଧିକାଂଶ ପର୍ବପବାଣିରେ ଘରେ ଆମିଷ ଖାଦ୍ୟ ପ୍ରସ୍ତୁତ କରନ୍ତି । ପ୍ରତ୍ୟେକ ପର୍ବପର୍ବାଣି ପୂଜାପାଠରେ ବିଭିନ୍ନ ପଶୁପକ୍ଷୀଙ୍କୁ ବଳୀ ହୋଇଥାଆନ୍ତି । ତେଣୁ ପର୍ବପର୍ବାଣୀ ମାନଙ୍କରେ

ସେମାନେ ପାନୀୟ ସେବନ କରି ଆମିଷ ଦ୍ରବ୍ୟ ଭକ୍ଷଣ କରିଥାଆନ୍ତି। ଗର୍ଭବତୀ ମହିଳାଙ୍କ ନିମିତ୍ତ ଗର୍ଭାବସ୍ଥାରେ କୌଣସି ଖାଦ୍ୟଦ୍ରବ୍ୟ କଟକଣା ନାହିଁ। ପ୍ରାୟ ସମସ୍ତ ଖାଦ୍ୟ ସେ ଖାଇପାରେ। ପ୍ରସବ ପରେ କେତେଗୁଡ଼ିଏ ଖାଦ୍ୟ ଉପରେ ମହିଳା ମାନଙ୍କ ପାଇଁ ନିଷେଧାଜ୍ଞା ଥାଏ। ପ୍ରସବ କରିବାର ତିନିଓଲି ପର୍ଯ୍ୟନ୍ତ କେବେଳ ଦୁଇ ମୁଠାଏ ଲେଖାଏଁ ଚାଉଳର ଭାତ ଖାଇ ଥାଆନ୍ତି। ଏହାପରେ ପ୍ରସବ କରିଥିବା ମହିଳା ସବୁ ଖାଦ୍ୟ ଖାଇପାରନ୍ତି। ପ୍ରସବ କରିଥିବା ମହିଳାଙ୍କୁ ଅଧିକ ପରିମାଣରେ ପନିପରିବା ଓ ଆମିଷ ଖାଦ୍ୟ ଦେଇଥାଆନ୍ତି। ସେହିଭଳି ଦୁଗ୍ଧ ଦାତ୍ରି ମା' ପାଇଁ ଖାଦ୍ୟ ଉପରେ କିଛି ବାରଣ ନ ଥାଏ। ସେମାନଙ୍କୁ ଅଧିକ ପନିପରିବା ଖାଇବାକୁ ନିର୍ଦ୍ଦେଶ ଦିଆଯାଇଥାଏ।

ଛୋଟ ପିଲାମାନେ ଦିନକୁ ଚାରି / ପାଞ୍ଚ ଥର ଖାଦ୍ୟ ଭକ୍ଷଣ କରିଥାଆନ୍ତି। ଛୋଟ ପିଲାମାନଙ୍କୁ ଯେତେବେଳେ ଭୋକ ହୁଏ ସେମାନେ ଖାଇଥାଆନ୍ତି। ବୟସ୍କ ପୁରୁଷ ଓ ମହିଳା ଦିନକୁ କେବଳ ଦୁଇଥର ଖାଦ୍ୟ ଖାଇଥାଆନ୍ତି। ମହିଳାମାନଙ୍କ ତୁଳନାରେ ପୁରୁଷମାନେ ଅଧିକ ଖାଦ୍ୟ ଭକ୍ଷଣ କରିଥାଆନ୍ତି। ଯେଉଁମାନେ ଅଧିକ ଶାରିରୀକ ପରିଶ୍ରମ କରନ୍ତି ବା କଠିନ କାର୍ଯ୍ୟ କରିଥାଆନ୍ତି ସେମାନେ ଅଧିକ ପରିମାଣରେ ଖାଦ୍ୟ ଭକ୍ଷଣ କରିଥାଆନ୍ତି। ପାରେଙ୍ଗା ସମାଜରେ ବିଭିନ୍ନ ବୟସ ଓ ଲିଙ୍ଗ ଭେଦରେ ଖାଉଥିବା ଖାଦ୍ୟରେ ଅନେକ ତାରତମ୍ୟ ଦେଖାଯାଏ। ପାରେଙ୍ଗା ଗ୍ରାମମାନଙ୍କରେ ଅନ୍ୟ ଆଦିବାସୀ ବା ଅଣ ଆଦିବାସୀ ସଂପ୍ରଦାୟର ଲୋକ ବାସ କରୁଛନ୍ତି। ପାରେଙ୍ଗା ପୁରୁଷମାନେ କେବଳ ଅନ୍ୟ ଆଦିବାସୀ ଗୋଷ୍ଠୀର ଲୋକଙ୍କ ଘରେ ଖାଦ୍ୟ ଖାଇଥାଆନ୍ତି। ଗାଦବା, ଝଡ଼ିଆ ପରଜା ଏବଂ ଅନ୍ୟ ପରଜା ଗୋଷ୍ଠୀ ଘରେ ଖାଇପାରିବେ କିନ୍ତୁ ମହିଳାମାନେ ଅନ୍ୟ କୌଣସି ଆଦିବାସୀ / ଅଣ ଆଦିବାସୀ ଗୋଷ୍ଠୀ ଲୋକଙ୍କ ଘରେ ଖାଇପାରିବେ ନାହିଁ। ମହିଳାମାନେ ଅନ୍ୟ ଆଦିବାସୀ ଗୋଷ୍ଠୀ ଘରେ କେବଳ ଜଳଖିଆ କିମ୍ବା ପାନୀୟ ଗ୍ରହଣ କରିପାରିବେ। ଛୋଟ ପାରେଙ୍ଗା ପିଲାମାନେ ଅନ୍ୟ ଆଦିବାସୀ / ଅଣ ଆଦିବାସୀ ସଂପ୍ରଦାୟ ଘରେ ଖାଇପାରିବେ। ଛୋଟ ଛୁଆଙ୍କ ପାଇଁ ଖାଦ୍ୟ ଭକ୍ଷଣ ଉପରେ କୌଣସି ନିଷେଧାଦେଶ ନାହିଁ। ସେମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନ୍ୟ ଗୋଷ୍ଠୀର ଲୋକମାନେ ଖାଦ୍ୟ ଭକ୍ଷଣ କରିଥାଆନ୍ତି।ସେମାନେ ଦଳିତଙ୍କ ଘରୁ ଜଳ ମଧ୍ୟ ଗ୍ରହଣ କରନ୍ତି ନାହିଁ। କିନ୍ତୁ ଆବଶ୍ୟକ ସ୍ଥଳେ ସେମାନଙ୍କ ଘରୁ ଚାଉଳ ଏବଂ ପନିପରିବା ମଧ୍ୟ ଆଣିଥାଆନ୍ତି।

ସେମାନେ ପ୍ରାୟ ଜଳଖିଆ ଖାଆନ୍ତି ନାହିଁ। ସମୟ ସମୟରେ ସେମାନେ ଜଳଖିଆ ରୂପେ କନ୍ଦମୂଳ, କାକୁଡ଼ି, ତରଭୁଜ, ବିଭିନ୍ନ ଫଳ, ଆମ୍ବ, ପଣସ ଇତ୍ୟାଦି ଗ୍ରହଣ କରନ୍ତି। ସକାଳୁ ଉଠି ନିତ୍ୟକର୍ମ ସାରି କାର୍ଯ୍ୟରେ ବାହାରିପଡ଼ନ୍ତି। ନଅଟାରୁ ଦଶଟା ମଧ୍ୟରେ, ଘରକୁ ଆସି ଭାତ ଖାଇଥାଆନ୍ତି। ସକାଳୁ କିଛି ଖାଦ୍ୟ ଗ୍ରହଣ କରନ୍ତି ନାହିଁ। ମଧ୍ୟାହ୍ନ ସମୟରେ

ସେମାନେ ଭୋକ ହେଲେ ମାଣ୍ଡିଆ ପେଜ ଗ୍ରହଣ କରନ୍ତି। ରାତ୍ରଭୋଜନ ପାରେଙ୍ଗାମାନଙ୍କର ମୁଖ୍ୟ ଖାଦ୍ୟ। ରାତ୍ର ଭୋଜନ ପାରେଙ୍ଗାମାନେ ରାତ୍ର ୮ଟା ମଧ୍ୟରେ କରିଥାଆନ୍ତି। ରାତ୍ର ଭୋଜନରେ ପାରେଙ୍ଗାମାନେ ଭାତ ସହ କୌଣସି ତରକାରୀ ଏବଂ ମାଣ୍ଡିଆ ପେଜ ପିଇଥାଆନ୍ତି। ପାରେଙ୍ଗା ଶିଶୁମାନଙ୍କ ପାଇଁ ଖାଇବାକୁ କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ। ଯେତେବେଳେ ଭୋକ ହୁଏ ସେତେବେଳେ ସେମାନେ ଖାଦ୍ୟ ଗ୍ରହଣ କରନ୍ତି।

ପାରେଙ୍ଗା ପରିବାରରେ କୌଣସି ସ୍ୱତନ୍ତ୍ର ଖାଦ୍ୟ ପ୍ରସ୍ତୁତ ହେଲେ, ସେମାନେ ପରିବାରର ଅଲଗା ରହୁଥିବା ସଦସ୍ୟଙ୍କୁ ନେଇଥାଆନ୍ତି। ଘରେ ଆମିଷ ଦ୍ରବ୍ୟ ରନ୍ଧନ ହେଲେ ପାରେଙ୍ଗାମାନେ ଅତ୍ୟନ୍ତ ଖୁସି ଏବଂ ସମସ୍ତଙ୍କୁ ସମପରିମାଣରେ ବର୍ଣ୍ଟନ କରାଯାଇଥାଏ। ଆବଶ୍ୟକ ସ୍ଥଳେ ପଡ଼ୋଶୀଙ୍କୁ ମଧ୍ୟ ପାରେଙ୍ଗାମାନେ ଦେଇଥାଆନ୍ତି। ପାରେଙ୍ଗା ସମାଜରେ ସ୍ୱତନ୍ତ୍ର ଦିବସରେ ସ୍ୱତନ୍ତ୍ର ଖାଦ୍ୟର ବ୍ୟବସ୍ଥା ହୋଇଥାଏ। ବିଭିନ୍ନ ପର୍ବପର୍ବାଣୀ, ମେଳା ମହୋତ୍ସବ, ଯାତ୍ରା ଇତ୍ୟାଦିରେ ସେମାନଙ୍କ ଘରେ ସ୍ୱତନ୍ତ୍ର ଖାଦ୍ୟର ବ୍ୟବସ୍ଥା ହୋଇଥାଏ। ପରିବାରକୁ କୌଣସି ଅତିଥି ଆସିଲେ ସେମାନେ ସଂଗେ ସଂଗେ ଏକ ତାଡ଼ି ଜାତୀୟ ପାନୀୟ ଦେଇଥାଆନ୍ତି। ଘରେ ଅତିଥିଙ୍କୁ ପାନୀୟ ସେବନ ପାଇଁ ମଦ୍ୟ ନ ଦେଲେ ଅତିଥି ଚର୍ଚ୍ଚାର କିଛି ମୂଲ୍ୟ ନାହିଁ ବୋଲି ପାରେଙ୍ଗାମାନେ ମତବ୍ୟକ୍ତ କରନ୍ତି। ସେମାନେ ପୁଷ୍ଟିକାରକ / ସୁଷମ ଖାଦ୍ୟ ଖାଇବାକୁ ପାଆନ୍ତି ନାହିଁ, ସେଥିପାଇଁ ଅନେକ ସମୟରେ ସେମାନେ ଅପପୁଷ୍ଟି ଭଳି ବିଭିନ୍ନ ରୋଗର ଶିକାର ହୋଇଥାଆନ୍ତି। ସୁଷମ ଖାଦ୍ୟ କହିଲେ, ବିଭିନ୍ନ ପନିପରିବା, ଆମିଷ ଦ୍ରବ୍ୟକୁ ଭକ୍ଷଣ କରିବା ବୋଲି ପାରେଙ୍ଗାମାନେ କହିଥାଆନ୍ତି। ସେମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହୋଇ ନ ଥିବାରୁ ସୁଷମ ଖାଦ୍ୟ ପାଇପାରନ୍ତି ନାହିଁ।

**ଶ୍ରମ ବିଭାଜନ :**

କେତେକ କାର୍ଯ୍ୟ ଶ୍ରମ ବିଭାଜନ ଦ୍ୱାରା କରାଯାଇଥାଏ। ଯେ କୌଣସି କାର୍ଯ୍ୟକୁ ଶ୍ରମ ବିଭାଜନ ଦ୍ୱାରା କରାଗଲେ ତାହା ଅତି ସହଜରେ ହୋଇଥାଏ ବୋଲି ପାରେଙ୍ଗାମାନେ କହନ୍ତି। ଉଭୟ ପୁରୁଷ ଓ ମହିଳାଙ୍କ ଦ୍ୱାରା ଶ୍ରମ ବିଭାଜନ ହୋଇଥାଏ। ମହିଳାମାନେ ଜମିରେ ଘାସ ବାଛିବା, ଧାନ କାଟିବା, ଜମିକୁ ଖତ ବୋହିଦେବା ସମୟରେ, ସାମାଜିକ କାର୍ଯ୍ୟକ୍ରମରେ, ଗ୍ରାମର ଲୋକଙ୍କ ଭୋଜିଭାତ ସମୟରେ ଇତ୍ୟାଦି କାର୍ଯ୍ୟକୁ ଶ୍ରମ ବିଭାଜନ ଦ୍ୱାରା କରିଥାଆନ୍ତି। ପୁରୁଷମାନେ ମଧ୍ୟ ସେହିଭଳି ଜମିରେ ଘାସ ବାଛିବା ବେଳେ, ଧାନ କଠାରକୁ ବୋହିବା ବେଳେ, ସାମାଜିକ କାର୍ଯ୍ୟକ୍ରମରେ ଇତ୍ୟାଦି କାର୍ଯ୍ୟକୁ ଶ୍ରମ ବିଭାଜନ ଦ୍ୱାରା କରିଥାଆନ୍ତି। ଜମିରେ ଘାସ ବାଛିବା କାର୍ଯ୍ୟ ଶ୍ରମ ବିଭାଜନ ଦ୍ୱାରା ହୋଇଥିଲେ ଶ୍ରମ ବିଭାଜନରେ ଯୋଗଦାନ ବ୍ୟକ୍ତିକୁ ପାରିଶ୍ରମିକ କିଛି ଦିଆହୁଏ ନାହିଁ। କେବଳ ଜଳଖିଆ ଆକାରରେ କିଛି ଖାଦ୍ୟ ଏବଂ ମଦ୍ୟ ପାନ କରିବାକୁ ଟଙ୍କା ଦିଆଯାଇଥାଏ।

କେତେକଙ୍କ କ୍ଷେତ୍ରରେ ପାରେଙ୍ଗାମାନେ ଶ୍ରମଶକ୍ତିର ଉପଯୋଗ କରିଥାଆନ୍ତି । ଯେଉଁ ପାରେଙ୍ଗାମାନଙ୍କର ଅଧିକ ଜମିଥାଏ ଏବଂ ପରିବାରର କମ୍ ସଦସ୍ୟ ଥାଆନ୍ତି । ସେମାନେ ଶ୍ରମ ସହଯୋଗ ଦ୍ୱାରା କାର୍ଯ୍ୟ କରିଥାଆନ୍ତି । ପାରେଙ୍ଗା ସମାଜରେ ଶ୍ରମ ଶକ୍ତି ବିଭିନ୍ନ ପ୍ରକାର ଯଥା - ବ୍ୟକ୍ତିଗତ ଶ୍ରମ, ପାରିବାରିକ ଶ୍ରମ, ଗ୍ରାମ୍ୟ ଶ୍ରମ ଶକ୍ତି, ଭଡ଼ାଟିଆ ଶ୍ରମ ଇତ୍ୟାଦି । ବ୍ୟକ୍ତିଗତ କାର୍ଯ୍ୟ ପାରେଙ୍ଗାମାନେ ସାଧାରଣତଃ ବ୍ୟକ୍ତିଗତ ଶ୍ରମ ଏବଂ ପାରିବାରିକ ଶ୍ରମ ଦ୍ୱାରା କରିଥାଆନ୍ତି । ସେଥିପାଇଁ କିଛି ପାରିଶ୍ରମିକ ନ ଥାଏ । କିନ୍ତୁ କେତେକ କ୍ଷେତ୍ରରେ ପାରେଙ୍ଗାମାନେ ଗ୍ରାମ୍ୟ ଶ୍ରମଶକ୍ତିର ବ୍ୟବହାର କରିଥାଆନ୍ତି । ଅଧିକ ପରିମାଣରେ ଜମି ଥିଲେ ଶୀଘ୍ର ଶସ୍ୟ ଉତ୍ପାଦନ ପାଇଁ ଗ୍ରାମ୍ୟ ଲୋକମାନଙ୍କ ଶ୍ରମଶକ୍ତି ଦ୍ୱାରା କାର୍ଯ୍ୟ କରିଥାଆନ୍ତି । ଗ୍ରାମ୍ୟ ଶ୍ରମଶକ୍ତିରେ, ନିଯୁକ୍ତ ବ୍ୟକ୍ତିଙ୍କୁ ପାରିଶ୍ରମିକ ଆକାରରେ ଟଙ୍କା କିମ୍ବା ଶସ୍ୟ ଦେଇଥାଆନ୍ତି । ଗ୍ରାମରେ ଗ୍ରାମ୍ୟ ଶ୍ରମଶକ୍ତିର ଅଭାବ ଥିଲେ, ପାରେଙ୍ଗାମାନେ ବାହାର ଗାଁରୁ ମଜୁରିଆ ଲୋକ ଆଣିଥାଆନ୍ତି । ସେମାନଙ୍କୁ ମଧ୍ୟ ପାରେଙ୍ଗାମାନେ ପାରିଶ୍ରମିକ ଦେଇଥାଆନ୍ତି । ପାରେଙ୍ଗା ସମାଜରେ ଯୁବକ ଶୟନାଗାର ନ ଥିଲେ ମଧ୍ୟ ଯେଉଁ ଲୋକଙ୍କ ଘର ଫାଙ୍କା ପଡ଼ିଥାଏ ରାତ୍ରିରେ ଗ୍ରାମର ଯୁବକ ମାନେ ଏକତ୍ରିତ ହୋଇ ସେଠାରେ ଶୋଇଥାଆନ୍ତି ଏବଂ ଗ୍ରାମର ବିଭିନ୍ନ କାର୍ଯ୍ୟ ବିଷୟରେ ଆଲୋଚନା କରନ୍ତି । ଯଦି କୌଣସି ପାରେଙ୍ଗା ଲୋକର କାର୍ଯ୍ୟ ବାକିଥାଏ ତେବେ ଯୁବକମାନେ ଯାଇ କରିଥାଆନ୍ତି । ତାଙ୍କୁ ପାରିଶ୍ରମିକ ଆକାରରେ କିଛି ଟଙ୍କା କିମ୍ବା ଶସ୍ୟ ଦେଇଥାଆନ୍ତି ।

ଗୃହ ନିର୍ମାଣ କ୍ଷେତ୍ରରେ ମହିଳା ଓ ପୁରୁଷ ଉଭୟ କାର୍ଯ୍ୟ କରିଥାଆନ୍ତି ।ଗୃହ ନିର୍ମାଣ କ୍ଷେତ୍ରରେ ମଧ୍ୟ ପୁରୁଷ ଓ ମହିଳା ଶ୍ରମିକ କାର୍ଯ୍ୟ କରନ୍ତି । କୋଠାଘର ନିର୍ମାଣ କ୍ଷେତ୍ରରେ ମିସ୍ତ୍ରୀ କାର୍ଯ୍ୟ କେବଳ ପୁରୁଷମାନେ କରିଥାଆନ୍ତି । ପାରେଙ୍ଗା ମହିଳା ପ୍ରାୟ, ଏହି କାର୍ଯ୍ୟ କରନ୍ତି ନାହିଁ । କୋଠାଘର ନିର୍ମାଣ କ୍ଷେତ୍ରରେ ମିସ୍ତ୍ରୀ ମାନଙ୍କୁ ୧୨୦ ଟଙ୍କା ଦିନକୁ ପାରିଶ୍ରମିକ ଦିଅନ୍ତି ଏବଂ ଶ୍ରମିକମାନଙ୍କୁ ୫୦ ଟଙ୍କା ପାରିଶ୍ରମିକ ଦିଅନ୍ତି । ଠିକାଦାର ରାସ୍ତା ନିର୍ମାଣ କାର୍ଯ୍ୟରେ ମଧ୍ୟ ପୁରୁଷ ଓ ମହିଳାମାନେ କାମ କରିଥାଆନ୍ତି । ଏହି କାର୍ଯ୍ୟରେ ଜଣକୁ ୫୦ ଟଙ୍କା ଲେଖାଏଁ ଦିନକୁ ଦିଆଯାଏ । ପାରେଙ୍ଗାମାନଙ୍କ ଛପର ଘର ନିର୍ମାଣ କାର୍ଯ୍ୟ ପାଇଁ ଗ୍ରାମ୍ୟ ଶ୍ରମ ଶକ୍ତିର ବିନିଯୋଗ କରନ୍ତି । ଏଥିପାଇଁ ୧୦ରୁ ୨୦ ଟଙ୍କା ମଧ୍ୟରେ ପାରିଶ୍ରମିକ ଦେଇଥାଆନ୍ତି । ଦୁଇ / ତିନି ଘଣ୍ଟା କାର୍ଯ୍ୟ କଲେ ପାରେଙ୍ଗାମାନେ ୫ରୁ ୧୦ ଟଙ୍କା ମଧ୍ୟରେ ପାରିଶ୍ରମିକ ଦେଇଥାଆନ୍ତି । କଠିନ କାର୍ଯ୍ୟ, ଯଥା: - କାଠ ହାଣିବା, ଜମିକୁ ହାଣି ସମତଳ କରିବା, ଭାର ବୋହିବା ଇତ୍ୟାଦି କାର୍ଯ୍ୟ ମହିଳାମାନେ କରନ୍ତି ନାହିଁ କଠିନ କାର୍ଯ୍ୟ ସାଧାରଣତଃ ପୁରୁଷମାନେ କରିଥାଆନ୍ତି । କଠିନ କାର୍ଯ୍ୟ କ୍ଷେତ୍ରରେ ଶ୍ରମିକ ନିଯୁକ୍ତି କଲେ, ପାରେଙ୍ଗା ମାନେ ଦିନକୁ କୋଡ଼ିଏ ଟଙ୍କା ପାରିଶ୍ରମିକ ଦେଇଥାଆନ୍ତି । ବୟସ ଏବଂ ଲିଙ୍ଗଭେଦରେ

ଅର୍ଥ ପ୍ରଦାନରେ ମଧ୍ୟ ପାର୍ଥକ୍ୟ ଥାଏ । ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କୁ କମ୍ ପାରିଶ୍ରମିକ ଦିଆଯାଏ । ଧାନ ବାଛିବା କ୍ଷେତ୍ରରେ ପାରେଙ୍ଗା ପୁରୁଷମାନଙ୍କୁ ୨୫ଟଙ୍କା ଦିନକୁ ପାରିଶ୍ରମିକ ଦିଆଯାଉଥିବା ବେଳେ ୨୦ ଟଙ୍କା ଲେଖାଏଁ ମହିଳାମାନଙ୍କୁ ଦିନକୁ ପାରିଶ୍ରମିକ ଦିଆଯାଇଥାଏ । ଧାନ କାଟିବା କ୍ଷେତ୍ରରେ ପାରେଙ୍ଗାମାନେ ଟଙ୍କା ନ ଦେଇ ଧାନ ଆକାରରେ ପାରିଶ୍ରମିକ ଦେଇଥାଆନ୍ତି । ଧାନ କାଟିବା କ୍ଷେତ୍ରରେ ମଧ୍ୟ ପୁରୁଷମାନଙ୍କ ଅପେକ୍ଷା ମହିଳାମାନଙ୍କୁ କମ ପାରିଶ୍ରମିକ ଦିଆଯାଇଥାଏ ।

□□□

# ସାମାଜିକ ବ୍ୟବସ୍ଥା

ସମାଜ ବିନା ମାନବ ବଞ୍ଚିବା କଷ୍ଟକର। ସାମାଜିକ ଜୀବନକୁ ପାରେଙ୍ଗାମାନେ ଶକ୍ତିଶାଳୀ ମାଧ୍ୟମ ଭାବରେ ଗ୍ରହଣ କରିଥାନ୍ତି। ଫଳରେ ଜୀବନ ଶୈଳୀ ତଦନୁଯାୟୀ ପ୍ରତିଫଳିତ ହୋଇଥାଏ। କୌଣସି ସାଧାରଣ ଉଦ୍ଦେଶ୍ୟ ପୂରଣ କରିବା ଲକ୍ଷରେ ବା ଗୋଟିଏ ନିର୍ଦ୍ଦିଷ୍ଟ ପନ୍ଥା ଗ୍ରହଣ କରି ବିଭିନ୍ନ ଗୋଷ୍ଠୀ ସାମୟିକ ଭାବରେ ବା ସ୍ଥାୟୀ ଭାବରେ ଏକତ୍ରିତ ହୋଇ ସଂଗଠନ ଗଢ଼ିଥାନ୍ତି। ଏହା ବ୍ୟତୀତ କେତେକ ସମଷ୍ଟି ସ୍ୱତନ୍ତ୍ର ଭାବରେ କୌଣସି ଗୋଟିଏ ଲକ୍ଷ୍ୟ ହାସଲ ଦିଗରେ ସାମୟିକ ଭାବରେ ସଂଗଠିତ ହୋଇଥାନ୍ତି। ପାରେଙ୍ଗାମାନେ ଉକ୍ତ ସମଷ୍ଟିରେ ସ୍ୱେଚ୍ଛାକୃତ ଭାବରେ ବା ବାଧ୍ୟତାମୂଳକ ନିୟମ ଅନୁସାରେ ସଦସ୍ୟ ହୋଇଥାନ୍ତି। ଉକ୍ତ ସମଷ୍ଟି ଗୁଡ଼ିକରେ କୌଣସି ଦଳପତି ଆବଶ୍ୟକ ପଡନ୍ତି ନାହିଁ ବା କୌଣସି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଲକ୍ଷ୍ୟ ହାସଲ କରିବା ବା କାର୍ଯ୍ୟ ଶେଷ କରିବା ପାଇଁ ସମୟ ସୀମା ଧାର୍ଯ୍ୟ କରାଯାଇ ନଥାଏ। କୌଣସି ଗୋଷ୍ଠୀଗତ କାର୍ଯ୍ୟ ପାଇଁ, ଯଥା :- ବିବାହ, ପାଣିବୋହିବା ଇତ୍ୟାଦି କାମରେ କର୍ମକର୍ତ୍ତାଙ୍କୁ କୌଣସି ଦେୟ ବାବଦକୁ ମଦ, ପେଣ୍ଡମ ସହ ଏକ ଭୋଜିର ଆୟୋଜନ କରାଯାଇଥାଏ। ପାରସ୍ପରିକ ସହଯୋଗ ଦ୍ୱାରା ଖତ ବୁହା କାମ ଅତି ସହଜରେ ଏବଂ ଶୀଘ୍ର ହୋଇପାରିଥାଏ। ଜଣଙ୍କ କାମ ସରିବା ପରେ ଦଳ ବା ଗୋଷ୍ଠୀ ଅନ୍ୟ ସଦସ୍ୟଙ୍କ କାମ କରିଥାନ୍ତି। ସେହିପରି ସାମୟିକ ବା ଅସ୍ଥାୟୀ ଦଳଗୁଡ଼ିକ ହେଲା, ଗ୍ରାମର ସହଯୋଗୀ ଶ୍ରମଗୋଷ୍ଠୀ, ମଦୁଆ ଦଳ, ଖେଳାଳୀ ଦଳ, ଶିକାରୀ ଦଳ, ବଜାର ବା ହାଟ ଯାଉଥିବା ଦଳ (ବ୍ୟକ୍ତିଗତ କିନ୍ତୁ ଦଳ ସହ ଯାତ୍ରା) ଲଢୁଆ ଦଳ, ସମବୟସ୍କ ବ୍ୟକ୍ତିଙ୍କ ଦଳ, ଖାଦ୍ୟ ସଂଗ୍ରହ କାରୀ ଦଳ, ମାଛ ଧରାଳୀ ଦଳ, ବଜାରକୁ ଯାଉଥିବା ଦଳ (ସାମୂହିକ କାର୍ଯ୍ୟରେ), ଧର୍ମୀୟ କର୍ମକର୍ତ୍ତା ଦଳ, ରୋଜଗାରିଆ ଦଳ ନାଚ ଦଳ, ସଂଗୀତକାର ଦଳ ଇତ୍ୟାଦି। ଏହି ସମଷ୍ଟି କିମ୍ବା ଦଳଗୁଡ଼ିକ ବିଷୟରେ ନିମ୍ନରେ ଆଲୋଚନା କରାଗଲା।

ଗ୍ରାମରେ ସହଯୋଗୀ କର୍ମୀଗୋଷ୍ଠୀ - ଗ୍ରାମର କୌଣସି ବ୍ୟକ୍ତିଙ୍କ କାମ ଯଥା - ବିବାହ ଉତ୍ସବରେ ବିଭିନ୍ନ କାର୍ଯ୍ୟ କରିବା ପାଇଁ, ଶ୍ରାଦ୍ଧ କାର୍ଯ୍ୟ ପାଇଁ ତତ୍‌ସହିତ ଖତ

ବୋହିବା, ଧାନ ଲଗାଇବା ଓ ଶବ ସଂସ୍କାର ପାଇଁ କାଠ କାଟିବାରେ ଉଦ୍ଦେଶ୍ୟରେ ଗାଁର ସଦସ୍ୟଙ୍କ ଦ୍ୱାରା ଗୋଟିଏ ଅସ୍ଥାୟୀ ଦଳ ସଂଗଠିତ ହୋଇଥାଏ। ଏଥିରେ ସଂପୃକ୍ତ ବ୍ୟକ୍ତିଙ୍କୁ ସ୍ଥିରୀକୃତ ଦେୟ ଦେବାକୁ ପଡ଼େ ନାହିଁ, କେବଳ କ୍ଷମତା ବା ସୁବିଧା ଅନୁସାରେ ସେ ଗୋଟିଏ ଛୋଟିଆ ଭୋଜି, ମଦ, ପେଣ୍ଡମ ଓ ଅଦି ବେଶୀରେ କୁକୁଡ଼ାଟିଏ ଦେଇଥାନ୍ତି। ମାତ୍ର ଶବ ଦାହ ବେଳେ କାଠ କଟାଳୀ ଦଳକୁ ଭୋଜି ଦିଆଯାଏ ନାହିଁ, କାରଣ ଏହା ଗାଁର ଏକ ମିଳିତ କାର୍ଯ୍ୟ ଓ ପ୍ରତି ସଦସ୍ୟଙ୍କ ସେବା ପରାୟଣତା ଉପରେ ଏହା ଆଧାରିତ। ଏହା ସହିତ କୌଣସି ବ୍ୟକ୍ତିଙ୍କ ଘର ତିଆରି ପାଇଁ ବ୍ୟବହୃତ କାଠ କାଟିବା ଓ ବୋହି ଆଣିବା, ଜାଳେଣି କାଠ ବୋହି ଆଣି କୌଣସି ନିର୍ଦ୍ଦିଷ୍ଟ ଘରେ ଯୋଗାଇଦେବା, ଘର ଛପର ପାଇଁ ପାଳ ନଡ଼ା ବୋହି ଆଣିବା, ଘର ଛପର କରିବା ଏହି ଦଳ ମାଧ୍ୟମରେ ହୋଇଥାଏ। ଏଥିରେ ସଂପୃକ୍ତ ବ୍ୟକ୍ତି ମଦ, ପେଣ୍ଡମ ସହ ଭୋଜି ହିଁ କେବଳ ଦେଇଥାଏ। ପଇସା ଆକାରରେ ପାରିଶ୍ରମିକ ଏହି କାର୍ଯ୍ୟରେ ଦିଆଯାଇ ନାହିଁ।

**ଖେଳାଳୀ ଦଳ :**

ଏହି ସଂପ୍ରଦାୟର ଯୁବକ ଓ କିଶୋରମାନେ ଏବଂ କିଶୋରି ଓ ଯୁବତୀମାନେ ଭିନ୍ନ ଭିନ୍ନ ପ୍ରକାର ଖେଳ ଖେଳିଥାନ୍ତି। କେତେବେଳେ ପରସ୍ପର ଭିତରେ ବିଭିନ୍ନ ଦଳରେ ବିଭକ୍ତ ହୋଇ ପୁଅମାନେ କବାଡ଼ି, ଫୁଟବଲ, ଭଲିବଲ ଏବଂ ବର୍ତ୍ତମାନ ପରିଶେବରେ କ୍ରିକେଟ ଖେଳନ୍ତି ତ ଆଉ କେତେବେଳେ ଅନ୍ୟ ଗାଁ ସହିତ ଏହି ଖେଳର ପ୍ରତିଯୋଗୀତାରେ ଦଳ ଭାବରେ ଭାଗ ନେଇଥାନ୍ତି।

ସେହିଭଳି ଯୁବତୀମାନେ ଦଳ ଦଳ ହୋଇ ଗୀତ ବୋଲନ୍ତି, ଆଖିରେ ପଟିବାନ୍ଧି ଲୁଚୁକାଳି ଖେଳ ଖେଳନ୍ତି। ଏହି ପ୍ରକାରରେ ଦଳବଦ୍ଧ ହୋଇ ଖେଳିବା ହେତୁ ପାରେଙ୍ଗାମାନଙ୍କ ସାମାଜିକ ବିଧି ବ୍ୟବସ୍ଥାରେ ଖେଳାଳି ଗୋଷ୍ଠୀ ଭାବରେ ଏମାନଙ୍କୁ ଗ୍ରହଣ କରାଯାଏ।

**ଶିକାରୀ ଦଳ :**

ପାରେଙ୍ଗାମାନେ ବିଭିନ୍ନ ପର୍ବରେ ଗୋଷ୍ଠୀ ଶିକାର କରିବା ପାଇଁ ଗଲାବେଳେ ଶିକାରୀ ଦଳ ଗଢ଼ିଥାନ୍ତି। ଏହାର ସ୍ଥାୟୀତ୍ୱ କିଛି ନଥାଏ। ଏକାକୀ ଶିକାର କରିବା ଅପେକ୍ଷା ଗୋଷ୍ଠୀରେ ରହି ଶିକାର କରିବାର ମହତ୍ତ୍ୱ ଓ ଉପଯୋଗୀତା ସେମାନେ ଅଧିକ ଉପଲବ୍ଧି କରିଥିବା ହେତୁ ଏହିଭଳି ଅସ୍ଥାୟୀ ଶିକାର ଦଳ ଗଠନ କରିଥାନ୍ତି। ଯେପରି କୋରାପୁଟ ଜିଲ୍ଲାର ବଡ଼ ପର୍ବ ଚଇତି ପରବରେ ଏମାନେ ଶିକାର ଉଦ୍ଦେଶ୍ୟରେ ଦଳ ଗଠନ କରନ୍ତି ଏବଂ ଏହି ପର୍ବ ଶେଷରେ ଏହି ଦଳ ଆପେ ଆପେ ଭାଙ୍ଗି ଯାଇଥାଏ।

**ହାଟୁଆ ଦଳ :**

ଜଙ୍ଗଲ ମାନଙ୍କରେ ଜନବସତିଠାରୁ ଦୂରରେ ଏକ ସାଧାରଣ ସ୍ଥାନରେ ସାପ୍ତାହିକ ହାଟ ବସେ । ଏହି ହାଟରୁ ଘର ପାଇଁ ସଉଦା ଆଣିବା ପାଇଁ ଯାଉଥିବା ଦଳଙ୍କୁ ହାଟୁଆ ଦଳ କହନ୍ତି । ଏମାନେ ସାଧାରଣତଃ ଦଳବଦ୍ଧ ଭାବରେ ଯାଆନ୍ତି । ନିଜ ଘରର ସଉଦା ଆଣିବା ସଙ୍ଗେ ସଙ୍ଗେ ପଡ଼ିଶାମାନଙ୍କର ସଉଦା ମଧ୍ୟ ଆଣିଥାନ୍ତି । ଏହା ବିଧିବଦ୍ଧ ଦଳ ନୁହେଁ। ଆବଶ୍ୟକତା ଅନୁସାରେ ଏହି ଦଳ ସଦସ୍ୟମାନେ ପରିବର୍ତ୍ତିତ ହୋଇଥାନ୍ତି ।

**ସମୟବୟସ୍କ ବ୍ୟକ୍ତିଙ୍କ ଦଳ :**

କୌଣସି ସ୍ୱତନ୍ତ୍ର ବା ନିର୍ଦ୍ଦିଷ୍ଟ ପ୍ରକାର କାମ କରିବାକୁ ସମାନ ବୟସର ବ୍ୟକ୍ତି ଏକ ଦଳ ଗଠନ କରିଥାନ୍ତି। ଯାତ୍ରାକୁ ଯାଉଥିବା ଦଳ(ଯୁବକ ଦଳ), ହାଟକୁ ପୋଷାକ ପାଇଁ ଯାଉଥିବା ଦଳ କନ୍ୟା ଦେଖିବାକୁ ଯାଉଥିବା, ଯୁବକ ଦଳ, ଯାତ୍ରା ଦେଖିବାକୁ ଯାଉଥିବା ଯୁବତୀ ଦଳ ସମବୟସ୍କ ଦଳର ଅନ୍ତର୍ଭୁକ୍ତ।

**ଖାଦ୍ୟ ଶସ୍ୟ ସଂଗ୍ରହକାରୀ ଦଳ:**

ଧାନ ମାଣ୍ଡିଆ ଆଦି ଅମଳ ସମୟରେ ଶସ୍ୟ ବୋହି ଆଣି କୋଠାର ବା ଧାନ ଖଳାରେ ଜମା କରିବା ପର୍ଯ୍ୟନ୍ତ ଏକ ଅସ୍ଥାୟୀ ଦଳ ଗଠନ କରାଯାଇଥାଏ । ଏମାନଙ୍କୁ ଶସ୍ୟ ସଂଗ୍ରହକାରୀ ଦଳ (ଭାରାବୋହୁ) କୁହାଯାଏ। ଏମାନଙ୍କ ସଂଖ୍ୟା ପାଞ୍ଚରୁ ପନ୍ଦର ପର୍ଯ୍ୟନ୍ତ ହୋଇଥାଏ।

**ମାଛ ଧରାଳୀ ଦଳ :**

ମାଛ ଧରିବା ପାଇଁ ସାମୟିକ ତଥା ଅସ୍ଥାୟୀ ଭାବରେ କେତେକ ଲୋକ ଏକତ୍ରିତ ହୋଇ ଦଳ ଗଠନ କଲେ ତାକୁ ମାଛ ଧରାଳୀ ଦଳ କୁହାଯାଏ। ଏମାନଙ୍କର ସ୍ଥାୟିତ୍ୱ ନାହିଁ। ମାଛ ଧରିବା କାମ ପରେ ସେମାନଙ୍କ ସଦସ୍ୟତା ଶେଷ ହୁଏ।

**ଧର୍ମୀୟ କର୍ମକର୍ତ୍ତାଙ୍କ ଦଳ :**

ପାରେଙ୍ଗା ଗାଁରେ ନିଶାନି ମୁଣ୍ଡା, ବଡ଼ି ଦେବତା ପୋଡ଼ମରା, ଛେଳିମରା (ଭଣ୍ଡି ଶୀତଳାନି) ଇତ୍ୟାଦି ପର୍ବପର୍ବାଣିରେ ପୂଜା ପାଠ (ବିରୁ) କରିବା ପାଇଁ ସ୍ଥାୟୀ କର୍ମକର୍ତ୍ତା ପୂଜାରୀ (ଶିଷା ପୂଜାରୀ) ନାୟକ, ବାରିକ, ୱାର୍ଡ଼ମେମ୍ବରଙ୍କୁ ନେଇ ଅନ୍ୟାନ୍ୟ ଭଦ୍ରବ୍ୟକ୍ତିଙ୍କ ସହ ଆଲୋଚନା ସମୟ ନିର୍ଦ୍ଧାରଣ, ଚାନ୍ଦା ଭେଦା ନିର୍ଦ୍ଧାରଣ ଓ ଆଦାୟ ଇତ୍ୟାଦି କାର୍ଯ୍ୟ ହୋଇଥାଏ। ଏହି ଦଳରେ ପୂଜାରୀ, ଦିଶାରୀ ଛେଳି ମାରିବା ବା ପୋଡ଼ ମାରିବା ସଦସ୍ୟ, ବାରିକ ଓ ନାୟକ ସ୍ଥାୟୀ ସଦସ୍ୟ ଅଟନ୍ତି।

**ରୋଜଗାରିଆ ଦଳ :**

ପାରେଙ୍ଗାମାନେ କୌଣସି ଗୋଷ୍ଠୀଗତ ବା ଗାଁର ସାମୂହିକ କାମ ପାଇଁ ବା ଶେଷରେ ପାରିଶ୍ରମିକ ବାଣ୍ଟି ନେବା ପାଇଁ ବା ଗୋଷ୍ଠୀଗତ କିମ୍ବା ଗାଁର ସାମୂହିକ କାର୍ଯ୍ୟରେ ପୁଞ୍ଜି ବିନିଯୋଗ କରିବାକୁ ଦରକାରୀ ଅର୍ଥ ସଂଗ୍ରହ କରିବା ପାଇଁ କେତେକ କାମ ଠିକା ନେଇ ଦଳ ମାଧ୍ୟମରେ ଏକତ୍ର କାମ କରିଥାନ୍ତି । ଏହାକୁ ଠିକା (ଗୁଣାକାମ୍) କୁହାଯାଏ । ଏହା ଏକ ଅସ୍ଥାୟୀ ଦଳ ଅଟେ । କାର୍ଯ୍ୟ ଶେଷପରେ ଏହି ଦଳ ଭାଙ୍ଗିଯାଇଥାଏ ।

**ନାଚଦଳ :**

ପର୍ବପର୍ବାଣି ଓ ଅନ୍ୟାନ୍ୟ ଆମୋଦପ୍ରମୋଦ ବେଳେ ଗୋଷ୍ଠିଗତ ନାଚ ପାଇଁ ଗଠିତ ଦଳକୁ ନାଚ ଦଳ କୁହାଯାଏ । ପାରେଙ୍ଗା ସଂପ୍ରଦାୟ ଭିତରେ ଢେମ୍‌ସାନାଚ, ଗତରନାଚ, କାଠିନାଚ (ଲାଟିନାଟ୍) ଇତ୍ୟାଦି ନାଚ ଦଳ ବା ସମଷ୍ଟିଗତ ନାଚର ଉଦାହରଣ ଦେଖିବାକୁ ମିଳେ ।

**ସଂଗୀତକାର ଦଳ :**

ସେମାନେ ମଜାମଜ୍‌ଲିସ୍ ଓ ଥଟ୍ଟାତାମସାକୁ ଭାରି ପସନ୍ଦ କରନ୍ତି । ଗୀତ ପ୍ରତିଯୋଗିତା ପାଇଁ ଯୁବକ ଓ ଯୁବତୀମାନଙ୍କୁ ନେଇ ଦୁଇଟି ଦଳ ପ୍ରତିଷ୍ଠିତ ହୋଇଥାଏ । ସେମାନେ ପ୍ରତିଯୋଗୀତାମୂଳକ ଗୀତ ମାଧ୍ୟମରେ ପରସ୍ପରକୁ ପ୍ରଶ୍ନ, ଯୁକ୍ତି, ଉତ୍ତର ଆଦି ପରିପ୍ରକାଶ କରିଥାନ୍ତି । ଏହି ଗୀତ ସମୂହକୁ ସାଂକଡ଼ି ଗୀତ, ଚଇତି ପରବ ଗୀତ, ଡାଲମାଲିଆ ଗୀତ, କିନ୍ଦରୀ ଗୀତ୍, ରାଇବାଡ଼ିଆ ଗୀତ ଇତ୍ୟାଦି କହିଥାନ୍ତି ।

**ପରିବାର :**

ସେମାନଙ୍କ ଗୋଷ୍ଠୀରେ ପରିବାର ହେଉଛି ଏକ ସାମାଜିକ ଅନୁଷ୍ଠାନ ଓ ଏକ ସ୍ଥାୟୀ ସାମାଜିକ ସଂଗଠନ । ପରିବାର କହିଲେ ସ୍ୱାମୀ, ସ୍ତ୍ରୀ, ପିଲାଛୁଆ ଓ ଜେଜେ ବାପା ଜେଜେମା ବା ପରିବାର ମୁଖ୍ୟଙ୍କ ବାପା ମା ଇତ୍ୟାଦିଙ୍କୁ ବୁଝାଏ । ରୋଜଗାରକ୍ଷମ ଥିବା ପର୍ଯ୍ୟନ୍ତ ଯିଏ ପରିବାର ପରିଚାଳନା ଦାୟିତ୍ୱ ନେଇଥାନ୍ତି ସେ ପରିବାରର ମୁଖ୍ୟ । ପରେ ଭିନ୍ନ ହୋଇ ନୂଆଘର ବଡ଼ପୁଅ ପାଇଁ ତିଆରି ହୁଏ ଏବଂ ନୂତନ ପରିବାର ସୃଷ୍ଟି ହୁଏ । ତେଣୁ ବେଶୀ ସଂଖ୍ୟାରେ ମୌଳିକ ପରିବାର ହିଁ ଦେଖିବାକୁ ମିଳେ । ଦୁଇରୁ ଅଧିକ ପୁତ୍ର ସନ୍ତାନ ଥିଲେ ସମସ୍ତ ବଡ଼ ପୁଅ ବା ସାନ ପୁଅକୁ ଛାଡ଼ି ସମସ୍ତଙ୍କ ପାଇଁ ନୂଆ ଘର ତିଆରି ହୁଏ ଓ ନୂତନ ପରିବାର ସୃଷ୍ଟି ହୁଏ । ସବା ସାନ ପୁଅ ସେହି ପୁରୁଣା ଘର ଥିବା ଜାଗାରେ ବାପା ମାଆଙ୍କ ସହିତ ପରିବାର କରି ରହେ । ଅଧିକାଂଶ ଲୋକ ଭିନ୍ନେ ହେଲା ପରେ ବାପ ମାଆଙ୍କ ସୁଖ

ଦୁଃଖ ବୁଝନ୍ତି ନାହିଁ। ସବା ସାନ ପୁଅକୁ ହିଁ ବାପା ମାଆଙ୍କର ଦାୟିତ୍ୱ ବୁଝିବାକୁ ପଡ଼ିଥାଏ। ଅର୍ଥାତ୍ ଯଦି ସାନ ପୁଅ ବି ବାପା ମାଆଙ୍କର ବିଶ୍ୱାସଭାଜନ ସାହା ଭରସା ନ ହେଲା ତେବେ ବୁଢ଼ାବୁଢ଼ୀ ବାପା ମାଆ ସାମର୍ଥ୍ୟ ଥିବା ପର୍ଯ୍ୟନ୍ତ ଅଲଗା ରୋଷେଇ କରି ଖାଇଚଳନ୍ତି । ପୂର୍ବକାଳରେ ଦୁଇଟି ଲେଖାଏଁ ପତ୍ନୀ ବାହା ହେବାର ପରମ୍ପରା ଥିଲା । ଯଦି ଦୁଇଟି ପତ୍ନୀ ମଧ୍ୟରେ ଭଲ ପଟ୍ଟୁ ନଥିବ ତାହା ହେଲେ ଦୁଇଟି ପତ୍ନୀ ପାଇଁ ଦୁଇଟି ଘର ଓ ପ୍ରତି ପତ୍ନୀର ସନ୍ତାନ ସନ୍ତତି ନେଇ ପୃଥକ ରହନ୍ତି। ଏହି ଦୁଇ ପରିବାରରେ ଭରଣପୋଷଣ ଦାୟିତ୍ୱ ଦୁଇପତ୍ନୀର ସ୍ୱାମୀ ବହନ କରିଥାଏ। କେତେକ ସ୍ଥଳେ ସେହି ଦ୍ୱିପତ୍ନୀକ ସ୍ୱାମୀ ଜଣେ ସ୍ତ୍ରୀକୁ ସାହାଯ୍ୟ ସହଯୋଗ ନ କଲେ ପରିବାର ତାଙ୍କ ବାପା ମାଆ ସହ ନିଜଜନ୍ମିତ ସନ୍ତାନ ସନ୍ତିତଙ୍କ ଭରଣ ପୋଷଣ ନିଜ ପାରିଶ୍ରମିକ ଓ ନିଜ ଶାଶୁ ଶ୍ୱଶୁରଙ୍କ ଉପାର୍ଜନ ଦ୍ୱାରା ହୋଇଥାଏ। ଯେଉଁ ପରିବାରରେ ପିତାମାତା ମରିଯାଇଥାନ୍ତି ତାଙ୍କ ଜନ୍ମିତ ସନ୍ତାନସନ୍ତତି ଯଦି ଜେଜେବାପା ମାଆଙ୍କ ଜୀବନ ଥିବା ପର୍ଯ୍ୟନ୍ତ ପାଳିତ ହୋଇଆସୁଥିଲେ ବା ଅନ୍ୟ ସଂପର୍କୀୟଙ୍କ ଦ୍ୱାରା ଶୈଶବରୁ ପାଳିତ ହୋଇ ନିଜ ଗୋଡ଼ରେ ନିଜେ ଠିଆ ହେବା ପର୍ଯ୍ୟନ୍ତ ରହି ଆସିଥିଲେ ଏବଂ ବର୍ତ୍ତମାନ ନିଜେ ରୋଜଗାର କରି ନିଜକୁ ଭରଣ ପୋଷଣ କରୁଛନ୍ତି ତାହାହେଲେ ଏମିତି ପିତୃମାତୃ ହୀନ ପରିବାର ଦେଖିବାକୁ ମିଳେ।

ପରିବାରରେ ଜେଜେବାପା ବୃଦ୍ଧ ଓ ଅସମର୍ଥ୍ୟ ହେଲେ ବାପା ପରିବାର ଚଳାଇବା ଦାୟିତ୍ୱ ନିଅନ୍ତି। ବାପା ହିସାବରେ ସେ ପିଲାମାନଙ୍କ କଥା, ଘରର ଅନ୍ୟ ଲୋକଙ୍କ କଥା, ବୃଦ୍ଧ ପିତାମାତା ଓ ସ୍ତ୍ରୀଙ୍କ ଦୁଃଖ ସୁଖ ଭଲମନ୍ଦ, ରୋଗ ବେମାର, ଜ୍ୱର ଯନ୍ତ୍ରଣା ଇତ୍ୟାଦି କଥା ବୁଝନ୍ତି। ପରିବାର ଭରଣ ପୋଷଣ ପାଇଁ ଆୟ ବ୍ୟୟ କଥା ସେ ବୁଝନ୍ତି। ସନ୍ତାନ ସନ୍ତତିମାନଙ୍କ ଜଣେ ଜଣେ ଦକ୍ଷ ତଥା କାର୍ଯ୍ୟକ୍ଷମ ଦକ୍ଷତା ବ୍ୟକ୍ତି ଭାବରେ ଭବିଷ୍ୟତରେ ଠିଆ ହେବା ଉଦ୍ଦେଶ୍ୟରେ ବିଭିନ୍ନ ଗୃହକର୍ମ କୃଷି ଗୋରୁ ଚରାଇବା ଇତ୍ୟାଦି ବିଷୟରେ ତାଲିମ ପ୍ରଦାନ କରିଥାନ୍ତି। ମାଆ ହିସାବରେ ଜଣେ ପାରେଙ୍ଗା ମହିଳା, ଗୃହକର୍ମ, ପିଲାଛୁଆଙ୍କ ଯତ୍ନ, ଜାଳେଣି କାଠ ସଂଗ୍ରହ, ଚଷ କ୍ଷେତରେ ଘାସ ବାଛିବା, ଶସ୍ୟ କାଟିବା, ଶସ୍ୟତଳି ଲଗାଇବା ଇତ୍ୟାଦି କାମ ସହ ଝିଅ ପିଲାମାନଙ୍କୁ ଭବିଷ୍ୟତରେ ମା'ର କାର୍ଯ୍ୟଦକ୍ଷତା ଅନୁରୂପ କାର୍ଯ୍ୟ କରିବା ପାଇଁ ଛୋଟ ବେଳରୁ ନିଜେ କରୁଥିବା କାମ ପ୍ରତି ତାଲିମ ପ୍ରଦାନ କରିଥାଏ। ଜଣେ ସ୍ତ୍ରୀ ବା ମା ହିସାବରେ ଜଣେ ପାରେଙ୍ଗା ମହିଳାର କାର୍ଯ୍ୟରେ ବିଶେଷ ପାର୍ଥକ୍ୟ ଦେଖାଯାଏ ନାହିଁ। ଅର୍ଥାତ୍ ପରିବାରର ଜଣେ ମା ହିସାବରେ ଯାହା କରିଥାଏ ପରିବାରର କାମ, ଠିକ୍ ଜଣେ ସ୍ତ୍ରୀ ହିସାବରେ ମଧ୍ୟ ତଦନୁରୂପ କାମ କରିଥାଏ। ପାରେଙ୍ଗା ସଂପ୍ରଦାୟରେ ଜଣେ ଅବିବାହିତ ଝିଅ ପରିବାରର ସ୍ତ୍ରୀ ଲୋକମାନେ କରୁଥିବା କାମ କରନ୍ତି ବା ତାଙ୍କୁ ସାହାଯ୍ୟ କରନ୍ତି। ଛୋଟ ଛୋଟ ପିଲାଙ୍କୁ ଖେଳାନ୍ତି ବା ଯତ୍ନ ନିଅନ୍ତି। ପରିବାରର ଅନ୍ୟ ସ୍ତ୍ରୀ

ଲୋକ କରୁଥିବା କାମ, ଯଥା:- ରୋଷେଇ, ଜଂଗଲରୁ ଜାଳେଣି କାଠ ସଂଗ୍ରହ, ଚାଷ କ୍ଷେତ୍ରରେ ଘାସ ବାଛିବା, ଫସଲର ତଳି ଲଗାଇବା ଇତ୍ୟାଦି କାମ କରିଥାନ୍ତି। କିଛି ଆର୍ଥିକ ଉପାର୍ଜନ କରି ଆଣିଲେ ବା ମୂଲ ଲାଗି, କୌଣସି ଦ୍ରବ୍ୟ ସଂଗ୍ରହ କରି ବିକ୍ରି କରି କିଛି ଅର୍ଥ ଉପାର୍ଜନ କରି ଆଣିଲେ ତାହା ଘରର ମୁରବିଙ୍କୁ ପ୍ରଦାନ କରନ୍ତି। ଘରର ବା ପରିବାରର ପ୍ରତି ସଦସ୍ୟ ଘର ଚଳାଇବା ପାଇଁ ମୁରବିଙ୍କୁ ସାହାଯ୍ୟ କରନ୍ତି। ଜଣେ ବିଧବା ସ୍ତ୍ରୀଙ୍କୁ ପରିବାରରେ ଅନ୍ୟଦୃଷ୍ଟିରେ ଦେଖନ୍ତି ନାହିଁ। ବିଧବା (ରାଣ୍ଡି) ସ୍ତ୍ରୀ ଲୋକ ବି ଅନ୍ୟ ସ୍ତ୍ରୀଙ୍କ ପରି ସମାନ ଅଧିକାର ଓ କର୍ତ୍ତବ୍ୟ ଗ୍ରହଣ କରିବାକୁ ପଡ଼ିଥାଏ। ସେ ମଧ୍ୟ ପରିବାରରେ ଅନ୍ୟ ସଦସ୍ୟଙ୍କ ପରି ଭରଣ ପୋଷଣ ନିମନ୍ତେ ସାହାଯ୍ୟ କରେ। ଆବଶ୍ୟକସ୍ଥଳେ ପାରେଙ୍ଗାମାନେ ଜଣେ ବିଧବା ସ୍ତ୍ରୀ ଲୋକଙ୍କୁ ଅଧିକ ସହାନୁଭୂତି ପ୍ରଦାନ କରିଥାନ୍ତି। ପରିବାରରେ ସମସ୍ତ ସଦସ୍ୟଙ୍କୁ ନ୍ୟସ୍ତ କାର୍ଯ୍ୟକ୍ରମ ବା କର୍ତ୍ତବ୍ୟ ପରିଚାଳନା କରିବାକୁ ପଡ଼ିଥାଏ ସମସ୍ତ ସଦସ୍ୟଙ୍କୁ ନ୍ୟସ୍ତ କାର୍ଯ୍ୟକ୍ରମ ବା କର୍ତ୍ତବ୍ୟ ପରିଚାଳନା କରିବାକୁ ପଡ଼ିଥାଏ ସମସ୍ତ ସଦସ୍ୟଙ୍କ ଗୋଟିଏ ଉଦ୍ଦେଶ୍ୟ ପରିବାର ଭରଣପୋଷଣ। ତେଣୁ ସମସ୍ତ ସଦସ୍ୟ କାମ କରି ପରିବାର ମୁଖ୍ୟଙ୍କୁ ସାହାଯ୍ୟ କରିବାକୁ ପଡ଼େ। ତେଣୁ ସ୍ତ୍ରୀ ଲୋକମାନେ ନିଜର ନ୍ୟସ୍ତ କାର୍ଯ୍ୟ ଯଥା- ଗୃହକର୍ମ, ଚାଷକ୍ଷେତ୍ରର କାମ କରିଥାନ୍ତି। ପୁରୁଷ ପିଲାଙ୍କ ମଧ୍ୟରେ ହଳ କରିବା ଶସ୍ୟ ବୁଣିବା, ହାଟବଜାର ଗୋରୁ ଚରାଇବା କାର୍ଯ୍ୟବାଣ୍ଟି ନେଇଥାନ୍ତି। ବୃଦ୍ଧ, ବୃଦ୍ଧାମାନେ ପିଲାଛୁଆଙ୍କୁ ଖେଳାଇବା ବା ପରିବାରର ଲୋକେ କାମକୁ ବାହାରିଲେ ସେମାନଙ୍କ ଯତ୍ନ ନେବା ଗୋରୁ ଚରାଇବା, ଘର ଜଗିବା, ଶସ୍ୟ କ୍ଷେତ୍ର ଜଗିବା ଇତ୍ୟାଦି କାମ କରିଥାନ୍ତି। ଉପରୋକ୍ତ କାର୍ଯ୍ୟାବଳୀ ଅନୁସାରେ ପାରେଙ୍ଗାମାନେ କୃଷିଜୀବୀ ଓ ଜଂଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରୁଥିବାରୁ ପରିବାର ପ୍ରତିପୋଷଣ ପାଇଁ ସେମାନେ କୃଷି କାର୍ଯ୍ୟରେ ବିଶେଷ ଧ୍ୟାନ ଦେଇଥାନ୍ତି। କୃଷିରୁ ଉପାର୍ଜିତ ଖାଦ୍ୟଶସ୍ୟ ବିକି ଅର୍ଥ ଉପାର୍ଜନ କରି ପରିବାର ନିମନ୍ତେ ଆବଶ୍ୟକୀୟ ଖର୍ଚ୍ଚ କରନ୍ତି। ପୁଣି ଜଂଗଲଜାତ ଦ୍ରବ୍ୟ ସଂଗ୍ରହ କରି ବିକି ଓ ଅର୍ଥକରି ଫସଲରୁ ଅର୍ଥ ଉପାର୍ଜନ କରି ପରିବାରର ଆବଶ୍ୟକତା ପୂରଣ କରିଥାନ୍ତି। ଏଥିପାଇଁ ଉପରଲିଖିତ ଭାବରେ ପରିବାରର ମୁଖ୍ୟ ଘରର ପିଦରଦେବତା ଓ ଦେବଦେବୀଙ୍କୁ ପର୍ବପର୍ବାଣିରେ ପୂଜା କରନ୍ତି। ଘରର ମା'ମାନେ ଧୂପ ଦେଇ ପୂଜା କରନ୍ତି। ବିଶେଷ କରି ମା'ମାନେ ନିଜ ପରିବାର ପୂର୍ବପୁରୁଷଙ୍କ ପାଇଁ ତାଙ୍କ ପ୍ରେତାତ୍ମାଙ୍କୁ ନିର୍ଦ୍ଦିଷ୍ଟ ବାର, ସପ୍ତାହ କିମ୍ବା ମାସକୁ ଭାତ ରାନ୍ଧି, ଗାଧୋଇ ସାରି ତର୍କାରୀ, ଡାଲି ଆଦି ନ ପକାଇ ଖାଲି ଭାତ ପଣସ, ପତ୍ର ନେଇ ପତ୍ର ଉପରେ ଭାତ ରଖନ୍ତି ଧୂପ ଦେଇ ମନ୍ତ୍ରପାଠ କରି ଫେରି ଆସନ୍ତି। ଭାତ ପଣସ ପତ୍ରରେ ରଖିବା ପୂର୍ବରୁ ସ୍ଥାନଟିରେ ଗୋବରରେ ଲିପାଯାଏ ଓ ପଣସ ପତ୍ର ରଖି ଧୂପ ଦେଇ ପୂଜା କରି ଭାତ ରଖି ଫେରି ଆସନ୍ତି। ଏହାକୁ 'ବାନାବିରାନି କୁହାଯାଏ। ଏହା ସାଧାରଣତଃ ମଶାଣୀ ଯିବା ରାସ୍ତାରେ କରାଯାଏ ।

ପରିବାରରେ ବୟୋଜେଷ୍ଠ ବ୍ୟକ୍ତିଙ୍କ ନୀତିନିୟମ ମାନି ଚଳିବାକୁ ପଡ଼ିଥାଏ। ତାଙ୍କ ପରାମାର୍ଶ ଅନୁଯାୟୀ ପରିବାର କାମ କରାଯାଇଥାଏ । ତାଙ୍କ ବରାଦ ଅନୁସାରେ ପରିବାରର ସମସ୍ତ ସଦସ୍ୟ ଶ୍ରମର ବିଭାଜନ ଅନୁଯାୟୀ ପୁରୁଷଙ୍କ କାମ ପୁରୁଷମାନେ ଓ ସ୍ତ୍ରୀ ଲୋକଙ୍କ କାମ ସ୍ତ୍ରୀ ଲୋକମାନେ କରିଥାନ୍ତି। ଗୋଟିଏ ପରିବାରରେ ସ୍ୱାମୀ-ସ୍ତ୍ରୀ, ପୁଅ, ବୋହୁ, ଝିଅ-ନାତି ଇତ୍ୟାଦିଙ୍କ ସହ ପରିବାରର ମୁଖ୍ୟ ବା ବୟେଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ସହ ଉତ୍ତମ ସଂପର୍କ, ବୁଝାମଣା ରହିଥାଏ। ପରିବାର ମୁଖ୍ୟଙ୍କ ପରାମର୍ଶ ଅନୁସାରେ ପରିବାରର ସମସ୍ତ ସଦସ୍ୟ କାମ କରିଥାନ୍ତି। କେତେକ ସ୍ଥଳେ ସାବତ ମା'ଙ୍କ ସହ ଓ ସାବତ ଭାଇମାନଙ୍କ ସହ କଳିଝଗଡ଼ା ଦେଖାଯାଉଥିଲେ ମଧ୍ୟ କେତେକ କ୍ଷେତ୍ରରେ ଉତ୍ତମ ବୁଝାମଣା ସାହାଯ୍ୟ ସହଯୋଗ କରୁଥିବା ଦେଖାଯାଏ। ପାରେଙ୍ଗା ଗୋଷ୍ଠୀରେ ବାପା ମା ପୁଅ ବୋହୁ ସହ ଯେଉଁ ପରିବାର ଉତ୍ତମ ବୁଝାମଣା ସହ ସୁଖ ଶାନ୍ତିରେ ପରିବାର ପରିଚାଳିତ ହେଉଥାଏ ତାଙ୍କୁ ଆଦର୍ଶ ପରିବାର ଅନ୍ତର୍ଭୁକ୍ତ କରାଯାଇପାରେ। ଏହା କେତେକ ଶିକ୍ଷିତ ପାରେଙ୍ଗା ପରିବାରରେ ଦେଖାଯାଏ।

**ବଂଶ / କୁଟୁମ୍ବ :**

ବଂଶ କହିଲେ ପାରେଙ୍ଗା ଗୋଷ୍ଠୀରେ ଗୋଟିଏ ନିର୍ଦ୍ଦିଷ୍ଟ ସଂକେତ ଦ୍ୱାରା ଚିହ୍ନିତ ଗୋଷ୍ଠୀଙ୍କୁ ବୁଝାଏ। ଏହା ସୂର୍ଯ୍ୟ, ବାଘ, ଚିଲ, ନାଗ, ହନୁମାନ ଇତ୍ୟାଦି। ପାରେଙ୍ଗା ଗୋଷ୍ଠୀ ବ୍ୟତିତ ଅଲଗା ଗୋଷ୍ଠୀ ମଧ୍ୟରେ ସୂର୍ଯ୍ୟ -ଖରା, ନାଗ-ହନ୍ତାଳ, ହନୁ-ଗୋଲରୀ, ଚିଲ-ପାଙ୍ଗି, ଗୋରୁ-ଶୁକ୍ରି ଇତ୍ୟାଦି ବଂଶ ଅଛି । ଏକ ବଂଶ ହୋଇଥିଲେ ଭାଇ ବୋଲି ମାନନ୍ତି ଓ ଏକ ବଂଶ ମଧ୍ୟରେ ବିବାହ ନିଷିଦ୍ଧ ଅଟେ। ବଂଶ ବା ଗୋଷ୍ଠୀର ଲୋକ ମଧ୍ୟରେ ଅଧିକ ସଂପର୍କ ତଥା - ବିବାହ, ଶ୍ରାଦ୍ଧ ଓ ପିଲାଜନ୍ମ ଏକୋଶିଆ ସମୟରେ ସ୍ୱତନ୍ତ୍ର ପ୍ରକାର କାର୍ଯ୍ୟ ଓ ଧାନ ନୂଆ ଖାଇ, ଆମ୍ବ ଖାଇ କଖାରୁ ନୂଆଖାଇ (ବାନ୍ଦାପାନ ପରବ) ଇତ୍ୟାଦିରେ ନିଜ ନିକଟ ରକ୍ତ- ସଂପର୍କୀୟଙ୍କ ମଧ୍ୟରେ ନୂଆ ଚରୁ ଖାଇଥାନ୍ତି। ଏହି ନୂଆଖାଇ ଚେରୁ ପାରେଙ୍ଗାମାନଙ୍କ ନିଜ ରକ୍ତ ସଂପର୍କୀୟଙ୍କ ଛଡ଼ା ଅନ୍ୟ ବଂଶ ବା କୁଟୁମ୍ବଙ୍କୁ ଦିଅନ୍ତି ନାହିଁ। ସୂର୍ଯ୍ୟ -ଖରା, ଚିଲ -ପାଙ୍ଗି ଇତ୍ୟାଦି ନିଜ ନିଜ ବଂଶରେ ହିଁ ନିଜ କୁଳର କାର୍ଯ୍ୟ କରିଥାନ୍ତି।

**ବଂଶର ଗଠନ :**

ସେମାନେ ଧରି ନିଅନ୍ତି ଯେ ଗୋଟିଏ ବଂଶରେ ଅନେକ ପରିବାର ଥାଏ। ଯେପରିକି ଗୋଟିଏ ପରିବାରର ମନେକର ତିନି / ଚାରି ଭାଇ ଜନ୍ମ ହୋଇ ସେମାନେ ଭିନ୍ନେ ହୋଲାପରେ ସେମାନଙ୍କର ତିନି / ଚାରି ଭାଇ ବା ମୋଟରେ ସାତ ଆଠ ଭାଇ ଜନ୍ମ ହେଲେ ଏହିପରି ଗୋଟିଏ ପରିବାରର ରକ୍ତ ସଂପର୍କୀୟମାନଙ୍କ ପୁଅନାତି ବେଳକୁ ସଂଖ୍ୟା

ବୃଦ୍ଧି ହୋଇ ଗୋଟିଏ ଗୋଷ୍ଠୀର ସୃଷ୍ଟି ହୁଏ ଏହାକୁ ମୂଳ ପରିବାରର କୁଳ ଅନୁଯାୟୀ ସୂର୍ଯ୍ୟ କି ନାଗ କି ଚିଲ ଆଦି ନାମିତ କରାଯାଇଥାଏ। ଏହିପରି ବଂଶର ସୃଷ୍ଟି ହୋଇଥାଏ। ନିର୍ଦ୍ଦିଷ୍ଟ କୁଳ ନିଜ ନିଜର ବଂଶର ସଂକେତକୁ ଦେବତା (ଇଷ୍ଟଦେବତା) ଭାବରେ ମାନ୍ୟ କରନ୍ତି ସେହି ହିସାବରେ ସେମାନେ ସୂର୍ଯ୍ୟମୁଖୀ-ଫୁଲକୁ ସୂର୍ଯ୍ୟବଂଶର ଲୋକ ଛିଣ୍ଡାନ୍ତି ନାହିଁ। ସୂର୍ଯ୍ୟ ମୁଖୀ ଫୁଲ ଛୁଇଁବା ଓ ସୂର୍ଯ୍ୟ ମୁଖୀ ତେଲ ଖାଇବା ନିଷିଦ୍ଧ ଅଟେ। ସେହିପରି ହନ୍ତାଳ ବଂଶର ଲୋକ ନାଗ ସାପକୁ, ଗୋଲରୀ ବଂଶ ହୁନୁକୁ ପାଙ୍ଗିବଂଶ ଚିଲକୁ ମାନ୍ୟ କରନ୍ତି। ପ୍ରତ୍ୟେକ ବଂଶ ପିଲାଜନ୍ମ ଏକୋଇଶିଆ ଓ ମୃତାହ କାର୍ଯ୍ୟରେ ମୁଠିଭାତ ରାନ୍ଧିବା ପ୍ରତି ନୂଆଖାଇରେ ଝେରୁ ଭୋଗରେ ଭାଗିଦାର ହେବା ଇତ୍ୟାଦି କାମରେ ପିଲା ଜନ୍ମ ହେଲେ ତିନି/ ଝରି ଦିନ ଭିତରେ ଏକୋଇଶିଆ କାର୍ଯ୍ୟକ୍ରମ (ହାଣ୍ଡିଧରାନି) ନିଜ ବଂଶର ସଦସ୍ୟଙ୍କ ସାହାଯ୍ୟରେ ହୋଇଥାଏ। ଏହିଦିନ ନିଜ ବଂଶର ସଦସ୍ୟମାନେ ହିଁ ଏକଭୋଜିର ଆୟୋଜନ ସନ୍ତାନ ଜନ୍ମିତ ପରିବାରଙ୍କ ଖର୍ଚ୍ଚରେ କରିଥାନ୍ତି। ଏହାକୁ ସୁତଲ ସାରାନି କୁହାଯାଏ। ଏହି ଭୋଜି ବା ଝେରୁ ନିଜ ବଂଶ ଅର୍ଥାତ୍ ସନ୍ତାନ ଜନ୍ମ ହୋଇଥିବା ବଂଶର ସଦସ୍ୟମାନେ ହିଁ ଗ୍ରହଣ କରନ୍ତି। ଏହାର ତିନି / ଝରି ଦିନ ଭିତରେ ଆଉ ଏକ କାର୍ଯ୍ୟକ୍ରମ ହୋଇଥାଏ। ଏହାକୁ ପିଦରମାନାନି କୁହାଯାଏ। ଏହି ଦିନ ନିଜର ବଂଶର ସଦସ୍ୟ ବା କେତେକ ନିଜ ବଂଶର ମୁଖ୍ୟ ଲୋକ ଏକ ଛୋଟିଆ ରୋଜି ଝେରୁ ସେବନରେ ଭାଗିଦାର ହୋଇଥାନ୍ତି। ସେହିପରି କେହି ଲୋକ ମରିଗଲେ ନିଜ ବଂଶର ଲୋକଙ୍କ ଦ୍ୱାରା ମୃତ ପରିବାର ଦ୍ୱାର ମୁହଁରେ ମୁଠି ଭାତ ରାନ୍ଧି ବେଜରନା ଓ ମଶାଣିରେ ନେଇ ଛାଡ଼ି ଦିଆଯାଏ। ମୃତବ୍ୟକ୍ତି ମରିଥିବା ପଛଦିନ ଏକ କୁକୁଡ଼ାକୁ ଗିରଲି ନାମକ ଏକ ଗଛର ବାଡ଼ିରେ ମୁଣ୍ଡରେ ଭୁସି ମାରିଦିଆଯାଏ ଓ ତାକୁ ପଛ ଭାଗରୁ ଦୁଇ ଫାଳ କରି ପୋଡ଼ି ଦେଇ ମଶାଣୀରେ ନେଇ ଶୁଆଇ ତୋରାଣି ପାଣି ଭାତ ମୁଠି ଭାତ ଆଦି ପକାଇ ମୃତ ବ୍ୟକ୍ତିର ଆତ୍ମାର ସଦ୍‌ଗତି ପାଇଁ କାର୍ଯ୍ୟକ୍ରମ କରାଯାଇଥାଏ। ଏହି କାର୍ଯ୍ୟକ୍ରମ ନିଜ ବଂଶର ଲୋକ କରୁଥିଲେ ମଧ୍ୟ ନିଜର ବନ୍ଧୁବାନ୍ଧବ ଓ ଦୁଃଖରେ ସାନ୍ତ୍ୱନା ଦେବା ପାଇଁ ଆସିଥିବା ସଂପର୍କୀୟମାନେ ଏଥିରେ ଅଂଶ ଗ୍ରହଣ କରିଥାନ୍ତି। ସାଧାରଣତଃ କାନ ନାକ ଫୋଡ଼ିଲା ବେଳେ ବିଶେଷ ପାଳନ କରାଯାଏ ନାହିଁ। କେବଳ ମୁଣ୍ଡ ଖିଅର କଲାବେଳେ ଦିଶାରୀଙ୍କ ପରାମର୍ଶ ନେଇ ସନ୍ତାନ ସନ୍ତତିଙ୍କ ମାମୁଁ କିମ୍ବା ସଂପର୍କୀୟ ମାମୁଁ ଆସି ମୁଣ୍ଡ ଖିଅର କରି ଶୁମ୍ଭ ବୁଟା ନାମକ ଏକ ଗଛ ମୂଳେ ନେଇ ମୁଣ୍ଡର ବାଳ ପକାଇ ଦିଅନ୍ତି। ବିଶେଷ କରି ବିବାହ ଉତ୍ସବ ସମୟରେ ନିଜ ବଂଶ ବା କୁଟୁମ୍ବର ଲୋକ ଛାତ୍ରେଙ୍ଗ ନାମକ ଝାଡୁ ଗଛ ଆଣି ବିବାହ କାର୍ଯ୍ୟ ପ୍ରଥମେ ଖତ ଗଦାରେ କନ୍ୟାକୁ ମାଣ୍ଡିଆ ପେଶା ଚକି ଉପରେ ଏବଂ ବରକୁ ଲଙ୍ଗଳ ଉପରେ ବସାଇ ବିବାହ କାର୍ଯ୍ୟ ସମ୍ପନ୍ନ କରିଥା'ନ୍ତି। ବଡ଼ ଧରଣର ଭୋଜି ସହ ବାହାଘର ହେଉଥିଲେ କୁଟୁମ୍ବ ଛଡ଼ା ଅନ୍ୟ ସମ୍ପର୍କୀୟ ଲୋକ

ଭୋଜିରେ ସହଯୋଗ କରନ୍ତି, ନଚେତ୍ ନିଜକୁଟୁମ୍ବ କୁଳ ମଧ୍ୟରେ ବିବାହ ଉତ୍ସବର ଭୋଜି ସୀମିତ ରହିଥାଏ ।

**ଦୁଇଟି ଭିନ୍ନ କୁଟୁମ୍ବ ମଧ୍ୟରେ ସଂପର୍କ :**

ଗୋଟିଏ ବଂଶରେ ଅଲଗା ପରିବାର ରହନ୍ତି ଏ ସମସ୍ତଙ୍କୁ ମିଶାଇ ଗୋଟିଏ ବଂଶ ଓ କୁଳ ବୋଲି ପାରେଙ୍ଗାମାନେ ଧରି ନେଇଥାନ୍ତି । ସେମାନଙ୍କ ମଧ୍ୟରେ ଗୋଷ୍ଠୀଗତ ବା ମିଳିତ ଭାବରେ କରୁଥିବା କାର୍ଯ୍ୟ ମିଳିମିଶି ପରସ୍ପରକୁ ସାହାଯ୍ୟ ସହଯୋଗ କରନ୍ତି । ସମ୍ପତ୍ତି ବଣ୍ଟନ ସମୟରେ ସମୟରେ ଭାଇମାନଙ୍କ ତୁଳନାରେ ଭଉଣୀମାନଙ୍କୁ ଅଗ୍ରାଧିକାର ଦିଆଯାଏ ନାହିଁ । ନିଃସନ୍ତାନ ବାପା ଘର ଜ୍ୱାଇଁ କରି ବା ଝିଅଙ୍କ ନାମରେ ଜମିବାଡ଼ି ସଂପତ୍ତି ପଞ୍ଜିକୃତ କରିଦେଇପାରନ୍ତି । ଯଦି ଜଣେ ଅପୁତ୍ରିକ ଲୋକର ପୁତ୍ର ସନ୍ତାନ କେହି ନ ଥାଆନ୍ତି ତେବେ ତାଙ୍କ କୁଟୁମ୍ବ ସଂପର୍କୀୟ ଭାଇମାନଙ୍କ ମଧ୍ୟରେ ସଂପତ୍ତି ବାଣ୍ଟି ନେଇଥା'ନ୍ତି । ଅର୍ଥାତ୍ ପାରେଙ୍ଗା ଗୋଷ୍ଠୀରେ ଅପୁତ୍ରିକ ଲୋକର ମୃତ୍ୟୁ ପର୍ଯ୍ୟନ୍ତ ଭରପୋଷଣ ଓ ତଦାରଖ ଦାୟିତ୍ୱ ତାଙ୍କ ସଂପର୍କୀୟ ସଂପତ୍ତି ବାଡ଼ି ଭୋଗ କରୁଥିବା ଗୋଷ୍ଠୀ ବୁଝିଥା'ନ୍ତି । କୁଟୁମ୍ବ ଲୋକଙ୍କ ମଧ୍ୟରେ କଳିଝଗଡ଼ା ଓ ମାନସିକ ଚାପ ଦେଖା ଗଲେ ସେମାନେ ଗାଁ ପରିଷଦଙ୍କ ଦ୍ୱାରସ୍ଥ ହୋଇଥାନ୍ତି । ଗାଁ ପରିଷଦଙ୍କ ନିଷ୍ପତ୍ତି କ୍ରମେ ଜମିବାଡ଼ି ସଂକ୍ରାନ୍ତୀୟ ବା ଅନ୍ୟାନ୍ୟ କଳିଝଗଡ଼ାର ସମାଧାନ ହୋଇଥାଏ । ଗୋଟିଏ ପରିବାରରେ ଯଦି ଚାରି ଭାଇ ଥା'ନ୍ତି, ବାହା ହେଲା ପରେ ସେମାନେ ଜମିବାଡ଼ି ସବୁ ମଧ୍ୟ ବାଣ୍ଟି ନେବା ସହିତ ଘରଦ୍ୱାର ସବୁ ବାଣ୍ଟି ନିଅନ୍ତି ଏବଂ ନିଜ ନିଜ ପାଇଁ ଗୋଟିଏ ଗୋଟିଏ ଘର ତିଆରି କରନ୍ତି । ବିଶେଷ କରି ସେମାନଙ୍କ ଘର ସବୁ ବାଉଁଶ ଏବଂ ନଡ଼ାରେ ତିଆରି ହୋଇଥାଏ ।

**ଗୋତ୍ର :**

ପାରେଙ୍ଗା ଗୋଷ୍ଠୀରେ ଗୋତ୍ର କହିଲେ ମୁଖ୍ୟତଃ ବଂଶକୁ ହିଁ ବୁଝାଇଥାଏ । ଗୋଟିଏ ବଂଶ ବା କୁଟୁମ୍ବର ସଂକେତ ବା ନାମ ଅନୁସାରେ ହିଁ ଗୋତ୍ରର ସୂଚନା ମିଳିଥାଏ । ଯେପରି ସୂର୍ଯ୍ୟବଂଶ, ନାଗ ବା ହନ୍ତାଳ ବଂଶ, ଚିଲ ବା ପାଙ୍ଗି, ଗୋଲରୀ-ହନୁ ଇତ୍ୟାଦି ଗୋତ୍ର ପରିଲକ୍ଷିତ ହୋଇଥାଏ । ସେହିପରି ଅନ୍ୟାନ୍ୟ, ଯଥା: - ବାଘ ବା ଖିଲ, ଖେମୁଣ୍ଡୁ ବା ଭାଲୁ ଆଦି ଅନେକ ଜୀବଜନ୍ତୁ, ଗ୍ରହ ନକ୍ଷତ୍ର ଇତ୍ୟାଦିର ନାମ ଅନୁସାରେ ଗୋତ୍ରର ନାମକରଣ ହୋଇଥାଏ । ନିଜ ରକ୍ତ ସଂପର୍କୀୟ ବା ପରିବାର କୁଟୁମ୍ବର ସଦସ୍ୟ ସଂଖ୍ୟା ବଢ଼ି ବଂଶ/ କୁଟୁମ୍ବ ବା ଗୋତ୍ରରେ ପରିଣତ ହୁଏ । ମୌଳିକ ପରିବାରର ଗୋତ୍ର ଅନୁସାରେ ଗୋଷ୍ଠୀର ବା କୁଟୁମ୍ବର ଗୋତ୍ର ଅପରିବର୍ତ୍ତିତ ରହିଥାଏ । କାରଣ ପାରେଙ୍ଗାମାନେ ଗୋଟିଏ ବଂଶର ଗୋଷ୍ଠୀକୁ ଗୋଟିଏ ପରିବାରରୁ ସୃଷ୍ଟି ହୋଇ ସେମାନଙ୍କ ସଂଖ୍ୟାବୃଦ୍ଧିର ରୂପ ସଦୃଶ ଭାବିଥାନ୍ତି । ଗୋଟିଏ ବଂଶ

ଗୋତ୍ର ମଧ୍ୟରେ କୌଣସି ପାର୍ଥକ୍ୟ ଦେଖାଯାଏ ନାହିଁ, ଅର୍ଥାତ୍ ବଂଶ ବା କୁଟୁମ୍ବର ଲୋକ ଯେପରି ଭାବରେ ନିଜର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ କାର୍ଯ୍ୟରେ ପରସ୍ପର ମିଳିମିଶି ଓ ବୁଝାମଣା ସହ କାର୍ଯ୍ୟ ତୁଲାଇଥାନ୍ତି। ବିଶେଷ କରି ନିଜ ଗୋତ୍ର କାର୍ଯ୍ୟକ୍ରମ ଗୋତ୍ରର ଲୋକମାନଙ୍କ ମେଳରେ ହିଁ କରାଯାଇଥାଏ। କାରଣ ପିଲାଛୁଆ ଜନ୍ମ ହେଲେ ଏକୋଇଶିଆ(ହାଣ୍ଡିଧାରାନି), ବିବାହ ବେଳେ ଖ୍ୟତଗଦାରେ ବସାଇ ଛାତରେଙ୍ଗ ଛିଂଗଲାନି କାର୍ଯ୍ୟକ୍ରମରେ ବଂଶର ବା ନିଜ ଗୋତ୍ରରେ କେବଳ ପାରେଙ୍ଗା ଲୋକ ହିଁ କରିଥାନ୍ତି। ବଂଶ ସମ୍ବନ୍ଧରେ ପୂର୍ବରୁ ଯାହା ଉଲ୍ଲିଖିତ କରାଯାଇଛି ଗୋତ୍ର ମଧ୍ୟରେ ପାରେଙ୍ଗା ସମାଜରେ ଠିକ୍ ଅନୁରୂପ କାର୍ଯ୍ୟକ୍ରମ ନିଜ ଗୋତ୍ରର ଭାଇମାନଙ୍କ ସାହାଯ୍ୟ ସହଯୋଗରେ କରିଥାନ୍ତି। ସାଧାରଣତଃ ଗୋତ୍ରରେ ଏକୋଇଶିଆ, ବିବାହ, ଶ୍ରାଦ୍ଧ, ଶବଦାହ, କାର୍ଯ୍ୟକ୍ରମରେ ସ୍ୱେଚ୍ଛାକୃତ ଭାବରେ ପାରେଙ୍ଗାମାନେ ନିଜ ଗୋତ୍ରର କାର୍ଯ୍ୟକ୍ରମରେ ଯୋଗ ଦେଇଥାନ୍ତି। ଗୋଟିଏ ଗୋତ୍ରର ମଧ୍ୟରେ ବିବାହ ହୋଇପାରିବ ନାହିଁ। ଏହା ପାରେଙ୍ଗା ସମାଜ ପ୍ରତି ନିନ୍ଦାର କାରଣ ଅଟେ। ଅର୍ଥାତ୍ ଅଲଗା ଗୋତ୍ର ସହିତ ଯେପରି ଗୋଲରୀ ସହ ନାଗ, ବାଘ, ସୂର୍ଯ୍ୟ ଗୋତ୍ରର ଲୋକର ବିବାହ ହୋଇପାରିବ କିନ୍ତୁ ସମାନ ଗୋତ୍ର ଅର୍ଥାତ୍ ଗୋଲରୀ ସହ ଗୋଲରୀ, ହନ୍ତାଳ ସହ ହନ୍ତାଳ, ସୂର୍ଯ୍ୟ। ସମାଜ ଛଡ଼ା ଅନ୍ୟ ଗୋଷ୍ଠୀର ଲୋକ ସହ ବିବାହ ନିଷିଦ୍ଧ ଅଟେ।

**ଗ୍ରାମ :**

ଗାଁ କହିଲେ ସାଧାରଣତଃ ପାରେଙ୍ଗା ଗୋଷ୍ଠୀରେ କେତେକ ଲୋକ ଏକତ୍ର ବାସ କରିବା ସୁବିଧା ଦୃଷ୍ଟିରୁ ଗୋଟିଏ ଜାଗାରେ ଗୃହବାସ, ପାନୀୟ ଜଳର ସୁବିଧା ଅନୁସାରେ ସ୍ଥାୟୀ ଭାବରେ ପରିବାର ଗଠନ କରି ରହିବା ସ୍ଥାନକୁ ବୁଝାଇଥାଏ। ଗାଁର ସମସ୍ତ ପରିବାର ଏକା ଉଦ୍ଦେଶ୍ୟ ନେଇ ଅର୍ଥାତ୍ ବଞ୍ଚିବାର ସୁବିଧା ଦୃଷ୍ଟିରୁ ଗୋଷ୍ଠୀଗତ ଭାବରେ ଗାଁରେ ବାସ କରୁଥିବାରୁ ଏହା ଏକ ସାମାଜିକ ଅନୁଷ୍ଠାନ ଭାବରେ ଆଖ୍ୟା ଦିଆଯାଇପାରେ। ପୂର୍ବରୁ ପାରେଙ୍ଗା ଗ୍ରାମ ବିଷୟରେ ବିଶଦ ଭାବରେ ବର୍ଣ୍ଣନ କରାଯାଇଅଛି।

**କୁଟୁମ୍ବି / ଜ୍ଞାତି ସଂପର୍କ :**

ସେମାନେ ବଂଶ, କୁଟୁମ୍ବ ଓ ଜ୍ଞାତି ସଂପର୍କୀୟଙ୍କ ସହିତ ଉତ୍ତମ ସଂପର୍କ ଓ ଆଚାର ବ୍ୟବହାରକୁ ଏକ ଦୃଢ଼ ଅସ୍ତ୍ର ଭାବରେ ଧରି ନିଅନ୍ତି। ନିଜ ବଂଶ ଗୋତ୍ର କୁଟୁମ୍ବ ସହ ସେମାନେ ନିଜର ଭାଇ ସଂପର୍କ ରଖି ଉତ୍ତମ ବ୍ୟବହାର ଓ ସାହାଯ୍ୟ ସହଯୋଗ ଆଶା କରନ୍ତି। ବଂଶ ସଂପର୍କୀୟ କାର୍ଯ୍ୟକଳାପ ଯଥା - ବିବାହ ଭୋଜିରୁ ରାନ୍ଧିବା, ଏକୋଇଶିଆ କରିବା ଇତ୍ୟାଦି କାମରେ ନିଜ କୁଟୁମ୍ବର ପ୍ରତ୍ୟକ୍ଷ ସାହାଯ୍ୟ ସହଯୋଗ ଦ୍ୱାରା ବଂଶର ସଦସ୍ୟ ସମସ୍ତେ ମିଳିମିଶି ସୂଚାରୁ ରୂପେ କାର୍ଯ୍ୟ ତୁଲାଇଥାନ୍ତି। ନିଜ ବଂଶର ବା ଗୋତ୍ରର

ବିବାହ କାର୍ଯ୍ୟ ତୁଲାଇଥାନ୍ତି। ଏକ ସମ ବା ଗୋତ୍ରର ପୁରୁଷ ମହିଳାଙ୍କ ମଧ୍ୟରେ ବିବାହ ହୁଏ ନାହିଁ। ମାମୁଁର ଝିଅ (ମା'ଙ୍କର ଭାଇଙ୍କ ଝିଅ) ସହ ବିବାହ ହେବାର ପରମ୍ପରା ପ୍ରଚଳିତ ଅଛି। ମାମୁଁର ବା ପିଉସୀଙ୍କର ପୁଅ କି ଝିଅ ଛଡ଼ା ଅନ୍ୟ ବରକନ୍ୟା ବି ବିବାହ କରିପାରନ୍ତି। କିନ୍ତୁ ଗୋଟିଏ ବଂଶର ହୋଇ ନଥିବା ଉଚିତ୍। ମାମୁଁଙ୍କ ପୁଅ ଝିଅ ଓ ପିଉସୀଙ୍କ ପୁଅ ଝିଅ ସହ ବିବାହ ହେବା କାରଣ ହେଲା, ପୂର୍ବରୁ ପ୍ରତିଷ୍ଠିତ ବନ୍ଧୁ ଛିନ୍ନନ ହେବା ଦୃଷ୍ଟିରୁ। ଏହାଦ୍ୱାରା ପୂର୍ବ ପରିଚିତ ସେହି ମାମୁଁ ଓ ପିଉସୀଙ୍କ ପୁଅ ଝିଅ ସହ ଉତ୍ତମ ବୁଝାମଣା ଓ ସଂପର୍କ ଥାଏ। ଏହି ମାମୁଁଙ୍କ ପୁଅକୁ ଓ ପିଉସୀଙ୍କ ପୁଅକୁ ମେଅନା ଭାଇ ଓ ମାମୁଁ ଓ ପିଉସୀଙ୍କ ଝିଅକୁ ମେଅନା ଭଉଣୀ ବୋଲି ଡାକନ୍ତି। ପୂର୍ବ ପରିଚିତ ଓ ନିଜ ସଂପର୍କୀୟ ହୋଇଥିବାରୁ ବିବାହ କାର୍ଯ୍ୟ କିମ୍ବା ସୌଲା ଯୌତୁକ ଟଙ୍କା ସୁରୁଖୁରୁରେ କମ୍ ଖର୍ଚ୍ଚରେ ହୋଇଥାଏ। ପୂର୍ବ ପରିଚିତ ହୋଇଥିବାରୁ ବରକନ୍ୟା ଓ ଶାଶୁ ଶ୍ୱଶୁର ବନ୍ଧୁ ସମ୍ବନ୍ଧୀଙ୍କ ସହ ଭଲ ବୁଝାମଣା ରହିଥାଏ। ସଂପତ୍ତିଗତ ବା ଜମିବାଡ଼ି କିମ୍ବା କୌଣସି କାରଣରୁ କଳିଝଗଡ଼ା ଗଣ୍ଡଗୋଳ ହେଲେ ସଂପର୍କ ଛିନ୍ନ ହୋଇ ଅଲଗା ହୋଇ ରହିବା କେତେକଙ୍କ ମଧ୍ୟରେ ଦେଖାଯାଏ। ପାରେଙ୍ଗା ଗୋଷ୍ଠୀରେ ଲୋକଙ୍କ ମଧ୍ୟରେ କେତେକ ଥଟ୍ଟା, ପରିହାସ ସଂପର୍କ ଦେଖାଯାଏ। ଭାଉଜଙ୍କୁ ଥଟ୍ଟା, ପରିହାସ, ମାମୁଁ ଓ ପିଉସୀମାଙ୍କ ପୁଅଝିଅ ସହ ଥଟ୍ଟା ପରିହାସ ହସ ଗମାତ ତଥା ଅଶ୍ଳିଳ ଭାଷା ବ୍ୟବହାର ପର୍ଯ୍ୟନ୍ତ ଗତି କରିଥାଏ। ପାରେଙ୍ଗାମାନେ ମା'ଙ୍କ ଭାଇଙ୍କୁ ଏବଂ ପିଉସୀମାଙ୍କ ସ୍ୱାମୀକୁ ମାମା ବା ମାମୁଁ ଡାକନ୍ତି ମାମୁଁଙ୍କ ସହ ଜଣେ ଭଣଜାଙ୍କ ଉତ୍ତମ ସଂପର୍କ ଓ ଭଦ୍ର ବ୍ୟବହାର ରହିଥାଏ। ମାମୁଁଙ୍କ ସ୍ତ୍ରୀ ଓ ପିଉସୀଙ୍କୁ ପାରେଙ୍ଗାମାନେ ଆତା ଡାକନ୍ତି। ତାଙ୍କ ସହ ଭଣଜା, ଭାଣିଜଙ୍କ ଉତ୍ତମ ସଂପର୍କ ଓ ବୁଝାମଣା ସ୍ନେହ ମମତା ସେହିପରି ସେମାନଙ୍କ ସମାଜରେ ଦାଦା / କକାଙ୍କ ସହ ଭଲ ବ୍ୟବହାର ଓ ବୁଝାମଣା ରହିଥାଏ। କେତେକ କ୍ଷେତ୍ରରେ ବଡ଼ ବାପା ଓ ଦାଦାମାନେ ପୁତୁରାମାନଙ୍କୁ ସାମାନ୍ୟ ଥଟ୍ଟା ମଜା କରନ୍ତି। କେତେକ କ୍ଷେତ୍ରରେ ପୁତ୍ର ସନ୍ତାନ ନ ଥିଲେ ଘରଜ୍ୱାଇଁ କରି ନିଜ ଝିଅକୁ ବାହା ଦେଇ ଘରେ ରଖନ୍ତି। କେତେକ ଲୋକ ନିଜ ବଂଶର ଓ କୁଟୁମ୍ବର ଜଣେ ଯୁବକ (ସନ୍ତାନ)କୁ ପୋଷ୍ୟ ପୁତ୍ର ଭାବରେ ଗ୍ରହଣ କରନ୍ତି। ସଂପତ୍ତିବାଡ଼ି ଇତ୍ୟାଦି ଭାଗବଣ୍ଟା କଲାବେଳେ ସାଧାରଣତଃ କନ୍ୟା ସନ୍ତାନମାନଙ୍କୁ ଅଗ୍ରାଧିକାର ସଂପତ୍ତିର ଭାଗ ଉପରେ ଦିଆଯାଏ ନାହିଁ। କନ୍ୟା ସନ୍ତାନର ବାପା ଚାହିଁଲେ ଝିଅ ସଂପତ୍ତିର ଭାଗ କନ୍ୟା ସନ୍ତାନ ପାଇପାରିବ। ଯଦି ପୁଅ ନ ଥିଲେ ଘରଜ୍ୱାଇଁ କରିରଖନ୍ତି ତାହେଲେ କନ୍ୟା ସନ୍ତାନ ବାପାଙ୍କ ସଂପତ୍ତି ଉପଭୋଗ କରିପାରିବ। ଅନ୍ୟ କ୍ଷେତ୍ରରେ ଗୋଟିଏ ବାପାଙ୍କ ଯେତେ ପୁତ୍ର ସନ୍ତାନ ଥିବେ ସେମାନେ ପିତାଙ୍କ ଅନ୍ତେ ତାଙ୍କ ସଂପତ୍ତି ଭାଗବଣ୍ଟା କରି ଉପଭୋଗ କରିଥାନ୍ତି। ଯଦି ସଂପତ୍ତି ବାଡ଼ି ଭାଗବଣ୍ଟା ସମୟରେ କିଛି କଳିଗୋଳ ଉପୁଜେ ତେବେ ତାହା ଗାଁ ପରିଷଦ ଦେଇଥିବା ନିଷ୍ପତ୍ତି ଅନୁସାରେ

ସମାଧାନ କରାଯାଇଥାଏ । ସାବତମା ମାନଙ୍କ ସହ ପୁଅମାନଙ୍କ ମଧ୍ୟରେ କେତେକ କ୍ଷେତ୍ରରେ ପଡ଼ୁ ନଥିଲେ ମଧ୍ୟ ଅନେକ ପରିବାରରେ ତାଙ୍କ ମଧ୍ୟରେ ଭଲ ବୁଝାମଣା ଓ ସଂପର୍କ ଥାଏ । ନିଜ ନିଜର କାର୍ଯ୍ୟକ୍ରମ ଆଚାର ବ୍ୟବହାର ଉତ୍ତମ ବୁଝାମଣା ସହ ପରିଚାଳିତ ହୋଇଥାଏ । କିନ୍ତୁ ଅଧିକାଂଶ କ୍ଷେତ୍ରରେ ସାବତ ମା ମାନଙ୍କୁ ପାରେଙ୍ଗା ଗୋଷ୍ଠୀର ଲୋକ ସାହାଯ୍ୟ ସହଯୋଗ ଓ ସେବା କାର୍ଯ୍ୟରେ ବିଶେଷ କରି ସାବତ ପୁଅମାନେ ଏତେ ଗୁରୁତ୍ୱ ଦିଅନ୍ତି ନାହିଁ । କଳିଝଗଡ଼ା ଗଣ୍ଡଗୋଳ ହେଲେ ନିଜ ନିଜ ଭିତରେ ଆପୋଷ ବୁଝାମଣା କରନ୍ତି ଓ ଦରକାର ପଡ଼ିଲେ ଗାଁ ପରିଷଦର ସାହାଯ୍ୟ ଲୋଡ଼ନ୍ତି । ଅଧିକ ଦୃଢ଼ ସଂପର୍କ ଓ ବନ୍ଧୁତ୍ୱ ବୃଦ୍ଧି ପାଇଁ ଅନ୍ୟ ଗୋତ୍ରର ଗୋଷ୍ଠୀଙ୍କ ସହ ବିବାହ କରି ବନ୍ଧୁ ବାନ୍ଧନ୍ତି ଅନ୍ୟ ସଂପର୍କୀୟ ତଥା ଅନ୍ୟ ଗୋଷ୍ଠୀର ଲୋକଙ୍କ ସହ କୁଣିଆ ମୈତ୍ର, ଗତିଆ, କୁଟୁମ୍ବ କରିଥାନ୍ତି । କୁଣିଆ ମୈତ୍ରକୁ ନିଜ ଘରେ ଡାକି ଭୋଜିର ଆୟୋଜନ ମଦ ମାଂସ ସହିତ କରନ୍ତି ଓ ତାଙ୍କ ଘରକୁ ସେମାନେ ଡାକିଲେ ଯାଆନ୍ତି ଏବଂ ଏହା ଫଳରେ ସଂପର୍କ ଦୃଢ଼ୀଭୂତ ହୋଇଥାଏ ।

**ଧାଙ୍ଗଡ଼ାଧାଙ୍ଗଡ଼ି ଜୀବନ :**

ପାରେଙ୍ଗା ଗୋଷ୍ଠୀରେ ଯୁବଶୟନାଗାର ବ୍ୟବସ୍ଥା ନାହିଁ । କୌଣସି ଲୋକର ଘର ଖାଲି ପଡ଼ିଥିଲେ ଯୁବକ ବା ପୁଅ ପିଲାମାନେ ଦଳ ହୋଇ ଏକତ୍ର ଶୋଇଥାନ୍ତି କିନ୍ତୁ ଏଥିରେ ସଦସ୍ୟ ହେବା ବା ନ ହେବା ପାଇଁ ନିର୍ଦ୍ଦିଷ୍ଟ ନୀତି ନିୟମ ନାହିଁ । ସେହିପରି ଝିଅ ଦଳ ବି ସୁବିଧା ଦୃଷ୍ଟିରୁ ଘର ଖାଲି ଥିଲେ ଏକତ୍ର ଦଳ ହୋଇ ଶୁଅନ୍ତି ଗୀତ ଗାଆନ୍ତି ଓ ଗପ କରନ୍ତି । ଏଥିରେ ସେମାନେ ଗୀତ, ଗପ ଶିଖନ୍ତି ଯାହାକି ସେମାନଙ୍କ ଅଭ୍ୟାସରେ ପରିଣତ ହୋଇ ମୁଖସ୍ଥ ହୁଏ । କିନ୍ତୁ ପୁଅ ଦଳ ଓ ଝିଅ ଦଳ ଏକତ୍ର ଶୟନ କରିବାର ପରଂପରା ନାହିଁ କି ଯୁବ ଶୟନଗାର ବ୍ୟବସ୍ଥା ନାହିଁ । ଯୁବ ଶୟନଗାର ପରଂପରା ନ ଥିବାରୁ ଏଥିରେ ସଦସ୍ୟ ହେବା କିମ୍ବା ସଦସ୍ୟତାରୁ ଓହରିଯିବା, ନିର୍ଦ୍ଦିଷ୍ଟ କାର୍ଯ୍ୟକଳାଳ ପଦ୍ଧତି ବାଧ୍ୟତାମୂଳକ କାର୍ଯ୍ୟ, ବର୍ଷ ତମାମ ନିର୍ଘଣ୍ଟ କାର୍ଯ୍ୟାବିଧି ଆଦି ବ୍ୟବସ୍ଥା ନାହିଁ କି ପୂଜାପାଠ, ଶାନ୍ତି ଶୃଙ୍ଖଳା ରକ୍ଷା କରିବା ବ୍ୟବସ୍ଥା ଆଦି କାର୍ଯ୍ୟବଣ୍ଟନ ବ୍ୟବସ୍ଥା ନ ଥାଏ । ଶାନ୍ତି ଶୃଂଙ୍ଖଳା ସେହି ଦଳର ଭଦ୍ରତା ଉପରେ ନିର୍ଭର କରେ । ଏଥିରେ କୌଣସି ମୁଖିଆ ଆବଶ୍ୟକ ପଡ଼େ ନାହିଁ । ଏତିକି କୁହାଯାଇ ପାରେ ଯେ, କିଛି ଦିନ ପାଇଁ ଏକତ୍ର ଶୟନ କରୁଥିବାରୁ ସେହି ଦଳ ଭିତରେ ଶୋଇବା ସମୟରେ ବିଭିନ୍ନ ଭଲମନ୍ଦ ଆଲୋଚନା ହୁଏ ଓ ଦଳର ସଦସ୍ୟଙ୍କ ମଧ୍ୟରେ ଏକତା ମନୋଭାବ ଜାଗ୍ରତ ହେବା ସହିତ ବିଭିନ୍ନ କାର୍ଯ୍ୟରେ ଶ୍ରମ ସହଯୋଗ କରନ୍ତି ଓ ଆନନ୍ଦ ପାଆନ୍ତି । ଯୁବାଘର ସଂପର୍କରେ କୌଣସି ପଂରପରା କି ନୀତି ନିୟମ ନ ଥିବାରୁ ସେ ସଂପର୍କରେ ବିଶେଷ ବର୍ଣ୍ଣନ କରାଯାଇ ନ ପରେ । ଯଦିଓ ଉପର ଲିଖିତ ଭାବରେ ଝିଅ ଦଳ ଓ ପୁଅଦଳ ଅଲଗା ଅଲଗା ଘରେ ଏକତ୍ର ହୋଇ ଶୁଅନ୍ତି ତେବେ ସେମାନେ ତାଙ୍କ ସାଥି

ସଙ୍ଗାତ ମାଧ୍ୟମରେ ବିବାହ ପାଇଁ ପସନ୍ଦ କରିବା ବିଷୟରେ ଖବର ଦିଅନ୍ତି। ସାଙ୍ଗ ସାଥି ମାଧ୍ୟମରେ କେବଳ ଜଣେ କିମ୍ବା ଦୁଇଜଣଙ୍କ ଜାଣିବା ଛଡ଼ା ସମସ୍ତଙ୍କ ଆଗରେ ପ୍ରକାଶ କରିବା ଯୁବକ ଯୁବତୀ ଲଜ୍ୟାବୋଧ କରନ୍ତି। ନଚେତ୍ ପ୍ରକୃତରେ ଭଲ ପାଉଥିବା ଯୁବକ ଓ ଯୁବତୀ କେବଳ ନିଜ ନିଜ ମତବ୍ୟକ୍ତ କରି ପରସ୍ପରକୁ ଭଲ ପାଇ ଉଦ୍‌ଲିଆ ଯାଆନ୍ତି। କେହି ଯୁବକ ଯୁବତୀ ଅତିଥି ହିସାବରେ ଆସିଲେ ଯୁବକ ହୋଇଥିଲେ ଦଳରେ ଯୁବକ ଦଳ ସହ ଓ ଯୁବତୀ ହୋଇଥିଲେ ଝିଅ ଦଳରେ ଶୁଅନ୍ତି । ଏହା ମଧ୍ୟ ଦଳର ସଦସ୍ୟଙ୍କ ଅତିକମରେ ପରିଚିତ ଜଣେ ସଦସ୍ୟଙ୍କ ହୋଇଥିବା ଉଚିତ୍।

**ସାମାଜିକ ବିଶୃଙ୍ଖଳା :**

ସେମାନେ ସାମାଜିକ ବିଶୃଙ୍ଖଳାଙ୍କୁ ସମାଜର ଅନିଷ୍ଟ ବୋଲି ଭାବନ୍ତି, କାରଣ ସେମାନଙ୍କ ସମାଜ ସରଳ ଓ ଆମୋଦ ପ୍ରିୟ। ଆମୋଦପ୍ରମୋଦ କରିବା, ନାଚି ଗାଇ ଦିନ କାଟିବା ଏମାନଙ୍କର ପରଂପରାଗତ ଅଭ୍ୟାସ ପର୍ବପର୍ବାଣିରେ ହାଣ୍ଡିଆ, ମଦ ଇତ୍ୟାଦି ପିଇ ମାତାଲ ହୋଇ ଅଯଥା ପାଟିତୁଣ୍ଡ ହେଲେ ଗଣ୍ଡଗୋଳର ସୂତ୍ରପାତ ହୋଇଥାଏ। କେତେକ ସ୍ଥଳେ ମାରପିଟ୍ ବି ହୋଇଥାଏ। ପାରେଙ୍ଗା ପରିବାର ଭିତରେ ସେହିପରି କୌଣସି ବୁଝାମଣାର ଅଭାବ, ନିର୍ଘଣ୍ଟ କାମ, ଆବଶ୍ୟକ ଜିନିଷ, ନିନ୍ଦା କରି କହିବା, ଅଯଥା ଗାଳିଦେବା ଇତ୍ୟାଦି ପରିବାରର ସଦସ୍ୟ ଭିତରେ ଯଦି ହୁଏ ତା ହେଲେ ତାହା କଳି ଦ୍ୱନ୍ଦ ହୋଇ ଗଣ୍ଡଗୋଳ ଓ ଝଗଡ଼ା ଝାଟିରେ ପରିଣତ ହୋଇଥାଏ। ସେହିପରି କୁଟୁମ୍ବ, ବଂଶ, ଗୋଷ୍ଠୀ, ଦଳ ବା ସମାଜ ଭିତରେ ଯଦି କୌଣସି ଜିନିଷର ଲୁଟତରାଜ, ସମାଲୋଚନା, ନିନ୍ଦା, ସତମିଛ ବିଚାର ନ କରି ଅଯଥା ଗାଳି ପ୍ରାପ୍ୟ ଜିନିଷ ନ ପାଇବା, ଭୁଲ ବୁଝାମଣା, କଟୁଭାଷା କହିବା, ଖରାପ ବ୍ୟବହାର ଦେଖାଇବା (ଅପହରଣ ଅସମ୍ମାନ) ଇତ୍ୟାଦି ଦେଖା ଗଲେ ଉତ୍‌କ୍ଷିପ୍ତ ହୋଇ କଳିଗୋଳ ସୃଷ୍ଟି ହୋଇଥାଏ ଓ ତାହା ଗାଁ ପରିଷଦ ଦ୍ୱାରା ସମାଧାନ ହୋଇ ନ ପାରିଲେ ଜଟିଳ ହୋଇଥାଏ। ନିଜ କୁଟୁମ୍ବ ଗୋତ୍ର ଭିତରେ କିମ୍ବା ଅନ୍ୟ ଗୋଷ୍ଠୀ ବା ଦଳ ସହ ସଂପତ୍ତି ବାଡ଼ି, ଜମିଭୂମି ଟଙ୍କା ସୁନା ଭାଗବଣ୍ଟାରେ ଠିକ୍ ବୁଝାମଣା ନ ହେଲେ ବା ଅନ୍ୟଗୋଷ୍ଠୀର ସଂପତ୍ତି ବେଦଖଲ କରିନେଲେ ଅପରପକ୍ଷ ରାଗିଯାଇ ଗଣ୍ଡଗୋଳ ହୋଇଥାଏ। ଏହିସବୁ ସମସ୍ୟା ଗାଁ ପରିଷଦ ଦ୍ୱାରା ସମାଧାନ ହୋଇ ନ ପାରିଲେ ଉଭୟ ଦଳ ରାଜି ନ ହେଲେ ଏହା ଜଟିଳ ରୂପ ନେଇ ପ୍ରତିଶୋଧ ପରାୟଣତା ସୃଷ୍ଟି ହୁଏ। ଏପରିକି ରାଗ ଏପରି ପ୍ରଚଣ୍ଡ ରୂପ ଧାରଣ କରେ ଯେ ଲୋକେ ନରହତ୍ୟା କରିବା ନିମନ୍ତେ ମଧ୍ୟ ପଛାନ୍ତି ନାହିଁ। ଏହା ହାଣିବା ଓ ଛୁରୀରେ ଭୂଷିବା ଓ ଠେଙ୍ଗାବାଡ଼ିରେ ପିଟି ପିଟି ମାରିବା ପର୍ଯ୍ୟନ୍ତ ଗତିକରେ। କେତେକ କ୍ଷେତ୍ରରେ କଳିଗୋଳ ସମାଧାନ କରି ରାଜି ହେବା ଆଳ ଦେଖାଇ କୂଟନୀତି ପ୍ରୟୋଗ କରି ପ୍ରତିଶୋଧ ସ୍ୱରୂପ ବିଷ ଦେଇ ହାଣ୍ଡିଆ, ମଦ, ସଲପରେ

ମଣାଇ ମାରି ଦିଆଯାଏ। ପ୍ରତିଶୋଧ ନେବାର ସଂକେତଗୁଡ଼ିକ ହେଲା: - ଦାନ୍ତ କାମୁଡ଼ିବା, ଆଙ୍ଗୁଠି ଦେଖାଇବା ଓ ପାଟିରେ ପାଟିରେ କହିବା, ଯଥା: - ତକେର ଦେଖିବି (ତୋତେ ଦେଖୁଛି ରହିଥା)। ଏହା ଗାଁ ପରିଷଦ ଦ୍ୱାରା ସମାଧାନ ହୋଇ ନ ପାରିଲେ ଥାନାରେ ଏତଲା ଦିଆଯାଏ। ପରିଶେଷରେ ଆସାମୀମାନେ କୋର୍ଟରେ ଦ୍ୱାରସ୍ଥ ହୋଇ ଖର୍ଚ୍ଚାନ୍ତ ହୁଅନ୍ତି।

**ସାମାଜିକ ପ୍ରଦର୍ଶନ :**

ପାରେଙ୍ଗା ସମାଜରେ ବୟୋଜ୍ୟେଷ୍ଠ ଓ ମୁଖ୍ୟ ଭଦ୍ର ବ୍ୟକ୍ତି ତଥା ଗାଁ ପରିଷଦର ସଦସ୍ୟ ଯଥା- ନାୟକ, ବାରିକ, ଜାତିନାୟକ, ୱାର୍ଡ଼ମେମ୍ବର ଏବଂ ଅନ୍ୟ ବୟୋଜ୍ୟେଷ୍ଠ ଭଦ୍ରବ୍ୟକ୍ତିମାନେ ପଥ ପ୍ରଦର୍ଶକ ଭୂମିକା ନେଇଥାନ୍ତି। ଗାଁର ଶାନ୍ତି ଶୃଙ୍ଖଳା, ଉଚିତ କାମ୍ ଓ ଅନୁଚିତ କାମ ଓ ନ୍ୟାୟ ବିଷୟରେ ନାୟକ ଓ ବାରିକ ବାଟ ବତାନ୍ତି ଗାଁର ଭଲମନ୍ଦ କାମ, ସେବା ସହଯୋଗ, ପର୍ବପର୍ବାଣି ପାଳନ, ଚାନ୍ଦା ଭେଦା ନୀତି ନିର୍ଦ୍ଧାରଣ ଇତ୍ୟାଦି କାମ ବତାଇଥାନ୍ତି। ଗାଁର ମୁଖ୍ୟ ବ୍ୟକ୍ତି ହିସାବରେ ସେ ଉଚିତ କର୍ମର ପନ୍ଥା ହିଁ ବତାଇଥାନ୍ତି। ଶତ୍ରୁ ଆକ୍ରମଣରୁ ରକ୍ଷା ଓ ମୁକାବିଲା ନିମନ୍ତେ ନ୍ୟାୟୋଚିତ କର୍ମ ବତାଇଥାନ୍ତି। ଯେପରି ସଦ୍‌ମାର୍ଗରେ ଚାଲିବା, ସତ କହିବା, କ୍ଷମା ମାଗିବା ବା ଦୋଷ କଲେ କ୍ଷମା ମାଗି ପୁନର୍ବାର ତ୍ରୁଟି ନ କରିବା ଇତ୍ୟାଦି। ବାରିକ ଓ ନ୍ୟାୟକର ନୀତି ଅର୍ଥାତ୍ ଆଦର୍ଶ ସମାନ ଅର୍ଥାତ୍ ଗାଁ ପରିଷଦରେ ଯାହା ନ୍ୟାୟୋଚିତ ବୋଲି ଘୋଷିତ ହୁଏ ତାହା ହିଁ ବାରିକ ଓ ନ୍ୟାୟକ ମତ ଦେଇଥାନ୍ତି। ବାରିକ କେବଳ ରାଜଦୂତ ସଦୃଶ ଖବର ଦେବା ଓ ଲୋକଙ୍କୁ ପରିଷଦ ସଭାକୁ ଡାକିବା ଇତ୍ୟାଦି କାମ କରିଥାନ୍ତି। ଗାଁର ପୂଜାରୀ ଧର୍ମୀୟ କାର୍ଯ୍ୟ ସଂପର୍କୀୟ ମୁଖ୍ୟ ସେ ପୂଜା ବିଧି ପାଳନ, ଉପାସ ବ୍ରତ ଓ ପୂଜାବିଧିର ନିତି ନିର୍ଦ୍ଧାରଣ ମାନିବା ଓ ପାଳନ କରିବା ସଂପର୍କରେ ପଥ ପ୍ରଦର୍ଶନ କରନ୍ତି। ଗାଁରେ ୱାର୍ଡ଼ମେମ୍ବର ବର୍ତ୍ତମାନ ଓଡ଼ିଶା ସରକାରଙ୍କ ପଞ୍ଚାୟତି ରାଜ ବ୍ୟବସ୍ଥାର ପ୍ରତିନିଧି ହେଲେ ମଧ ସେ ଗାଁ ପରିଷଦର ଜଣେ ନ୍ୟାୟିକ ଓ ବାରିକ ସମତୁଲ୍ୟ ସଦସ୍ୟ। ସେ ସରକାରୀ ଯୋଜନା, ସରକାରୀ ନୀତି ନିୟମ ସୁବିଧା ଅସୁବିଧା, ସରକାରୀ ନୀତି ଅନୁସାରେ ଠିକ୍ ଭୁଲ୍ ପ୍ରକାଶ କରିଥାନ୍ତି। ଗାଁ ପରିଷଦ ତଥା ନ୍ୟାୟକ, ବାରିକ, ୱାର୍ଡ଼ମେମ୍ବର ଭଳି ଜାତିନ୍ୟାୟକ ଅନ୍ୟ ଏକ ମୁଖ୍ୟ ପଥ ପ୍ରଦର୍ଶକ ସେ। ସାମାଜିକ ବାସନ୍ଦରୁ ମୁକ୍ତ କରିବା, ବାସନ୍ଦ କରିବା, ଖରାପ ରାସ୍ତାରୁ ଉଚିତ୍ ମାର୍ଗ ଦେଖାଇବା ଇତ୍ୟାଦି କାମ କରିଥାନ୍ତି। ଜାତିନାୟକ ଦ୍ୱାରା ଅବିବାହିତ ପାରେଙ୍ଗା ଝିଅ ଗର୍ଭବତୀ ହେଲେ ବା ପିଲାଜନ୍ମ କଲେ, ନୀଚ ଜାତି ଦ୍ୱାରା ଗଣ୍ଡଗୋଳ ହୋଇ ମାଡ଼ ଖାଇଲେ, ଚପଲ ଦ୍ୱାରା ମାଡ଼ ଖାଇଲେ, ନୀଚଜାତି ଘରେ ଅନ୍ନ ଭୋଜନ କଲେ, ସେପରି ନ କରିବାକୁ ପରାମର୍ଶ ଦିଅନ୍ତି ଓ ବାସନ୍ଦ ହୋଇଥିବା ଲୋକଙ୍କୁ କୁଟୁମ୍ବରେ ଜାତି ମିଶାଇବା ଦାୟିତ୍ୱ ବୁଝିଥାନ୍ତି। ଏହା ସଂଗେ ସଂଗେ ପାରେଙ୍ଗା ପରିବାରର ବୟୋଜ୍ୟେଷ୍ଠ ବା ମୁଖ୍ୟ ଲୋକେ ଖରାପ ରାସ୍ତାରେ ନ ଯାଇ ଉଚିତ

ମାର୍ଗ ବା କର୍ମ ଅବଲମ୍ବନ କରିବାକୁ ପରିବାର, କୁଟୁମ୍ବ ଇତ୍ୟାଦି ସଦସ୍ୟଙ୍କୁ ଅନୁପ୍ରାଣିତ କରିଥାନ୍ତି । ପାରେଙ୍ଗା ସଂପ୍ରଦାୟରେ ଅବିବାହିତ କନ୍ୟା ଲୁଚାଛପା ପ୍ରେମରେ ପଡ଼ି ଗର୍ଭବତୀ ବା ମା ହେଲେ ଏବଂ ବିବାହିତା ମହିଳା ନିଜ ସ୍ୱାମୀ ଛଡ଼ା ସ୍ୱାମୀ ଥାଉ ଥାଉ ଅନ୍ୟ ପୁରୁଷ ସହ ଯୌନ ସଂପର୍କ ରଖିଲେ ସମାଜରେ ନିନ୍ଦିତ ଓ ସମାଲୋଚିତ ହୋଇ ବାସନ୍ଦ ହୋଇଥାନ୍ତି କେହି ରୋଗରେ ପଡ଼ି ପୋକମାଛି ହେଲେ ସମାଜରୁ ହୋଇ ବାସନ୍ଦ ହୋଇଥାନ୍ତି । ଜାତିରେ ମିଶିବା କର୍ମକର୍ମାଣି ପରେ ସମାଜରେ ପୁଣି ମିଶନ୍ତି ମହିଳାମାନେ ନିଜ ସ୍ୱାମୀଙ୍କ ବଡ଼ଭାଇ ବା ଦେଢ଼ଶ୍ୱରଙ୍କୁ ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରନ୍ତି । ସେହିପରି ପତ୍ନୀଙ୍କ ବଡ଼ଭାଇଙ୍କୁ ପୁରୁଷଲୋକେ ସମ୍ମାନ ପ୍ରଦର୍ଶନ କରନ୍ତି ଏବଂ ନାମ ଧରନ୍ତି ନାହିଁ । ସେହିପରି ସମାଜରେ ଚୋରକୁ ସନ୍ଦେହ ଓ ସମାଲୋଚନା କରନ୍ତି, ବିକଳାଙ୍ଗ ବା କୁଷ୍ଠରୋଗୀକୁ ଆଗେ ଘୃଣା କରୁଥିଲେ ବର୍ତ୍ତମାନ ଅଧିକାଂଶ ଲୋକ ବୁଝିଲେଣି ଯେ ଏହା ବଂଶଗତ ବା ଡିଆଁରୋଗ ନୁହେଁ । ମୋଟ ଉପରେ କହିବାକୁ ଗଲେ ସେମାନଙ୍କ ସମାଜରେ ବୟୋଜ୍ୟେଷ୍ଠ, ଲୋକମାନଙ୍କୁ ସମ୍ମାନ ଓ ଭକ୍ତି ପ୍ରଦାନ କରାଯାଏ । ବିଧବା ଓ ବିପତ୍ନିକ, ସମାଜରେ ସମାନ ଅଧିକାର ଓ କର୍ତ୍ତବ୍ୟ ପାଇଁ ଯୋଗ୍ୟ ଅଟନ୍ତି । ସେମାନଙ୍କ ଜୀବିକା, ଚଳଣୀ ଓ ସଂସ୍କୃତିରେ ଯାହା ଗ୍ରହଣଯୋଗ୍ୟ ସେ ସୀମା ମଧ୍ୟରେ ସମସ୍ତଙ୍କ ସମାନ ସ୍ଥିତି ଦେଖାଯାଏ । ଗାଁ ପରିଷଦର ମୁଖ୍ୟ ମାନେ ଓ କେତେକ ବୟୋଜ୍ୟେଷ୍ଠ ଭଦ୍ରବ୍ୟକ୍ତି ତାଙ୍କ ସମାଜରେ ଅଧିକ ସମ୍ମାନୀୟ ଓ ମାନ୍ୟଗଣ ଅଟନ୍ତି । ଯାହା ଅଗ୍ରାହ୍ୟ ସେସବୁ ଅମାନ୍ୟ କରୁଥିବା ବ୍ୟକ୍ତିବିଶେଷ ପାରେଙ୍ଗା ସମାଜରେ ନିନ୍ଦିତ ଓ ସମାଲୋଚିତ ହୋଇଥାନ୍ତି । ପରନ୍ତୁ ସମସ୍ତେ ସମାନ ଓ ଗୋଟିଏ ମାଳର ଫୁଲ ବୋଲି ସେମାନେ ଭାବିଥାନ୍ତି ।

**ସମ୍ପତ୍ତି ବିଭାଜନ :**

ପାରେଙ୍ଗା ପରିବାରରେ ବାପ, ପୁଅ କିମ୍ବା ଭାଇ, ଭାଇ ମଧ୍ୟରେ ମତାନ୍ତର ଯୋଗୁଁ ଅଲଗା ରହିଲେ, ସେମାନଙ୍କ ବ୍ୟକ୍ତିଗତ ତଥା ସମ୍ପତ୍ତିର ବିଭାଜନ ହୋଇଥାଏ । ବାପ ଓ ପୁଅ ଅଲଗା ରହିଲେ ଜମିବାଡ଼ି ମାପ ଦ୍ୱାରା ଭାଗ ହୁଏ ନାହିଁ କିନ୍ତୁ ଘରର ଜିନିଷ ସବୁ ଜଣେ ପରିବାର ଚଳିବା ଭଳି ଭାଗ ହୋଇଥାଏ । ଜମିବାଡ଼ି ଇଚ୍ଛାନୁସାରେ ଚାଷ କରି ଖାଇଥାଆନ୍ତି । ପାରେଙ୍ଗା ସମାଜରେ ବାପାଙ୍କ ଅନ୍ତେ ଭାଇ ଭାଇ ମଧ୍ୟରେ କଳିଝଗଡ଼ା ହେଲେ ସବୁ ଜିନିଷ ସମପରିମାଣରେ ଭାଗ ହୋଇଥାଏ । ପୋଡୁଚାଷ କ୍ଷେତ୍ରରେ ଜମିକୁ ସମପରିମାଣରେ ଭାଗ ହୋଇଥାଏ । ଜମିବାଡ଼ି ଭାଗ ଗ୍ରାମ୍ୟ ରାଜନୈତିକ ପରିଷଦ ଦ୍ୱାରା ହୋଇଥାଏ । ଗ୍ରାମର ମୁଖ୍ୟ ନାୟକ ଏବଂ ଗ୍ରାମର ବୟସ୍କ ଲୋକମାନେ ମିଶି ଜମିବାଡ଼ି ବଣ୍ଟନ କରିଥାଆନ୍ତି । ପୋଡୁଚାଷ କ୍ଷେତ୍ରରେ ଗ୍ରାମ୍ୟ ରାଜନୈତିକ ପରିଷଦ ଜମିବାଡ଼ି ବଣ୍ଟନ ଯଦି ଠିକ୍ ଭାବରେ କରିପାରେ ନାହିଁ । ସେଠାରେ ସରକାରୀ ଅମିନକୁ ପାରେଙ୍ଗାମାନେ ଡାକି ଥାଆନ୍ତି । ସରକାରୀ

ଅମିନ ଜମିବାଡ଼ି ଭାଗ କଲେ ନକ୍‌ସା ଏବଂ ଚେନ୍ ବ୍ୟବହାର କରିଥାଏ କିନ୍ତୁ ଗ୍ରାମ୍ୟ ରାଜନୈତିକ ପରିଷଦ ଦ୍ୱାରା ଜମିବାଡ଼ି ବଣ୍ଟନ କରାଗଲେ, ହାତ ମାପ ଦ୍ୱାରା ଏବଂ ମୌଖିକ ମାପ ଦ୍ୱାରା ଭାଗ କରାଯାଇଥାଏ।

ସେମାନେ ଜମିବାଡ଼ିରେ କିମ୍ବା ଗୃହ ସଂଲଗ୍ନ ବାଡ଼ିରେ ଲଗାଇଥିବା ଗଛଗୁଡ଼ିକୁ ଭାଗ କରନ୍ତି ନାହିଁ। ଗଛରୁ ଉତ୍ପାଦିତ ହେଉଥିବା ଫଳକୁ ସଂଗ୍ରହ କରି ଭାଗ କରିଥାଆନ୍ତି। ସାଧାରଣତଃ ଡଂଗର ଜମିର ହିଡ଼ ଧାରରେ ବିଭିନ୍ନ ଗଛ; ଯଥା: - ଆମ୍ବ, ପଣସ, ତେନ୍ତୁଳି, କାଜୁ ଇତ୍ୟାଦି ଗଛ ଲଗାଇଥାଆନ୍ତି। ସେହି କ୍ଷେତ୍ରରେ ସେମାନେ ମୌଖିକ ଭାବରେ ଗଛଗୁଡ଼ିକୁ ଭାଗ କରିଥାଆନ୍ତି। ଗହଣା ଓ ଅଳଙ୍କାର ଘରେ ଯାହା ଥାଏ ତାହାକୁ ସମପରିମାଣରେ ଭାଗ କରିଥାଆନ୍ତି। ଯଦି ପରିବାରର ଝିଅ ବିବାହ କରିବା ବେଳେ କୌଣସି ସୁନା ଅଳଙ୍କାର ପିନ୍ଧି କରି ଶାଶୁ ଘର ଯାଇଥାଏ ତେବେ ସେହି ଝିଅ ବୁଢ଼ୀ ହୋଇ ମରିଯିବା ପରେ ମଧ୍ୟ ପାରେଙ୍ଗାମାନେ ତା'ର ଶାଶୁଘରୁ ସେହି ଅଳଙ୍କାର ଆଣିଥାଆନ୍ତି ଏବଂ ଭାଇ, ଭାଇ ମଧ୍ୟରେ ସମପରିମାଣରେ ଭାଗ କରିଥାଆନ୍ତି।

କୌଣସି ବିବାହିତ ଝିଅକୁ ଗୃହର ସଂପତ୍ତି ଉପରେ ଭାଗ ଦେଇ ନ ଥାଆନ୍ତି। କନ୍ୟା ବିବାହ କରିସାରିବା ପରେ ଯଦି ତା'ର ଶାଶୁ ଘରେ ରହେ ତେବେ ତା'ର ଘରର ସଂପତ୍ତି ଉପରେ କୌଣସି ଅଧିକାର ନ ଥାଏ। ପାରେଙ୍ଗା ପରିବାରରେ ଯଦି ପୁଅ ନଥାଏ କେବଳ ଗୋଟିଏ ଝିଅ ଥାଏ ଏବଂ ସେହି ଲୋକ ଘରଜ୍ୱାଇଁ ରଖେ ତେବେ ସେ ଘରର ସବୁ ସମ୍ପତ୍ତି ନିଜ ଜ୍ୱାଇଁ ନାମରେ କରିଥାଏ। କୌଣସି ପାରେଙ୍ଗା ଲୋକର କେବଳ ଗୋଟିଏ ଝିଅ ଥାଏ ଏବଂ ସେ ବିବାହ କରି ତା'ର ଶାଶୁ ଘରେ ରୁହେ ତେବେ ସେହି କ୍ଷେତ୍ରରେ ଘରର ସବୁ ସଂପତ୍ତି ସଂପର୍କୀୟ ଲୋକ ନେଇଥାଆନ୍ତି। କେତେକ କ୍ଷେତ୍ରରେ ଯଦି କୌଣସି ପାରେଙ୍ଗା ଝିଅ ବିବାହ କରିସାରିବା ପରେ ତା'ର ସ୍ୱାମୀ ମରିଯାଏ ଏବଂ ସେ ଆସି ବାପଙ୍କ ଘରେ ରୁହେ ତେବେ ସେହି କ୍ଷେତ୍ରରେ ମରିବା ପର୍ଯ୍ୟନ୍ତ ଖାଦ୍ୟ ଦେଇଥାଆନ୍ତି କିନ୍ତୁ ଜମିବାଡ଼ି କ୍ଷେତ୍ରରେ କିଛି ହେଲେ ବି ମଧ୍ୟ ଭାଗ ଦିଅନ୍ତି ନାହିଁ।

ପାରେଙ୍ଗାମାନେ ଗୃହ ସଂପତ୍ତି ବଣ୍ଟନ କରିବା କ୍ଷେତ୍ରରେ ବଡ଼, ସାନ କିମ୍ବା ବିବାହିତ, ଅବିବାହିତ ମଧ୍ୟରେ କିଛି ପାର୍ଥକ୍ୟ ଦେଖନ୍ତି ନାହିଁ। ଗୃହ ସଂପତ୍ତି ଉପରେ କେବଳ ପୁଅମାନଙ୍କର ଭାଗ ଅଛି। ପିତା, ମାତାଙ୍କ ଯତ୍ନ ପାଇ ମଧ୍ୟ ଅଧିକ ଜମିର ବଣ୍ଟନ ବ୍ୟବସ୍ଥା ନାହିଁ। ଯଦି ପରିବାରର ସମସ୍ତଙ୍କ ଆପୋଷ ସମାଧାନ ମଧ୍ୟରେ କୌଣସି ନିଷ୍ପତ୍ତି ନିଆଯାଏ ତେବେ ତାହା କାର୍ଯ୍ୟକାରୀ ହୁଏ। ପରିବାରରେ କୌଣସି ବିକଳାଙ୍ଗ ଲୋକ ଥିଲେ ଏବଂ ପରିବାରର ସମସ୍ତ ସଦସ୍ୟ ରାଜିଥିଲେ ସେହି କ୍ଷେତ୍ରରେ ବିକଳାଙ୍ଗ ଲୋକକୁ ଅଧିକ

ପରିମାଣରେ ଜମି ଦିଆଯାଏ। ଯଦି କୌଣସି ପାରେଙ୍ଗା ଲୋକ ଏକ ଅନାଥ ଶିଶୁକୁ ଆଣି ପାଳିଥାଏ ତେବେ ସେ ବଡ଼ ହେଲେ ପରିବାର ସମସ୍ତ ସଦସ୍ୟଙ୍କ ନିଷ୍ପତ୍ତି ଅନୁସାରେ ଜମିବାଡ଼ି ତା'ର ନାମରେ କରାଯାଇଥାଏ।

ଭାଗବଣ୍ଟନ ଫଇସଲା କରିବା କ୍ଷେତ୍ରରେ ଗ୍ରାମ୍ୟ ରାଜନୈତିକ ପରିଷଦ ଓ ସରକାରୀ ଅମିନ ଭାଗ ନେଇଥାଆନ୍ତି। କେତେକ କ୍ଷେତ୍ରରେ ଘରୋଇ ଭାଗବଣ୍ଟା ଫଇସଲା ପାରେଙ୍ଗାମାନଙ୍କ ବନ୍ଧୁ ଓ ସଂପର୍କୀୟମାନଙ୍କ ଦ୍ୱାରା ହୋଇଥାଏ। ଅଧିକାଂଶ ଭାଗବଣ୍ଟା ଫଇସଲା ପାରେଙ୍ଗା ସମାଜରେ ଗ୍ରାମ୍ୟ ରାଜନୈତିକ ପରିଷଦ ଓ ଗ୍ରାମର ବୟସ୍କ ଲୋକମାନଙ୍କ ଦ୍ୱାରା ହୋଇଥାଏ।

ସେମାନେ ସାଧାରଣତଃ ସ୍ୱତନ୍ତ୍ର ଦିବସ କିମ୍ବା ପର୍ବପର୍ବାଣିରେ ଗୋଷ୍ଠୀଗତ ଭାବେ ଜଙ୍ଗଲକୁ ଶିକାର କରିବାକୁ ଯାଇଥାଆନ୍ତି। ଶିକାର କରିଥିବା ପଶୁ କିମ୍ବା ପକ୍ଷୀର ମାଂସକୁ ସମସ୍ତଙ୍କ ମଧ୍ୟରେ ସମପରିମାଣରେ ଭାଗ ବଣ୍ଟା କରାଯାଇଥାଏ କିନ୍ତୁ ଯେଉଁ ବ୍ୟକ୍ତି ଶିକାର କରିଥାଏ ତାକୁ ଅଧିକ ପରିମାଣରେ ଦେଇଥାଆନ୍ତି। ଜଂଗଲ ସୁରକ୍ଷା ପାଇଁ ବର୍ତ୍ତମାନ ଓଡ଼ିଶା ସରକାରଙ୍କର ବନ ବିଭାଗ ତରଫରୁ ପାରେଙ୍ଗା ମାନଙ୍କ ମଧ୍ୟରେ ଜଂଗଲ ବଣ୍ଟନ କରାଯାଉଛି। ସମସ୍ତ ପାରେଙ୍ଗା ପାଳି ଅନୁସାରେ ଜଂଗଲ ଜଗିବାକୁ ଯାଉଛନ୍ତି।

**ଉତ୍ତରାଧିକାର :**

ପ୍ରତ୍ୟେକ କ୍ଷେତ୍ରରେ ଉତ୍ତରାଧିକାର ସତ୍ତ୍ୱ ସେମାନଙ୍କର ପୁଅ ଗ୍ରହଣ କରନ୍ତି। ଜଂଗଲ ଓ ପାହାଡ଼ ଉପରେ ପୋଡୁ ଜମି ଥିଲେ ପୁଅମାନେ ସମପରିମାଣର ଉତ୍ତରାଧିକାର ସତ୍ତ୍ୱ ଗ୍ରହଣ କରନ୍ତି। ଗୃହ ସଂପତ୍ତି ଯଥା : ଜମିବାଡ଼ି, ଅଳଙ୍କାର, ବଗିଚା ଓ ଗଛ, ଗୃହ ସାମଗ୍ରୀ ଇତ୍ୟାଦିରେ ଉତ୍ତରାଧିକାରୀ କେବଳ ପୁଅମାନେ ହୋଇଥାଆନ୍ତି। ଝିଅମାନଙ୍କର ଉତ୍ତରାଧିକାର ସତ୍ତ୍ୱ କିଛି ନାହିଁ। ଧର୍ମୀୟ କ୍ଷେତ୍ରରେ ମଧ୍ୟ ପୂଜାରୀ / ଦିଶାରୀର କାର୍ଯ୍ୟ ବଂଶାନୁକ୍ରମିକ ଭାବେ ପୁଅ ଉତ୍ତରାଧିକାରୀ ହୋଇଥାଏ। ଯଦି ପୂଜାରୀ / ଦିଶାରୀ ଠିକ୍ ଭାବରେ ନିଜର କର୍ତ୍ତବ୍ୟ ସଂପାଦନ ନ କରନ୍ତି ତେବେ ସେହି କ୍ଷେତ୍ରରେ ପାରେଙ୍ଗାମାନେ ଅନ୍ୟ ଲୋକଙ୍କୁ ବାଛିଥାଆନ୍ତି। ସେହିଭଳି ଗ୍ରାମର ମୁଖିଆ ଭାବେ ବଂଶାନୁକ୍ରମିକ ରୂପେ ନିର୍ବାଚିତ ହୋଇଥାଆନ୍ତି। ବାପାଙ୍କ ପରିବାରର ଅନ୍ତେ ବଡ଼ ପୁଅ ଗ୍ରାମର ନାୟକ କାର୍ଯ୍ୟ ତୁଲାଇଥାଏ। ବଡ଼ ପୁଅ ଯଦି କାର୍ଯ୍ୟରେ ଅକ୍ଷମ ବା ନିଜର କାର୍ଯ୍ୟ ଠିକ୍ ଭାବରେ ସଂପାଦନ କରେ ନାହିଁ ତେବେ ସେ କ୍ଷେତ୍ରରେ ସାନ ପୁଅକୁ ଦାୟିତ୍ୱ ଦିଆଯାଇ ଥାଏ।

## ପରିବାର ଏବଂ ବିକାଶ ସାଧନ :

ବାହ୍ୟଜଗତର ସଂସ୍ପର୍ଶରେ ଆସି ପାରେଙ୍ଗାମାନଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଘଟିଛି । ବିଶେଷ କରି ସେମାନଙ୍କ ସାମାଜିକ, ଅର୍ଥନୈତିକ ତଥା ବ୍ୟକ୍ତିତ୍ୱ ସ୍ତରରେ ଅନେକ ପରିବର୍ତ୍ତନ ଆସିଛି । ସେମାନେ ସୁଖରେ ଜୀବନ ଅତିବାହିତ କରିବାକୁ ବିକାଶ ବୋଲି କହିଥାଆନ୍ତି । ବିକାଶ ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାର ଯୋଜନା ମୂଳକ କାର୍ଯ୍ୟକ୍ରମମାନ କରାଯାଉଛି । ସେମାନଙ୍କ ସାମାଜିକ ତଥା ଅର୍ଥନୈତିକ କ୍ଷେତ୍ରରେ ଉନ୍ନୟନ ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପମାନ ନିଆଯାଉଛି ।

ସେମାନେ ଅତୀତରେ କେବଳ ଜଂଗଲ ଉପରେ ନିର୍ଭର କରି ନିଜର ଜୀବିକା ନିର୍ବାହ କରୁଥିଲେ । ଧୀରେ ଧୀରେ ସମତଳ ଅଞ୍ଚଳରେ ବାସ କରି କୃଷି କାର୍ଯ୍ୟ ଆରମ୍ଭ କଲେ । କୃଷିକ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ସରକାରଙ୍କ ତରଫରୁ ଉନ୍ନତ କିସମର ବିହନ, ସାର ଓ କୀଟନାଶକ ଔଷଧ ମାଗଣାରେ ଯୋଗାଇ ଦିଆଯାଉଛି । ପାରେଙ୍ଗା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବ୍ଲକ୍ ତରଫରୁ ପନିପରିବା ଚାଷ ପାଇଁ ମାଗଣାରେ ବିହନ ଏବଂ ବ୍ୟାଙ୍କମାନଙ୍କ ତରଫରୁ କୃଷି ଋଣ ଯୋଗାଇ ଦିଆଯାଉଅଛି । କେତେକ ବେସରକାରୀ ସଂସ୍ଥା ମଧ୍ୟ ପାରେଙ୍ଗା ମାନଙ୍କ କୃଷିର ଉନ୍ନତି ପାଇଁ, ହଳ, ବଳଦ, ବିହନ, ଖରା ଇତ୍ୟାଦି ମାଗଣାରେ ଯୋଗାଇ ଦେଉଛନ୍ତି । ମୃତ୍ତିକା ସଂରକ୍ଷଣ ପାଇଁ ମଧ୍ୟ ସରକାରଙ୍କ ତରଫରୁ ମାଗଣାରେ କେତେକ କାର୍ଯ୍ୟ କରାଯାଉଅଛି । ମୃତ୍ତିକା ସଂରକ୍ଷଣ ପାଇଁ ମଧ୍ୟ ସରକାରଙ୍କ ତରଫରୁ ଜମିର ଚତୁଃପାର୍ଶ୍ୱରେ ହିଡ଼ ଦିଆଯାଉଛି । ଜଳସେଚନର ସୁବିଧା ପାଇଁ ବିଭାଜିକା ପ୍ରକଳ୍ପ ଦ୍ୱାରା ଜଳକୁ ଅଟକାଯାଇ ନାଳଦ୍ୱାରା ପାଣିକୁ ଛଡ଼ାଯାଉଛି । ଯାହାଦ୍ୱାରା ପାରେଙ୍ଗା ଚାଷୀମାନେ ଆବଶ୍ୟକ ହେଲେ ଜମିରେ ଜଳସେଚନ କରୁଛନ୍ତି । କେତେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୫୦% ଛାଡ଼ରେ ପାଣି ପମ୍ପ ପନିପରିବା ଚାଷ ପାଇଁ ଯୋଗାଇ ଦିଆଯାଉଛି ।

ପୂର୍ବେ ସେମାନେ ଚାଷ କାର୍ଯ୍ୟରେ ଉନ୍ନତ କିସମର ବହିନ, ସାରର ବ୍ୟବହାର କରୁ ନଥିଲେ ଯାହାଦ୍ୱାରାକି ସେମାନଙ୍କ ଶସ୍ୟ ଉତ୍ପାଦନ ବହୁତ କମ୍ ଥିଲା । କିନ୍ତୁ ବର୍ତ୍ତମାନ ସେମାନେ ଜମିରେ ବିଭିନ୍ନ ପ୍ରକାର ସାର କୀଟନାଶକ ଔଷଧ ପ୍ରୟୋଗ କରିବା ଦ୍ୱାରା ସେମାନଙ୍କ ଶସ୍ୟ ଉତ୍ପାଦନ ବୃଦ୍ଧି ପାଉଛି । ପାରେଙ୍ଗା ଅଞ୍ଚଳରେ ଶିକ୍ଷାର ବିକାଶ, ସମବାୟ, ବନ ଉନ୍ନୟନ, ସ୍ୱାସ୍ଥ୍ୟ, ପଶୁପାଳନ, ମହିଳା ବିକାଶ ପରିବେଶ ସୁରକ୍ଷା ଇତ୍ୟାଦି କ୍ଷେତ୍ରରେ ଉନ୍ନୟନ ପାଇଁ ସରକାରୀ ବେସରକାରୀ ସ୍ତରରେ ବିଭିନ୍ନ ପ୍ରକାର ଯୋଜନାମୂଳକ କାର୍ଯ୍ୟକ୍ରମ ମାନ କରାଯାଉଛି ।

ପାରେଙ୍ଗା ସମାଜରୁ ଗୋତି ବ୍ୟବସ୍ଥା ଧିରେ ଧିରେ ଉଠିଗଲାଣି । ଲୋକମାନେ ବହୁତ ସଚେତନ ହେଲେଣି । ଓଡ଼ିଶା ସରକାରଙ୍କ ତରଫରୁ ଲାଗୁ ହୋଇଥିବା ବର୍ଷକୁ ଶହେ ଦିନିଆ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଦ୍ୱାରା ଲୋକମାନେ କାମ ପାଉଛନ୍ତି ଏବଂ କିଛି ଅର୍ଥ ଉପାର୍ଜନ କରୁଛନ୍ତି । କିନ୍ତୁ କେତେକ କ୍ଷେତ୍ରରେ ପାରେଙ୍ଗାମାନେ ସରକାରୀ କର୍ମଚାରୀଙ୍କ ଦ୍ୱାରା ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

□□□

# ରାଜନୈତିକ ସଂରଚନା

ପାହାଡ଼, ପର୍ବତ ଓ ଜଂଗଲ ନିକଟବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ପାରେଙ୍ଗାମାନେ ବହୁତ ଶୃଙ୍ଖଳିତ । ଗୋଷ୍ଠୀ ମଧ୍ୟରେ ରହିବାକୁ ପାରେଙ୍ଗାମାନେ ବହୁତ ପସନ୍ଦ କରନ୍ତି । ଏକତ୍ର ରହିବା ଦ୍ୱାରା ପ୍ରତ୍ୟେକ କାର୍ଯ୍ୟରେ ସମସ୍ତେ ସମସ୍ତଙ୍କୁ ଆବଶ୍ୟକ ପରିମାଣର ସାହାଯ୍ୟ ସହଯୋଗ କରନ୍ତି । କେତେକ କ୍ଷେତ୍ରରେ ମଧ୍ୟ ସେମାନଙ୍କ ମଧ୍ୟରେ କଳିଝଗଡ଼ା ହୋଇଥାଏ । ଏଥିପାଇଁ ଗୋଷ୍ଠୀ ସ୍ତରରେ ଏକ ବିଚାରକ ମଣ୍ଡଳୀ ଥାଏ । ଅତୀତରେ ଯେତେବେଳେ ରାଜାମାନେ ଶାସନ କରୁଥିଲେ ସେତେବେଳେ ପାରେଙ୍ଗାମାନଙ୍କର ରାଜନୈତିକ ବ୍ୟବସ୍ଥା ଅତ୍ୟନ୍ତ କଠୋର ଥିଲା । ସମସ୍ତେ ରାଜନୈତିକ ବ୍ୟବସ୍ଥାକୁ ମାନି ଚଳୁଥିଲେ । ରାଜନୈତିକ ବ୍ୟବସ୍ଥା କହିଲେ ସାଧାରଣତଃ ସେମାନେ ସମାଜରେ ଶାନ୍ତି ଶୃଙ୍ଖଳା ସହ ଏକତାବଦ୍ଧ ହୋଇ ରହିବା ବୋଲି ମତବ୍ୟକ୍ତ କରନ୍ତି, କିନ୍ତୁ ବର୍ତ୍ତମାନର ଆଧୁନିକ ରାଜନୈତିକ ବ୍ୟବସ୍ଥା ଏହିପରି ହୋଇଯାଇଛି ଯେ ସେମାନେ ପୂର୍ବ ରାଜନୈତିକ ବ୍ୟବସ୍ଥାକୁ ପୁନଃ ପ୍ରଚଳନ ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି । ପ୍ରତ୍ୟେକ ପାରେଙ୍ଗା ଗ୍ରାମମାନଙ୍କରେ ରାଜନୈତିକ ବ୍ୟବସ୍ଥା ବା ରାଜନୈତିକ ସଂଗଠନ କହିଲେ ଗ୍ରାମର ଲୋକମାନଙ୍କ ମଧ୍ୟରେ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ କରିବା ସେମାନେ ବୁଝନ୍ତି । ଚୋରି, ଗଣ୍ଡଗୋଳ, ମାଡ଼ପିଟ୍, ବିଭିନ୍ନ ମାମଲାର ବିଚାର ଗ୍ରାମ ସଂଗଠନ ଦ୍ୱାରା ହୋଇଥାଏ । ପରିବାରର ମୁଖ୍ୟ ଯେପରି ପାରିବାରିକ ବିଭିନ୍ନ ସମସ୍ୟାର ସମାଧାନ କରନ୍ତି ଠିକ୍ ସେହିଭଳି ଗୋଷ୍ଠୀ ସ୍ତରରେ, ବଂଶ ସ୍ତରରେ ଗୋତ୍ର ସ୍ତରରେ, ବିଭିନ୍ନ ସମସ୍ୟାର ସମାଧାନ, ରାଜନୈତିକ ସଂଗଠନ ଦ୍ୱାରା ହୋଇଥାଏ । ଗ୍ରାମ ଯେତେବେଳେ ପ୍ରଥମେ ସ୍ଥାପନ ହେଲା ବା ପ୍ରଥମେ ଯେଉଁ ବ୍ୟକ୍ତି ଗ୍ରାମ ଆରମ୍ଭ କରି ନିଜର ବସତି ସ୍ଥାପନ କରିଥିଲା ସେ ଗ୍ରାମର ରାଜନୈତିକ ପରିଷଦର ମୁଖ୍ୟ ହୋଇଥାଆନ୍ତି । ସେମାନେ ତାଙ୍କୁ ନାୟକ ବୋଲି ଜାଣନ୍ତି । ରାଜନୈତିକ ପରିଷଦ କହିଲେ ନାୟକ, ବାଡ଼ିନାୟକ, ବାରିକ / ଚଲାଣଙ୍କୁ ନେଇ ଗଠିତ ହୋଇଥାଏ । ଗ୍ରାମର ସୁବିଧା, ଅସୁବିଧା ବିଭିନ୍ନ ସମସ୍ୟାର ସମାଧାନ ନାୟକ କରିଥାଏ । ଗ୍ରାମରେ କୌଣସି ବିଶୃଙ୍ଖଳା ହେଲେ ସେମାନେ ନାୟକଙ୍କୁ ଜଣାନ୍ତି । ନାୟକ ବାରିକ / ଚଲଣ ମାଧ୍ୟମରେ, ଗ୍ରାମର ସମସ୍ତ ଲୋକଙ୍କୁ ଏକତ୍ରିତ କରି ସମସ୍ୟାର ସମାଧାନ କରିଥାଆନ୍ତି ।

**ସ୍ଥାନୀୟ ରାଜନୈତିକ ପରିଷଦ :**

ପାରେଙ୍ଗା ସମାଜରେ ରାଜନୈତିକ ପରିଷଦ ସାଧାରଣତଃ ନାୟକ, ବାଡ଼ିନାୟକ ବାରିକ / ଚଲାଣକୁ ନେଇ ଗଠିତ। ଏମାନଙ୍କ ଭୂମିକା ସମାଜରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପାରେଙ୍ଗା ସମାଜରେ ନାୟକ ଓ ପୂଜାରୀଙ୍କୁ ଯଥେଷ୍ଟ ସମ୍ମାନ ଦିଅନ୍ତି। ପାରମ୍ପରିକ ରାଜନୈତିକ ପରିଷଦର ସଦସ୍ୟମାନେ ସାଧାରଣତଃ ବଂଶାନୁକ୍ରମିକ ଭାବେ ମନୋନୀତ ହୋଇଥାଆନ୍ତି।

**ବିଭିନ୍ନ ସଦସ୍ୟଙ୍କ ଭୂମିକା :**

ଗ୍ରାମମାନଙ୍କରେ ଶାନ୍ତି ଶୃଙ୍ଖଳା ବଜାଇ ରଖିବା ପାଇଁ ରାଜନୈତିକ ପରିଷଦ ଥାଏ। ଏହି ରାଜନୈତିକ ପରିଷଦର ମୁଖ୍ୟଙ୍କୁ ନାୟକ କୁହାଯାଏ। ଗ୍ରାମରେ ପ୍ରତ୍ୟେକ ସମସ୍ୟାର ବିଚାର କରି ନାୟକ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ଯଥା ସମ୍ଭବ ଆର୍ଥିକ ଶାରୀରିକ ଦଣ୍ଡ ଦେଇଥାନ୍ତି। ନାୟକଙ୍କ ନିଷ୍ପତ୍ତି ସମସ୍ତେ ସୁଚାରୁ ରୂପେ ମାନି ଚଳନ୍ତି। ସେମାନଙ୍କ ସମାଜରେ ଠିକ୍ ସେହିଭଳି ଜାତିନାୟକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଜଣେ ପାରେଙ୍ଗା ଯୁବକ ଅନ୍ୟ ଆଦିବାସୀ / ଅଣ ଆଦିବାସୀ ଗୋଷ୍ଠୀର କନ୍ୟାକୁ ବିବାହ କରେ ତେବେ ସେ ଜାତିରେ କିପରି ମିଶିବ ସେହି କାର୍ଯ୍ୟ ଜାତି ନାୟକ କରିଥାନ୍ତି କିମ୍ୱା ଯଦି କୌଣସି ପାରେଙ୍ଗା ପରିବାରର କନ୍ୟା ଅନ୍ୟ ଗୋଷ୍ଠୀର ଯୁବକ ସହ ପଳାଇଥାଏ ତେବେ ସେହି କନ୍ୟାର ପରିବାର ଜାତିରେ ମିଶିବାକୁ ପଡ଼ିଥାଏ। ଯଦି କୌଣସି ମହିଳା ମେଡ଼ିକାଲରେ କିମ୍ୱା ଅନ୍ୟ କୌଣସି ଗ୍ରାମରେ ପ୍ରସବ କରେ ତେବେ ସେ ମଧ୍ୟ ଜାତିରେ ମିଶିବାକୁ ପଡ଼ିବ ବୋଲି ସେମାନେ ମତବ୍ୟକ୍ତ କରନ୍ତି। ଯଦି କୌଣସି ଲୋକ ଛୋଟ ଜାତିର ଲୋକଠାରୁ ମାଡ଼ ଖାଇଲା କିମ୍ୱା ଯୋତା ପାହାର ଖାଇଲା ତେବେ ସେ ମଧ୍ୟ ଜାତିରେ ମିଶିବ। ଉପର ଲିଖିତ ଏହି ସବୁ କାର୍ଯ୍ୟଗୁଡ଼ିକ ଗ୍ରାମରେ ଘଟୁଥିଲେ ତାହାର ବିଚାର ଜାତିନାୟକ କରିଥାନ୍ତି। ଆହୁରି ମଧ୍ୟ କୌଣସି ପାରେଙ୍ଗା ଯୁବକ ଯଦି ହରିଜନ / ଡମ୍ବ ପରିବାରର କନ୍ୟାକୁ ବିବାହ କରେ ତେବେ ପାରେଙ୍ଗା ସମାଜ ତାକୁ ସବୁଦିନ ପାଇଁ ସମାଜରୁ ବାଛନ୍ଦ କରେ ଏବଂ ତା'ର ପରିବାର ଜାତି ହେଲେ, ପାରେଙ୍ଗା ସମାଜରେ ମିଶିପାରିବ। ପାରମ୍ପରିକ ରାଜନୈତିକ ପରିଷଦରେ ଆଉ ଜଣେ ଡାକୁଆ ହିସାବରେ ନିଯୁକ୍ତ ହୋଇଥାଆନ୍ତି। ପାରେଙ୍ଗାମାନେ ଏହି ପଦବୀକୁ ବାରିକ / ଚଲାଣ କୁହନ୍ତି। ଏହି ପଦବୀରେ ଯଦି ପାରେଙ୍ଗା ଲୋକ ରହିଥାଆନ୍ତି ତେବେ ତାଙ୍କୁ ଚଲାଣ ବୋଲି କୁହନ୍ତି ଏବଂ ଏହି ପଦବୀରେ ଯଦି ଗ୍ରାମର ଅନ୍ୟ କୌଣସି ଗୋଷ୍ଠୀର ଲୋକ ନିଯୁକ୍ତ ହୋଇଥାଆନ୍ତି ତେବେ ତାଙ୍କୁ ବାରିକ ବୋଲି କହିଥାଆନ୍ତି। ଗ୍ରାମରେ କୌଣସି ସମସ୍ୟା ଉପୁଜିଲେ ବାରିକ / ଚଲାଣ ନାୟକଙ୍କ ସହ ଯୋଗାଯୋଗ କରି ଗ୍ରାମର ସମସ୍ତ ଲୋକଙ୍କୁ ସଦରକୁ ଡାକିଥାନ୍ତି ଏବଂ ସଭାର ଲକ୍ଷ୍ୟ ସଂପର୍କରେ ଲୋକଙ୍କୁ ଅବଗତ କରାନ୍ତି।

ବୈଠକ ସମୟ ହୋଇଗଲେ ପୁଣିଥିରେ ସଦରରେ ଛିଡ଼ା ହୋଇ ଗ୍ରାମର ସମସ୍ତ ଲୋକଙ୍କୁ ସଭାକୁ ଡାକିଥାନ୍ତି ।

**ଧର୍ମୀୟମୁଖ୍ୟଙ୍କ ଭୂମିକା :**

ପାରେଙ୍ଗାମାନଙ୍କ ଧର୍ମୀୟ ମୁଖ୍ୟଙ୍କୁ ପୂଜାରୀ କୁହାଯାଏ । ଏହି ପୂଜାରୀ ପଦବୀ ମଧ୍ୟ ବଂଶାନୁକ୍ରମିକ ଏବଂ ଏହି ପୂଜାରୀ ଜଣକ ନିଶ୍ଚିତ ଭାବରେ ପାରେଙ୍ଗା ଗୋଷ୍ଠୀର ଲୋକ । ଗ୍ରାମରେ ହେଉଥିବା ଧର୍ମୀୟ କାର୍ଯ୍ୟ ଯଥା -ପୂଜାପାଠ, ବିବାହ ଇତ୍ୟାଦି ପୂଜାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯେ କୌଣସି ଧର୍ମୀୟ କାର୍ଯ୍ୟ କରିବା ପୂର୍ବରୁ ପୂଜାରୀଙ୍କ ସହ ଯୋଗାଯୋଗ କରାଯାଇଥାଏ । ଗ୍ରାମରେ ପାଳନ କରାଯାଉଥିବା ପର୍ବପର୍ବାଣିଗୁଡ଼ିକ ପୂର୍ବରୁ ଗ୍ରାମର ସଦରର ସମସ୍ତ ଲୋକଙ୍କ ଉପସ୍ଥିତିରେ ସଭାର ଆୟୋଜନ କରାଯାଇଥାଏ । ଏହି ସଭାରେ ପୂଜାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପର୍ବଟି କିପରି ପାଳନ କରାଯିବ ଏବଂ ସେଥିରେ କ'ଣ କ'ଣ ପୂଜା ସାମଗ୍ରୀ ଆବଶ୍ୟକ ସେ ସମ୍ବନ୍ଧରେ ପୂଜାରୀ ଏକ ତାଲିକା ଦେଇଥାନ୍ତି । ସେମାନେ ପୂଜାରୀଙ୍କୁ ଭଗବାନଙ୍କ ଆଉ ଏକ ରୂପ ବୋଲି ଭାବିଥାଆନ୍ତି ଏବଂ ଯଥେଷ୍ଟ ସମ୍ମାନ ଦିଅନ୍ତି ।

ଗୋଷ୍ଠୀ ସ୍ତରୀୟ ରାଜନୈତିକ ମୁଖ୍ୟଙ୍କୁ ଜାତିନାୟକ ବୋଲି କହିଥାଆନ୍ତି । ପାରେଙ୍ଗା ସମାଜରେ ପାରମ୍ପରିକ ରାଜନୈତିକ ସଂଗଠନରେ ଅନ୍ୟ ସଂପ୍ରଦାୟର ସଦସ୍ୟଗଣ ମଧ୍ୟ ଥାଆନ୍ତି । ବାରିକ କାର୍ଯ୍ୟରେ ସାଧାରଣତଃ ଯେ ନିଯୁକ୍ତ ହୋଇଥାଆନ୍ତି ସେ ଦଳିତ କିମ୍ବା ଅନ୍ୟ ଅଣ-ଆଦିବାସୀ ଗୋଷ୍ଠୀର ହୋଇଥାଆନ୍ତି । କେତେକ ପାରେଙ୍ଗା ଗ୍ରାମରେ ମଧ୍ୟ ଅନ୍ୟ ଗୋଷ୍ଠୀର ଲୋକ ନାୟକ ହୋଇଥାଆନ୍ତି କାରଣ ଯେଉଁ ଗ୍ରାମରେ ଯେଉଁ ଗୋଷ୍ଠୀର ଲୋକ ସଂଖ୍ୟାଧିକ ଗୋଷ୍ଠୀର ରହିଲେ ସେଠାରେ ସଂଖ୍ୟାଧିକ ଲୋକ ହିଁ ନାୟକ ହୋଇଥାଆନ୍ତି ।

**ପାରମ୍ପରିକ ପରିଷଦର କାର୍ଯ୍ୟ :**

ପାରେଙ୍ଗା ଗ୍ରାମମାନଙ୍କର ପାରମ୍ପରିକ ରାଜନୈତିକ ପରିଷଦକୁ ଯେଉଁମାନେ ନିର୍ବାଚିତ ହୋଇଆସିଥାଆନ୍ତି, ସେମାନେ ଗ୍ରାମର ବିଭିନ୍ନ ସମସ୍ୟାର ଆଲୋଚ଼ନା କରି ନିଷ୍ପତ୍ତି ନେଇଥାଆନ୍ତି । ଗ୍ରାମର ଅର୍ଥନୈତିକ, ସାମାଜିକ, ଧାର୍ମୀୟ, ରାଜନୈତିକ ଓ ବ୍ୟକ୍ତିସ୍ତରୀୟ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାଗୁଡ଼ିକର ଆଲୋଚ଼ନା ରାଜନୈତିକ ପରିଷଦ କରିଥାଏ । ରାଜନୈତିକ ପରିଷଦର ମୁଖ୍ୟ ନାୟକ ସମସ୍ୟାର ପୁଙ୍ଖାନୁପୁଙ୍ଖ ଆଲୋଚ଼ନା କରିବାପରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ଶାରିରୀକ ଓ ଅର୍ଥ ଆକାରରେ ଦଣ୍ଡ ଦେଇଥାଆନ୍ତି । ଏହି ପାରମ୍ପାରିକ ପରିଷଦର କାର୍ଯ୍ୟ ନିମ୍ନରେ ବର୍ଣ୍ଣିତ ହେଲା:-

(କ) ଗ୍ରାମରେ ପର୍ବପର୍ବାଣିଗୁଡ଼ିକ ପାଳନ କରିବା ପୂର୍ବରୁ ନାୟକ, ବାରିକ ମାଧ୍ୟମରେ ଗ୍ରାମର ସମସ୍ତ ଲୋକଙ୍କୁ ସଦରକୁ ଡାକିଥାଆନ୍ତି ।

(ଖ) କୌଣସି ଆଲୋଚନାରେ ଗ୍ରାମର ସମସ୍ତ ଲୋକ ସକ୍ରିୟ ଅଂଶ ଗ୍ରହଣ କରିଥାଆନ୍ତି।

(ଗ) ବିଚାର ପୂର୍ବରୁ ନାୟକ ଦୁଇପକ୍ଷ ଓ ସାକ୍ଷୀଙ୍କ ଠାରୁ ଜମାନବନ୍ଦୀ ଆଦାୟ କରନ୍ତି ଏବଂ ସର୍ବଶେଷରେ ନିଷ୍ପତ୍ତି ଶୁଣାନ୍ତି।

(ଘ) ସ୍ୱାମୀ, ସ୍ତ୍ରୀ ମଧ୍ୟରେ ଝଗଡ଼ା ଲାଗିଲେ ଗ୍ରାମ ସଭାରେ ତାହା ବିଚାର କରାଯାଏ।

(ଚ) ଦୁଇ ଭାଇ ମଧ୍ୟରେ ପୈତୃକ ସମ୍ପତିକୁ କେନ୍ଦ୍ର କରି କଳି, ଝଗଡ଼ା ହେଲେ ଗ୍ରାମ ସଭା ତାହାର ବିଚାର କରିଥାଏ।

(ଛ) ଦୁଇ ଗ୍ରାମରେ ଜଂଗଲ ଓ ଜମିକୁ ନେଇ ଗଣ୍ଡଗୋଳ ସୃଷ୍ଟି ହେଲେ ଦୁଇ ଗ୍ରାମର ପାରମ୍ପରିକ ପରିଷଦରେ ବିଚାର କରାଯାଏ।

(ଜ) ପାରେଙ୍ଗା ଗୋଷ୍ଠୀର ଯୁବକ ଯଦି ଅନ୍ୟ ଆଦିବାସୀ ଗୋଷ୍ଠୀରେ ବିବାହ କରେ ତେବେ ପାରମ୍ପରିକ ପରିଷଦ ମାଧ୍ୟମରେ ସେମାନେ ସମାଜରେ ମିଶିପାରନ୍ତି।

(ଝ) ପ୍ରେମ ବିବାହ (ଉଦୁଲିଆ ବିଭା) କ୍ଷେତ୍ରରେ କନ୍ୟାସୁନା ସାଧାରଣତଃ ଗ୍ରାମ ସଭା ଠିକ୍ କରିଥାଏ।

(ଞ) କୌଣସି ମହିଳା ଯଦି ତା'ର ସ୍ୱାମୀକୁ ଛାଡ଼ି ଆଉ ଜଣେ ସ୍ୱାମୀ ଗ୍ରହଣ କରେ ତେବେ ତା'ର ପ୍ରଥମ ସ୍ୱାମୀ ପାରମ୍ପାରିକ ଗ୍ରାମସଭା ମାଧ୍ୟମରେ ଦ୍ୱିତୀୟ ସ୍ୱାମୀଙ୍କୁ ଡାକି କନ୍ୟାସୁନା ଆଦାୟ କରିଥାଏ।

(ଟ) ଗ୍ରାମରେ କୌଣସି ଲୋକ ତା'ର, ସ୍ତ୍ରୀକୁ ଛାଡ଼ପତ୍ର ଦେଇଥାଏ ତେବେ ତାହାର ବିଚାର ଗ୍ରାମ ସଭାରେ ହୋଇଥାଏ।

(ଠ) ଗ୍ରାମରେ ଯଦି ଜଣେ ଲୋକ ଗୋଟିଏ ଗଛ ଲଗାଇଥାଏ ଏବଂ ତାହା ଆଉ ଜଣଙ୍କ ଜମିରେ ପଡ଼େ ତେବେ ଦୁଇଜଣଙ୍କ ମଧ୍ୟରେ ଗଣ୍ଡଗୋଳ ହେଲେ ଗ୍ରାମ ସଭା ତାହାର ବିଚାର କରେ।

(ଡ) ଯଦି ଜଣେ ବିବାହିତ ପୁରୁଷ ଅନ୍ୟ ଜଣେ ମହିଳାଙ୍କ ସହ ଶାରିରୀକ ଅବୈଧ ସମ୍ପର୍କ ରଖେ ତେବେ ତାହାର ବିଚାର ଗ୍ରାମସଭାରେ ହୋଇଥାଏ।

(ଢ଼) ଦୁଇ ଗ୍ରାମ ମଧ୍ୟରେ ଜମିବାଡ଼ି କିମ୍ବା ଶିକାରକୁ ନେଇ ବିବାଦ ଉପୁଜିଲେ ତାହାର ବିଚାର ଗ୍ରାମସଭାରେ ହୋଇଥାଏ।

(ଣ) ଗ୍ରାମରେ ଚୋରିହେଲେ ଚୋରି କରିଥିବା ବ୍ୟକ୍ତିକୁ ଗ୍ରାମ ସଭା ବିଚାର କରି ଦଣ୍ଡ ଦିଏ।

(ଡ) ଗ୍ରାମକୁ କୌଣସି ସରକାରୀ କର୍ମକର୍ତ୍ତା କିମ୍ବା ଅନ୍ୟ କେହି ଅତିଥି ଆସିଲେ ତାଙ୍କ ରହିବା, ଖାଇବା ବ୍ୟବସ୍ଥା, ଗ୍ରାମସଭା ବା ଗ୍ରାମର ମୁଖ୍ୟ ନାୟକ କରିଥାନ୍ତି।

ପ୍ୟାରେଙ୍ଗା ଗ୍ରାମମାନଙ୍କରେ ପାରମ୍ପରିକ ରାଜନୈତିକ ପରିଷଦ ପାଇଁ ଗ୍ରାମର ମଧ୍ୟସ୍ଥଳରେ ଏକ ସ୍ୱତନ୍ତ୍ର ସ୍ଥାନ ଥାଏ। ପାରେଙ୍ଗାମାନେ ସେହି ସ୍ଥାନକୁ 'ସଦର' ବୋଲି କହନ୍ତି। ଏହି ସ୍ଥାନଟିକୁ ପାରେଙ୍ଗାମାନେ ପଥର ଓ ମାଟି ଦେଇ ଉଚ୍ଚାଳିଆ କରିଥାଆନ୍ତି ଏବଂ ତାହା ପାଖରେ ଏକ ବର କିମ୍ବା ଅଶ୍ୱତ୍ଥ ଗଛ ଲଗାଇ ଥାଆନ୍ତି। ଗଛର ତଳ ଅଂଶକୁ ପଥର ଦ୍ୱାରା ଆବୃତ କରିଥାଆନ୍ତି। ସେହି ଉଚ୍ଚାଳିଆ ସ୍ଥାନରେ ଗ୍ରାମର ମୁଖ୍ୟ ନାୟକ ଓ ବୟସ୍କ ଲୋକମାନେ ବସନ୍ତି। ସଦରର ସମ୍ମୁଖ ଭାଗ ଫାଙ୍କା ଥାଏ। ସେଠାରେ ଲୋକମାନେ ବସିବା ପାଇଁ ପଥର ପକାଇଥାଆନ୍ତି।

**ସ୍ଥାନୀୟ ରାଜନୈତିକ ପରିଷଦ :**

ପାରେଙ୍ଗା ସଂପ୍ରଦାୟର ମୁଖ୍ୟ ରାଜନୈତିକ ପରିଷଦର ସଦସ୍ୟ ୱାର୍ଡ଼ମେମ୍ବର, ନାୟକ, ବାରିକ ବା ଚଲାଣ ଏବଂ ଗ୍ରାମର ଭଦ୍ରବ୍ୟକ୍ତିଗଣ। ପାରେଙ୍ଗା ଗାଁମାନଙ୍କରେ ଗାଁ ବା ଗ୍ରାମ୍ୟସ୍ତରୀୟ ଏବଂ ଗୋଷ୍ଠୀସ୍ତରୀୟ ମୁଖ୍ୟଙ୍କୁ ନାୟକ ବୋଲି କୁହାଯାଏ। ସାଧାରଣତଃ ଗାଁର ମେମ୍ବର, ନାୟକ, ବାରିକ ବା ଚଲାଣକୁ ନେଇ ପାରମ୍ପରିକ ରାଜନୈତିକ ପରିଷଦ ଗଠିତ ହୋଇଥାଏ ଏବଂ ଗାଁର ଦୁଃଖ ସୁଖ ଭଲମନ୍ଦ ସବୁ ବୁଝିବା ନାୟକଙ୍କ ଦାୟିତ୍ୱ। କୌଣସି ଘଟଣା ଘଟିଗଲେ ବା କୌଣସି କାର୍ଯ୍ୟ ଭଲମନ୍ଦ କରିବାକୁ ହେଲେ ଗାଁର ଲୋକମାନଙ୍କର ନିଷ୍ପତ୍ତି ନେବାକୁ ପଡ଼ିଥାଏ ତେଣୁ ଏହି ନିଷ୍ପତ୍ତି ନେବାକୁ ଲୋକମାନଙ୍କୁ ଡାକି ଗାଁର ସଦରଦାଣ୍ଡରେ ଏକତ୍ର କରିବା ବାରିକ ବା ଚଲାଣର କାମ। ଠିକ୍ ଯେପରି ଏହି ପରିଷଦରେ ନାୟକର ଗୁରୁତ୍ୱ ରହିଛି ସେହିପରି ମେମ୍ବରର ମଧ୍ୟ ଗୁରୁତ୍ୱ ଅଛି। କିନ୍ତୁ ପୂର୍ବକାଳରେ ଗାଁର ଦୁଃଖ ସୁଖ ଭଲମନ୍ଦ ଘଟଣାର ବିଚାର କରିବା ନାୟକ, ବାରିକ, ଚଲାଣ ଏବଂ ଗାଁର ସଦସ୍ୟମାନଙ୍କ ଦ୍ୱାରା କରାଯାଉଥିଲା। ବର୍ତ୍ତମାନ ପଞ୍ଚାୟତରାଜ ନିୟମ ଅନୁସାରେ ମେମ୍ବର ବା ୱାର୍ଡ଼ମେମ୍ବରଙ୍କୁ ଏହି ପରିଷଦରେ ସାମିଲ କରାଯାଉଛି। କିନ୍ତୁ ଆଗରୁ ୱାର୍ଡ଼ମେମ୍ବର ଏହି ପରିଷଦର ସଦସ୍ୟ ନ ଥିଲେ।

ବଂଶ ବା ଗୋତ୍ରର ମୁଖ୍ୟଙ୍କୁ ଜାତିନାୟକ କୁହାଯାଏ। ଏମାନଙ୍କ କାମ ହେଲା ଯେ କୌଣସି ଲୋକ ସମାଜରେ ନିଷିଦ୍ଧ କାର୍ଯ୍ୟକରି ନିଜର ଜାତି ହରାଇଥିଲେ ବା ସମାଜରୁ ବାସନ୍ଦ ହୋଇଥିଲେ ସେମାନଙ୍କୁ ଜାତିରେ ମିଶାଇବାକୁ ହେଲେ। ନାୟକ ଏବଂ ବାରିକ ଗାଁର ଲୋକେ ବାଛିଥାନ୍ତି। ଯଦି ପୂର୍ବରୁ ନାୟକ ଭାବରେ କାର୍ଯ୍ୟ କରିଆସୁଛନ୍ତି, ତେବେ ସେପରି ପରିବାରରୁ ଜଣେ ଦକ୍ଷ ଲୋକଙ୍କୁ ନାୟକ ଭାବରେ ବାଛିଥାନ୍ତି ଏବଂ ପ୍ରତିବର୍ଷ

୨ଟି ଦିନ ଭିତରେ ନାୟକ ବାଛିଥାନ୍ତି। ପ୍ରଥମ ହେଲା ପ୍ରତିବର୍ଷର ହୁଣ୍ଡି ପର୍ବର ଦୁଇଦିନ ପୂର୍ବରୁ ବା ପୁଷ୍ ପରବର ୨୦ ଦିନ ପୂର୍ବରୁ ନାୟକ ବାଛିଥାନ୍ତି। ବାରିକକୁ ବର୍ଷର ଯେ କୌଣସି ପର୍ବ ଦିନ ମଧ୍ୟ ବାଛିପାରିବେ। ଯଦି ପୁରୁଣା ବାରିକ ଭଲ ରୂପେ ତାର କାର୍ଯ୍ୟ କରୁନାହିଁ ତେବେ ତାକୁ ପରିଷଦରୁ ବାହାର କରି ଦିଆଯାଇଥାଏ ଏବଂ ଅନ୍ୟ ଜଣଙ୍କୁ ବାରିକ ବା ଚଲାଣ ଭାବରେ ନିଯୁକ୍ତ କରାଯାଇଥାଏ। ବିଶେଷ କରି ବାରିକ ଗାଁର ବାରିକ ପରିବାରକୁ କିମ୍ବା ଯଦି ଗାଁରେ ଦଳିତ ଲୋକ ଅଛନ୍ତି ତେବେ ସେ ପରିବାରରୁ ଜଣଙ୍କୁ ବାରିକ ଭାବରେ ବାଛିଥାନ୍ତି। ବାରିକକୁ ତାଙ୍କ ପାରିଶ୍ରମିକ "ପୋଲଇ" ଦିଆଯାଏ, କିନ୍ତୁ ନାୟକକୁ କୌଣସି ପାରିଶ୍ରମିକ ଦିଆଯାଏ ନାହିଁ।

**ପାରମ୍ପରିକ ପରିଷଦର କାର୍ଯ୍ୟ :**

ସାଧାରଣତଃ ପରିଷଦ ଅର୍ଥନୈତିକ, ସାମାଜିକ, ଧାର୍ମିକ, ରାଜନୈତିକ, ବ୍ୟକ୍ତିସ୍ତରୀୟ ଅନ୍ୟାନ୍ୟ କାର୍ଯ୍ୟ କରିଥାଏ। ଗାଁରେ କୌଣସି କାର୍ଯ୍ୟ ନିମନ୍ତେ ଅର୍ଥ ଦରକାର ପଡ଼ିଲେ ଗାଁରେ ଗୋଟିଏ ବୈଠକ ଡକାଯାଇଥାଏ ଏବଂ ବୈଠକରେ ନିଷ୍ପତ୍ତି ନିଆଗଲା ପରେ ବାରିକ ପ୍ରତି ଘର ଘର ବୁଲି ପଇସା ଆଦାୟ କରିଥାଏ ଏବଂ ନାୟକ ପାଖରେ ନେଇ ଜମା ଦେଇଥାଏ। ସେହି ପଇସାର ସଦୁପଯୋଗ କରାଯାଇଥାଏ। ଠିକ୍ ଏହିପରି ସାମାଜିକ, ଧାର୍ମିକ, ରାଜନୈତିକ ବ୍ୟକ୍ତିସ୍ତରୀୟ ଅନ୍ୟାନ୍ୟ କାର୍ଯ୍ୟରେ ମଧ୍ୟ ପରିଷଦର ବୈଠକରେ ଅନୁମୋଦନ କରାଯାଇଥାଏ। ଗାଁର ପ୍ରତି କାର୍ଯ୍ୟ ପାଇଁ ପରିଷଦର ଗୋଟିଏ ବୈଠକ ଗାଁର ସଦର ଦାଣ୍ଡରେ ଅନୁଷ୍ଠିତ ହୋଇଥାଏ ଏବଂ ଏଠାରେ ଅନୁମୋଦିତ ହେଲାପରେ ତା' କାର୍ଯ୍ୟକାରୀ କରାଯାଇଥାଏ। ପାରମ୍ପରିକ ପରିଷଦ ପାଇଁ କୌଣସି ସ୍ୱତନ୍ତ୍ର ସ୍ଥାନ ନାହିଁ ଏବଂ ବିଶେଷ କରି ପରିଷଦର ବୈଠକ ଗାଁର ସଦରଦାଣ୍ଡରେ ବସିଥାଏ ଏବଂ ଯେଉଁ ଘଟଣାର ନିଷ୍ପତ୍ତି ଗାଁ ଦାଣ୍ଡରେ ହୋଇଯାଏ ତାକୁ ସଦର ଦାଣ୍ଡରେ କରାଯାଏ ଏବଂ ଯେଉଁଗୁଡ଼ିକ ସହରଦାଣ୍ଡରେ ହୋଇନଥାଏ ତାକୁ ଗାଁର ବାହାରେ କରାଯାଇଥାଏ। ପରିଷଦର କୌଣସି କେନ୍ଦ୍ର ନାହିଁ ଏବଂ ଅଧିକାଂଶ ଘଟଣାର ସମାଧାନ ଗାଁର ମଝିରେ ଥିବା ଦାଣ୍ଡ ବା ସଦରଦାଣ୍ଡରେ କରାଯାଇଥାଏ ଏବଂ (ସଗରତା) ନ୍ୟାୟଟି ଗାଁର ବାହାରେ କରାଯାଇଥାଏ କାରଣ ଏହି ନ୍ୟାୟ ବସିଲାବେଳେ ଅନେକ ପ୍ରକାର ଅଶ୍ଳୀଳ ଭାଷା ଗୁଡ଼ିକର ପ୍ରୟୋଗ କରାଯାଇଥାଏ ତେଣୁ କରି ଏହି ନ୍ୟାୟ ବସିବାକୁ ଗାଁ ପାଖ ପଡ଼ିଶାମାନଙ୍କରେ କରାଯାଇଥାଏ। କାରଣ ଗାଁରେ କଲେ ଗାଁର ମା ଭଉଣୀ ଭାଇ ବାପା ସମସ୍ତେ ଶୁଣିପାରିବେ ବା ଶୁଣୁଥିବେ ତେଣୁ ସେମାନେ ଏହି ନ୍ୟାୟ ବିଚାର କରିବା ପାଇଁ ଗାଁର ବାହାରେ ବସି କରି ନ୍ୟାୟ ବିଚାର କରିଥାନ୍ତି।

## ବିଭିନ୍ନ ପ୍ରକାର ଦଣ୍ଡବିଧାନ :

ପାରେଙ୍ଗାମାନଙ୍କର ଭୁଲ କାର୍ଯ୍ୟ ପାଇଁ କୌଣସି ଶାରିରୀକ ଦଣ୍ଡ ନାହିଁ। ଅର୍ଥ ଓ ଦ୍ରବ୍ୟ ଆକାରରେ ଜୋରିମନା ଦଣ୍ଡ ମିଳିଥାଏ। ଯଦି ଜଣେ ଲୋକ ସମାଜରେ ଅକାର୍ଯ୍ୟ କରେ ତେବେ ତାକୁ ଶାରୀରିକ ଦଣ୍ଡ ନ ମିଳିତାକୁ ଚଉଳ ଏବଂ ଗାଇ ବା (ବୁଢ଼ା) ଛେଳି ଏବଂ କିଛି ପରିମାଣରେ ଟଙ୍କା ଆକାରରେ ଦଣ୍ଡ ବା ଜୋରିମନା ଦେବାକୁ ପଡ଼ିଥାଏ। ଯଦି ଜଣେ ଲୋକ ପର୍ବ ସମୟରେ କୌଣସି ଲୋକ ସହ ଗଣ୍ଡଗୋଳ ସୃଷ୍ଟି କରେ କିମ୍ବା କୌଣସି କାରଣରୁ କଳି ଉପୁଜାଏ ତେବେ ଯେଉଁ ଦୁଇଜଣ ଲୋକ ଗଣ୍ଡଗୋଳ କରିଥାନ୍ତି ସେମାନଙ୍କୁ ସଦର ଦାଣ୍ଡରେ ଡକାଯାଇଥାଏ । ପରିଷଦ ତାର ନିଷ୍ପତ୍ତି ନେଇଥାଏ ଏବଂ ଦୋଷୀକୁ କିଛି ଟଙ୍କା ଓ ଦ୍ରବ୍ୟଗୁଡ଼ିକୁ ଜୋରିମନା ଆକାରରେ ଦେବାକୁ ପଡ଼ିଥାଏ ଏବଂ ନିର୍ଦ୍ଦୋଷ ଲୋକ ମଧ୍ୟ ତାର ଅଧା ବା ଚଉଠ ଆକାରରେ ପରିଷଦକୁ ଜୋରିମନା ଆକାରରେ ଦେଇଥାଏ ଏବଂ ପରିଷଦ ଚହିଁଲେ ସେହି ଜୋରିମନା ଆକାରରେ ମିଳିଥିବା ଟଙ୍କା ଏବଂ ଦ୍ରବ୍ୟ ନେଇ ଗୋଟିଏ ଭୋଜିରେ ଆୟୋଜନ ମଧ୍ୟ କରିପାରେ ଅଥବା ତାକୁ ରଖି ଗାଁର କୌଣସି କାର୍ଯ୍ୟରେ ମଧ୍ୟ ଲଗାଇପାରେ । ତାହା ଖର୍ଚ୍ଚ କରିବା ଦାୟିତ୍ୱ ରହିଲା ଗାଁର ପରିଷଦ ଉପରେ । ଯଦି ଗାଁର କିଏ ସମାଜରେ କୁକାର୍ଯ୍ୟ ବା ଅକାର୍ଯ୍ୟ କରେ ତେବେ ତାକୁ ସମାଜରୁ ବାସନ୍ଦ କରାଯାଇଥାଏ ଯେମିତି ଯଦି ଜଣେ ଲୋକ ସେମାନଙ୍କଠାରୁ ତଳ ଜାତିର କନ୍ୟା କିମ୍ବା ଝିଅ ଅନ୍ୟ ଜାତିର ଲୋକ ଘରକୁ ଯାଏ କିମ୍ବା ପୁଅ ଝିଅ ଯଦି (ଫିଦର) ଦେବତା ବା ନିଜ ଘରେ ଜନ୍ମ ହୁଏ ମେଡ଼ିକାଲରେ ଜନ୍ମ କି ମାମୁଁ ଘରେ ଜନ୍ମ ନିଏ ତେବେ ତାକୁ ସମାଜରୁ ବାସନ୍ଦ କରାଯାଇଥାଏ । ଯଦି ଗୋଟିଏ ଲୋକର ଝିଅ ଅନ୍ୟ ଜାତିକୁ ଗଲା କିମ୍ବା ପୁଅ ଅନ୍ୟ ଜାତିର କନ୍ୟା ଆଣିଲେ ତାକୁ ମଧ୍ୟ ବାସନ୍ଦ କରାଯାଇଥାଏ ଏବଂ ତାକୁ ଏହି ଗାଁର ପରିଷଦ ସଦର ଦାଣ୍ଡରେ ବସାଇଥାନ୍ତି ଏବଂ ତାକୁ ଖାଦ୍ୟସାମଗ୍ରୀ ଏବଂ କିଛି ଅର୍ଥ ଜୋରିମାନା କରାଯାଇଥାଏ। ଗାଁର ପରିଷଦ ସାମାଜିକ-ଧାର୍ମୀୟ କାର୍ଯ୍ୟ କରିଥାଏ ଏବଂ ସେ ଗାଁର ପରିଷଦ ଏହି ଜୋରିମାନାକୁ ସେ ଜାତି ମଶିବା ଦିନ ଚହିଁଲେ ଖର୍ଚ୍ଚକରିପାରେ କିମ୍ବା ଗାଁର ଉନ୍ନତି କାର୍ଯ୍ୟରେ ଲଗାଇପାରେ ଏବଂ ସେ ଲୋକ ଜାତି ମିଶିଲା ପରେ ଯଦି ପୁଅଝିଅର ମନ ହୁଏ ତେବେ ତାଙ୍କୁ ବିବାହ କରିଦିଆଯାଏ। ମାତ୍ର ତାଙ୍କ ପରିବାରର ଇଚ୍ଛା ନ ଥିଲେ ଶପଥ କରାଇଥାନ୍ତି ଏବଂ ସେ ଦୁହିଁଙ୍କ ବିବାହ କରାଇବାକୁ ଚେଷ୍ଟା କରନ୍ତି।

ସାଧାରଣତଃ ଅନେକ ପ୍ରକାର ଗଣ୍ଡଗୋଳ ସୃଷ୍ଟି ହୋଇଥାଏ କିନ୍ତୁ ସେସବୁର ସମାଧାନ ଗାଁର ପରିଷଦ ତାକୁ ଗାଁର ସହରଦାଣ୍ଡରେ କରାଯାଇଥାଏ। ତେଣୁ ଯଦି ଜଣେ ଲୋକ ତାକୁ ଗାଁର କିମ୍ବା ଅନ୍ୟ ଗାଁର ଲୋକଙ୍କ ସହ ଗଣ୍ଡଗୋଳ କରେ ତେବେ ସେ କେଉଁ ପ୍ରକାର ଭୁଲ୍ କରିଛି ଏବଂ କାହିଁକି ଗଣ୍ଡଗୋଳ କରିଚି ତାକୁ ଅନୁଧ୍ୟାନ କରିସାରିବା ପରେ

ଗାଁର ପରିଷଦ ତାକୁ ଆପୋଷ ସମାଧାନ କରିଥାନ୍ତି । ଯଦି ସେମାନେ ଦୁଇପକ୍ଷ ଆଉଥରେ ଗଣ୍ଡଗୋଳ ସୃଷ୍ଟି କରନ୍ତି ତେବେ ପଞ୍ଚାୟତ ବର୍ତ୍ତମାନର ନିୟମ ଅନୁଯାୟୀ ବ୍ୟବସ୍ଥା କରନ୍ତି। ପୂର୍ବକାଳରେ ଏହି ପ୍ରକାର ଘଟଣାକୁ ଗାଁ ପରିଷଦ ହିଁ ସମାଧାନ କରୁଥିଲା ଏବଂ ଯଦି ଉପୁଜିଥିବା ସମସ୍ୟାର ସମାଧାନ ହୋଇଗଲା ତେବେ ସେମାନେ ପରିଷଦକୁ ଅଭିଯୁକ୍ତ ବ୍ୟକ୍ତି ଯଦି ୨୦ଟଙ୍କା ଦେଲା ତେବେ ଭଲ ଲୋକ ୧୦ ଟଙ୍କା ପରିଷଦକୁ ଦେଇଥାନ୍ତି ଏବଂ ସମାଧାନ ହୋଇଗଲାପରେ ସେମାନେ କୁକୁଡ଼ା ମାରି (ମିଶାନି) ଭୋଜି କରିଥାନ୍ତି। ଗାଁର କେତେକ ଲୋକଙ୍କୁ ଡାକି ଭୋଜି କରିଥାନ୍ତି ଏବଂ ମଦ, ପେଣ୍ଡମ ବା ନିଶାଦ୍ରବ୍ୟ ପିଇଥାନ୍ତି । ଯଦି ଅନେକ ପ୍ରକାର ଘଟଣାକୁ ନେଇ ଗଣ୍ଡଗୋଳ ସୃଷ୍ଟି ହୋଇଥାଏ, ଯଥା:- ଜମି, ଜଙ୍ଗଲ, ବିବାହ, ଦୁଇ ବଂଶ ଦୁଇପରି ବାର ଭିତିରେ ଅନେକ କାରଣରୁ ମଧ ଗୋଣ୍ଡଗୋଳ ସୃଷ୍ଟି ହୋଇଥାଏ, ତେବେ ଯେଉଁ ଗଣ୍ଡଗୋଳ ଗାଁ ଭିତରେ ଘଟିଥାଏ ଦୁଇଜଣଙ୍କ ମଧରେ ତାକୁ ଗାଁର ସଦରଦାଣ୍ଡରେ ଗାଁରେ ପରିଷଦ ବସି ତାକୁ ସମାଧାନ କରିଥାଏ । ଯଦି ଦୁଇଟି ଗାଁ ଭିତରେ କଳହ ସୃଷ୍ଟି ହୋଇଥାଏ ତେବେ ସେ ଦୁଇଟି ଗାଁର ମଝି ରାସ୍ତାରେ ସେଠି ଉଭୟ ଗାଁର ପରିଷଦ ବସିଥାଏ ଏବଂ ଘଟଣାର ସମାଧାନ କରିଥାଏ । ଯଦି ଜଣକର ସ୍ତ୍ରୀ ତା'ର ସ୍ୱଇଚ୍ଛାରେ ଅନ୍ୟ ଜଣକୁ ବିବାହ କରିଯାଏ ତେବେ ତାକୁ (ସଗରତା କନ୍ୟା) ବୋଲି କୁହାଯାଏ ଏବଂ ପ୍ରଥମେ ଯେଉଁ ପିଲା ତାକୁ ବିବାହ କରିଥିଲା ସେ ତା'ର ସ୍ତ୍ରୀର ଦ୍ୱିତୀୟ ବିବାହ କରିଥିବା ଗାଁରେ କିମ୍ବା ସେ ଝିଅର ବାପ ଗାଁରେ ଯାଇ ସେ କନ୍ୟା ଆଣିଲା ବେଳେ ଯେତିକି ଟଙ୍କା ଦେଇଥାଏ ତାର ଦୁଇ ବା ତିନିଗୁଣ ଟଙ୍କା ଆଦାୟ କରିବାକୁ କହିଥାଏ। ଯଦି ବା ଝିଅର ବାପା ତାର ପ୍ରଥମ ଜ୍ୱାଇଁକୁ ଟଙ୍କା ଦେଇଥାଏ ତେବେ ସେ ତା'ର ଝିଅ ଦ୍ୱିତୀୟ ବିବାହ କରିଥିବା ଘରୁ ଆଣିକରି ଦେଇଥାଏ । ଯଦି ସେ ଝିଅ ଯାଇଥିବା ଘରୁ ଆଣିପାରେ ନାହିଁ ସେ ପ୍ରଥମ ଜ୍ୱାଇଁକୁ ଦ୍ୱିତୀୟ ଜ୍ୱାଇଁଙ୍କ ଘରୁ ଟଙ୍କା ଆଦାୟ କରିବାକୁ କହିଥାଏ ଏବଂ ସେମାନେ ଦ୍ୱିତୀୟ ଜ୍ୱାଇଁ ଘରକୁ ଯାଇ ନଥାଏ ବା ଏକ ବୈଠକ ଡାକିଥାନ୍ତି ଏବଂ ଏହି ଘେବିଠକଟା ଗାଁର ବାହାରେ କରିଥାନ୍ତି । କାରଣ ଏହି ମୋକଦ୍ଦମା ଝିଅ ଦ୍ୱିତୀୟ ବାହା କରିଥିବା ଗାଁରେ ଡକାଯାଇଥାଏ । ଗାଁର ବାହାରେ ଏହି ଫଇସଲା କରାଯାଏ କାରଣ ଏହି ବୈଠକରେ କେତେକ ଅଶ୍ଳିଳ ଭାଷାର ପ୍ରୟୋଗ କରାଯାଇଥାଏ ତେଣୁ ଗାଁରେ କଲେ ମା ଭଉଣୀ ଶୁଣିବେ ବୋଲି ଏହି ବୈଠକକୁ ଗାଁର ବାହାରେ କରାଯାଇଥାଏ ଏହି ବୈଠକରେ ମଧ ଦୁଇଟି ଗାଁର ପରିଷଦ ମିଳିତ ଭାବରେ ଉପୁଜିଥିବା ସମସ୍ୟାର ସମାଧାନ କରିଥାନ୍ତି । ପ୍ରଥମ ପୁରୁଷ ଦ୍ୱିତୀୟ ପୁରୁଷଠାରୁ ପ୍ରଥମ ପୁରୁଷ ସେହି ସ୍ତ୍ରୀକୁ ବିବାହ କଲାବେଳେ ଯେତିକି ପରିମାଣରେ ଟଙ୍କା ବା ଝୋଲା ଦେଇଥାଏ ତାର ୨/୩/ ବା ୪ ଗୁଣ ଟଙ୍କା ଆଦାୟ କରିଥାଏ। ଯଦି ଏହି ସମସ୍ୟା ଦୁଇଟି ଗାଁ ଭିତରେ ସମାଧାନ ହୋଇ ନପାରେ ତେବେ

ସେମାନେ ବା ପ୍ରଥମ ପୁରୁଷ ଥାନାକୁ ଯାଇ କେଶ୍ କରିଥାଏ । ଦୁଇଜଣଙ୍କ ଭିତରେ ଯାହା ଭୁଲ୍ ଥାଏ ସେମାନେ କ୍ଷମା ମାଗନ୍ତି ବା ସମସ୍ୟାର ସମାଧାନ । ଯଦି ପ୍ରଥମ ପୁରୁଷର ଦୋଷ ଥାଏ ତେବେ ଦ୍ୱିତୀୟ ପୁରୁଷ ମଧ୍ୟ କିଛି ପରିମାଣରେ ଟଙ୍କା ଦେବାକୁ ପଡ଼ିଥାଏ ଏବଂ ଯେତିକି ପ୍ରଥମ ବ୍ୟକ୍ତି ଝୋଲା ଦେଇଛି ଠିକ୍ ସେତିକି ପରିମାଣର ବା ତାଠାରୁ କମ୍ ପରିମାଣର ଟଙ୍କା ମଧ୍ୟ ସଗରତା ଦେଇଥାଏ ।

**ବିଭିନ୍ନ ପ୍ରକାର ମୋକଦ୍ଦମା :**

ସାଧାରଣତଃ ପାରେଙ୍ଗା ସମ୍ପ୍ରଦାୟରେ ବିଭିନ୍ନ ପ୍ରକାରର କଳି, ଦ୍ୱନ୍ଦ୍ୱ ସବୁ ସୃଷ୍ଟି ହୋଇଥାଏ, ଯଥା: - ଜମି, ଜଂଗଲ, ସଂପତ୍ତି, ବୃକ୍ଷ, ଦୁଇ ଗୋଷ୍ଠୀ ମଧ୍ୟରେ ଦୁଇ ବଂଶ ମଧ୍ୟରେ, ଦୁଇ ଗୋତ୍ର ମଧ୍ୟରେ, ରକ୍ତ ସଂପର୍କୀୟ ମଧ୍ୟରେ, ବିଭାର, ପୂଜାବିଧି, ଭୋଜି ସଂକ୍ରାନ୍ତୀୟ ନିଷେଧକୁ ନ ମାନିବା ଇତ୍ୟାଦି କ୍ଷେତ୍ରରେ ସବୁ ଗଣ୍ଡଗୋଳ ସୃଷ୍ଟି ହୋଇଥାଏ । ଏହିସବୁ ଗଣ୍ଡଗୋଳ ସୃଷ୍ଟି ହେଲେ, ଦୁଇଜଣ ଗଣ୍ଡଗୋଳ କରିଥିବା ବ୍ୟକ୍ତିମାନଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ଗାଁର ସଦରଦାଣ୍ଡକୁ ଡକାଯାଇଥାଏ ଏବଂ ଏଠାରେ ଗାଁର ପରିଷଦର ଦୁଇଜଣଙ୍କୁ ଡକାଯାଇଥାଏ ଏବଂ ସମସ୍ତେ ଉପସ୍ଥିତ ହେଲାପରେ ଗଣ୍ଡଗୋଳ କରିଥିବା ବ୍ୟକ୍ତିମାନଙ୍କୁ ଭଲ ଭାବରେ ପଚରାଯାଏ ଏବଂ ଦୋଷୀକୁ ଦଣ୍ଡ ଏବଂ ନିର୍ଦ୍ଦେଶକୁ କ୍ଷମା ଦିଆଯାଇଥାଏ । ଦୋଷୀକୁ ଦଣ୍ଡ ଆକାରରେ ଜୋରିମନା କରାଯାଇଥାଏ ଏବଂ ନିର୍ଦ୍ଦୋଷୀକୁ ମଧ୍ୟ ଦୋଷୀ ଦେଇଥିବା ଅର୍ଥରୁ ଅଧା ଆକାରରେ ଜୋରିମନା କରାଯାଇଥାଏ ଯଦି ଦୋଷୀ ୫୦ ଟଙ୍କା ଦେଲେ ନିର୍ଦ୍ଦୋଶୀ ୨୫ଟଙ୍କା ଦେଇଥାଏ । ଏହି ଜୋରିମନା ଅର୍ଥ ଗାଁ ପରିଷଦର ଖର୍ଚ୍ଚ କରିବା ଦାୟିତ୍ୱ ରହିଛି । ପରିଷଦ ଋହିଁଲେ ତାକୁ ଯେ କୌଣସି ପ୍ରକାରର ମଧ୍ୟ ଖର୍ଚ୍ଚ କରିପାରେ ଏବଂ ପରିଷଦ ଋହିଁଲେ ତାକୁ ଗାଁର କୌଣସି ଉନ୍ନତି ମୂଳକ କାର୍ଯ୍ୟରେ ମଧ୍ୟ ଲଗାଇପାରେ । ତାହା ଗାଁ ପରିଷଦର ମୁଖ୍ୟଙ୍କ ନିର୍ଦ୍ଦେଶ ଅନୁସାରେ ଖର୍ଚ୍ଚ କରାଯାଇଥାଏ । ତାକୁ ପରିଷଦର ବିନା ଅନୁମତିରେ ଖର୍ଚ୍ଚ କଲେ ସେଥିପାଇଁ ମଧ୍ୟ ନ୍ୟାୟ ଡକାଯାଏ ଏବଂ ଉପରୋକ୍ତ ଗଣ୍ଡଗୋଳ ମଧ୍ୟରୁ କେତେକ ଗଣ୍ଡଗୋଳକୁ ଗାଁର ବାହାରେ କରାଯାଇଥାଏ, ଯଥା: - ଛାଡ଼ପତ୍ର ବା (ଶଗରତା) ଯଦି ଦୁଇଗାଁ ମଧ୍ୟରେ ଗଣ୍ଡଗୋଳ ହୋଇଥାଏ ତେବେ ଏହି (ନ୍ୟାୟ)ଗୁଡ଼ିକ ଗାଁର ବାହାରେ କରାଯାଏ । ଦୁଇ ବିପରୀତ ଦଳକୁ ବା ଦୁଇଟି ଗାଁର ଗଣ୍ଡଗୋଳ କରିଥିବା ବ୍ୟକ୍ତିମାନଙ୍କୁ ଏବଂ ଦୁଇଟି ଗାଁର ପରିଷଦର ଉପସ୍ଥିତିରେ ଏହି ଘଟଣାର ବିଋର କରାଯାଇଥାଏ ।

**ରାଜନୈତିକ ସଦସ୍ୟ :**

ରାଜନୈତିକ ସଦସ୍ୟଙ୍କ ପଦବୀଟି ବଂଶାନୁକ୍ରମିକ ନଥାଏ । ଗାଁର ଲୋକ ଯାହାକୁ ଋହିଁବେ ତାକୁ ପରିଷଦର ସଦସ୍ୟ ରୂପେ ମନୋନୀତ କରିଥାନ୍ତି । ଗାଁର ପରିଷଦର ସଦସ୍ୟଗୁଡ଼ିକ

ହେଲେ, ନାୟକ, ବାରିକ ବା ଘଲାଣ, ୱାର୍ଡ଼ମେମ୍ବର ଏବଂ ଗାଁ ଭଦ୍ରବ୍ୟକ୍ତି । କିନ୍ତୁ ବର୍ତ୍ତମାନର ପଞ୍ଚାୟତରାଜ ନିୟମ ଅନୁସାରେ ୱାଡ଼ମେମ୍ବର ଥାଆନ୍ତି ଓ ନାୟକ ବାରିକଙ୍କୁ ଗାଁର ଲୋକମାନେ ବାଛିଥାନ୍ତି । ଗାଁର ଜଣେ ଲୋକଙ୍କୁ ନାୟକ ରୂପେ ବାଛିଥାନ୍ତି । ସାଧୁ, ସଚ୍ଚୋଟ, ଧୈର୍ଯ୍ୟବାନ, ନ୍ୟାୟପରାୟଣ, ଉତ୍ତମ ଆଚରଣ, ଇତ୍ୟାଦି ଥିବା ବ୍ୟକ୍ତିଙ୍କୁ ନାୟକ ରୂପେ ବଛାଯାଇଥାଏ । ନାୟକଙ୍କୁ ଗାଁର ପରିଷଦର ଉପସ୍ଥିତିରେ ଏବଂ ପରିଷଦର ନିଷ୍ପତ୍ତି ଅନୁସାରେ ବଛାଯାଏ ଏବଂ ତାଙ୍କ ମୁଣ୍ଡରେ ଧଳାଧୋତିକୁ ନେଇ ପଗଡ଼ି ବାନ୍ଧିଥାନ୍ତି । ବାରିକଙ୍କୁ ପରିଷଦର ସହମତ ଅନୁସାରେ ବଛାଯାଏ । ଏହି ପଦ୍ଧତିରେ ନାୟକ ଏବଂ ବାରିକକୁ ବଛାଯାଏ ଏବଂ ଏମାନଙ୍କୁ ବାଛିବା ପାଇଁ ପ୍ରତି ବର୍ଷ ଦିଆଳି ମାସରେ (ହୁଣ୍ଡି ସିତ୍‌ଲାନି)ର ୧ / ୨ ଦିନ ପୂର୍ବରୁ କିମ୍ବା ପୁଷ ମାସରେ ପୁଷ୍ ପରବର ୧/୨ ଦିନ ପୂର୍ବରୁ ବଛାଯାଏ । ନାୟକ ବିଶେଷ କରି ଜଣେ ବୟୋଜେଷ୍ଠ ଲୋକଙ୍କୁ ବଛାଯାଇ ଥାଏ ଳ କିନ୍ତୁ ବାରିକକୁ ଗୋଟିଏ ସାଧାରଣ ଲୋକଙ୍କୁ ବା ନିହାତି ଗରିବ ଲୋକ କିମ୍ବା ଯଦି ଗାଁରେ (ଡମ୍ବ) ବା ଦଳିତ ଲୋକ ଥିବେ ତେବେ ତାଙ୍କୁ ବାରିକ ହିସାବରେ ମନୋନୟନ କରାଯାଏ । ନାୟକଙ୍କୁ କୌଣସି ପରିଶ୍ରମିକ ଦିଆଯାଏ ନାହିଁ । କିନ୍ତୁ ବାରିକକୁ ଗାଁର ପ୍ରତି ଘରର ଲୋକ ତାର ହଳ ହିସାବରେ ଧାନ ଅମଳ କରିସାରିଲା ପରେ (ପଲଇ) ବା ଧାନ କିମ୍ବା ମାଣ୍ଡିଆ ହଳ ହିସାବରେ କୁଲା ବା ଜଲାରେ ଦିଆଯାଏ । ନାୟକଙ୍କ କାର୍ଯ୍ୟ ହେଲା ସେ ଗାଁର ଦୁଃଖ ସୁଖରେ ସବୁକ୍ଷେତ୍ରରେ ବା ଗାଁର କୌଣସି ନିଷ୍ପତ୍ତି ନେବାକୁ ନାୟକଙ୍କୁ ପଚରାଯାଏ ଏବଂ ନାୟକଙ୍କ ନିଷ୍ପତ୍ତି ଅନୁସାରେ ଗାଁର କୌଣସି ଉନ୍ନତିମୂଳକ କାର୍ଯ୍ୟ ବା ଯେ କୌଣସି କାର୍ଯ୍ୟ ସଂପାଦନ କରାଯାଇଥାଏ । ଗଣ୍ଡଗୋଳର ସମାଧାନ ସ୍ଥିର କରିବାରେ ମଧ୍ୟ ନାୟକର ଭୂମିକା ରହିଛି । ଠିକ୍ ସେହିପରି କୌଣସି ଗଣ୍ଡଗୋଳ କିମ୍ବା ଗାଁର ଯେ କୌଣସି ଉନ୍ନତିମୂଳକ କାର୍ଯ୍ୟ ଗାଁର ଦୁଃଖ ସୁଖରେ ଗାଁର ଲୋକଙ୍କୁ ଗାଁର ସଦର ଦାଣ୍ଡରେ ଏକତ୍ରିତ କରିବା ବା ଘର ଘର ବା ସାହି ସାହି ବୁଲି ଡାକିବ ଏବଂ ପର୍ବପର୍ବାଣିରେ ଚାନ୍ଦା ଆଦାୟ କରିବା ହେଲା ବାରିକର କାର୍ଯ୍ୟ । ଯଦି ଏହି ସବୁ କାର୍ଯ୍ୟ ବାରିକ ଭଲ ଭାବରେ ନ କରେ ତେବେ ଗାଁର ପରିଷଦ ବସି ତାକୁ ବାହାର କରି ଦେବା କ୍ଷମତା ମଧ୍ୟ ରହିଛି । ଠିକ୍ ସେହିପରି ଗାଁର ନାୟିକ ମଧ୍ୟ ସବୁ ପ୍ରକାର ଗଣ୍ଡଗୋଳର ସମାଧାନ କରିବାକୁ ଉପସ୍ଥିତ ରହି କ୍ଷମତାର ଦୁରୁପଯୋଗ କଲେ ତାଙ୍କୁ ମଧ୍ୟ ବିତାଡ଼ିତ କରାଯାଇ ଅନ୍ୟଜଣଙ୍କୁ ନାୟକ ଭାବେ ନିଯୁକ୍ତି ଦିଆଯାଏ । ୱାର୍ଡ ମେମ୍ବର (ବର୍ତ୍ତମାନର ପଞ୍ଚାୟତରାଜ ନିୟମ ଅନୁସାରେ)ଙ୍କୁ ଗାଁ ପରିଷଦରେ ଅନ୍ତର୍ଭୁକ୍ତ କରାଯାଉଛି ।

□□□

# ଗୁଣିଗାରେଢ଼ି ଓ ଧର୍ମୀୟ କାର୍ଯ୍ୟାବଳୀ

ପାରେଙ୍ଗାମାନେ ଗୁଣିଗାରେଢ଼ି ଉପରେ ବିଶ୍ୱାସ କରନ୍ତି । ସର୍ବୋଚ୍ଚ ଧର୍ମୀୟ କର୍ମକର୍ତ୍ତାଙ୍କୁ ପୂଜାରୀ କୁହାଯାଏ । ପୂଜାରୀ ଗ୍ରାମର ବିଭିନ୍ନ ଧର୍ମୀୟ କାର୍ଯ୍ୟ ସବୁ କରିଥାନ୍ତି । ପାରେଙ୍ଗାମାନଙ୍କ ଯେଉଁ ବ୍ୟକ୍ତି ଅସୁସ୍ଥ ଲୋକଙ୍କୁ ଜଡ଼ିବୁଟି ଔଷଧ ଦେଇଥାଆନ୍ତି ଏବଂ ଅଲୌକିକ ଶକ୍ତିର ଦମନ କରିଥାଆନ୍ତି ତାହାକୁ ଦିଶାରୀ କୁହାଯାଏ । ଗୁଣିଗାରେଢ଼ି ଦ୍ୱାରା ଦିଶାରୀମାନେ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିଦିଅନ୍ତି ବୋଲି ପାରେଙ୍ଗାମାନେ ମତବ୍ୟକ୍ତ କରନ୍ତି । ସମାଜରେ ଦିଶାରୀଙ୍କ ସ୍ଥାନ ଅତି ଉଚ୍ଚରେ । ଦିଶାରୀଙ୍କ ନିକଟରେ ଦୈବୀଶକ୍ତି ଅଛି ବୋଲି ପାରେଙ୍ଗାମାନେ ବିଶ୍ୱାସ କରନ୍ତି । ପାରେଙ୍ଗା ସମାଜରେ ଯେଉଁ ଲୋକ ଗୁଣିଗାରେଢ଼ି ଦ୍ୱାରା ଅନ୍ୟ ଲୋକର ଅନିଷ୍ଟ କରିଥାଏ ତାକୁ ଦିଶାରୀ ବା ପାଙ୍ଗଣିଆ ମଧ୍ୟ କୁହାଯାଏ । ଲୋକମାନେ ତାଙ୍କୁ ଘୃଣା କରନ୍ତି ଏବଂ ପାଖରେ ବସାଇ ଦିଅନ୍ତି ନାହିଁ । ପାଙ୍ଗଣିଆ ନାଁ ଶୁଣିଲେ ପାରେଙ୍ଗାମାନେ ବିରକ୍ତ ହୁଅନ୍ତି ।

**ଗୁଣିଗାରେଢ଼ି ଓ ଧର୍ମୀୟ କେନ୍ଦ୍ର :**

ପାରେଙ୍ଗାମାନଙ୍କର ମୁଖ୍ୟ ଦେବତା ହେଉଛନ୍ତି ଫିଦର ଦେବତା । ଏହି ଦେବତାଙ୍କୁ ସେମାନେ ଗୃହର ପଛ ପାଖରେ ରଖି ପୂଜାପାଠ କରିଥାଆନ୍ତି । ଏହି କେନ୍ଦ୍ରକୁ ପାରେଙ୍ଗାମାନେ ପଥର ଦ୍ୱାରା ଆବୃତ୍ତ କରିଥାଆନ୍ତି । ଚତୁଃପାର୍ଶ୍ୱରେ ପଥର ଏବଂ ଉପରେ ପଥର ଦେଇ ଗୃହ ସଦୃଶ କେନ୍ଦ୍ରକୁ ତିଆରି କରିଥାଆନ୍ତି । ତାହା ଭିତରେ କୌଣସି ଦେବତାଙ୍କର ପ୍ରତିମୂର୍ତ୍ତି ନ ଥାଏ । ପାରେଙ୍ଗାମାନେ ଗ୍ରାମ ବସତି ମଧ୍ୟରେ ଭଣ୍ଡି ଦେବତାଙ୍କୁ ପୂଜା କରିଥାଆନ୍ତି । ଏହି କେନ୍ଦ୍ରଟି ଗ୍ରାମର ମଧ୍ୟସ୍ଥଳରେ ହୋଇଥାଏ । କୌଣସି ଗଛ ମୂଳରେ ପଥରରେ ଗୃହ ଭଳି ତିଆରି କରି ତାହା ମଧ୍ୟରେ ଭଣ୍ଡି ଦେବତାଙ୍କୁ ରଖି ସେମାନେ ପୂଜାପାଠ କରିଥାଆନ୍ତି । ପାରେଙ୍ଗାମାନେ ଗୃହ ମଧ୍ୟରେ ମଧ୍ୟ ବିଭିନ୍ନ ଠାକୁରଙ୍କ ପ୍ରତିମୂର୍ତ୍ତି ରଖି ପୂଜାପାଠ କରିଥାଆନ୍ତି । ଗ୍ରାମ ବାହାରେ ଏକ ଧର୍ମୀୟ କେନ୍ଦ୍ର ସ୍ଥାପନ କରିଥାଆନ୍ତି । ତାହାକୁ ପୋଡିମରା ଦେବତା ବୋଲି ପାରେଙ୍ଗାମାନେ କହିଥାଆନ୍ତି । ସେହି ଧର୍ମୀୟ କେନ୍ଦ୍ରରେ ପାରେଙ୍ଗାମାନେ ଦିୱାଲି ପରବରେ ବର୍ଷକୁ ଥରେ ଛେଳି ବଳି ପକାନ୍ତି ଏବଂ ତିନି ବର୍ଷରେ ଗୋଟିଏ ପୋଢ଼ବଳି

ପକାଇ ଥାଆନ୍ତି। ସେହି ଧର୍ମୀୟ କେନ୍ଦ୍ରଟି ଫାଙ୍କା ସ୍ଥାନରେ ହୋଇଥାଏ। ସେଠାରେ ଉଲଗ୍ନ ଅବସ୍ଥାରେ ଠାକୁରଙ୍କର ପ୍ରତିମୂର୍ତ୍ତି ଦେଖିବାକୁ ମିଳେ। ସେହି ପ୍ରତିମୂର୍ତ୍ତିଗୁଡ଼ିକ ମାଟି ଉପରେ ଥୁଆ ହୋଇଥାଆନ୍ତି ଏବଂ ତାଙ୍କର ଚତୁଃପାର୍ଶ୍ୱରେ ଜଙ୍ଗଲ ଥାଏ। ପାରେଙ୍ଗାମାନେ ଗ୍ରାମ ବାହାରେ ଏକ ବରଗଛ ମୂଳେ ଡଙ୍ଗର ଦେବତାଙ୍କୁ ପୂଜାପାଠ କରନ୍ତି ସେହି କେନ୍ଦ୍ରରେ କୌଣସି ଠାକୁରଙ୍କର ପ୍ରତିମୂର୍ତ୍ତି ନ ଥାଏ। ଚଇତି ପରବରେ ସେମାନେ ସେହି ବରଗଛ ମୂଳେ ଅଣ୍ଡା, ଧୂପ, ଦୀପ ଦେଇ ପୂଜାପାଠ କରନ୍ତି ଏବଂ ତୀର ମାରି ଅଣ୍ଡାକୁ ଫଟାଇ ଥାଆନ୍ତି। ଯଦି ଥରକରେ ଅଣ୍ଡା ଫାଟିଯାଏ ତେବେ ପାରେଙ୍ଗାମାନେ ସେହିଦିନ ଜଂଗଲକୁ ହରିଣ ଶିକାର କରିବାକୁ ଯାଆନ୍ତି। ସେମାନଙ୍କ ଧର୍ମୀୟ କେନ୍ଦ୍ରରେ କୌଣସି ଫଟୋ ଚିତ୍ର ଦେଖିବାକୁ ମିଳେ ନାହିଁ। ସେମାନେ ସାଧାରଣତଃ ପୂଜାପୀଠ ସ୍ଥଳୀକୁ ପଥରରେ ଆବୃତ କରିଥାଆନ୍ତି କିମ୍ବା ଗଛ ମୂଳେ ଧର୍ମୀୟ କେନ୍ଦ୍ର ସ୍ଥାପନ କରିଥାଆନ୍ତି। କେତେଗୁଡ଼ିଏ ଅସ୍ଥାୟୀ ଧର୍ମୀୟ କେନ୍ଦ୍ର ମଧ୍ୟ ଦେଖିବାକୁ ମିଳେ। ଅସ୍ଥାୟୀ ଧର୍ମୀୟ କେନ୍ଦ୍ର କହିଲେ, ସେମାନେ ଯେଉଁ ସ୍ଥାନରେ ସବୁଦିନ ପୂଜାପାଠ କରନ୍ତି ନାହିଁ। ସେମାନଙ୍କ ଅସ୍ଥାୟୀ ଧର୍ମୀୟ କେନ୍ଦ୍ର ଗୁଡ଼ିକ ହେଲା; ତପାରାଗଣୀ, ଢୋଲକାଟ, ସାଂଗାନା।

**ତପା ରାଂଗିଣୀ :**

ପାରେଙ୍ଗାମାନେ ପାହାଡ଼ ଉପରେ ଏହି ସ୍ଥାନ ବାଛିଥାଆନ୍ତି। ପାହାଡ଼ ଉପରେ ଯେଉଁ ସ୍ଥାନରେ ପଥରର କିଛି ଅଂଶ ମାଟି ଉପରେ ଦେଖାଯାଏ ସେହି ସ୍ଥାନକୁ ତପାରାଂଗଣୀ ବୋଲି କହି ଥାଆନ୍ତି। ଗର୍ଭବତୀ ମହିଳାଙ୍କ ଗର୍ଭନଷ୍ଟ ନ ହେବା ପାଇଁ ସେମାନେ ଦିଶାରୀଙ୍କୁ ଡାକି ଏହି ସ୍ଥାନରେ ପୂଜାପାଠ କରନ୍ତି । ସେହି ଧର୍ମୀୟ କେନ୍ଦ୍ରରେ କୌଣସି ଦେବତାଙ୍କ ପ୍ରତିମୂର୍ତ୍ତି କିମ୍ବା ଫଟୋ ଚିତ୍ର ନଥାଏ। ସେହି ସ୍ଥାନରେ ଦିଶାରୀ ସୂର୍ଯ୍ୟଦେବତା, ଗଂଗାଦେବୀ ଇତ୍ୟାଦିଙ୍କୁ ପୂଜାପାଠ କରନ୍ତି। ଦିଶାରୀ କହିବାନୁସାରେ ପାରେଙ୍ଗାମାନେ ପୂଜାସାମଗ୍ରୀ, ଯଥା: - ଧୂପ, ଅଣ୍ଡା, ଫୁଲ, କଣ୍ଡା, କଦଳୀ ପୁଆ ଇତ୍ୟାଦି ନେଇଥାଆନ୍ତି ଏବଂ ଦିଶାରୀ ପୂଜାପାଠ କରନ୍ତି। ସେହି ଧର୍ମୀୟ କେନ୍ଦ୍ରର ରକ୍ଷଣାବେକ୍ଷଣ ପାଇଁ ପାରେଙ୍ଗାମାନେ କୌଣସି ପଦକ୍ଷେପ ନିଅନ୍ତି ନାହିଁ।

**ଢେଲାବାଟ :**

ଏହି ସ୍ଥାନଟିକୁ ପାରେଙ୍ଗାମାନେ ରାସ୍ତା ଉପରେ ବାଛିଥାଆନ୍ତି। ଯେଉଁ ରାସ୍ତାରୁ ଦୁଇଟି / ତିନୋଟି ପାଦଚଲା ରାସ୍ତା ବାହାରିଥାଏ ପାରେଙ୍ଗାମାନେ ତାହାକୁ *ଢେଲାବାଟ ନାଟ* ବୋଲି କହନ୍ତି। ଗର୍ଭବତୀ ମହିଳାର ସାତ ମାସ ଗର୍ଭ ହୋଇଥିଲେ ପାରେଙ୍ଗାମାନେ ଦିଶାରୀଙ୍କୁ ଡାକି ଏହି ସ୍ଥାନରେ ଶିଶୁଟି ଭଲରେ ଜନ୍ମ ହେବା ପାଇଁ ପୂଜାପାଠ କରିଥାଆନ୍ତି।

ଏହି କେନ୍ଦ୍ରରେ ମଧ୍ୟ କୌଣସି ଦେବଦେବୀଙ୍କ ପ୍ରତିମୂର୍ତ୍ତି କିମ୍ବା ଫଟୋଚିତ୍ର ନଥାଏ। ସେମାନେ ମଧ୍ୟ ଏହି ଧର୍ମୀୟ କେନ୍ଦ୍ର ରକ୍ଷଣାବେକ୍ଷଣା କରନ୍ତି ନାହିଁ।

**ସଂଗାମା :**

ପାରେଙ୍ଗାମାନେ ଏହି ସ୍ଥାନଟିକୁ ନଦୀ / ନାଳ / ଝରଣା ନିକଟବର୍ତ୍ତୀ ଅଞ୍ଚଳରେ ବାଛିଥାଆନ୍ତି, ଯେଉଁ ସ୍ଥାନରେ ଦୁଇ ବା ତିନୋଟି ନଦୀ / ନାଳ / ଝରଣାର ସଂଯୋଗ କରାଯାଇଥାଏ। ସେହି ସ୍ଥାନକୁ ପାରେଙ୍ଗାମାନେ ସଂଗାମା ବୋଲି କହିଥାଆନ୍ତି। ସେହି ସ୍ଥାନରେ ଦିଶାରୀ ବିଭିନ୍ନ ପ୍ରକାର ପୂଜାପାଠ କରିଥାଆନ୍ତି। ଶିଶୁମାନଙ୍କୁ ଥଣ୍ଡା, ଜ୍ୱର ହେଲେ, ବିବାହ ସମୟରେ, ପ୍ରସବ କରିବାର ମାସେ ପୂର୍ବରୁ ଇତ୍ୟାଦି କ୍ଷେତ୍ରରେ ପାରେଙ୍ଗାମାନେ ସଂଗାମାରେ ପୂଜାପାଠ କରିଥାଆନ୍ତି। ଏହି ସ୍ଥାନରେ କୌଣସି ଦେବଦେବୀଙ୍କ ପ୍ରତିମୂର୍ତ୍ତୀ କିମ୍ବା ଫଟୋଚିତ୍ର ନ ଥାଏ। ପାରେଙ୍ଗାମାନେ ଏହି ଧର୍ମୀୟ କେନ୍ଦ୍ରର ରକ୍ଷଣାବେକ୍ଷଣ ପାଇଁ କୌଣସି ପଦକ୍ଷେପ ନିଅନ୍ତି ନାହିଁ।

**ଧର୍ମୀୟ ପୂଜକ:**

ପାରେଙ୍ଗା ସମାଜରେ ଯିଏ ଧର୍ମୀୟ କାର୍ଯ୍ୟରେ ନିୟୋଜିତ ହୋଇଥାଆନ୍ତି ତାଙ୍କୁ ପୂଜାରୀ ଏବଂ ଦିଶାରୀ କୁହାଯାଏ। ସାଧାରଣତଃ ଗ୍ରାମର ବିଭିନ୍ନ ପର୍ବପର୍ବାଣିରେ ଅନୁଷ୍ଠିତ ହେଉଥିବା ପୂଜାପାଠକୁ କରିଥାଆନ୍ତି ଏବଂ ଗ୍ରାମର ବିଭିନ୍ନ ଦେବଦେବୀଙ୍କ ନିକଟରେ ପୂଜାପାଠ କରିଥାଆନ୍ତି। ପାରେଙ୍ଗାମାନେ ପୂଜାରୀକୁ ଦକ୍ଷିଣାସ୍ୱରୂପ କିଛି ଅର୍ଥ କିମ୍ବା ଧାନ, ଚାଉଳ ଆକାରରେ ବର୍ଷକୁ ଦେଇଥାଆନ୍ତି। ପର୍ବପର୍ବାଣିମାନଙ୍କରେ ବଳି ପକାଯାଉଥିବା ପଶୁପକ୍ଷୀଙ୍କ ମାଂସକୁ ପୂଜାରୀଙ୍କୁ କିଛି ପରିମାଣରେ ଦେଇଥାଆନ୍ତି। ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ତାଙ୍କୁ ଅର୍ଥ ଆକାରରେ କିମ୍ବା ଖାଦ୍ୟ ଆକାରରେ ଦେଇଥାଆନ୍ତି। ଗର୍ଭଧାରଣ କରିଥିବା ମହିଳାଙ୍କ ଗର୍ଭପାତ ନ ହେବା ପାଇଁ ପୂର୍ବପୁରୁଷଙ୍କ ଆତ୍ମଶାନ୍ତି ପାଇଁ ଇତ୍ୟାଦି କ୍ଷେତ୍ରରେ ସେମାନେ ଦିଶାରୀକୁ ଡାକିଥାଆନ୍ତି। ଦିଶାରୀ ବିଭିନ୍ନ ପୂଜାପାଠ କରି ଗ୍ରହ ଶାନ୍ତି କରେ, ଭୂତ ପ୍ରେତ ଘଉଡ଼ାଇ ଦିଅନ୍ତି। ଏହାପରେ ପାରେଙ୍ଗାମାନେ ଦିଶାରୀକୁ ଖାଇବାକୁ ଦିଅନ୍ତି ଏବଂ କିଛି ଟଙ୍କା ମଧ୍ୟ ଦେଇଥାଆନ୍ତି। ପୂଜାପାଠ କାର୍ଯ୍ୟକ୍ରମରେ ଯଦି କିଛି ପଶୁପକ୍ଷୀ ବଳି ପକାଯାଇଥାଏ ତେବେ ବଳୀ ପକାଯାଇଥିବା ମାଂସରୁ କିଛି ଦିଶାରୀଙ୍କୁ ଦିଆଯାଇଥାଏ। ଦିଶାରୀ ହିଁ ପାରେଙ୍ଗାମାନଙ୍କ ଜୀବନ ରକ୍ଷକ ବୋଲି କହିଥାଆନ୍ତି ଏବଂ ସମାଜରେ ତାଙ୍କୁ ଯଥେଷ୍ଟ ସମ୍ମାନ ମିଳିଥାଏ। କିନ୍ତୁ ଯେଉଁ ପାଙ୍ଗଣିଆମାନେ ଅର୍ଥ ଲୋଭରେ ଅନ୍ୟ ଲୋକଙ୍କ ଅନିଷ୍ଟ କରନ୍ତି ସମାଜରେ ତାଙ୍କୁ ଲୋକମାନେ ଘୃଣା କରନ୍ତି।

ପୂଜାରୀମାନଙ୍କ ପଦବୀ ସାଧାରଣତଃ ବଂଶାନୁକ୍ରମିକ, କିନ୍ତୁ ଦିଶାରୀମାନଙ୍କ ପଦବୀ ବଂଶାନୁକ୍ରମିକ ନୁହେଁ। ଯିଏ ଯାଦୁବିଦ୍ୟା ଶିକ୍ଷା ଗ୍ରହଣ କଲା ସିଏ ଦିଶାରୀ ହୁଏ। କେତେକ ପାରେଙ୍ଗା ଗ୍ରାମରେ ୩/୪ ଜଣ ଦିଶାରୀ ଥାଆନ୍ତି। ପୂଜାରୀ ପଦବୀ ଯେହେତୁ ବଂଶାନୁକ୍ରମିକ ବାପାଙ୍କ ଅନ୍ତେ ଘରର ବଡ଼ ପୁଅ ଗ୍ରାମର ପୂଜାରୀ କାର୍ଯ୍ୟ କରନ୍ତି। ପୂଜାରୀଙ୍କୁ ମଧ୍ୟ ଲୋକମାନେ ସମ୍ମାନ ଦିଅନ୍ତି ବାପା ସହ ପୁଅ ବିଭିନ୍ନ ପୂଜାପାଠ, କର୍ମକର୍ମାଣିରେ ଯୋଗ ଦେଇ ପୂଜାପାଠ ଶିଖିଥାନ୍ତି। ଦିଶାରୀ କାର୍ଯ୍ୟ ଯିଏ କରନ୍ତି, ସେ ଟଙ୍କା ଦେଇ ବଡ଼ ବଡ଼ ଦିଶାରୀଙ୍କ ଠାରୁ ମଶାଣିରେ ଶିକ୍ଷା ଗ୍ରହଣ କରନ୍ତି। ପାଙ୍ଗଣିଆ ମଧ୍ୟ ଦିଶାରୀଙ୍କ ଭଳି ଶ୍ମଶାନକୁ ଯାଇ ବିଭିନ୍ନ ବଳି ଦେଇ ପ୍ରେତାତ୍ମାଗଣଙ୍କ ଆତ୍ମା ଶାନ୍ତି କରି ସାଧନ କରି ଶିକ୍ଷାଲାଭ କରିଥାନ୍ତି ବୋଲି ପାରେଙ୍ଗାମାନେ ମତବ୍ୟକ୍ତ କରନ୍ତି।

ଦିଶାରୀମାନେ ମଧ୍ୟ ଜଡ଼ିବୁଟି(ଚେରମୂଳ) ଔଷଧ ଅନ୍ୟମାନଙ୍କ ନିମନ୍ତେ ବ୍ୟବହାର କରନ୍ତି। ଏହି ଔଷଧ ଦିଶାରୀମାନେ ସାଧାରଣତଃ ଜଙ୍ଗଲରୁ ସଂଗ୍ରହ କରିଥାଆନ୍ତି। ପାରେଙ୍ଗା ସମାଜରେ ଯଦି କାହାର, ଶାରିରୀକ ଅସୁସ୍ଥତା ହୁଏ ତେବେ ସେମାନେ ସଂଗେ ସଂଗେ ଦିଶାରୀଙ୍କ ନିକଟକୁ ଯାଇଥାଆନ୍ତି। ଦିଶାରୀ ରୋଗୀକୁ ଦେଖି ରୋଗ ଚିହ୍ନଟ କରି ବିଭିନ୍ନ ପ୍ରକାର ଔଷଧ ଦେଇଥାନ୍ତି। ଯଦି ରୋଗ ଭଲ ହୋଇଯାଏ, ତେବେ ଠାକୁରଙ୍କ କୃପା ଏବଂ ଦିଶାରୀଙ୍କ ଯୋଗୁଁ ଭଲ ହେଲା ବୋଲି ପାରେଙ୍ଗାମାନେ ମତବ୍ୟକ୍ତ କରନ୍ତି। ରୋଗ ଭଲ ହେଲା ପରେ ସେମାନେ ଦିଶାରୀକୁ କିଛି ଟଙ୍କା ଏବଂ ମଦ୍ୟପାନୀୟ ପାଇଁ ଦେଇଥାଆନ୍ତି। ଦିଶାରୀଙ୍କୁ ପାରେଙ୍ଗାମାନେ ବହୁତ ଭଲ ପାଆନ୍ତି କାରଣ ଦିଶାରୀ ସେମାନଙ୍କ ଦ୍ୱିତୀୟ ଦେବତା। ଦିଶାରୀଙ୍କ ଆର୍ଥିକ ଅସୁବିଧା କ୍ଷେତ୍ରରେ ପାରେଙ୍ଗାମାନେ ତାଙ୍କୁ ଯଥେଷ୍ଟ ସାହାଯ୍ୟ କରନ୍ତି।

ଦିଶାରୀ ଲୋକମାନଙ୍କୁ ଜଡ଼ିବୁଟି ଔଷଧ ଦେଇ ଭଲ କରିବା ସହ ଡାହାଣୀ ଚିକିତ୍ସକ / ଗୁଣିଆ ଚିକିତ୍ସକ ରୂପେ କାର୍ଯ୍ୟ କରନ୍ତି। ସେମାନେ ପାଙ୍ଗିଣିଆମାନଙ୍କୁ ଘୃଣା କରୁଥିଲେ ମଧ୍ୟ ମନ ଭିତରେ ବହୁତ ଭୟ କରନ୍ତି, କାରଣ ସେ ଗୁଣିଗାରେଡ଼ି ବଳରେ ଲୋକଙ୍କୁ ନଷ୍ଟ କରି ଜୀବନ ନେଇଯାଇଥାଏ। ପାଙ୍ଗିଣିଆମାନେ ସାଧାରଣତଃ ଅଧିକ ଅର୍ଥ ଲୋଭରେ କିମ୍ୱା କଳିଗୋଳ ରାଗ ଥିଲେ ଲୋକମାନଙ୍କୁ ନଷ୍ଟ କରିବା ସ୍ୱରୂପ ହାତରେ ହାଡ଼, ପେଟରେ ଧାନ, ଚୂଳ, ଅଣ୍ଟାରେ ହାଡ଼,ଧାନ, ଗୋଡ଼ ହାତରେ ଫୋଟକା ବାହାରିବା ଇତ୍ୟାଦି କାର୍ଯ୍ୟ କରନ୍ତି ବୋଲି ପାରେଙ୍ଗାମାନେ ବିଶ୍ୱାସ କରନ୍ତି ଏବଂ ସଂଗେ ସଂଗେ ଦିଶାରୀ ସହ ଯୋଗାଯୋଗ କରି ନଷ୍ଟ କରିଥିବା କାର୍ଯ୍ୟର ଉପଶମ ପାଇଁ ଆଲୋଚନା କରନ୍ତି। ଦିଶାରୀ କହିବାନୁସାରେ ପାରେଙ୍ଗାମାନେ ପୂଜାସାମଗ୍ରୀ ସଂଗ୍ରହ କରି ରଖିଥାଆନ୍ତି। ଦିଶାରୀ ଘର ଏବଂ ନଷ୍ଟ କରିଥିା ଲୋକକୁ ଡାକି ବସାଇ ବିଭିନ୍ନ ମନ୍ତ୍ରଯନ୍ତ୍ର ଓ ଝଡ଼ାଫୁଙ୍କା କରେ। ରୋଗୀ

ଦେହରୁ ଧାନ, ବାଳ, ହାଡ଼ ଇତ୍ୟାଦି ଦିଶାରୀ ବାହାର କରେ ବୋଲି ପାରେଙ୍ଗାମାନେ ମତବ୍ୟକ୍ତ କରନ୍ତି।

**ଗୁଣିଗାରେଡ଼ି କର୍ମକର୍ମାଣି :**

ପାରେଙ୍ଗାମାନେ ଗୁଣିଗାରେଡ଼ିକୁ ପୂର୍ଣ୍ଣମାତ୍ରାରେ ବିଶ୍ୱାସ କରନ୍ତି। ସମାଜରେ କିମ୍ବା ବ୍ୟକ୍ତିଗତ ସ୍ତରରେ ଯେ କୌଣସି ଅଘଟଣ ଘଟିଲେ ଦୈବୀଶକ୍ତିର ଅସନ୍ତୁଷ୍ଟ ଯୋଗୁଁ ଏହା ଘଟିଅଛି ବୋଲି ବିଶ୍ୱାସ କରନ୍ତି। ଶସ୍ୟରେ ମରୁଡ଼ି ଗ୍ରାମ ବସନ୍ତ ଭଳି ମହାମାରୀ ରୋଗ ଶାରିରୀକ ଅସୁସ୍ଥତା ଇତ୍ୟାଦି ମାପୁରୁଙ୍କ ଅସନ୍ତୁଷ୍ଟି ଯୋଗୁଁ ହୋଇଛି ବୋଲି ଭାବନ୍ତି ଏବଂ ସଂଗେ ସଂଗେ ପୂଜାପାଠ କାର୍ଯ୍ୟକ୍ରମ ଆରମ୍ଭ କରନ୍ତି ଏବଂ ବିଭିନ୍ନ ପଶୁପକ୍ଷୀକୁ ବଳି ଦେଇଥାଆନ୍ତି। ଏହିଭଳି ଭାବରେ ପାରେଙ୍ଗାମାନେ ବ୍ୟକ୍ତିଗତ, ପାରିବାରିକ, ଗ୍ରାମ୍ୟସ୍ତରରେ ଅନେକ ପୂଜାପାଠ କରିଥାଆନ୍ତି। ବ୍ୟକ୍ତିଗତ ସ୍ତରରେ ସେମାନେ ଅନେକ ଗୁଣିଗାରେଡ଼ି କର୍ମ କରିଥାଆନ୍ତି। ଗ୍ରାମ୍ୟ ସ୍ତରରେ, ପାରେଙ୍ଗାମାନେ ବିଭିନ୍ନ ପର୍ବପର୍ବାଣୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଗ୍ରାମକୁ ବିପଦ ନ ଆସିବା ପାଇଁ, ଜମିବାଡ଼ିରେ ମରୁଡ଼ି ନ ଦେବା ପାଇଁ ଇତ୍ୟାଦି କ୍ଷେତ୍ରରେ ଗ୍ରାମ୍ୟ ସ୍ତରେ ଗୁଣିଗାରେଡ଼ି କରିଥାଆନ୍ତି। କେତେକ କ୍ଷେତ୍ରରେ ସାମୟିକ ପୂଜା କରୁଥିବା ବେଳେ କେତେକ କ୍ଷେତ୍ରରେ ନିୟମିତ ଗୁଣିଗାରେଡ଼ି କର୍ମ କରିଥାଆନ୍ତି।

ପାରେଙ୍ଗାମାନେ ଗୁଣିଗାରେଡ଼ି କର୍ମକର୍ମାଣି କରିବା ପୂର୍ବରୁ ଦିଶାରୀ ସହ ଯୋଗାଯୋଗ କରିଥାଆନ୍ତି। ଦିଶାରୀ ପାଞ୍ଜି ଦେଖି ଭଲ ତିଥି, ବାର, ନକ୍ଷତ୍ର ଲକ୍ଷ୍ୟ କରି ଦିନ ଧାର୍ଯ୍ୟ କରିଥାଏ। ସେହିଦିନ ବ୍ୟକ୍ତିବିଶେଷ ଦିଶାରୀ କହିବାନୁସାରେ ପୂଜାସାମଗ୍ରୀ, ଧୂପ, ଦୀପ, କଣ୍ଡା, କଦଳୀ, ବଳି ପଶୁପକ୍ଷୀ, ଅଣ୍ଡା ଇତ୍ୟାଦି ସଂଗ୍ରହ କରି ରଖିଥାଏ। ଗର୍ଭଧାରଣ କରିଥିବା ମହିଳାର ଗର୍ଭପାତ ନ ହେବା ପାଇଁ ଦିଶାରୀ ତାକୁ ଢେଲାବାଟକୁ ନେଇଥାଏ ଏବଂ ସେଠାରେ ବସାଇ ପୂଜାପାଠ କାର୍ଯ୍ୟ ଆରମ୍ଭ କରିଥାଏ। ପୂଜାପାଠ କରିବା ପରେ ସେହି ମହିଳାଙ୍କ ବେକରେ ଗୋଟିଏ କଳା ସୂତା ବାନ୍ଧି ଦେଇଥାଆନ୍ତି, ଯେପରିକି ତାହାର ଉପରେ କୌଣସି ଅଲୌକିକ ଶକ୍ତିର ପ୍ରଭାବ ପଡ଼ିବ ନାହିଁ। ପାରେଙ୍ଗା ପରିବାରେ କୌଣସି ଶିଶୁକୁ ଜର କିମ୍ବା ଥଣ୍ଡା ହେଲେ, ପାରେଙ୍ଗାମାନେ ଦିଶାରୀ ସହ ଯୋଗଯୋଗ କରି ଭଲ ତିଥି, ବାର ଅନୁସାରେ, ସାଙ୍ଗାମାରେ ପୂଜାପାଠ କରନ୍ତି। ଦିଶାରୀ ପିଲାଟିକୁ ନଦୀ କୂଳରେ ବସାଇ, ମନ୍ତ୍ରଯନ୍ତ୍ର ପଢ଼ି ପୂଜାପାଠ କରିଥାନ୍ତି ଏବଂ ଠାକୁରଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅଣ୍ଡାବଳି ଦେଇଥାନ୍ତି।

**ବିଭିନ୍ନ ପ୍ରକାର ପର୍ବପର୍ବାଣୀ :**

ପୁଷ୍ ପରବ : ପୁଷ୍ ପରବ ପୁଷ ମାସରେ ଅର୍ଥାତ୍ ଜାନୁୟାରୀ ମାସରେ ପାଳନ କରାଯାଏ। ଏହି ପର୍ବଟି ମାସର ଦ୍ୱିତୀୟ ସପ୍ତାହରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳନ କରାଯାଇଥାଏ ଏବଂ ବିଶେଷ କରି ମଙ୍ଗଳବାର ଦିନ କିମ୍ବା ଶୁକ୍ରବାର ଦିନ କରାଯାଏ। ଏହି ପର୍ବଟି

ଗାଈଗୋରୁଙ୍କ ମଙ୍ଗଳ ନିମନ୍ତେ କରାଯାଇଥାଏ । ଯଦି ମଙ୍ଗଳବାରଦିନ ପର୍ବ ହୁଏ ତେବେ ବୁଧବାର ଦିନ ଅର୍ଥାତ୍ ଗୋଟିଏ ଦିନ ପରେ ଗାଈଗୋରୁମାନଙ୍କୁ (କିଚିଡ଼ି) (ନାଉ) ଖେଚୁଡ଼ି ଏବଂ ପିଠା ଖୁଆ ଯାଏ। ମୁଖ୍ୟତଃ ଏହି ପର୍ବରେ ଗାଁର ସମସ୍ତଙ୍କ ଘରେ ପିଠା ପଣାର ଆୟୋଜନ କରାଯାଇଥାଏ। ପର୍ବଦିନର ସଂଧ୍ୟାବେଳକୁ ଗାଁର ଧାଙ୍ଗଡ଼ିମାନେ ଘର ଘର ବୁଲି ବିଭିନ୍ନ ପ୍ରକାରର ଘର ଉପକରଣଗୁଡ଼ିକ ଚୋରିକରି ନିଅନ୍ତି ଏବଂ କିଚିଡ଼ି ଦିନ ସେହି ଜିନିଷଗୁଡ଼ିକ ଫେରସ୍ତ କରିଦିଅନ୍ତି। ଜିନିଷଗୁଡ଼ିକ ଫେରସ୍ତ କରି ଦେଲେ ଘରର ଲୋକ ସେମାନଙ୍କୁ ଚାଉଳ, ପନିପରିବା, ଧାନ, ମାଣ୍ଡିଆ, କିମ୍ବା ପିଠା ଦେଇଥାନ୍ତି। ଆଦାୟ ହୋଇଥିବା ସେହି ଚାଉଳ ବା ଧାନକୁ ସେମାନେ ପର୍ବ ଶେଷରେ ଗୋଟିଏ ଭୋଜି ଆୟୋଜନ କରନ୍ତି। ଭୋଜି ଦିନ ସେମାନେ ଅନେକ ରକମର ଆମୋଦପ୍ରମୋଦ କରିଥାନ୍ତି। ଡେମଣା ଖେଳିଥାନ୍ତି। ଗୀତ ନାଚର ଆୟୋଜନ କରିଥାନ୍ତି।

କଚିଡ଼ି ଦିନଠାରୁ ଗାଈ ଗୋରୁ ସବୁ ମୁକ୍ତ ହୋଇଯାନ୍ତି। ଏହି ଦିନ ଠାରୁ ଗଉଡ଼ ଗାଁର ଗାଈ ଜଗିବା ଦିନଠାରୁ ପୁନର୍ବାର ଗଉଡ଼ ଭାବରେ ନିଯୁକ୍ତି ପାଆନ୍ତି।

### ଫେବୃୟାରୀ -ମାର୍ଚ୍ଚ (ମାଘ-ଫଗୁଣ) :

ଏହି ଦୁଇ ମାସରେ ପାରେଙ୍ଗାମାନଙ୍କର କୌଣସି ପାରମ୍ପରିକ ପର୍ବ ପାଳନ କରାଯାଇ ନ ଥାଏ। କିନ୍ତୁ ଶିବରାତ୍ରୀ କେତେକ ଗାଁ ଏବଂ କେତୋଟି ଘରେ ପାଳନ କରାଯାଇଥାଏ। ଯେଉଁମାନେ ପର୍ବପାଳନ କରିବାକୁ ଇଚ୍ଛୁକ ସେମାନେ ହିଁ କରିଥାନ୍ତି।

### ଚଇତ (ପରବ):

ସେମାନଙ୍କର ସବୁଠାରୁ ବଡ଼ ପର୍ବ ହେଉଛି 'ଚଇତ ପରବ'। ଏହି ପରବ ପ୍ରାୟ ସାତ ଦିନ ଧରି ପାଳନ କରାଯାଏ। ପର୍ବ ହେବାର ପ୍ରାୟ ୧୦/୧୫ ଦିନ ପୂର୍ବରୁ ଗାଁରେ ଗୋଟିଏ ସଭା ବସେ। ଏହି ସଭାକୁ ଗାଁର ବାରିକ ବା ଚଲାନ୍ ସାହି ସାହି ବା ଘର ଘର ବୁଲି ସଭା ଡାକେ ଏବଂ ପ୍ରତି ଘରର ମୁରବିମାନେ ବା ବୟୋଜେଷ୍ଠ ଲୋକ ଯାଇଥାନ୍ତି ଏବଂ ଗାଁର (ନାୟକ) ସଭାର ସଭାପତିତ୍ୱ କରିଥାନ୍ତି । ପର୍ବ କେବେ କରାଯିବ ଏବଂ ପ୍ରତି ଘରୁ କେତେ ଚାନ୍ଦା ଆଦାୟ କରାଯିବ ତାହା ଏହି ସଭାରେ ନିଷ୍ପତ୍ତି ନିଆଯାଇଥାଏ। ପର୍ବ ହେବାର ୫/୭ ଦିନ ପୂର୍ବରୁ ଗାଁର ବାରିକ ଘର ଘର ବୁଲି ଚାନ୍ଦା ସଂଗ୍ରହ କରେ ଏବଂ ଗାଁର ମୁଖିଆ ନାଇଟ୍ ଚାନ୍ଦାଟଙ୍କା ଜମା କରିଥାଏ। ପର୍ବଟି ରବିବାର ଦିନଠାରୁ ଆରମ୍ଭ ହୋଇଥାଏ। ଏହି ଦିନ ଗାଁର ହୁଣ୍ଡିରେ କିମ୍ବା ବଡ଼ ଦେବତାଠାରେ ବିରୁ କରି ଯାତ୍ରା କରାଯାଏ। ଯାତ୍ରା ଦିନ ହୁଣ୍ଡି କିମ୍ବା ବଡ଼ଦେବଙ୍କ ନିକଟରେ ନଡ଼ିଆ, ଛେଳି, କୁକୁଡ଼ା, ପାରା ଇତ୍ୟାଦି ପୂଜା କରାଯାଇଥାଏ। ବିହନ ମଧ୍ୟ ଏହି ଦିନ ପୂଜା କରାଯାଇଥାଏ। କିନ୍ତୁ ମୁଖ୍ୟ ପରବ ତୃତୀୟ ଦିନ ଅର୍ଥାତ୍ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥାଏ। ଏହି ପର୍ବରେ ପାରେଙ୍ଗା ଲୋକମାନେ

ପ୍ରଥମ କରି ଆମ୍ବ ନୂଆ ଖାଇଥାନ୍ତି। ପର୍ବ ପରଦିନ ଝିଙ୍ଗିରି ବେଣ୍ଟ ହୋଇଥାଏ। ଏହିଦିନ ଗାଁର ପୁରୁଷ ଲୋକ ଏବଂ ୫ /୩ ବର୍ଷଠାରୁ ବଡ଼ ପିଲାମାନେ ୯ଟା ୧୦ଟା ବେଳକୁ ଖାଇ ଏହି ଟିଙ୍ଗିରି ବେଣ୍ଟକୁ ଯାଆନ୍ତି। ଏହି ଦିନ ଯେ କୌଣସି ଗୋଟିଏ ପକ୍ଷୀ ଶିକାର କରି କିମ୍ବା ଜିଅନ୍ତା ଧରି ତାକୁ 'ଡାଣ୍ଡିଆ'ରେ ଫୁଲ ଦ୍ୱାରା ସଜାଇ ଗ୍ରାମର ସଦର ଦାଣ୍ଡକୁ ନାଚି ନାଚି ପକାନ୍ତି। ଯୁବକ ଲୋକମାନେ ବାଦ୍ୟ ସହ ନାଚିସାରିଲା ପରେ ସେମାନଙ୍କୁ ଗୁଡ଼ ପାଣି ଦିଅନ୍ତି। ଏହିଦିନ ରାତିସାରା ଡେମସା ଖେଳାଯାଏ। ବୁଧବାର ଦିନ ଗାଁର ମହୁରିଆ ବାଦ୍ୟ ଯନ୍ତ୍ର ସହ ଘର ଘର ବୁଲି ସେହି ଘରର ଦେବତାକୁ ବାଦ୍ୟଯନ୍ତ୍ର ତାଳ ସହ ଆରାଧନା କରାଯାଏ। ତା'ପରେ ସେହି ଘରୁ ଜଣେ ବ୍ୟକ୍ତି ଦିନଯାକ ଉପବାସ ରହି ପୂଜା ପାଉଥିବା ଲୌହ (ଅସ୍ତ୍ର) ଉପକରଣ ଯଥା : (ଝାଙ୍ଗି, ଖାଣ୍ଡା, ବାଲେମ୍ (ବର୍ଚ୍ଛା), ଧନୁଶର ବଡ଼ ଗାଗଡ଼ା) ବଡ଼ ବେଣ୍ଟ ଦାଣ୍ଡକୁ ଗାଁର ସମସ୍ତ ଘରରୁ ଆସିଥାଏ। ପୂଜାରୀ ସେହି ଲୌହ, (ଅସ୍ତ୍ର) ଉପକରଣ ଯଥା (ଝାଙ୍ଗି, ଖାଣ୍ଡା ବାଲେମ୍ (ବର୍ଚ୍ଛା) ଧନୁଶର, ବଡ଼ ଗାଗଡ଼ା) ବଡ଼ ବେଣ୍ଟ ଦାଣ୍ଡକୁ ଗାଁର ସମସ୍ତ ଘରରୁ ଆସିଥାଏ। ଏଠାରେ ଗାଁରେ ପୂଜାରୀ ଗାଁରୁ ଆସିଥିବା ଲୌହ ଉପକରଣଗୁଡ଼ିକୁ ଗୋଟିଏ ଜାଗାରେ ରଖେ ଏବଂ ସେହି ସ୍ଥାନରେ ଗୋଟିଏ କୁକୁଡ଼ା ଅଣ୍ଡା କୁଣ୍ଡା ଉପରେ ରଖାଯାଏ। ପୂଜାରୀ ସେହି ଲୌହ ଅସ୍ତ୍ରଗୁଡ଼ିକୁ ପୂଜା ଆରାଧନା କରେ ଏବଂ ଗୋଟିଏ କୁକୁଡ଼ା ଛୁଆର ଆଙ୍ଗୁଠି କାଟି ରକ୍ତ ଦିଆଯାଏ ଏବଂ ସେହି କୁକୁଡ଼ା ଛୁଆକୁ ଆଖିରେ ଖଜୁରୀ କଣ୍ଟା ଦ୍ୱାରା (ବୁଣାଯାଏ) ଫୋଡ଼ାଯାଏ ଏବଂ ପୂଜାରୀ ଧନୁ ସାହାଯ୍ୟରେ ସାତ ଧନୁ କିମ୍ବା ନଅଧନୁ ଅଣ୍ଡା ଠାରୁ ମାପିଥାଏ, ମାପି କରି ସେ ଗୋଟିଏ ଗାର ପକାଇଥାଏ ସେହି ଗାର ସିଧାରୁ ଲୋକମାନେ ପୂଜାସ୍ଥାନରେ ରଖାଯାଇଥିବ। ଅଣ୍ଡାକୁ ନିକ୍ଷେପ ଶରଦ୍ୱାରା କରିଥାନ୍ତି। ଅଣ୍ଡାକୁ ନିକ୍ଷେପ କରିସାରିଲା ପରେ ବଡ଼ ବେଣ୍ଟ ଦାଣ୍ଡରୁ ଢେମସା ଗାଁର ସଦର ଦାଣ୍ଡକୁ ଆସିଥାଏ ଏବଂ ରାତି ଯାକ ଢେମସା ଚାଲେ। ତାପରଦିନ ଅର୍ଥାତ୍ ଗୁରୁବାର ଦିନ ଗାଁର ପ୍ରତ୍ୟେକ ବ୍ୟକ୍ତି ଜଙ୍ଗଲକୁ (ଜଙ୍ଗଲ) ବେଣ୍ଟ ଯାଆନ୍ତି ଏବଂ ସଂଧ୍ୟାରେ ଜୀବଜନ୍ତୁ ଶିକାର କରି ଫେରନ୍ତି। ଗାଁର ପୁରୁଷ ଲୋକ ବେଣ୍ଟକୁ ଚାଲିଗଲେ ସ୍ତ୍ରୀ ଲୋକମାନେ ଗାଁର ରାସ୍ତାରେ ଜଗି ସେହି ରାସ୍ତାରେ ଯାତ୍ରା କରୁଥିବା ଲୋକଠାରୁ ଆରମ୍ଭ କରି ଗାଡ଼ି ଘୋଡ଼ା, ବସ୍, ଟ୍ରକ୍ ଏବଂ ଯାନବାହାନଠାରୁ ପଇସା ଆଦାୟ କରନ୍ତି। ଏହାକୁ ଯାଜର୍ ବୋଲି କହିଥାନ୍ତି। ପର୍ବ ସରିଲା ପରେ ଗୋଟିଏ ଦିନ ଯାଜର ଭୋଜିର ଆୟୋଜନ କରନ୍ତି।

**ମଇ (ବୈଶାଖ - ଜ୍ୟେଷ୍ଠ) :**

ବୈଶାଖ ମାସରେ ପାରେଙ୍ଗା ପରଜା ଲୋକମାନେ ନୂଆ ଖିଆ ପର୍ବ ପାଳନ କରନ୍ତି ଏବଂ କେତେକ ଗାଁରେ (ମାଣ୍ଡ୍ରୁ) ମାଣ୍ଡିଆରୁ ତିଆରି ସୁଜି ଖାଆନ୍ତି। ଏହି ପର୍ବ ବୈଶାଖ ମାସର ପୂର୍ଣ୍ଣିମା ସମୟରେ ଅନୁଷ୍ଠିତ ହୁଏ। ଏହି ପର୍ବରେ ଗାଁର ପ୍ରତ୍ୟେକ ଘର ଲୋକ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରିଥାନ୍ତି। ସେଦିନ ମଧ ରାତିସାରା ଡେମସା ଖେଳନ୍ତି। ଏହିଦିନ

କଟରା ଢେମସା, ଧମ୍‌ର, ବାରାହା (ବରିଆ ଢେମସା ଖେଳନ୍ତି) ଏବଂ ରାତିରେ ଶେଷ ଆଡ଼କୁ ଅର୍ଥାତ୍ ପାହାନ୍ତିଆ ସମୟରେ ଦାଣ୍ଡରେ ଥିବା ସମସ୍ତ ଲୋକଙ୍କୁ ଲିଆ ଦିଆଯାଏ।

ଜୁନ୍ ଲାଣ୍ଡି - ଜେଷ୍ଠ ମାସରେ କୌଣସି ପାରମ୍ପରିକ ପର୍ବ ପାଳନ କରାଯାଏ ନାହିଁ।

**ଜୁଲାଇ(ଆଷାଢ଼-ଶ୍ରାବଣ) ମାସ :**

ଆଷାଢ଼ ପରବକୁ ଏହି ପର୍ବକୁ ଲୋକମାନେ ଅତି ଆନନ୍ଦର ସହ ପାଳନ କରିଥାନ୍ତି। ଏହି ପର୍ବରେ ଲୋକମାନେ ରାସ୍ତାରେ ଗାଁ ବାହାରେ ନେଇ ଘରର ବା ଗୁହାଳର ଝାଡୁ ଧୁଆଁ (ପଘା)କୁ ନେଇଁ ଛାଡ଼ନ୍ତି ଏବଂ ପୂଜା ଆରାଧନା କରନ୍ତି।

ଜଙ୍ଗଲାନି ଯାତ୍ରା କିମ୍ବା ଠାକୁରାନୀ ବିରୁ ମଧ୍ୟ ଏହି ମାସରେ ପାଳନ କରାଯାଇଥାଏ। ଏହି ପର୍ବ ବିଶେଷ କରି ମାସର ମଙ୍ଗଳବାର ଶୁକ୍ରବାର କିମ୍ବା ରବିବାର ଦିନ ଶୁଭତିଥି ଦେଖି କରାଯାଏ ଏବଂ ଗାଁର ବାହାରେ ଅର୍ଥାତ୍ ସନ୍ଧି ଛାଡ଼ି କରି ଏହି ପୂଜା କରାଯାଏ। (ସନ୍ଧି) ଦୁଇଟି ଗାଁର ଚାଷ ଜମି ଥିବା ବାହାରକୁ ସନ୍ଧି କୁହାଯାଏ)। ଏହି ପୂଜାରେ ଦିସାରି ଗାଈଗୋରୁଙ୍କୁ ରୋଗ ନ ହେବା ପାଇଁ ପୂଜା ଆରାଧନା କରେ ଏବଂ ଛେଳି କାଟେ। ପୂଜା ପାଇଁ ଦରକାର ପଡୁଥିବା ଜିନିଷ - ଚିକଟା ମାଟିରେ ତିଆରି ଗାଈ ବା ବଳଦ, ଶଗଡ଼, ଚିକଟା ମାଟି କହିଲେ ମାଠିଆ ତିଆରି ହେଉଥିବା ମାଟି। ଶଗଡ଼ଟି ସାଧାରଣତଃ ବାଉଁଶ ସହ ଏବଂ ଦୁଇଟି ବଳଦ ଶଗଡ଼, ଖଜୁରୀ ପତ୍ରରେ ଫୁଲ ସବୁ ଗୁନ୍ଥା ଯାଏ। ବାଉଁଶ ବାଡ଼ିରେ ଭେଣ୍ଡି ବା ଶିରାଲ ତିଆରି କରି ସନ୍ଧି ଡେଇଁ ରାସ୍ତାରେ କରାଯାଏ। ପୂଜାରେ କଟାଯାଇଥିବା ଛେଳି ମୁଣ୍ଡକୁ ଆଣି ଚରୁ ରନ୍ଧାଯାଏ ଏବଂ ଛେଳିର ଅନ୍ୟ ଅଂଶକୁ ଆଣି ଗାଁର ଲୋକ ସମାନ ଭାଗରେ ବାଣ୍ଟି ନିଅନ୍ତି। ଏହି ପୂଜା ଗାଈ ଗୋରୁମାନଙ୍କୁ ରୋଗ ନ ହେବା ପାଇଁ କରାଯାଇଥାଏ। ଏହି ପୂଜାଟି ଗାଁର ବାହାରେ କରାଯାଇଥାଏ।

**ଅଗଷ୍ଟ : ବାନ୍ଦାପନ :**

ଏହ ପର୍ବରେ ପ୍ରଥମ କରି କଖାରୁ ନୂଆ ଖିଆଯାଏ ଏବଂ ପର୍ବଦିନ କୌଣସି ଲୋକ କାମ କରିବାକୁ ଯାଆନ୍ତି ନାହିଁ। ଏହି ପର୍ବ ବିଶେଷ କରି ଅଗଷ୍ଟମାସର ପୂର୍ଣ୍ଣିମାର ଦୁଇ ଚାରିଦିନ ପୂର୍ବରୁ ପାଳନ କରାଯାଏ। ଏହି ପର୍ବ ସୋମବାର କିମ୍ବା ବାରଦିନରେ କରାଯାଏ। କିମ୍ବା ପୂର୍ଣ୍ଣିମା ଦିନ କରାଯାଏ। ଏହି ପର୍ବରେ ମଧ୍ୟ ଛେଳି, ମେଣ୍ଢା ଏବଂ ଘର ପିଛା ଗୋଟିଏ କୁକୁଡ଼ା ପିଦର ଦେବତା ପାଖରେ ବଳି ପକାନ୍ତି ଏବଂ ରାନ୍ଧି ଖାଆନ୍ତି।

ଏହି ପର୍ବରେ ଝାଙ୍କର ଦେବତାଙ୍କୁ ମଧ୍ୟ ପୂଜା କରାଯାଏ। ଗୋଟିଏ ଗାଈ କିମ୍ବା ବଳଦକୁ ବଳି ଚଢ଼ଯାଏ। ବଳି ଦିଆଯାଇଥିବା ଗାଈର ମୁଣ୍ଡକୁ ଚରୁ ରନ୍ଧାଯାଏ ଏବଂ ଗାଁର ପୂଜାରୀ ତାକୁ ଖାଆନ୍ତି ବା ତାଙ୍କ ପରିବାର ପୁରୁଷ ଲୋକ ଚରୁ ଖାଇଥାନ୍ତି ଏବଂ ଗାଈଟିକୁ ଆଣି ଗାଁର ପ୍ରତ୍ୟେକ ଘରେ ବଣ୍ଟା ଯାଇଥାଏ।

**ସେପ୍ଟେମ୍ବର : ଅଶା**

ଏହି ମାସରେ ଧାନ ନୂଆ ଖିଆଯାଏ। ଏହି ପର୍ବରେ ପ୍ରଥମ କରି ନୂଆ ଧାନ ଖିଆଯାଏ। ନିଶାଣୀରେ ଧାନ ନୂଆ ଖାଇସାରିଲା ପରେ ଗାଁର ପ୍ରତ୍ୟେକ ଘରେ ଧାନ କେଣ୍ଡା ନେଇ ଆଣ୍ଟୁରେ ରଖାଯାଏ ଏବଂ ଚରୁ ରାନ୍ଧିଲା ବେଳେ ଗୋଟିଏ ଦୁଇଟା ଧାନରୁ ଚୋପା ବାହାର କରି ବା ଚାଉଳ ବାହାର କରି ଚରୁରେ ପକାଯାଇଥାଏ। ଏହି ପର୍ବରେ ଛେଳି କିମ୍ବା ମେଣ୍ଢା ବଳି ଦିଆଯାଏ।

**ଅକ୍ଟୋବର - ଦଶରା :**

ଏହି ମାସରେ କୌଣସି ପାରମ୍ପରିକ ପର୍ବ ନାହିଁ। କିନ୍ତୁ କେତେକ ଗାଁର ଦୁର୍ଗା ପୂଜା ପାଳନ କରାଯାଏ।

**ନଭେମ୍ବର - ଦିଆଲି :**

ଏହି ମାସରେ ଗାଁମାନଙ୍କରେ ଯୁଗର ପରିବର୍ତ୍ତନ ଫଳରେ ଆଜିକାଲି ଦୀପାବଳୀ ପର୍ବ ପାଳନ କରାଯାଉଛି। କିନ୍ତୁ ସେମାନେ ପାରସ୍ପରିକ ପର୍ବ ହେଲା ଘୋଡ଼ମାରା ପର୍ବ। ଏହି ପର୍ବଟି ଦିଆଲି ବା ନଭେମ୍ବର ମାସରେ ପାଳନ କରାଯାଏ। ଏହି ପର୍ବ ପ୍ରାୟ ୧୦/ ୧୫ ଦିନ ପୂର୍ବରୁ ଗାଁରେ ବା ସଦର ଦାଣ୍ଡରେ ଗୋଟିଏ ବୈଠକ ଡକାଯାଏ। ଏହି ବୈଠକର ସଭାପତିତ୍ୱ ସଂପୃକ୍ତ ଗାଁର ନାୟକ କରିଥାନ୍ତି ଏବଂ ବାରିକ ବା ଚଲାଣ ପ୍ରତି ପର୍ବପର୍ବାଣିରେ ଯେପରି ଗାଁର ସାହି ସାହି କିମ୍ବା ଘର ଘର ବୁଲି ସଦର ଦାଣ୍ଡରେ ଆସିବାକୁ ଡାକ ପକାଏ ଏବଂ ଗାଁର ପ୍ରତି ଘରୁ ଜଣେ ବ୍ୟକ୍ତି ସହରକୁ ଆସନ୍ତି। ଏହି ବୈଠକରେ ସଭାପତି ସହ ଗାଁର ଭଦ୍ର ବ୍ୟକ୍ତିଗଣଙ୍କ ମତଅନୁସାରେ ପର୍ବରେ ବଳୀ ଦିଆଯିବା ପଶୁ ପାଇଁ ଆବଶ୍ୟକୀୟ ଚାନ୍ଦା ଘର ପିଛା କେତେ ସ୍ଥିର କରାଯାଏ। ଏହି ଚାନ୍ଦା ସବୁ ଗାଁର ଚଲାଣ୍ ବା ବାରିକ ଘର ଘର ବୁଲି ଆଦାୟ କରିଥାଏ ଏବଂ ଗାଁର ନାୟକ ପାଖରେ ଜମାଦିଏ। ପର୍ବର ପାଞ୍ଚ ଛଅଦିନ ପୂର୍ବରୁ ଚାନ୍ଦା ସବୁ ବାରିକ ସଂଗ୍ରହ କରିଥାଏ ଏବଂ ପାଖ ହାଟରୁ ଗାଁର ବୈଠକ ଦିନ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ବୁଢ଼ା ଯୋଡ଼ କିମ୍ବା (କାନ୍ ଶିଙ୍ଗିଆ) ପୋଡ଼ କିଣନ୍ତି। ଯେଉଁ ପୋଡ଼ର ଶିଙ୍ଗ ଏବଂ କାନ ସମାନ ଥିବ ତାକୁ କାନ୍‌ଶିଙ୍ଗିଆ ପୋଡ଼ କୁହାଯାଏ ଏବଂ ସେମାନେ ଯେଉଁ ପୋଡ଼ କିଣନ୍ତି ତାର ଜନ୍ମରୁ କୌଣସି ଘା କିମ୍ବା ପୋଡ଼ର କାନ ଶିଙ୍ଗ କିମ୍ବା ଶରୀରର କ୍ଷୟ କ୍ଷତି କିମ୍ବା ଖଣ୍ଡିଆ ଖାବରା ହୋଇ ନଥିବ ସେଭଳି ଗୋଟିଏ ପୋଡ଼ ଦେଖି କରି କିଣନ୍ତି ଏବଂ ଏହି ପୋଡ଼ କିଣିବା ପାଇଁ ଗାଁର ୧୦/୧୨ କିମ୍ବା ୧୫/୨୦ ଲୋକ ହାଟକୁ ଯାଇଥାନ୍ତି। ପୋଡ଼ କିଣି ସାରିବା ପରେ ଯଦି ଆଦାୟ ହୋଇଥିବା ଚାନ୍ଦା କିଛି ପରିମାଣ ବଳେ ତେବେ ତାକୁ ଯେଉଁମାନେ ହାଟକୁ ଯାଇଥାନ୍ତି ସେମାନେ "ଆକାଲା

ବୁଢ଼ି” ବୋଲି ହାଟରୁ ଗାଁକୁ ଫେରିଲାବେଳେ ରାସ୍ତାକଡ଼ରେ ଥିବା ଗାଁମାନଙ୍କରେ ପଶି ମଦ୍ୟପାନ ବା ଯେଉଁମାନେ ରହାନ୍ତି ସେମାନେ (ପେଣ୍ଡମ୍) କା ହାଣ୍ଡିଆ (କଲମି) ବା ହାଣ୍ଡିଆରୁ ଅଳ୍ପ ଆଣି ତା ଭିତରେ ୨ରୁ ୩ ଗ୍ଲାସ ଗରମ ପାଣି ପକାଇ ତାକୁ ଛାଣି କରି ଦିଅନ୍ତି। (ଜାରା) ବା ହାଣ୍ଡିଆରେ ପାଣି ନ ପକାଇ ଯେଉଁ ପାଣି ଆଗରୁ ବାହାରି ଥାଏ ଏବଂ (ସଲପ)ସଲପ ଗଛର ରସକୁ ସେମାନେ ସମାନ ଭାବରେ ବାଣ୍ଟି କରି ପିଅନ୍ତି ଏବଂ ସଂଧ୍ୟାରେ ଘରକୁ ଫେରନ୍ତି। ପର୍ବର ଦଶ ପନ୍ଦର ଦିନ ପୂର୍ବରୁ ଯେଉଁ ବୈଠକ ବସିଥାଏ ସେହି ବୈଠକରେ କେତେକ ଜୋରିମନା ମଧ୍ୟ ନିଷ୍ପତ୍ତି ନିଆଯାଇଥାଏ। ଯେ ଯେଉଁମାନେ ପର୍ବଦିନ କୌଣସି ପ୍ରକାରର ଗୋଣ୍ଡଗୋଳିଆ ପରିସ୍ଥିତି ଉପୁଜାନ୍ତି ସେମାନଙ୍କ ଠାରୁ ଗଞ୍ଜା କୁକୁଡ଼ା ଏବଂ ଋଉଳ ଆଦାୟ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥାଏ।

**ପର୍ବର ପୂର୍ବ ପ୍ରସ୍ତୁତି :**

ପର୍ବ ହେବାର ୮ ରୁ ୧୦ ଦିନ ପୂର୍ବରୁ ଗାଁର ପ୍ରତି ଘରର ଲୋକ ତାଙ୍କ ଅନ୍ୟ ଗାଁର ବନ୍ଧୁବାନ୍ଧବମାନଙ୍କୁ ଖବର ଦିଅନ୍ତି ଏବଂ ଜ୍ଞାତିକୁଟୁମ୍ବ ଯେଉଁମାନେ ପର୍ବଦିନ ଅନ୍ୟ ଗାଁରୁ ସବୁ ଆସନ୍ତି ସେମାନଙ୍କୁ ଗୋତିଆ ବୋଲି କୁହନ୍ତି। ଗୋତିଆମାନେ ଆସିଲାବେଳେ ସାଙ୍ଗରେ ୧/୨ କେଜି ଋଉଳ (ପେଣ୍ଡମ୍) ହାଣ୍ଡିଆ, ଗୋଟିଏ ବୋତଲ ମଦ ଧରି ଆସନ୍ତି ! ଆଉ କେତେଜଣ ଲୋକ ଋଉଳ ପରିବର୍ତ୍ତେ ଭାତ ମଧ୍ୟ ଧରି ଆସିଥାନ୍ତି। ଯେଉଁ ଗାଁରେ ପର୍ବ ହେଉଛି ସେମାନେ ୨ ଦିନ ପୂର୍ବରୁ ଘରଦ୍ୱାର ଲିପାପୋଛା କରନ୍ତି ବା ଏହାକୁ ଘର ସାରଇବା କହନ୍ତି। ୫/୬ ଦିନ ପୂର୍ବରୁ ପ୍ରତି ଘରର ଲୋକମାନେ ପେଣ୍ଡମ ପ୍ରସ୍ତୁତି କରିଥାନ୍ତି ଏବଂ ଏହା ଘରକୁ ଆସିଥିବା ଗୋତିଆ ମାନଙ୍କୁ ଦିଆଯାଏ। କେତେକ ଲୋକ ମଦ ମଧ୍ୟ ତିଆରି କରିଥାନ୍ତି। ମଦ ମଧ୍ୟ ଦିଆଯାଏ। ସାଧାରଣତଃ ଗୁଡ଼ିଟା ଗାଁର ବାହାରେ ଥାଏ। ସେହିଗୁଡ଼ିକୁ ପୋଢ଼ି ନେଲା ବେଳକୁ ପୋଢ଼ର ବେକରେ ଫୁଲର ହାର ଏବଂ ଆକ୍ତ ଋଉଳ ଖୁଆ ଯାଏ ଏବଂ ପୋଢ଼ଟିକୁ ବାଜା ବଜେଇ ଉସାହର ସହିତ ଗୁଡ଼ିକୁ ନିଆଯାଏ ଏବଂ ଏହି ପୂଜାଟି ବିଶେଷ କରି ଦୁର୍ଗାମା'ଙ୍କୁ ନିମନ୍ତେ କରାଯାଏ। ଗୁଡ଼ିରେ ପଥରକୁ (ଦୁର୍ଗା ଦେବତା), (ପାଟଦେବତା), (ଭୈର ଦେବତା) ବୋଲି ପୂଜା କରାଯାଏ। ଏହ ପୂଜା ଆରମ୍ଭରେ ଗୁଡ଼ିରେ ବା ଦେବତାଙ୍କ ଆଗରେ ମାଗୁର ମାଛ ଏବଂ ତା'ପରେ ପାରା, କୁକୁଡ଼ା, ଛେଳି ମେଣ୍ଢା ବଳି ଦେଲାପରେ ପୋଢ଼କୁ ଗୋଟିଏ ଟାଙ୍ଗି ସାହାଯ୍ୟରେ ହାଣି ଦିଅନ୍ତି ବା ବଳି ପକାନ୍ତି। ପୋଢ଼ର ମୁଣ୍ଡକୁ ଏବଂ କଲିଜାକୁ ଗୁଡ଼ିରେ ଚରୁରାନ୍ଧି ପୂଜାରୀ ବା ତାଙ୍କର ପରିବାରର ପୁରୁଣା ସଦସ୍ୟମାନେ ଠାକୁରଙ୍କୁ ରନ୍ଧା ସାରିବା ପରେ ଭୋଗ ହିସାବରେ ଦିଆଯାଏ ଏବଂ ପରେ ସମସ୍ତେ ଖାଆନ୍ତି। ବଳି ଦିଆଯାଇଥିବା ପୋଢ଼ର ଗଣ୍ଡିକୁ ପର୍ବର ପରଦିନ ଆଣି ସମସ୍ତଙ୍କ ଘରେ ବାଣ୍ଟି ଦିଆଯାଏ। ପର୍ବଦିନ ରାତିସାରା

ଆନନ୍ଦ ଉଲ୍ଲାସର ସହ ଗାଁର ଗୋଡିଆ ଆସିଥିବା ଯୁବକ ଏବଂ ଯୁବତୀମାନେ ଗାଁର ସଦର ଦାଣ୍ଡରେ ଢେମସା ଖେଳିଥାନ୍ତି ।

## ଡିସେମ୍ବର - ପୋଷ

ଫସଲ ଅମଳ କରିସାରିବା ପରେ ପାରେଙ୍ଗାମାନେ ଯେଉଁଠାରେ ଧାନକୁ ଗୋଟିଏ ଜାଗାରେ ଗଜା କରିଥାନ୍ତି ତାକୁ କଟାର୍ ବୋଲି କହିଥାନ୍ତି । ସାଧାରଣତଃ ପୋଷ ମାସରେ ପାରେଙ୍ଗାମାନେ କଟାର ବିବରୁ କରିଥାନ୍ତି । ବିଲରେ ଧାନ ପାଚିବା ପରେ ଗୋଟିଏ ଭଲ ଶୁଭ ଦିନ ଦେଖି ଅଳ୍ପ ଧାନ କାଟିଥାନ୍ତି ତାକୁ (କଡପ୍ ପକାନ୍ତି) କହିଥାନ୍ତି ଏବଂ ଧାନଯାକ ସବୁ ପାଚିଲା ପରେ ଧାନାକଟି ଥାନ୍ତି ଏବଂ କୋଲାରକୁ ଆଣିଥାନ୍ତି ଏବଂ କୋଲାରକୁ ଆଣିବା ଦିନ ମଧ୍ୟ ଗୋଟିଏ ପୂଜା କରିଥାନ୍ତି ତାକୁ କଡ଼ପ୍ ବିରୁ କହିଥାନ୍ତି । ଏହି ଦିନ ବିଲରୁ ଧାନ ଗୋଟିଏ ବିଡ଼ା ପ୍ରଥମକରି କିଟାରକୁ ଆଣନ୍ତି ଏବଂ କଟାର୍‌ରେ ଚରୁରାନ୍ଧି ପାଣିଥିବା ଗୋଟିଏ ବିଡ଼ା ଧାନକୁ ଭୋଗ ଆକାରରେ ରନ୍ଧାଖାଦ୍ୟ ଦେଇଥାନ୍ତି ଏବଂ ଖାଦ୍ୟ ମୁଖ୍ୟତଃ ଭାତ ଏବଂ ତରକାରୀରେ ମାଡ଼ି ପଡ଼ିଥାଏ ତାକୁ ଆଣିଥିବା ଧାନବିଡ଼ାରେ ପଣସ ପତ୍ରରେ ଭୋଗ ଆକାରରେ ଦେଇଥାନ୍ତି । ତାପରେ ବିଲରୁ ସବୁ ଧାନବିଡ଼ା ଆସେ । ଧାନ ଅମଳ କରିସାରିଲା ପରେ ଶୁଭଦିନ ଦେଖି ରବିବାର, ମଙ୍ଗଳବାର, ବୁଧ କିମ୍ବା ଶୁକ୍ରବାରଦିନ ଘରକୁ ଆଣିଥାନ୍ତି । ଏହି ଦିନରେ ଘରର ସମସ୍ତେ ଉପବାସ ରହନ୍ତି । ପୂଜାପାଇଁ ଆବଶ୍ୟକୀୟ ଦ୍ରବ୍ୟ :- ରାଣୀ ଫୁଲ, ଧାଇଁ ନଡ଼ିଆ, ସିନ୍ଧି କଦଳୀ ପୂଆ, ଲସୁଣ, ଅଲଦି ପିଲ, ହରଡ଼ାପତ୍ର ପିଠା, ଦାପ୍‌କଲି ବିଡ଼ି ଇତ୍ୟାଦି । ପୂଜାଦିନ ଘରସାରା ଉପବାସ ରହନ୍ତି । ପୂଜା ସରିବା ପରେ କଟାରରେ ଗୋଟିଏ ସ୍ଥାନରେ ଧାନ ଗଦାଥାଏ । ସେଠି ଗୋଟିଏ କୁକୁଡ଼ା ବଳି ଦିଆଯାଏ । ତାପରେ ବେଡ଼ା (ବିଲ)ରେ ମଧ୍ୟ କୁକୁଡ଼ା ବଳି ଦିଆଯାଏ ଏବଂ ପୂଜା ଉପକରଣ ମଧ୍ୟ ବେଡ଼ାକୁ ନିଆଯାଏ । ଭୋଜି ରନ୍ଧା ସରିଲା ପରେ ଲକ୍ଷ୍ମୀ ଦେବୀଙ୍କୁ ଭୋଗ ଆକାରରେ ରନ୍ଧା ଖାଦ୍ୟ ଦିଆଯାଏ ଏବଂ ଯେ ପୂଜା କରେ ସେ ମଧ୍ୟ ଖାଆନ୍ତି ଯେଉଁ ହାଣ୍ଡିରେ ଚରୁ ରଖାଯାଇଥାଏ ସେ ହାଣ୍ଡି ଘରକୁ ପ୍ରଥମେ ଘରର ଗୋଟିଏ ଝିଅ ପିଲା କିମ୍ବା ପୁଅ ପିଲା ବୋହି କରି ଆଣେ ତାକୁ (ଜନିହାଣ୍ଡି) କୁହାଯାଏ । ଜନିହାଣ୍ଡି ଘରକୁ ଆସିଲା ପରେ । କର୍ବାରକୁ ସମସ୍ତେ ଯାନ୍ତି । ଖାଦ୍ୟ ବଢ଼ା ହୁଏ ଏବଂ ପ୍ରଥମେ ପାଳରେ ତିଆରି ବୁଡ଼ା ମାଙ୍କୁଡ଼ୁକୁ ଭୋଗ ଆକାରରେ ଦେଖାଯାଏ । ତାପରେ ସମସ୍ତ ଲୋକ ଖାଆନ୍ତି ଏବଂ ଘରକୁ ଧାନ ବୁହାଯାଏ । ଏହି ପୂଜାରେ ମଧ୍ୟ ସ୍ୱତନ୍ତ୍ର ଖାଦ୍ୟ ତିଆରି କରାଯାଇଥାଏ; ଯଥା:- ମଦ, ପେଣ୍ଡମ କଳସି ଇତ୍ୟାଦି ଏହି ଦିନ ଖିଆଯାଏ । ଆନନ୍ଦର ସହ ଧାନ ଘରକୁ ଆଣନ୍ତି ଏବଂ ଖାଇ ପିଇ ଖୁସି କରିଥାନ୍ତି ।

## ଜୀବନଚକ୍ର କର୍ମକର୍ମାଣି :

ପାରେଙ୍ଗାମାନଙ୍କ ପରିବାରରେ ଯଦି ବୋହୂ ଗର୍ଭ ଧାରଣ କରେ ତେବେ ଗର୍ଭ ଧାରଣର ଦୁଇ ମାସ ଭିତରେ ଦିଶାରିକୁ ଡାକି ଏବଂ ଦିଶାରି କହିଥିବା ଅନୁସାରେ ପୂଜା ପାଇଁ ଆବଶ୍ୟକୀୟ ଉପକରଣ ଯଥା : - କୁକୁଡ଼ା, ନଡ଼ିଆ, ଫୁଲ, ଫଳ, ଧୂପ ଇତ୍ୟାଦି ଯୋଗାଡ଼ କରାଯାଏ ଏବଂ ଦିଶାରି ଗର୍ଭଧାରଣ କରିଥିବ। ମହିଳାଙ୍କ ବେକରେ ପୂଜାସାରି ଗୋଟିଏ ଧଳା ସୂତାରେ ଔଷଧ (ଚେରମୂଳୀ)ବାନ୍ଧିଥାନ୍ତି। ଏହି ପୂଜା ଗର୍ଭଧାରଣ କରିଥିବା ମହିଳା କୌଣସି ଜାଗାରେ ଡରିଲେ ଗର୍ଭପାତ ହୋଇଯାଏ ବୋଲି ବିଶ୍ୱାସ କରନ୍ତି ତେଣୁ ଗର୍ଭପାତ ନ ହେବା ପାଇଁ ଏହି ପୂଜାବିଧି କରିଥାନ୍ତି। ଏହାକୁ "ସୂତା ବନ୍ଧାନି" ବୋଲି କହିଥାନ୍ତି। ସେହି ଗର୍ଭ ଧାରଣ କରିଥିବା ମହିଳା ଶିଶୁ ଜନ୍ମ କରିବା ବେଳେ ଯଦି କୌଣସି ଅସୁବିଧା ହୁଏ, ତେବେ ସେହି ଅଞ୍ଚଳରେ ଥିବା (ସୁତରାନି) ଧାଇକୁ ଡକାଯାଏ ସେ ହାତରେ ସୋରିଷ କିମ୍ୱା କରଞ୍ଜ ତେଲ ସାହାଯ୍ୟରେ ଶିଶୁଟିକୁ ଜନ୍ମ କରାଇଥାଏ। ଶିଶୁ ଜନ୍ମ ହେଲାପରେ ଫୁଲ, ଚନ୍ଦନ ଏବଂ ହଳଦୀ ପାଣି କରି ପୂଜା କରି ନବଜାତ ଶିଶୁର ନାଭି (ବମାଲି) କାଟି ତାକୁ ତାର ଜନ୍ମ ବେଳା ଦେଖି ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଦିଗକୁ ମୁହଁ କରି ଶିଶୁଟିକୁ ହଳଦୀ ପାଣିରେ ଗାଧୋଇ ଦିଆଯାଏ। ଏହି ଦିନଠାରୁ ସେହିଘରେ ବା ଶିଶୁ ଜନ୍ମ ହୋଇଥିବା ଘରେ କୌଣସି ଲୋକ ପ୍ରବେଶ କରନ୍ତିନାହିଁ ଏବଂ ତାଙ୍କ ଘରେ ଖାଆନ୍ତି ନାହିଁ। ଏହିପରି ୭/୯ କିମ୍ୱା ୨୧ଦିନ ପରେ ନବଜାତ ଶିଶୁ ଏକୋଶିଆ ବା (ହାଣ୍ଡି ଦାରାନି) ଉତ୍ସବ କରାଯାଏ। ଦିଶାରି ସୂତା ବାନ୍ଧାନି ବେଳେ ହାଣ୍ଡି ଦାରାନିକୁ କ'ଣ କ'ଣ ଯୋଗାଡ଼ କରିବାକୁ ହେବ ଦିଶାରୀ କହିଥାନ୍ତି ଏବଂ ତାଙ୍କ କହିବା ଅନୁସାରେ କୁକୁଡ଼ା, ଛେଳି, ନଡ଼ିଆ ଫୁଲ, ଫଳ, କଣ୍ଡା (୩,୭,୯ କିମ୍ୱା ୨୧ ବର୍ଣ୍ଣ ଯୋଗାଡ଼ କରାଯାଏ । ସେହିଦିନ ପର୍ଯ୍ୟନ୍ତ ଶିଶୁଜନ୍ମ ହେବାଦିନଠାରୁ ନବଜାତ ଶିଶୁକୁ ତା'ର (ବମଲି) ବା ନାଭି ଯେଉଁଠି ପୋତା ହୋଇଥାଏ ସେହି ଜାଗାରେ ଗାଧୁଆ ପାଧୁଆ କରିଥାନ୍ତି । ହାଣ୍ଡି ବାରାନିଦିନ ଦିଶାରି ବମଲି ପୋତିଥିବା ଜାଗାରେ ବିରୁ କରିଥାଏ ଏବଂ ଯୋଗାଡ଼ କରିଥିବା ପଶୁ କିମ୍ୱା ପକ୍ଷୀକୁ ସେହି ଜାଗାରେ ବଳି ପକାଯାଏ । ଦିଶାରି ବଳି ଦେଇଥିବା ପଶୁପକ୍ଷୀର ମାସ ଏବଂ ଘରୁ ଚାଉଳ ମାଗି (ଚରୁ) ରାନ୍ଧିଥାନ୍ତି। ଉକ୍ତ ଘରର ବା ଜାତିଭାଇ ଜଣେ ଘରେ ବା ଘରର ପିଦରରେ ମଧ୍ୟ ଚରୁ ରାନ୍ଧିଥାଏ। ରନ୍ଧା ସରିଲା ପରେ ଶିଶୁର ନାଭି ବା (ବମଲି) ଖାଲରେ ଭୋଗ ଆକାରରେ ରନ୍ଧା ଖାଦ୍ୟକୁ ଶିଆଳି ପତ୍ର / ପଣସ ପତ୍ରରେ ଇଷ୍ଟଦେବତାଙ୍କୁ ଅର୍ପଣ କରାଯାଏ। ଏହିଦିନ ସେ ଘରେ ଗୋଟିଏ ଭୋଜିର ଆୟୋଜନ କରାଯାଇଥାଏ। ବେଟି ପକାଇଲା ପରେ ଭୋଜି ଖାଇଥାନ୍ତି ଏବଂ ଏହି ଦିନରେ ହିଁ ନବଜାତ ଶିଶୁର ନାମକରଣ ହୋଇଥାଏ। ଯଦି ଶିଶୁ ବୁଧବାର ଜନ୍ମ ହୋଇ ତେବେ ପୁଅକୁ ହେଲେ କୁନ୍ଦ୍ରା, ବୁଦୁ ଏବଂ ଝିଅ ହୋଇଥିଲା

ବୁନ୍ଦ୍ରି ନାଁ ଦିଅନ୍ତି ଏବଂ ନାମ ଦେଲାବେଳେ ଗୋଟିଏ ଡାକଦ୍ୱାରା ଗୋଟିଏ ପଦଆବୃତ୍ତି କରିଥାନ୍ତି (ନାଁ ବିଡ଼ଲେ କାନ୍ଦ୍ ନାଆଁ ନ ବିଡ଼ିଲେ କାନ୍ଦ୍) ବୋଲି କହିଥାନ୍ତି। ଉକ୍ତ ଘରର ଲୋକ ତା'ର ବନ୍ଧୁବାନ୍ଧବ ବା ଗାଁର ସମସ୍ତ ଲୋକକୁ ନିମନ୍ତ୍ରଣ କରିଯାଇଥାଏ ଏବଂ ସବୁ ଲୋକ ଆସି ଭୋଜି ଖାଇଥାନ୍ତି। ଭୋଜି ଖାଇସାରିଲା ପରେ ବନ୍ଦାନି ଉତ୍ସବ ହୋଇଥାଏ। ଏହି ଉତ୍ସବରେ ଶିଶୁକୁ ଧରି ତା'ର ମା ବସିଥାଏ ଏବଂ ଆସିଥିବା ବନ୍ଧୁବାନ୍ଧବ ତାକୁ କିଛି କିଛି ଟଙ୍କା, ସୁନା, ରୂପା, କଂସା, କୁରି ଇତ୍ୟାଦି ଦେଇ ବିଦାୟ ନେଇଥାନ୍ତି। ଶିଶୁର କାନଫୋଡ଼ା ଦିନ କୌଣସି ବିରୁ କରାଯାଏ ନାହିଁ। ଗୋଟିଏ ଶୁଭଦିନ ଦେଖି ଶିଶୁର କାନଫୋଡ଼ା କରିଥାନ୍ତି।

ପୁଅ ଝିଅମାନଙ୍କ ବାଳ ପକାଇବା ପାଇଁ ଦିଶାରିକୁ ପଚାରି ଗୋଟିଏ ଶୁଭ ଦିନ ଠିକ୍ କରାଯାଏ ଏବଂ ବିରୁ ପାଇଁ ଅନେକ ପ୍ରକାର ଜିନିଷ ଯୋଗାଡ଼ କରାଯାଇଥାଏ। ଏହିଦିନ ପିଲାର ମାମୁଁ ବା ଦିଶାରି ଆସିଥାନ୍ତି ଏବଂ ପିଲାକୁ ଏହି ବିରୁ ଯେଉଁଠାରେ ସୁଝୁଛି, ଯଥା:- ବେଢ଼ାରେ ବା ଘରେ ପୂଜା କରାଯାଇ ପିଲାଇ ମୁଣ୍ଡରୁ ବାଳ ଲଣ୍ଡା କରାଯାଏ। ସେହି ବାଳଗୁଡ଼ିକ ଦିଶାରି ବା ମାମୁଁ ନେଇ ଜଳରେ ଭସାଇ ଦେଇଥାନ୍ତି ଏବଂ ଗୋଟିଏ ଭୋଜିର ଆୟୋଜନ କରାଯାଇଥାଏ। ଗାଁର ଭଦ୍ରବ୍ୟକ୍ତି ଏବଂ ସେ ଘରର ଲୋକ ଯଦି ଟିକିଏ ପ୍ରତିଷ୍ଠିତ ଲୋକ ହୋଇଥିବେ ଗାଁ ସାରାର ଲୋକଙ୍କୁ ଏବଂ ତାର ବନ୍ଧୁବାନ୍ଧବଙ୍କୁ ଡକାଇ ଭୋଜିଭାତ ଖୁଆଇ ଥାଆନ୍ତି। ଉକ୍ତ ବିରୁ କରିବା ଦ୍ୱାରା ଏବଂ ବାଳ ପକାଇବା ଦ୍ୱାରା ସେ ପିଲାର ଜ୍ୱର, ବ୍ୟଥା, ବା ଦୁଃଖ ଭୋଗ ଦୂର କରାଯାଇଥାଏ।

ଯଦି ଗୋଟିଏ ପିଲା ୧୮ ବର୍ଷରୁ କିମ୍ବା ଅଧିକ ହୋଇଥିଲେ ତା'କୁ ବିବାହ କରିଦେଇଥାନ୍ତି। ବିବାହ ପରେ ଜଣେ ଲୋକ ବା ପିଲା ତାର ପରିବାରର ଭଲମନ୍ଦ ବୁଝେ ବା ପରିବାରର ଦାୟିତ୍ୱ ତୁଲାଇଥାଏ। ସେମାନେ ବର ଏବଂ କନ୍ୟାର (ଯୋଗାନି) ଜାତକ ମେଳାଇଥାନ୍ତି ଏବଂ (ନ ବିଡ଼ିଲେ) ନ ମିଶିଲେ ସେ ଦୁଇଜଣଙ୍କୁ ବିବାହ କରିବା ପାଇଁ ଇଚ୍ଛୁକ ଥିଲେ ପୁଅଝିଅଙ୍କୁ ସାଙ୍ଗାମରେ ନେଇ ବସାଇ ଦିଶାରି ଗୋଟିଏ ବିରୁ କରିଥାଏ। ଏହି ବିରୁ କରିବା ଦ୍ୱାରା ପୁଅ ଝିଅ ମଧ୍ୟରେ ଥିବା ଦୋଷ ବା ଦୁଃଖ ଦୂର ହୋଇଯାଏ ଏବଂ ତାଙ୍କୁ ବିବାହ କରିଥାନ୍ତି। ବରକନ୍ୟାଙ୍କୁ ସାଙ୍ଗାମ ବା ଯେଉଁଠାରେ ୨/୩ ଆଡୁ ପାଣି ଆସି ମିଶୁଥିବ ସେଠି ତାଙ୍କୁ ବସାଇ ଯୋଗାଡ଼ କରିଥିବା ବିରୁ ସାମଗ୍ରୀ ଦ୍ୱାରା ତାଙ୍କର ଦୁଃଖ ଦୂର ହୋଇ ଯାଉ ବୋଲି କୁଇଡ଼ା, ଛେଳି ଅନ୍ୟାନ୍ୟ ଫଳ ବରକନ୍ୟାର ମୁଣ୍ଡରେ ଛୁଆଁଇ ୩ ଥର କିମ୍ବା ୭ ଥର ବୁଲାନ୍ତି ଏବଂ ତାଙ୍କର ଦୁଃଖ ଦୂର କରିବାକୁ ଭଗବାନଙ୍କୁ ଦିଶାରି ସ୍ମରଣ କରି ବଳି ଦିଅନ୍ତି ପାଣିରେ ବୁଡ଼ିବାକୁ କିମ୍ବା ଥଣ୍ଡା ପାଣି ଦ୍ୱାରା ବର କନ୍ୟାଙ୍କୁ ଗୋଟିଏ ମାଠିଆ ପାଣି ଆଣି ସେମାନଙ୍କ ଉପରେ ଢଳା ହୋଇଯାଏ। ନୂଆ ବସ୍ତ୍ର ପରିଧାନ କରାଇ ଘରକୁ

ଆଣନ୍ତି। ଭୋଜିର ମଧ୍ୟ ଆୟୋଜନ କରାଯାଇଥାଏ। ଆସିଥିବା ବନ୍ଧୁବାନ୍ଧବ ଭୋଜିଭାତ ଖାଇସାରିଲା ପରେ (ବାନ୍ଧାନି) ଆରମ୍ଭ ହୋଇଥାଏ। ବନ୍ଧାନି ସମୟରେ ବର କନ୍ୟାକୁ ଘର ଆଗରେ ବେଦି ଉପରେ ବସାଯାଏ ଏବଂ ତାଙ୍କ ଆଗରେ ଗୋଟିଏ ଗୋଟିଏ ଥାଳିରେ ଋଉଳ (ହଳଦୀମିଶା) ରଖାଯାଇ ଥାଏ ଏବଂ ଆସିଥିବା ବନ୍ଧୁବାନ୍ଧବ ସେମାନଙ୍କୁ କିଛି କିଛି ଅର୍ଥ ଚୁମ୍ବନ କରି ଦେଇଥାନ୍ତି। ପରିଶେଷରେ ଗଣାଯାଏ ବରର କେତେ ଏବଂ କନ୍ୟାର କେତେ। ଟଙ୍କା ଗଣିକରି ରଖିଦିଅନ୍ତି ଏବଂ ସେହି ଟଙ୍କା ନବଦମ୍ପତିଙ୍କ ଭବିଷ୍ୟତ କାର୍ଯ୍ୟରେ ଆସିଥାଏ। ଯଦି କୌଣସି ବ୍ୟକ୍ତିକୁ ମାରତ୍ମକ ରୋଗ ବା ବହୁଦିନ ଧରି ଯଦି ଜ୍ୱର ହୋଇଯାଏ ତେବେ ସେମାନେ ତାକୁ ଦିଶାରି ପାଖକୁ କିମ୍ୱା ଦିଶାରିକୁ ଘରେ ଡାକି ଆଣିଥାନ୍ତି ଏବଂ ତାକୁ ବିରୁ କରାଇଥାନ୍ତି। ଦିଶାରି ରୋଗୀକୁ ଦେଖି ବା ରୋଗୀର ହାତଧରି ଦେଖି କେତେଗୁଡ଼ିଏ ବିରୁ ସାମଗ୍ରୀ ଯୋଗାଡ଼ କରିବାକୁ କହିଥାଏ ଏବଂ ଯୋଗାଡ଼ ହୋଇ ସାରିଲା ପରେ ଦିଶାରି ରୋଗକୁ ଦେଖି ଗୋଟିଏ ଜାଗା ସ୍ଥିରି କରିଥାଏ। ସେହି ସ୍ଥିରୀକୃତ ସ୍ଥାନରେ ରୋଗୀକୁ ନେଇ ବସାଇ ବିରୁ କାର୍ଯ୍ୟ ସଂପାଦନ କରିଥାନ୍ତି। ଏହି ବିରୁ କରିବା ଦ୍ୱାରା ରୋଗୀର ରୋଗ ଭଲ ହୋଇଥାଏ।

**କୃଷିକାର୍ଯ୍ୟ ସମ୍ପର୍କିତ ପୂଜାବିଧି :**

ବିଶେଷ କରି ସେମାନଙ୍କ ଗାଁରେ ଗୋଟିଏ ଦିଶାରି ଧରିଥାନ୍ତି, ଯିଏକି ଗୁଣିଗାରେଡ଼ି ଜାଣିବା ସହ ଗ୍ରହ ନକ୍ଷେତ୍ର ମିଶେଇବା ଜାଣିଥାନ୍ତି। ସେହିଭଳି ଗୋଟିଏ ଲୋକକୁ ଗାଁର ଦିଶାରି ଭାବରେ ନିଯୁକ୍ତି ବା ମନୋନୟନ କରିଥାନ୍ତି। ତାକୁ ଗାଁ ଦିଶାରି କୁହାଯାଏ। ଗାଁରେ ଯେ କୌଣସି ପର୍ବ ହେଲେ ତାଙ୍କୁ ପଋରନ୍ତି। ଦିଶାରୀଙ୍କ ମତାମତ ନେଇ ଗାଁର ପର୍ବ ସବୁ ପାଳନ କରାଯାଏ। ପର୍ବ ସମୟରେ ଗାଁର କୌଣସି ଲୋକ ହଳ କରନ୍ତି ନାହିଁ ଏବଂ ପର୍ବ ସରିଲା ପରେ ଦିଶାରି ଗୋଟିଏ ଶୁଭଦିନ ଭଲ ନକ୍ଷତ୍ର ଥିବା ଦିନ କୁହେ ଏବଂ ସେଦିନ ଗାଁର ସମସ୍ତ ଲୋକ ହଳ ବାହାର କରନ୍ତି ଏବଂ ଚାପ କାମ କରାଯାଏ।

**ବିହନ ପାକାନି :**

ଏହି ପୂଜାଟି ବୈଶାଖ ମାସରେ ପାରଙ୍ଗାମାନେ ପାଳନ କରିଥାନ୍ତି। ଏହିଦିନ ପ୍ରଥମ କରି ବିହନ ଜମିରେ ପକାଇଥାନ୍ତି। ଏହି ପୂଜା ମଧ୍ୟ ଦିଶାରି କହିବା ଅନୁସାରେ କରାଯାଇଥାଏ। ସେ ଗୋଟିଏ ଭଲଦିନ ଦେଖି କହିବା ପରେ ଗାଁର ସବୁ ଲୋକ ସେହିଦିନ ହଳ କରିବାକୁ ନିଅନ୍ତି (ଯଦାରେ) ଡିପ ଜମିରେ ଏବଂ ଠିକ୍ ଆଠଟା କିମ୍ୱା ତା ପୂର୍ବରୁ ହଳ ଗୋଟିଏ ଜାଗାରେ ଠିଆ କରନ୍ତି ଏବଂ ପୂଜା କରିବା ପାଇଁ ପ୍ରସ୍ତୁତ ହୋଇଯାନ୍ତି। ପୂଜା ପାଇଁ ବିହନଗୁଡ଼ିକ ଯଥା : ଧାନ, ମାଣ୍ଡିଆ, ସୁଆଁ, ଅଳସି, ବିରି ଇତ୍ୟାଦି ସବୁ ଗୋଟିଏ ଜାଗାରେ

ରଖାଯାଏ। ଧୂପ, ଫୁଲ, ନଡ଼ିଆ ଏସବୁ ଆଣି ଜମିର ଗୋଟିଏ ଜାଗାରେ ଟିକିଏ ମାଟିକୁ ଲମ୍ବ ପ୍ରାୟ ୩ ଫୁଟ ଓସାର ୨ ଫୁଟ ଏବଂ ଉଚ୍ଚା ପ୍ରାୟ ୬ ଇଞ୍ଚ କରି ସେଠାରେ ଗୋଟିଏ କଳା କୁକୁଡ଼ା ବଳି ଦେଇ ବିହନକୁ ପୂଜା କରାଯାଏ। ବିହନକୁ ସେହି ଜାଗାରେ ବୁଣାଯାଏ। ଏହାକୁ (ବିହନ ପାକାନି) କୁହାଯାଏ। ଘରେ ସ୍ତ୍ରୀ ଲୋକ ଘରଦ୍ୱାର ଲିପା ପୋଛା କରିସାରି ରାନ୍ଧି ଖାଇବା ଜିନିଷ ଏହିଦିନ (ପଦା) ଡିପଜମିକୁ ନିଆଯାଏ। ଏହିଦିନ ପାଇଁ କରଡ଼ି, ସିନ୍ଧି କନ୍ଧା (ସିନ୍ଧି କିଡ଼ା) ସିନ୍ଧି ଗଛର ପୋକ ଇତ୍ୟାଦି ତରକାରୀ ହୋଇଥାଏ ଏବଂ ମଦ ପେଣ୍ଡମ ତିଆରି ହୋଇଥାଏ। ଖାଦ୍ୟପଦାକୁ ନେବା ପରେ ଓ ବଳଦମାନଙ୍କୁ ପୂଜା କରିବା ପରେ ଦିଆଯାଏ। ପରେ ଲୋକମାନେ ଖାଆନ୍ତି ଓ ଘରକୁ ଫେରନ୍ତି।

**ମାଣ୍ଡାନି : (ଅମଳ କରିବା)**

ଏହିଦିନ ସେମାନେ କଟାରରେ ଚରୁ ରାନ୍ଧନ୍ତି ଏବଂ ପୂଜା କରି (ଧାନ କୃପାକୁ) ବିଲରୁ ଆଣି ଗଦା କରିଥିବା ଧାନ ବିଡ଼ାକୁ (ଗାନା) ଅଧା ବା ଗାନା ଡାଙ୍କନ୍ତି। ଗାବା ଭାଙ୍ଗିବା ପୂର୍ବରୁ ଗୋଟିଏ ପୂଜା ମଧ୍ୟ କରିଥାନ୍ତି।

**ଧାନ :**

ଏକପ୍ରକାର ଘାସ ଦ୍ୱାରା ତିଆରି ହୋଇଥିବା ମଞ୍ଜୁଡ଼ୁ ଏବଂ ଗୋଟେ ପିତା ଲାଉକୁ ଆଣି କଟାଇବୁ ଯିବା ରାସ୍ତାରେ କାଟନ୍ତି। ତାପରେ ଘାନା ଭଙ୍ଗାଯାଏ। ଏହି ପୂଜା ପାରେଙ୍ଗାମାନେ ଲକ୍ଷ୍ମୀଙ୍କୁ ପୂଜା କରିଥାନ୍ତି। କାରଣ ଲକ୍ଷ୍ମୀ ସନ୍ତୁଷ୍ଟ ହେଲେ ବେଶୀ ପରିମାଣରେ ଧାନ ଅମଳ ହେବ ବୋଲି ବିଶ୍ୱାସ କରିଥାନ୍ତି। ପାରେଙ୍ଗାମାନେ ଭବିଷ୍ୟତ ପାଇଁ ବିହନ ରଖିବା ପାଇଁ କୌଣସି ପୂଜା କରିନଥାନ୍ତି।

**ଅଧିକ ସଂପତି ଲାଭ ପାଇଁ ପୂଜାବିଧି (ପାଟିବିରୁ)**

ସାଧାରଣତଃ ଅଧିକ ସଂପତ୍ତି ପାଇଁ ପାରେଙ୍ଗାମାନେ କଟାର / ବେଡ଼ାର ପୂଜାବିଧି ପାଳନ କରନ୍ତି। ଧାନ ଅମଳ ସରିଲା ପରେ ପ୍ରତି ବର୍ଷ ପରି କଟାରର ଧାନ ଗଦା ପାଖରେ ଏବଂ ବେଡ଼ାରେ ସବୁ ସାମଗ୍ରୀ ଦିଆଯାଏ। ଯଦି କୌଣସି ପୂଜା ସାମଗ୍ରୀର କମ୍ ହୁଏ କିମ୍ବା ବିଧି ଯଦି ବଦଳିଯାଏ ତେବେ ତା'ପର ବର୍ଷକୁ ପାଟି ଭାଙ୍ଗିଯିବ ବୋଲି ବିଶ୍ୱାସ କରନ୍ତି। ତେଣୁ ପୂଜାକୁ ଧ୍ୟାନର ସହ କରିଥାନ୍ତି। ପୂଜା ଉପକରଣ ବା ସାମଗ୍ରୀ ମଧ୍ୟ ଆଗରୁ ଯୋଗାଡ଼ କରିଥାନ୍ତି। ପୂଜାଟି ଅତି ସାବଧାନତାର ସହ କରିଥାନ୍ତି ଏବଂ ଏହିଦିନ ମାନଙ୍କରେ ଉପବାସ ରହି ବେଡ଼ା ଏବଂ କଟାର ବିରୁ କରିଥାନ୍ତି।

**ଗାଈଗୋରୁ ସଂପଦ ବୃଦ୍ଧି ପାଇଁ ସଂପୃକ୍ତ ପୂଜାବିଧି : (ଶାଲ ମୁଣ୍ଡା) :**

ଏହି ବିରୁଟି ମୁଖ୍ୟତଃ ଗୁହାଳ ବା ଶାଲରେ କରାଯାଏ। ଦିଶାରିଙ୍କୁ ପଚାରି ଗୋଟିଏ ଶୁଭଦିନରେ ଏହି ବିରୁ କରାଯାଏ । ଗୁହାଳ ତିଆରି ପୂର୍ବରୁ ଏବଂ ପରେ ମଧ୍ୟ କେତେକ କ୍ଷେତ୍ରରେ କରିଥାନ୍ତି। ଦିଶାରି କହିବା ଅନୁସାରେ ବିରୁ ସାମଗ୍ରୀଗୁଡ଼ିକ ଯୋଗାଡ଼ କରାଯାଏ, ଯଥା : ଫୁଲ (୩/୭/୯/୨୧ ବର୍ଣ୍ଣ) ଫଳ -୩/୭/୯/୨୧ ବର୍ଣ୍ଣ) ନଡ଼ିଆ, କଦଳୀ, ଗୁଡ଼, ଲିଆ, ମୁଆ, ଚନ୍ଦନ ଏବଂ ମୁଖ୍ୟତଃ ଗୋଟିଏ ବାଛି (ଶାଜ, ବିଜା, ଶରଗି) ଯୋଗାଡ଼ କରିଥାନ୍ତି ଏବଂ ପୂଜାଦିନ ଦିଶାରି ଆସି ଗୁହାଳ ମଝିରେ ମୁଣ୍ଡା ହିସାବରେ ଯୋଗାଡ଼ ହୋଇଥିବା ଗଛକୁ ପୂଜାକରି ଶାଳ /ଗୁହାଳ ମଝିରେ ପୋତିଥାନ୍ତି। ଏହି ପୂଜା କରିବା ଦ୍ୱାରା ଗାଈଗୋରୁଙ୍କୁ କୌଣସି ରୋଗ ବେମାର ଆକ୍ରାନ୍ତ କରି ନଥାଏ ଏବଂ ଶାଳରେ ଗାଈଗୋରୁ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥାଏ।

**ପରିବାର ଶାନ୍ତି ପାଇ ପୂଜାବିଧି (ଘର ହୁଣ୍ଡି) :**

ସାଧାରଣତଃ ଗୃହର ଶାନ୍ତି ପାଇଁ ଏହି ପୂଜା କରିଥାନ୍ତି। ଏହି ପୂଜା ମଧ୍ୟ ଦିଶାରି କରିଥାନ୍ତି। ଏହି ପୂଜା କରିବା ପାଇଁ ଗୋଟଏ ଭଲ ଦିଶାରିଙ୍କୁ ଖୋଜିଥାନ୍ତି। ଘରେ ଅସୁବିଧା ଥିଲେ ଆକତି (ଚାଉଳ) ନେଇ ଦିଶାରିଙ୍କୁ ଘରର ଘଟଣା କହିଲେ ଦିଶାରି ଆଣିଥିବା ଆକତ ଦେଖନ୍ତି ଏବଂ କଣ କଣ ଯୋଗାଡ଼ କରିବାକୁ ହେବ ତାହା ସେ କୁହନ୍ତି, ଯଥା - ଚାର କୁମୁଡ଼ା (ପାଣି କଖାରୁ) ଫୁଲ (୩,୭,୯ କିମ୍ବା ୨୧ ବର୍ଣ୍ଣ) ଫଳ (୩,୭,୯ କିମ୍ବା ୨୧ ବର୍ଣ୍ଣ)।

**କଣ୍ଡା :** (୩,୭,୯,୨୧) ବର୍ଣ୍ଣ ମାରଦୋ କନ୍ଧା, ଅନେକ ରକମର କାଠ ଏବଂ ପୂଜାସାମଗ୍ରୀଗୁଡ଼ିକ ଦିଶାରି କହିବା ଅନୁସାରେ ଫୁଲ, ଚନ୍ଦନ, ଗୁଡ଼, କଦଳୀ ନଡ଼ିଆ ଇତ୍ୟାଦି ଯୋଗାଡ଼ କରିଥାନ୍ତି । ଦିଶାରି କହିଥିବା ଶୁଭଦିନରେ ଆସେ ଏବଂ ଏହି ପୂଜା ଘରେ କରାଯାଇଥାଏ। ସେ ଗୋଟିଏ ଘରର ବାକରା (ଗୃହରେ) ମାଣ୍ଡିଆ ଚୂନା, ଚାଉଳ ଚୂନା ବେଶନ ଦ୍ୱାରା ଗଣ୍ଡା ଲେଖେ। ଉପରକ୍ତ ଚୂନା ସାହାଯ୍ୟରେ ଝୁଟି ଚିତ୍ରକୁ ଗଣ୍ଡା କୁହାଯାଏ। ଦିଶାରି ପୂଜାର ଆୟୋଜନ କରିଥାନ୍ତି। ଏହି ପୂଜା କରିବା ଦ୍ୱାରା ଗୃହ ଶାନ୍ତି ହୋଇଯାଏ ଏବଂ ଘରର ଭୂତ, ପ୍ରେତ, ମଡ଼ି, ମଶାଣି, ପାଙ୍ଗନ୍ ନାଶନ ବା ସର୍ବଶାନ୍ତି ହୋଇଯାଇଥାଏ। ଏହି ପୂଜା କରିବା ଦ୍ୱାରା ଘର ଭିତରେ କୌଣସି ଅଶାନ୍ତି ନ ଥାଏ।

**ଜାତିଭାଇରେ ସାମିଲ ହେବା ପାଇଁ ପୂଜାବିଧି (ଜାତି ମିଶାନି)**

ଜଣେ ପାରେଙ୍ଗା କୌଣସି ନୀଚ ଜାତିର ଲୋକ ହାତରେ ମାଡ଼ ଖାଇଲେ ସାନ ଜାତିର ଝିଅକୁ ବିବାହ କଲେ। ନୀଚ ଜାତିର ଘରେ ଖାଇଲେ କିମ୍ବା ଘା ହୋଇ ଘା'ରେ

ପୋକ ପଡ଼ିଲେ ସାଧାରଣତଃ ପାରେଙ୍ଗାମାନେ ଜାତିଭାଇରେ ସାମିଲ ହୋଇଥାନ୍ତି। ଯଦି ପାରେଙ୍ଗା ଲୋକ ନୀଚ ଜାତିର ଲୋକ ହାତରେ ମାଡ଼ ଖାଇଲା ତାହେଲେ ତାକୁ ଗାଁର ସମସ୍ତ ଲୋକ ବାସନ୍ଦ କରନ୍ତି ବା ନିଆଁପାଣି ବନ୍ଦ କରିଦିଅନ୍ତି। ତା ଘରେ ଖାଆନ୍ତି ନାହିଁ କିମ୍ବା ସେ ସ୍ପର୍ଶ କରିଥିବା ଜିନିଷ ଖାଆନ୍ତି ନାହିଁ। ଯେଉଁ ପର୍ଯ୍ୟନ୍ତ ସେ ଜାତି ଭାଇରେ ସାମିଲ ହୋଇନାହିଁ ସେ ପର୍ଯ୍ୟନ୍ତ ତାଙ୍କ ଘରେ ଅନ୍ୟ କେହି ଖାଆନ୍ତି ନାହିଁ। ନୀଚ ଜାତିର ଲୋକ ହାତରେ ମାଡ଼ ଖାଇଥିଲେ ତାକୁ ଗାଁର ସଦର ଦାଣ୍ଡରେ ତାକୁ ଡକାଯାଏ। ତାକୁ ଗାଁରେ ଯଦି ଅନ୍ୟ ଗୋଷ୍ଠୀର ଲୋକ ଥାଆନ୍ତି ତେବେ ତାକୁ ଟଙ୍କା ୧୦୦୦ ଓ ଚାଉଳ ଫାଇନ୍ ଜୋରିମାନା କରନ୍ତି ଏବଂ ତାକୁ ଜାତି ମିଶିବାକୁ କୁହନ୍ତି। ଜାତି ମିଶିବା ଦିନ ସେ ଗୋଟିଏ ଭୋଜିର ଆୟୋଜନ କରିଥାଏ। ମଦ, ପେଣ୍ଡମ ପାନୀୟର ମଧ୍ୟ ଆୟୋଜନ କରିଥାଏ ଏବଂ ତା'ର କୁଳ ଅନୁସାରେ ତା'ର ଜାତି ନାୟକକୁ ଆମନ୍ତ୍ରଣ କରିଥାଏ। ଉକ୍ତ ଦିନରେ ଜାତି ନାୟକ ଆସି ଯାଆନ୍ତି। ତା'ର ଘରରେ ଥିବା ପିଦରକୁ କାଢ଼ି ଫିଙ୍ଗି ଥାଏ ଏବଂ ନୂଆ ପିଦର ତିଆରି କରେ। ପିଦର ତିନୋଟି ପଥରକୁ ଚୁଲି ଆକୃତି କରି ଘରର ପଛ ଆଡ଼େ ରଖାଯାଇ ଥାଏ ତାକୁ ପିଦର କୁହାଯାଏ। ପିଦରରେ ଜାତି ନାୟକ ତା'ର କୁକୁଡ଼ା, ମଦ ନେଇ ପୂଜା କରନ୍ତି। ଚରୁ ରାନ୍ଧନ୍ତି ଏବଂ ପୂଜା ସରିଲା ପରେ ଗାଁ ପାଖରେ ଥିବା ନଦୀ କିମ୍ବା ପୋଖରୀରେ ମାଡ଼ ଖାଇଥିବା ବ୍ୟକ୍ତି ଏବଂ ତା'ର ପରିବାରକୁ ନିଆଯାଏ। ସେଠି ମଧ୍ୟ ପୂଜାବିଧି ପାଳନ କରାଯାଇ ସୁନା ଓ ରୂପାକୁ ନିଆଁରେ ଗରମ କରି ମାଡ଼ ଖାଇଥିବା ବ୍ୟକ୍ତି ଏବଂ ତା'ର ପରିବାର ସଦସ୍ୟମାନଙ୍କୁ ଗରମ ସୁନା ରୂପା ଜିଭରେ ଜାକି ଦିଅନ୍ତି। ଏହାକୁ ସୁନା ରୂପା ଲଗାନି କୁହାଯାଏ। ଜାତି ନାୟକ ସୁନା ରୂପା ଲାଚଲାବେଳେ କୁହେ (ଆଜି ଅନି ଆମରତେ ମିଶଲା) ବୋଲି କହିଥାଏ। ମାଡ଼ ଖାଇଥିବା ବ୍ୟକ୍ତିକୁ ଲଣ୍ଡା ମଧ୍ୟ କରାଯାଏ। ଏହି ଦିନରେ ଜାତି ମିଶିବା ବ୍ୟକ୍ତି ତାର ଭାଇବନ୍ଧୁମାନଙ୍କୁ ଆମନ୍ତ୍ରଣ କରିଥାଏ (ଗାଁର ଏବଂ ପାଖାପାଖି ଗାଁର)। ଭୋଜିରେ ଗାଈ, କିମ୍ବା, ଘୁସୁରୀ, ଛେଳି ସହ କୁକୁଡ଼ା ମରାଯାଇଥାଏ। ନଦୀରୁ ଗାଧୋଇ ଆସିଲେ ଚରୁ କରି ଜାତି ଭାଇମାନେ ଏବଂ ବନ୍ଧୁମାନେ ଭୋଜି ଖାଇଥାନ୍ତି।

**ବିଭିନ୍ନ ରୋଗ ସମ୍ବନ୍ଧୀୟ ପୂଜାବିଧି (ଶନିବିରୁ):**

ଯଦି ଗୋଟିଏ ରୋଗ ଧରିଲା ତେବେ ସେ ଘରର ମୁଖ୍ୟ ଦିଶାରି ପାଖକୁ ଯାଇଥାଏ ଏବଂ ଗଲାବେଳକୁ ଆକତ ଚାଉଳ ନେଇଥାଏ। ଦିଶାରି ଆକତ୍ ଦେଖି ତାକୁ ଶନି କିମ୍ବା ରାହୁ ଆକ୍ରାନ୍ତ କରିଛି କହନ୍ତି। ଗୋଟିଏ ଭଲଦିନ ଦେଖି ତାର ବିରୁ କରିବାକୁ ନିର୍ଦ୍ଦେଶ ଦିଅନ୍ତି ଏବଂ ବିରୁ ପାଇଁ ଆବଶ୍ୟକୀୟ ସାମଗ୍ରୀ ଯୋଗାଡ଼ କରିବାକୁ କୁହନ୍ତି। ଦିଶାରି କହିବା ଅନୁସାରେ ଫୁଲ ଫଳ,କଣ୍ଟା ପତ୍ରଗୁଡ଼ିକ (୭ବର୍ଣ୍ଣ କିମ୍ବା ୨୧ ବର୍ଣ୍ଣ) କୁକୁଡ଼ା, ଛେଳି ଏବଂ ବିରୁ ପାଇଁ ଆବଶ୍ୟକୀୟ ସାମଗ୍ରୀ ବୀରୁ ହେବାର ଏକ ସପ୍ତାହ ପୂର୍ବରୁ କିମ୍ବା କିଛି ଦିନ

ପୂର୍ବରୁ ଯୋଗାଡ କରାଯାଏ । ପୂଜାଦିନ ଦିଶାରି ତାଙ୍କ ଘରକୁ ଯାଆନ୍ତି । ହି ବିରୁଟି ସାଧାରଣତଃ (ଟପା ରାଙ୍ଗନି)ରେ ଆଗରୁ ଯେଉଁମାନେ ପଥର (ବଡ଼) ପେତି ହୋଇ କରିଥାଏ ତାକୁ ତୋପା ରାଙ୍ଗନି କୁହନ୍ତି । ସେଠାରେ ରୋଗୀକୁ ନିଆଯାଏ । ବିଶେଷ କରି ଏହି ପୂଜା ସକାଳ / ସଂଧ୍ୟା ସମୟରେ କଅଁଳ ଖରା ଥିବା ସମୟରେ କରାଯାଇଥାଏ । ପଥରରେ ଗୋଟିଏ ଜାଗାରେ ଚୂନା ଦ୍ୱାରା ଗଣ୍ଡା ଲେଖି ତା ଆଗରେ ରୋଗୀକୁ ବସିବାକୁ କୁହାଯାଏ ଏବଂ ତାପରେ ଦିଶାରୀ ତାର ଗୁଣି କୌଶଳ ପ୍ରୟୋଗ କରେ ଏବଂ ବିରୁ ମଧ କରିଥାଏ ଏବଂ ରୋଗୀର ମୁଣ୍ଡରେ ଛିଣ୍ଡା କାଳକୁ ରଖି ତା ଉପରେ ଚେରମୂଳି ଔଷଧ ଢଳାଯାଏ । ସେହି ଔଷଧର କିଛି ଅଂଶ ରୋଗୀକୁ ପିଇବାକୁ ଦିଆଯାଏ । ଛେଳି ବା କୁକୁଡ଼ା ସେଠି ବଳି ପକାଯାଇ ଏବଂ ରୋଗୀକୁ ପଛକୁ ନ ଚାହିଁ ସିଧା ଘରକୁ ଯିବାକୁ କୁହାଯାଏ । ଏହି ବିରୁରେ ଦିଶାରି ଶନି, ରାହୁ ଏମାନଙ୍କୁ ଶାନ୍ତ କରିଥାଏ ଏବଂ ତାକୁ ଆଉ କେବେ ସ୍ପର୍ଶ ନ କରିବାକୁ ଏହି ପୂଜା କରାଯାଇଥାଏ । ପୂଜା ବା ବିରୁ ସରିଲା ପରେ ସମସ୍ତେ ଘରକୁ ଫେରି ଘରେ ଗୋଟିଏ ଭୋଜିର ଆୟୋଜନ କରାଯାଇଥାଏ । ବିରୁ ଜାଗାରେ କଟାଯାଇଥିବା ବା ବଳି ପଡ଼ିଥିବା ପଶୁ ପକ୍ଷୀକୁ ଆଣି ଭୋଜି କରନ୍ତି ଏବଂ ଦିଶାରିକୁ ମଦ୍ୟପାନ କରିବାକୁ ଦିଆଯାଇଥାଏ ଦିଶାରି ପାଇଁ ଛେଳିମୁଣ୍ଡ ନଡ଼ିଆ ଖଣ୍ଡ ରଖାଯାଇଥାଏ ଏବଂ କିଛି ଚାଉଳ ଟଙ୍କା ଦେଇ ବିଦାୟ କରିଦିଅନ୍ତି । ଯଦି ସେମାନେ ଏହି ବିରୁ ନ କରନ୍ତି ତେବେ ରୋଗୀ ବଞ୍ଚେ ନାହିଁ ବୋଲି ବିଶ୍ୱାସ କରିଥାନ୍ତି । ବର୍ତ୍ତମାନ କିନ୍ତୁ ଏହିସବୁ ଘଟଣା ଯୁଗର ପରିବର୍ତ୍ତନ ଫଳରେ କମି କମି ଯାଉଅଛି ।

**ବିଭିନ୍ନ ଘଟଣା ସହ ସମ୍ବନ୍ଧିତ ପୂଜାବିଧି :**

ପାରେଙ୍ଗାମାନେ କୌଣସି ଗୋଟିଏ ଶୁଭ କାମ ପାଇଁ ଯାଉଥିବା ସମୟରେ ରାସ୍ତାରେ ବିଲେଇ ରାସ୍ତା କାଟିଲେ, ବିଲୁଆ ବୋବାଇଲେ, କୌଣସି ଗଛର ଶାଖା (ଖେନ୍ଦୀ) ହଠାତ୍ ବିନା ପବନରେ ଛିଣ୍ଡି ପଡ଼ିଲେ, କେହି ଖାଲି ହାଣ୍ଡି ଧରି ନଦୀକୁ ଯାଉଥିଲେ, ସ୍ତ୍ରୀ ଲୋକ ଚୁଟି ଖୋଲା ରଖିଥିଲେ, ଝାଡ଼ା ଯିବା ଲୋକକୁ ଦେଖିଲେ ଅଶୁଭ ବୋଲି ବିଶ୍ୱାସ କରିଥାନ୍ତି । ଯଦି ଗୋଟିଏ ଲୋକ ତା'ର ପୁଅ ପାଇଁ ବୋହୂ ଆଣିବାକୁ ଯିବାବେଳେ କାଠଭାରା ଦେଖିଲେ ଅଶୁଭ- ଏବଂ ବିଲୁଆ ଭୁକିଲେ ମଧ ଅଶୁଭ ବୋଲି ବିଶ୍ୱାସ କରିଥାନ୍ତି । ସେ ପଟରୁ ଫେରିଲା ପରେ ଭଲ ଦିଗରେ ଆକତ ଚାଉଳ ଧରି ଯାଆନ୍ତି । ଦିଶାରୀ ଆଣିଥିବା ଆକତ ଚାଉଳ ଦେଖି ତାକୁ ଗୋଟିଏ ପୂଜା ବା ବିରୁ କରିବାକୁ ଉପଦେଶ ଦେଇଥାନ୍ତି । ଗୋଟିଏ ଭଲ ଦିନରେ ଏହି ବିରୁ କରିବାକୁ କହିଥାନ୍ତି । କେତେକ ବିରୁ ଉପକରଣ ବା ଛେଳି ବା କୁକୁଡ଼ା କିମ୍ବା ବୁଢ଼ା (ଗାଈ) ତା'ର ଅଶୁଭ ସୂଚନା ଅନୁସାରେ ଦେହର ରଙ୍ଗ ଏବଂ ଫୁଲ ଫଳ ଚନ୍ଦନ ସବୁ ଯୋଗାଡ଼ କରିବାକୁ କହିଥାନ୍ତି । ଏହିଦିନ ଦିଶାରି ନିଜେ ଆସି ଉପସ୍ଥିତ

ହୁଅନ୍ତି ଏବଂ କର୍ମକର୍ମାଣି ଆରମ୍ଭ କରିଥାନ୍ତି। ଏହି ବିରୁଟି ବିଶେଷ କରି (ସାଙ୍ଗାମ୍‌ରେ) ବା ଯେଉଁଠାରେ ପାଣି ଦୁଇରୁ ଅଧିକ ଦିଗରୁ ଆସି ମିଶିଥାଏ ତାକୁ ସାଙ୍ଗାମ୍ କୁହନ୍ତି। ସେଠି ନେଇ ଦିଶାରି ବିରୁକରେ ଗୋଟିଏ ଭୋଜିର ଆୟୋଜନ କରିଥାନ୍ତି । ବିରୁ ସରିଲା ପରେ ଘରକୁ ଆସି ମଦ୍ୟପାନ କରିଥାନ୍ତି। ତେଲିକୁକୁଡ଼ା ଭୋଜି କରନ୍ତି। ଏହି ବିରୁଟି ଉକ୍ତ ଘରର ଯାଇ ଉପରେ ଗଣ୍ଡ କିମ୍ବା ଶସି ଅଛି ତାକୁ ଭାଙ୍ଗିବା ପାଇଁ ବା ଦୂରରେ ରଖିବା ପାଇଁ ଏହି ବିରୁ କରାଯାଇଥାଏ। ବିଶେଷ କରି କନ୍ୟା ଦେଖିଗଲାବେଳକୁ ଯଦି ବିଲୁଆ -ବୋବାଇଲା କିମ୍ବା ଗଛରୁ ଡାଳ ଭାଙ୍ଗି ହଠାତ୍ ବିନା ପବନରେ ପଡ଼ିଗଲା ବା ବିଲେଇ ରାସ୍ତାକାଟିଲେ କିମ୍ବା ରାସ୍ତାରେ କାଠ ବୋହି ଯାଉଥିବା ଲୋକଙ୍କୁ କିମ୍ବା ଖୋଲା ଗରା ଧରି ନଦୀକୁ ଯାଉଥିବା ଦେଖିଲେ ସାଧାରଣତଃ ପାରେଙ୍ଗାମାନେ ଅଶୁଭ ବୋଲି ଭାବିଥାନ୍ତି । ଯଦି ରାସ୍ତାରେ କାଠକୁ ଯାଇ ଫେରୁଥିବା ଲୋକକୁ ଦେଖନ୍ତି ତେବେ ସେମାନେ କାଠ ବନ୍ଧା ହୋଇଥିବା ଦଉଡ଼ିକୁ କାଟି ଦିଅନ୍ତି । ଘରକୁ ଫେରିବା ପରେ ଦିଶାରିକୁ ପଚାରି ଗୋଟିଏ ପୂଜାର ଆୟୋଜନ କରାଯାଏ ଉପରୋକ୍ତ ପ୍ରତ୍ୟେକ ପ୍ରକାରର ଅଶୁଭ ସୂଚନାକୁ ଦେଖି ଦିଶାରି ମଧ ବିରୁ ପାଇଁ ଭିନ୍ନ ଭିନ୍ନ ଅଶୁଭ ସୂଚନାକୁ ଦେଖି ଭିନ୍ନ ଭିନ୍ନ ପୂଜା ଉପକରଣ ଗୁଡ଼ିକ ଯୋଗାଡ଼ କରିବାକୁ କହିଥାଏ । ସେହି ଅନୁସାରେ ଦିଶାରି ଗୋଟିଏ ଭଲ ତିଥି ଦେଖି ପୂଜା କରନ୍ତି ଏବଂ ତାକୁ ଗଣ୍ଡ କିମ୍ବା ଶନି ବୋଲି ମଧ ଦିଶାରି କହିଥାନ୍ତି । ତାକୁ ତାଠାରୁ ଦୂରରେ ରଖିବା ପାଇଁ ବା ତାକୁ ସେ ଗଣ୍ଡ ନ ପଡ଼ିବା ପାଇଁ ମଧ ଦିଶାରି ପୂଜା କରିଥାନ୍ତି। ତେଣୁ ବିଶେଷ କରି ଏହି ପୂଜା ଗୁଡ଼ିକୁ ଦିଶାରି ସାଙ୍ଗାମ କିମ୍ବା ତେଲା ବାଟରେ ବିରୁ କରିଥାନ୍ତି, କାରଣ ଯେଉଁ ଦୋଷ ବା ଗଣ୍ଡ ତାକୁ ଲାଗିଛି ସେଗୁଡ଼ିକ ଝରଣା ବା ନାଳର ପାଣିରେ ଧୋଇ ହୋଇଯିବା ଯେଉଁ ତେଲାବାଟରେ ବିରୁ କରାଯାଏ ସେଠି ପ୍ରାୟତଃ ଗୋଟିଏ ରାସ୍ତାରୁ ଏକାଧିକ ରାସ୍ତା ଆରମ୍ଭ ହୋଇଥାଏ। ତେଣୁ କରି ସେହି ରାସ୍ତାରେ ତାକୁ ବିରୁ କଲେ ତା'ର ଗଣ୍ଡଦୋଷ ଯାଇ ସେହି ବାଟରେ ବାଣ୍ଟି ହୋଇକରି ଚାଲିଯିବ ବୋଲି ବିଶ୍ୱାସ କରିଥାନ୍ତି । ତେଣୁ ତାକୁ ତେଲା ବାଟ କିମ୍ବା ସାଙ୍ଗାମ ବା ଅନେକ ଆଡ଼ରୁ ଆସି ଗୋଟିଏ ସ୍ଥାନରେ ପାଣିଗୁଡ଼ିକ ମିଳିତ ହେଉଥାଏ ତାକୁ ସଂଗମ୍ ବୋଲି କୁହାଯାଏ। ଯଦି କୌଣସି ଶୁଭ କାର୍ଯ୍ୟ କରିବାକୁ ଥାଏ ଏବଂ ଶୁଭ କାର୍ଯ୍ୟ ପୂର୍ବରୁ ଯଦି ଉପରୋକ୍ତ ଅଶୁଭ ସୂଚନା ଦେଖିବାକୁ ମିଳିଥାଏ ସେମାନେ ଏହି ଶୁଭ କାର୍ଯ୍ୟ କରିବା ପୂର୍ବରୁ ତାର ଗଣ୍ଡଭାଙ୍ଗାନି ପାଳନ କରିଥାନ୍ତି ଓ ତା'ପରେ ଶୁଭକାର୍ଯ୍ୟ ଆରମ୍ଭ କରିଥାନ୍ତି। ଯଦି ଜଣଙ୍କର ବାହାଘର ବେଳକୁ ବା କନ୍ୟା ମାଗି ଗଲା ବେଳକୁ ଉପରୋକ୍ତ ଅଶୁଭ ସୂଚନା ଦେଖିବାକୁ ବା ଶୁଣିବାକୁ ମିଳେ ତାହାହେଲେ ବାହାଘର ପୂର୍ବରୁ ଯଦି ପୁଅ ଆଡ଼ରୁ ଅସୁବିଧା ଥାଏ ତେବେ ପୁଅକୁ ଆଗ ଗଣ୍ଡ ଭାଙ୍ଗାନି ବିରୁ କରିସାରିଲା ପରେ ଯାଇ ତାର ବାହାଘର ପୂଜା ବିଧି ଆରମ୍ଭ କରାଯାଏ। ଯଦି ଗଣ୍ଡ ନାଙ୍ଗନି ବିରୁ କରାନଯାଏ

ତେବେ ବର / କନ୍ୟା ଭିତରେ ଜଣେ ଅଧା ବୟସରୁ ମରିଯାଇପାରେ ବୋଲି ବିଶ୍ୱାସ କରି ଏହି ବିରୁ କରିଥାନ୍ତି।

**ବିଭିନ୍ନ ପ୍ରେତାତ୍ମା:**

ସାଧାରଣତଃ ପାରେଙ୍ଗା ଲୋକମାନେ ଜଣେ ମରିଗଲା ପରେ ତାର ଆତ୍ମା ତାଙ୍କ ଚାରିପାଖରେ ଘୁରିବୁଲେ ବୋଲି ବିଶ୍ୱାସ କରନ୍ତି ଏବଂ ତାକୁ ସେମାନେ ଡୁମା ବୋଲି କହିଥାନ୍ତି। ପାରେଙ୍ଗାମାନଙ୍କ ବିଶ୍ୱାସ ଅନୁସାରେ ଡୁମାଗୁଡ଼ିକ ଅନେକ ପ୍ରକାରର; ଯଥା:- ଯେଉଁମାନେ ବୃଦ୍ଧ ଅବସ୍ଥାକୁ ଯାଇ ମରିଯାନ୍ତି ସେମାନଙ୍କ ଆତ୍ମା ବା ଡୁମାକୁ ସେମାନେ ଉପକାରୀ ପ୍ରେତାତ୍ମା ବୋଲି କହିଥାନ୍ତି। ଏଭଳି ଡୁମାକୁ ସେମାନେ ଭଲ ଡୁମା ବୋଲି କହିଥାନ୍ତି ଏବଂ ଯେଉଁମାନେ ଯୁବାବସ୍ଥାରେ ମୃତ୍ୟୁବରଣ କରିଥାନ୍ତି ଏବଂ ନଦୀରେ ବୁଡ଼ିଯାଇ, ବାଘ କାମୁଡ଼ାରେ ଏବଂ ଯେଉଁ ମହିଳାମାନେ ଗର୍ଭାବସ୍ଥାରେ ମରିଥାନ୍ତି ତାଙ୍କୁ ପାରେଙ୍ଗାମାନେ ଅପକାରୀ ପ୍ରେତାତ୍ମା ବା ମନ୍ଦ ଡୁମା ବୋଲି କହିଥାନ୍ତି। ଭଲଡୁମାମାନେ ଯେଉଁମାନେ ବୃଦ୍ଧ ଅବସ୍ଥାକୁ ଯାଇ ମୃତ୍ୟୁବରଣ କରନ୍ତି ଏବଂ ବିନା କଷ୍ଟରେ ମରନ୍ତି ତେବେ ତାକୁ ଯମ ରାଜା ନେଇଗଲା ବୋଲି କହିଥାନ୍ତି ଏବଂ ତାଙ୍କ ଡୁମାଗୁଡ଼ିକ ମଧ୍ୟ ଲୋକଙ୍କର କୌଣସି କ୍ଷତି ଘଟାଇ ନ ଥାନ୍ତି। ଯେଉଁମାନଙ୍କୁ ପାଙ୍ଗନ୍ ବା ଗୁଣି କରି ମାରିଥାନ୍ତି ଏବଂ ବାଘ ଖାଇଯାଇ ମୃତ୍ୟୁବରଣ ଏବଂ ନଦୀରେ ବୁଡ଼ିକରି କିମ୍ବା ଆତ୍ମହତ୍ୟା କରିଥାନ୍ତି ସେଭଳି ଡୁମାମାନେ ଲୋକଙ୍କର କ୍ଷୟକ୍ଷତି ଘଟାଇଥାନ୍ତି। ତେଣୁ କରି ଏପରି ଡୁମାମାନଙ୍କୁ ଲୋକେ ଭୟ କରିଥାନ୍ତି ଏବଂ ଏହି ଭୂତ ଲୋକଙ୍କୁ ଲାଗିଲେ ସହଜରେ ଛାଡ଼ି ନଥାଏ। ଭଲ ପ୍ରେତାତ୍ମାଗୁଡ଼ିକ ହେଲେ - ଘରର ପିତୃପୁରୁଷ ପ୍ରେତାତ୍ମାଗଣ ଏବଂ ଖରାପ,ପ୍ରେତାତ୍ମାଗୁଡ଼ିକ ହେଲେ - ବାଘ ଡୁମା ଟିଲ୍ ଟାଇନି, ଉଚକା ଡୁମା, ଦେବତା, ଇତ୍ୟାଦି। ସାଧାରଣତଃ ଭଲ ଡୁମାମାନେ ଲୋକଙ୍କର କୌଣସି କ୍ଷତି କରନ୍ତି ବା ଲୋକଙ୍କୁ ଡରାଇ ଥାନ୍ତି। ଏମାନେ ମଶାଣିରୁ ସଂଧ୍ୟା ସମୟରେ ଘରକୁ ଆସି ପାହାନ୍ତିଆରେ ମଶାଣିକୁ ଫେରି ଯାଉଥିବା ବିଶ୍ୱାସ କରନ୍ତି । ଯେଉଁ କ୍ଷତି କାରକ ବା ଖରାପଡୁମା ମାନେ ରହିଲେ ସେମାନେ ଲୋକଙ୍କୁ ବିଭିନ୍ନ ପ୍ରକାରର ଶବ୍ଦ କରି କିମ୍ବା ରଡ଼ ଛାଡ଼ି ଲୋକଙ୍କୁ ଭୟଭିତ କରିଥାନ୍ତି। ଯେଉଁ ଲୋକ ଏହି ଶବ୍ଦ ବା ରଡ଼ିରେ ଡରିଯାଏ ତା' ଶରୀର ଭିତରେ ପ୍ରବେଶ କରିଥାନ୍ତି ଏବଂ ଯେଉଁ ଲୋକର ଆତ୍ମା ଡରିଥିବା ଲୋକକୁ ଲାଗିଛି ସେ ମରିବା ପୂର୍ବରୁ ଯେପରି ଆଗର ବ୍ୟବହାର ବା ଚାଲି ଚଳଣ ଯେପରି ଥିଲା ସେହିପରି ସେ ଅଭିନୟ କରିଥାଏ ଏବଂ ଭୂତ ଛଡାଇବାକୁ ହେଲେ ଦିଶାରିର ଆବଶ୍ୟକତା ପଡ଼ିଥାଏ ଏବଂ ସେ ଆସି ମନ୍ତ୍ର ବଳରେ ଡୁମାକୁ ସେ ବ୍ୟକ୍ତିର ଶରୀରରୁ ଛଡାଇଥାଏ। ଯଦି ଭୂତ ନ ଛାଡ଼ିଲା ତେବେ ସେହି ବ୍ୟକ୍ତି ହଠାତ୍ ମୃତ୍ୟୁବରଣ କରିଥାଏ। ଯଦି ଗୋଟିଏ ମହିଳା  ପିଲା ଜନ୍ମ କରୁଥିବା ଅବସ୍ଥାରେ ମରିଗଲା ତେବେ ସେ ଟିଲ୍

ଡାଇନି ପାଲଟି ଯାଏ ଏବଂ ସଂଧ୍ୟା ସମୟରେ ବା ସୂର୍ଯ୍ୟାସ୍ତ ସମୟରେ ପୂର୍ଣ୍ଣମା ଅମାବାସ୍ୟା ସମୟରେ ସେ ଠିକ୍ ପିଲା କାନ୍ଦିଲା ପରି ଏବଂ ପିଲାକୁ ବୁଝାଇଲା ଭଳି ଉଚ୍ଚାରଣ କରିଥାଏ ଏବଂ ଲୋକେ ସେହି ମଶାଣି ଆଡ଼କୁ ବା ପାଖକୁ ଗଲେ ତାକୁ ସେ ଭୂତ ଘଉଡ଼େଇ ଥାଏ । ଯଦି ଲୋକଟି ଡରିଗଲା କିମ୍ବା ଡୁମା ହାତରେ ଧରାପଡ଼ିଲା ତେବେ ସେ ଲୋକଟି ମଧ୍ୟ ମରି ଯାଇଥାଏ। ଠିକ୍ ସେହିଭଳି ଯେଉଁ ଲୋକକୁ ବାଘ ଖାଇଥାଏ ସେ ବାଘ୍ ଡୁମା ପାଲଟି ଯାଇଥାଏ। ଏହି ଡୁମା ଲୋକଙ୍କୁ ଲାଗିଲେ ଲୋକମାନେ ବଞ୍ଚିବାର ସମ୍ଭାବନା କମ୍‌ଥାଏ। ଜଣେ ଲୋକ ଅତ୍ୟଧିକ ଗୁଣି ବିଦ୍ୟା ଶିଖିଲା ପରେ ଓ ଗୁଣି ବିଦ୍ୟାରେ ନିପୁଣତା ହାସଲ କରିସାରିଲା ପରେ ସେ ଗୋଟିଏ ନିଛାଟିଆ ଜାଗାରେ ଥିବା ହୁଙ୍କାରେ ଉଲଗ୍ନ ଅବସ୍ଥାରେ ଘସି ହେଉଥାଏ ଏବଂ ସେ ଧୀରେ ଧୀରେ ତା'ର ରୂପ ବଦଳି ଆସେ । ଧୀରେ ଧୀରେ ତା ଶରୀରଟା ଲୋମପୂର୍ଣ୍ଣ ହୋଇଯାଏ ତାକୁ ପରଟା ଡୁମା ବୋଲି କହିଥାନ୍ତି। ଏହି ଡୁମା ମଧ୍ୟ ଲୋକଙ୍କୁ ଦେଖିଲେ ଖାଇଯାଇଥାଏ। ତେଣୁ କରି ଯେତେ ପ୍ରକାର କ୍ଷତିକାରକ ବା ଅପକାରୀ ଡୁମାମାନଙ୍କୁ ଗୁଣି ବା ତନ୍ତ୍ର ବିଦ୍ୟାଦ୍ୱାରା ଦବାଇ ରଖାଯାଏ ଏବଂ ତା'ର ବିନାଶ ମଧ୍ୟ କରାଯାଇଥାଏ। ଏହି ଡୁମାମାନଙ୍କୁ ବିଦା କରିବାକୁ ହେଲେ ଗୋଟିଏ ଭଲ ଦିଶାରୀକୁ ଡକାଯାଇଥାଏ । ସେ କେତେଗୁଡ଼ିଏ ପୂଜା ଉପକରଣ ଯୋଗାଡ଼ କରିବାକୁ କହିଥାଏ, ଯଥା : ଫୁଲ, ଫଳ,କଣ୍ଟା (ଏଗୁଡ଼ିକ ୩/୭/୯ କିମ୍ବା ୨୧ ବର୍ଣ୍ଣର) ଏବଂ ଅନ୍ୟାନ୍ୟ ପୂଜା ପାଇଁ ଆବଶ୍ୟକ ପଡୁଥିବା ଜିନିଷ ପତ୍ର ଏବଂ ଖୁଣ୍ଟି (ଲୁହାର କଣ୍ଟା ଏବଂ ନଳୀ ର ଆକାର ପରି) ଏହି ଖୁଣ୍ଟିଗୁଡ଼ିକ ସାଧାରଣ କମାର ତିଆରି କରିଥାଏ। ଏଥିରେ ବିରୁ କରିସାରି ଚେରମୂଳି ଔଷଧ ଏବଂ ମନ୍ତ୍ରତନ୍ତ୍ର କରି ଡୁମା ବାହାରୁ ଥିବା ସ୍ଥାନମାନଙ୍କରେ ପୋତା ଯାଇଥାଏ। ଏହାକୁ (ଖୁଣ୍ଟିପାତି) ବୋଲି କହିଥାନ୍ତି। ଖୁଣ୍ଟିପାତି କରିବା ଦ୍ୱାରା ଡୁମା ଆଉ ପୂର୍ବ ପରି ଡରାଡରି କରି ନଥାଏ । ଯଦି ଆଉଥରେ ପୂର୍ବପରି ଶବ୍ଦ ବା ଉଚ୍ଚାରଣ କରିଥାଏ ତେବେ ଆଉ ଥରକୁ ଅନ୍ୟ ଦିଶାରି ଚକ୍ କରି ଆଉଥରେ ଖୁଣ୍ଟି ଠକର କରିଥାନ୍ତି । ଦିଶାରି କହିବା ଅନୁସାରେ ଆଉଥରେ ପୂଜା ସାମଗ୍ରୀ ଗୁଡ଼ିକ ଯୋଗାଡ଼ କରାଯାଇଥାଏ ଏବଂ ଛେଳି, ମେଣ୍ଢା ବା କୁକୁଡ଼ା କିମ୍ବା ଘୁଷୁରୀ ସବୁ ବିଭିନ୍ନ ରଙ୍ଗର ବଳି ପକାଯାଏ। ଏହି ବଳି ପଡ଼ିଲେ ଗାଁ ଯାକର ଲୋକ ମିଶି ଗୋଟିଏ ଭୋଜିର ଆୟୋଜନ କରିଥାନ୍ତି । ସେହି ପ୍ରେତାତ୍ମାକୁ ପରିତୃପ୍ତ କରାଯାଇଥାଏ। ଯଦି ପ୍ରେତାତ୍ମା ସନ୍ତୁଷ୍ଟ ନ ହୁଅନ୍ତି ତେବେ ସେ ପ୍ରେତାତ୍ମା ଲୋକମାନଙ୍କୁ ଭୟଭିତ କରାଏ ଅଥବା ଲୋକଙ୍କ ଶରୀରେ ପ୍ରବେଶ କରି ତାକୁ ଜୀବନରେ ମାରିଦେଇଥାଏ। ଯଦି ଲୋକକୁ ଖାଇଗଲା ତେବେ ଲୋକେ କୁହନ୍ତି ତାକୁ ଡୁମା ରେମାଇ ରେମାଇ ଭଳି ଖାଇଲା ବୋଲି କହିଥାନ୍ତି। କୌଣସି ଲୋକ ମରିଗଲା ପରେ ତା'ର ଶରୀରକୁ ମଶାଣିକୁ ନେଇ ଦାହ କରାଯାଇଥାଏ ଏବଂ ଦାହ ଦିନଠାରୁ ୧ ମାସ ପର୍ଯ୍ୟନ୍ତ ନେଇଥିବା

ରାସ୍ତାରେ କୌଣସି ଧାର୍ଯ୍ୟ ଦିନଠାରୁ ୧ ମାସ ପର୍ଯ୍ୟନ୍ତ ନେଇଥିବା ରାସ୍ତାରେ କୌଣସି ଧଳା ରଙ୍ଗର କିମ୍ବା ଡୁମା ଉଚ୍ଚାରଣ କରୁଥିବା ଶବ୍ଦ ଶୁଣନ୍ତି କିମ୍ବା ଦେଖନ୍ତି ତା ହେଲେ ସେମାନେ ଡୁମା ଅଛି ବୋଲି ବିଶ୍ୱାସ କରିଥାନ୍ତି । କେବଳ ଗୁଣିଆମାନେ ହିଁ ଡୁମାକୁ ଖୋଜି ପାଆନ୍ତି । ସେମାନେ ତାଙ୍କର ଗୁଣି ବା ତନ୍ତ ବିଦ୍ୟା ଦ୍ୱାରା ପ୍ରେତାତ୍ମାମାନଙ୍କୁ ଧରିଥାନ୍ତି ବା ଖୋଜିଥାନ୍ତି । ଯଦି ଖରାପ ପ୍ରେତାତ୍ମା ହୋଇଥାଏ ତେବେ ତାକୁ ତାର ଭୋଗ କ'ଣ ପଚାରିଥାନ୍ତି ଏବଂ ଭୂତ ତାଙ୍କୁ ତାର ଭୋଗ କ'ଣ କହିଥାଏ । ତା'ର ଭୋଗ ଅନୁସାରେ ତା'କୁ ଶାନ୍ତି କରିବାକୁ ଗୋଟିଏ ବିରୁ ମଧ୍ୟ କରିଥାନ୍ତି । ଭୂତର କହିବା ଅନୁସାରେ ତା'ର ଭୋଗ ଯୋଗାଡ଼ କରାଯାଏ ଏବଂ ଭଲ ନକ୍ଷତ୍ର ବା ଯୋଗ ଦିନ ଦେଖି ବିରୁ କରିଥାନ୍ତି ।

ଗତର ଭାଟାରେ ମାଘ ମାସରେ ପୂଜା କରାଯାଏ ଏବଂ ଏହି ପୂଜା ଘରର ଲୋକ ମରିଯାଇଥିଲେ ସେମାନଙ୍କ ଆତ୍ମାର ପରିତୃପ୍ତି କରାଇବା ପାଇଁ ଏହି ପୂଜା କରାଯାଏ । ଲୋକ ମରିଗଲେ ଦଶା ବା ଶ୍ରାଦ୍ଧ କରନ୍ତି ନାହିଁ । ଏମାନଙ୍କ ଗୋଷ୍ଠୀରେ ଗୋଟିଏ କିମ୍ବା ଦୁଇଟି ପରିବାରର ଲୋକ ୮ କିମ୍ବା ୧୦ ଲୋକ ଚାଲିଗଲା ପରେ ସେମାନଙ୍କର ଆତ୍ମାକୁ ପରିତୃପ୍ତ କରିବା ପାଇଁ ଗତର ପୂଜା କରିଥାନ୍ତି । ଏହି ପୂଜା କରିବାକୁ ହେଲେ ୪ ମାସ ପୂର୍ବରୁ ପ୍ରସ୍ତୁତି କରାଯାଏ ଏବଂ ଘରର ଯେତେଲୋକ ମରିଥାନ୍ତି ସେହି ସଂଖ୍ୟକ ପୋଢ଼ କିଣାଯାଏ । ସାନ ଲୋକ ମରିଥିଲେ ସାନ ପୋଢ଼ ଏବଂ ବୁଢ଼ା ଲୋକ ହୋଇଥିଲେ ବୁଢ଼ା ପୋଢ଼ କିଣାଯାଏ ଏବଂ ଡେଶଲ ବାଦାନି ଦିନ ଗୋଟିଏ ଭୋଜି ଏବଂ ପ୍ରତ୍ୟେକ ଦିନ ଗୋଟିଏ ଲେଖାଏଁ ଭୋଜିର ଆୟୋଜନ କରାଯାଏ । ଗତର ଦିନ ଗୋଟିଏ ପୋଢ଼କୁ ମରାଯାଏ ଏବଂ ଏହି ପୋଢ଼କୁ ଜୁରନି ପୋଢ଼ି କୁହାଯାଏ ଏବଂ ଅନ୍ୟ ପୋଢ଼ମାନଙ୍କୁ ଜୀଅନ୍ତା ଛଡ଼ାଯାଏ । ଗତର ଦିନ ଗାଁର ସମସ୍ତ ଲୋକ ଏବଂ ତାଙ୍କ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରାଯାଇଥାଏ ଏବଂ ଶେଷଦିନ ଭୋଜିର ଆୟୋଜନ କରାଯାଏ । ଏହିଦିନ ଦୁରନି ପୋଢ଼କୁ ବଳି ଦିଆଯାଏ । ଆସିଥିବା ଲୋକ ସେହି ପୋଢ଼ର ଅନ୍ତ ପୁଟୁଳି ଏବଂ କଲିଜା ବାହାର କରିବା ପାଇଁ ଅନେକ ଲୋକ ବଳି ଦିଆଯାଇଥିବ ପୋଢ଼ର ପେଟ ଭିତରେ ପଶି ବାହାର କରିଥାନ୍ତି ଏବଂ ଏହି ଦିନ କାହାକୁ କ୍ଷତାକ୍ତ କଲେ ମଧ୍ୟ କୌଣସି କେଶ୍ କରାଯାଇ ନଥାଏ । ବିଶେଷକରି ଏହି ପୂଜାବିଧି ଗୁଡ଼ିକ ଯଦି ପାରେଙ୍ଗାମାନେ ନ କରନ୍ତି ଉକ୍ତ ଗାଁରେ ମରୁଡ଼ି ଦେଖାଦେଇଥାଏ । ପଶୁପକ୍ଷୀ, ଯଥା:- ଗାଈଗୋରୁ, ପୋଢ଼, ମଇଁଷି କିମ୍ବା ଗୃହପାଳିତ ପକ୍ଷୀଗୁଡ଼ିକଙ୍କ ମଧ୍ୟ ରୋଗ ହୋଇଥାଏ । ବିଶେଷ କରି ନିଶାନିରେ ଯଦି ଠିକ୍ ଭାବରେ ପୂଜା ନ କରାଯାଏ ତେବେ ଗାଁର ଗାଈ ଗୋରୁଙ୍କୁ ବାଘ ଖାଇଯାଏ ବୋଲି ପାରେଙ୍ଗାମାନେ ବିଶ୍ୱାସ କରିଥାନ୍ତି । ଠିକ୍ ଏହିପରି ଘଟଣା ହଂଜର ଗ୍ରାମରେ ଥରେ ଘଟିଥିଲା । ୧୯୮୦ରୁ ୧୯୮୧ ମସିହାରେ ହଂଜର ଗାଁର ନିଶାଣିରେ ଠିକ୍ ଭାବରେ ପୂଜା କରାଯାଇ ନ ଥିଲା

ତେଣୁ ଉକ୍ତ ଗ୍ରାମରେ ଅନେକ ଗୋରୁ ଗାଈ ରୋଗରେ ଆକ୍ରାନ୍ତ ହୋଇଥିଲେ। ଗାଁର ଯେଉଁ ଗାଈ ଗୋରୁ ଗୁଡ଼ିକ ପୂଜାରୀ ତଥା ଡୁରନି ଘରବାଡ଼ିକୁ ଯାଇ ଶିମ୍ବ ପତ୍ର ଖାଉଥିଲେ ସେମାନେ ଘରକୁ ପହଞ୍ଚିବା ମାତ୍ରରେ ହିଁ ମରିଯାଉଥିଲେ । ଗାଁରୁ ରାତିରେ ବାଘ ଆସି ମଧ୍ୟ ଗାଈ ଗୋରୁ ଛେଳି ମେଣ୍ଢାକୁ ଧରି ନେଉଥିଲା ଏବଂ ଥୁକା ଗାଁରେ ବର୍ତ୍ତମାନ ମଧ୍ୟ ଏହା ଘଟି ଆସୁଛି। ପୋଢ଼ ମରାଦିନ ବା ଥୁବାରେ ପ୍ରତି ବର୍ଷରେ ଦଶହରା ଦିନ ପୋଢ଼ ପୂଜା କରୁଛନ୍ତି। ତେଣୁ ଏହି ଦିନ ସେମାନେ ପୋଢ଼କୁ ବଳି ଚଢ଼ାଉଛନ୍ତି ଏବଂ ପୋଢ଼କୁ ବଳି ଦେଲା ପରେ ବା ପୋଢ଼କୁ ହାଣିଲା ପରେ ପୋଢ଼ର ରକ୍ତକୁ ଗୋଟିଏ (ମାଣ୍ଡାରେ) ବା ଷ୍ଟିଲ ବାସନରେ ବା ମାଟି ପାତ୍ରରେ ରକ୍ତକୁ ରଖାଯାଏ। ହଣା ଯାଇଥିବା ପୋଢ଼ର ମୁଣ୍ଡକୁ ଆଣି ଏହି ମାଣ୍ଡା ଉପରେ ରଖାଯାଏ ସେହି ମୁଣ୍ଡ କାନ ହଲାଇ ହଲାଇ ମାଣ୍ଡାଇ ରଖା ହୋଇଥିବା ରକ୍ତ ସବୁ ପିଇଯାଏ ଏବଂ ମାଣ୍ଡାକୁ ମଧ୍ୟ ଚାଟି ପକାଏ। ଆଗକାଳରୁ ବର୍ତ୍ତମାନ ମଧ୍ୟ ଏପରି ଘଟଣା ଘଟୁଛି। ଏହି ଦୁଇଟି ଗ୍ରାମରେ ଏପରି ଘଟଣା ଗୁଡ଼ିକ ଘଟୁଛି, କିନ୍ତୁ ପାରେଙ୍ଗାମାନେ ବିଶ୍ୱାସ କରନ୍ତି ଯେ ଗାଁର ହୁଣ୍ଡି ଶତ୍‌ଲାଣି ଦିନ ଯଦି କୌଣସି ପୂଜାବିଧିର ଅନ୍ୟାୟ ଘଟେ ତେବେ ଏପରି ଘଟଣାଗୁଡ଼ିକ ଘଟିଥାଏ । ପୂଜା ସାମଗ୍ରୀରେ ମଧ୍ୟ କମ୍ କିମ୍ବା ବେଶୀ ହୋଇଥିଲେ ଏପରି ଘଟଣାଗୁଡ଼ିକ ଘଟିଥାଏ। ଯଦି ଗୋଟିଏ ଗାଁରେ ହୁଣ୍ଡିଦିନ ହୁଣ୍ଡି ପୂଜା ପାଇଁ ଘୁଷୁରୀ ଏବଂ କୁକୁଡ଼ା ଏବଂ ଅନ୍ୟାନ୍ୟ ସାମଗ୍ରୀର କମ୍ ବେଶୀ ହୋଇଥାଏ, ତେବେ ଗାଁର ହାନି ଘଟିଥାଏ। ଏହି ସବୁ ଘଟଣାଗୁଡ଼ିକ ଆପେ ଆପେ ଘଟୁଥିଲେ ମଧ୍ୟ ସାଧାରଣତଃ ପାରେଙ୍ଗା ଲୋକ ଥିବା ଗାଁରେ ସେମାନେ ପୂଜାବିଧିର ଅସମାନତା ଯୋଗୁଁ ଏପରି ଘଟୁଛି ବୋଲି ବିଶ୍ୱାସ କରିଥାନ୍ତି। ବୋଧହୁଏ ପୂର୍ବ କାଳରେ ଏପରି ଘଟଣାଗୁଡ଼ିକ ଘଟୁଥିଲା କିନ୍ତୁ ବର୍ତ୍ତମାନ ଏହି ସବୁ ଘଟଣା ଦେଖିବାକୁ କ୍ୱଚିତ୍ ଦେଖାଯାଏ । ବର୍ତ୍ତମାନର ରୀତି ନୀତି ଢାଞ୍ଚା ଅନୁସାରେ ଧୀରେ ଧୀରେ ପରିବର୍ତ୍ତନ ହେବାରେ ଲାଗିଛି।

### ଗୃହ ନିର୍ମାଣ ସମ୍ବନ୍ଧୀୟ ପୂଜାବିଧି :

ଯେଉଁ ଲୋକ ଘର ତିଆରି କରିବାକୁ ଚାହେଁ ସେ ପ୍ରଥମେ ଦିଶାରି ପାଖକୁ ଆକଥ ଚାଉଳ ନେଇକରି ଯାଇଥାଏ। ଦିଶାରି ଘରକୁ ଆସିଥିବା ଚାଉଳ ଏବଂ ଗୃହ ତିଆରି କରିବାକୁ ଚାହୁଁଥିବା ବ୍ୟକ୍ତିର ରାଶି ଏବଂ ନକ୍ଷତ୍ର ଦେଖି ଚାଉଳକୁ ପରୀକ୍ଷା କରିଥାଏ ବା ତାଙ୍କ ନିୟମ ଅନୁସାରେ ସେ ଯୋଗବାର ନକ୍ଷେତ୍ରକୁ ଦେଖି ଠିକ୍ କରେ ଏବଂ କହିଥାଏ ଯେ ତୁ ଅମୁକ ଦିନ ଘର କଲେ ଠିକ୍ ହେବ। ସେହି ବ୍ୟକ୍ତି ବିଶେଷ ଦିଶାରି କହିବା ଅନୁସାରେ ବା ଦିଶାରୀକୁ ଡାକି ଘର ତିଆରି ପାଇଁ ବା ଶୁଭ ଦେବା ପାଇଁ ଜାଗା ଠିକ୍ କରି ବା ଡିହ ମନୋନୟନ କରି ପ୍ରଥମେ ଘର ତିଆରି କରିବା ପୂର୍ବରୁ ଗୋଟିଏ ପୂଜାର ଆୟୋଜନ କରିଥାଏ । ଏହିଦିନ ଦିଶାରି କହିବା ଅନୁସାରେ ବା ଦିଶାରିର ଉପସ୍ଥିତିରେ ପୂଜା କରାଯାଏ।

ଦିଶାରି କହିବା ଅନୁସାରେ ଗୋଟିଏ ପ୍ରକାର ଗଛର କାଠ ଖଣ୍ଡେ, ଯଥା – ସାଜ୍, ବିଜା ଇତ୍ୟାଦି ଫୁଲ, ଫଳ, (ଆକତ) ଅରୁଆ ଚାଉଳ, ଲିଆ, ମୁଆଁ ଇତ୍ୟାଦି ଯୋଗାଡ଼ କରି ପୂଜାର ଆୟୋଜନ କରାଯାଏ। ପୂଜାଦିନ ଯେଉଁ ବ୍ୟକ୍ତି ଘର କରିବାକୁ ଚାହୁଁଛି, ସେ ଉପବାସ ରହେ ଏବଂ ସଂଧ୍ୟା ସମୟରେ ପୂଜା କରିବା ଜାଗାରେ ଘର ପାଇଁ ଜମି ଠିକ୍ କରିଛି ସେଠାରେ ସେ ପୂଜାର ଆୟୋଜନ କରେ । ପୂଜା କଲାବେଳକୁ ସେ ସମସ୍ତ ପ୍ରକାର ପୂଜାସାମଗ୍ରୀକୁ ଗୋଟିଏ ସ୍ଥାନରେ ରଖି ପୂଜା ପାଠ କରେ । ଯଦି ଶୁଭ୍ ସାମଗ୍ରୀଗୁଡ଼ିକ ଅଲଗା ହୋଇଯାଏ ବା ଏପଟେ ସେପଟେ ହୋଇଥାଏ ସେଠାରେ ଘର ତିଆରି କରାଯାଏ ନାହିଁ । କିନ୍ତୁ ଗୋଟିଏ ଜାଗାରେ ଶୁଭ ଥିଲେ ସେ ସେଠାରେ ଘର ତିଆରି କରିବ। ଯଦି ଅଶୁଭ ଦେଖାଯାଏ ତେବେ ସେହି ଜାଗାରେ ଘର କଲେ ଘରେ ସବୁବେଳେ ଅଶାନ୍ତି ଲାଗି ରହେ। ତେଣୁ ଏହି ପୂଜାକୁ ଶୁଭ ଦିଆନି ପୂଜା ବା ବିରୁ ବୋଲି କୁହାଯାଇଥାଏ। ସେହି ଜାଗା ଯଦି ଅଶୁଭ ତେବେ ସେଠି ଘରଦ୍ୱାର ତିଆରି କରନ୍ତି ନାହିଁ । ଘର ତିଆରି କଲାବେଳକୁ କବାଟ୍ ଝରକା ଲାଗେ ସେତେବେଳକୁ କନ୍ଦ୍ ବାସାନି ପୂଜା କରାଯାଏ । ଘର ତିଆରି ସରିବା ପର୍ଯ୍ୟନ୍ତ ଆଉ କୌଣସି ପ୍ରକାରର ପୂଜା କରାଯାଏ ନାହିଁ। ଘର ତିଆରି ହୋଇସାରିଲା ପରେ ଯେଉଁ ଦିନ ସେହି ଘରେ ବସା କରନ୍ତି। ତାକୁ ଘର ପୁରାନି ପୂଜା ବୋଲି କୁହାଯାଏ। ଏହି ପୂଜା କରିବା ପୂର୍ବରୁ ଗୋଟିଏ ଭଲ ଦିଶାରୀକୁ ଦେଖି ତା ପାଖକୁ ଘର ମାଲିକ ଆକତ (ଅରୁଆ ଚାଉଳ)ଧରି ଯାଏ । ଦିଶାରୀ ଆଗରେ ପ୍ରକାଶ କରେ ତାର ଯେଉଁ କାର୍ଯ୍ୟ ପାଇଁ ସେଠିକୁ ଯାଇଛି । ଦିଶାରୀ ଘରକୁ ଆସିଥିବା ଆକତ ଦେଖି କରି ଭଲ ଯୋଗ, ବାର, ନକ୍ଷତ୍ର ବା ଭଲ ତିଥି ଦେଖି ତାକୁ ପୂଜାର ଆୟୋଜନ କରିବାକୁ କହିଥାଏ। ସେହି ଅନୁସାରେ ପୂଜାଦିନ ଯେଉଁ ସବୁ ପୂଜା ସାମଗ୍ରୀର ଆବଶ୍ୟକ ପଡୁଛି ଦିଶାରି ଆଗରୁ କହି ଦେଇଥାନ୍ତି। ସେହି ସାମଗ୍ରୀ ଗୁଡ଼ିକ ଠିକ୍ କରିସାରିବା ପରେ ଦିଶାରୀ ପାଖକୁ ଆଉ ଥରେ ଯାଇ ଦିଶାରୀଙ୍କ ଆମନ୍ତ୍ରଣ କରାଯାଏ । ଦିଶାରୀ ଉକ୍ତ ଦିନରେ ଆସି ତାଙ୍କ ପୂଜା ପାଠ ଆରମ୍ଭ କରିଥାନ୍ତି ଏବଂ ଏହିଦିନ ଯିଏ ଘର ପ୍ରବେଶ କରୁଛି ସେ ଗାଁର ଭଦ୍ର ବ୍ୟକ୍ତିମାନଙ୍କୁ ଏବଂ ତା'ର ବନ୍ଧୁବାନ୍ଧବମାନଙ୍କୁ ମଧ୍ୟ ନିମନ୍ତ୍ରଣ କରିଥାଏ। ଏହି ଦିନ ପୂଜା ସରିବା ପରେ ଗୋଟିଏ ଭୋଜିର ଆୟୋଜନ କରାଯାଏ ଏବଂ ପୂଜାରେ ବଳି ଦେଇଥିବା ପଶୁ ପକ୍ଷୀକୁ ଆଣି କଟାଯାଏ । ହାଣ୍ଡିଆ ପାନ କରାଯାଏ ଏବଂ ଘରର ସଦସ୍ୟଙ୍କ ମଙ୍ଗଳ ବା ଘରର ମଙ୍ଗଳ ପାଇଁ ସାମୟିକ ପୂଜାବିଧି କରାଯାଇଥାଏ।

**ସ୍ୱତନ୍ତ୍ର ପୂଜାବିଧି :**

ସାଧାରଣତଃ ପାରେଙ୍ଗାମାନେ ଜମି ବିକ୍ରୟ କଲାବେଳକୁ ଗୋଟିଏ ପୂଜାର ଆୟୋଜନ କ.ିଥାନ୍ତି। ଏହି ପୂଜା ନିଜର ଜମି ଅନ୍ୟକୁ ସବୁଦିନ ପାଇଁ ଚାଲିଯିବ ବୋଲି

କହିଥାନ୍ତି। ଏହି ପୂଜା ଗୋଟିଏ ଭଲଦିନ ଦେଖି କରି କରିଥାନ୍ତି। ଏହି ପୂଜା ପାଇଁ କୌଣସି ଦିଶାରୀ ପାଖକୁ ଯାଇ ନଥାନ୍ତି ଓ ନିଜର ସୁଝୁଥିବା ଦିନ ଦେଖି କରିଥାନ୍ତି। ଯଥା - ରବି, ଶୁକ୍ର, ମଙ୍ଗଳ ବା ଯାହାକୁ ଯେଉଁ ଦିନ ଭଲ ଭାବରେ ସୁଝୁଛି ସେ ଦିନ ଦେଖି ସେମାନେ ପୂଜା କରିଥାନ୍ତି। ଏହି ଦିନ ଫୁଲ, ଫଳ, ଓ ପୂଜା ସାମଗ୍ରୀଗୁଡ଼ିକ ଯୋଗାଡ଼ କରି ପୂଜା ଆୟୋଜନ କରିଥାନ୍ତି। ଭୋଜିର ମଧ୍ୟ ଆୟୋଜନ କରିଥାନ୍ତି । ଜଣେ ଲୋକ ଜେଲରୁ ଫେରିଲେ ମଧ୍ୟ ପୂଜାର ଆୟୋଜନ କରିଥାନ୍ତି। ଏହି ପୂଜାକୁ ଖୁସିର ସହ କରାଯାଏ ଏହାକୁ ଜାତି ମିଶାନି ପୂଜା ବୋଲି କହିଥାନ୍ତି। ଏହି ଜାତି ମିଶାନିର କାରଣ ସେ ବାହାରକୁ ଯାଇ ନୀଚ ଜାତିର ଲୋକଙ୍କ ହାତରେ ଖାଦ୍ୟ ଗ୍ରହଣ କରିଛି । ପୋଲିସମାନଙ୍କ ଭିତରେ ପାରେଙ୍ଗାମାନଙ୍କ ଠାରୁ ନୀଚ ଜାତିର ଲୋକ ଥିବେ ସେମାନେ ତାକୁ ମାରିଥିବେ ବୋଲି ତାକୁ ଜାତି ମିଶାଇଥାନ୍ତି। ଖୁସିରେ ବହୁଦିନ ପରେ ସେ ଘରକୁ ଫେରିଛି ବୋଲି ଭୋଜିର ଆୟୋଜନ କରିଥାନ୍ତି ଏବ ତାକୁ ଫେରି ଆସିବା ପରେ ସୁନା ରୂପାକୁ ଗରମ କରି ତା'ର ଜିଭରେ ନେଇ ଜାକିଥାନ୍ତି। ଉକ୍ତ ଲୋକକୁ ଗୋଟିଏ ପାଣିଥିବା ସ୍ଥାନରେ ଏହି କାର୍ଯ୍ୟଟି ସଂପାଦନ କରିଥାନ୍ତି। କାରଣ ନଦୀ କିମ୍ବା ନାଳରେ ତାକୁ ବୁଡ଼ାଇବା ଦ୍ୱାରା ଯେ ବାହାରକୁ ଯାଇ ଯେଉଁ ପାପ କରିଛି ତେବେ ସେହି ପାପ ଗୁଡ଼ିକୁ ଧୋଇ ନେବା ପାଇଁ ଏ କାର୍ଯ୍ୟଟି ନଦୀ ବା ନାଳ ପାଣି ପାଖରେ କରାଯାଇଥାଏ । ଆଗ କାଳରେ ଉକ୍ତ ଲୋକକୁ ଲଣ୍ଡା ମଧ୍ୟ କରୁଥିଲେ ଏବଂ ବର୍ତ୍ତମାନ ଆଉ ସେହି ପ୍ରଥା ନାହିଁ ଆଜିକାଲ ତାର ମୁଣ୍ଡରୁ ଅଳ୍ପ ଚୁଟି କାଟି ପାଣିରେ ଭସାଯାଇଥାଏ। ଏହି ଦିନ ତାର ବନ୍ଧୁବାନ୍ଧବ ଏବଂ ଭାଇ ଓ ମୁଖ୍ୟତଃ ଜାତି ନାୟକକୁ ମଧ୍ୟ ଡକାଯାଏ। ଉକ୍ତ କାର୍ଯ୍ୟଗୁଡ଼ିକ ଜାତିନାୟକ କରିଥାନ୍ତି। ନାଳରେ କାର୍ଯ୍ୟ ସରିବା ପରେ ଭୋଜିର ଆୟୋଜନ କରାଯାଇଥାଏ ଏବଂ ଏହି ଭୋଜି କରିବା କାରଣ ହେଲା ବହୁ ଦିନ ପରେ ସେ ଘରକୁ ଫେରିଥିବାରୁ ଖୁସିରେ, ଏହି ଭୋଜିର ଆୟୋଜନ କରାଯାଇଥାଏ। ଏହି ଦିନ ଅନେକ ପ୍ରକାରର ଖାଦ୍ୟ ଏବଂ ପାନୀୟର ଯୋଗାଡ଼ କରାଯାଇଥା. ଯଥା:- ମଦ, ହାଣ୍ଡିଆ, (ପେଣ୍ଡମ୍) ସଲପ ଏବଂ ଭାତ, ମାଂସ ତରକାରୀ ଇତ୍ୟାଦିର ଆୟୋଜନ କରାଯାଇଥାଏ। ପାରେଙ୍ଗା ଗାଁରେ କୌଣସି ଘରପୋଡ଼ି ଗଲେ କୌଣସି ପୂଜାର ଆୟୋଜନ କରାଯାଏ ନାହିଁ।

• ଯଦି ଜଣେ ପାରେଙ୍ଗା ଲୋକ ଗଛରୁ ପଡ଼ିଗଲା ଏବଂ ମରିଗଲା ତେବେ ତାକୁ ଦେଖୁ ଦେଖୁ ପଡ଼ିଥିବା ସ୍ଥାନରୁ ଟିକିଏ ଘୁଞ୍ଚାଇ ରଖାଯାଏ ବା ଘର ପାଖରେ ହୋଇଥିଲେ ତାକୁ ଘରକୁ ଶୀଘ୍ର ନିଆଯାଏ। କାରଣ ଯେଉଁଠି ସେ ପଡ଼ିଯାଇଛି ସେଠି ଥିଲେ ତାକୁ ଡୁରକା ବା (ବାଘ) ଖାଇଯିବ ବୋଲି କହିଥାନ୍ତି ତେଣୁ ତାକୁ ଯଥା ଶୀଘ୍ର ଘରକୁ ନିଆଯାଇଥାଏ ଏବଂ ଘରକୁ ନେଲା ପରେ ତାର ହାତର ଏବଂ ଗୋଡ଼ର ଦୁଇଟି ବୁଢ଼ା ଆଙ୍ଗୁଠିକୁ ଧଳା ସୂତା

ସାହାଯ୍ୟରେ ବନ୍ଧାଯାଏ, କାରଣ କାଳେ ଡୁମା ଉଠିବ ବୋଲି ଏପରି ସୂତାରେ ବାନ୍ଧିଥାନ୍ତି । ଘରର ଆଟୁ ଏବଂ ତା'ର ସିଧାରେ ଗୋଟିଏ ଧଳା କପଡ଼ା ଚନ୍ଦୁଆ ପରି ବନ୍ଧାଯାଏ ଏବଂ ସେହି ଚନ୍ଦୁଆ ମଝିରୁ ଗୋଟିଏ ସୂତାରେ ଚମ୍ପାଫୁଲ ବାନ୍ଧି ଝୁଲାଯାଏ ଏବଂ ଦୀପ ଧୂପ ଜାଳି ରାତ୍ରିରେ ଉଜାଗର ରହି ଗାଁର ସମସ୍ତ ଲୋକ ବା ପୁରୁଷ ଲୋକ ମୃତ୍ୟୁବରଣ କରିଥିବା ଘରର ଦୁଆରରେ ଆସି ରାତି ଯାକ ଜଗିଥାନ୍ତି । ସକାଳେ ତା'ର ବନ୍ଧୁବାନ୍ଧବଙ୍କୁ ଡାକି ତାକୁ ମଶାଣିକୁ ନିଆଯାଏ ଏବଂ ସେହି ଘରର ସଦସ୍ୟମାନଙ୍କୁ ମଲାପରେ ଯେଉଁ ଗୋଟିଏ ସ୍ଥାନରେ ପୋଡୁଥିବେ ବା ଦାହ କରୁଥିବେ ସେଠି ତାକୁ ଦାହ ନ କରି ମଶାଣିର କୌଣସି କୋଣରେ ନେଇ ଦାହ କରାଯାଏ । ୩ ଦିନ ପରେ ତା'ର ପିତା କସା ବୋଲି ତା'ର ମାମୁଁ ମୁଠି ଚାଉଳ (ଗୋଟିଏ ମୁଠା) ନେଇ ମୁଠି ଭାତ ରାନ୍ଧେ ଏବଂ ତାକୁ ନେଇ ବେଜରନାରେ ରଖାଯାଏ ଏବଂ ଏହି ଦିନ ଡୁମା ନ ଡରାଇବା ପାଇଁ ତାପନି କରାଯାଏ । ଏହି ତାପନି ବିରୁଟିରେ ଦିଶାରୀକୁ ନିମନ୍ତ୍ରଣ କରାଯାଏ ଏବଂ ଦିଶାରୀ ତାଙ୍କ ପୂଜାବିଧି ପାଇଁ ଯେଉଁ ସବୁ ଜିନିଷ ବା ପୂଜା ସାମଗ୍ରୀଗୁଡ଼ିକ ଦରକାର ତାହା କହିଥାନ୍ତି । ଦିଶାରୀ କହିବା ଅନୁସାରେ ସେମାନେ ପୂଜାସାମଗ୍ରୀର ଯୋଗାଡ଼ କରେ ଓ ତାପନି ବିରୁ କରାଯାଏ । ଏହି ବିରୁ କରିବା ଦ୍ୱାରା ମରିଥିବା ମଣିଷର ଆତ୍ମା ଶାନ୍ତି ଏବଂ ଡୁମା ମଧ୍ୟ ଅନ୍ୟ ଲୋକମାନଙ୍କୁ ଡରାଇ ନ ଥାଏ । ଠିକ୍ ଏହିପରି ଭାବରେ ଜଣକୁ ବାଘ ଖାଇଲେ ମଧ୍ୟ ଗଛରୁ ପଡ଼ିବା ଅନୁସାରେ ପୂଜା କରାଯାଏ । ଦିଶାରୀଙ୍କୁ ପଚାରିବାରେ ସେ ବାଘ କାମୁଡ଼ାରେ ଏବଂ ଭିନ୍ନ ଭିନ୍ନ ଘଟଣା ପାଇଁ ବିଭିନ୍ନ ପ୍ରକାର ସାମଗ୍ରୀର ଆୟୋଜନ କରିବାକୁ କହିଥାନ୍ତି । ଦିଶାରୀଙ୍କ କହିବା ଅନୁସାରେ ପୂଜା ସାମଗ୍ରୀର ଆୟୋଜନ କରିବା ପରେ ପୂଜା କରିବା ପାଇଁ କୌଣସି ଭଲ ତିଥିରେ ପୂଜା କରାଯାଇଥାଏ । ଠିକ୍ ଯେମିତି ଗଛରୁ ପଡ଼ିବା ଲୋକକୁ ବିରୁ ବା ପୂଜା କରାଯାଏ ତାକୁ ମଧ୍ୟ ବା ବାଘ ଖାଇଥିବା ଲୋକର ଆତ୍ମାକୁ ମଧ୍ୟ ଶାନ୍ତି କରିବା ପାଇଁ ପୂଜା ବିଧି କରାଯାଇଥାଏ । ଜଣକୁ ବାଘ ଖାଇଥିଲେ ତାକୁ ବାଘ ଖାଇଲା ବୋଲି କହି ନଥାନ୍ତି । ତାକୁ ମଳ ଖାଇଲା ନ ହେଲେ କୁକୁର ଖାଇଲା ବୋଲି କହିଥାନ୍ତି, କାରଣ ଘରେ ସମସ୍ତଙ୍କର ଲକ୍ଷ୍ମୀ ଅଛନ୍ତି । ତେଣୁ ବାଘ ଖାଇଛି ବୋଲି କହିଲେ ଘରୁ ଲକ୍ଷ୍ମୀ ଛାଡ଼ି ଯିବେ ବୋଲି କହିଥାନ୍ତି ।

ସାପ କାମୁଡ଼ା କିମ୍ବା ନଦୀରେ ବୁଡ଼ି ମରିବା ଦ୍ୱାରା କୌଣସି ଲୋକ ପୂଜାର ଆୟୋଜନ କରନ୍ତି ନାହିଁ । କାରଣ ଏହାକୁ କିଏ ଠେଲି ଦେବାରୁ ନଦୀରେ ପଡ଼ିଲା ବା ସାପକୁ ଆଘାତ କରିବାରୁ ସାପ କାମୁଡ଼ିଲା ବୋଲି କହିଥାନ୍ତି ତେଣୁ କରି ଏହି ଦୁଇଟି କ୍ଷେତ୍ରରେ କୌଣସି ପୂଜାପାଠ କରାଯାଇ ନଥାଏ । ଠିକ୍ ସେହିପରି ଦୈବୀ ଦୁର୍ଘଟଣା କ୍ଷେତ୍ରରେ ମଧ୍ୟ ଘଟଣାକୁ କେନ୍ଦ୍ର କରି ଦିଶାରୀ ପାଖକୁ ଯାଆନ୍ତି ଏବଂ ଦିଶାରୀ କହିବା ଅନୁସାରେ ପୂଜା କରାଯାଇଥାଏ

। ଆର୍ଥିକ ଦୃଷ୍ଟିରୁ ଯେଉଁ ସବୁ ଗଛଗୁଡ଼ିକ ଲଗାନ୍ତି, ଯଥା: - ନିଲଗରି ଏବଂ ଅନ୍ୟ ଯେଉଁ ସବୁ ଗଛକୁ ବିକି କରି ଅର୍ଥ ଉପାର୍ଜନ କରନ୍ତି ସେସବୁ ଗଛ ଲଗାଇବା ପୂର୍ବରୁ ଯେଉଁ ଗଛ ପ୍ରଥମ କରି ଲଗାନ୍ତି ସେହି ଗଛରେ ପୂଜା କରି ଲଗାଇଥାନ୍ତି । ଏଥିପାଇଁ କୌଣସି ଦିଶାରୀର ସହାୟତା ନିଆଯାଏ ନାହିଁ। ଏହି ପୂଜା ଘରର ମୁଖ୍ୟ ସଦସ୍ୟ କରିଥାନ୍ତି ଏଥିପାଇଁ ରଙ୍ଗବା ନାଲି ଚୁଡ଼ି ଏବଂ ନାଲି କପଡ଼ାକୁ ଗଛ ଲଗାଇବା ଗାତରେ ପୂଜା କରାଯାଇ ପୋତାଯାଏ । ପ୍ରଥମ ଗଛଲଗା ଯାଇଥାଏ, ଯାହା ଫଳରେ କି ଗଛ ବଡ଼ ହେଲେ ସେହି ଜମିରୁ କୌଣସି ଲୋକ ଗଛ ହାଣିଲେ ସେ ଅସୁବିଧାରେ ପଡ଼ିନଥାନ୍ତି ଗଛକୁ ହାଣିବା ପାଇଁ ଯେଉଁ କୁରାଢ଼ି ବା ଘାଗଡ଼ା ବ୍ୟବହାର କରାଯାଏ ସେ ଅସ୍ତ୍ର ଗଛ ଉପରେ ନ ପଡ଼ି ହାଣୁଥିବା ଲୋକ ଉପରେ ମାଡ଼ ହେବ ବୋଲି ବିଶ୍ୱାସ କରିଥାନ୍ତି।

ଏହି ଉପରୋକ୍ତ ପୂଜାବିଧି ଗୁଡ଼ିକ ଆଗକାଳରୁ ଅଧିକ ବା ବହୁଳ ପରିମାଣରେ କରି ଆସୁଥିଲେ କିଛି ବର୍ତ୍ତମାନ ଯୁଗର ପରିବର୍ତ୍ତନ ଯୋଗୁଁ ଆଉ ଏହିସବୁ ପୂଜାବିଧି ବହୁଳ ପରିମାଣରେ ନ ହୋଇ ଧୀରେ ଧୀରେ କମି ଯିବା ଲାଗିଛି। କାରଣ ଯୁଗ ପରିବର୍ତ୍ତନ ହେବା ଫଳରେ ଏବଂ ଯୁବକ ଯୁବତୀମାନେ ଶିକ୍ଷିତ ହେବାରୁ ଏସବୁ କମି କମି ଯାଉଛି।

**ଗୁଣିଗାରେଡ଼ି :**

ପାରେଙ୍ଗା ଗୋଷ୍ଠୀରେ ଗୁଣିଗାରେଡ଼ିଆ ଦୁଇ ପ୍ରକାରର, ଯଥା:- ଗୁଣିଆ ବା ଦିଶାରୀ ଏବଂ ପାଙ୍ଗନିଆ। ଦିଶାରୀ କହିଲେ ସେ ସମାଜର ବା ଲୋକଙ୍କର ଭଲ କାମ କରନ୍ତି ଏବଂ ପାଙ୍ଗନିଆ କହିଲେ ସେ ଲୋକମାନଙ୍କୁ କ୍ଷତି ପହଞ୍ଚାଇ ଥାଏ ଏବଂ ନଷ୍ଟ କରିଥାଏ। ତେଣୁ ପାଙ୍ଗନିଆମାନଙ୍କୁ ଲୋକମାନେ ଖରାପ ଦୃଷ୍ଟିରେ ଦେଖିଥାନ୍ତି। ଏମାନେ ଅନ୍ୟମାନଙ୍କର କ୍ଷତି କରିଥାନ୍ତି ତେଣୁ ସମାଜରେ ବାସ କରୁଥିବା ଲୋକେ ପାଙ୍ଗନିଆ ମାନଙ୍କୁ ଖରାପ ଦୃଷ୍ଟିରେ ଦେଖିଥାନ୍ତି । କିନ୍ତୁ ଦିଶାରୀମାନଙ୍କୁ ଲୋକେ ଭଲ ଭାବରେ ଦେଖିଥାନ୍ତି ଏବଂ ତାଙ୍କୁ ଭଲ ଦୃଷ୍ଟିରେ ସତ୍କାର ମଧ୍ୟ କରିଥାନ୍ତି। କାରଣ ଦିଶାରୀମାନେ ଲୋକଙ୍କର ଭଲ ଚିନ୍ତା କରିଥାନ୍ତି। ଦିଶାରୀମାନେ ଜ୍ୱର କଷ୍ଟ ଏବଂ ଅନ୍ୟ କେତେ ପ୍ରକାର ରୋଗ ବୈରାଗ ହୋଇଥିଲେ ସେଥିରୁ ସେମାନେ ଲୋକମାନଙ୍କୁ ଉପଶମ ଦେଇଥାନ୍ତି, ତାଙ୍କର ଚେରମୂଳୀ ଔଷଧ ସାହାଯ୍ୟରେ। ତେଣୁ ତାଙ୍କୁ ସମାଜର ଲୋକମାନେ ଭଲ ଦୃଷ୍ଟିରେ ଦେଖିଥାନ୍ତି। କିନ୍ତୁ ପାଙ୍ଗନିଆ ଲୋକମାନେ ଅନ୍ୟମାନଙ୍କ ସହ କୁଟ କପଟ କରିଥାନ୍ତି ଏବଂ ଯେଉଁ ଲୋକ ତାଙ୍କ ସହ ଗଣ୍ଡଗୋଳ କରେ ତାକୁ (ଶଙ୍ଗନି) (କୁଦାଲ) ତାରପା) ଅଗ୍ନିବାଣ ଇତ୍ୟାଦି ଯାଦୁବିଦ୍ୟା କରିଥାନ୍ତି। ଯଦି କୌଣସି ଲୋକକୁ ଶଙ୍ଗନି ସଙ୍ଗଇବାର ଅଛି ତେବେ ସେମାନେ ଗୋଟିଏ ପୁଡ଼ିଆ ତିଆରି କରନ୍ତି ଏବଂ ସେହି ପୁଡ଼ିଆରେ ଯେଉଁ ଜିନିଷ ଯାକ ରଖାଯାଇଥାଏ, ସେଭଳି

କଷ୍ଟ ଅନୁଭବ ହୁଏ। ଯଦି ପୁଡ଼ିଆରେ ପିମ୍ପୁଡ଼ି ମୁଣ୍ଡ ଲଙ୍କା ଛାଲି ଇତ୍ୟାଦି ରଖିଥିଲେ ଶଙ୍ଗନି ରଖିଥିବା ଲୋକକୁ ବହୁତ ଜଳେଇବା ସହ ଛୁଞ୍ଚି ଫୋଡ଼ି ହେଲା ଭଳି କଷ୍ଟ ମଧ୍ୟ ଅନୁଭୂତ ହୋଇଥାଏ। ଠିକ ଏପରି କୁଦାଲି, ତାରପା ମଧ୍ୟ ରଖିଥାନ୍ତି ଏବଂ ତାର୍‌ପା ସାଧାରଣତଃ କ୍ଷେତରେ ବା ବିଲରେ ରଖିଥାନ୍ତି। ଯେଉଁ ଜମିରେ ତାରପା ଥାଏ ସେଠାରେ ଠିକ୍ ରୂପେ ଫସଲ ହୁଏ ନାହିଁ। ତାଙ୍କର ମନ୍ତ୍ର ସାହାଯ୍ୟରେ ଏହି କୁଦାଲ ଯେଉଁଠି ରହିଲା ସେ ଘର ଗୁହାଳରେ ଶାନ୍ତି ନ ଥାଏ ଏବଂ ଗୁହାଳରେ ଥିଲେ ଗୁହାଳର ଗାଈଗୋରୁ ଗୁଡ଼ିକ ସବୁ ଝଡ଼ି ଯିବେ। ଯେଉଁ ନୂତନ ବାଛୁରୀଗୁଡ଼ିକ ଜନ୍ମ ହୁଅନ୍ତି ସେଗୁଡ଼ିକ ଶିଘ୍ର ମରିଯାଆନ୍ତି ଯେପରି ସେ ହାଡ଼ ପଠେଇ ଥିବେ ସେହିପରି ହୋଇଯିବେ। ଠିକ୍ ସେହିପରି ଅଗ୍ନିବାଣ ସାଧାରଣତଃ ଲୋକଙ୍କୁ ପ୍ରୟୋଗ କରିଥାନ୍ତି। ଲୋକଙ୍କୁ ଅଗ୍ନିବାଣ ମାରିଥିଲେ ଲୋକର ଦେହରେ ଫୋଟକା ହୋଇ ପାଣି ବାହାରେ ଏବଂ ସେହି ବ୍ୟକ୍ତି ଧୀରେ ଧୀରେ ମୃତ୍ୟୁବରଣ କରିଥାଏ। ଯଦି ଜଣେ ପାଙ୍ଗନିଆ ଧରାପଡ଼ିଲା ତେବେ ତାକୁ ନିଜ ଘରେ ରଖିଥିବା ଗୁଣିଗାରେଡ଼ି ସମ୍ବନ୍ଧୀୟ ଜିନିଷପତ୍ର ଗୁଡ଼ିକ ଫିଙ୍ଗିବାକୁ କୁହନ୍ତି ଏବଂ ତାକୁ ତା'ର ମଳକୁ ଆଣି ପାଣିରେ ମିଶାଇ ପିଇବାକୁ ଦିଅନ୍ତି ଏବଂ ପ୍ରଚୁର ପରିମାଣରେ ମଧ୍ୟ ମାଡ଼ ମାରିଥାନ୍ତି। ତେଣୁ କରି ଜଣେ ପାଙ୍ଗନିଆ ଧରାପଡ଼ିଗଲେ ତାକୁ ଶାରିରୀକ ଏବଂ ମାନସିକ ଦଣ୍ଡ ଦିଆଯାଏ।

ଗୁଣିଗାରୋଡ଼ି ଦ୍ୱାରା ମଧ୍ୟ ଚୋର ନିୟନ୍ତ୍ରଣ କରାଯାଇପାରୁଛି। ଯଦି ଜଣେ ଲୋକର ଚାଷ ଜମିରେ ପ୍ରଚୁର ପରିମାଣରେ ଶସ୍ୟ ଫଳିଛି ତେବେ ସେଠି ଗୋଟିଏ ଗୁଣିଆକୁ ଆଣି ପୂଜା କରାଇଲେ ଏବଂ ସେଠାରୁ କୌଣସି ଜିନିଷ ଚୋରି କରି ନେଲେ ଚୋର ଅସୁବିଧାରେ ପଡ଼ିଥାଏ। ଗୁଣିଆମାନେ ଏପରି ବିଦ୍ୟା ପ୍ରୟୋଗ କରିଥାନ୍ତି ଯେ ଗୋଟିଏ ଗୋଟିଏ ଜାଗାରେ ଚୋର ମଧ୍ୟ ଦୁଇ ଚାରି ଦିନ ଧରି କରି ରହିଯାନ୍ତି। ଚୋର ବା ଖାଇଥିବା ଲୋକର ପେଟ ବେଳେ ବେଳେ ଫୁଲି ମଧ୍ୟ ଯାଇଥାଏ ଏବଂ ଅନେକ ପ୍ରକାର କଷ୍ଟ ଅନୁଭୂତ ହୋଇଥାଏ। ତେଣୁ କରି ଯେଉଁ କ୍ଷେତରେ ବିରୁ ବା ପୂଜା କରାଯାଇଛି ସେଥିରୁ ଚୋରମାନେ ମଧ୍ୟ ଜିନିଷ ନେଇ ନ ଥାନ୍ତି। ତେଣୁ ଗୁଣିଗାରିଡ଼ି ମାଧ୍ୟମରେ ଚୋର ମଧ୍ୟ ନିୟନ୍ତ୍ରଣ କରାଯାଇପାରୁଛି।

**ଆଧୁନିକ ପଞ୍ଚାୟତ ବ୍ୟବସ୍ଥା :**

ବିଶେଷ କରି ପୂର୍ବେ ପାରେଙ୍ଗା ଗୋଷ୍ଠୀରେ ଯେଉଁ ପରିଷଦ କାର୍ଯ୍ୟ କରୁଥିଲା ତାହା ତାଙ୍କ ମତରେ ପାଇଁ ବହୁ ଗୁଣରେ ଭଲ ଥିଲା। କିନ୍ତୁ ବର୍ତ୍ତମାନର ପଞ୍ଚାୟତ ବ୍ୟବସ୍ଥା ଅନୁସାରେ ବା ଯେଉଁ ପଞ୍ଚାୟତ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି ତାହା ବହୁ ଗୁଣରେ କଳୁଷିତ ଅଟେ। ପୂର୍ବ କାଳରେ ଯେଉଁ ଗାଁରେ ପରିଷଦ କାର୍ଯ୍ୟ କରୁଥିଲା ତାହା ଏହି ଗୋଷ୍ଠୀର ଲୋକମାନଙ୍କୁ ବହୁତ ଭଲ ଥିଲା କିନ୍ତୁ ବର୍ତ୍ତମାନର ପଞ୍ଚାୟତ ବ୍ୟବସ୍ଥା ଆସି ଏହି ସଂପ୍ରଦାୟର

ଲୋକଙ୍କ ନିମନ୍ତେ ବହୁତ ଅସୁବିଧାର ସମ୍ମୁଖୀନ କରିବାକୁ ପଡୁଛି । କାରଣ ପଞ୍ଚାୟତ ବ୍ୟବସ୍ଥାର ନିର୍ବାଚନ ପଦ୍ଧତି ଏବଂ ଗାଁ ପରିଷଦର ନିର୍ବାଚନ ପଦ୍ଧତି ସଂପୂର୍ଣ୍ଣ ଭିନ୍ନ ଅଟେ । ପରିଷଦର ମୁଖ୍ୟଙ୍କୁ ଗାଁର ଲୋକ ମିଳିତ ଭାବରେ ଭଲ ଗୁଣ ଥିବା ଲୋକକୁ ବାଛିଥାନ୍ତି ଏବଂ ସେ ଗାଁର ଲୋକ କହିବା ଅନୁସାରେ ବା ତାଙ୍କ କଥା ଅନୁସାରେ ପରିଷଦଟି ପରିଚାଳିତ ହୋଇଥାଏ । ଅତି ଉତ୍ତମ ଭାବରେ ଏହି କାର୍ଯ୍ୟଟି ବା ଗୋଟିଏ କେଶର ସମାଧାନ ମଧ୍ୟ ଗାଁ ପରିଷଦ ଦ୍ୱାରା ଭଲ ରୂପେ ପରିଚାଳିତ ହୋଇପାରୁଥିଲା, କିନ୍ତୁ ବର୍ତ୍ତମାନର ପଞ୍ଚାୟତରାଜ ନୀତି ଅନୁସାରେ ଏହି ସବୁ କାର୍ଯ୍ୟ କଳୁଷିତ ହୋଇଯାଉଛି । କାରଣ ବର୍ତ୍ତମାନ ନିର୍ବାଚିତ ଲୋକମାନେ ଅର୍ଥ ବା ଧନ ଦେଇ ନିର୍ବାଚିତ ହେଉଛନ୍ତି ତେଣୁ କରି କଳୁଷିତ ହୋଇଯାଉଛି । ବର୍ତ୍ତମାନର ନୀତିନିୟମ ଅନୁସାରେ ଗାଁରୁ ୱାର୍ଡ଼ମେମ୍ବରଠାରୁ ଆରମ୍ଭ କରି ଜିଲ୍ଲା ପରିଷଦ ଏବଂ ଅନ୍ୟାନ୍ୟ ନିର୍ବାଚିତ ସଦସ୍ୟମାନେ ମଧ୍ୟ କଳୁଷିତ । କିନ୍ତୁ ଗାଁର ପରିଷଦ କଳୁଷିତ ନୁହେଁ କାରଣ ଗାଁର ପରିଷଦଟି ଉତ୍ତମ ରୂପେ ଚାଲୁଥିଲା ଏବଂ ବର୍ତ୍ତମାନ ରାଜନୀତି ଶିଖି ଯାଇ ଗାଁ ପରିଷଦ ମଧ୍ୟ ଧୀରେ ଧୀରେ କଳୁଷିତ ହେବାକୁ ଲାଗିଛି । କିନ୍ତୁ ଏତେ ଅଧିକ ପରିମାଣରେ କଳୁଷିତ ହେଉନାହିଁ ।

□□□

# ମହିଳା ପ୍ରସ୍ଥିତି

ପାରେଙ୍ଗା ସମାଜରେ ମହିଳାମାନଙ୍କୁ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରନ୍ତି । ସେମାନଙ୍କର ସମାଜରେ ମହିଳାମାନଙ୍କ ସ୍ୱତନ୍ତ୍ର ସ୍ଥାନ ଅଛି । ପରିବାରର ଅଗ୍ରଗତି କ୍ଷେତ୍ରରେ ମହିଳାମାନଙ୍କ ଯଥେଷ୍ଟ ଭୂମିକା ରହିଛି । ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ଏବଂ ସମସ୍ତଙ୍କ ମନ ନେଇ ସମାଜରେ ଚଳିବା ପାରେଙ୍ଗା ମହିଳାମାନଙ୍କ ମୁଖ୍ୟ କର୍ତ୍ତବ୍ୟ । ମହିଳାମାନେ ଅତ୍ୟନ୍ତ ଶାନ୍ତି ପ୍ରିୟ ଏବଂ ନମ୍ର ସ୍ୱଭାବର ଅଟନ୍ତି । ପ୍ରତ୍ୟେକ କାର୍ଯ୍ୟ କରିବା ପୂର୍ବରୁ ବୁଝି ବିଚାରି କରନ୍ତି । ପାରେଙ୍ଗା ସମାଜରେ ମହିଳାମାନଙ୍କୁ ମା' ଭଳି ଦେଖିଥାଆନ୍ତି । ମହିଳାମାନେ ସାଧାରଣତଃ ପରିବାରର ବଂଶବୃଦ୍ଧି, ଗୃହର ସମସ୍ତ କାର୍ଯ୍ୟ ସନ୍ତାନଙ୍କ ଲାଳନପାଳନ, ପୁରୁଷ ଲୋକଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବା ଇତ୍ୟାଦି କାର୍ଯ୍ୟ କରନ୍ତି । ପାରେଙ୍ଗା ପରିବାରରେ କନ୍ୟା ଜନ୍ମ ନେଲେ ସେମାନେ ବହୁତ ଖୁସି ହୁଅନ୍ତି କାରଣ କନ୍ୟା ଜଣକ ଗୃହ କାର୍ଯ୍ୟ କରିବା ସହିତ ବିବାହ ବେଳେ କନିଆଁ ସୁନା ହିସାରେ ଟଙ୍କା ଓ ମଦ ମିଳିବ । ଜଣେ ମହିଳାର ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ପୂଜାପାଠ କରାଯାଏ । ଗର୍ଭବସ୍ଥାରେ ଥିବା ମହିଳାର ଗର୍ଭ ନଷ୍ଟ ନ ହେବା ପାଇଁ ଦିଶାରୀଙ୍କୁ ଡାକି ଭଲ ତିଥି, ବାର, ନକ୍ଷତ୍ର ଦେଖି ପୂଜାପାଠ କରାଯାଏ । ଗର୍ଭଧାରଣ କରିଥିବା ମହିଳାର ପ୍ରସବ ପୂର୍ବରୁ ତା' ପାଇଁ ତିନିଥର ପୂଜାପାଠ କରାଯାଏ । ଢେଲାବାଟ, ସାଙ୍ଗାମା ଓ ତପାରାଙ୍ଗଣୀ ତିନୋଟି ସ୍ଥାନରେ ପୂଜାପାଠ କରାଯାଏ । କନ୍ୟାଟି ଜନ୍ମ ହେବା ପରେ ନାମକରଣ ଦିନ ମଧ୍ୟ ପାରେଙ୍ଗାମାନେ ଦିଶାରୀଙ୍କୁ ଡାକି ପୂଜାପାଠ କରନ୍ତି ଯେପରିକି କନ୍ୟାଟି ଉପରେ କାହାର ଅଶୁଭ ଦୃଷ୍ଟି ନ ପଡୁ । ପାରେଙ୍ଗା ସମାଜରେ, କାନଫୋଡ଼ା କିମ୍ବା ଜଣକୁ ନାଇବା ସମୟରେ ସେମିତି କିଛି ପୂଜାପାଠର ବ୍ୟବସ୍ଥା ନାହିଁ । କନ୍ୟାଟିର ଯୌବନ ପ୍ରାପ୍ତି ବେଳେ ସେମାନେ ଦିଶାରୀ ସହ ଯୋଗାଯୋଗ କରନ୍ତି ଯଦି ଅଶୁଭ ବେଳାରେ ହୋଇଥାଏ ତେବେ ଦିଶାରୀଙ୍କ କହିବାନୁସାରେ ପୂଜାପାଠ କରାଯାଇଥାଏ । ଏହାପରେ କନ୍ୟାର ବିବାହ ବେଳେ ମଧ୍ୟ ପୂଜାପାଠ କରାଯାଏ ।

ପାରେଙ୍ଗା ସମାଜରେ ଝିଅମାନଙ୍କୁ ସମସ୍ତେ ଆଦର ଏବଂ ସ୍ନେହ କରନ୍ତି ଏବଂ ବୟସ୍କ ଲୋକମାନେ ନିଜ ଝିଅ ଭଳି ଦେଖନ୍ତି । ପାରେଙ୍ଗା ଝିଅଟି ମଧ୍ୟ ସମସ୍ତଙ୍କୁ କାର୍ଯ୍ୟରେ

ଯଥା ସମ୍ଭବ ସାହାଯ୍ୟ କରେ। ବିଶେଷ କରି ଗୃହ କାର୍ଯ୍ୟରେ ମା'ଙ୍କୁ ବହୁତ ସାହାଯ୍ୟ କରେ। କେତେକ କ୍ଷେତ୍ରରେ ବାପାଙ୍କୁ ମଧ୍ୟ ଜମିବାଡ଼ି କାମରେ ସାହାଯ୍ୟ କରିଥାଏ। ଘରେ ଯଦି କେଜେ ବାପା, କେଜେ ମା ଥାଆନ୍ତି ତାଙ୍କର ସେବା, ଶୁଶ୍ରୂଷା କରେ। ପାରେଙ୍ଗା ଝିଅଟି ଯେତେବେଳେ ବିବାହ କରି ବୋହୂ ହୋଇଥାଏ ସେତେବେଳେ ସେ ତା'ର ଶାଶୁ ଘରର ସମସ୍ତଙ୍କ ମନକୁ ନେଇ ଚଳେ। ଜଣେ ପାରେଙ୍ଗା ମହିଳା ସାଧାରଣତଃ ବିଭିନ୍ନ ଅବସ୍ଥା ଦେଇ ଗତି କରିଥାଏ, ଝିଅ, ଭଉଣୀ, ନାତୁଣୀ, ସ୍ତ୍ରୀ, ବୋହୂ, ମା' ଇତ୍ୟାଦି । ଯେତେବେଳେ ସେ ଶାଶୁ ଘରର ବୋହୂ ହୋଇଯାଏ ଶାଶୁ, ଶଶୁରଙ୍କ କଥା ମାନି ଚଳେ ଏବଂ ଶାଶୁ, ଶ୍ୱଶୁରଙ୍କ ସେବା ଶୁଶ୍ରୂଷା କରେ। ଘରେ ରୋଷେଇ କରି ସମସ୍ତଙ୍କୁ ଖାଇବାକୁ ଦିଏ ଏବଂ ସ୍ୱାମୀକୁ ମଧ୍ୟ ପ୍ରତ୍ୟେକ କାର୍ଯ୍ୟରେ ସାହାଯ୍ୟ କରେ। ମହିଳାମାନେ ସାଧାରଣତଃ ଘରର ସମସ୍ତ କାର୍ଯ୍ୟ ଯଥା - ରୋଷେଇ ବାସ କରିବା, ପିଲାଛୁଆଙ୍କ ଯତ୍ନ ଦେବା, ହାଟ କରିବା, ଜମିବାଡ଼ି କାମ କରିବା, ଶାଶୁ, ଶଶୁରଙ୍କ ସେବାଶୁଶ୍ରୂଷା କରିବା ଇତ୍ୟାଦି କରିଥାଆନ୍ତି। ପାରେଙ୍ଗା ବୋହୂଟି ଯେତେବେଳେ ମା' ହୁଏ ତା'ର ଜଞ୍ଜାଳ ଆହୁରି ବଢ଼ିଯାଏ। ଘରର ସମସ୍ତ କାର୍ଯ୍ୟ କରିବା ସହିତ ପିଲାଛୁଆଙ୍କ ଯତ୍ନ ନେବା ଇତ୍ୟାଦି କାର୍ଯ୍ୟ କରିଥାଏ । ସେମାନଙ୍କ ସମାଜରେ କୌଣସି କ୍ଷେତ୍ରରେ ମହିଳାମାନଙ୍କ ପାଇଁ ଖାଦ୍ୟ ନିଷେଧାଜ୍ଞା ପ୍ରାୟ ନ ଥାଏ। ଗର୍ଭ ଧାରଣ କରିବା ପୂର୍ବରୁ କେତେକ ଖାଦ୍ୟ ଉପରେ କଟକଣା ଥାଏ ଏବଂ ପ୍ରସବ କରିବା ପରେ ପ୍ରଥମ ତିନିଥର ଦୁଇ ମୁଠା ଲେଖାଏଁ ଚାଉଳର ଭାତ ଖାଇବା ପରେ ସମସ୍ତ ଖାଦ୍ୟ ଖାଇଥାଏ। ଧର୍ମୀୟ କ୍ଷେତ୍ରରେ କେତେକ ସମୟରେ ମହିଳାମାନଙ୍କ ପାଇଁ ବାରଣ ଥାଏ। ପାରେଙ୍ଗା ମହିଳା ମାସିକ ଋତୁକାଳରେ ଅପବିତ୍ର ଥିବା ସମୟରେ ଧର୍ମୀୟ କେନ୍ଦ୍ରକୁ ଯାଆନ୍ତି ନାହିଁ। ଯେଉଁ ପାରେଙ୍ଗା ମହିଳା ଖ୍ରିଷ୍ଟିୟାନ ଧର୍ମ ଗ୍ରହଣ କଲା। ତାକୁ ମଧ୍ୟ ଧର୍ମୀୟ କେନ୍ଦ୍ରକୁ ପ୍ରବେଶ କରାଇ ଦିଅନ୍ତି ନାହିଁ। ବର୍ତ୍ତମାନ ପ୍ରାୟ ପାରେଙ୍ଗା ମହିଳାମାନେ ରାଜନୈତିକ କ୍ଷେତ୍ରରେ ଭାଗ ନେଲେଣି, କିନ୍ତୁ କେତେକ ପରିବାରରେ ମହିଳାମାନଙ୍କୁ ରାଜନୈତିକ କ୍ଷେତ୍ରରେ ଭାଗ ନେବା ପାଇଁ, ନିଷେଧାଦେଶ ଅଛି। ପାରେଙ୍ଗା ସମାଜରେ କନ୍ୟାଟି ବିବାହ କରିସାରିବା ପରେ ତା'ର ବାପ ଘର ସମ୍ପତ୍ତି ଉପରେ କୌଣସି ଅଧିକାର ନାହିଁ। କିନ୍ତୁ ଯଦି କୌଣସି ଲୋକର ପୁଅ ନ ଥାଏ କେବଳ ଗୋଟିଏ ଝିଅ ଥାଏ ସେ ଯଦି ଘରଜ୍ୱାଇଁ ଆଣି ରଖେ ତେବେ ଉକ୍ତ ସମ୍ପତ୍ତିକୁ ଝିଅ ଭୋଗ କରେ। ଯଦି ଝିଅଟି ବିବାହ କରି ତା'ର ଶାଶୁ ଘରେ ରୁହେ ତେବେ ଯୌତୁକ ସମ୍ପତ୍ତିରେ ତା'ର କୌଣସି ଅଧିକାର ନାହିଁ। ବର୍ତ୍ତମାନ କେତେକ କ୍ଷେତ୍ରରେ ଝିଅମାନେ ଆସି ପୈତୃକ ସମ୍ପତ୍ତି ଉପରେ ନିଜର ଅଧିକାର ଜାହିର କରୁଛନ୍ତି।

ପାରେଙ୍ଗା ସମାଜରେ ମହିଳାମାନଙ୍କୁ ଅଭିନୟ କ୍ଷେତ୍ରରେ ନିଷେଧାଦେଶ କରାଯାଇଥାଏ। କିନ୍ତୁ ଅବିବାହିତ ଝିଅମାନେ ବିଭିନ୍ନ ପ୍ରକାର ଅଭିନୟ କାର୍ଯ୍ୟକ୍ରମରେ

ଭାଗ ନେଉଛନ୍ତି । ପାରେଙ୍ଗା ମହିଳାମାନଙ୍କ କଥାବାର୍ତ୍ତା ଅତ୍ୟନ୍ତ ସରଳ ଓ ସୁମଧୁର । ବିଶେଷ କରି ଗୁରୁଜନ / ବୟସ୍କ ଲୋକଙ୍କ ସମ୍ମୁଖରେ କଥାବାର୍ତ୍ତା କରିବା ପାଇଁ ନିଷେଧାଦେଶ ଥାଏ ।

**ସୁବିଧା ସୁଯୋଗ :**

ଅର୍ଥନୈତିକ କ୍ଷେତ୍ରରେ ପାରେଙ୍ଗା ସମାଜରେ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପରିବାରରେ ଅର୍ଥ ଗଚ୍ଛାଘରର ଚାବିକାଠି ମହିଳାମାନଙ୍କ ହାତରେ ଥାଏ । ସେମାନେ ଅର୍ଥର ଦେଣନେଣ ଖର୍ଚ୍ଚ ଇତ୍ୟାଦି କରିଥାଆନ୍ତି । ପୁରୁଷଲୋକମାନେ ଏ ସମ୍ବନ୍ଧରେ ବୁଝନ୍ତି ନାହିଁ, କାରଣ ସେମାନଙ୍କ ନିକଟରେ ଟଙ୍କା ରହିଲେ ସବୁ ମଦ୍ୟପାନ କରି ଦେବେ ବୋଲି ପାରେଙ୍ଗା ମହିଳାମାନେ ମତବ୍ୟକ୍ତ କରନ୍ତି । ମହିଳାମାନେ ମଧ୍ୟ କୁଲି ବୃତ୍ତି କରି କିଛି ଅର୍ଥ ଉପାର୍ଜନ କରନ୍ତି । କେତେକ ପାରେଙ୍ଗା ମହିଳା ଏକତ୍ରିତ ହୋଇ ସ୍ୱୟଂ ସହାୟକ ଗୋଷ୍ଠି ଗଠନ କରି ବ୍ୟାଙ୍କ ଋଣ ଆଣି ବ୍ୟବସାୟ କରୁଛନ୍ତି ଏବଂ ସରକାରଙ୍କ ତରଫରୁ ମିଳୁଥିବା ଖାଉଟି ଦ୍ରବ୍ୟ ଯଥା - ଚିନି, କିରୋସିନି, ଗହମ, ଚାଉଳ ଇତ୍ୟାଦିକୁ ଗ୍ରାମରେ ସୁଲଭ ମୂଲ୍ୟରେ ବଣ୍ଟନ କରୁଛନ୍ତି । ଯାହା ଦ୍ୱାରା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଘଟିଅଛି । ସାମାଜିକ କ୍ଷେତ୍ରରେ ମଦ୍ୟପାନ ନିରାକରଣ ପାଇଁ ଗ୍ରାମ ଗ୍ରାମ ବୁଲି ଜନସଚେତନତା ସୃଷ୍ଟି କରୁଛନ୍ତି । ଗ୍ରାମର ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ମଧ୍ୟ ପାରେଙ୍ଗା ମହିଳାମାନେ ହସ୍ତକ୍ଷେପ କରୁଛନ୍ତି । ରାଜନୈତିକ କ୍ଷେତ୍ରରେ ପାରେଙ୍ଗା ମହିଳାମାନଙ୍କୁ ପୁରୁଷ ଲୋକମାନେ ଅଗ୍ରାଧିକାର ଦିଅନ୍ତି ନାହିଁ । କିନ୍ତୁ ବର୍ତ୍ତମାନ ମହିଳାମାନେ ରାଜନୈତିକ କ୍ଷେତ୍ରରେ ଭାଗ ନେଲେଣି । ଆଗରୁ ଗ୍ରାମ ସଭାକୁ ମହିଳାମାନେ ଆସୁ ନଥିଲେ ଯାହା କହିବାର ଥାଏ ସ୍ୱାମୀ ଜରିଆରେ ଜଣାନ୍ତି । କିନ୍ତୁ ବର୍ତ୍ତମାନ ମହିଳାମାନେ ଗ୍ରାମ ସଭାରେ ଉପସ୍ଥିତ ରହି ପ୍ରତ୍ୟକ୍ଷ ଭାବରେ ନିଜର ବକ୍ତବ୍ୟ ଉପସ୍ଥାପନ କରୁଛନ୍ତି । ଆଧୁନିକ ପଞ୍ଚାୟତରାଜ ବ୍ୟବସ୍ଥାରେ ପାରେଙ୍ଗା ମହିଳାମାନେ ଭାଗ ନେଲେଣି ।

ପାରେଙ୍ଗା ମହିଳାମାନେ ନିଜ ଦାୟିତ୍ୱବୋଧ ସମ୍ପର୍କରେ ଅତ୍ୟନ୍ତ ସଚେତନ । ଘରେ ରୋଷେଇବାସ କରି ସମସ୍ତଙ୍କୁ ଖାଇବାକୁ ଦେବା, ପିଲାଛୁଆଙ୍କ ଯତ୍ନ ନେବା ସ୍ୱାମୀଙ୍କୁ ଜମିବାଡ଼ି କାର୍ଯ୍ୟରେ ସାହାଯ୍ୟ କରିବା, ଶାଶୁ, ଶଶୁରଙ୍କ ସେବା କରିବା, ଇତ୍ୟାଦି କାର୍ଯ୍ୟ ଜଣେ ପାରେଙ୍ଗା ମହିଳା କରିଥାଏ । ଘର କାର୍ଯ୍ୟ ବ୍ୟତୀତ ହାଟକୁ ଯାଇ କିଣାବିକା କରିବା, ଜଂଗଲରୁ କାଠ ଆଣିବା ଇତ୍ୟାଦି କାର୍ଯ୍ୟ ମଧ୍ୟ କରିଥାନ୍ତି । ପାରେଙ୍ଗା ସମାଜରେ ଏକ ସନ୍ତାନହୀନ ମହିଳାଙ୍କୁ କୌଣସି ଶୁଭକାର୍ଯ୍ୟରେ ଯୋଗଦାନ ପାଇଁ ଅନୁମତି ମିଳି ନଥାଏ । ପାରେଙ୍ଗାମାନେ କିଛି ନ କହିଲେ ମଧ୍ୟ ସେହି ସନ୍ତାନହୀନ ମହିଳା ଜଣକ କୌଣସି

ଅର୍ଥନୈତିକ କାର୍ଯ୍ୟ କିମ୍ବା ଶୁଭ କାର୍ଯ୍ୟରେ ନିଜ ଇଚ୍ଛାନୁସାରେ ଯୋଗ ଦିଏ ନାହିଁ। ଏକ ସନ୍ତାନହୀନ ମହିଳା ପାଇଁ ସମାଜରେ କେତେକ ବାରଣ ଥାଏ। ରସ ଦେଉଥିବା ସଲପ ଗଛ ମୂଳକୁ ସେମାନଙ୍କୁ ଯିବା ପାଇଁ ନିଷେଧ। ପ୍ରସବ ସମୟରେ ମଧ୍ୟ ସନ୍ତାନହୀନ ମହିଳାଙ୍କୁ ପ୍ରବେଶ ନିଷେଧ ବୋଲି ବାରଣ କରାଯାଇଥାଏ।

ପାରେଙ୍ଗା ସମାଜରେ ଯେଉଁ ମହିଳା ସ୍ୱାମୀ ଛାଡ଼ି କରି ଆସି ବାପ ଘରେ ରହୁଥାନ୍ତି ସେ ବାପଘରର ଠାକୁର ଘର ଏବଂ ଭଣ୍ଡାର ଘର (ଯେଉଁଠାରେ ଖାଦ୍ୟ ଶସ୍ୟ ରଖାଯାଇଥାଏ) ମଧ୍ୟରେ ପ୍ରବେଶ କରନ୍ତି ନାହିଁ, କାରଣ ସେ ତାଙ୍କ ଶାଶୁ ଘରର ଚରୁ ଖାଇଥାନ୍ତି। ପାରେଙ୍ଗାମାନେ ସାଧାରଣତଃ ଆମ୍ବନୂଆଖିଆ ପରବ ଏବଂ ଧାନ ନୂଆଖିଆ ପର୍ବରେ, ଧାନ / ଆମ୍ବ ଖାଇବା ପୂର୍ବରୁ ଫିଦର ଦେବତାଙ୍କ ନିକଟରେ ପୂଜାପାଠ କରିଥାଆନ୍ତି। ସେଠାରେ ଯେଉଁ ବଳି ପକାଇଥାଆନ୍ତି ସେହି ମାଂସକୁ ଆମ୍ବ ସହ ମିଶାଇ ଭୋଗ କରାଯାଇଥାଏ। ତାହାକୁ ଚରୁ ବୋଲି କୁହନ୍ତି । ସେହି ଚରୁ ଯଦି ଜଣେ ମହିଳା ତାଙ୍କ ଶାଶୁ ଘରେ ଖାଇଥାନ୍ତି ତେବେ ସେ ତାଙ୍କ ବାପ ଘରର ଠାକୁର ଘର ଏବଂ ଭଣ୍ଡାର ଘର ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ। ପାରେଙ୍ଗା ସମାଜରେ ପରିତ୍ୟକ୍ତା ମହିଳାକୁ ହୀନ ଦୃଷ୍ଟିରେ ଦେଖନ୍ତି ନାହିଁ କିମ୍ବା ସେ କୌଣସି କାର୍ଯ୍ୟରେ ଯୋଗ ଦେଲେ ଅଶୁଭ ହୁଏ ନାହିଁ ବୋଲି ପାରେଙ୍ଗାମାନେ କୁହନ୍ତି।

ପାରେଙ୍ଗା ସମାଜରେ ଜଣେ ବିଧବା ମହିଳାକୁ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରନ୍ତି। ସମାଜରେ ତାଙ୍କ ପାଇଁ କୌଣସି ନିଷେଧାଜ୍ଞାନ ନାହିଁ। ଯଦି ସେହି ବିଧବା ମହିଳା ଆଉ ଜଣେ ପୁରୁଷକୁ ଗ୍ରହଣ କରନ୍ତି ତେବେ ଭଲ, କିନ୍ତୁ ସେ ଯଦି ବିବାହ କରନ୍ତି ନାହିଁ, ତେବେ ତାଙ୍କ ପରିବାର ଚଳିବା ପାଇଁ ପାରେଙ୍ଗାମାନେ ବନ୍ଦୋବସ୍ତ କରନ୍ତି। ବିଧବା ମହିଳା ଜଣକ ଯଦି ତାଙ୍କ ବାପ ଘରକୁ ପଳାଇ ଆସନ୍ତି ତେବେ ସେ ବାପ ଘରର ଠାକୁର ଘର ଏବଂ ଭଣ୍ଡାର ଘର ମଧ୍ୟକୁ ପ୍ରବେଶ କରିବାକୁ ବାରଣ ଥାଏ। ବିଧବା ମହିଳା ଜଣକ ବାପ ଘରେ ରହିବା ପରେ ବାପା, ମା' ଓ ଭାଇଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ସାହାଯ୍ୟ କରେ। ଗ୍ରାମରେ ଅନୁଷ୍ଠିତ ହେଉଥିବା ପ୍ରତ୍ୟେକ ସାମାଜିକ କାର୍ଯ୍ୟକ୍ରମରେ ଭାଗ ନେଇଥାଏ। ପାରେଙ୍ଗା ସମାଜରେ ଯଦି ଜଣେ ମହିଳାକୁ ମାର୍ଗରେ ପରିଚାଳିତ ହୁଏ, ତେବେ ସେହି ସମାଜ ଦ୍ୱାରା ସାମାଜିକ, ଅର୍ଥନୈତିକ ତଥା ଶାରିରୀକ ଦଣ୍ଡରେ ଦଣ୍ଡିତ ହୋଇଥାଏ। ଲୋକମାନେ ତାକୁ ହୀନ ଚକ୍ଷୁରେ ଦେଖନ୍ତି। ସମାଜରେ ତା'ର କୌଣସି ସ୍ଥାନ ନାହିଁ ବୋଲି ସେମାନେ କୁହନ୍ତି ଏବଂ ତାକୁ ସମାଜରୁ ବାସନ୍ଦ କରିଦିଅନ୍ତି। ସେହି ମହିଳାର ପରିବାର ଯଦି ସମାଜକୁ ଜାତି ଦିଏ ତେବେ ସେ ସମାଜରେ ମିଶି ପାରିବେ। କେତେକ କ୍ଷେତ୍ରରେ ଜାତିହେବା ସମୟରେ ମଧ୍ୟ ଅର୍ଥ ଆକାରରେ କିଛି ଟଙ୍କା ଦେବାକୁ ପଡ଼ିଥାଏ। ବେଳେବେଳେ ମଧ୍ୟ ପାରେଙ୍ଗା

ସମାଜରେ ଭ୍ରଷ୍ଟ ଚରିତ୍ର ନା ବ୍ୟଭିଚାରରେ ଲିପ୍ତ ଥିବା ମହିଳାକୁ ସଦର ଗ୍ରାମ ସଭା ଡକାଇ ଶାରିରୀକ ଦଣ୍ଡ ଦିଆଯାଉଛି । ବିଶେଷ କରି ପାରେଙ୍ଗା ସମାଜରେ ବିପଥଗାମୀ ମହିଳାମାନଙ୍କୁ ସ୍ନେହ ଆଦର କରନ୍ତି ନାହିଁ ।

ପାରେଙ୍ଗା ସମାଜରେ ଡାହାଣୀ ମହିଳାକୁ ସମ୍ମୁଖରେ କିଛି ନ କହିଲେ ମଧ୍ୟ କେତେଗୁଡ଼ିଏ ଲକ୍ଷଣରୁ ସେମାନେ ଡାହାଣୀ ମହିଳା ବୋଲି ଚିହ୍ନଟ କରନ୍ତି । ସେହି ଜଣକୁ ବରପତ୍ରରେ ଲୁଣ ଦେଲେ ସେ ଗ୍ରହଣ କରେ ନାହିଁ । ପାରେଙ୍ଗା ସମାଜରେ ଡାହାଣୀ ମହିଳାମାନଙ୍କୁ ଲୋକମାନେ ହତାଦର କରନ୍ତି । ଘର ମଧ୍ୟକୁ ପ୍ରବେଶ କରାଇ ଦିଅନ୍ତି ନାହିଁ କିମ୍ୱା ପାଖରେ ମଧ୍ୟ ବସାନ୍ତି ନାହିଁ । ଡାହାଣୀ ମହିଳା ଯଦି ଘରବାଟ ଦେଇ ଯାଉଥାଏ ତେବେ ଛୋଟ ଛୋଟ ପିଲାମାନଙ୍କୁ ତା'ର ସମ୍ମୁଖକୁ ଆଣନ୍ତି ନାହିଁ । ପ୍ରସବ କରିବାକୁ ଥିବା ମହିଳା ନିକଟକୁ ତାକୁ ଛାଡ଼ନ୍ତି ନାହିଁ । ରାତ୍ରିରେ ଆସି ଛୋଟ ପିଲାମାନଙ୍କର ରକ୍ତ ପିଇଯାଏ ବୋଲି ପାରେଙ୍ଗାମାନେ ବିଶ୍ୱାସ କରନ୍ତି । କୌଣସି ଶୁଭ କାର୍ଯ୍ୟରେ ଯାଉଥିଲେ ତାକୁ ଦେଖିଲେ କାର୍ଯ୍ୟ ଅଶୁଭ ହୁଏ ବୋଲି ଭାବି ଥାଆନ୍ତି । ଖାଉଥିବା ସମୟରେ ଡାହାଣୀ ମହିଳା ଯଦି ସେହି ବାଟ ଦେଇ ଚାଲିଯାଏ, ତେବେ ଖାଦ୍ୟ ଉପରେ ତା'ର କୁନଜର ପଡ଼ିଯାଏ ଏବଂ ଖାଉଥିବା ଲୋକକୁ ଜ୍ୱର ଝାଡ଼ା ହୁଏ ବୋଲି ବିଶ୍ୱାସ କରନ୍ତି । ଡାହାଣୀ ମହିଳାମାନେ କୁଆଁରୀ ବିଦ୍ୟା ଶିଖି ଥାଆନ୍ତି । ରାତ୍ରିକାଳରେ ଶ୍ମଶାନରେ କିମ୍ୱା ମଳ ପଡ଼ିଆରେ ସମ୍ପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ନାଚନ୍ତି ବୋଲି ସେମାନେ ମତବ୍ୟକ୍ତ କରିଥାଆନ୍ତି । ରାତ୍ରି କାଳରେ ସେ ଘରକୁ ଆସିଲେ କବାଟ ଆପେ ଆପେ ଖୋଲିଯାଏ ଏବଂ ସେ ଘର ମଧ୍ୟକୁ ପ୍ରବେଶ କରି ଲୋକମାନଙ୍କର ରକ୍ତ ଶୋଷି ନିଏ ବୋଲି କୁହନ୍ତି । ଡାହାଣୀ ମହିଳାଙ୍କୁ ପାରେଙ୍ଗା ସମାଜରେ ଲୋକମାନେ ହୀନ ଚକ୍ଷୁରେ ଦେଖି ଥାଆନ୍ତି ।

ପାରେଙ୍ଗା ସମାଜରେ ପିତୃମାତୃହୀନ ମହିଳାକୁ ପାରେଙ୍ଗାମାନେ ସହାନୁଭୂତି ପ୍ରଦର୍ଶନ କରନ୍ତି । ପିତା, ମାତା ମରିଯିବା ପରେ ସେହି ମହିଳାର ଯଦି ଭାଇ ନଥାଏ ତେବେ ସେ କିପରି ଚଳିବ ସେମାନେ ବ୍ୟବସ୍ଥା କରନ୍ତି । ପ୍ରତ୍ୟେକ କାର୍ଯ୍ୟରେ ତାକୁ ସାହାଯ୍ୟ ସହଯୋଗ କରନ୍ତି । ବିଶେଷ କରି ସମାଜରେ ଲୋକମାନେ ତାକୁ ସ୍ନେହ ଆଦର କରନ୍ତି । ମହିଳା ଗୋତି କାର୍ଯ୍ୟ ପାରେଙ୍ଗା ସମାଜରୁ ପ୍ରାୟ ଉଠିଗଲାଣି । ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ବର୍ଷକୁ ଶହେଦିନ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଦ୍ୱାରା ମହିଳାମାନେ ସେଠାରେ କାର୍ଯ୍ୟ କରି କିଛି ଅର୍ଥ ଉପାର୍ଜନ କରୁଛନ୍ତି । ମହିଳା କିମ୍ୱା ପରିତ୍ୟକ୍ତା ମହିଳା କ୍ଷେତ୍ରରେ ଯଦି ସେମାନଙ୍କର ବାପା, ଭାଇ ନ ଥାଆନ୍ତି ତେବେ ସେମାନେ ନିଜ ସମ୍ପର୍କୀୟଙ୍କ ଘରେ ରହି ତାଙ୍କୁ ବିଭିନ୍ନ କାର୍ଯ୍ୟରେ ସାହାଯ୍ୟ କରିଥାଆନ୍ତି ଏବଂ ଖାଇ ପିଇ ତାଙ୍କ ଘରେ ରୁହନ୍ତି । ପୁରୁଷମାନଙ୍କ ଅପେକ୍ଷା ମହିଳାମାନଙ୍କ ଶ୍ରମ ବିଭାଜନ ଦ୍ୱାରା ପ୍ରତ୍ୟେକ, ପ୍ରତ୍ୟେକଙ୍କୁ ଯଥେଷ୍ଟ

ସାହାଯ୍ୟ ସହଯୋଗ କରିଥାଆନ୍ତି। କୃଷି କ୍ଷେତ୍ର ଠାରୁ ଆରମ୍ଭ କରି ଭୋଜିଭାତ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ମହିଳାମାନେ ଶ୍ରମ ବିଭାଜନ ଦ୍ୱାରା କାର୍ଯ୍ୟ କରିଥାଆନ୍ତି। ଶ୍ରମ ବିଭାଜନ କହିଲେ ଗ୍ରାମର କେତେକ ମହିଳା ଏକତ୍ରିତ ହୋଇ ଜଣଙ୍କର କାର୍ଯ୍ୟ କରିସାରିବା ପରେ ଆଉ ଜଣଙ୍କର କାର୍ଯ୍ୟ କରିବା ବୋଲି ମହିଳାମାନେ ମତବ୍ୟକ୍ତ କରନ୍ତି। କୃଷିକ୍ଷେତ୍ରରେ ଧାନ ରୋପଣ କରିବା, ଧାନ କାଟିବା ଇତ୍ୟାଦି କାର୍ଯ୍ୟ ଶ୍ରମ ବିଭାଜନ ଦ୍ୱାରା କରିଥାଆନ୍ତି। ଶ୍ରମ ବିଭାଜନ କ୍ଷେତ୍ରରେ ମହିଳାମାନଙ୍କୁ କିଛି ପାରିଶ୍ରମିକ ଦେବାକୁ ପଡ଼େ ନାହିଁ। ଯାହାର କାର୍ଯ୍ୟ କରାଯାଉଥାଏ ସିଏ କେବଳ ଟିଫିନ୍ ଆକାରରେ କିଛି ଖାଦ୍ୟ ଏବଂ ମଦ୍ୟପାନ ଟଙ୍କା ଦେଇଥାଆନ୍ତି। ଗ୍ରାମରେ ଯଦି କୌଣସି ଲୋକର ବିବାହ ଭୋଜି କିମ୍ବା ଦଶାହ ଭୋଜି କରାଯାଏ; ତେବେ ଗ୍ରାମର ସମସ୍ତ ମହିଳା ଏକତ୍ରିତ ହୋଇ ଜଂଗଲରୁ କାଠ ଆଣିବା ଏବଂ ପାଣି ବୋହି କରି ଦେବା ଇତ୍ୟାଦି କାର୍ଯ୍ୟ କରିଥାଆନ୍ତି। ତାହା ବଦଳରେ ସେମାନେ କେବଳ ଖାଇଥାଆନ୍ତି। ମହିଳାମାନଙ୍କ ଏହି ଶ୍ରମ ସହଯୋଗ ଦ୍ୱାରା ବହୁତ ବଡ଼ ବଡ଼ କାର୍ଯ୍ୟ ଅତି ସୁରୁଖୁରୁରେ ହୋଇଯାଏ।

ବଂଶ କ୍ଷେତ୍ରରେ ମଧ୍ୟ ମହିଳାମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମହିଳାମାନେ ଜଂଗଲରୁ ବିଭିନ୍ନ ପ୍ରକାର କଳା, ଫଳ, ମୂଳ, ଛତୁ ଇତ୍ୟାଦି ସଂଗ୍ରହ କରିଥାଆନ୍ତି। କେତେକ ଜଂଗଲ ଜାତଦ୍ରବ୍ୟକୁ ସେମାନେ ଖାଇବା ସହିତ କେତେକ ଦ୍ରବ୍ୟକୁ ବଜାରରେ ବିକ୍ରି କରି କିଛି ଅର୍ଥ ଉପାର୍ଜନ କରନ୍ତି। ଜଂଗଲରୁ ଜାଳେଣି ମଧ୍ୟ କାଠ ମଧ୍ୟ ସଂଗ୍ରହ କରିଥାଆନ୍ତି। ଗ୍ରାମରେ କୌଣସି ଲୋକଙ୍କ ଭୋଜି କିମ୍ବା ଦଶାହ କାର୍ଯ୍ୟ ଇତ୍ୟାଦିରେ ମହିଳାମାନେ ଜଂଗଲରୁ କାଠ ସଂଗ୍ରହ କରିଥାଆନ୍ତି। ଗୃହନିର୍ମାଣରେ ମଧ୍ୟ ଆବଶ୍ୟକ ହେଉଥିବା କାଠ ମହିଳା ଜଙ୍ଗଲରୁ ଆଣିଥାଆନ୍ତି। କହିବାକୁ ଗଲେ, ପାରେଙ୍ଗା ମହିଳା ଜଂଗଲ ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ।

ଜମିବାଡ଼ି କାର୍ଯ୍ୟରେ ମଧ୍ୟ ପାରେଙ୍ଗା ମହିଳାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗୃହକାର୍ଯ୍ୟ କରିବା ସହିତ ପାରେଙ୍ଗା ମହିଳା ତା'ର ସ୍ୱାମୀ ସହ ମିଶି ଜମିବାଡ଼ି କାର୍ଯ୍ୟ କରେ। ଜମିରେ ଧାନ ବୁଣିବା ପାଖରୁ ବୋହି କରି ଆଣିବା ଇତ୍ୟାଦି ସମସ୍ତ କାର୍ଯ୍ୟ ପାରେଙ୍ଗା ମହିଳା କରିଥାନ୍ତି। କେବଳ ଜମିରେ ହଳ ବୁଲାଇବାକୁ ଛାଡ଼ିଦେଲେ ପ୍ରାୟ ଜଣେ ପାରେଙ୍ଗା ମହିଳା ଜମିର ସମସ୍ତ କାର୍ଯ୍ୟ କରିଥାନ୍ତି। କେତେକ କ୍ଷେତ୍ରରେ ଯଦି ସେମାନଙ୍କର କେହି ନଥାଆନ୍ତି, ତେବେ ପାରେଙ୍ଗା ମହିଳାମାନେ ମଧ୍ୟ ହଳ ବୁଲାଇଥାଆନ୍ତି। ବର୍ତ୍ତମାନ କାଣ୍ଡିଗ୍ରାମର କେତେକ ମହିଳା ଏକତ୍ରିତ ହୋଇ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ବ୍ଲକ୍ ତରଫରୁ କୋଡ଼ିଏ କୁଇଣ୍ଟାଲ ଅଦା ଆଣି ଦୁଇ ଏକର ଜମିରେ ଚାଷ କରିଛନ୍ତି। କେତେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସରକାରଙ୍କ ତରଫରୁ ପନିପରିବା ଚାଷ କରିବା ପାଇଁ ଓ ପାଣି ପମ୍ପ

୫୦% ଛାଡ଼ରେ ଯୋଗାଇ ଦେଇଛନ୍ତି । ମହିଳାମାନେ ମଧ୍ୟ ପନିପରିବା ଚାଷ କରି ବଜାରରେ ବିକ୍ରି କରି ନିଜର ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିପାରୁଛନ୍ତି । କେତେ ମହିଳା ଶ୍ରମ ସହଯୋଗ ଦ୍ୱାରା ସମସ୍ତ ଖତକୁ ଜମିକୁ ବୋହି ନେଇ ଜମିରେ ପକାଇଥାନ୍ତି । ପାରେଙ୍ଗା ମହିଳା ଗୃହର ପ୍ରାୟ ସମସ୍ତ କାର୍ଯ୍ୟ କରିଥାନ୍ତି । ପିଲାଛୁଆଙ୍କ ଯତ୍ନ ନେବା, ରୋଷେଇ କରି ପରିବାରର ସମସ୍ତଙ୍କୁ ଖାଇବାକୁ ଦେବା, ଶାଶୁ, ଶ୍ୱଶୁରଙ୍କ ସେବା ଶୁଶ୍ରୂଷା କରିବା, ସ୍ୱାମୀଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ସାହାଯ୍ୟ କରିବା ଇତ୍ୟାଦି ଗୃହର ସମସ୍ତ କାର୍ଯ୍ୟ ପାରେଙ୍ଗା ମହିଳା କରିଥାନ୍ତି । ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଯଥେଷ୍ଟ କାର୍ଯ୍ୟ ଅଧିକ କରିଥାଆନ୍ତି କିନ୍ତୁ ସେମାନଙ୍କୁ କାର୍ଯ୍ୟରେ ଉତ୍ସାହ କେହି ହେଲେ ମଧ୍ୟ ଦିଅନ୍ତି ନାହିଁ । ଘରେ ଲିପାପୋଛାଠାରୁ ଆରମ୍ଭ କରି ବିଭିନ୍ନ ରଂଗର ମାଟିରେ ଘରର କାନ୍ଥରେ ବିଭିନ୍ନ ପଶୁପକ୍ଷୀଙ୍କ ଚିତ୍ର ଅଙ୍କନ କରି ଘରକୁ ସଜ୍ଜିତ କରିବା ପର୍ଯ୍ୟନ୍ତ ପାରେଙ୍ଗା ମହିଳା କରିଥାନ୍ତି ।

ବିପଣନ କ୍ଷେତ୍ରରେ ମଧ୍ୟ ପାରେଙ୍ଗା ମହିଳାମାନେ ହସ୍ତକ୍ଷେପ କରନ୍ତି । ଜମିବାଡ଼ିରୁ ଉତ୍ପାଦିତ ହେଉଥିବା ଶସ୍ୟଗୁଡ଼ିକୁ କିପରି ବିକ୍ରୟ କରାଯିବ ତାହାର ବ୍ୟବସ୍ଥା କରନ୍ତି । ଧାନ, ମାଣ୍ଡିଆ, ଅଳସି, କାଜୁ ଇତ୍ୟାଦି ମହିଳାମାନେ ମୁଣ୍ଡରେ ବୋହି ନେଇ ବିକ୍ରୟ କରନ୍ତି । ଘରର ବାଡ଼ିରେ ଲଗାଉଥିବା ପନିପରିବା କିମ୍ୱା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା (ଚାଷ କରାଯାଉଥିବା ପନିପରିବାକୁ କେତେକ କ୍ଷେତ୍ରରେ ଅଧିକ ପରିମାଣର ହେଲେ ଗାଡ଼ିରେ ନିଅନ୍ତି ଏବଂ କମ୍ ପରିମାଣର ହେଲେ ମୁଣ୍ଡରେ ବୋହି କରି ନେଇ ହାଟରେ ବିକ୍ରୟ କରନ୍ତି । ଜମିବାଡ଼ିରୁ ଉତ୍ପାଦିତ ହେଉଥିବା ଶସ୍ୟକୁ ହାଟରେ ବିକ୍ରୟ କରି ସେହି ଟଙ୍କାରେ ଘରର ଆବଶ୍ୟକୀୟ ଜିନିଷ କ୍ରୟ କରନ୍ତି । ଗ୍ରାମକୁ ଆସୁଥିବା ବିଭିନ୍ନ ବ୍ୟବସାୟୀଙ୍କ ଠାରୁ ପାରେଙ୍ଗା ମହିଳାମାନେ ଘର ଉପକରଣ ଏବଂ ଆବଶ୍ୟକୀୟ ଜିନିଷ କ୍ରୟ କରିଥାଆନ୍ତି ।

ଜମିରୁ ଉତ୍ପାଦନ କରୁଥିବା ଶସ୍ୟଗୁଡ଼ିକୁ ଅମଳ ପାଇଁ ମହିଳାମାନଙ୍କ ସାହାଯ୍ୟ ଲୋଡ଼ିଥାଆନ୍ତି । ପୁରୁଷମାନେ ଜମିରେ ଧାନ କାଟିଲେ ମହିଳାମାନେ ବୋହି କରି ଆଣି ଖଳାରେ ରଖନ୍ତି । ଖଳାରୁ ଧାନ ଅମଳ ପାଇଁ ମହିଳାମାନେ ବେଙ୍ଗଳା ପକାନ୍ତି ଏବଂ ବେଙ୍ଗଳାରେ ବଳଦ ଗୋଡ଼ାନ୍ତି । ତା'ପରେ ଧାନକୁ ଉଡ଼ାନ୍ତି ଏବଂ ଘରକୁ ବୋହି କରି ଆଣି ଭଣ୍ଡାର ଘରେ ଜମା କରନ୍ତି । ସେହିଭଳି ମାଣ୍ଡିଆ ଓ ଅଳସି ଭଳି ଶସ୍ୟକୁ ମଧ୍ୟ ପାରେଙ୍ଗା ମହିଳାମାନେ ଅମଳ କରି ଘରକୁ ଆଣନ୍ତି । କାଜୁ ଉତ୍ପାଦନ ସମୟରେ କାଜୁ ଅମଳ ପାଇଁ ପାରେଙ୍ଗା ମହିଳାମାନେ କାଜୁ ବଗିଚାରେ ସର୍ବଦା ଜଗି ରହନ୍ତି ଏବଂ ଗଛରୁ କାଜୁ ମଞ୍ଜି ତୋଳି ତାହାକୁ ବ୍ୟବସାୟୀଙ୍କୁ ବିକ୍ରୟ କରନ୍ତି । ଶସ୍ୟ ଅମଳକ୍ଷେତ୍ରରେ ପାରେଙ୍ଗା ମହିଳାମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଯେଉଁ ମାନଙ୍କର ଅଧିକ ଧାନ ଉତ୍ପାଦନ

ଏବଂ କଠାରରେ(ଖଳା) ପୂଜାପାଠ କରନ୍ତି ସେହି କ୍ଷେତ୍ରରେ ମହିଳାମାନେ କଠାରରେ ପୂଜାପାଠ ନ ସରିବା ପର୍ଯ୍ୟନ୍ତ ଖଳା ମଧ୍ୟକୁ ପ୍ରବେଶ କରନ୍ତି ନାହିଁ।

ପାରେଙ୍ଗା ମହିଳାମାନେ ଜମିରୁ ଉତ୍ପାଦନ କରୁଥିବା ଶସ୍ୟଗୁଡ଼ିକୁ ସଂରକ୍ଷଣ କରିବା ପାଇଁ ଗୃହ ମଧ୍ୟରେ ପଟା ଦେଇ ଆଟୁ କରିଥାଆନ୍ତି। ଆଟୁ ଉପରେ ବାଉଁଶ ପାତିରେ ଏକ ବଡ଼ ଡାଲା କରିଥାଆନ୍ତି ଏବଂ ସେହି ଡାଲାର ଚତୁଃପାର୍ଶ୍ୱକୁ ମାଟିରେ ଲିପିଥାଆନ୍ତି। ତାହାକୁ ପାରେଙ୍ଗାମାନେ ଘୁମ ବୋଲି କହିଥାଆନ୍ତି। ବିଭିନ୍ନ ଶସ୍ୟ ପାଇଁ ବିଭିନ୍ନ ପ୍ରକାରରେ ଘୁମ ତିଆରି ହୋଇଥାଏ। ଶସ୍ୟଗୁଡ଼ିକରେ ପୋକ ନ ଲାଗିବା ପାଇଁ ସେମାନେ ତାହା ଭିତରେ ଲିମ୍ବପତ୍ର ରଖିଥାଆନ୍ତି। କାଜୁ ଉତ୍ପାଦନ ପରେ ସେମାନେ ସଂଗେ ସଂଗେ ବିକ୍ରି କରିଦେଇଥାଆନ୍ତି। କେତେକ ଲୋକ କାଜୁକୁ ସଂରକ୍ଷଣ ପାଇଁ ବସ୍ତା ମଧ୍ୟରେ ଭର୍ତ୍ତି କରି ରଖିଥାଆନ୍ତି।

ଜଣେ ଗର୍ଭଧାରଣ କରିଥିବା ମହିଳା ପ୍ରସବ କରିବା ସମୟରେ ଗ୍ରାମର ଅନ୍ୟ ପାରେଙ୍ଗା ମହିଳାମାନେ ତାକୁ ବହୁତ ସାହାଯ୍ୟ କରନ୍ତି। ପ୍ରସବ ସମୟରେ ତା'ର ଚତୁଃପାର୍ଶ୍ୱରେ ମହିଳାମାନେ ଘେରି କରି ଥାଆନ୍ତି। ପ୍ରସବ ଯନ୍ତ୍ରଣାରେ ଅଚେତ୍ ହୋଇଗଲେ ତାର ମୁହଁରେ ପାଣି ଛାଟନ୍ତି। ଶିଶୁଟି ଜନ୍ମ ହେବା ପରେ ଗାଧୋଇବା ପାଇଁ ପାଣିଗରମ କରି ଦିଅନ୍ତି। ପ୍ରସବ ସମୟରେ ସୁତରାନି ମାଇଜି ଉପସ୍ଥିତ ଥାଏ। ସୁତରାନି ମାଇଜି ପ୍ରସବ ସମୟରେ ସମସ୍ତ କାର୍ଯ୍ୟ କରିଥାଏ। ଶିଶୁଟି ଜନ୍ମ ହେବାପରେ ତା'ର ନାଭିକୁ ବମଲିଖାଲରେ ପୋତନ୍ତି।

ମହିଳା ଗ୍ରାମ୍ୟ ସ୍ୱେଚ୍ଛାସେବୀ ହିସାବରେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ମୂଳକ କାର୍ଯ୍ୟକ୍ରମମାନ କରିଥାଆନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସରକାରଙ୍କ ଠାରୁ ଖାଉଟି ଦ୍ରବ୍ୟ ଚାଉଳ, କିରୋସିନି, ଗହମ ଆଣି ଗ୍ରାମରେ ବଣ୍ଟନ କରୁଛନ୍ତି। ନିଶା ନିବାରଣ ଲାଗି ମହିଳା ସଂଗଠନ ମାଧ୍ୟମରେ ଗ୍ରାମ ଗ୍ରାମ ବୁଲି, ମଦ୍ୟପାନ ଛାଡ଼ ଆନ୍ଦୋଳନ କରୁଛନ୍ତି। ଗ୍ରାମରେ କୌଣସି ଲୋକର ବିବାହ କିମ୍ବା ଦଶାହ କାର୍ଯ୍ୟରେ ମହିଳାମାନେ ଏକତ୍ରିତ ହୋଇ ଜଂଗଲରୁ କାଠ ବୋହି ଆଣିବା ପାଇଁ ପାଣି ବୋହି ଯୋଗାଇବା ପରିବାପତ୍ର କଟିବା ମହିଳାମାନେ, ଶ୍ମଶାନ ଯିବା ରାସ୍ତାରେ ବା ବେଦନା ନିକଟବର୍ତ୍ତୀ ଅଞ୍ଚଳରେ ପଣସପତ୍ରରେ ପାଣି, ଧୂପ, ଦୀପ ନେଇ ପୂଜାପାଠ କରନ୍ତି। ପାରେଙ୍ଗା ସମାଜରେ ପରିବାର ଲୋକଠାରୁ ଆରମ୍ଭ କରି ବାହାର ଲୋକ ପର୍ଯ୍ୟନ୍ତ ସମସ୍ତେ ପାରେଙ୍ଗା ମହିଳାଙ୍କୁ ସମ୍ମାନ ପ୍ରଦର୍ଶନ କରନ୍ତି।

ଯେଉଁ ମହିଳା କର୍ତ୍ତବ୍ୟନିଷ୍ଠ ଭାବେ କାର୍ଯ୍ୟ କରେ ତାହାକୁ ପାରେଙ୍ଗାମାନେ ଲକ୍ଷ୍ମୀଦୁଆରି ବୋଲି କରିଥାଆନ୍ତି। ସେ ଉତ୍ତମ ଅତିଥି ସତ୍କାର, ସମସ୍ତଙ୍କ ସହ, ଶାଳିନତା ସହ କଥାବାର୍ତ୍ତା, ଭ୍ରଷ୍ଟାଚାର ହୁଏ ନାହିଁ, ଗୃହ କାର୍ଯ୍ୟ ଠିକ୍ ଭାବରେ କରେ, ଶାଶୁ ଶ୍ୱଶୁରଙ୍କ ସେବା ଶୁଶ୍ରୂଷା

କରେ, ଗ୍ରାମ୍ୟ ସାମାଜିକ କାର୍ଯ୍ୟକ୍ରମରେ ଭାଗ ନିଏ। ଗ୍ରାମ୍ୟ ସ୍ୱେଚ୍ଛାସେବୀ ହିସାବରେ କାର୍ଯ୍ୟକରେ ସାଥୀଙ୍କ ସହ ଉତ୍ତମ ବୁଝାବଣା ରଖେ, କାର୍ଯ୍ୟରେ ସମସ୍ତଙ୍କୁ ସାହାଯ୍ୟ ସହଯୋଗ କରେ, କାହା ସହ ପାଟିତୁଣ୍ଡ କରେ ନାହିଁ। ପାରେଙ୍ଗା ସମାଜରେ ତାଙ୍କୁ ଜଣେ ଆଦର୍ଶ ମହିଳା ବୋଲି ବିବେଚିନା କରନ୍ତି। କିନ୍ତୁ ଯେଉଁ ପାରେଙ୍ଗା ମହିଳା କୁମାର୍ଗରେ ପରିଚାଳିତ ହୁଏ ପାରେଙ୍ଗାମାନେ ତାଙ୍କୁ ସମାଜରୁ ବାସନ୍ଦ କରନ୍ତି। ଅତୀତରେ ପାରେଙ୍ଗା ସମାଜରେ ଯଦି କୌଣସି ବିବାହିତ ମହିଳା ଅନ୍ୟ କୌଣସି ପୁରୁଷ ସହ ଦୈହିକ ସମ୍ପର୍କ ରଖେ ଏବଂ ଧରାପଡ଼ିଯାଏ ତେବେ ତାଙ୍କୁ ବରଙ୍କୁ ଆଣି ମୁଣ୍ଡକୁ ଅଧା ଲଣ୍ଡା କରିଦିଅନ୍ତି ଏବଂ ଜାତି ନ ଦେବା ପର୍ଯ୍ୟନ୍ତ ସମାଜରୁ ବାସନ୍ଦ କରିଦିଅନ୍ତି। ଯଦି ବୋହୂ ଓ ଶାଶୁ, ଶ୍ୱଶୁରଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହେ ନାହିଁ ତେବେ ବୋହୂଙ୍କୁ ଘରୁ ବିଦା କରିବା ପାଇଁ ଶାଶୁ ଶ୍ୱଶୁରମାନେ ସମ୍ମୁଖରେ ନ କହି ବିଭିନ୍ନ କାର୍ଯ୍ୟରେ ହଇରାଣ କରିଥାଆନ୍ତି। ଚାଉଳ ପାଛୋଡି ସାରିଥିଲେ ସେଥିରେ ଧାନ ମିଶାଇ ଦିଅନ୍ତି, ଧାନ କୁଟିବା ସମୟରେ ଏକା ଥରକେ ଦୁଇବସ୍ତା ଧାନ କୁଟିବା ପାଇଁ କୁହନ୍ତି, ଅଧିକ କାର୍ଯ୍ୟ କରିବା ପାଇଁ ଚାପ ପକାନ୍ତି, ଇତ୍ୟାଦି ଦଣ୍ଡ ଦିଅନ୍ତି। ସେହିଭଳି ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଯଦି ଉତ୍ତମ ସମ୍ପର୍କ ରହେ ନାହିଁ ତେବେ ସେ ସ୍ତ୍ରୀକୁ ଘରୁ ତଡ଼ିବା ପାଇଁ ପରୋକ୍ଷ ଭାବରେ ବିଭିନ୍ନ ପ୍ରକାର ହଇରାଣ କରିଥାଏ। ସେମାନଙ୍କ ସମାଜରେ ଧନୀକ ଶ୍ରେଣୀର ଲୋକଙ୍କ ଘରେ ମହିଳାମାନଙ୍କୁ ବେଶୀ ନିର୍ଯ୍ୟାତନା ଦିଅନ୍ତି। ବୟସ ଅନୁସାରେ ପାରେଙ୍ଗା ମହିଳାମାନେ ଦୈନନ୍ଦିନ ଜୀବନରେ ଅନେକ ସମସ୍ୟାର ଶିକାର ହୋଇଥାଆନ୍ତି। ପ୍ରାୟତଃ ପାରେଙ୍ଗା ମହିଳା ଝିଅ ଜୀବନ ସୁଖ, ଶାନ୍ତିରେ କଟିଯାଏ କିନ୍ତୁ ବିବାହ କରିସାରିବା ପରେ ଶାଶୁ ଘରେ ସେମାନେ ବହୁତ ଅସୁବିଧାର ସମ୍ମୁଖୀନ ହୁଅନ୍ତି। କାର୍ଯ୍ୟ କରିବାର ହାର ବହୁତ ବଢ଼ିଯାଏ। ଇଚ୍ଛା ନଥିଲେ ମଧ୍ୟ ଶାଶୁ ଶ୍ୱଶୁରଙ୍କ ନିମନ୍ତେ କାର୍ଯ୍ୟ କରିବାକୁ ବାଧ୍ୟ ହୁଅନ୍ତି। ପାରେଙ୍ଗା ମହିଳାମା' ହୋଇଯିବା ପରେ କାର୍ଯ୍ୟଭାର ଆହୁରି ବଢ଼ିଯାଏ। ଗୃହର ସମସ୍ତ କାର୍ଯ୍ୟ କରିବା ସହିତ ପିଲାଛୁଆଙ୍କ ଯତ୍ନ ନେବାକୁ ପଡ଼େ। ବୃଦ୍ଧା ଅବସ୍ଥାରେ ପାରେଙ୍ଗା ମହିଳାମାନେ ଅଧିକ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ପୁଅ, ବୋହୂ ଯଦି ନ ପଚାରିଲେ ତେବେ ଶକ୍ତି ଥିବା ପର୍ଯ୍ୟନ୍ତ କାର୍ଯ୍ୟ କରନ୍ତି ଏବଂ ଏହାପରେ ମରିଯାଆନ୍ତି।

□□□

# ଲୋକ ପରମ୍ପରା

ପାରେଙ୍ଗାମାନେ ସାଧାରଣତଃ ଶାନ୍ତ, ସରଳ, ନମ୍ର ସ୍ୱଭାବର ବ୍ୟକ୍ତି ସେମାନଙ୍କ ମଧ୍ୟରେ ଛଳ, କପଟ ଇତ୍ୟାଦି କିଛି ହେଲେ ମଧ୍ୟ ନାହିଁ। ବର୍ତ୍ତମାନକୁ ନେଇ ସେମାନେ ସର୍ବଦା କାର୍ଯ୍ୟରତ ଭବିଷ୍ୟତ କଥା ସେମାନେ କେବେବି ଚିନ୍ତା କରନ୍ତି ନାହିଁ। ପାରସ୍ପରିକ ସାହାଯ୍ୟ ସହଯୋଗ ସେମାନଙ୍କ ଜୀବନ ଚର୍ଯ୍ୟାର ମୁଖ୍ୟ ଅଂଶ। ପାରେଙ୍ଗାମାନେ ନିଜକୁ ବହୁତ ବଡ଼ ବୋଲି ମନେ କରନ୍ତି ଏବଂ ନନ୍ଦପୁର ଅଞ୍ଚଳର ମୂଳ ଅଧିବାସୀ ବୋଲି ଦାବି କରନ୍ତି। ଅନ୍ୟ କୌଣସି ଆଦିବାସୀ ଗୋଷ୍ଠୀ ସହ ପାରେଙ୍ଗାମାନେ ବୈବାହିକ ସମ୍ପର୍କ ସ୍ଥାପନ କରନ୍ତି ନାହିଁ। ପାରେଙ୍ଗାମାନଙ୍କ ଗୃହ ପଛ ପାର୍ଶ୍ୱରେ ଥିବା ଫିଦର ଦେବତା ହେଉଛି ସେମାନଙ୍କ ସଂସ୍କୃତିର ଅନ୍ୟତମ ନମୁନା। ଏହି ଫିଦର ଦେବାତା ପାଇଁ ପାରେଙ୍ଗାମାନେ ସମସ୍ତଙ୍କଠାରୁ ବଡ଼ ଏବଂ ଅନ୍ୟମାନଙ୍କ ଠାରୁ ନିଜକୁ ସ୍ୱତନ୍ତ୍ର ବୋଲି ଭାବିଥାଆନ୍ତି।

ପାରେଙ୍ଗା ସମାଜରେ ଲୋକକଥା, ଲୋକଗୀତ, ଲୋକନୃତ୍ୟ ଭଳି ଲୋକ ପରମ୍ପରା ପ୍ରଚଳିତ। ଲୋକ ସଂଗୀତ ଏବଂ ଲୋକଗୀତ ପାରେଙ୍ଗାମାନଙ୍କ ଜୀବନଚର୍ଯ୍ୟା ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ। ସେମାନେ ଦୈନନ୍ଦିନ କାର୍ଯ୍ୟଭାରରୁ ଟିକିଏ ମୁକ୍ତି ପାଇବା ପାଇଁ ଲୋକ ସଂଗୀତ ଏବଂ ଲୋକଗୀତ ଭଳି ଲୋକପରମ୍ପରାର ଆଶ୍ରୟ ନିଅନ୍ତି। ପାରେଙ୍ଗାମାନେ ପର୍ବପର୍ବାଣି କିମ୍ବା ସ୍ୱତନ୍ତ୍ର ଦିବସ ବ୍ୟତୀତ ଅନେକ ସମୟରେ ମଦ୍ୟପାନ କରି ବାଦ୍ୟର ତାଳେ ତାଳେ ନୃତ୍ୟ କରି ସମୟ ଅତିବାହିତ କରନ୍ତି। ପାରେଙ୍ଗାମାନେ ନୃତ୍ୟ କରିବା ସମୟରେ ପୁରୁଷ ଏବଂ ସ୍ତ୍ରୀର କୌଣସି ପାର୍ଥକ୍ୟ ଲକ୍ଷ୍ୟ ନ କରି ଏକ ସଂଗରେ ସମସ୍ତେ ନାଚନ୍ତି। ତାହାହିଁ ସେମାନଙ୍କ ସ୍ୱଚ୍ଛ ଏବଂ ପବିତ୍ର ଭାବନାର ପରିଚୟ ଦେଇଥାଏ। ପାରେଙ୍ଗା ସମାଜରେ ବିଭିନ୍ନ ପ୍ରକାର ଲୋକନୃତ୍ୟ ଦେଖାଯାଏ। ଧୀରେ ଧୀରେ ବର୍ତ୍ତମାନ ପାରେଙ୍ଗାମାନେ ତାକୁ ଭୁଲିଗଲେଣି। ବର୍ତ୍ତମାନ ସେମାନେ କେବଳ ଦୁଇଟି ନାଚ କରିଥାଆନ୍ତି; ଢେମସା ନାଚ ଓ ଲାଠିନାଚ। ଢେମସା ନାଚ ପାରେଙ୍ଗାମାନଙ୍କର ମୁଖ୍ୟ ଲୋକନୃତ୍ୟ। ଏହି ଢେମସା ନାଚକୁ ପାରେଙ୍ଗାମାନେ ବିଭିନ୍ନ ରୂପ ଦେଇ ନାଚିଥାଆନ୍ତି। ଲାଠିନାଚ ପାରେଙ୍ଗାମାନେ ସାଧାରଣତଃ ପୁଷ ପରବରେ ନାଚନ୍ତି। ଏହି ନୃତ୍ୟ ପାଇଁ ପାରେଙ୍ଗାମାନେ ବାଉଁଶ କାଠି ବ୍ୟବହାର କରନ୍ତି। ଧାଙ୍ଗଡ଼ା, ଧାଙ୍ଗଡ଼ି ଓ ସମସ୍ତେ ଏକତ୍ରିତ ହୋଇ ଦୁଇ

ହାତରେ ଦୁଇଟି ଲେଖାଏଁ ବାଉଁଶ କାଠି ଧରି ଦୁଇଜଣ କିମ୍ବା ଚାରିଜଣ ଦଳ ଦଳ ହୋଇ ନାଚନ୍ତି। ଏହି ନୃତ୍ୟରେ ବାଦ୍ୟର ବ୍ୟବହାର କରାଯାଏ ନାହିଁ। ଅନ୍ୟ ପର୍ବପର୍ବାଣିମାନଙ୍କରେ ସାଧାରଣତଃ ଢେମସା ନାଚ ନାଚିଥାଆନ୍ତି। ଏହି ନୃତ୍ୟ ବେଳେ ଧାଂଗଡ଼ା ଧାଂଗିଡ଼ି ମାନେ ସମସ୍ତେ ଅଣ୍ଟାକୁ ଅଣ୍ଟା ଧରାଧରି ହୋଇ ଲମ୍ବ ଭାବରେ ଛିଡ଼ା ହୋଇ ବାଦ୍ୟର ତାଳେ ତଳେ ଗୋଡ଼ ହଲାଇ ନୃତ୍ୟ କରିଥାଆନ୍ତି। ଏକାଏକା ନାଚିଥାଆନ୍ତି। ଦଳ ଦଳ ହୋଇ ନାଚିଥାଆନ୍ତି। ଲମ୍ବ ଧାଡ଼ି କରି ନାଚିଥାଆନ୍ତି। ଢେମ୍‌ସା ନାଚକୁ ଲମ୍ବ ଧାଡ଼ି କରି ନୃତ୍ୟ କରିବା ସମୟରେ ସମ୍ମୁଖ ଭାଗରେ ନୃତ୍ୟ କରନ୍ତି ସେ ଯେଉଁ ଶୈଳୀରେ ନୃତ୍ୟ କରନ୍ତି ପଛରେ ସମସ୍ତେ ସେହି ଶୈଳୀରେ ନୃତ୍ୟ କରିଥାଆନ୍ତି। ନୃତ୍ୟ ପାରେଙ୍ଗା ଜୀବନ ଚର୍ଯ୍ୟା ସହିତ ଏଭଳି ଭାବେ ଜଡ଼ିତ ଯେପରିକି ପ୍ରତ୍ୟେକ ମୁହୂର୍ତ୍ତରେ ସେମାନେ ନୃତ୍ୟକୁ ଆବଶ୍ୟକ ମନେ କରନ୍ତି । ନୃତ୍ୟ ସେମାନଙ୍କ କାର୍ଯ୍ୟଭରା ଭାରାକ୍ରାନ୍ତ ଜୀବନରେ ଶାନ୍ତି ଆଣିଦିଏ ବୋଲି ମତବ୍ୟକ୍ତ କରିଥାଆନ୍ତି।

ଲୋକନୃତ୍ୟ ପରି ଲୋକସଂଗୀତ ସହ ପାରେଙ୍ଗାମାନେ ଅଙ୍ଗାଙ୍ଗୀଭାବେ ଜଡ଼ିତ। ଧାଙ୍ଗଡ଼ା ଧାଙ୍ଗଡ଼ିମାନେ ଅବସର ସମୟ ପାଇଲେ ବିଭିନ୍ନ ପ୍ରକାର ଗୀତ ଗାଇ ଆନନ୍ଦ ଉଲ୍ଲାସରେ ସମୟ ଅତିବାହିତ କରିଥାଆନ୍ତି। ନୃତ୍ୟ କରୁଥିବା ସମୟରେ ବିଭିନ୍ନ ପ୍ରକାରର ଗୀତ ମଧ୍ୟ ଗାଇ ଥାଆନ୍ତି। ପାରେଙ୍ଗା ମହିଳାମାନେ ଜମିରେ ଶ୍ରମ ସହଯୋଗ ଦ୍ୱାରା ଏକାଠି ହୋଇ ଭାବେ ଘାସ ବାଛୁଥିବା ସମୟରେ ଗୀତ ଗାଇଥାଆନ୍ତି। ଯାହାଦ୍ୱାରା ଘାସ ବାଛିବା କଷ୍ଟ ଭୁଲିଯାଆନ୍ତି ଏବଂ ଆନନ୍ଦ ଉଲ୍ଲାସର ସହ କାର୍ଯ୍ୟ କରନ୍ତି।

**ଘାସ ବାଛିବା ସମୟର ଗୀତ :**

ନିଜାଉ ନିଜାଉ କେଲାଉ,　　ଧାନବୁନ୍ଦେ ଗଲା ନାସ
ଧାନ ବୁନ୍ଦେ ତିଫୁଲ ଫୁଟିସି　　ମୁକୁଳ ମୁରଲୀ ବାସ।

ପାରେଙ୍ଗାମାନେ ବିବାହ କାର୍ଯ୍ୟରେ କନ୍ୟା ଘରକୁ କନ୍ୟାକୁ ମାଗିବାକୁ ଗଲେ କନ୍ୟାଘର ଗୀତ ମାଧ୍ୟମରେ ଆସିବାର ଲକ୍ଷ୍ୟ, ଉଦ୍ଦେଶ୍ୟ, ସଂପର୍କରେ ଅବଗତ କରନ୍ତି ଏବଂ କନ୍ୟାଘର ଲୋକେ ଓ କନ୍ୟା ନିଜର ବ୍ୟକ୍ତିଗତ ଲକ୍ଷ୍ୟ ଉଦ୍ଦେଶ୍ୟ ଗୀତ ମାଧ୍ୟମରେ କହିଥାଆନ୍ତି। ପାରେଙ୍ଗାମାନେ ଏହାକୁ ରାଇବାଡ଼ିଆ ଗୀତ ବୋଲି କହିଥାଆନ୍ତି।

**ରାଇବାଡ଼ିଆଗୀତ :**

**(କନ୍ୟା ମାଗିଯାଇଥିବା ଲୋକର ଗୀତ)**

ମାୟଃ ଆନା ମାୟଃ ବାଏ　　ବୁତୁ ବୁତୁ ମାୟ
ଆଡ଼ାଃ ଆଡ଼ାଃ ମାୟ　　ଆଡ଼ାଙ୍ଗ ପେଣ୍ଡମ ଗାଡ଼ମ

| | |
|---|---|
| ବିତେକ କୁଡ଼ତି ଗାଡ଼ମ୍ | ମଲାଂ ମାୟ ମାଃ ଆୟ |
| ନିଜରମାଲ ମସୁରୁଃ | ଶୁନିଃଡ଼ି ଅରେଃରୁଚନି |
| ବିଲେବସ ନୁ ମନତ୍ତୁକୁ | ଘୁରବରନୁ ସମଧତ୍ତୁକୁ |
| ମାଙ୍ଗନୁ ଗୁନିନ୍ ମିଙ୍ଗନୁ ଆଶୁଙ୍ଗଂ | ମିଙ୍ଗନୁ ଗୁନି ମାଙ୍ଗୁନୁ ଆଶୁଙ୍ଗ |
| ମିଂତୁ ମାଙ୍ଗ ପୂରବର ସମଧି | ମାଙ୍ଗତୁ ମିଶଂ ପୂରବର ସମଧି |
| ଗିନିତୁ ଆରେ ରୁଃନି | ଆମବାୟ ଲୋଡ଼ାତୁ ତୁ |
| ସମଧି ଲେଡ଼ାତୁ | ମିଙ୍ଗକୁ ଆସୁଂ ମାଙ୍ଗ ମା ଆୟ |
| ଗୁନି ଡତାୟ ମିଂ ମାନାୟତାୟ | ମିଙ୍ଗନୁ ସାମା ଆୟା ଡିୟନୁ ସାମା |
| ଆର୍ଡ଼ାର ଶୁନ୍, ବନବାସ ଡାତୁ | ଆବା ଡୟନୁ ସାମା ଆୟା ଡୟନୁ ସାମା |
| ଡାଃରୁ ଶୁନୁ ଘରବାସ ଡାତୁ । | |

ଲୋକଗୀତ ପାରେଙ୍ଗାମାନଙ୍କ ଜୀବନଚର୍ଯ୍ୟାର ମୁଖ୍ୟ ଅଂଶ । ଧାଙ୍ଗଡ଼ା ଧାଙ୍ଗଡ଼ିମାନେ ମଧ୍ୟ ଗୀତ ମାଧ୍ୟମରେ ହୃଦୟର ଭାବନାକୁ ଆଦାନପ୍ରଦାନ କରିଥାଆନ୍ତି । ଜଂଗଲକୁ କାଠ କାଟିବାକୁ ଯିବା ସମୟରେ ଧାଙ୍ଗଡ଼ିମାନେ ଏକତ୍ରିତ ହୋଇଗଲେ, ଗୀତ ଗାଇ ଗାଇ ଯାଇଥାଆନ୍ତି । ଯାତ୍ରା ଦେଖି ଯିବା ସମୟରେ ମଧ୍ୟ ଧାଙ୍ଗଡ଼ିମାନେ ଏକାଠି ହୋଇଗଲେ ପୁଅମାନଙ୍କୁ ଦେଖି ବିଭିନ୍ନ ଗୀତ ଗାଇଥାଆନ୍ତି । ଏହିଭଳି ଗୀତ ମାଧ୍ୟମରେ ପାରସ୍ପରିକ ପରିଚୟ ସାହାଯ୍ୟ ସହଯୋଗ ଇତ୍ୟାଦି ହୋଇଥାଏ ।

ସେମାନେ ଅବସର ସମୟ ପାଇଲେ ସଂଧ୍ୟା ବେଳେ ଏକତ୍ରିତ ହୋଇ ବିଭିନ୍ନ ପ୍ରକାର ଶିକ୍ଷଣୀୟ କୌତୁହଳପୂର୍ଣ୍ଣ ଲୋକକଥା ଆଲୋଚ଼ନା କରନ୍ତି । ବୟସ୍କ ଲୋକମାନେ ସେମାନଙ୍କ ସାନ ପିଲାଙ୍କୁ ବହୁତ ଶିକ୍ଷଣୀୟ ଗପ କହିଥାଆନ୍ତି । କେତେକ କ୍ଷେତ୍ରରେ ଧାଙ୍ଗଡ଼ାମାନେ ଏକତ୍ରିତ ହୋଇ କୌତୁହଳ ପୂର୍ଣ୍ଣ କଥା ଆଲୋଚ଼ନା କରୁଥିବା ସମୟରେ ବୟସ୍କ ଲୋକମାନେ ମଧ୍ୟ ସେଥିରେ ଭାଗ ନିଅନ୍ତି । ଅବସର ସମୟରେ ବିଭିନ୍ନ ପ୍ରକାର କଥା ଆଲୋଚ଼ନା କରି ସମୟ ଅତିବାହିତ କରନ୍ତି ।

**ମାପ :**

ପାରେଙ୍ଗାମାନେ ଦୈନନ୍ଦିନ ଜୀବନରେ ବ୍ୟବହୃତ ମାପର ସାହାଯ୍ୟ ନେଇଥାଆନ୍ତି । ପାରେଙ୍ଗାମାନେ ସାଧାରଣତଃ ଖାଦ୍ୟଶସ୍ୟ ମାପ କ୍ଷେତ୍ରରେ ମାଣ ବ୍ୟବହାର କରନ୍ତି । ଧାନ, ଅଳସି, ମାଣ୍ଡିଆ ଇତ୍ୟାଦି ମାପିବା ପାଇଁ ମାଣ ଆବଶ୍ୟକ । ପାରେଙ୍ଗାମାନେ ତରଳ ଜିନିଷ ତେଲ, କିରୋସିନି, ଘିଅ ଇତ୍ୟାଦି ମାପିବା ପାଇଁ ଲୁହାର ଏକ ପାତ୍ର ତିଆରି କରିଥାଆନ୍ତି । ତୈଳ ଜାତୀୟ ଜିନିଷକୁ ସେମାନେ ସାଧାରଣତଃ ତାହାକୁ ଟିକନ୍ ମାଣୁ ବୋଲି କୁହନ୍ତି ।

ଏହି ପାତ୍ରରେ ମାପିଥାଆନ୍ତି। ଦୂରତା ଏବଂ ଲମ୍ବ ମାପକ୍ଷେତ୍ରରେ ସାଧାରଣତଃ ହାତମାପର ବ୍ୟବହାର କରନ୍ତି। ହାତର ମାପକୁ ଏକ କାଠିରେ ନେଇ ପାରେଙ୍ଗାମାନେ ଘରର ଲମ୍ବ, ରାସ୍ତାର ଲମ୍ବ କିମ୍ବା ଯେ କୌଣସି ଜିନିଷର ଲମ୍ବ ଓ ଦୂରତା ମାପିଥାଆନ୍ତି। ଲମ୍ବ ଏବଂ ଦୂରତା ମାପ ଭଳି ପାରେଙ୍ଗାମାନେ ଉଚ୍ଚତାକୁ ମଧ୍ୟ ହାତ ମାପ ଦ୍ୱାରା ମାପିଥାଆନ୍ତି।

**କଳା ଏବଂ ହସ୍ତଶିଳ୍ପ**

ପାରେଙ୍ଗାମାନଙ୍କ ଚିତ୍ରକଳା, ଖୋଦେଇ କାର୍ଯ୍ୟ ଏବଂ ହସ୍ତଶିଳ୍ପ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ଆଣିଦିଏ। ସେମାନଙ୍କର ଚିତ୍ରକଳା ଏତେ ସୌନ୍ଦର୍ଯ୍ୟପୂର୍ଣ୍ଣ ଯାହାକି କଳନା କରିବା କଷ୍ଟକର। ସେମାନେ ଗୃହ କାନ୍ଥରେ ବିଭିନ୍ନ ରଂଗର ମାଟିରେ ବିଭିନ୍ନ ପଶୁପକ୍ଷୀଙ୍କ ଚିତ୍ରକୁ ସୁନ୍ଦର ଭାବରେ ଆଙ୍କିଥାଆନ୍ତି ବିଭିନ୍ନ ରଂଗର ମାଟିରେ ବିଭିନ୍ନ ପଶୁପକ୍ଷୀଙ୍କ ଚିତ୍ରକୁ ସୁନ୍ଦର ଭାବରେ ଆଙ୍କିଥାଆନ୍ତି। ପାରେଙ୍ଗାମାନେ ବାଲିଯାତ୍ରାରେ ଯେଉଁ ବାଲି ଆଣନ୍ତି ସେହି ବାଲି ଆଣୁଥିବା ଗ୍ରାମରେ ବା ସେଠାରେ ବାଲିରେ ବିଭିନ୍ନ ପ୍ରକାର ଚିତ୍ର ଅଙ୍କନ କରନ୍ତି। ଏତଦ୍‌ବ୍ୟତୀତ ପାରେଙ୍ଗାମାନେ ଘରର କବାଟ ଝରକା ଏବଂ ବନ୍ଧ ଇତ୍ୟାଦିରେ କାଠ ଖୋଦେଇ କାର୍ଯ୍ୟ କରି ବିଭିନ୍ନ ଚିତ୍ର ଅଙ୍କନ କରିଥାଆନ୍ତି। ତାହା ସେମାନଙ୍କ କଳାନୈପୁଣ୍ୟର ପରିଚୟ ଦିଏ। ପାରେଙ୍ଗାମାନେ କବାଟ ଏବଂ ବନ୍ଧରେ ବିଭିନ୍ନ ପ୍ରକାର ପଶୁପକ୍ଷୀଙ୍କ ଖୋଦେଇ କାର୍ଯ୍ୟ କରି ଗୃହକୁ ସୌନ୍ଦର୍ଯ୍ୟମୟ କରିଥାଆନ୍ତି। ଗ୍ରାମବାହାରେ ଥିବା ମନ୍ଦିରରେ ଉଲଗ୍ନ ଅବସ୍ଥାରେ ବିଭିନ୍ନ ପଥର ଖୋଦିତ ପ୍ରତିମୂର୍ତ୍ତି ମିଳେ ତାହାକୁ ଅତୀତରେ ପାରେଙ୍ଗା କାରିଗରମାନେ ତିଆରି କରି ପୂଜାର୍ଚ୍ଚନା କରୁଥିଲେ। ଏତଦ୍‌ବ୍ୟତୀତ ବାଉଁଶ ହସ୍ତଶିଳ୍ପ ଦ୍ୱାରା ମଧ୍ୟ ଅର୍ଥ ଉପାର୍ଜନ କରୁଥିଲେ। ପାରେଙ୍ଗାମାନେ ଜଂଗଲରୁ ବାଉଁଶ ଆଣି ତାହାକୁ କାଟି ବିଭିନ୍ନ ପ୍ରକାର ଡଲା, ପାଛିଆ ଇତ୍ୟାଦି ତିଆରି କରି ବଜାରରେ ବିକ୍ରୟ କରି ଅର୍ଥ ଉପାର୍ଜନ କରନ୍ତି। କେତେକ ପାରେଙ୍ଗା ଏହି କାର୍ଯ୍ୟକୁ ଜୀବିକା ରୂପେ ଗ୍ରହଣ କରିଛନ୍ତି।

ପାରେଙ୍ଗା ପରିବାରକୁ ଅତିଥି ଆସିଲେ, ଉତ୍ତମ ରୂପେ ଅତିଥି ସତ୍କାର କରନ୍ତି। ଗ୍ରାମର ବିଭିନ୍ନ ପର୍ବପର୍ବାଣି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜର ବନ୍ଧୁବାନ୍ଧବ ଓ ସମ୍ପର୍କୀୟମାନଙ୍କୁ ନିମନ୍ତ୍ରଣ କରନ୍ତି। ଅତିଥିମାନେ ଗୃହକୁ ଆସିଲେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟପେୟର ବ୍ୟବସ୍ଥା କରାଯାଏ। ବିଶେଷ କରି ଘରକୁ ଅତିଥି ଆସିଲେ ସେମାନେ ପ୍ରଥମେ ଏକ ଢାଳ ପାନୀୟ ଦିଅନ୍ତି।

ପାରେଙ୍ଗାମାନଙ୍କୁ ସାଧାରଣତଃ କୌଣସି ରୋଗବୈରାଗ ହେଲେ ସେମାନେ ହୋମିଓପାଥି ଏଲୋପାଥି ଔଷଧ ବ୍ୟବହାର କରନ୍ତି ନାହିଁ। ଗ୍ରାମ ଦିଶାରୀ ସହ ଯୋଗାଯୋଗ କରି ଦେଶୀୟ କୌଶଳରେ। ଆୟୁର୍ବେଦିକ ଔଷଧ ଖାଇଥାଆନ୍ତି। ଜଡ଼ିବୁଟି ଔଷଧ

ପାରେଙ୍ଗାମାନଙ୍କ ରୋଗର ପ୍ରାଥମିକ ଚିକିତ୍ସା । କୌଣସି ରୋଗ ହେଲେ, ପ୍ରଥମେ ଦିଶାରୀ ସହଯୋଗଯୋଗ କରି ଚେରମୂଳି ଔଷଧ ବ୍ୟବହାର କରନ୍ତି। ଚେର ମୂଳ ଔଷଧ ଦ୍ଵାରା ରୋଗ ନ କମିଲେ ସେମାନେ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥାଆନ୍ତି। ସେତେବେଳକୁ ରୋଗ ପ୍ରାୟ ଅନ୍ତିମ ଅବସ୍ଥାରେ ପହଞ୍ଚଯାଇଥାଏ। ଯାହା ଫଳରେ କି ପାରେଙ୍ଗାମାନେ ଅଧିକ ଖର୍ଚ୍ଚର କରିବା ନିମନ୍ତେ ବାଧ୍ୟ ହୋଇଥାଆନ୍ତି। ଜଡ଼ିବୁଟି ଔଷଧ ଉପରେ ସେମାନଙ୍କର ପୂର୍ଣ୍ଣ ବିଶ୍ୱାସ ଅଛି। ଦିଶାରୀ କହିବାନୁସାରେ କୁକୁଡ଼ା, ଧୂପ, ଦୀପ, ଚାଉଳ ଇତ୍ୟାଦି ପୂଜା ସାମଗ୍ରୀ ସଂଗ୍ରହ କରନ୍ତି। ଦିଶାରୀ ଧାର୍ଯ୍ୟଦିନ ଶାରୀରିକ ଅସୁସ୍ଥ ବ୍ୟକ୍ତିକୁ ପାଖରେ ବସାଇ ବିଭିନ୍ନ ପୂଜାପାଠ କରିଥାଏ। ଦେହରୁ ରୋଗ ଛାଡ଼ି କରି ଯିବା ପାଇଁ କୁକୁଡ଼ା ବଳି ଦିଏ। ଯଦି ରୋଗ ଭଲ ହୋଇଯାଏ ତେବେ ଦିଶାରୀ ଏବଂ ଠାକୁରଙ୍କ କୃପାରୁ ଭଲ ହୋଇଗଲା ବୋଲି ସେମାନେ ବିଶ୍ୱାସ କରନ୍ତି। ଯଦି ଜଂଘ ଏବଂ ହାତରେ ହାଡ଼ ରହିଯାଏ, ପେଟରେ ଧାନ ରହିଯାଏ, ଅଣ୍ଡାରେ ଚାଉଳ ଏବଂ ବାଳ ରହିଯାଏ ତେବେ ନସାଇବା କାର୍ଯ୍ୟ ବୋଲି ସେମାନେ ମତବ୍ୟକ୍ତ କରନ୍ତି ଏବଂ ଏହି ରୋଗର ପ୍ରତିକାରସ୍ୱରୂପ ପାରେଙ୍ଗାମାନେ ଦିଶାରୀକୁ ଡାକି ଠାକୁରଙ୍କ ନିକଟରେ ପୂଜାପାଠ କରିବା ସହ ବିଭିନ୍ନ ପଶୁପକ୍ଷୀଙ୍କୁ ବଳି ପକାନ୍ତି।

□□□

# ଲୋକ ଭେଷଜ ଓ ଚିକିତ୍ସକ

ପାରେଙ୍ଗା ପରିବାରରେ ଯଦି କୌଣସି ସଦସ୍ୟଙ୍କର ଶାରିରୀକ ଅସୁସ୍ଥତା ଦେଖାଦେଲେ ସେମାନେ ଠାକୁରଙ୍କ ନିକଟରେ ମାନସିକ କରି ଦିଶାରୀଙ୍କ ନିକଟକୁ ନେଇଥାଆନ୍ତି। ଦିଶାରୀ ରୋଗୀର ରୋଗ ଲକ୍ଷଣ ଦେଖି ବିଭିନ୍ନ ପ୍ରକାର ଚେ଼ରମୂଳ ଔଷଧ ଦେଇଥାନ୍ତି। ଏହି ଚେରମୂଳ ଔଷଧଗୁଡ଼ିକ ସାଧାରଣତଃ ଜଂଗଲରୁ ସଂଗୃହୀତ ହୋଇଥାଏ। ସେମାନଙ୍କ ବ୍ୟବହୃତ ବା ଜ୍ଞାତ କେତେକ ଜଂଗଲଜାତ ଔଷଧ ନିମ୍ନରେ ପ୍ରଦତ୍ତ ହେଲା;

**ଛାଲି :**

- ☐ କଳା କୋଶଳା ଗଛର ଛାଲିକୁ ଶୁଖାଇ ବାଟି କରି ପିଇଲେ ପେଟବଥା ଓ ମୁଣ୍ଡ ରୋଗ ଭଲ ହୋଇଥାଏ।
- ☐ ମଞ୍ଜୁର ଗଡ଼ି ଗଛର ଛାଲିକୁ ଶୁଖାଇ ଗୁଣ୍ଡ କରାଯାଇଥାଏ। ସେହି ଗୁଣ୍ଡକୁ ପାଣି ସହ ଗୋଳାଇ ପିଇଲେ ଗୋଡ, ହାତ ଗଣ୍ଠିବଥା କମିଯାଇଥାଏ।
- ☐ ଚିତର ମରୁ ଗଛର ଛାଲିକୁ କଞ୍ଚା ଅବସ୍ଥାରେ ବାଟି ମୁଣ୍ଡରେ ଲଗାଇଲେ ମୁଣ୍ଡ ବଥା କମିଯାଇଥାଏ।
- ☐ ଭୂଇଁ ବା ମନ ଗଛର ଛାଲିକୁ କଞ୍ଚା ଅବସ୍ଥାରେ ବାଟି ଦେହରେ ବାହାରି ଥିବା ଫୋଟକା ସ୍ଥାନରେ ଲଗାଇଲେ ବେଶୀ ଦିନର ଫୋଟକା ହୋଇଥିଲେ ଫାଟି ଯାଇଥାଏ। ଫୋଟକା ଆରମ୍ଭ ହୋଇଥିଲେ ସେହି ଛେଲିକୁ ବାଟି ଖାଇଲେ ଫୋଟକା ବସି ଯାଇଥାଏ।
- ☐ ଦେଓବାଡ଼ଣି କଳାକୁ କଞ୍ଚା ଅବସ୍ଥାରେ ବାଟି ପିଇଲେ ରକ୍ତବାନ୍ତି, ଗ୍ୟାସଟ୍ରିକ୍ ପେଟ ଯନ୍ତ୍ରଣା କମିଯାଇଥାଏ।
- ☐ ବାୟା କଙ୍କଡ଼ି ଗଛର ଛାଲିକୁ କଞ୍ଚା / ଶୁଖିଲା ଅବସ୍ଥାରେ ବାଟି ପିଇଲେ ନାଳରକ୍ତ ଝାଡ଼ା ଭଲ ହୋଇଥାଏ।
- ☐ ଗୋଡ଼ ହାତ ଫୁଲିଗଲେ, ବାତ ବାହାରିଲେ ବିଡ଼ି କାଲା ଗୋଡ଼ି ଖୁଆଇଲେ କିମ୍ବା ତାକୁ ବାଟି କରି ପିଆଇଲେ ରୋଗ ଉପଶମ ହୋଇଥାଏ।

- ବଡ଼ କଙ୍କଡ଼ି ଗଛର ଛାଲିକୁ ବାଟି କରି ପିଇଲେ ମୁଣ୍ଡବଥା, ଗୋଡ଼ ବଥା, ଅଣ୍ଟା ବଥା ରୋଗ ଭଲ ହୋଇଯାଇଥାଏ।
- ଗୋଡ଼, ହାତ ମୁହଁ, ଦେହ ଫୁଲିଗଲେ ବଦକନ୍ଦା ବାଟି ଦେହରେ ଲଗାଇଲେ ଏବଂ ପିଇଲେ ରୋଗ ଭଲ ହୋଇଯାଇଥାଏ।
- ଦେରେମାଳି କଳା ବାଟି ପିଇଦେଲେ ମହିଳାମାନଙ୍କର ପିଠି ଯନ୍ତ୍ରଣା ଓ ଛାତି ଯନ୍ତ୍ରଣା କମିଯାଇଥାଏ।
- ମାତା ଘାସର ଚେରକୁ ବାଟି କରି ସେଥିରେ କାଜୁ ଗଛର ରସ ମିଶାଇ ସେବନ କଲେ ପ୍ରସବ କରିବାକୁ ଥିବା ମହିଳାର ପେଟ ଯନ୍ତ୍ରଣା କମିଯାଇଥାଏ।
- କାନ ଫୋଡ଼ି ଥିବା ଲୋକର କାନ ପାଚିଲେ ଗୁଲା ଘାସର ଚେରକୁ ବାଟି କରି ଲଗାଇଲେ ଶିଘ୍ର ଶୁଖି ଯାଇଥାଏ।
- ପିତା ଗଛର ଛାଲିକୁ ବାଟି କରି ପିଇଲେ ଅଚେତ୍ ହେଉଥିବା ରୋଗ ଭଲ ହୋଇଯାଇଥାଏ।
- ଲାଜକୋଳି ଲତା ଚେର ଏବଂ କୁକୁର ଦାଢ଼ି ଗଛର ଚେର ମିଶାଇ କରି ମଣିଷ କିମ୍ବା ଗୋରୁଗାଈଙ୍କ ବେକରେ ବାନ୍ଧି ଦେଲେ ସେମାନଙ୍କ ଦେହରେ ଥିବା ପୋକଗୁଡ଼ିକ ଝଡ଼ି ପଡ଼ନ୍ତି। ଗୋରୁ ଗାଈ ଗୋଡ଼ରେ ଘା ହୋଇ ପୋକ ହୋଇଥିଲେ ଓ ମଣିଷଙ୍କ ଦେହରେ ଘା ହୋଇ ପୋକ ହୋଇଥିଲେ ଏହାକୁ ବ୍ୟବହାର କରାଯାଏ।
- ଦାନ୍ତ ପୋକ ଲାଗିଲେ ରନବିଲ ଗଛର ଛାଲି ସହ ଲୁଣ ମିଶାଇ କରି ଚୋବାଇଲେ ଦାନ୍ତରେ ଥିବା ପୋକଗୁଡ଼ିକ ମରିଯାଆନ୍ତି।
- ପାପନି ଗଛର ମଞ୍ଜି ଓ ପଇସା ଗଛର ମଞ୍ଜିକୁ ମିଶାଇ କରି ଏକ କପଡ଼ାରେ ବାନ୍ଧି ବେକରେ ପକାଇଲେ ଅନ୍ଧାର କଣା ରୋଗ ଭଲ ହୋଇଥାଏ।
- ବଡ଼ ଗାନ୍ଧାରୀ ଗଛର ପତ୍ରକୁ ବାଟି କରି ଦେହରେ ହାଡ଼, ଚୁଳ, ଧାନ ଇତ୍ୟାଦି ଥିଲେ ତାହା ବାହାରିଯାଏ।
- ପିଡ଼ା ତେଲ ସହ ଝାଡୁ ମିଶାଇ ଦେହରେ ଲଗାଇଲେ କେକ, ପେକ, ଅଣ୍ଟା ଲଗାଇଲେ ବାହାରି ଯାଏ।
- ଅରଖ ଗଛର ରସକୁ ଗୋରୁ, ମଇଁଷି, ଛେଳି, ମେଣ୍ଢା, ଶରୀରରେ ପୋକ ଲାଗିଥିବା ସ୍ଥାନରେ ପକାଇଲେ ପୋକ ମରିଯାଆନ୍ତି।
- ବାୟା ଡାଣ୍ଡ ଗଛର ଛାଲିକୁ ବାଟିକରି ପାଗଲାମି କରୁଥିବା ଲୋକକୁ ପିଇବାକୁ ଦେଲେ ତାର ପାଗଲାମି କମିଯାଇଥାଏ।
- ପାତାଲ ଗରଡ଼ ଗଛର ଚେରକୁ ବାଟି କରି ପିଇ ଦେଲେ ପେଟ ବଥା କମିଯାଇଥାଏ।

# ସମସ୍ୟାବଳୀ ଓ ନିରାକରଣ

ପାରେଙ୍ଗାମାନଙ୍କ ସାମାଜିକ ଚଳଣି ଅତ୍ୟନ୍ତ ସରଳ ହେଲେ ମଧ୍ୟ ସେମାନଙ୍କ ଚତୁଃପାର୍ଶ୍ୱରେ ଅନେକ ପାରିପାର୍ଶ୍ୱିକ ସମସ୍ୟା ଘେରି ରହିଛି। ଏହି ସମସ୍ୟାଗୁଡ଼ିକ ସାଧାରଣତଃ ସାମାଜିକ, ଅର୍ଥନୈତିକ, ଧର୍ମୀୟ ତଥା ରାଜନୈତିକ କ୍ଷେତ୍ରରେ ପ୍ରଭାବ ପକାଇଥାଏ। ଏହି ସମସ୍ୟାଗୁଡ଼ିକ ନିମ୍ନରେ ବର୍ଣ୍ଣିତ କରାଗଲା।

**ସାମାଜିକ ସମସ୍ୟା :**

ସେମାନଙ୍କ ସମାଜରେ ବିଭିନ୍ନ ପ୍ରକାର ସାମାଜିକ ସମସ୍ୟା ଦେଖା ଦେଇଥାଏ। ଏଥିମଧ୍ୟରୁ କନ୍ୟାପଣ ସମ୍ବନ୍ଧୀୟ ସମସ୍ୟା ଅନ୍ୟତମ। ଗୋଟିଏ ପୁଅ ବିବାହ କରିବାକୁ ହେଲେ ଯଦି ତା'ର ଅର୍ଥନୈତିକ ସ୍ଥିତି ଦୁର୍ବଳ ଥାଏ ତେବେ ସେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ଆବଶ୍ୟକସ୍ଥଳେ ସେ ବିବାହ ପାଇଁ ଘରର ଛେଳି, ମେଣ୍ଢା, ଗୋରୁ ବିକ୍ରି କରି ଟଙ୍କା ଜମା କରେ ଏବଂ ତାହାକୁ କନ୍ୟାସୁନା ଆକାରରେ କନ୍ୟାର ବାପାଙ୍କୁ ଦେଇ ବିବାହ କରିଥାଏ। ପାରେଙ୍ଗା ସମାଜରେ ବହୁପତ୍ନୀ ବିବାହ ମଧ୍ୟ ପ୍ରଚଳିତ। ବହୁ ପତ୍ନୀ ଗ୍ରହଣ କରିବା ପଛରେ ମଧ୍ୟ କେତେ ଗୁଡ଼ିଏ କାରଣ ଥାଏ। ବିବାହିତ ସ୍ତ୍ରୀର ଯଦି ପିଲାଛୁଆ ନ ହୁଏ କିମ୍ବା କେତେକ କ୍ଷେତ୍ରରେ କାମର ଲାଳସା ମେଣ୍ଟାଇବାକୁ ଯାଇ ବହୁ ପତ୍ନୀ ବିବାହ କରିଥାଆନ୍ତି। ବହୁପତ୍ନୀ ଗ୍ରହଣ କରିବା ଦ୍ୱାରା ପରିବାରରେ ସର୍ବଦା କଳହ ଲାଗି ରହିଥାଏ। ଗ୍ରାମରେ ମରୁଡ଼ି ଲାଗିଲେ କିମ୍ବା ଗାଈ, ଛେଳି, ମେଣ୍ଢା ମରିଗଲେ, ଗ୍ରାମରେ ବସନ୍ତ ବ୍ୟାପିଲେ ଠାକୁରଙ୍କ କୋପଦୃଷ୍ଟି ପଡ଼ିଛି ବୋଲି ସେମାନେ ବିଶ୍ୱାସ କରନ୍ତି। ଏଥିପାଇଁ ଦିଶାରୀକୁ ଡାକି ଗ୍ରହ, ତିଥି, ନକ୍ଷତ୍ର ଦେଖି ଭଲଦିନ ଧାର୍ଯ୍ୟ କରି ଠାକୁରଙ୍କ ନିକଟରେ ବଳି ଦେଇଥାଆନ୍ତି ଯାହାଦ୍ୱାରା ଠାକୁର ସନ୍ତୁଷ୍ଟ ହୋଇ ଉକ୍ତ କୋପରୁ ଉଦ୍ଧାର କରନ୍ତି। ସେମାନେ ସାଧାରଣତଃ ବିଭିନ୍ନ ପର୍ବପର୍ବାଣି ଓ ପୂଜାପାଠ କାର୍ଯ୍ୟକ୍ରମରେ ଠାକୁରଙ୍କ ନିକଟରେ ବିଭିନ୍ନ ପଶୁପକ୍ଷୀଙ୍କୁ ବଳି ପକାଇ ଥାଆନ୍ତି। ଏହି ପଶୁବଳି ପକାଇବା କ୍ଷେତ୍ରରେ ସେମାନଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ବର୍ତ୍ତମାନ ସରକାରଙ୍କ ତରଫରୁ ପଶୁବଳି ନିଷେଧ କରାଯାଇଛି। ପାରେଙ୍ଗା ସମାଜରେ ଯଦି ଜଣେ ପାରେଙ୍ଗା ଯୁବକ ନିଚ ଜାତି ତଥା ଦଳିତ ଗୋଷ୍ଠୀର କନ୍ୟାକୁ ବିବାହ କରେ ତେବେ ତାକୁ ସମାଜରୁ ବାସନ୍ଦ କରାଯାଇଥାଏ। କିନ୍ତୁ ସେହି ଯୁବକର ପରିବାର, ସମାଜରେ ମିଶିବାକୁ ହେଲେ ସମାଜକୁ ଜାତି ଦେବାକୁ ପଡ଼ିଥାଏ। ପାରେଙ୍ଗା ଗ୍ରାମମାନଙ୍କରେ ଅନ୍ୟ ଆଦିବାସୀ / ଅଣ ଆଦିବାସୀ ପଡ଼ୋଶୀ ଗୋଷ୍ଠୀ ବାସ କରନ୍ତି। ବିଶେଷ କରି ଜମିଜମା, ଶିକାର ଓ ଧର୍ମୀୟ କାର୍ଯ୍ୟକୁ ନେଇ ସେମାନଙ୍କ ସହିତ ବିଭିନ୍ନ ସମସ୍ୟା ଉପୁଜିଥାଏ।

**କୃଷିକ୍ଷେତ୍ରରେ ସମସ୍ୟା :**

ଅତୀତରେ ପାରେଙ୍ଗାମାନେ ପୋଡୁଋଷ କରି ନିଜର ଜୀବିକା ନିର୍ବାହ କରୁଥିଲେ। କିନ୍ତୁ ବର୍ତ୍ତମାନ ପୋଡୁଋଷ କ୍ଷେତରେ ସରକାର କେତେଗୁଡ଼ିଏ କଟକଣା ଜାରି କରିଦେଇଛନ୍ତି। ଜଂଗଲ ଚତୁଃପାର୍ଶ୍ୱରେ ବାଡ଼(ଇଜାର) ଦେଇ ଦେଇଛନ୍ତି। ସେହି ବାଡ଼ଡ଼େଇଁ କୌଣସି ଲୋକ ଜଂଗଲ ଭିତରକୁ ପ୍ରବେଶ କରିପାରିବ ନାହିଁ। ବାଡ଼ର ତଳ ଅଂଶରେ ପାରେଙ୍ଗାମାନେ ପୋଡୁଋଷ କରୁଛନ୍ତି। ଯେଉଁମାନେ ପୋଡୁଋଷ କରୁଛନ୍ତି ସେମାନେ ମଧ୍ୟ ସରକାରଙ୍କୁ ଜୋରିମାନା ଦେଉଛନ୍ତି। ଯାହାଫଳରେ ପାରେଙ୍ଗାମାନେ ପୋଡୁଋଷ କରି ଯେତିକି ଶସ୍ୟ ଆମଦାନୀ କରନ୍ତି ତାହାଠାରୁ ଅଧିକ ପରିମାଣର ଜୋରିମାନା ଦେବାକୁ ପଡେ ବୋଲି ସେମାନେ ମତବ୍ୟକ୍ତ କରନ୍ତି। ଋଷବାସ କ୍ଷେତ୍ରରେ ମଧ୍ୟ ସେମାନଙ୍କୁ ବହୁତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ସେମାନଙ୍କ ଦୈନନ୍ଦିନ ଜୀବନରେ ଆର୍ଥିକ ଅସୁବିଧା ହେଲେ ସାହୁକାରଠାରୁ ଋଣ ଆଣନ୍ତି ଏବଂ ପରେ ଶସ୍ୟ ଅମଳ କରି ବିକ୍ରି କରିବା ପରେ ସମୁଳ ସୁଧ ସହ ସାହୁକାରର ଋଣ ପରିଶୋଧ କରିଥାଆନ୍ତି। ଯେଉଁମାନଙ୍କର କାଜୁ ବଗିଋ ଅଛି ସେମାନଙ୍କୁ ସାହୁକାର ଅତି ନିମ୍ନ ଦରରେ କାଜୁ ଦେବା ପାଇଁ ସର୍ତ୍ତ ରଖି ଋଣ ଦେଇଥାଆନ୍ତି। ପାରେଙ୍ଗାମାନେ କେବେ ଭବିଷ୍ୟତ କଥା ଚିନ୍ତା କରନ୍ତି ନାହିଁ ସର୍ବଦା ବର୍ତ୍ତମାନଙ୍କୁ ନେଇ ସେମାନେ କାର୍ଯ୍ୟରତ। ଋଷବାସ କାର୍ଯ୍ୟ କ୍ଷେତ୍ରରେ ପାରେଙ୍ଗା ଅଞ୍ଚଳରେ ଜଳଭାବ ଦେଖାଯାଇଥାଏ। ବର୍ଷା ନ ହେଲେ ଜମିରେ ପାଣି ମଡ଼ାଇବା ପାଇଁ କୌଣସି ଜଳ ଉତ୍ସର ବ୍ୟବସ୍ଥା ନାହିଁ। ଯାହାଫଳରେ କି ମରୁଡ଼ି ହୋଇଥାଏ। ବେଳେ ବେଳେ ମଧ୍ୟ ପ୍ରବଳ ବର୍ଷା ଯୋଗୁ ପାହାଡ଼ରୁ ପାଣି ଗଡ଼ି ନାଳ ଭର୍ତ୍ତି ହୋଇ ଶସ୍ୟ ଜମିରେ ପାଣି ମାଡ଼ିଯାଇ ଶସ୍ୟ ସବୁ ନଷ୍ଟ କରିଥାଏ।

**ଅର୍ଥନୈତିକ ସମସ୍ୟା :**

ପାରେଙ୍ଗାମାନେ ଅତୀତରେ ବିଶେଷ କରି ଜଂଗଲ ଉପରେ ନିର୍ଭର କରି ନିଜର ଜୀବିକା ନିର୍ବାହ କରୁଥିଲେ। ଜଂଗଲ ହିଁ ସେମାନଙ୍କ ଜୀବନ ଥିଲା। ଜଂଗଲରୁ ବିଭିନ୍ନ ପ୍ରକାର ଫଳ ମୂଳ, କନ୍ଦା, ଛତୁ, ପତ୍ର ଶାଗ ଇତ୍ୟାଦି ସଂଗ୍ରହ କରି ନିଜେ ଖାଇବା ସହିତ ବଜାରରେ ବିକ୍ରି କରି କିଛି ଅର୍ଥ ଉପାର୍ଜନ କରୁଥିଲେ। କିନ୍ତୁ ବର୍ତ୍ତମାନ ସରକାରଙ୍କ ଜଂଗଲ ଉପରେ କଟକଣା ଓ ବନ ବିଭାଗ କର୍ମଋରୀଙ୍କ ହସ୍ତକ୍ଷେପ ଯୋଗୁଁ ସେମାନଙ୍କ ଅର୍ଥନୈତିକ ସ୍ଥିତିରେ ଅନେକ ପ୍ରଭାବ ପକାଉଛି, ଯାହାଫଳରେ କି ସେମାନେ କୃଷି କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି। ପାରେଙ୍ଗାମାନଙ୍କ ମଧ୍ୟରେ କେତେକଙ୍କର ଖୁବ୍ କମ୍ ଜମି ଅଛି। ଯାହାଦ୍ୱାରା କି ସେମାନଙ୍କ ବର୍ଷକୁ ଯେତିକି ପରିମାଣର ଶସ୍ୟ ଅମଳ କରନ୍ତି ତାହା ସାର ବର୍ଷ ପାଇଁ ନିଅଣ୍ଟ। ଯାହାଫଳରେ କି ସେ ବାହାରକୁ କାର୍ଯ୍ୟ କରିବା ପାଇଁ ଯାଏ ନ ହେଲେ ବାଧ୍ୟ ହୋଇ ସାହୁକାରଙ୍କ ଠାରୁ ଋଣ କରେ।

ପାରେଙ୍ଗାମାନଙ୍କ ଅର୍ଥର ଅଭାବ ଯୋଗୁଁ ସେମାନେ ସର୍ବଦା ପୃଷ୍ଟିକର ଖାଦ୍ୟ କିମ୍ବା ପନିପରିବା କ୍ରୟ କରି ଖାଇପାରନ୍ତି ନାହିଁ। ଯାହାଫଳରେ ବିଭିନ୍ନ ପ୍ରକାର ରୋଗରେ ଶିକାର ହୋଇଥାଆନ୍ତି। ପୁଷ୍ଟିକର ଖାଦ୍ୟ ନ ଖାଇବାରୁ କେତେକ ଅପପୁଷ୍ଟି ରୋଗରେ ଆକ୍ରାନ୍ତ ହୁଅନ୍ତି। ଯେତେବେଳେ କୌଣସି ପର୍ବପର୍ବାଣି କିମ୍ବା ସ୍ୱତନ୍ତ୍ର ଦିବସରେ ଜଂଗଲକୁ ଶିକାର କରିବାକୁ ଯାଆନ୍ତି ଶିକାର କରିଥିବା ଲୋକକୁ

ଅଧିକ ପରିମାଣର ମାଂସ ନ ଦେଲେ ସେମାନଙ୍କ ମଧ୍ୟରେ କଳିଝଗଡ଼ା ହୁଏ । ବର୍ତ୍ତମାନ ସରକାରଙ୍କ ବନବିଭାଗ ତରଫରୁ ଜଂଗଲରୁ ପଶୁପକ୍ଷୀ ଶିକାର ଉପରେ ଦୃଢ଼ କଟକଣା ଜାରି କରୁଛନ୍ତି । ସେମାନେ ପୂର୍ବେ ପଶୁପକ୍ଷୀ ଶୀକାର କରି ବଜାରରେ ବିକ୍ରି କରି କିଛି ଅର୍ଥ ଉପାର୍ଜନ କରୁଥିଲେ, କିନ୍ତୁ ବର୍ତ୍ତମାନ ଆଉ ତାହା ହୋଇପାରୁନାହିଁ ।

ନିଜର ଜୀବିକା ନିର୍ବାହ ପାଇଁ କଷ୍ଟ ସାଧ କାର୍ଯ୍ୟ ଉପରେ ନିର୍ଭର କରନ୍ତି । ଋଷବାସ କାର୍ଯ୍ୟରେ ଉନ୍ନତ କିସମର ବିହନ, ସାର, ଖତ ଇତ୍ୟାଦି ଠିକ୍ ପରିମାଣରେ ଦେଇପାରୁନଥିବାରୁ ଉତ୍ପାଦନ କ୍ଷେତ୍ରରେ ବହୁତ ସମସ୍ୟା ଉପୁଜୁଛି । ଯାହା ଦ୍ୱାରାକି ସେମାନଙ୍କ ଅର୍ଥନୈତିକ ଜୀବନରେ ବହୁତ ପ୍ରଭାବ ପକାଉଛି । ଋଷଜମିକୁ କେବଳ ପୁଅମାନଙ୍କ ମଧ୍ୟରେ ଭାଗବଣ୍ଟା କରିଥାଆନ୍ତି । ଝିଅମାନେ ଋଷଜମିରେ ହସ୍ତକ୍ଷେପ କରନ୍ତି ନାହିଁ । କିନ୍ତୁ କେତେକ କ୍ଷେତ୍ରରେ ଝିଅ ଯଦି ଋଷଜମି ଉପରେ ନିଜର ଅଧିକାର ଜାହିର କରେ ତେବେ ସମ୍ପତ୍ତିର ଉତ୍ତରାଧିକାର ସମ୍ପର୍କରେ ଅନେକ ସମସ୍ୟା ଉପୁଜିଥାଏ । ପାରେଙ୍ଗାମାନେ ସାଧାରଣତଃ ସରକାରଙ୍କ ଜମିକୁ ଅନ୍ୟ କିଏ ଦଖଲ କରିଥିବା ଦେଖିଲେ ଦୁଇଜଣଙ୍କ ମଧ୍ୟରେ ସମ୍ପତ୍ତି ଭୋଗ ଦଖଲ ଉପରେ କଳି ଝଗଡ଼ା ହୋଇଥାଏ ।

ସେମାନେ ମଧ କେତେକ କିଣାବିକା କ୍ଷେତ୍ରରେ ଅସୁବିଧାରେ ସମ୍ମୁଖୀନ ହୋଇଥାଆନ୍ତି । ଶିକ୍ଷାର ଅଭାବ ଯୋଗୁଁ ଠିକ୍ ଭାବରେ ହିସାବପତ୍ର କରି ନ ପାରି କ୍ରୟ ବିକ୍ରୟ ବେଳେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି । ଶିକ୍ଷାର ଅଭାବ ଯୋଗୁଁ ସେମାନଙ୍କ ନିକଟରେ ଅର୍ଥନୈତିକ ସମସ୍ୟା ଲାଗି ରହୁଛି । ପ୍ରାୟ ଶତକଡ଼ା ୧୦% ସାକ୍ଷର ଅଛନ୍ତି ଯେଉଁମାନେ ଠିକ୍ ଭାବରେ ହିସାବପତ୍ର କରିପାରୁଛନ୍ତି । ଶିକ୍ଷାର ଅଭାବ ଯୋଗୁଁ ଉନ୍ନତ ଧରଣର କୃଷିକାର୍ଯ୍ୟ ଓ ଉତ୍ପାଦିତ ଶସ୍ୟର ସଠିକ୍ ମୂଲ୍ୟାୟନ କ୍ରୟ ବିକ୍ରୟ ଇତ୍ୟାଦି କ୍ଷେତ୍ରରେ ସମସ୍ୟା ଉପୁଜୁଛି । ପାରେଙ୍ଗା ସମାଜରେ ଚୋରୀ ସମସ୍ୟା ମଧ ଦେଖାଯାଇଥାଏ । ଅନ୍ୟମାନେ ସୁଖଶାନ୍ତିରେ ରହିବା ଦେଖି କେତେକ ଯୁବକ ଚୋରୀ କରିଥାଆନ୍ତି ଏବଂ କେତେକ ପାରେଙ୍ଗା ଖାଦ୍ୟ ଅଭାବ ଯୋଗୁଁ ଚୋରି ମଧ କରିଥାଆନ୍ତି ।

**ଧର୍ମ ସଂକ୍ରାନ୍ତୀୟ ସମସ୍ୟା :**

ପାରେଙ୍ଗାମାନେ ସାଧାରଣତଃ ବହୁ ଈଶ୍ୱରବିଶ୍ୱାସୀ । ଗ୍ରାମକୁ ତଥା ପରିବାରକୁ କୌଣସି ବିପଦ ଆସିଲେ ସଂଗେ ସଂଗେ ଠାକୁରଙ୍କ ନିକଟରେ ବିପଦମୁକ୍ତ ହେବା ପାଇଁ ବିଭିନ୍ନ ପଶୁପକ୍ଷୀ ବଳି ଦେବା ପାଇଁ ମାନସିକ କରିଥାଆନ୍ତି । ପାଖରେ ଅର୍ଥ ନଥିଲେ ମଧ ସେମାନେ ଋଣ କରି ପୂଜାପାଠ କରିଥାଆନ୍ତି । ଦିଆଲି ପରବ ସେମାନଙ୍କର ଏକ ବଡ଼ ପର୍ବ । ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ବା ଡେଲ ଗ୍ରାମପଞ୍ଚାୟତର କାଣ୍ଡିଗ୍ରାମରେ ଏହି ଦିଆଲି ପର୍ବରେ ବର୍ଷକୁ ଥରେ ଠାକୁରଙ୍କ ନିକଟରେ ଛେଳି ବଳି ପକାଯାଏ । ତିନିବର୍ଷକୁ ଥରେ ଗୋଟିଏ ପୋଢ଼ ବଳି ପକାଯାଇଥାଏ । ସେମାନଙ୍କ ନିକଟରେ ଆର୍ଥିକ ଅସୁବିଧା ଥିଲେ ମଧ ସେମାନେ ଯେଉଁଠାରେ ହେଲେ ଋଣ କରି ପୋଢ଼ କିଣିବା ପାଇଁ ଟଙ୍କା ଦେଇଥାଆନ୍ତି । ଗ୍ରାମରେ ଆଉ କେତେକ ପରବ ଅଛି ସେଗୁଡ଼ିକ ସମସ୍ତେ ମିଶି ଆୟୋଜନ କରିଥାଆନ୍ତି ।

ପାରେଙ୍ଗାମାନଙ୍କ ପରିବାରରେ ଯଦି କୌଣସି ସଦସ୍ୟଙ୍କ ଶାରୀରିକ ଅସୁସ୍ଥତା, ଯଥା:- ଜ୍ୱର, ଝାଡ଼ା ବାନ୍ତି ଇତ୍ୟାଦି ହୁଏ ତେବେ ରୋଗ ଉପଶମ ପାଇଁ ସଂଗେ ସଂଗେ ଠାକୁରଙ୍କ ନିକଟରେ

ପଶୁବଳି ଦେବା ପାଇଁ ମନାସୀ ଥାଆନ୍ତି । ଅର୍ଥର ଅଭାବ ଥିଲେ ମଧ ଧାରଉଧାର କରି ଏହି କାର୍ଯ୍ୟକ୍ରମ କରିଥାଆନ୍ତି । ପ୍ରାୟ ପ୍ରତ୍ୟେକ ଠାକୁରଙ୍କ କାର୍ଯ୍ୟରେ ବଳି ଦେବାକୁ ପଡ଼ିଥାଏ । ଅଧିକ ସଂଖ୍ୟକ ବଳିଦାନ ଫଳରେ ପାରେଙ୍ଗାମାନଙ୍କ ଅର୍ଥନୈତିକ ସ୍ଥିତି ଦୁର୍ବଳ ହୋଇପଡ଼େ ।

**ରାଜନୈତିକ ସମସ୍ୟା :**

ପାରେଙ୍ଗାମାନେ ଶୃଙ୍ଖଳିତ ହେଲେ ମଧ ସେମାନଙ୍କ ଦୈନନ୍ଦିନ ଜୀବନରେ ଅନେକ ସମସ୍ୟା ଦେଖାଦିଏ । ଏହି ସମସ୍ୟାଗୁଡ଼ିକର ସମାଧାନ ଗ୍ରାମର ରାଜନୈତିକ ପରିଷଦ ଦ୍ୱାରା ହୋଇଥାଏ । ରାଜନୈତିକ ପରିଷଦ ନାୟକ, ଜାତିନାୟକ, ବାରିକ / ଛଲାଣକୁ ନେଇ ଗଠିତ । ନାୟକ ଗ୍ରାମର ମୁଖ୍ୟ ଅଟନ୍ତି । ଗ୍ରାମରେ ଉପୁଜୁଥିବା ପ୍ରତ୍ୟେକ ସମସ୍ୟାଗୁଡ଼ିକର ସମାଧାନ ନାୟକ କରିଥାଆନ୍ତି । ଏହି ପଦବୀଟି ବଂଶାନୁକ୍ରମିକ । ବାପା ଗ୍ରାମର ନାୟକ ହୋଇଥିଲେ ବାପାଙ୍କ ଅନ୍ତେ ପୁଅ ନାୟକ ହୋଇଥାଏ । ଏହି ପଦବୀ ପାଇଁ ଭାଇ ଭାଇ ମଧରେ ମଧ କଳିଝଗଡ଼ା ହୋଇଥାଏ । ଘରର ବଡ଼ପୁଅ ସାଧାରଣତଃ ବାପାଙ୍କ ଅନ୍ତେ ଗ୍ରାମର ନାୟକ ହୋଇଥାଆନ୍ତି । ଗ୍ରାମର ନାୟକ ଯଦି ସର୍ବଦା ମଦ ପିଉଥାନ୍ତି ଏବଂ କୌଣସି ସମସ୍ୟାକୁ ଠିକ୍ ଭାବରେ ବିଚାର କରନ୍ତି ନାହିଁ ତେବେ ତାଙ୍କୁ ତାଙ୍କ ପଦବୀରୁ ବାହାର କରିଦିଆଯାଏ ।

ପାରେଙ୍ଗା ଗ୍ରାମମାନଙ୍କରେ କେତେକ କ୍ଷେତ୍ରରେ ମଧ ବିଚାରରେ ପାତରଅନ୍ତର କରିଥାଆନ୍ତି । ଦୋଷୀ ସାବ୍ୟସ୍ତ ବ୍ୟକ୍ତି ଯଦି ନାୟକଙ୍କ ନିକଟତର ଲୋକ ହୋଇଥାଏ ତେବେ ତାଙ୍କୁ ଜୋରିମାନା କିମ୍ବା ଆର୍ଥିକ ଦଣ୍ଡ କ୍ଷେତ୍ରରେ ଉଦାରତା ଦେଖାଇଥାନ୍ତି । ଏହାଦ୍ୱାରା ସଦର ବହୁତ ଗଣ୍ଡଗୋଳ ହୋଇଥାଏ । ପାରେଙ୍ଗା ରାଜନୈତିକ ପରିଷଦ ଦ୍ୱାରା ଅତୀତରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିକୁ ଶାରିରୀକ ଓ ମାନସିକ ଓ ଆର୍ଥିକ ଦଣ୍ଡ ଦିଆଯାଉଥିଲା, କିନ୍ତୁ ବର୍ତ୍ତମାନ ଶାରୀରିକ ଓ ମାନସିକ ଦଣ୍ଡ ପ୍ରାୟ ଉଠିଗଲାଣି । ଦୋଷୀ ସାବ୍ୟସ୍ତ ବ୍ୟକ୍ତିକୁ କେବଳ ଆର୍ଥିକ ଦଣ୍ଡ ଦିଆଯାଉଛି । ଗ୍ରାମସଭାରେ ଦିଆଯାଉଥିବା ଦଣ୍ଡକୁ ଯଦି କୌଣସି ଲୋକ ଅବମାନନା କରେ ତେବେ ତାଙ୍କୁ ସମାଜରୁ ବାସନ୍ଦ କରାଯାଇଥାଏ ।

ବର୍ତ୍ତମାନ ପାରେଙ୍ଗା ସମାଜରେ ଆଧୁନିକ ପଞ୍ଚାୟତ ବ୍ୟବସ୍ଥାର ପ୍ରଚଳନ ହେତୁ ଅତୀତର ରାଜନୈତିକ ପରିଷଦ ଦ୍ୱାରା ହେଉଥିବା ବିଚାର ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି । ବର୍ତ୍ତମାନର ଶିକ୍ଷିତ ପାରେଙ୍ଗା ଯୁବକ ଗ୍ରାମ୍ୟ ରାଜନୈତିକ ସଂଗଠନ ଦ୍ୱାରା ହେଉଥିବା ବିଚାରକୁ ମାନିବାକୁ ନାରାଜ । ଆଧୁନିକ ପଞ୍ଚାୟତ ବ୍ୟବସ୍ଥା ଦ୍ୱାରା ନାୟକଙ୍କୁ ମଧ ଉପଯୁକ୍ତ ସମ୍ମାନ ଦେଉନାହାଁନ୍ତି । ପାରେଙ୍ଗା ଗ୍ରାମମାନଙ୍କର ଶିକ୍ଷାର ଅଭାବ ଯୋଗୁଁ ଲୋକମାନଙ୍କ ଠାରୁ ବିଭିନ୍ନ କ୍ଷେତ୍ରରେ ଠକି ବିଭିନ୍ନ ଜିନିଷ କମ୍ ଦାମ୍‌ରେ କ୍ରୟ କରୁଛନ୍ତି ଏବଂ କେତେକ ଶସ୍ୟ ଓଜନ ମାପ କଲାବେଳେ ଓଜନରେ ଠକି ନେଉଛନ୍ତି । ସମୟ ସମୟରେ କିମ୍ବା ଗୋଷ୍ଠୀଗତ କଳହ ଉପୁଜୁଛି । ଗ୍ରାମ୍ୟ ରାଜନୈତିକ ପରିଷଦ ଦ୍ୱାରା ହେଉଥିବା ବିଚାରକୁ ମଧ ମାନୁ ନାହାଁନ୍ତି ।

**ମହିଳା ସମସ୍ୟା :**

ପାରେଙ୍ଗାମାନେ ମହିଳାମାନଙ୍କୁ ଯଥେଷ୍ଟ ସମ୍ମାନ ଦେଇଥାଆନ୍ତି । କିନ୍ତୁ କେତେକ କ୍ଷେତ୍ରରେ ପାରେଙ୍ଗା ମହିଳାମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି । କେତେକ ପରିବାରରେ

ମହିଳାମାନେ ଶାଶୁ, ଶଶୁରଙ୍କ କଟୁଭାଷାର ଶିକାର ହୋଇଥାଆନ୍ତି । ଶାଶୁ, ଶଶୁରଙ୍କ କହିବା ଅନୁସାରେ ଯଦି ସ୍ତ୍ରୀ ଲୋକ ଜଣକ କାର୍ଯ୍ୟ ନ କରେ ତେବେ ତାକୁ ବିଭିନ୍ନ ପ୍ରକାର ନିର୍ଯ୍ୟାତନା ଦିଆଯାଇଥାଏ। କେତେକ ପାରେଙ୍ଗା ମହିଳା ମଧ୍ୟ ନିଜ ଦାୟିତ୍ୱବୋଧ ସମ୍ପର୍କରେ ସଚେତନ ନୁହଁନ୍ତି, ଯାହାଦ୍ୱାରାକି ପରିବାରରେ ସର୍ବଦା କଳହ ଲାଗି ରହିଥାଏ। ପିଲାଛୁଆଙ୍କ ଯତ୍ନ ନେବା, ଶାଶୁ ଶଶୁରଙ୍କୁ ଠିକ୍ ସମୟରେ ଖାଇବାକୁ ଦେବା, ଘରର କାର୍ଯ୍ୟ କରିବା କ୍ଷେତ୍ରରେ କେତେକ ମହିଳା ଅବହେଳା କରନ୍ତି, ଯାହା ଫଳରେ ଦାୟିତ୍ୱବୋଧ ସମ୍ପର୍କିତ ବିଭିନ୍ନ ସମସ୍ୟା ଦେଖାଦିଏ।

ସେମାନଙ୍କ ସମାଜରେ ଛାଡ଼ପତ୍ର ପ୍ରଥା ପ୍ରଚଳିତ । ବିବାହ କରିଥିବା କୌଣସି ମହିଳାଙ୍କ ଯଦି ପିଲାଛୁଆ ବହୁତ କିମ୍ବା ନିଜର କାର୍ଯ୍ୟ ସେ ଠିକ୍ ଭାବରେ କରି ନପାରନ୍ତି ତେବେ ପୁରୁଷ ତାଙ୍କୁ ଛାଡ଼ପତ୍ର ଦେଇଥାନ୍ତି । କେତେକ କ୍ଷେତ୍ରରେ ମଧ୍ୟ କାମର ଲାଳସା ମେଣ୍ଟାଇବାକୁ ଯାଇ ପ୍ରଥମ ସ୍ତ୍ରୀକୁ ଛାଡ଼ପତ୍ର ଦେଇ ଆଉ ଏକ ମହିଳାକୁ ସ୍ତ୍ରୀ ଭାବେ ଗ୍ରହଣ କରିଥାଏ। ପାରେଙ୍ଗା ମହିଳାମାନଙ୍କୁ କେତେକ କ୍ଷେତ୍ରରେ ବାରଣ କରାଯାଇଥାଏ। ବିଶେଷ କରି ଧର୍ମୀୟ କ୍ଷେତ୍ରରେ ପାରେଙ୍ଗା ମହିଳା ପାଇଁ ବାରଣ ଥାଏ। ମହିଳା ସମସ୍ୟା ଏକ ମୁଖ୍ୟ ସମସ୍ୟା ଅଟେ। ପାରେଙ୍ଗା ସମାଜରେ ଯଦି କୌଣସି ସ୍ତ୍ରୀ ଲୋକର ସ୍ୱାମୀ ମୃତ୍ୟୁବରଣ କରେ ଏବଂ ତା'ର ଛୋଟ ଛୋଟ ପିଲାଛୁଆ ଥାଆନ୍ତି ତେବେ ସେହି ନିଃସହାୟ ମହିଳା ଜଣଙ୍କ ପିଲାଛୁଆଙ୍କୁ ମଣିଷ କରିବା ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ।

**ଜଂଗଲକ୍ଷୟ ଜନିତ ସମସ୍ୟା :**

ପାରେଙ୍ଗାମାନେ ବିଶେଷ କରି ଅତୀତରେ ଜଂଗଲ ଉପରେ ନିର୍ଭର କରି ପରିବାର ପୋଷଣ କରୁଥିଲେ। ଜଂଗଲରୁ ସେମାନେ ବିଭିନ୍ନ ଖାଦ୍ୟଦ୍ରବ୍ୟ ଫଳ, କଳା, ଶାଗ, ଛତୁ ଇତ୍ୟାଦି ସଂଗ୍ରହ କରୁଥିବା ସହିତ ଜଂଗଲ କାଟି ଜାଳେଣି କାଠ ଏବଂ ଗୃହନିର୍ମାଣ ପାଇଁ କାଠ, ପଟା ଇତ୍ୟାଦି କାଟି ଆଣୁଥିଲେ। ଜଂଗଲକୁ ସଫା କରି ପୋଡୁଚାଷ ମଧ୍ୟ କରୁଥିଲେ। ଜଂଗଲ କାଟିବା ଦ୍ୱାରା ବିଭିନ୍ନ ସମସ୍ୟା ଉପୁଜୁଛି। ଜଂଗଲ କାଟିବା ଦ୍ୱାରା ଠିକ୍ ସମୟରେ ବର୍ଷା ହେଉନାହିଁ, ଯାହାଫଳରେ ଜମିରେ ଚାଷ କରିଥିବା ଶସ୍ୟ ଗୁଡ଼ିକ ନଷ୍ଟ ହୋଇଯାଉଛି ମରୁଡ଼ି ଲାଗୁଛି। ଜଂଗଲ କାଟିବା ଦ୍ୱାରା ବାୟୁ ପ୍ରଦୂଷଣ ହେଉଛି। ବାୟୁମଣ୍ଡଳରେ ଅମ୍ଳଜାନର ପରିମାଣ କମି ଯାଉଥିବା ବେଳେ ଅଂଗାରକାମ୍ଳର ପରିମାଣ ବଢ଼ି ବଢ଼ି ଚାଲିଛି। ଆହୁରି ମଧ୍ୟ ଜଂଗଲ ପଦା ହେବା ଦ୍ୱାରା ଜଂଗଲରେ ବାସ କରୁଥିବା ବନ୍ୟପ୍ରାଣୀଙ୍କ ସଂଖ୍ୟା ଦିନକୁ ଦିନକୁ ଲୋପ ପାଇଗଲାଣି। ଏହିଭଳି ଭାବେ ଜଂଗଲକ୍ଷୟ ଦ୍ୱାରା ପାରେଙ୍ଗାମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

**ଉନ୍ନୟନ କାର୍ଯ୍ୟକ୍ରମ :**

ପାରେଙ୍ଗାମାନେ ମଧ୍ୟ ଆଧୁନିକୀକରଣ ସଂସ୍ପର୍ଶରେ ଆସି ନିଜର ବ୍ୟକ୍ତିଗତ ତଥା ସମାଜର ଉନ୍ନତି କ୍ଷେତ୍ରରେ ପରିବର୍ତ୍ତନ ପାଇଁ ପ୍ରଚେଷ୍ଟା କରୁଛନ୍ତି। ଉନ୍ନୟନ ବା ବିକାଶ କହିଲେ ସେମାନେ ସୁଖ ଶାନ୍ତିରେ ଚଳିବେ, ସେମାନଙ୍କ ପିଲାଛୁଆ ଉଚ୍ଚ ଶିକ୍ଷିତ ହେବେ ବୋଲି ମତବ୍ୟକ୍ତ କରନ୍ତି। ଶିକ୍ଷାର ଅଭାବ ଯୋଗୁଁ ସେମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶିକ୍ଷାର ଉନ୍ନତି ଆଣିପାରିଲେ

ସେମାନଙ୍କ ବ୍ୟକ୍ତିଗତ ତଥା ସମାଜର ପ୍ରଗତି ହୋଇପାରିବ ବୋଲି ସେମାନେ ମତବ୍ୟକ୍ତ କରନ୍ତି। ଶିକ୍ଷାର ଅଭାବଯୋଗୁଁ ବିଭିନ୍ନ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟକ୍ରମ ସଂପର୍କରେ ଜାଣିପାରୁ ନାହାଁନ୍ତି, ଯାହାକି ସେମାନଙ୍କ ପ୍ରଗତି କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ସରକାରୀ / ବେସରକାରୀ ସଂସ୍ଥା ତରଫରୁ ପାରେଙ୍ଗା ଗ୍ରାମମାନଙ୍କରେ ବିଭିନ୍ନ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟକ୍ରମ କରାଯାଉଛି। ସେମାନଙ୍କ ଆର୍ଥିକ କ୍ଷେତ୍ରରେ ଉନ୍ନତି ଆଣିବାକୁ ହେଲେ ସେମାନଙ୍କ କୃଷି, ଶିକ୍ଷା, ପଶୁପାଳନ ସ୍ୱାସ୍ଥ୍ୟ ଇତ୍ୟାଦି କ୍ଷେତ୍ରରେ ଉନ୍ନତି କରିବାକୁ ପଡ଼ିବ। ସରକାରଙ୍କ ତରଫରୁ ପାରେଙ୍ଗା ଅଞ୍ଚଳରେ ବିଭିନ୍ନ ପ୍ରକାର ଯୋଜନାମୂଳକ କାର୍ଯ୍ୟକ୍ରମ କରାଯାଉଛି ଏବଂ ସେଗୁଡ଼ିକ ନିମ୍ନରେ ବିଷଦ ଭାବରେ ବର୍ଣ୍ଣନା କରାଗଲା।

**କୃଷି ଉନ୍ନୟନ :**

ସେମାନେ ସେମାନେ ମୁଖ୍ୟତଃ କୃଷି ଉପରେ ନିର୍ଭର କରି ନିଜର ଜୀବିକା ନିର୍ବାହ କରୁଛନ୍ତି। ସେମାନଙ୍କ ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିବାକୁ ହେଲେ କୃଷି କ୍ଷେତ୍ରରେ ଉନ୍ନତି ଆଣିବାକୁ ହେବ। ସରକାରୀ ତଥା ବେସରକାରୀ ସ୍ତରରେ ସେମାନଙ୍କ କୃଷି କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ପ୍ରକାର ଯୋଜନାମୂଳକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ନନ୍ଦପୁର ଅଞ୍ଚଳରେ ପ୍ରଗତି ବୋଲି ଏକ ବେସରକାରୀ ସଂସ୍ଥା କାର୍ଯ୍ୟ କରୁଛି। ଅତି ନିମ୍ନସ୍ତରର ଗରୀବ ଚାଷୀ ଯାହାଙ୍କର ବଳଦ ଏବଂ ଗୁହାଳ ଓ ଜୀବନବୀମା ପାଇଁ ୧୩୨୫ ଟଙ୍କା ଦେଉଛନ୍ତି। ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ବାଡ଼େଲ ଗ୍ରାମପଞ୍ଚାୟତର କାଣ୍ଡି ଗ୍ରାମର ତିନି ଜଣ ହିତାଧିକାରୀଙ୍କୁ ଏହି ସୁଯୋଗ ମିଳିଛି। ଜମିଗୁଡ଼ିକର ମୃତ୍ତିକା କ୍ଷୟ ରୋକିବା ପାଇଁ ମଧ୍ୟ ଜମିର ଚତୁଃପାର୍ଶ୍ୱରେ ହିଡ଼ ଦେଉଛନ୍ତି। ବର୍ଷାଦିନେ ପାହାଡ଼ ପର୍ବତରୁ ନିଷ୍କାସିତ ହେଉଥିବା ପାଣି ପ୍ରବଳମାତ୍ରାରେ ମାଡ଼ି ଆସି ଶସ୍ୟ ଜମିରେ ପଶି ନଷ୍ଟ କରୁଥିବାରୁ ଜଳ ବିଭାଜିକା ପ୍ରକଳ୍ପ ଦ୍ୱାରା ସେହି ପାଣିକୁ ଅଟକା ଯାଇ ତାହାକୁ ଏକ ନାଳ ମଧ୍ୟ ଦେଇ ଛାଡ଼ୁଛନ୍ତି। ଏହାଦ୍ୱାରା ଚାଷୀ ନିଜ ଇଚ୍ଛା ମୁତାବକ ଓ ଆବଶ୍ୟକ ଅନୁସାରେ ଶସ୍ୟ ଜମିରେ ପାଣି ମଡ଼ାଇପାରୁଛି।

ସରକାରୀ ସ୍ତରରେ ପାରେଙ୍ଗା ଚାଷୀମାନଙ୍କୁ ଉନ୍ନତି ଧରଣ ଚାଷ କରିବା ପାଇଁ ଉନ୍ନତ କିସମର ବିହନ, ସାର, କୀଟନାଶକ ଔଷଧ ମାଗଣାରେ ଯୋଗାଇ ଦେଉଛନ୍ତି। କିନ୍ତୁ ପାରେଙ୍ଗା ଚାଷୀମାନେ ତାହାକୁ ଗ୍ରହଣ କରୁନାହାଁନ୍ତି। ସାର ଏବଂ କୀଟନାଶକ ଔଷଧ ଜମିରେ ପ୍ରୟୋଗ କଲେ ଜମିର ଉର୍ବରତା ନଷ୍ଟ ହୋଇଯିବ ବୋଲି ସେମାନେ କହୁଛନ୍ତି। କିନ୍ତୁ ଯେଉଁ ଜଣେ / ଦୁଇ ଜଣ ଚାଷୀ ସରକାରଙ୍କ ଏହି ସୁଯୋଗକୁ ନେଇ ଜମିରେ ପ୍ରୟୋଗ କଲେ ସେମାନଙ୍କର ଉତ୍ପାଦନ ବୃଦ୍ଧି ପାଇଲା ଏବଂ ଧୀରେଧୀରେ ସମସ୍ତ ଚାଷି ବର୍ତ୍ତମାନ ଜମିରେ ସାର ଏବଂ କୀଟନାଶକ ଔଷଧ ପ୍ରୟୋଗ କଲେଣି। ବିଭିନ୍ନ ପ୍ରକାର ସାର ଜମିରେ ପ୍ରୟୋଗ କରିବା ଦ୍ୱାରା ଜମିର ଉର୍ବରତା ଧୀରେଧୀରେ କମିଗଲାଣି। ସେଥିପାଇଁ ସରକାରୀ / ବେସରକାରୀ ସ୍ତରରେ ଜିଆଚାଷ ପାଇଁ ଲୋକମାନଙ୍କୁ ତାଲିମ ଦିଆଯାଉଛି। ବ୍ଲକ୍ ତରଫରୁ ଗ୍ରାମରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ନୂଆ ଚାଷ ଉପରେ ତାଲିମ ଦିଆଯାଉଛି ଏବଂ ଚାଷ କରିବା ପାଇଁ ମଧ୍ୟ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ପ୍ରଗତି ସଂସ୍ଥା ତରଫରୁ ମଧ୍ୟ କେତେକ ଗ୍ରାମରେ ଜିଆ ଚାଷ କେନ୍ଦ୍ର ଖୋଲା ଯାଇଛି। ଜମିରେ ଖତ ଏବଂ କମ୍ପୋଷ୍ଟ ପ୍ରୟୋଗ କରିବା ପାଇଁ ଲୋକମାନଙ୍କୁ ସଚେତନ କରାଯାଉଛି। ଜମିରେ

ଶସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ମଧ୍ୟ ନୂତନ ଜ୍ଞାନକୌଶଳ ମାଧ୍ୟମରେ ଚାଷ କରିବା ପାଇଁ ଚାଷୀମାନଙ୍କୁ ତାଲିମ ଦେଉଛନ୍ତି ।

ପାରେଙ୍ଗା ଅଧ୍ୟୁଷିତ ଗ୍ରାମମାନଙ୍କରେ ମହିଳାମାନଙ୍କୁ ନେଇ ଗଠିତ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ଜଳସେଚନ ପାଇଁ ବ୍ଲକ୍ ତରଫରୁ ୫୦% ଛାଡ଼ରେ ପାଣି ପମ୍ପ ଯୋଗାଇ ଦିଆଯାଉଅଛି । ସରକାରଙ୍କ ତରଫରୁ ମଧ୍ୟ ବିଭିନ୍ନ ଅଞ୍ଚଳରେ ଶସ୍ୟ କ୍ଷେତ୍ରରେ ଉପଯୁକ୍ତ ଜଳସେଚନ ପାଇଁ ଜଳ ବିଭାଜିକା ପ୍ରକଳ୍ପ ତିଆରି କରାଯାଉଛି ।

ଉଦ୍ୟାନ କୃଷି ହେଉଛି ପାରେଙ୍ଗାମାନଙ୍କର ମୁଖ୍ୟ ଅର୍ଥକାରୀ କୃଷି । ଉକ୍ତ ଅଞ୍ଚଳରେ ଉଦ୍ୟାନ କୃଷିର ଉନ୍ନତି ପାଇଁ ସରକାରୀ / ବେସରକାରୀ ସ୍ତରରେ ବିଭିନ୍ନ ପ୍ରକାର ଯୋଜନାମୂଳକ କାର୍ଯ୍ୟକ୍ରମ କରାଯାଉଛି । ସରକାରଙ୍କ ତରଫରୁ ରୋପଣ କରାଯାଉଅଛି ଏବଂ ତିନି ବର୍ଷ ପର୍ଯ୍ୟନ୍ତ ସେହି ବଗିଚାର ରକ୍ଷଣାବେକ୍ଷଣ କରାଯାଉଅଛି । ତିନିବର୍ଷ ପରେ ଜମିର ମାଲିକଙ୍କୁ କାଜୁ ବଗିଚା ଫେରାଇ ଦିଆଯାଉଅଛି । ଏତଦ୍‌ବ୍ୟତୀତ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବ୍ଲକ୍ ତରଫରୁ ମାଗଣାରେ ଅଦା ଚାଷ ପାଇଁ ଅଦା ଯୋଗାଇ ଦିଆଯାଉଅଛି ।

ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ମଧ୍ୟ ଜମିରୁ ମୃତ୍ତିକା କ୍ଷୟ ନ ହେବା ପାଇଁ ଜମିର ଚତୁଃପାର୍ଶ୍ୱରେ ଉଚ୍ଚ ହିଡ଼ ଦେଉଛନ୍ତି ଏବଂ ପାହାଡ଼ ପର୍ବତରୁ ମୃତ୍ତିକା କ୍ଷୟ ନ ହେବା ପାଇଁ ଲଣ୍ଡା ହୋଇଯାଇଥିବା ସ୍ଥାନରେ ବୃକ୍ଷ ରୋପଣ କରୁଛନ୍ତି ।

**ଗୃହ ନିର୍ମାଣ :**

ପାରେଙ୍ଗାମାନଙ୍କ ଘର ସାଧାରଣତଃ ମାଟି ଛପର ଘର । ଦାରିଦ୍ର୍ୟ ସୀମାରେଖା ତଳେ ଯେଉଁମାନଙ୍କ ନାମ ଥାଏ ସେମାନଙ୍କୁ ସାଧାରଣତଃ ଇନ୍ଦିରା ଆବାସ ଯୋଜନାରେ ଗୃହ ନିର୍ମାଣ ଅର୍ଥ ସରକାରଙ୍କ ତରଫରୁ ମିଳିଥାଏ । ପାରେଙ୍ଗା ଗ୍ରାମମାନଙ୍କରେ ପ୍ରତି ମାସକୁ ଥରେ ପଲ୍ଲୀ ସଭା ହୋଇଥାଏ । ଏହି ପଲ୍ଲୀ ସଭାରେ ଉକ୍ତ ୱାର୍ଡ଼ର ୱାର୍ଡ଼ମେମ୍ବର, ଗ୍ରାମସେବକ ଓ ସରପଞ୍ଚ ଉପସ୍ଥିତ ଥାଆନ୍ତି । ଗ୍ରାମର ଲୋକମାନଙ୍କ ସମସ୍ତ ସୁବିଧା, ଅସୁବିଧା ଏଠାରେ ଆଲୋଚ଼ନା କରାଯାଏ । ଆଲୋଚ଼ନା କ୍ରମେ ଯେଉଁ ଲୋକର ନାମ ଏହି ସଭାରେ ଅନୁମୋଦିତ ହୋଇଥାଏ, ତାଙ୍କୁ ଇନ୍ଦିରା ଆବାସ ମିଳିଥାଏ । ଆର୍ଥିକ ଅନଗ୍ରସର ପାରେଙ୍ଗା ଲୋକମାନଙ୍କୁ ମଧ୍ୟ ବେସରକାରୀ ସଂସ୍ଥା ତରଫରୁ ଗୃହନିର୍ମାଣ ପାଇଁ ଅର୍ଥ ଯୋଗାଇ ଦିଆଯାଉଅଛି ।

**ସମବାୟ :**

ସମବାୟ ସଂସ୍ଥା ପାରେଙ୍ଗାମାନଙ୍କୁ ବିଭିନ୍ନ ପ୍ରକାର ଋଣ ଦେଇ ସେମାନଙ୍କ ଆର୍ଥିକ ସ୍ଥିତିକୁ ଉନ୍ନତି କରିବା ପାଇଁ ପ୍ରୟାସ ଜାରି ରଖିଛି । ପାରେଙ୍ଗା ଗ୍ରାମମାନଙ୍କରେ ଗଠନ କରାଯାଉଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସେମାନଙ୍କ ଜମାଖାତା ସମବାୟ ବ୍ୟାଙ୍କରେ ଖୋଲି ଥାଆନ୍ତି । ମାସିକ କିସ୍ତି ଅନୁସାରେ ରାଶି ସଂଗ୍ରହ କରି ବ୍ୟାଙ୍କରେ ଜମା କରନ୍ତି । ଗୋଷ୍ଠୀର କୌଣସି ସଦସ୍ୟଙ୍କ ଅତ୍ୟାବଶ୍ୟକ ହେଲେ ରାଶି ଉଠାନ୍ତି କିମ୍ବା ଗୋଷ୍ଠୀଗତ ଭାବେ ବ୍ୟବସାୟ କରିବାକୁ ଚାହିଁଲେ ସମବାୟ ବ୍ୟାଙ୍କ

ସେମାନଙ୍କୁ ଆବଶ୍ୟକ ପରିମାଣର ଋଣ ଦେଇଥାଏ। କେତେକ ଜରୁରୀ ପରିସ୍ଥିତିରେ ସୁନା, ରୂପା ଇତ୍ୟାଦି ଲ୍ୟାମ୍ପରେ ବନ୍ଧା ପକାଇ ଅର୍ଥ ଉଠାଇ ଥାଆନ୍ତି। ସମବାୟ ବ୍ୟାଙ୍କ ଋଷୀମାନଙ୍କୁ ମଧ୍ୟ ଋଷ କରିବା ପାଇଁ ବର୍ଷକୁ ଦୁଇଥର ଖରିଫ ଋଣ ଓ ରବି ଋଣ ଆକାରରେ ଅର୍ଥ ଯୋଗାଇ ଥାଆନ୍ତି।

**ଶିକ୍ଷା :**

ପାରେଙ୍ଗାମାନଙ୍କ ଶିକ୍ଷାର ସ୍ତର ଅତି ନିମ୍ନ। ସେମାନଙ୍କ ସମାଜରେ ଶିକ୍ଷାର ଅଗ୍ରଗତି ହୋଇପାରିଲେ ଅର୍ଥନୈତିକ ସ୍ଥିତିରେ ମଧ୍ୟ ପରିବର୍ତ୍ତନ ହେବ। ସାକ୍ଷରତା ହାର ମାତ୍ର ୧୦%। ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟକୁ ଛାଡ଼ନ୍ତି ନାହିଁ, କାରଣ ତାଙ୍କର ପିଲାମାନେ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ବହୁତ ସାହାଯ୍ୟ କରନ୍ତି। ପିଲାମାନେ ଠିକ୍ ଭାବରେ ବିଦ୍ୟାଳୟକୁ ଆସିବା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାର ଯୋଜନାମୂଳକ କାର୍ଯ୍ୟକ୍ରମ ମାନ କରାଯାଉଛି। ସର୍ବଶିକ୍ଷା ଅଭିଯାନରେ ଶିଶୁମାନଙ୍କ ପାଇଁ ବିଭିନ୍ନ ପ୍ରକାର ଖେଳଣା, ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା, ମାଗଣାରେ ପୋଷାକ ଇତ୍ୟାଦି କାର୍ଯ୍ୟକ୍ରମ କରାଯାଉଛି। ପାରେଙ୍ଗା ଝିଅମାନେ ବିଦ୍ୟାଳୟକୁ ଆସିବା ପାଇଁ ସର୍ବଶିକ୍ଷା ଅଭିଯାନ ତରଫରୁ ମାଗଣାରେ ପୋଷାକ ଦିଆଯାଉଛି। ପାରେଙ୍ଗା ଶିଶୁମାନେ ଶ୍ରେଣୀଗୃହରେ ଓଡ଼ିଆ ଭାଷାରେ ଶିକ୍ଷାଦାନ ଫଳରେ ଠିକ ଭାବରେ ବୁଝିପାରୁ ନଥିବାରୁ ସେମାନଙ୍କୁ ମାତୃଭାଷାରେ ଶ୍ରେଣୀ ଗୃହରେ ଶିକ୍ଷାଦାନ ଦେବା ପାଇଁ ଶିକ୍ଷକମାନଙ୍କୁ ସର୍ବଶିକ୍ଷା ଅଭିଯାନ ତରଫରୁ ତାଲିମ ଦିଆଯାଉଅଛି। ପାରେଙ୍ଗାମାନେ ଆର୍ଥିକ ଅସୁବିଧା ହେତୁ ବହି, ଖାତା ଇତ୍ୟାଦି କ୍ରୟ କରିପାରିବେ ନାହିଁ ବୋଲି ସର୍ବଶିକ୍ଷା ଅଭିଯାନ ତରଫରୁ ଶିଶୁମାନଙ୍କୁ ମାଗଣାରେ ବହି ଯୋଗାଇ ଦିଆଯାଉଅଛି। ଓଡ଼ିଶା ସରକାରଙ୍କ କଲ୍ୟାଣବିଭାଗ ତରଫରୁ ନନ୍ଦପୁର ବ୍ଲକ୍ ଅନ୍ତର୍ଗତ କେତେକ ପାରେଙ୍ଗା ଅଧ୍ୟୁଷିତ ଅଞ୍ଚଳରେ ଆଶ୍ରମ / ସେବାଶ୍ରମ ବିଦ୍ୟାଳୟ ମାନ ସ୍ଥାପନ କରାଯାଇଛି। ସେଠାରେ ଶିଶୁମାନଙ୍କୁ ମାଗଣାରେ ରହିବା, ଖାଇବା, ପୋଷାକ, ବହି, ଖାତା, କଲମ ଇତ୍ୟାଦି ଯୋଗାଇ ଦିଆଯାଉଅଛି। ଶ୍ରେଣୀ ଗୃହରେ ଓଡ଼ିଆ ଭାଷାରେ ଶିକ୍ଷାଦାନ ଶିଶୁମାନେ ଠିକ୍ ଭାବରେ ବୁଝିପାରୁଥିବାରୁ ଆନ୍ତର୍ଜାତିୟ ସଂସ୍ଥା ୟୁନିସେଫ୍‌ଙ୍କ ଆର୍ଥିକ ସହାୟତା ଏବଂ କଲ୍ୟାଣ ବିଭାଗ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ମାଧ୍ୟମରେ ସମସ୍ତ ଆଶ୍ରମ / ସେବାଶ୍ରମ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଶ୍ରେଣୀ ଗୃହରେ ଆଞ୍ଚଳିକ ଭାଷାରେ ଶିକ୍ଷାଦାନ ଦେବା ପାଇଁ ତାଲିମ ଦିଆଯାଉଅଛି। ଏହିଭଳି ଭାବେ ପାରେଙ୍ଗାମାନଙ୍କ ଶିକ୍ଷାର ଉନ୍ନତି ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟକ୍ରମ କରାଯାଉଅଛି। ଯେଉଁ ପାରେଙ୍ଗା ଛାତ୍ର କଲେଜରେ ପଢୁଛନ୍ତି ସରକାରଙ୍କ ତରଫରୁ ତାଙ୍କୁ ବାର୍ଷିକ ବୃତ୍ତି ଆକାରରେ କିଛି ଅର୍ଥ ଦିଆଯାଉଅଛି। କେତେକ ବେସରକାରୀ ସଂସ୍ଥା ମଧ୍ୟ ପାରେଙ୍ଗା ଅଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାନ କରୁଅଛି।

**ପଶୁପାଳନ ଓ ଜଙ୍ଗଲ ବିକାଶ ସାଧନ :**

ପାରେଙ୍ଗାମାନେ ପଶୁପାଳନ କରିବାକୁ ବହୁତ ଭଲ ପାଆନ୍ତି କାରଣ ପଶୁପାଳନ ତାଙ୍କର ଅର୍ଥନୈତିକ ଦିଗରେ ଯଥେଷ୍ଟ ସହାୟକ ହୋଇଥାଏ। ପାରେଙ୍ଗାମାନେ ସାଧାରଣତଃ ଗାଈ, ଛେଳି, ମେଣ୍ଢା, କୁକୁଡ଼ା, ବତକ, ହଂସ, ମଇଁଷି ଇତ୍ୟାଦି ପାଳନ କରିଥାଆନ୍ତି। ତାହାକୁ ବଜାରରେ ବିକ୍ରି କରି

କିଛି ଅର୍ଥ ଉପାର୍ଜନ କରିଥାଆନ୍ତି । କିନ୍ତୁ କେତେକ ଗରୀବ ପାରେଙ୍ଗା ଅର୍ଥର ଅଭାବ ଯୋଗୁଁ ପଶୁ ପକ୍ଷୀ କ୍ରୟ କରିପାରନ୍ତି ନାହିଁ । ସେଥିପାଇଁ ପ୍ରଗତି ବେସରକାରୀ ସଂସ୍ଥା ପାରେଙ୍ଗା ଅଞ୍ଚଳ ସର୍ଭେ କରି ଆର୍ଥିକ ଅନଗ୍ରସର ଓ ଆଗ୍ରହ ପ୍ରକାଶ କରୁଥିବା ପରିବାରଙ୍କୁ ଯୋଗାଉଛନ୍ତି । ପାରେଙ୍ଗାମାନେ ସାଧାରଣତଃ ଗୃହପାଳିତ ପଶୁଙ୍କ ଶାରିରୀକ ଅସୁସ୍ଥତା ହେଲେ ଦିଶାରୀ ସହ ଯୋଗାଯୋଗ କରି ଚେରମୂଳ ଔଷଧ ଦେଇଥାଆନ୍ତି । ସେହି ଔଷଧରେ ଯଦି ଭଲ ହୋଇଗଲା ତେବେ ଠାକୁରଙ୍କ କୃପା ଏବଂ ଦିଶାରୀ ଯୋଗୁଁ ଭଲ ହେଲା ବୋଲି ବିଶ୍ୱାସ କରନ୍ତି । ଯଦି ଭଲ ନ ହୋଇ ଅଧିକ ଖରାପ ହୁଏ, ତେବେ ସେମାନେ ପଶୁଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତି ଯାହାଦ୍ୱାରାକି ଅଧିକ ଖର୍ଚ୍ଚାନ୍ତ ହୁଅନ୍ତି । ସେଥିପାଇଁ ପ୍ରଗତି ସଂସ୍ଥା ତରଫରୁ ପଶୁଡାକ୍ତରମାନେ ହିତାଧିକାରୀମାନଙ୍କୁ ତାଲିମ ଦେଉଛନ୍ତି । କେଉଁ ରୋଗ ପାଇଁ କେଉଁ ଔଷଧ ଦିଆଯିବ ସେ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଉଛନ୍ତି । ପାରେଙ୍ଗା ଗ୍ରାମମାନଙ୍କରେ ଗଠିତ ହୋଇଥିବ ସ୍ୱୟଂ ସହାୟାକ ଗୋଷ୍ଠୀଗୁଡ଼ିକୁ ସରକାରଙ୍କ ତରଫରୁ ପଶୁପାଳନ ପାଇଁ ବିଭିନ୍ନ ବ୍ୟାଙ୍କ ଜରିଆରେ ଋଣ ପ୍ରଦାନ କରୁଛନ୍ତି ।

ଜଂଗଲ ବିକାଶ ସାଧନ କ୍ଷେତ୍ରରେ ପାରେଙ୍ଗାମାନେ ଧୀରେ ଧୀରେ ସଚେତନ ହେଲେଣି । ପୂର୍ବଭଳି ଜଂଗଲ କାଟି ଆଉ ସଫା କରୁନାହାଁନ୍ତି । ଓଡ଼ିଶା ସରକାରଙ୍କ ବନ ବିଭାଗ ତରଫରୁ ଏବଂ ବିଭିନ୍ନ ବେସରକାରୀ ସଂସ୍ଥା ତରଫରୁ ଜଂଗଲ କାଟିଲେ କ'ଣ ଅସୁବିଧା ହେବ ସେ ସମ୍ବନ୍ଧରେ ବିଭିନ୍ନ ନାଟକ, ସଭାସମିତି, ଲୋକଗୀତ ମାଧମରେ ଲୋକମାନଙ୍କୁ ସଚେତନ କରୁଛନ୍ତି । ବନ ବିଭାଗ ତରଫରୁ ପାହାଡ଼, ପର୍ବତ ଓ ସଫା ହୋଇଯାଇଥିବା ଜଂଗଲକୁ ଘେରା ଲଗାଇ ବୃକ୍ଷରୋପଣ କରୁଛନ୍ତି । କେତେକ ପାରେଙ୍ଗା ଅଞ୍ଚଳରେ ଜଂଗଲ ସୁରକ୍ଷା ପାଇଁ ଗ୍ରାମ ଅନୁସାରେ ପାରେଙ୍ଗା ଲୋକମାନଙ୍କୁ ବନ ବିଭାଗ ତରଫରୁ ଦାୟିତ୍ୱ ଦିଆଯାଇଅଛି ।

**ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ :**

ପାରେଙ୍ଗାମାନେ ବହୁତ ଈଶ୍ୱର ବିଶ୍ୱାସୀ । ପରିବାରର କୌଣସି ଲୋକଙ୍କୁ କୌଣସି ରୋଗ ଆକ୍ରମଣ କଲେ ପାରେଙ୍ଗାମାନେ ସଂଗେ ସଂଗେ ଈଶ୍ୱରଙ୍କ ନିକଟରେ ବଳି ଦେବାକୁ ମନାସୀ ଥାଆନ୍ତି ଏବଂ ରୋଗ ଉପଶମ ପାଇଁ ନିକଟସ୍ଥ ବୈଦ୍ୟ ପାଖକୁ ଯାଆନ୍ତି । ଦିଶାରୀ ବିଭିନ୍ନ ରୋଗ ପାଇଁ ବିଭିନ୍ନ ଗଛର ଚେର ମୂଳ ସଂଗ୍ରହ କରି ରଖିଥାନ୍ତି । ରୋଗ ଅନୁସାରେ ଚେର ମୂଳି ଔଷଧ ଦେଇଥାନ୍ତି । ଯଦି ସେହି ଚେର ମୂଳିରେ ରୋଗ ଭଲ ହୋଇଯାଏ ତେବେ ଈଶ୍ୱରଙ୍କ କୃପା ଓ ଦିଶାରୀ ଯୋଗୁଁ ହିଁ ଭଲ ହେଲା ବୋଲି ପାରେଙ୍ଗାମାନେ ବିଶ୍ୱାସ କରନ୍ତି । ଯଦି ରୋଗ ଭଲ ନ ହୁଏ ଅନ୍ତିମ ଅବସ୍ଥାରେ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥାଆନ୍ତି ଯାହାଫଳରେ ଅଧିକ ଖର୍ଚ୍ଚାନ୍ତ ହୋଇଥାଆନ୍ତି । କେତେକ କ୍ଷେତ୍ରରେ ଅବହେଳା ଯୋଗୁଁ ରୋଗୀ ମରିଯାଉଛି । ପାରେଙ୍ଗା ସମାଜରେ ଯଦି ଗର୍ଭବତୀ ମହିଳା ସରକାରୀ ଚିକିତ୍ସାଳୟରେ ପ୍ରସବ କରେ ତେବେ ସେ ଆସିବା ପରେ ଜାତିଦେବାକୁ ପଡ଼ିଥାଏ । ସମାଜକୁ ଜାତି ଦେବା ପରେ ସମାଜରେ ମିଶିବ ବୋଲି ସେମାନଙ୍କ ଏହା ଏକ ପାରମ୍ପରିକ ପ୍ରଥା ରହିଆସିଛି । ଏତଦ୍‌ବ୍ୟତୀତ ସରକାରୀ ସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରତ୍ୟେକ ଗ୍ରାମପଞ୍ଚାୟତ ଜଣେ /

ଦୁଇଜଣ ଲେଖାଏଁ A.N.M.ରହୁଛନ୍ତି । A.N.M.ମାନେ ପ୍ରତ୍ୟେକ ଗ୍ରାମରେ ଗୋଟିଏ ଲେଖାଏଁ ଔଷଧ ବିତରଣ କେନ୍ଦ୍ର ସ୍ଥାପନ କରିଛନ୍ତି । ସେଠାରେ ବିଭିନ୍ନ ରୋଗ ଉପଶମ ପାଇଁ ପ୍ରାଥମିକ ସ୍ତରର ଔଷଧ ମାଗଣାରେ ଯୋଗାଇ ଦିଆଯାଉଅଛି । ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ମଧ୍ୟ ପ୍ରତ୍ୟେକ ପାରେଙ୍ଗା ଗ୍ରାମମାନଙ୍କରେ ବର୍ଷରେ / ଦୁଇଥର ଲେଖାଏଁ D.D.T. ସିଞ୍ଚନ କରୁଛନ୍ତି । ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମାଗଣାରେ ଚକ୍ଷୁ ଚିକିତ୍ସା କରାଯାଉଛି । ଜନ ସଚେତନତା ପାଇଁ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଭିନ୍ନ ପ୍ରକାର ଯୋଜନାମୂଳକ କାର୍ଯ୍ୟକ୍ରମ ମାନ କରାଯାଉଛି । ଲେପ୍ରା ଇଣ୍ଡିଆ ସଂସ୍ଥା ତରଫରୁ କେତେକ ପାରେଙ୍ଗା ଅଞ୍ଚଳରେ ଏଡ୍‌ସ୍ ନିରାକରଣ ସମ୍ବନ୍ଧରେ ସଚେତନତା ଶିବିର କରାଯାଉଛି । ବ୍ଲକ୍‌ର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ପ୍ରତ୍ୟେକ ମାସରେ ଥରେ ଲେଖାଏଁ ସ୍ୱାସ୍ଥ୍ୟ କର୍ମୀମାନେ ପାରେଙ୍ଗା ଅଞ୍ଚଳ ବୁଲି ମାଗଣାରେ ଔଷଧ ବଣ୍ଟନ କରୁଛନ୍ତି । ବିଭିନ୍ନ ବେସରକାରୀ ସଂସ୍ଥା ତରଫରୁ ମଧ୍ୟ ପାରେଙ୍ଗା ଅଞ୍ଚଳରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ମାନ କରାଯାଉଅଛି । ପରିମଳ କ୍ଷେତ୍ରରେ ମଧ୍ୟ ପାରେଙ୍ଗା ଅଞ୍ଚଳରେ ପରିମଳ ବିଭାଗ ତରଫରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାନ କରାଯାଉଛି ।

ପାନୀୟ ଜଳର ସୁବିଧା ପାଇଁ ପ୍ରତ୍ୟେକ ପାରେଙ୍ଗା ଗ୍ରାମରେ ସରକାରଙ୍କ ତରଫରୁ ନଳକୂପ ଖନନ କରାଯାଇଅଛି । ପଞ୍ଚାୟତ ତରଫରୁ ମଧ୍ୟ ପାନୀୟ ଜଳର ସୁବିଧା ପାଇଁ ଝରଣା ନିକଟବର୍ତ୍ତୀ ସ୍ଥାନରେ କୂପର ବ୍ୟବସ୍ଥା କରାଯାଇଅଛି । କେତେକ ବେସରକାରୀ ସଂସ୍ଥା ତରଫରୁ ମଧ୍ୟ ପାରେଙ୍ଗା ଅଞ୍ଚଳରେ ପାନୀୟ ଜଳ ସୁବିଧା ପାଇଁ ନଳକୂପ ଏବଂ କୂପ ଖନନ କରାଯାଇଅଛି ।

**ନିଶା ନିବାରଣ :**

ପାରେଙ୍ଗାମାନେ ଯଦି ନିଜର ଆର୍ଥିକ ସ୍ଥିତିରେ ଉନ୍ନତି କରିପାରୁ ନାହାଁନ୍ତି ତେବେ ତାହା ପଛରେ ନିଶ୍ଚିତ ଭାବେ ମଦ୍ୟପାନର କାରଣ ହିଁ ରହୁଛି । ଏହି ନିଶାନିବାରଣ ପାଇଁ କେତେକ ମହିଳା ସଂଗଠନ ସକ୍ରିୟ ହୋଇ ଉଠିଛନ୍ତି । ନନ୍ଦପୁର ବ୍ଲକ ଅନ୍ତର୍ଗତ ପାଡୁଆ ଅଞ୍ଚଳର ସିଂହବାହିନୀ ମହିଳା ସଂଗଠନ ନିଶା ନିବାରଣ ବା ମଦ୍ୟପାନ ଛାଡ଼ ପାଇଁ ପ୍ରତ୍ୟେକ ପାରେଙ୍ଗା ଗ୍ରାମ ବୁଲି ଆନ୍ଦୋଳନ କରୁଛନ୍ତି । ଏତଦ୍‌ବ୍ୟତୀତ ପାରେଙ୍ଗା ସମାଜର କେତେକ ସକ୍ରିୟ ସଦସ୍ୟମାନଙ୍କ ଦ୍ୱାରା ନିଶା ନିବାରଣ ପାଇଁ ସମାଜରେ କେତେ ଗୁଡ଼ିଏ ନିତିନିୟମ ପ୍ରଣୟନ କରିଛନ୍ତି । କୌଣସି ଲୋକ ମରିଗଲେ ସାନ୍ତ୍ୱନା ଦେବା ପାଇଁ ଆସୁଥିବା ଲୋକମାନେ ମଦ ଖୁବ୍ କମ୍ ପରିମାଣରେ ଆଣିବେ, ଦଶାହ କାର୍ଯ୍ୟରେ ମଦ ପାନୀୟ ହେବନାହିଁ, ବିବାହ ଭୋଜିରେ ମଧ୍ୟ ମଦ୍ୟପାନର ପରିମାଣ କମାଇ ଦିଆଯିବ, ଇତ୍ୟାଦି । ବିଭିନ୍ନ ବେସରକାରୀ ସଂସ୍ଥା ତରଫରୁ ମଧ୍ୟ ନିଶା ନିବାରଣ ପାଇଁ ବିଭିନ୍ନ ପ୍ରକାର ସଚେତନତା ଶିବିର ଆୟୋଜନ କରାଯାଉଅଛି ।

**ଋଣ ଯୋଗାଣ :**

ଅତୀତରେ ପାରେଙ୍ଗାମାନେ ସରକାର ଋଣ ଆଣିବାକୁ ଡରୁଥିଲେ କାରଣ ଋଣ ଠିକ୍ ସମୟରେ ନ ସୁଝି ପାରିଲେ ସରକାର ଜମିବାଡ଼ି, ଘରଦ୍ୱାର ନେଇଯିବେ ବୋଲି ଭାବୁଥିଲେ । କିନ୍ତୁ ବର୍ତ୍ତମାନ

ଶିକ୍ଷାର ପ୍ରସାର ଯୋଗୁଁ ପାରେଙ୍ଗାମାନେ ଆଉ ଋଣ ଆଣିବାକୁ ଡରୁ ନାହାଁନ୍ତି । ପାରେଙ୍ଗାମାନେ କୃଷି କାର୍ଯ୍ୟ ପାଇଁ ସୋସାଇଟିରୁ ବର୍ଷକୁ ଦୁଇ ଥର ଋଣ ଉଠାଉଛନ୍ତି ଏବଂ ତାହାକୁ ଚାଷ କାର୍ଯ୍ୟରେ ଲଗାଉଛନ୍ତି । ଶସ୍ୟ ଆମଦାନୀ ପରେ ତାହାକୁ ବଜାରରେ ବିକ୍ରି କରି ଋଣ ସୁଝି ଦେଉଛନ୍ତି । ବର୍ତ୍ତମାନ ପାରେଙ୍ଗା ଗ୍ରାମମାନଙ୍କରେ ଅଙ୍ଗନୱାଡ଼ି କର୍ମୀ ଏବଂ ବିଭିନ୍ନ ବେସରକାରୀ ସଂସ୍ଥା ତରଫରୁ ଲୋକମାନଙ୍କୁ ଏକତ୍ରିତ କରି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରୁଛନ୍ତି । ଏହି ଗୋଷ୍ଠି ବ୍ୟାଙ୍କରେ ଜମାଖାତା ଖୋଲି, ମାସିକ କିସ୍ତି ଅନୁସାରେ ରାଶି ସଂଗ୍ରହ କରି ବ୍ୟାଙ୍କରେ ଜମା କରୁଛନ୍ତି । ଜମା ବହିରେ ଅଧିକ ଟଙ୍କା ହୋଇଗଲେ ବ୍ୟାଙ୍କର ନିୟମାନୁସାରେ ଋଣ ପାଇଁ ଆବେଦନ କରୁଛନ୍ତି । ବ୍ୟାଙ୍କ ଜମା ବହିରେ ଗଚ୍ଛିତ ଟଙ୍କା ଏବଂ ନିୟମିତ ରାଶି ଜମା କରିବାକୁ ଲକ୍ଷ୍ୟ କରି ଋଣ ଦେଇଥାଆନ୍ତି । ପାରେଙ୍ଗାମାନେ ସେହି ଋଣକୁ ଆଣି ବ୍ୟବସାୟ କିମ୍ବା ଚାଷବାସରେ ଲଗାନ୍ତି । ଲାଭାଂଶକୁ ଧୀରେ ଧୀରେ ବ୍ୟାଙ୍କରେ ଜମା କରି ଋଣ ସୁଝି ଦେଇଥାଆନ୍ତି । କେତେକଙ୍କ ଆର୍ଥିକ ଅସୁବିଧା ହେତୁ ଗୃହ ନିର୍ମାଣ ପାଇଁ ବ୍ୟାଙ୍କରୁ ଋଣ କରୁଛନ୍ତି । କେତେକ ବେସରକାରୀ ସଂସ୍ଥା ମଧ୍ୟ ବିନା ସୁଧରେ ସେମାନଙ୍କୁ ବ୍ୟବସାୟ କରିବା ପାଇଁ ଅର୍ଥ ଯୋଗାଉଛନ୍ତି ।

ପାରେଙ୍ଗାମାନେ ଅତୀତରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପାଇଁ କେବଳ ହାଟ ଉପରେ ନିର୍ଭରେ କରୁଥିଲେ । ଜଂଗଲ ଭିତରେ ଯେଉଁ ମାନେ ରହୁଛନ୍ତି ସେମାନେ ସପ୍ତାହକୁ ଥରେ ହାଟକୁ ଆସି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କ୍ରୟ କରୁଥିଲେ । କିନ୍ତୁ ବର୍ତ୍ତମାନ ସେମାନେ ହାଟ ଉପରେ ନିର୍ଭର କରିବା ସହିତ ଗ୍ରାମ ଦୋକାନ ଉପରେ ନିର୍ଭର କଲେଣି । ଶିକ୍ଷିତ ପାରେଙ୍ଗା ଯୁବକମାନେ ଗ୍ରାମରେ ଦୋକାନ କରି ବ୍ୟବସାୟ କରୁଛନ୍ତି । କେତେକ ଖାଉଟି ଦ୍ରବ୍ୟ ଯଥା :- ଚାଉଳ, ଚିନି, କିରୋସିନି, ଗହମ ଇତ୍ୟାଦି ସରକାରଙ୍କ ତରଫରୁ ଗ୍ରାମ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ବଣ୍ଟନ କରାଯାଉଛି । ଅତୀତ ଅପେକ୍ଷା ବର୍ତ୍ତମାନ ସେମାନେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଅତି ସହଜରେ ପାଇପାରୁଛନ୍ତି । କେତେକ ବ୍ୟବସାୟୀ ମଧ୍ୟ ଗ୍ରାମ ଗ୍ରାମ ବୁଲି ବ୍ୟବସାୟ କରୁଛନ୍ତି ।

ଅନେକ ପାରେଙ୍ଗା ଅଞ୍ଚଳକୁ ବିଦ୍ୟୁତ ସଂଯୋଗ ହୋଇନାହିଁ । ସେମାନେ ମଧ୍ୟ ବିଦ୍ୟୁତର ବ୍ୟବହାର ଚାହୁଁ ନାହାଁନ୍ତି କାରଣ ଗୋଟିଏ ପରିବାରକୁ ଦୁଇ ଲିଟର କିରୋସିନି ହେଲେ ମାସ ସାରା ଚଳିଯିବ କିନ୍ତୁ ବିଦ୍ୟୁତ ଆଣି କାହିଁକି ଅନାବଶ୍ୟକ ଅର୍ଥ ବ୍ୟୟ କରିବୁ ବୋଲି ସେମାନେ ମତ୍ୟବକ୍ତ କରନ୍ତି । କିନ୍ତୁ କେତେକ ଶିକ୍ଷିତ ପାରେଙ୍ଗା ଅଞ୍ଚଳରେ ବିଦ୍ୟୁତ ସଂଯୋଗୀକରଣ କରାଯାଇଛି । ଯାହା ଦ୍ୱାରାକି ସେମାନେ ଦୂରଦର୍ଶନ ଟେପରେକର୍ଡ଼ ଇତ୍ୟାଦି ଚଳାଇ ପାରୁଛନ୍ତି । ପାରେଙ୍ଗାମାନଙ୍କର ସାଧାରଣତଃ ଜମିବାଡ଼ି ବହୁତ କମ୍ । ଅନାବାଦି ଜମିକୁ ଦଖଲ କରିଥିବା ପାରେଙ୍ଗା ନିଜସ୍ୱ ଜମି ଚାଷ କରିବା ପାଇଁ ସରକାରଙ୍କ ନିକଟରେ ଆବେଦନ କରିଥାଆନ୍ତି ଏବଂ କିଛି ଟଙ୍କା ଜମା କରି ନିଜ ନାମରେ ପଟ୍ଟା କରିଥାଆନ୍ତି । ସେମାନଙ୍କ ଜମିବାଡ଼ି କମ୍ ଥିବାରୁ ସାଧାରଣତଃ ମଜୁରୀ ବୃତ୍ତି କରି ଜୀବିକା ନିର୍ବାହ କରନ୍ତି । କେତେକ ପାରେଙ୍ଗା ମଧ୍ୟ ଦାଦନ ଖଟିବାକୁ ବାହାରକୁ ପଳାଇ ଯାଆନ୍ତି । କିନ୍ତୁ ବର୍ତ୍ତମାନ ସରକାରଙ୍କ ଦ୍ୱାରା ଲାଗୁହୋଇଥିବା ୧୦୦ ଦିନ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଦ୍ୱାରା ପାରେଙ୍ଗା ନିଜ ଅଞ୍ଚଳରେ କାର୍ଯ୍ୟ କରି ଜୀବିକା ନିର୍ବାହ କରୁଛନ୍ତି । ସେମାନେ ମାଛଚାଷ ମଧ୍ୟ କରୁଛନ୍ତି । ସରକାରଙ୍କ

ଦ୍ୱାରା ଖନନ କରାଯାଇଥିବା ପୋଖରୀରେ ଆବଶ୍ୟକ ପରିମାଣର ମାଛ ଛାଡ଼ି ଲୋକମାନଙ୍କୁ ଦାୟିତ୍ୱ ଦେଉଛନ୍ତି । ସେମାନେ ପୋଖରୀର ଦାୟିତ୍ୱରେ ରହୁଛନ୍ତି । ସରକରଙ୍କ ଋଣ ଶୁଝିବା ପରେ ମାଛ ବିକ୍ରି କରି କିଛି ଅର୍ଥ ଉପାର୍ଜନ କରୁଛନ୍ତି ।

ବର୍ତ୍ତମାନ ପାରେଙ୍ଗା ଅଞ୍ଚଳରେ ବିଭିନ୍ନ ବେସରକାରୀ ସଂସ୍ଥା ତରଫରୁ ଜନ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ସେମାନଙ୍କ ଅଧିକାର ସମ୍ପର୍କରେ ସୂଚନା ଦେଉଛନ୍ତି । ଏହା ଫଳରେ ନିଜସ୍ୱ ଅଧିକାର ସମ୍ପର୍କରେ ଜାଣିବା ପରେ, ସରକାରଙ୍କ ତରଫରୁ ଆସୁଥିବା ସୁବିଧା ସୁଯୋଗଗୁଡ଼ିକ ଠିକ ଭାବରେ ପାଇପାରୁଛନ୍ତି । ଶିକ୍ଷିତ ଯୁବକମାନେ ସମୟ ପାଇଲେ ଗ୍ରାମ୍ୟ ଉନ୍ନୟନ ତଥା ବିଭିନ୍ନ ପ୍ରଦେଶର ଅର୍ଥ ଉପାର୍ଜନ ଯୋଜନା ସମ୍ପର୍କରେ ଆଲୋଚନା କରନ୍ତି । ଗ୍ରାମ୍ୟ ତଥା ସମାଜର ଉନ୍ନତି କ୍ଷେତ୍ରରେ ପାରେଙ୍ଗା ଯୁବକମାନେ ସକ୍ରିୟ ଅଂଶ ଗ୍ରହଣ କରୁଛନ୍ତି । ବିଶେଷକରି ଆଦିମ ପାରେଙ୍ଗା ଲୋକମାନଙ୍କ ଅପେକ୍ଷା ବର୍ତ୍ତମାନର ଲୋକମାନଙ୍କ ସାମାଜିକ, ଅର୍ଥନୈତିକ ତଥା ବ୍ୟକ୍ତିଗତ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଘଟିଛି । ଧୀରେ ଧୀରେ ଶିକ୍ଷାର ପ୍ରସାର ଦ୍ୱାରା ଉନ୍ନୟନ ମୂଳକ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ହୋଇପାରୁଛି ।

□□□

# ପରିବର୍ତ୍ତନ

ସମୟର ସ୍ରୋତରେ ସାମିଲ ହୋଇଥିବା ପାରେଙ୍ଗାମାନଙ୍କର ମଧ୍ୟ କେତେକ କ୍ଷେତ୍ରରେ ପରିବର୍ତ୍ତନ ଘଟିଛି । ବିଶେଷ କରି ସେମାନଙ୍କର ସାମାଜିକ, ଅର୍ଥନୈତିକ ତଥା ଶିକ୍ଷାକ୍ଷେତ୍ରରେ ଅନେକ ପରିବର୍ତ୍ତନ ଘଟିଛି । ପରିବର୍ତ୍ତନ କହିଲେ ସମୟାନୁସାରେ ଉନ୍ନତି ପଥରେ ଅଗ୍ରସର ହେବାବୋଲି ସେମାନେ ମତବ୍ୟକ୍ତ କରିଥାଆନ୍ତି ।

ସେମାନଙ୍କ ଅର୍ଥନୈତିକ ଜୀବନରେ ଅତୀତ ଅପେକ୍ଷା ଅନେକ ପରିବର୍ତ୍ତନ ଘଟିଛି । ବୋଲି ପାରେଙ୍ଗାମାନେ କୁହନ୍ତି । ଅତୀତରେ ଉନ୍ନତ ଧରଣ ଚାଷ ପ୍ରଣାଳୀ ସମ୍ବନ୍ଧରେ ଜାଣି ନଥିଲେ । ଯାହାଫଳରେ ଉତ୍ପାଦନ ବହୁତ କମ୍ ହେଉଥିଲା, କିନ୍ତୁ ବର୍ତ୍ତମାନ ଜମିରେ ଉନ୍ନତ କିସମର ବିହନ, ସାର, କୀଟନାଶକ ଔଷଧ ପ୍ରୟୋଗ କରିବା ଦ୍ୱାରା ସେମାନଙ୍କ ଉତ୍ପାଦନ କ୍ଷମତା ଯଥେଷ୍ଟ ବୃଦ୍ଧି ପାଇଛି । ସେମାନଙ୍କର ଅର୍ଥନୈତିକ ସ୍ଥିତି ଟିକିଏ ସୁଦୃଢ଼ ହୋଇପାରିଛି । କେତେକ ପାରେଙ୍ଗା ଯୁବକ ମଧ୍ୟ ଉଚ୍ଚ ଶିକ୍ଷିତ ହେଲେଣି, କେତେକ ପାରେଙ୍ଗା ସରକାରୀ ସ୍ତରରେ ଚାକିରି କଲେଣି ଗ୍ରାମମାନଙ୍କରେ ଗଠନ କରାଯାଇଥିବା ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟାଙ୍କରେ ଜମାଖାତା ଖୋଲି ଟଙ୍କା ସଞ୍ଚୟ କରୁଛନ୍ତି ଏବଂ ଆବଶ୍ୟକ ବେଳେ ଟଙ୍କା ଉଠାଉଛନ୍ତି । କେତେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟବସାୟ କରିବା ପାଇଁ ବ୍ୟାଙ୍କରୁ ଋଣ ଉଠାଇଛନ୍ତି ଏବଂ ତାହାକୁ ବ୍ୟବସାୟରେ ଖଟାଇ ଧୀରେ ଧୀରେ ଋଣ ଶୁଝୁଛନ୍ତି ।

ପାରେଙ୍ଗା ଗ୍ରାମମାନଙ୍କରେ ଅତୀତରେ ରାଜନୈତିକ ବ୍ୟବସ୍ଥା ଅତ୍ୟନ୍ତ କଠୋର ଥିଲା । ସଦରରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ଶାରିରୀକ ଓ ମାନସିକ ଦଣ୍ଡ ଦିଆଯାଉଥିଲା ଗ୍ରାମର ମୁଖ୍ୟ ନାୟକଙ୍କ କଥା ସମସ୍ତେ ମାନୁଥିଲେ ଏବଂ ନାୟକଙ୍କୁ ଯଥେଷ୍ଟ ସମ୍ମାନ ମଧ୍ୟ ହେଉଥିଲେ । କିନ୍ତୁ ବର୍ତ୍ତମାନର ପଞ୍ଚାୟତରାଜ ବ୍ୟବସ୍ଥା ପାରେଙ୍ଗା ସମାଜକୁ ପରିବର୍ତ୍ତିତ କରିଦେଇଛି । ବର୍ତ୍ତମାନ ଗ୍ରାମସଭାରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କ ପାଇଁ ପ୍ରାୟ ଶାରିରୀକ ଓ ମାନସିକ ଦଣ୍ଡ ଉଠିଗଲାଣି । ଶିକ୍ଷିତ ପାରେଙ୍ଗା ଯୁବକମାନେ ନାୟକଙ୍କ କଥାକୁ ଠିକ୍ ଭାବରେ ମାନୁ ନାହାଁନ୍ତି ଏବଂ ନାୟକଙ୍କୁ ମଧ୍ୟ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ଦେଉନାହାଁନ୍ତି । ବର୍ତ୍ତମାନର ପାରେଙ୍ଗାମାନେ ଆଧୁନିକୀକରଣ ସଂସ୍ପର୍ଶରେ ଆସି ରାଜନୈତିକ ହସ୍ତକ୍ଷେପ

କରି ବିଭିନ୍ନ ଗ୍ରାମ୍ୟ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରି କାର୍ଯ୍ୟାରମ୍ଭ କରୁଛନ୍ତି।

ଅତୀତରେ ସେମାନେ ଠାକୁରଙ୍କୁ ବହୁତ ବିଶ୍ୱାସ କରୁଥିଲେ, ଅର୍ଥାତ୍ ପ୍ରତ୍ୟେକ କାର୍ଯ୍ୟଆରମ୍ଭ ପୂର୍ବରୁ ଠାକୁରଙ୍କ ନିକଟରେ ପୂଜାପାଠ କରୁଥିଲେ। କୌଣସି ଗର୍ଭବର୍ତୀ ମହିଳାର ପ୍ରସବ ପାଇଁ ଡାକ୍ତରଖାନା ଯାଉ ନ ଥିଲେ। ଯେତେ ଯନ୍ତ୍ରଣା ଏବଂ କଷ୍ଟ ହେଲେ ବି ମଧ ମହିଳା ଘରେ ପ୍ରସବ କରୁଥିଲେ। ଯାହା ଦ୍ୱାରା କେତେକ କ୍ଷେତ୍ରରେ ମା' ସହ ଶିଶୁ ମଧ ମରିଯାଉଥିଲେ। କିନ୍ତୁ ବର୍ତ୍ତମାନ ଶିକ୍ଷାର ପ୍ରସାର ଫଳରେ ଗର୍ଭବତୀ ମହିଳାର ପ୍ରସବ ସମୟ ହେଲାବେଳକୁ ଡାକ୍ତରଖାନା ନେଇ ଯାଉଛନ୍ତି କିମ୍ବା ତାଲିମ ପ୍ରାପ୍ତ ଧାଇକୁ ଘରକୁ ଡାକୁଛନ୍ତି। ଅତୀତରେ ପାରେଙ୍ଗାମାନେ ଶିଶୁ ଜନ୍ମ ହେବାକୁ ଭଗବାନଙ୍କ ଉପରେ ଛାଡ଼ି ଦେଉଥିଲେ। କୌଣସି ପାରେଙ୍ଗା ଲୋକଙ୍କୁ ରୋଗ ବୈରାଗ ହେଲେ ଆଗରୁ ଦିଶାରୀଙ୍କ ଯୋଗାଯୋଗ କରି ଠାକୁରଙ୍କ ନିକଟରେ ପୂଜାପାଠ କରି ଚେର ମୂଳ ଔଷଧ ଖାଉଥିଲେ, କିନ୍ତୁ ବର୍ତ୍ତମାନ ଲୋକମାନେ ସଚେତନ ହେଲେଣି। ରୋଗଉପଶମ ପାଇଁ ଠାକୁରଙ୍କ ନିକଟରେ ପୂଜାପାଠ କରିବା ସହିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମଧ ଦେଉଛନ୍ତି।

ଅତୀତରେ ପରିବାରର ମହିଳାମାନେ କେବଳ ଗୃହ କାର୍ଯ୍ୟ ସହିତ ଜମିବାଡ଼ି କାର୍ଯ୍ୟ କରୁଥିଲେ, କିନ୍ତୁ ବର୍ତ୍ତମାନ ପାରେଙ୍ଗା ମହିଳାମାନେ ରାଜନୈତିକ କ୍ଷେତ୍ରରେ ଭାଗ ନେଲେଣି। ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ସେ ବ୍ୟାଙ୍କ ଠାରୁ ଋଣ ଆଣି ବିଭିନ୍ନ ପ୍ରକାର ବ୍ୟବସାୟ କରି କିଛି ଅଧିକ ଅର୍ଥ ଉପାର୍ଜନ କରୁଛନ୍ତି। ଏତଦ୍‌ବ୍ୟତୀତ ମହିଳାମାନେ ମଧ ସଂଗଠନ ମାଧ୍ୟମରେ ଅଣ୍ଟାଭିଡ଼ି ମଦ୍ୟପାନ ଛାଡ଼ ଆନ୍ଦୋଳନ କରୁଛନ୍ତି। ନାରୀ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ପାଇଁ ମଧ ପ୍ରୟାସ ଜାରି ରଖୁଛନ୍ତି। ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଚାଉଳ, କିରୋସିନି, ଗହମ ଇତ୍ୟାଦି ଖାଉଟି ଦ୍ରବ୍ୟ ସୁଲଭ ମୂଲ୍ୟରେ ବଣ୍ଟନ କରୁଛନ୍ତି। ଗ୍ରାମର ଉନ୍ନୟନ ମୂଳକ କାର୍ଯ୍ୟ ଠିକାଦାର ନେଇ କରୁଛନ୍ତି। ଅତୀତର ମହିଳା ଅପେକ୍ଷା ବର୍ତ୍ତମାନର ମହିଳା ଅଧିକ ସଚେତନ ଅଛନ୍ତି।

ଶିକ୍ଷାର ପ୍ରସାର ଯୋଗୁଁ ପାରେଙ୍ଗାମାନଙ୍କ ବ୍ୟକ୍ତିତ୍ୱରେ ମଧ ଅନେକ ପରିବର୍ତ୍ତନ ଘଟିଛି। ଅତୀତରେ ପାରେଙ୍ଗା ପୁରୁଷ ଲୋକମାନେ କେବଳ ଖଣ୍ଡେ ଲେଙ୍ଗଟି ପିନ୍ଧୁଥିଲେ ଏବଂ କାନ୍ଧରେ ଖଣ୍ଡେ ଗାମୁଛା ପକାଉଥିଲେ। ମହିଳାମାନେ କେବଳ ଖଣ୍ଡେ ଶାଢ଼ୀକୁ ଅଣ୍ଟାରେ ଗୁଡ଼ାଇ ବେକରେ ଗଣ୍ଠି ମାରି ପିନ୍ଧୁ ଥିଲେ। ଛୋଟ ପିଲା ଗାମୁଛା ଖଣ୍ଡେ ଲୋଙ୍ଗଟି ମାରୁଥିଲେ ଓ ଝିଅମାନେ ଶାଢ଼ୀ ପିନ୍ଧୁଥିଲେ। କିନ୍ତୁ ବର୍ତ୍ତମାନ ସେମାନଙ୍କ ପୋଷାକ ପରିଚ୍ଛଦରେ ଅନେକ ପରିବର୍ତ୍ତନ ଘଟିଛି। ଆଧୁନିକୀକରଣ ସଂସ୍ପର୍ଶରେ ଆସି ଟି.ଭି. ଦେଖି ପୋଷାକ

ପରିଧାନରେ ପରିବର୍ତ୍ତନ ଆଣିଛନ୍ତି। ପାରେଙ୍ଗା ଯୁବକମାନେ ପ୍ୟାଣ୍ଟ ସାର୍ଟ ପିନ୍ଧିବା ସହିତ ବୟସ୍କ ଲୋକମାନେ ଧୋତି, ପଞ୍ଜାବି ପରିଧାନ କରୁଛନ୍ତି। ଧାଙ୍ଗଡ଼ିମାନେ ଓଡ଼ିଆ ବୋହୂମାନଙ୍କ ପରି ଶାଢ଼ୀ, ଶାୟା, ବ୍ଲାଉଜ ପରିଧାନ କରୁଛନ୍ତି ଏବଂ ଝିଅମାନେ ଫ୍ରକ୍, ଗାଉନ୍, ଚୁଡ଼ିଦାର ଇତ୍ୟାଦି ପିନ୍ଧୁଛନ୍ତି। ଛୋଟ ଛୋଟ ପାରେଙ୍ଗା ପୁଅମାନେ ହାପ୍ ପ୍ୟାଣ୍ଟ, ସାର୍ଟ, ଗଞ୍ଜି ଇତ୍ୟାଦି ପିନ୍ଧୁଛନ୍ତି।

ଏହିପରି ସେମାନଙ୍କ ଜୀବନ ଶୈଳୀରେ ଅନେକ ପରିବର୍ତ୍ତନ ଘଟିଛି। ଅତୀତରେ ଯୁବକ ଯୁବତୀମାନେ ଅବସର ପାଇଲେ କୌଣସି ଏକ ଫାଙ୍କା ସ୍ଥାନରେ ଏକତ୍ରିତ ହୋଇ ବିଭିନ୍ନ ପ୍ରକାର ଗୀତ, ନାଚରେ ସମୟ ଅତିବାହିତ କରୁଥିଲେ, କିନ୍ତୁ ବର୍ତ୍ତମାନ ଅବସର ସମୟ ପାଇଲେ ନାଚ ଶିଖିବା ପାଇଁ ଅଭ୍ୟାସ କରୁଛନ୍ତି। ମନୋରଞ୍ଜନ ପାଇଁ ଗ୍ରାମରେ ଭଡ଼ାରେ ଭିଡ଼ିଓ ଆଣି ଚଳଚ୍ଚିତ୍ର ଦେଖୁଛନ୍ତି। ଖାଦ୍ୟ କ୍ଷେତ୍ରରେ ମଧ୍ୟ ସେମାନଙ୍କର ଅନେକ ପରିବର୍ତ୍ତନ ଘଟିଛି। ଆଗରୁ ସେମାନେ କେବଳ ପରିବାପତ୍ର ସିଝାଇ ତରକାରୀ କରି ସୁଆଁ ଭାତ ଖାଉଥିଲେ। କିନ୍ତୁ ବର୍ତ୍ତମାନ ଭଲ ଅରୁଆ ଭାତ ସହିତ ବିଭିନ୍ନ ମସଲା ଦିଆ ତରକାରୀ ଖାଉଛନ୍ତି। ଅଦା, ପିଆଜ, ରସୁଣ, ତେଲ, ଜିରା, ସୋରିଷ ଇତ୍ୟାଦି ମସଲା ଜାତୀୟ ଦ୍ରବ୍ୟ ତରକାରୀ ପାଇଁ ବ୍ୟବହାର କରୁଛନ୍ତି। ଚଉଳ ଚୁନା ତରକାରୀରେ ମଧ୍ୟ ତେଲ ମସଲା ବ୍ୟବହାର କରୁଛନ୍ତି। ସେହିଭଳି ପାନୀୟ କ୍ଷେତ୍ରରେ ମଧ୍ୟ ବିଭିନ୍ନ ପର୍ବପର୍ବାଣିରେ ହାଣ୍ଡିଆ, ସଲପ ସହିତ ବିଦେଶୀ ମଦକୁ ପାନୀୟ ରୂପେ ବ୍ୟବହାର କରୁଛନ୍ତି। ପାରେଙ୍ଗାମାନେ ଅତୀତରେ ପାହାଡ଼ ପର୍ବତ ଘେରା ଜଂଗଲରେ ବସତି ସ୍ଥାପନ କରିବାକୁ ଭଲ ପାଉଥିଲେ, କାରଣ ଜଂଗଲ ହିଁ ଥିଲା ତାଙ୍କର ଜୀବିକା ନିର୍ବାହ କରିବାର ଏକମାତ୍ର ସଂସ୍ଥା। ଧିରେ ଧିରେ ପାରେଙ୍ଗାମାନେ ବାହ୍ୟଜଗତ ସଂସ୍ପର୍ଶରେ ଆସି କୃଷି କାର୍ଯ୍ୟ କରି ଜିବିକା ନିର୍ବାହ କରିବା ଶିଖିଲେ ଏବଂ ନଦୀ, ଝରଣା ନିକଟବର୍ତ୍ତୀ ଅଞ୍ଚଳରେ ନିଜର ବସତି ସ୍ଥାପନ ଆରମ୍ଭ କଲେ। ପୂର୍ବେ ମାଟିଘର ଛଣ ଛପର ଥିଲା। ବର୍ତ୍ତମାନ ଟାଇଲ, ଆଜବେଷ୍ଟସ୍ ସହ ଚଟାଣ ପକ୍କା କରି ଗୃହ ନିର୍ମାଣ କରୁଛନ୍ତି। କେତେକ ସରକାରଙ୍କ ଇନ୍ଦିରା ଆବାସ ଯୋଜନା ମାଧ୍ୟମରେ ଛାତ ଘର କଲେଣି। ସେମାନଙ୍କ ଗୃହ ନିର୍ମାଣ ଶୈଳୀରେ ମଧ୍ୟ ଅନେକ ପରିବର୍ତ୍ତନ ଘଟିଛି। ସେମାନଙ୍କ ମାଟି ଘର ହେଲେ ମଧ୍ୟ ଘର ସର୍ବଦା ସଫା ସୁତୁରା ରହିଥାଏ। ଘରର କାନ୍ଥ ଏବଂ ଚଟାଣକୁ ବିଭିନ୍ନ ରଂଗର ମାଟି ପ୍ରଲେପ ଦେଇଥାଆନ୍ତି। ପାହାଡ଼ରୁ ବିଭିନ୍ନ ରଂଗ ଯଥା - ଧଳା, ନାଲି, କଳା ମାଟି ଆଣି କାନ୍ଥରେ ପ୍ରଲେପ ଦେବାଦ୍ୱାରା ଗୃହ ଗୁଡ଼ିକ ଅତି ସୁନ୍ଦର ଦିଶେ। କାନ୍ଥରେ ମଧ୍ୟ ବିଭିନ୍ନ ପଶୁପକ୍ଷୀଙ୍କ ଚିତ୍ର ଅଙ୍କନ କରି ଥାଆନ୍ତି। ଯାହାଦ୍ୱାରା ଘରଗୁଡ଼ିକ ଅତି ଆକର୍ଷଣୀୟ ହୋଇଥାଏ। ଆଧୁନିକୀକରଣ ସଂସ୍ପର୍ଶରେ ଆସି କେତେକ ଯୁବକ ଚଳଚ୍ଚିତ୍ର ତାରକା ଓ ଅଭିନେତା, ଅଭିନେତ୍ରୀମାନଙ୍କର ଫଟୋଚିତ୍ର ଆଣି ଘରର କାନ୍ଥରେ

ଲଗାଇଥାଆନ୍ତି। ଆହୁରି ମଧ୍ୟ ଗୃହକୁ ଆକର୍ଷଣୀୟ କରିବା ପାଇଁ ପାରେଙ୍ଗାମାନେ ଝରକା, କବାଟ, କାଠବନ୍ଧ ଇତ୍ୟାଦିରେ ବିଭିନ୍ନ ପଶୁପକ୍ଷୀଙ୍କ ଚିତ୍ର କାଠ ଖୋଦେଇ କରିଥାଆନ୍ତି। ପ୍ରତ୍ୟେକ ପାରେଙ୍ଗା ଗୃହଗୁଡ଼ିକର ଚତୁଃପାର୍ଶ୍ୱରେ ପଥରର ବାଡ଼ ଦିଆଯାଇଥାଏ। ପଥର ଉପରେ ପଥରକୁ ରଖି ବାଡ଼କୁ ଭେଳି ଭାବେ ସଜ୍ଜିତ କରିଥାଆନ୍ତି ଯେପରିକି ତାହା ଗୃହକୁ ଆହୁରି ସୌନ୍ଦର୍ଯ୍ୟମୟ କରେ।

ସେମାନେ ସାଧାରଣତଃ ଗୋଷ୍ଠୀବଦ୍ଧ ଭାବେ ରହିବାକୁ ଭଲ ପାଆନ୍ତି। ଆଗରୁ ପ୍ରତ୍ୟେକ କାର୍ଯ୍ୟରେ ପାରସ୍ପରିକ ସାହାଯ୍ୟ ସହଯୋଗ ଥିଲା। କିନ୍ତୁ ବର୍ତ୍ତମାନ ଧୀରେ ଧୀରେ କମିଗଲାଣି। ସମସ୍ତେ ନିଜ ବ୍ୟକ୍ତିଗତ ସ୍ୱାର୍ଥରେ ବ୍ୟସ୍ତ। ଶ୍ରମ ସମବାୟ ରହୁଥିଲା ଯାହାଦ୍ୱାରା କି ପାରେଙ୍ଗାମାନେ ବହୁତ ଉପକୃତ ହେଉଥିଲେ। ବର୍ତ୍ତମାନ ଶ୍ରମ ସମବାୟ ଧୀରେ ଧୀରେ କମିଗଲାଣି। ସେମାନେ କୁଲି, ମଜୁରୀ ଦେଇ ନିଜ କାର୍ଯ୍ୟ ନିଜେ କରୁଛନ୍ତି।

ଅତୀତରେ ଏକକ ପରିବାର ଥିଲା। ପୁଅ ବିବାହ କରି ସାରିବା ପରେ ତା'ର ସ୍ତ୍ରୀକୁ ନେଇ ଅଲଗା ହୋଇ ରହୁଥିଲା। ବର୍ତ୍ତମାନ ପାରେଙ୍ଗା ସମାଜରେ କେତେକ ଯୌଥ ପରିବାର ଦେଖାଦେଲାଣି। ପରିବାରର ସମସ୍ତେ ଏକତ୍ରିତ ହୋଇ ରହିବା ଦ୍ୱାରା ପରିବାର ଅର୍ଥନୈତିକ ସ୍ଥିତିରେ ପରିବର୍ତ୍ତନ ନ ଆସୁଛି। ପ୍ରତ୍ୟେକ ପ୍ରତ୍ୟେକଙ୍କ ଦ୍ୱାରା ଯଥେଷ୍ଟ ପରିମାଣର ସାହାଯ୍ୟ ସହଯୋଗ ପାଇପାରୁଛନ୍ତି। ପରିବାରର ଉନ୍ନୟନମୂଳକ କାର୍ଯ୍ୟକ୍ରମ ହୋଇପାରୁଛି। ଆଗରୁ ଝିଅ ବିବାହ କରିସାରିବା ପରେ ତା'ର କୌଣସି ଅଧିକାର ବାପା ଘରେ ନ ଥିଲା, କିନ୍ତୁ ବର୍ତ୍ତମାନ କେତେକାଂଶରେ ଝିଅମାନେ ବାପଘର ଜମି ଉପରେ ଅଧିକାର ଅଛି ବୋଲି ଦାବି କରୁଛନ୍ତି। ଯଦି କୌଣସି ବିବାହିତ ଝିଅର ସ୍ୱାମୀ ମରିଗଲା ଏବଂ ଭାଇ ସହ ଭଲ ପଡ଼ିଲା ନାହିଁ ତେବେ ସେହି ଗ୍ରାମର ମୁଖିଆବୁଢ଼ା ଗ୍ରାମ ସଭା ମାଧ୍ୟମରେ ଝିଅମାନେ ନିଜର ଅଧିକାର ସାବ୍ୟସ୍ତ କରିଛନ୍ତି।

ଶିକ୍ଷା କ୍ଷେତ୍ରରେ ପାରେଙ୍ଗାମାନଙ୍କର ଅନେକ ପରିବର୍ତ୍ତନ ଘଟିଛି। ବର୍ତ୍ତମାନ ସେମାନେ ବୁଝିଲେଣି ଯେ ଶିକ୍ଷାର ଅଗ୍ରଗତି ହୋଇପାରିଲେ ପରିବାର ତଥା ସମାଜର ଅଗ୍ରଗତି ହୋଇପାରିବ। ଆଗରୁ ଶିଶୁମାନେ ଆଦୌ ବିଦ୍ୟାଳୟକୁ ଆସୁ ନ ଥିଲେ। ବାପା ମାଙ୍କୁ କାର୍ଯ୍ୟରେ ସାହାଯ୍ୟ କରୁଥିଲେ। ସରକାରଙ୍କ ତରଫରୁ ଖୋଲା ଯାଇଥିବା ବିଦ୍ୟାଳୟଗୁଡ଼ିକ ଦୀର୍ଘଦିନ ପାଇଁ ବନ୍ଦ ରହୁଥିଲା। କିନ୍ତୁ ବର୍ତ୍ତମାନ ଲୋକମାନେ ସଚେତନ ହେଲେଣି ଓ ଶିଶୁମାନଙ୍କୁ ବିଦ୍ୟାଳୟକୁ ଛାଡୁଛନ୍ତି। ଯେଉଁ ଯୁବକମାନେ ଟିକିଏ ଓ ପାଠ ପଢ଼ିଛନ୍ତି ସେମାନେ ଗ୍ରାମର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ମାନ କରୁଛନ୍ତି। ବିଭିନ୍ନ କାର୍ଯ୍ୟରେ ଆଗଭର ହୋଇ ବାହାରୁଛନ୍ତି ଏବଂ ପୁଙ୍ଖାନୁପୁଙ୍ଖ ଆଲୋଚନା କରି କାର୍ଯ୍ୟାରମ୍ଭ କରୁଛନ୍ତି।

ଗ୍ରାମମାନଙ୍କରେ ସମୟର ପରିବର୍ତ୍ତନ ସହ ତାଳ ଦେଇ ସମାଜର କେତେକ ପାରମ୍ପରିକ ପ୍ରଥାର ପରିବର୍ତ୍ତନ ହେଲାଣି। ସେମାନେ ଅତୀତର ପାରମ୍ପରିକ ବିବାହ (ଗୋବର ଖତ ଗଦା ନିକଟରେ ହେଉଥିବା ବିବାହ)କୁ ଆଉ ପସନ୍ଦ କରୁନାହାଁନ୍ତି। ଘର ସମ୍ମୁଖରେ ବେଦୀ ସଜାଇ ବର୍ତ୍ତମାନ ବିବାହ କରୁଛନ୍ତି। ସେମାନେ ନିଜର ପର୍ବପର୍ବାଣି ପାଳନ କରିବା ସହିତ ଆଉ କେତେକ ଓଡ଼ିଆମାନଙ୍କ ପର୍ବକୁ ପାଳନ କରୁଛନ୍ତି, ଯଥା: - ଦୁର୍ଗା ପୂଜା, କାର୍ତ୍ତିକ ପୂର୍ଣ୍ଣିମା, ରଜ ଇତ୍ୟାଦି। ଅତୀତ ଅପେକ୍ଷା ସେମାନଙ୍କ ପୋଷାକ ପରିଚ୍ଛଦରେ ମଧ୍ୟ ଅନେକ ପରିବର୍ତ୍ତନ ଘଟିଲାଣି। ବିଶେଷ କରି ପାରେଙ୍ଗାମାନଙ୍କ ସାମାଜିକ ଅର୍ଥନୈତିକ, ଧାର୍ମିକ ତଥା ବ୍ୟକ୍ତିତ୍ୱ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଘଟିଛି।

□□□